Digitized by srujanika@gmail.com

ମେଲାଣି ମାଗୁଣି

କାହ୍ନୁଚରଣ

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦ ବିହାରୀ, କଟକ-୨

Digitized by srujanika@gmail.com

ମେଲଣି ମାଗୁଣି—ଲେଖକ : ଶ୍ରୀ କାହ୍ନୁଚରଣ ମହାନ୍ତି; ପ୍ରକାଶକ : ସହଦେବ ପ୍ରଧାନ, ଫ୍ରେଣ୍ଡ୍‌ସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩୦୦୨; ପ୍ରଥମ ସଂସ୍କରଣ-୧୯୮୩; ମୁଦ୍ରଣ ମେଘମାଳା ପ୍ରିଣ୍ଟର୍ସ, କଟକ-୧

MELANI MAGUNI—Author : Sri Kanhu Charan Mohanty, Publisher : Sahadev Pradhan, Friends' Publishers, Binodbehari, Cuttack-753002, Orissa (India); Frist Edition : 1983; Printers : Meghamala Printers, Cuttack-1 Price : Rs. 20

Digitized by srujanika@gmail.com

ମେଲାଣି ମାଗୁଣି

Digitized by srujanika@gmail.com

କାହ୍ନୁଚରଣଙ୍କ ପୁସ୍ତକାବଳୀ

ପୁସ୍ତକର ନାମ	ରଚନା କାଳ	ପ୍ରଥମ ପ୍ରକାଶ
ଉପ୍ରବେ ବ୍ୟସନ	୧୯୨୩-୨୪	ପାଣ୍ଡୁଲିପି ହଜିଲା
ତଥାପି	୧୯୨୪-୨୬	୧୯୬୩
ବାଲିରାଜା	୧୯୨୬-୨୯	୧୯୩୧-୩୨
ଅରୁଣା	୧୯୨୮-୨୯	ପାଣ୍ଡୁଲିପି ହଜିଲା
ପଲାତକ	୧୯୨୯-୩୦	୧୯୩୦
ନିଷ୍ପତ୍ତି	୧୯୩୦-୩୧	୧୯୩୨
ମାନସୀ (କାବ୍ୟ)	୧୯୩୧	୧୯୩୨
ସ୍ୱପ୍ନ ନା ସତ୍ୟ	୧୯୩୨	୧୯୩୩
ଦୁନିଆର ଦାଉ	୧୯୩୨-୩୩	୧୯୩୪
ହା-ଅନ୍ନ	୧୯୩୩-୩୪	୧୯୩୫
ଓଲଟପାଲଟ	୧୯୩୪	୧୯୩୭
ପରକୀୟା	୧୯୩୫	୧୯୩୮
ପଣଚସ୍ତୁ	୧୯୩୬	ପାଣ୍ଡୁଲିପି ହଜିଲା
ହଉଣ୍ଡୀ	୧୯୩୮	୧୯୩୯
ଅଦେଖା ହାତ	୧୯୩୯-୪୦	୧୯୪୩
ପ୍ରତୀକ୍ଷା	୧୯୪୧	୧୯୪୩
ଭଲ ପାଇବାର ଶେଷ କଥା	୧୯୪୨	୧୯୪୪
ରୁଣ୍ଡବାଇଦ	୧୯୪୨-୪୩	୧୯୪୪
ଏପାରି ସେପାରି	୧୯୪୪	୧୯୪୬
ଶାସ୍ତି	୧୯୪୫	୧୯୪୬
ବନ ଗହନର ତଳେ	୧୯୪୫	୧୯୪୬
ଅନୁସ୍ୱପ୍ନ	୧୯୪୬	୧୯୪୭
ଅଭିନେତ୍ରୀ	୧୯୪୬	୧୯୪୭
ଭୁଲ ହୁଏନା	୧୯୪୭	୧୯୪୮
ଝଞ୍ଜା	୧୯୪୮-୪୯	୧୯୫୦
ମିଳନର ଛନ୍ଦ	୧୯୪୯	୧୯୫୧
ଶବଗ୍ର	୧୯୫୦-୫୧	୧୯୫୨

Digitized by srujanika@gmail.com

ପୁସ୍ତକର ନାମ	ରଚନା କାଳ	ପ୍ରଥମ ପ୍ରକାଶ
ପଶ୍ଚା	୧୯୫୨-୫୩	୧୯୫୪
କା (୧୯୫୯ରେ କେନ୍ଦ୍ର ସାହିତ୍ୟ ଏକାଡେ଼ମୀ ପୁରସ୍କାର ପ୍ରାପ୍ତ)	୧୯୫୩-୫୪	୧୯୫୭
ବଜ୍ରବାହୁ	୧୯୫୫-୫୭	୧୯୫୯
ଢେଉ ଢେଉକା	୧୯୬୦-୬୧	୧୯୬୨
ବଗବଗୁଲି	୧୯୬୨-୬୩	୧୯୬୪
ଇନ୍ଧନ	୧୯୬୩-୬୪	୧୯୬୬
ତମସା ତୀରେ	୧୯୬୪-୬୬	୧୯୬୬
ମୁଁ ମନ୍ଦ ଜାଣେ	୧୯୬୭	୧୯୬୮
ଛୁଟିଲେ ଘଣ୍ଟ	୧୯୬୮	୧୯୬୮
ସ୍ୱପ୍ନା	୧୯୬୭-୬୮	୧୯୬୮
ତରଙ୍ଗର ତଳେ	୧୯୬¯	୧୯୬୯
ମନ ଜାଣେ ପାପ	୧୯୬୮-୬୯	୧୯୬୯
ମନ ମନ୍ଥନ	୧୯୬୯	୧୯୭୦
ଅତ ଗୋପନୀୟ	୧୯୬୯-୭୦	୧୯୭୦
ଅଙ୍ଗନା	୧୯୭୦	୧୯୭୧
ମମତାର ମାୟା	୧୯୭୧	୧୯୭୨
କହିବାକୁ ଲାଜ	୧୯୭୦-୭୧	୧୯୭୩
ନିର୍ବିଶଙ୍କ	୧୯୭୧-୭୨	୧୯୭୩
ଆଜି ନୁହେଁ ଆଉ ଦିନେ	୧୯୭୨-୭୩	୧୯୭୩
କ୍ଷଣ କ୍ଷଣକେ ଆନ	୧୯୭୪-୭୫	୧୯୭୫
ମାୟାବର୍ତ୍ତୀ	୧୯୭୬-୭୭	୧୯୭୮
ସତ୍ୟବତୀ	୧୯୭୮-୭୯	୧୯୮୦
କ୍ଷଣିକା	୧୯୪୭	୧୯୮୦
ଅଗା	୧୯୪୭	୧୯୮୦
ନାମଟି ତା'ର ଚମ୍ପା	୧୯୫୦	୧୯୮୦
ତାରକା	୧୯୮୦	୧୯୮୧
ତାପସୀ	୧୯୮୧	୧୯୮୨
ଲମ୍ବଟ ଲଖନ	୧୯୮୨-୮୩	୧୯୮୪

Digitized by srujanika@gmail.com

ପଚ୍ଚିଶ ବର୍ଷରୁ ଅଧିକ କାଳ ଅନବରତ ସାହିତ୍ୟ-ସାଧନାରତ ବହୁ ଲୋକପ୍ରିୟ ଉପନ୍ୟାସର ପ୍ରଣେତା ଆଡ୍‌ଭୋକେଟ୍ ଶ୍ରୀଯୁକ୍ତ ରାଜକିଶୋର ପଟ୍ଟନାୟକଙ୍କୁ ମୋ'ର ଶୁଭେଚ୍ଛା ସହ ଉତ୍ସର୍ଗ କରୁଛି ।

କାହ୍ନୁଚରଣ

ତା ୩୧।୧୨।୮୩ ରାଜାବଗିଚା

କଟକ-୯

Digitized by srujanika@gmail.com

ନାତିକୁ ଅଗଣାରେ ଖେଳାଉଥିଲେ ଏକାବନ ବର୍ଷର ବୁଢ଼ୀ ଦୁର୍ଲଭ ବୋଉ । ତିନି ବର୍ଷର ଆଲୁଳିଆ ସୁନ୍ଦର ପିଲାଟି । ତାକୁ ଯମ ପାହୋରୁ, ତା' ବାପ ବରଗ ହେବ ।

ଜୁଆଟା, ଦେହର ଚମ କଅଁଳ ବୋଲି ଏବେ ଗୋରା ଦିଶୁଛି । ଠାକୁରେ ଆଉଷ ଦେଲେ ରଙ୍ଗ କମିବ । ସେ ହେବ ତା ବାପ ଆକୁଳି ପରି ଶାବଳା । ତା ବୋଉ ସେବତୀ ପରି ଚମ୍ପାବରନ ହେବ ନାହିଁ କି ତା ପିଉସୀ ମଲ୍ଲିକା ପରି ଗୋରା ତକ ତକ ହେବ ନାହିଁ । ...

କେଡ଼େ ଆଡ଼ମ୍ବରରେ ତା'ର ଏକୋଇଶା କରାଇଥିଲେ ତା'ର ଜେଜେବାପେ ! ଆଗରୁ ତ ରୋଗଶଯ୍ୟାରେ ପଡ଼ି ଘାଣ୍ଟି ହେଉଥିଲେ । ମାସ ନ ପୂରୁଣୁ ସେ ଆଖି ବୁଜିଲେ ଚିରଦିନ ଲାଗି ।

ତୁ ଚଣ୍ଡାଳରେ ଜଉଁଛଣା ଦଇବ ! ତୋ'ର ଗୁଣରୁ ମା ଲକ୍ଷ୍ମୀଠାକୁରାଣୀ ଏକା ତତେ ନୁହେଁ, ତୋ' ବଡ଼ଭାଇ ବଳିଆକୁ ବି ବାରଦ୍ୱାର ଶୁଙ୍ଘିପିଣ୍ଡା କରାଇଥିଲେ । ଯେତେ ଗୁହାରି କଲେ ତୋ ବଧିରା କାନକୁ ଶୁଭିଲା ନାହିଁ ?

ହାଇରେ, ଏଡ଼େ ଏଡ଼େ ଆଖିଦୁଇଟାରେ ବଲବଲ କରି ଦୁନିଆର ସମସ୍ତଙ୍କୁ ଅନେଇଛୁ । କାହାରି ଗୁହାରି କେବେ କେଉଁଠି ଶୁଣିଛୁ, ଦୁଃଖ ହରିଛୁ ?

ଆମେ ଖାଲି ମନ ବୁଝାଇବାକୁ କେଉଁ ଯୁଗର କେଉଁଟି ଘଟଣାର ଉପଲକ୍ଷ ଦେଇ ତୋ' ଦୟା ଓ ପାଲିଲାପଣର ବଡ଼େଇ ଗାଇ ତତେ ଟେକା-ଟେକି କରି ଜଣାଣ କରୁଛୁ । ତୁ କାହାରି କିଛି କରୁନୁ । ତଥାପି, ଆମେ ତତେ ଡାକୁଛୁ ? ଦୁଃଖ ହରିବାକୁ ମିନତି କରୁଛୁ ? ନିଜେ ବି ଚେଷ୍ଟା କରୁଛୁ ।

ସଫଳ ହେଲେ କହୁଛୁ, ତୋ'ର ଦୟା । ବିଫଳ ହେଲେ କହୁଛୁ 'ଲଲାଟ-ଲିଖନ, କେ କରିବ ଆନ ।' ଯଦି ସେଇଆ ସତ, ତୋ'ଠେଇଁ ଆମର କି କାମରେ କାଳିଆ ?

Digitized by srujanika@gmail.com

ଆଖି-ପିଇଡ଼ା ପଢ଼ାଲପଣ ସାତଟି ବର୍ଷ କଟିଗଲାଣି । ଟିକଏ ତୋ'ର ତସ୍ୱା ହେଲ ନାହିଁ । ତାଙ୍କର ରୂପ, ସ୍ୱାସ୍ଥ୍ୟ ଓ ଦେହର ବଳ ଦେଖି, ତାଙ୍କର ଦାତା-କର୍ଣ୍ଣ ପଣିଆଁ, ନିରପେକ୍ଷ ବିଚାର ପାଇଁ ଖଣ୍ଡମଣ୍ଡଳର ଲୋକେ ଏତେ ପ୍ରଶଂସା କରୁଥିଲେ । ହାଇରେ ଦଇବ, କି ଅପରାଧ ମୁଁ କରିଥିଲି ଯେ ଏମିତି ମହାସପ୍ରାଣୀ ଦିନ ମୋ' ମୁଣ୍ଡରେ ବଜ୍ର ପ୍ରହାରିଥିଲୁ ?—

ହଁ, ବଜ୍ର ନୁହେଁ ଆଉ କ'ଣ ?

ଗେରସ୍ତ ବୋଲି ନାମଟି ସିନା ମୁଁ ତୁଣ୍ଡରେ ଧରିବି ନାହିଁ, ମନରେ ତ ଆଉକି ହେଉଛି, ଲୋକେ ତାଙ୍କୁ ବେଣୁଧର, ବୟସରେ ଯେଉଁମାନେ ତାଙ୍କଠାରୁ ବଡ଼ ସେମାନେ ତାଙ୍କୁ ବେଣୁଆଁ ବୋଲି ଡାକୁଥିଲେ ।—

ଆହା, ଦଇବ ଚୁଲିପଣା ତାଙ୍କୁ କେଡ଼େ ବେଗି ପାଖକୁ ନେଇଗଲାଟି ! ତାଙ୍କ ରୂପ, ତାଙ୍କ ସ୍ୱାସ୍ଥ୍ୟ, ତାଙ୍କ ଗୁଣ ସେ ସହି ପାରିଲା ନାହିଁ । ଦେହରେ ଦୁଇଟା ଷଣ୍ଢର ବଳ ।—

× × ×

ଗ୍ରେଷ୍ଟବଡ଼ ହୋଇ ତିନୋଟି ସାହିରେ ଘରକରି ରହିଥିବା ନଈକୂଳିଆ ଗାଁ ମଲ୍ଲୀପୁର ଗାଁରେ ଦଶକୋଡ଼ିକି ଆହୁରି ବେଶୀ ଘର କୁଟୁମ୍ବ କେଉଁ କାଳରୁ ବାସକରି ରହିଛନ୍ତି । ଧଣୀ, ଗଉଡ଼, ମୂଲିଆ, ମହାନ୍ତି । ଚୂଲିଚୁଲା ନାହିଁ, ଭିଖାରୀ କେଇଘର ବି ପଲାବାଳି ରହିଛନ୍ତି ।

ପୂର୍ବ ସାହି ଓ ମଝି ସାହି ମଝିରେ ବଡ଼ ପୋଖରୀ । ଜମ୍ବାଳିଆ, ଦଳୁଆ । ତା'ରି କୂଳରେ କେଉଁ କାଳର ପୁରୁଣା ମନ୍ଦିର । ତା' ଭିତରେ ରାମ, ଲକ୍ଷ୍ମଣ, ସୀତାଙ୍କର ମୂର୍ତ୍ତି । ପଥରର ମୂର୍ତ୍ତି ତିନୋଟି । ମୂର୍ତ୍ତିଗୁଡ଼ିକ ମୁଗୁନିପଥରରେ ତିଆରି । ଦୁଇ ହାତ ଉଚ୍ଚ ହେବ !

ମନ୍ଦିରର ମୁଖଶାଳାରେ ବିରାଟକାୟ ହନୁମାନ ମୂର୍ତ୍ତି । ଦ୍ୱାରର ଆରପାଖରେ ସୁଗ୍ରୀବଙ୍କର ମୂର୍ତ୍ତି ।

ସେହି ମନ୍ଦିର ଆଗରେ କେଉଁ ଅମଳର ବଡ କଦମ୍ବଗଛ । ଆମ୍ବତୋଟା ଅଲଗାଦୂରରେ ଝଙ୍କାଳିଆ ଓସ୍ତଗଛ । ସବୁ ଭୂମି ଓ ପୋଖରୀ, ଗଛବୃକ୍ଷ ଶ୍ରୀରାମଚନ୍ଦ୍ରଙ୍କର ସମ୍ପତ୍ତି । ପୋଖରୀର ପୂର୍ବପଟେ ଓ ଦକ୍ଷିଣ ପଟେ କେତେମାଣ ଜମି ମଧ୍ୟ ଶ୍ରୀରାମ-ଚନ୍ଦ୍ରଙ୍କର ସମ୍ପତ୍ତି ।

ଯେଉଁ ମହାତ୍ମା କେଉଁ ପୁରୁଷରେ ଏ ମନ୍ଦିର ନିର୍ମାଣ କରାଇଥିଲେ, ଆମ ବଂଶର କୀର୍ତ୍ତି ବୋଲି କହି ବଡ଼େଇ କରିବାକୁ, ସିଦେଇ ଅମାବାସ୍ୟା ରାତିରେ ଦୀପଜାଳି, ବାଣ ଫୁଟାଇ ବଡବଡୁଆଙ୍କୁ 'ଆଲୁଅରେ ଆସ ଅନ୍ଧାରରେ ଯାଅ' ବୋଲି କାଉଁରିଆ କାଠି ଜାଳି ଡାକଗୁଡ଼ିବାକୁ ସେ ବଂଶରେ କେହି ଆଉ ନାହିଁ—

Digitized by srujanika@gmail.com

ମଞ୍ଚୁଦୋଳ ଉତ୍ସବରେ ସେଠି ଶ୍ରୀରାମ ମନ୍ଦିରର ଆଗରେ ଠାକୁରମାନଙ୍କର ମେଳଣ ହୁଏ । କୋଡ଼ିଏ ପଚିଶ ଖଣ୍ଡି ଗ୍ରାମରୁ ଠାକୁର ବିମାନମାନ ଆସନ୍ତି । ଦୋକାନମାନ ବସେ । କେତେ ମରଦ, ମାଇପେ ପିଲାଛୁଆ ଆସନ୍ତି । ଯାତ ହୁଏ, ରାତି ପାହେ ।—

ମଲ୍ଲୀପୁର ଗାଁ କଥା ଥାଏ । ଠାକୁର ସମ୍ପତ୍ତିର ଆୟରୁ ଗାଁର ଲୋକମାନେ ଖରଚ ତୁଲାନ୍ତି । ଗ୍ରାମର ଲୋକେ ଭେଦା ଦଅନ୍ତି । ଯାହାର ଯାହା ଶକ୍ତି, ଯାହାର ଯାହା ଖୁସି । କାହାରି ଆପତ୍ତି କି ଯୋରଜବରଦସ୍ତି ନାହିଁ । ଠାକୁର କାମ ତ, ଯାହାର ଯାହା ମନ । ଗାଁର ସନମାନ କଥା—

ଏସବୁ କାମରେ ଗ୍ରାମର ପଞ୍ଚମାନଙ୍କ ମଧ୍ୟରେ ଆଗୁଆ ହେଉଥିଲେ ବେଣୁଧର, ଆକୁଳର ବାପା । ସେଇ ଗ୍ରାମବାଳୁଆ ପୁରୁଷ, ପୁଣି ଗ୍ରାମର ରାମନବମୀ ଯାତରାର ମହାବୀର ହନୁମାନ । ତାଙ୍କର କସରତ ଦେଖି ଲୋକେ ଧନ୍ୟଧନ୍ୟ ପ୍ରଶଂସା କରୁଥିଲେ ।

ଚାଷକାମ, ଶଗଡ଼ ଚଳନା, ନଦୀ ପହଁରା, କାଠହଣା, ଏପରିକି ଗାଁ-ଗାଁ ମଧ୍ୟରେ କୌଣସି କଳି ତକରାରରେ ଗାଆ ଭେଣ୍ଡିଆଙ୍କର ସେ ହେଉଥିଲେ ଆଗୁଆଳ ।

ଦେହର ରଙ୍ଗ ଶାବନା । ଭରପୂର ସ୍ୱାସ୍ଥ୍ୟ । ଅଳପ ପଢ଼ିଥିଲେ । ଲେଖାପଢ଼ି ଦୋରସ୍ତ । ଚାହାଳିପାଠ, କଳନ୍ତି ହିସାବରେ ପାରଙ୍ଗମ । ପୁଅ ଆକୁଳକୁ ଅଧିକ ପାଠ ପଢ଼ାଇବାକୁ ସେ ଦୃଢ଼ସଙ୍କଳ୍ପ ହୋଇଥିଲେ ।

ତାଙ୍କ ଘରଣୀ ଦୁର୍ଲକ୍ଷ୍ମୀକୁ ସେ ଦରବର କହନ୍ତି—'ଆମର ଗ୍ରାମ-ବିଦ୍ୟାଳୟର ଶିକ୍ଷକ କେତେଥର ମତେ କହିଲେଣି, ବେଣୁଧର, ମୋ କଥା ମାନ, ତମ ପୁଅ ଆକୁଳକୁ ତମେ ଘରକାମରେ କି ବିଲକାମରେ ଖଟାଇଲେ, ଲୋଟାଇଲେ ଶଗଡ଼ ଚଲାଇ ଶିଖାଇଲେ ସେ ପାଠ କେତେବେଳେ ପଢ଼ିବ ?

ବେଣୁଧର କରଯୋଡ଼ି କହନ୍ତି, 'ଆପଣେ ଟିକିଏ ବିସ୍ମରଣା କରନ୍ତୁ ଗୋସେଇଁ ମହାପ୍ର , ଆପଣେ ଟିକିଏ ମୋ' ଅବସ୍ଥା ଭାବନ୍ତୁ ?—

'କ'ଣ ତମର ଅବସ୍ଥା ?'

'ଗଲା ବର୍ଷରେ ଲକ୍ଷ୍ମଣପଣ ମୋ ଯାନଗାଇ, କେତେ ଗେଲବସର ମୋ'ର ସେ ଥିଲାଟି ! ପାଠ ଯାହା କହନ୍ତି ପିଇ ଯାଉଥିଲା । ହେଲେ, ନେସମା ନକମାଟିଏ । ସାମାନ୍ୟ ଜର ଟିକିଏରେ ମଣଗଲା ।'

'ଓସ୍ତାଦ କାନ୍ଦ କଲନାହିଁ । ଶୁଣନ୍ତୁ ଆପଣେ—ଚାଷୀଘର ପୁଅ । ସବୁକାମ ମୂଳରୁ ଶିଖିବା, ସେଥିର କଦର ଜାଣିବା ଲୋଡ଼ା । ସେଥିପାଇଁ ଯାହା ଦୁଃଖ କଷ୍ଟ ସହ, ଦେହରେ ଭେଦାଇ ଆପଣାର ନ କଲେ କି ମଣିଷ ହିଏ ହେବ ?'

Digitized by srujanika@gmail.com

'ଆପଣେ ଶୁଣନ୍ତୁ ଗୋସେଇଁ ମାହାପ୍ରୁ, ବାର ପୃଶ ତେର ଗୁଲାଚ୍ଛ ଅ'ଲ୍ରକଲୁ । ଠାକୁରଙ୍କ ପୋଖରୀରେ ପହଁଶ ଏ ପାଖରୁ ସେପାଖ ହୋଇ ମାରୁଛ । ନଡ଼ିଆ ଗଛରୁ ନଡ଼ିଆ ତୋଳୁଛ । କଇଁଆ, ଆମ୍ବ, କରମଙ୍ଗା, ଶିମ୍ବୁଳି ଗଛରୁ ଫଳ ତୋଳିବା ତ ମାମୁଲି କଥା । --

ଆଉ ଶୁଣ ଅବଧାନ, ସେ ଶଗଡ଼ ଚଲାଇ ଜାଣିଲାଣି । ନାଲୁଆ ଗାଈର ପହ୍ନାରୁ ଖୀର ଦୁହିଁଲାଣି । ହଳକର ଜାଣିଲାଣି । ବ'ଡ଼ବୁଜା ଆଉ ବଣିଗ୍ଯକାମ ତ ମାମୁଲି ।

କେଉଁ ଗଛ କେବେ ଲାଗିବ, କେମିତି ବଢ଼ିବ, କେବେ ଫୁଲିକରି ଧରିବ, ଏସବୁ ଗହନ କଥା ଚଷାପୁଅର ଜାଣିବାର କଥା । --

ସେ ଋଷୀ, ବ୍ରାହ୍ମଣ ହେଉ କ ପାଣ ହେଉ ସେଥିରେ ଯାଏ ଆସେ କ'ଣ ? ଏମାନ୍ତ ତ ବଦ୍ୟାର କଥା, ଷଡ଼ଙ୍ଗୀ ଗୋସାଇଁ ' ଆମ ଆଲୁଳ ଲେଖିପଢ଼ି ,ଶିଖି, ହିସାବପତ୍ର ଜାଣୁ । ସେତିକ ଆମର କାମନା ।---

ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋକୁଳ ଷଡ଼ଙ୍ଗୀ କହିଲେ, ପିଲାଟା ବୁଦ୍ଧିମାନ, ସ୍ମରଣଶକ୍ତି ବି ଭଲ । ଘରକାମରେ ବେଳ ନଷ୍ଟ ନ କରି, ଗଛଚଢ଼ା, ପାଣି ପହଁରା, ଲଙ୍ଗଳଧରା କାମ ନ କରି, ପାଠପଢ଼ାରେ ବେଳ ଅଧିକ ଦେଲେ ଆହୁରି ଭଲ କରନ୍ତା ।

ବେଣୁଧର ସମ୍ମତ ହୋଇଥିଲେ । ଯଥାସମ୍ଭବ ଆଲୁଳକୁ ଘରର କାମରୁ ଦୂରେଇ ରଖିଲେ । ପଢ଼ିବାକୁ ଲେଖିବାକୁ ପିଲାଟି ବେଳ ପାଇଲା । ଗଛଚଢ଼ା, ପାଣି ପହଁରା, ମ'ଛଧରା, ମାଙ୍କଡ଼ହୁରୁଡ଼ା କାମରୁ ଦୂରେଇ ରହିଲା ।

× × ×

ବେଳେ ବେଳେ ଆଲୁଳ ତା ବାପାକୁ ଋଷ କାମରେ, ଶଗଡ଼ ବୋହୁ ବଳଦକୁ ଘାସ ଦେବା, ଠାକୁରଙ୍କ ପୋଖରୀରୁ ବେଣ୍ଟରେ ପାଣିଉଠାଇ ବଗିଚା ଆଳୁ କିଆରୀରେ ପାଣି ମଡ଼ାଇବା ଇତ୍ୟାଦି କାମରେ ସାହାଯ୍ୟ କରିବାକୁ ପଡ଼ୁଥ'ଏ । ନ କଲେ ନ ଚଳେ କାମ । ସହାୟକ ମୂଲିଆ ମିଳନ୍ତି ନାହିଁ ।

ଘରବାଡ଼ି ଛଅଗୁଣ୍ଠ ଋଷ ଜମି ଉତ୍ତମାଣ । ବେଣୁଧରଙ୍କର ଘରର ନାମ ଓ ସମ୍ମାନ କୁଆଡ଼େ ଦିନେ ଖଣ୍ଡମଣ୍ଡଳରେ ଡାକ ଥିଲା । ତାଙ୍କର ଜେଜେ ପାଞ୍ଚଟି ଝିଅଙ୍କୁ ଅତି ଆଡ଼ମ୍ବରରେ ଭଲ ଭଲ ଘରେ ବାହା ଦେବାକୁ ଯେଉଁ ସୁନା-ଆଳିପଣ ଭୂମିମାନ ବନ୍ଧକ ଦେଲେ, କିନ୍ତୁ ସେ ମୃତ୍ୟୁକାଳ ପାଏ ନ ଧିଲେ ।

ସେ କୁଆଡ଼େ ଯୋଗ ସାଧନା କରୁଥିଲେ । ପଦ୍ମାସନରେ ବସୁଥିଲେ । ତ୍ରିକୂଟରେ ଲକ୍ଷ୍ୟ ଲଗାଉଥିଲେ । ବ୍ରହ୍ମ-ଜ୍ୟୋତିଃ ଦର୍ଶନ କରିବାକୁ ଚଳମନରେ

Digitized by srujanika@gmail.com

ଗଞ୍ଜେଇ ଭରି ଅଗ୍ନି ସଂଯୋଗ କରି ଧୂଆଁ ଶୋଷିବାକୁ ପଡ଼େ । ଜ୍ୟୋତିଃ ଦର୍ଶନ କଲେ କୁଆଡ଼େ ସ୍ୱର୍ଗଲାଭ ସୁ-ନିଶ୍ଚିତ ।

ବେଣୁଧରଙ୍କ ପାଇଁ ସେହି ନାମଯାଦା ପରିଡ଼ା ବଂଶର ଯେତିକି ବାକି ସମ୍ପତ୍ତି ଥିଲା ସେଥିରେ ଚଳିଯାଉଥିଲା ।

ବାପ ଅଜାଙ୍କ ପରି ବେଣୁଧରଙ୍କର କୌଣସି ମନ୍ଦ ଅଭ୍ୟାସ ନଥିଲା ! କିନ୍ତୁ ସେ ସରଳ-ବିଶ୍ୱାସୀ ଥିଲେ । ତାଙ୍କ ମୂର୍ଖାମି ଉପରେ ଲୋକେ ତାଙ୍କୁ ଓ ତାଙ୍କ ବଂଶର ଖାନ୍‌ଦାନୀକୁ ପ୍ରଶଂସା କରି ତାଙ୍କଠାରୁ ଫାଉମାରୁଥିଲେ । ବାରମ୍ବାର ଠକି ମଧ୍ୟ ସେ ଠିକୁ ନଥିଲେ ।

ମାଇନର ପାସ୍ କଲା ପରେ ପୁଅକୁ ଆଉ ଅଧିକ ନ ପଢ଼ାଇ ଚାଷକାମ କିମ୍ବା ସେହି ସମ୍ବନ୍ଧୀୟ ଅନ୍ୟ କେଉଁ ଧନ୍ଦାରେ ତାକୁ ଲଗାଇଥିଲେ କାହିଁକି ଆଜି ସେ ଏତେ ଦୁଃଖ ସହୁଥାଆନ୍ତା ?

× × ×

ଗୋକୁଳ ଷଡ଼ଙ୍ଗୀ ହେଡ଼ମାଷ୍ଟ୍ରେ ଜିଦ୍ଧ ଦେବାରୁ ଜମି ବନ୍ଧା ପକାଇ, କର୍ଜ-କରଜ କରି ଟଙ୍କା ଆଣିଲି । ମାଟ୍ରିକ ପାସ କଲାପରେ ମୋ ମନା ନ ମାନି ପୁଅକୁ କଲେଜରେ ପଢ଼ାଇବାକୁ ସହରକୁ ପଠାଇଲି ?

ଗେରସ୍ତଙ୍କୁ ସୁମରଣା କରି ବେଳେବେଳେ ଏହିପରି ଝୁରନ୍ତି ଦୁର୍ଲଭ—ଆକୁଳାନନ୍ଦର ବୋଉ । ନିଷ୍ଠୁର ବିଧାତାକୁ ଦୋଷ ଦେଇ ତା'ର ବିରୁଦ୍ଧରେ ତା'ର ପାଖରେ ସେ ଅଭିଯୋଗ କରନ୍ତି —

'ଆରେ ନିର୍ଲକ୍ଷଣା ଦଇବ, ମୋ ଜାଣିବାରେ କୌଣସି ପାପ ମୁଁ କରିନାହିଁ । ତୋର, ଅବା ତୋର ଆଉ କେଉଁ ଦେବତା କି ଦେବୀଙ୍କୁ ମୁଁ ଏ ଜନ୍ମରେ ଅବମାନନା କରିନାହିଁ । ସମସ୍ତଙ୍କର ସେବାପୂଜା କରିଛି । ବାରବ୍ରତ, ଓଷାପୂଜା ସମ୍ପାଦିଛି । କେବେ ଯୋଗୀ, ଭିକାରୀ, ବାହ୍ମଣ, ବୈଷ୍ଣବ, ଦୁଃଖୀରଙ୍କୀ-ମାଗତାଙ୍କୁ ଖାଲିହାତରେ ଦୁଆରୁ ଫେରାଇ ନାହିଁ ।'

'ତଥାପି ରେ ନିଦାରୁଣ ଦଇବ, ବୋଝ ଉପରେ ନଳିତାବିଡ଼ା ପରି ତୁ ଦୁଃଖ ପରେ ଦୁଃଖ ଆଣି ଏ କୁଟୁମ୍ବ ଉପରେ ଅଜାଡ଼ି ଦେଲୁ । କେଉଁଠି କେଉଁଥିରେ ଆମର ପ୍ରମାଦ ଘଟିଲା ସପନରେ ହେଲେ କହି ଦେଇଥାନ୍ତୁ !'—

ଆଖିରୁ କେରା କେରା ଲୁହ ଝରି ପଡ଼ୁଥାଏ; ଘରକୁ ଲାଗି ଖଣ୍ଡେଦୂରର ଗୁଡ଼ି କୂଅ ମୂଳର ଚଉତରା ଉପରେ ବସିଥିଲେ ଦୁର୍ଲଭ ଦେଓ୍ୱା । ଦୁର୍ଲଭ ନାମଟି ବଡ଼

Digitized by srujanika@gmail.com

ଓ ଡାକିବାକୁ ଅସଜ । ପାଟିରେ ମହଜେ ପଇଟେ ନାହିଁ ବୋଲି ବାମଘର ଗାଁ ରେ ଗେହ୍ଲାରେ ତାଙ୍କୁ ଦୁଲି ବୋଲି ଡାକୁଥିଲେ ।—

ଗୋଟିଏ ବୋଲି ଯମ-ଅଣ୍ଟା' ମନ୍ଦାନ କେଉଁ ପୁଅରେ ଲେଖା ଯେ ସେଇ ବେଶୁଆର ଘଣଯା ବୋଲି, ସ୍ୱାସ୍ଥ୍ୟବନ୍ତ ଶ୍ୟାମଳା ବୋହୂ ଦୁର୍ଲକ୍ଷଟିକୁ, ତା' ଶାଶୂ ଗେହ୍ଲେଇ ଡାକୁଥିଲେ ଦୁଲୀ ।—

ଆକୁଳି ସାତ ବର୍ଷର ହୋଇଥିଲା ଆଉ ମଲ୍ଲୀ'କା ବର୍ଷକର, ବୁଢ଼ୀ ସେମୁରଙ୍କୁ ଗଲେ । ସେ କହନ୍ତି, ଆକୁଳି ତା ଜେଜେଙ୍କ ମୁହଁ ଆଣିଛି । ମଲ୍ଲୀର ମୁହଁକୁ ଚାହିଁ କହନ୍ତି, ଏଇଟିକୁ ମୁଁ ଚିହ୍ନି ପାରୁନାହିଁ, କେଉଁ ଠାକୁରାଣୀ ହୋଇଥିବ ଲୋ ! ନୋହିଲେ ତୋ' ବାପଘରର କାହାର ହୋଇଥିବ ।

ବେଗ ବଇରାଗ କିଛି ନାହିଁ ? ବୁଢ଼ୀ ଅଧିକ ଚଳନ୍ତି ସୂପରେ ଚଉକୋଡ଼ି ସତର ବର୍ଷ ବୟସରେ ବସିଲାଠାରୁ ଜଳି ପଡ଼ିଲେ । ତାଙ୍କର ଶୁଦ୍ଧିଘର ବେଶ୍ ଆଡ଼ମ୍ବରରେ କରାଗଲା । ଟଙ୍କା କିଅଣ୍ଟ ପଡ଼ିବାରୁ ଦୁଇ ଏକର କଣ୍ଟିଆ ଜମି ଗୋପାଳ ସାହୁ ତେଲି ମହାଜନ ପାଖରେ ବନ୍ଧା ପଡ଼ିଥିଲା ।

ସେହି ଷଡ଼ଙ୍ଗୀ ମାଷ୍ଟରଙ୍କ ବୋଲି ମାନି ଆକୁଳିକୁ ବଡ଼ ବିଦ୍ୟାଳୟରେ ବଢ଼ି ପାଠ ପଢ଼ାଇଲେ । ପିଲାଟା ଭଲ ପଢ଼ୁଥିଲା । ବଦାରପୁରରେ ସେହି ବିଦ୍ୟାଳୟ । ନଅକୋଶ ବାଟ ।

ସେହି ଗାଁରେ ତାକୁ ରହିବାକୁ ପଡ଼ିଲା ।

କିଆଡ଼େ ଭଲ ପଢ଼ୁଥିଲା । ସେଇଠି ସେ ବଜିଡ଼ିଲା । ନାନା ଜାତିର ଖେଳରେ, ବିଶେଷତଃ ପବନପେଟିଆ ବଡ଼ ମେଣ୍ଟ, ଯାହାକୁ ଗୋଡ଼ରେ ମାରିଲେ ଶୂନ୍ୟକୁ ଉଠେ ପୁଣି ହାତ-ପେଣ୍ଡ, ଯେ ତା'କୁ କାଠଫାଳିଆ ପରି ବ୍ୟାଟ୍‌ରେ ପିଟନ୍ତି, ସେଥିରେ ନାମ କମେଇଲା ।

ମୁହଁ ଶୁଖାଇ ବେଣୁଧର ଷଡ଼ଙ୍ଗୀ ଆପଣଙ୍କୁ ପଚାରନ୍ତେ, ସେ ସାନ୍ତ୍ୱନା ଦେଇ କହିଲେ —ଆହେ ବେଣୁ, ତମେ ସେଥିକୁ ଚିନ୍ତା କରନା । ଏବ କାଲିକୁ ସେସବୁ ଖେଳ ଲୋଡ଼ା ହେ ! ସେ ବି ପାଠରେ ଗଣ୍ଡ । ସେ ନିଜର ଓ ବିଦ୍ୟାଳୟର ବଡ଼ନ୍ତ କରିବ ।—

କରଯୋଡ଼ି ବେଣୁଧର କହିଲେ- ଫଇଲ ବିକ, ଜମି ବନ୍ଧା ପକାଇ ଯେ ମୁଁ ଏତେ ଟଙ୍କା ଆକୁଳିକୁ ଯୋଗାଉଛି ସେ କ'ଣ ଖାଲି ଖେଳ-କସରତ କରି ତା ବିଦ୍ୟାଳୟ ନାମର ଟେକ ରଖିବାକୁ ?—

ପାଠ ଯେତିକି ହେଲା ସେତିକିରେ ପୋଥିରେ ଡୋର ବାନ୍ଧି ଗାଁକୁ ଆସି ମତେ ସାହାଯ୍ୟ କଲେ ଭଲ । ଜମି ଉପରେ ସେ ତା'ର ଖେଳ-କସରତ କଲେ

Digitized by srujanika@gmail.com

ଭଲ ହୁଅନ୍ତା ଷଡ଼ଙ୍ଗୀ ଆପଣେ ।' ବୁଢ଼ା ଷଡ଼ଙ୍ଗୀ ମାଷ୍ଟ୍ରେ ବେଣୁଧରଙ୍କୁ ବୁଝାଇ କହିଲେ, ଦେଖିବ ରହ, ସେ ପିଲା କ'ଣ କରିବ । ସେ ବୁଦ୍ଧିମାନ୍ । ଖେଳରେ ଯେମିତ, ପାଠରେ ବି ସେମିତ । ତା' ନେଇ ତମେ ନିଶ୍ଚିନ୍ତ ରହ ।'—

ବେଣୁଧର ନିଶ୍ଚିନ୍ତ ରହିଲେ ।—

× × ×

ଦେଖୁ ଦେଖୁ ଦର୍ଘ ବେଳଟି କଟିଗଲା ।

ଅତ୍ୟଧିକ ପରିଶ୍ରମକରି ବେଣୁଧର ରୁଗ୍ଣ ହୋଇଗଲେ । ପେଟମରା ବେମାରି ଧରିଲା, ପୁଣି ରକ୍ତଚାପ ବଢ଼ିଲା, ରକ୍ତରେ ପୁଣି ଶର୍କରାର ପରିମାଣ ବୃଦ୍ଧି । ଯେତେ ଔଷଧ ଖାଇଲେ ବି କମିଲା ନାହିଁ ।

ଯଥା ସମୟରେ ଆକୁଳାନନ୍ଦ ମାଟ୍ରିକୁଲେସନ ପାସ କଲା । ଦ୍ୱିତୀୟ ଶ୍ରେଣୀ ପାଇଲା । ବେଣୁଧର ମହାଖୁସି । ଅଳ୍ପ କେଇ ନମ୍ବର୍ ପାଇଁ ପ୍ରଥମଶ୍ରେଣୀ ହୋଇ ପାରିଲା ନାହିଁ । ଷଡ଼ଙ୍ଗୀଆପଣେ କହିଲେ, ବେଣୁଧର, ତମେ ଚିନ୍ତା କରନାହିଁ । ସେ କଲେଜରେ ପଢ଼ୁ ।

ବେଣୁଧର କରଯୋଡ଼ି ଜଣାଇଲେ, 'ଗଦାଏ ଟଙ୍କା ଖରଚ ହେବ ।'

ଷଡ଼ଙ୍ଗୀ କହିଲେ, ଯେଉଁଠୁ ହେଲେ ଯୋଗାଡ଼ କର । ଗୋଟିଏ ବୋଲି ପୁଅ । ଝିଅ ମଣ୍ଟିକାଟି ପିଲା । ତା'ର ରୂପ ଯେମିତ ସୁନ୍ଦର, ତା'କୁ ବୋହୂ କରି ନେବାକୁ କେତେ କେତେ ଘରୁ ପ୍ରସ୍ତାବ ଆସିବ ।

ବେଣୁଧର କହିଲେ, 'ଯୌତୁକ ଦେଇ ପାରିଲେ ତ ?'

ଷଡ଼ଙ୍ଗୀ କହିଲେ, 'ଭୁଲ୍‌ରେ ତମେ ତା' ନାମଟି ମଣ୍ଟି ଦେଇଛ । ସୁନା-ବରଣୀ ଝିଅ । 'ସୁନା' ନାମଟି ଯଦି ମନକୁ ନ ପାଇଲା ଦେଇଥାନ୍ତ 'ଚମ୍ପାବତୀ' । ତାକୁ ବୋହୂ କରିନେବାକୁ କେତେ କେତେ ଘରୁ ସମ୍ବନ୍ଧ ଆସିବ । ତମର ଶକ୍ତି ମତେ ଯୌତୁକ ଦେଲେ ଦେବ ନ ଦେଲେ ନାହିଁ ।

ଆକୁଳଆକୁ ନିଶ୍ଚେ କଲେଜରେ ପଢ଼ାଅ ବେଣୁଧର । ସେ ପିଲା ଦିନେ ଜଣେ ବଡ଼ ହାକମ ହେବ । ନୋହିଲେ, ହେବ ଗୋଟାଏ ନେତା । ଠାକୁରେ ତମକୁ ଦୀର୍ଘାୟୁ କରନ୍ତୁ । ତମେ ଗୋଡ ଅଧଯାଏ ବସି, କଡାଟ କଲା ନୋଟ୍ ଗଣି ବଡ଼ା ବାନ୍ଧ ରଖୁଥିବ ।

ଏବକାଳକୁ ତ ଟ°-ଟ°-ଟଙ୍କା ନାହିଁ ଯେ ଆଗକାଳ ପରି ପାହିଲା, ଗଉଣୀରେ ମାପ ରଖିବ ?

Digitized by srujanika@gmail.com

'ଆକୁଳକୁ ବଡ଼ ପାଠ ପଢ଼ାଅ । ମୋ କଥା ମାନ । ଶୁଣ, ତମର ଦେହ ଦିନୁଦିନ ଦୁର୍ବଳ ହେଉଛି । ତମେ ବଡ଼ ସହରକୁ ଯାଇ ଡାକ୍ତରୀ-ଚିକିତ୍ସା କରାଅ । ସେଇଟା ବଡ଼ କଥା । ଆଗ କଥା । ତମ ଦେହକୁ କବିରାଜ-ଔଷଧ କାମ୍ଟୁ କରୁନାହିଁ ।'

ସହରରେ କେଉଁ କଲେଜରେ ଆକୁଳର ନାମ ଲେଖା ହେଲା । ଗୋଟିଏ ଘରୋଇ ଛାତ୍ରାବାସରେ ରହିଲା । ମାସ କେତୋଟି ଭିତରେ କାଟ୍‌ଗ୍ରାଣ୍ଟ୍‌ରେ ସେ ହେଲା କଲେଜ ବାବୁ ।

ମୁଖ୍ୟ ହେଲା ଖେଳ । ତାଆସ, ଚେସ, କ୍ୟାରମ୍‌ରୁ ପଡ଼ିଆ ଉପର ଖେଳ ଫୁଟ୍‌ବଲ୍, ହକି, ଟେନିସ୍, ଭଲିବଲ୍, କୁସ୍ତି-କସରତ୍, ମୁଷ୍ଟିଯୁଦ୍ଧ ।—

ସେ ହେଲା କଲେଜ୍-ଟିମ୍‌ର କ୍ୟାପ୍‌ଟେନ୍ । ଯେତେ ଯାହା ହେଲେବି ସେ ଅତି ଭଦ୍ର, ବିନମ୍ରୀ ଓ ଅନ୍ୟମାନଙ୍କପ୍ରତି ସମ୍ବେଦନଶୀଳ । ଅନ୍ୟର ଦୁଃଖରେ ଦୁଃଖୀ, ସୁଖରେ ସୁଖୀ । ନିଜେ ଉପବାସ ରହି ଅନ୍ୟକୁ ନିଜର ଖାଦ୍ୟ ଦେବାର ପିଲା ।

ଟଙ୍କା ଯୋଗାଇବାକୁ ତ ଅଛନ୍ତି ବାପା । ଯେତେବେଳେ ଯାହା ମାଗିଲେ ସେ ବିନା ଆପତ୍ତିରେ ଯୋଗାଇ ଦେଉଛନ୍ତି । କଣ ଖର୍ଚ୍ଚ ହେଲା, ଅବା କଅଣ ଖର୍ଚ୍ଚ ହେବ କେବେ ପଚାରି ନାହାନ୍ତି, ପଚାରିବା ଆବଶ୍ୟକ ମଣି ନାହାଁନ୍ତି ।

ପୁଅର ଦାୟିତ୍ୱ-ଜ୍ଞାନ ଉପରେ ତାଙ୍କର ଅଟଳ ବିଶ୍ୱାସ । ତାଙ୍କର ମନେ ପଡ଼େ ପ୍ରଚଳିତ ପ୍ରବୁଣା ବଚନ 'ପୁଅ ଯଦି ଯୋଗ୍ୟ ହେଲା ଧନ ସଞ୍ଚୁ କାହିଁକି, ପୁଅ ଯଦି ଅଯୋଗ୍ୟ ହେଲା ଧନ ବା ସଞ୍ଚୁ କାହିଁକି ?

ଗୋଟିଏ ବୋଲି ତ ଝିଅ ମଞ୍ଜୁ, ନଅ ବର୍ଷର, ପଢ଼ୁଛି । ବୟସ ହେଲେ, ତାକୁ ପରଘରକୁ ପଠାଇଲେ ପାଇଟି ସରିବ । ଆଜିହୁଁ ସେ ଚିନ୍ତା କାହିଁକି ? ପୁଅର ପାଠ ସରୁ । ତାର ସ୍ୱାସ୍ଥ୍ୟଭଲ । ଭଲ ପଢ଼ୁଛି । ଖେଳ କସରତ୍‌ରେ ନାମ କମେଇ ଲାଗି । ନିଶ୍ଚେ ଭଲ ହାତ-ଚକଣିଆଁ ଗୃହିଣୀଟିଏ ମିଳିଯିବ ।

'ସେବା କାର୍ପଣ୍ୟ ଦେବା ଫଳେ, କିବା ଅସାଧ୍ୟ ମଣ୍ଣି ତଳେ' ବୋଲି ଜାଣିବା-ଶୁଣିବା ଲୋକେ କହନ୍ତି । ଗ୍ରାମର ମ ନବାଙ୍କ କଥା ପଚ୍ଛରେ କିଏ ? ଦେବତା ବୋଲି ଠାକୁରମାନଙ୍କୁ କହନ୍ତି କାହିଁକି ?

ବୁଢ଼ା ବୁଢ଼ୀଏ କହନ୍ତି, ଠାକୁରମାନଙ୍କ ମନର ବଚନ— ଆରେରେ ମାନବା, ଆମର ସ୍ୱର୍ଗପୁରରେ ଫୁଲ ନାହିଁ, ପାଣି ନାହିଁ କି ରାନ୍ଧୁଣିଆଁ ନାହାନ୍ତି । ଅଛି ସେଠି ଗୋଟିଏ ଚିଜ ଅମୃତ । ନିତି ଖାଇଖାଇ ଅରୁଚି ଧରିଲାଣି ।

ତମର ମର୍ତ୍ତ୍ୟପୁରରେ ନାନାପ୍ରକାର ସବୁ ଭରି ଦେଇଛନ୍ତି । ଭଲକି ଭଲ ବାସ, ରସ, ରଙ୍ଗ ଓ ସ୍ୱାଦ । ସେଥିରେ ଆମର ଆଶା ।—

Digitized by srujanika@gmail.com

'ଆରେ ହେ, ଯିଏ ରାନ୍ଧୁ, ଚଳୁ। ନାହିଁ । ନନାଏଁ ରାନ୍ଧଲେ ଆମର ସନ୍ତୋଷ । ସେମାନେ ଚାଲମାଣ ଡ଼ଙ୍କଲେ ଆମେ ଯିବୁ । ବାସନା ଶୁଙ୍ଘିବୁ, ସନ୍ତୋଷ ହେଲେ ବର ଦେବୁ । ମନକାମନା ଅବଶ୍ୟ ପୂରଣ କରବୁ ।

'ଆଗ ଦେଲେ ପରେ ପାଇବ । ସେଇଥିପାଇଁ ଆମର ନାମ ଦେବତା ।

× × ×

ଧନେ ଷଡ଼ଙ୍ଗୀ କହୁଥିଲେ, ଏବକା କଥା ଶୁଣିବ ପରଭାଏ ? ତମେ ତ ନମସ୍ୟା ପୁରୁଷ । ଛନ୍ଦ-କପଟ, ଜାଲଫିସାଦ, 'ନରୋ-ବା-କୁଞ୍ଜରେ' ଆଦ ଜାଣନାହିଁ । ପୁଅ ତମର ବ ଏ. ଖଣ୍ଡି ପାସ୍ କରଯାଉ । ଚାକର ଅବଶ୍ୟ ମିଳବ ।

ବେଣୁଧର କହଲେ, 'ପରବୁଆରେ ଚାକର କାହିଁକ କରବ ? ମିଳବ ବା କେଉଁଠୁ ? ଏବେ ନୀଳ-ନୀଳୁଆ ଗଗନରେ ଉଡ଼ୁଛନ୍ତ ବୋଲ ସେଇ ଆକୁଳ ମୁହଁରୁ ଶୁଣିଛୁ । ଆମେ ତ ଶିମୂଳୀ ତୂଳା, ଆମକୁ ପଚ୍ଚରେ କିଏ । ତଳରୁ ଉପର ଯାଏ ଠାକୁରମାନଙ୍କୁ ଭୋଗ ଦେବାକୁ ପଡ଼ୁଛୁ । ତେବେ ବ ବର ମିଳୁ ନାହିଁ ।'

ବାପା, ଚାକର ଆଶାରେ ବହ ଘୋଷି ପାଠ ପଢ଼ି, ପରୀକ୍ଷା ଦେଇ ପାସ୍ କଲେ କ ଲାଭ ? -

ପୁଅ ଧନେ ମତେ ଏପର କହୁଥିଲା ଷଡ଼ଙ୍ଗୀ ଆପଣେ—

ତମେ ମୋ'ର ବୁଦ୍ଧି, ତମେ ମୋ'ର ବବେକ । ଯେଉଁ ଉପଦେଶ ଦେବ ତାକୁ ସେଇଆ କରବାକୁ କହବ ।—

ମୋ ଦେହର ଅବସ୍ଥା ତ ତମେ ଦେଖୁଛ । ମତେ ଏଇ ବହୁମୂତ୍ର ରୋଗ ଖାଇଦେଲା । ମୁଁ ଆଉ କେଶୀଦନ ବଞ୍ଚିଲା ପର ଲାଗୁନାହିଁ । କବରାଜ-ଔଷଧ କାଟ କଲା ନାହିଁ । ଗୁଟିକା-ଗୁନ୍ଦୁକ ବ ଧନାକେତେ ଖାଇଲ । ସେଥିରେ ବ ଉପକାର ହେଲାନାହିଁ । ମୃତରେ କଳା ପିମ୍ପୁଡ଼ି ଲାଗିଲେ । ଦୁର୍ବଳତା ବଢ଼ିଲା ।

ଷଡ଼ଙ୍ଗୀଏ ପଚ୍ଚାରଲେ, ସହରକୁ ଯାଇ କେଉଁ ବଡ଼ଡାକ୍ତରଙ୍କର ପରାମର୍ଶ ନେଲ ନାହିଁ ? ଆକୁଳ ପରା ବେଳେ ବେଳେ ଆସୁଛ ?—

ବେଣୁଧର କହଲେ, ଆଗେ କେବେ କେମିତ ଆସୁଥିଲା । ମୋ' ଦେହର ଅବସ୍ଥା ଆଉ ତା' ବୋଉର ଦେହର ଅବସ୍ଥା ଦେଖି ଏବେ ସେ ପ୍ରତ ଶନବାର ଦନ ଆସୁଛ । ଝଡ଼-ବରଷା ମାନୁନାହିଁ । ଧନେ-ଧନେ ପ୍ରତ ଦ' ଘଡ଼ରେ ପହଞ୍ଚୁଛ ।

Digitized by srujanika@gmail.com

ଷଡ଼ଙ୍ଗୀଏ ପଚାରିଲେ, ପ୍ରାୟ ଦଶକୋଶ ବାଟ ଧାଇଁ ଆସୁଛୁ ? ବାଟରେ ଝଡ଼ ବର୍ଷା ପଡ଼େ । ବାଘ-ଭାଲୁ ନାହାନ୍ତି ସତ, ହେଟାବାଘ ତ ଥିବେ, ତା'ଛଡ଼ା ଏଇଟା ତା'ର ୪ର୍ଥ ବର୍ଷ ହେଲା । ମାସ କେଇଟି ପରେ ବି. ଏ. ପରୀକ୍ଷା । ପଢ଼ୁଛୁ କେତେବେଳେ ?—

ବେଣୁଧର କହିଲେ, ମୁଁ ତା'କୁ ସେଇଆ ପଚାରିଲି । ପଚାରିଲି, ଶନିବାର ରାତିଟି ନଷ୍ଟ ହେଲା । ହାଲିଆ ହୋଇଥିଲୁ; ଶୋଇ ପଡ଼ିଲୁ । ରବିବାର ଦିନଯାକ ବିଲବାଡ଼ିରେ ଗୋରୁଗାଈଙ୍କ ସଙ୍ଗେ କଟାଇଲୁ । ଜାଙ୍ଗୁଲି ଜାଙ୍ଗୁଲି ରାତି ପାହାନ୍ତିରେ ପୁଣି ଫୁ' କରିବୁ । ସୋମବାର ସକାଳ କେତେବେଳେ ଯାଇଁ ପହଞ୍ଚିଥିବୁ । ଏଥିରେ କି ପାଠ ତୁ ପଢ଼ିବୁ ?

ଅକୁଳ ହାତଯୋଡ଼ି କହିଲା, ବାପା, ଆପଣଙ୍କ ସ୍ୱାସ୍ଥ୍ୟ ଅପେକ୍ଷା ମୋ ପାଠଟା ବଡ଼ ନୁହେଁ । 'ମଧୁମେହ' ରୋଗ ଭଲ ହେବା ନିଶ୍ଚୟ କଠିନ, ଡାକ୍ତର ତ ସେଇଆ କହିଲେ ।

ଆପଣ ଦୁଇମାସ ତଳେ ମୋ' ପଛରେ ବସି ସହରକୁ ଯାଇଥିଲେ । ସେଇଠି ସୁନାମଧନ୍ୟ ବିଶେଷଜ୍ଞ ଡାକ୍ତର ଆପଣଙ୍କୁ ପରୀକ୍ଷା କରି ଔଷଧ ଲେଖି ଦେଇଥିଲେ, ସେ ଆପଣଙ୍କ କଥା ମତେ ପଚାରୁଥିଲେ । ମୁଁ କହିଲି, ବାପା ଭଲ ଅଛନ୍ତି । କିନ୍ତୁ ଦେଖୁଛି ଆପଣ ଅଧିକ ଦୁର୍ବଳ ହୋଇଛନ୍ତି ।

ଡାକ୍ତର ଆପଣଙ୍କୁ ଆଉଥରେ ପରୀକ୍ଷା କରିବାକୁ କହିଛନ୍ତି । ଭାବିଥିଲି, ଆପଣଙ୍କୁ ପଛରେ ବସାଇ ନେଇଯିବି । ଦଶକୋଶ ବାଟ ମତେ ମୋଟେ ଦୁଇଘଣ୍ଟା ଲାଗିପାରେ ।

ବୋଉ କହିଲା, ଡାକ୍ତର ଯାହା ଲେଖି ଦେଇଥିଲେ ତୁ ଆଣି ଦେଇଥିଲୁ, ସେଇ ଔଷଧ ସେ ଅବଶ୍ୟ ଖାଉଛନ୍ତି ! ହେଲେରେ ବାପ ନ ଖାଇବା ଚିଜ ପେଟେ ପୂରି ଦେଉଛନ୍ତି । ଗୁଡ଼ ବା ଚିନିରେ ତିଆରି ମିଠାଇ, ଶଲଗଆଳୁ, କନ୍ଦମୂଳ, ଆଖୁରସ ଓ ଚୁଡ଼ା-ଗୁଡ଼ ।

ଷଡ଼ଙ୍ଗୀଏ ପଚାରିଲେ, ନିଷିଦ୍ଧ ଜିନିଷମାନ ଖାଇବା ଉଚିତ ଥିଲା କି ? ଦେହରେ ତ ଲାଗିଲା ନାହିଁ । ଓଲଟି ଦେହରୁ କିଛି ରକ୍ତ, ମାଂସ, ଶକ୍ତି ନେଇ ପଦାକୁ ବାହାରିଲା । ସେସବୁ ଖାଇ କି ଲାଭ ମିଳିଲା ?

ପରିଡ଼ାଏ ନିବେଦିଲେ, ଏଥର ବୁଝିଲି ଗୋସାଇଁ କିନ୍ତୁ କିଛି ଭଲ, ଦେହରୁ ଝାଳ ନିଗାଡ଼ି ଭୂଇଁ ମା'କୁ ସେଇ ମୂଳିଆଙ୍କ ସଙ୍ଗେ ମିଶି ପରିଶ୍ରମ କରି ଫଳ ପାଇଲି । ସେଥିରୁ ଉତ୍ପନ୍ନ ଜରିବ ଭଲ କି ଭେଳ ନିଜେ ଆଗ ଚାଖି ପରଖି ଭୋଗ ନ କଲେ ଧରିତ୍ରୀ ମା' କୋପ କରିବ ନାହିଁ ?

Digitized by srujanika@gmail.com

ବେଣୁ ପଣ୍ଡାଏ ହସିବାକୁ ଲାଗିଲେ । ପୁଣି କହିଲେ, ଷଡ଼ଙ୍ଗୀଏ, ପୁଅ ମୋ'ର ପାଠପଢ଼ି ସବୁ ଜାଣିଲାଣି । କେଉଁ ପୁରୁଣା କାଳର କଥା ମନେ ଆଜି ତା' ବୋଉକୁ କହୁଥିଲା । ପକ୍ଷୀରାଜ ଘୋଡ଼ା ଓ ମନପବନ ଡଙ୍ଗା ଗପପଣ ଶୁଣିବାକୁ ମଜଜିଆ ଲାଗେ ।—

ଷଡ଼ଙ୍ଗୀଏ ହସିଲେ । ସେ ପଚାରିଲେ, କ'ଣ କହୁଥିଲା ସେ ଆଜିକାଲି ? ବୁଦ୍ଧିଆ ପିଲାଟା ସେ, ତା'ର ସ୍ମରଣଶକ୍ତି ବି ଉତ୍ତମ । ହେଲେ, ନ ପଢ଼ି ନ ଲେଖି ଖାଲି ଖେଳ କସରତରେ ବେଳ କଟାଇଲେ, ସାତ ଦିନରେ ସପ୍ତାହରେ ଦିନାଦିନ ପରିଶ୍ରମ କରି ବେଳ ନଷ୍ଟକଲେ ପରୀକ୍ଷାମାନଙ୍କରେ ଭଲ କରିବ କିପରି ? ଗାଁ'କୁ ଆସୁଛି, ଅଥଚ ମୋ ସଙ୍ଗେ ଦେଖା କରୁନାହିଁ । ସେ ଯେତେ ବଡ଼ ହେଲେ ବି ତା' କାନଟି ଧରି ପିଠିରେ ଗୁଣ୍ଡେ ଦିଅନ୍ତି, ଆଉ ପଚାରନ୍ତି ।—

ବେଣୁଧର କହିଲେ, କାମରେ ବ୍ୟସ୍ତ ରହୁଛି ଆପଣେ ! କେତେଥର ରବିବାର ଦିନ ସକାଳେ ଆପଣଙ୍କୁ ଭେଟିବାକୁ ବସାକୁ ଯାଇଥିଲା । ଆପଣେ ନ ଥିଲେ । ଶନିବାର ଉପରଓଳି ଆପଣଙ୍କ ଘରଖବର ବୁଝିବାକୁ ଗ୍ରାମକୁ ଯାଇଥିଲେ ।—

ଷଡ଼ଙ୍ଗୀଏ କହିଲେ, ହୋଇଥିବ । କ'ଣ ଜରୁରୀ କାମପାଇଁ ଘରୁ ଲୋକ ପଠାଇଥିବେ ।—

ଛାଡ଼ ସେ କଥା । ତା'କୁ କହିବ, ଥରେ ମୋ ସଙ୍ଗେ ସେ ହେଲେ ଦେଖା କରିବ ।—

ତମେ ବସାରେ ଦେଇଯାଇଥିବା ମକା ଦି' ପୁଞ୍ଜି ଦେଖି ଖୁବ ଖୁସି ହେଲି । ମୁଠିଏଁ ଲେଖା ଲମ୍ବ । ଖୁବ୍ ମୋଟା । ଦାନାଗୁଡ଼ିକ ବି ବଡ଼ ।—

ହଁ, ଆଜ୍ଞା । ଆମ ଘରକୁ ଲାଗି ଗୁଣ୍ଠେ ହେବ ଟିକିଏ ବାଡ଼ିରେ ଆଜିକାଲି ନିଜେ ହଳକରି ପ୍ରଚୁର ଗୋବରଖତ ପକାଇ ନିଜେ ଲଗାଇଥିଲି । ମେ ଚାଷୀର ବାଗ ଅବଗତ ହେଲିଣି । ଅବଶ୍ୟ ମଝି ମୋ' ଝିଅ ତାକୁ ସାହାଯ୍ୟ କରିଥିଲା ।—

ଷଡ଼ଙ୍ଗୀଙ୍କର ହଠାତ୍ ମନେ ପଡ଼ିଲା ଯେ, ଅନ୍ୟଆଡ଼କୁ ଆଲୋଚନା ମାଡ଼ିଚାଲି । ସେ ଜାଣନ୍ତି, ଟିକିଏ ଅସାବଧାନ ହେଲେ, କେଉଁଠୁ ଯାଇ ଆଲୋଚନା କେଉଁଠି ପହଞ୍ଚିଯାଏ । କହିଲେ, ଯାଉ ସେ କଥା । କହୁଥିଲି ତମ ସ୍ୱାସ୍ଥ୍ୟର କଥା ।

ଯେମିତି ଦୁର୍ବଳ ହେଲଣି ପଣ୍ଡାଏ ଆଉ ମାସ କେଇଟାରେ ତମେ ଅଚଳ ହେବ । ଡାକ୍ତର ଯାହା କହିଛନ୍ତି ସେଇଆ ଖାଅ । ଆଜିକାର ବୋଉକୁ ବୁଝାଇ ଦିଅ । ସେ କଷ୍ଟ କରିବ ନାହିଁ ।

Digitized by srujanika@gmail.com

ବେଣୁଧର କହିଲେ, ମୁଁ ଦୁର୍ବଳ ହୋଇ ପଡୁଛି, ଛାତି ଧଡ଼କୁଛି । ମୁଣ୍ଡ ଭ୍ରମୁଛି, ଏସବୁ ଶୁଣି ଆକୁଳବୋଉ ମୋତେ ବେଶି ବେଶି ଖୁଆଇବାକୁ ଦେଉଛି । ଭାତରେ ଘିଅ ଢାଳୁଛି, ଦୁଧ କି ଦହିରେ ବେଶି ବେଶି ଚିନି ଅକାଉଛି । ନ ଖାଇଲେ ସେ ନିଜେ ଉପାସ ରହୁଛି ।

ଏସବୁ ଖାଇବାକୁ ମୋ'ର ବି ପ୍ରବଳ ଆଗ୍ରହ ହେଉଛି । ଔଷଧ ତ ଖାଉଛି, ଡାକ୍ତର ତ ବହୁତ ଟଙ୍କା ନେଇ ମୋତେ ଦେଖି ପରଖି, କ'ଣ ଔଷଧ ଖାଇବ କହୁଛନ୍ତି । ଭଲ ଚିଜ ଖାଇବାକୁ ମନା କରିବାକୁ ସେ କିଏ ହୋ !

× × ×

ଗୋକୁଳ ଷଡ଼ଙ୍ଗୀ ମାଷ୍ଟ୍ରେ ତଥାପି ବେଣୁଧରଙ୍କୁ ବୁଝାଇ କଅଁଳେଇ କହିଲେ, 'ଶୁଣ, ଜିଭର ଲାଳସା ତ ମଣିଷର ଅମଳ ବଇରୀ । ଜିଭର ତଳକୁ ଖସିଗଲେ, ପେଟରେ ପଶିଲେ ଆଉ ସ୍ୱାଦ ରହେ ନାହିଁ । ନରକରେ ପରିଣତ ହୁଏ । ମଦାକୁ ବାହାରେ । ସେହି ଖାଦ୍ୟର ଗୁଣ ଅବଗୁଣସବୁ ରକ୍ତରେ ମିଶେ । ମସ୍ତିଷ୍କରୁ ଆରମ୍ଭ କରି ସାରା ଦେହରେ ରକ୍ତର ପ୍ରବାହରେ ଚହଟେ, ଗୁଣ ଅବଗୁଣ ପ୍ରକାଶେ ।

ତମେ ଜାଣିବା-ଶୁଣିବା ଲୋକ । ମୁଁ ଆଉ ଅଧିକ କ'ଣ ବୁଝାଇବ ? ହଉ, ଏଥର ଯାଅ—

ବେଣୁଧର କରଯୋଡ଼ି କହିଲେ, ଯେଉଁଥିପାଇଁ ମୁଁ ଏଠାକୁ ଆସିଥିଲି ସେ ବିଷୟ ଏତେବେଳଯାଏ କହି ପାରିନାହିଁ । ମୁଁ ବହୁତ ଭାବ-ବିଚାର କରି ସ୍ଥିର କରି ପାରୁନାହିଁ । ଆକୁଳର ବୋଉ ଦଳ ମୋ ମୁଣ୍ଡରେ କେତେଦିନ ହେଲା ଯେଉଁ ଭାବନା ଭରି ଦେଇଛି ସେତକ ମୋତେ ଅସ୍ଥିର କରିଛି । ଆଉ ସେହି ତ ମୋ ରକ୍ତ ଶୋଷି ନେଉଛି । ମୋ ମାଂସ ତରଳାଇ ଖାଉଛି ଆପଣେ !

ଦୁର୍ଲଭଙ୍କ ପରି କୋଟିକେ ଗୋଟିଏ ସୁଗୃହିଣୀଙ୍କର ଦୋଷ ଦେଲେ ମନ୍ତ୍ରଦ୍ରୋହୀ ହେବ ନାହିଁ ?

ତାଙ୍କର ଦୋଷ ଦେଉ ନାହିଁ । ସେ ଯେଉଁ ଉପଦେଶ ମତେ ଦେଲେ ମୁଁ ବିଚାର କରି ସ୍ଥିର କରି ପାରୁନାହିଁ । ପଞ୍ଚାୟତରେ ବସି ବାଦୀ-ପ୍ରତିବାଦୀଙ୍କ ଉକ୍ତି ଓ ସେମାନଙ୍କ ଗୁହା-ପ୍ରସଙ୍ଗ ଶୁଣି, ଆଲୋଚନା କଲେ ଠିକଣା ସିଦ୍ଧାନ୍ତ ମିଳିଯାଏ । ମୋ' ପ୍ରସଙ୍ଗ ଜଣକର ମୁହଁରୁ ବାହାରିଲା । ଅବଶ୍ୟ ତାଙ୍କର ପାଞ୍ଚମନ ସେହି ସଦ୍ଭାବ ଦୃଷ୍ଟିକୁ ଆଲୋଚନା କରିଛି । କିନ୍ତୁ କଥାଣ ଅଛି, ସ୍ତ୍ରୀ ବୁଦ୍ଧି ବୁଆଡ଼େ ପ୍ରଳୟ କରେ ।

Digitized by srujanika@gmail.com

'ଆଚ୍ଛା କୁହ ।'

ଗୋପାଳ ସାହୁ ମହାଜନଙ୍କୁ ଯେଉଁ ଜମି କଣ୍ଟକବଲରେ ବନ୍ଧକ ଦିଆ ଯାଇଥିଲା ତା'ର ବେଳ ସରିଆସିଲା । ଏବେ ଜମିର ମୂଲ୍ୟ ସେବେଳ ଅମଳର ମୂଲ୍ୟଠାରୁ ତିନିଗୁଣ ବଢ଼ିଗଲାଣି ।

ଷଡ଼ଙ୍ଗୀ ପ୍ରତିବାଦ କଲେ । କିଏ କହିଲା ତିନିଗୁଣ ? ମୋ ଜାଣିବାରେ ପାଞ୍ଚଗୁଣରୁ କମ୍ ନୁହେଁ । ତମେ ଜମିର କଲବାରି କାମରେ ଲାଗିଲ, ବାଲକ ବେଳରୁ ଅଧେ କଟିଲା ଗାଈ ବଳଦଙ୍କ କାମରେ । ହାଲିଆ ହୋଇ ମଲ୍ଲିକା ଝିଅଟିର ପାଠ ମାଗିକରି ତା' ମୁହଁରୁ ଅଧ୍ୟାୟ ଭାଗବତ ନୋହିଲେ ରାମାୟଣ ଶୁଣିଲ । ଅକାଳେ ସକାଳେ ସିନା କେବେ ପଞ୍ଚାୟତରେ ବସୁଛ ।

ଏସବୁ ଖବର କାହୁଁ ଯୋଗାଡ଼ କଲ ଆପଣେ ?

ତମ ଝିଅଟି ବୁଝିଆ ଯେ ପାଠ ପଢ଼ୁନାହିଁ । କାହିଁକଲେ ବୋଲି ପଚାରିବାରୁ ସେ କହିଲା,' ବାପାଙ୍କୁ ଗୋରୁଗାଈ କାମରେ ସାହାଯ୍ୟ କରିବ । ବୋଉକୁ ରୋଷେଇ କାମରେ ସାହାଯ୍ୟ କରିବ । ପୁଣି ପୁରାଣ ପଢ଼ି ଶୁଣାଇବ । ପଢ଼ିବାକୁ ମୋ'ର ବେଳ କାହିଁ ? ସହଳ ନ ଖାଇଲେ ପାଠବହି ଧରି ବସିଲେ ବୋଉ ରାନ୍ଧି ବସିଥିବ । ଚେମ୍ବୁ ଖାଇଦେଏ । ସେଇଠୁ ବହିଧରି ବସିଲେ ନିଦ ଘୋଟିଆସେ ।

ପଣ୍ଡାଏ କହିଲେ, ଝିଅ ସତ କହିଲା ମାଷ୍ଟ୍ରେ ! ଏହାର ସମାଧାନ କିପରି କରି ପାରିବ ? ଆଜିକାଲିର ବୋଉ ଯେଉଁ ବୁଦ୍ଧି ଦେଉଛି ମୋ' ମନକୁ ପାଉନାହିଁ । ସ୍ତ୍ରୀ ବୁଦ୍ଧି କୁଆଡ଼େ ପ୍ରଳୟ କରେ ବୋଲି ଆପଣ ମତେ ଦିନେ କହୁଥିଲେ ।—

ଷଡ଼ଙ୍ଗୀଏ ପଚାରିଲେ, ତମର ଘରଣୀ ଦୁର୍ଲଭ ସେ କାଳର ଘରଣୀ ନୁହନ୍ତି । ତାଙ୍କର ବିଚାର ବୁଦ୍ଧି ଉତ୍ତମ । ସେ କ'ଣ କହୁଥିଲେ ଶୁଣେ ?

କହୁଥିଲେ, ଆଜିକାଲିକୁ ଶୀଘ୍ର କୋଡ଼ିଏ ପୁରି ଏକେଇଶି ଚାଲିବ । ଠାକୁରେ ତାକୁ ଆୟୁଷ ଦିଅନ୍ତୁ । ଲୋକେ କହୁଛନ୍ତି ସେ କୁଆଡ଼େ ତେଇଶି ପଚିଶି ବର୍ଷର ଯୁଆନ ପରି ଦିଶୁଛି ।—

ଷଡ଼ଙ୍ଗୀ ମନ୍ତବ୍ୟ ଦେଲେ, 'ଦିଶୁଛି ତ ! କର୍ମିଷ୍ଠ ବଳିଷ୍ଠ ଯୁବକ । ରଙ୍ଗ ଫରସା ହେଲେ ବି ସେ ପସନ୍ଦିଆ ଦିଶେ ।'—

ଦୁଲୀ କହିଲେ—ଗୋଷ୍ଠେଇଁ, ସହର ବଜାରରେ ଝିଆଣୀମାନେ ଅଛନ୍ତି । ତା' ସଙ୍ଗରେ ତଳେ ଓ ଉପରେ କେତେ ଝିଅ କଲେଜରେ ପଢ଼ନ୍ତି । ସେ ଖେଳ କସରତରେ ନାମ କରିଛି । ତା' ନାମ କାଗଜରେ ଛପା ହେଉଛି । ପୁଅ କାହା କାହାର ନାମ କହେ ।—

Digitized by srujanika@gmail.com

ଷଡ଼ଙ୍ଗୀ ପଚାରିଲେ ସତେ ? ମୁଁ କେଉଁ ଖବର କାଗଜରେ ତା' ଛବି ଦେଖିଛି । ଝିଅଟିଏ ତା' ବେକରେ ଫୁଲମାଳ ଗଳାଉଛି । ସେ ତ' ମୁଣ୍ଡ ନୋଇଁଛି । ସେମିତି ଭଲ ଖେଳାଳୀଙ୍କୁ ସମ୍ମାନ କରାଯାଏ । ଖରାପ କ'ଣ ?

ସେ ଛବି ମୁଁ ଦେଖିଛି ଗୋଷ୍ଠୀ । ବାହାଦୁରୀ ଦେଖାଇବାକୁ ସେ ତା ବୋଉ ଆଗରେ ଗଦିଥିଲା । ତା' ନାମ ରୁନୀ, ରୁନୀ କି ମୁନୀ ଏମିତି କ'ଣ । କୁଆଡ଼େ ବାର ତେର ବର୍ଷର ଝିଅଟି ଆମ ମଣ୍ଡଳୀକା ପରିଳା ହେବ । ତା'ର କନେ ସାଙ୍ଗର ସାନଭଉଣୀ । ଜାତି ମଗଧା ଗଉଡ଼ । ହେଲେ ତା' ବାପା ଜଣେ ବଡ଼ ହାକିମ । ଢେଙ୍କାନାଳରୁ ଖାନ୍‌ଦାନ ।—

ଦୁଲୀ ଏସବୁ ଶୁଣି ଗୁମ୍‌ଖାଁ । ମୋ' ସଙ୍ଗରେ ଲଗାଇଛି । କହୁଛି ପୁଅର ଚିଳମନ, କେତେବେଳେ କ'ଣ ଥାଏ । ତା' ହାତକୁ ଦ' ହାତ କରିଦିଅ । ମୋତେ ବୋହୂଟିଏ ଆଣିଦିଅ ଯେ ତା ମନ ଘର ଧରିବ । ବୋହୂଟି ମତେ ସାହାଯ୍ୟ କରିବ ।

ଷଡ଼ଙ୍ଗୀ କହିଲେ, ଦୁଲୀ ଯାହା କହିଲେ ସେଇଆ କର । ମୁଁ ବି ତମକୁ ସେଇ ଉପଦେଶ ଦେଉଛି ।

ସେଇଆ ହେଲା । କିନ୍ତୁ ବାହାଘର ହେବା ଆଗରୁ ନେତ୍ରଧରଙ୍କର ଦେହର ଅବସ୍ଥା ଦିନୁଦିନ ଖରାପ ହେବାକୁ ଲାଗିଲା । ତାଙ୍କର ଚିକିତ୍ସାପାଇଁ ତାଙ୍କୁ ବାରମ୍ବାର ସହରକୁ ଯିବାକୁ ପଡ଼ିଲା । ଗଦାଏ ଖରଚ । ତଥାପି ସେ ଟିକିଏ ସୁସ୍ଥ ହୋଇ ଗାମକୁ ଆସିଲେ । —

ଅଧେ ଜମି ବିକି ଗୋପାଳ ସାହୁଙ୍କ କରଜ ଶୁଝି ଜମି ମୁକାଳିବା ପରି- ବର୍ତ୍ତିରେ ସେହି ମହାଜନଙ୍କୁ ସେ ବନ୍ଧକ ଦେଇଥିବା ଜମିକୁ ବନ୍ଦୋବସ୍ତ କରିବାକୁ ବାଧ୍ୟ ହେଲେ । ବେଶ୍ ଆଡ଼ମ୍ବରରେ ପୁଅର ପ୍ରତିବାଦ ସତ୍ତ୍ୱେ ତାକୁ ବାହା କରାଇ ପନ୍ଦର ବର୍ଷର ସୁବର୍ଣ୍ଣ ପ୍ରତିମା ବୋହୂ ଘରକୁ ଆଣିଲେ ।

× × ×

ବୋହୂଟିର ନାମ ସେବତୀ ।

ସତେ ସେ ସେବତୀ ଫୁଲଟିଏ । ଭଲ ରଙ୍ଗ । ସେ କର୍ମ-କୁଶଳୀ । ସ୍ୱାସ୍ଥ୍ୟ ଭଲ । ଗ୍ରେଡ଼ ଷ୍ଟାଫ୍ ଘରର ଝିଅ । ବେଶୀ ପାଠ ପଢ଼ିନାହିଁ । କିନ୍ତୁ ଲେଖିପଢ଼ି ଜାଣେ ।

ଭାଗ୍ୟରେ ଥିଲେ ଏପରି ଲକ୍ଷ୍ମୀରୂପିଣୀ ବୋହୂଟିଏ ମିଳେ । ଯାହା କହନ୍ତି ଲୋକେ ଶାଗ, ସେଇଆ । ଶାଶୁଙ୍କ ହାତରୁ ସବୁ ପାଇଟି ନେଇ ସେ କରେ । ନ ଜାଣିଲା କାମ ଶିଖେ ।

Digitized by srujanika@gmail.com

ଶଶୁରଙ୍କର ସେବା କରେ । କେଉଁ ଝିଏ ଏପରି କରିବ ? ନଣନ୍ଦ ମଲ୍ଲୀକଂକୁ ମଣେ ନିଜର ସାନଭଉଣୀ ପରି । ମଲ୍ଲୀ ତା ଠାରୁ ମୋଟେ ଦୁଇ କି ଅଢ଼େଇ ବର୍ଷ ସାନ । କିନ୍ତୁ ସେବତୀ ମଣେ ସତେ ଯେମିତି ସେ ଛଅ ସାତ ବର୍ଷର ଝିଅଟିଏ ।—

ତାକୁ ଯେ ସମ୍ପିମାନ୍ତି ଦଏ । ତା'ର ମୁଣ୍ଡ ବାନ୍ଧି ଦଏ । ମଲ୍ଲୀ ଗୁହାଳରେ ପଶିଲେ ସେ ତା' ହାତଧରି ଓଟାରିଆଣେ । ହସି ହସି କହେ, ସବୁ ଲୋକ ହେବ, ତମ ଶାଶୂଘରେ ଘିନା କରିବେ । ମୁଁ ଥାଉଁଥାଉଁ କାହିଁକି ତମେ ଏଠି ଗୋବରହାତ ହେବ ?

ସେ ବୋହୂର ଏମିତି ଢଙ୍ଗ । ଲେଟଣୀ ପାଉଛି ସବୁବେଳେ ହସହସ । ତା' ରୂପ ଓ ଗୁଣର ପ୍ରଶଂସା ଗାଁ-ସାରା ରହିଲା । ସେବତୀର ବାପ ସବଂଶ ଚଢ଼ୁଥିଲା ।

× × ×

ବେଶ୍ ପରଡ଼ାଏ ଅସୁସ୍ଥ ଅଛନ୍ତି ଜାଣି ଗୋକୁଳ ଷଡ଼ଙ୍ଗୀ ମାଷ୍ଟ୍ରେ ତାଙ୍କୁ ଦେଖିବାକୁ ଆସିଥିଲେ । ସେ ନିଜେ ବି ବୁଢ଼ା ହୋଇ ଗଲେଣି ।

ତାଙ୍କର ତିନୋଟି ପୁଅ ଯୋଗ୍ୟ ହୋଇ ବିଭିନ୍ନ କର୍ମରେ ନିଯୁକ୍ତ ପାଇ ଭିନ୍ନଭିନ୍ନ ସ୍ଥାନରେ ସେମାନଙ୍କର ପିଲାପିଲି ନେଇ ରହୁଛନ୍ତି । ବେଳେବେଳେ ଚିଠି ଖଣ୍ଡେ ଖଣ୍ଡେ ଦିଅନ୍ତି ।

ଷଡ଼ଙ୍ଗୀଏ ତେବେ ହସିହସି କହୁଥିଲେ, ବୁଝିଲ ପରଡ଼ାଏ, ପିଲା ତିନୋଟି ମୋ'ର ତିନୋଟି ରତ୍ନ । ଭଲ ପଢ଼ୁଥିଲେ । ଧୀରସ୍ଥିର, ଶାନ୍ତଶିଷ୍ଟ । ଭଲ ଭଲ ଚାକିରି କଲେ । ମୋଟା ଦରମା ପାଉଛନ୍ତି ।

ମୁଁ ଜାଣେ ନା ପରଡ଼ାଏ କି ଖର୍ଚ୍ଚ ସେମାନେ କରୁଛନ୍ତି । ପରସ୍ପରକୁ ସେମାନେ ସାହାଯ୍ୟ କରନ୍ତି କି ନାହିଁ ତେବେ କେବେ ଭୁଲ୍‌ରେ ମୋ' ପାଖକୁ ଏବେ ଟଙ୍କା ପଠାନ୍ତି ନାହିଁ ।

କୁଆଡ଼େ ତାଙ୍କୁ ଅଣ୍ଟୁନାହିଁ । କାହିଁକି ଜାଣ ?

ପରଡ଼ାଏ ବିସ୍ମିତ ହୋଇ ପଚାରିଲେ, କାହିଁକି ?

ଷଡ଼ଙ୍ଗୀଏ କହିଲେ ମୁଁ ଶୁଣିଛି ଯେ ମୋ'ର ନାତି ନାତୁଣୀମାନଙ୍କର ସଂଖ୍ୟା ଦ୍ରୁତ ଗତିରେ ବଢ଼ିଯାଉଛି । ଆଉ ସେମାନଙ୍କର ଭବିଷ୍ୟତର ଶିକ୍ଷା, ବାହା ବ୍ରତ ଇତ୍ୟାଦି ପାଇଁ ସଙ୍ଗେ ସଙ୍ଗେ ଯୋଜନା କରିବାକୁ ପଡ଼ୁଛି ।

Digitized by srujanika@gmail.com

ବେ ତୁମାନଙ୍କ ପାଇଁ ପୁଣି ନିଜର ସମ୍ମାନ ଅନୁରୂପେ ଉଚିତ ପ୍ରକାରେ ଆଧୁନିକ ଧରଣର ମୂଲ୍ୟବାନ୍ ଅଳଙ୍କାର, ଶାଢ଼ୀ ତ ନିହାତି ଆବଶ୍ୟକ । ଅଣ୍ଡିବ କାହିଁ ସେ ବାପ ମା'ଙ୍କର ଘିଣ୍ଡିରେ ଲୁଣ କିଣି ପକାଇବାକୁ ସେ କିଛି ପଠାଇ ପାରିବେ ?

ପରିଡ଼ା ଏ ନୀରବ ରହିଲେ । ସେ ରୋଗଶଯ୍ୟା ଉପରେ ଉଠି ବସିଥିଲେ । ମନେ ମନେ ନିଜକୁ ସାନ୍ତ୍ୱନା ଦେଉଥିଲେ ଯେ ତାଙ୍କ ପୁଅଟି ଏବଯାଏ ପାସ୍ କରିନାହିଁ । କେଉଁଠି ନିଯୁକ୍ତି ପାଇ ରୋଜଗାର କରି ନାହିଁ ।

ସେ ଅବସ୍ଥା ଆସିଲା ବେଳକୁ ସେ ନିଜେ ବଞ୍ଚିଥିବେ କି ନାହିଁ ସନ୍ଦେହ । ଆକୁଳବୋଉଙ୍କର ପେଟକୁ ମୁଠିଏ, ଦେହକୁ ଖଣ୍ଡେ ଅବଶ୍ୟ ମିଳିବ ।

ମନ କହିଲା ନାହିଁ ନାହିଁ, ଏ ଲକ୍ଷ୍ମୀ ବୋହୂଟି ମୋ'ର ମେବଗା; ଦୁଃଖୀ ରଙ୍କୀଙ୍କ ଦୁଃଖରେ ତା' ଆଖିରେ ଲୁହ ଛଳଛଳ ହୁଏ । ଶାଶୁ ଓ ଶଶୁରଙ୍କର ଦୁଃଖରେ ତା' ମନ ତଟିବ ନାହିଁ ?

ପଡ଼ୀଙ୍କୀ ତ ନିଜେ ଧନେ କହୁଥିଲେ । ପରିଡ଼ାଏ, ଜାଣିଥାଅ ନିଜର ପିଲାପିଚିକା ହେଲେ ଆଗ ଦୃଷ୍ଟି ତାଙ୍କରି ଉପରେ ପଡ଼େ । ସେଇଠୁ ଅନ୍ୟମାନେ । ବାପ ମା ସେହି ଅନ୍ୟମାନଙ୍କ ଭିତରେ ଆଗ ଆସନ୍ତି ।

ଭାବୁଥିଲେ ପରିଡ଼ାଏ, ଏହାତ ଅତି ସ୍ୱାଭାବିକ । ଅବଶ୍ୟ ତାଙ୍କର ଜୀବନରେ ଏପରି ସମସ୍ୟା ଆଗରୁ ଯେ ଆସି ନାହାନ୍ତି । ଆକୁଳର ଜନ୍ମର ଦୁଇବର୍ଷ ଆଗରୁ ତାଙ୍କର ପିତାମାତା ସ୍ୱର୍ଗବାସୀ ହୋଇ ସାରିଥିଲେ ।

ବୋହୂ ଦୁର୍ଲଭର ସେବା ସେମାନେ ଛଅକୋଟି ବର୍ଷ ପାଇଥିଲେ । ନାତିଟିଏ ପାଇବା ପାଇଁ ତାଙ୍କର ବୋଉ କେତେ ଦେବ ଦେବୀଙ୍କର ପୂଜା କରାଇଥିଲେ । କେତେ ମାନସିକ କରିଥିଲେ ।

ସେମାନଙ୍କର ମନକ ମନା ପୂର୍ଣ୍ଣ ହୋଇ ନଥିଲା । ଗୋଟିଏ ବର୍ଷ ଭିତରେ ଆଗ ତାଙ୍କର ବୋଉ, ସେଇଠୁ ତାଙ୍କର ବାପା ଡକାଡକ ହେଲା ପରି ବଦ୍ୟାଧାମକୁ ଗ୍ଲାଲି ଯାଇଥିଲେ ।

ସେମାନଙ୍କର ପୂଜା-ପ୍ରାର୍ଥନା ଓ ବ୍ୟାକୁଳ ମାନସିକର ଫଳ ଫଳିଥିଲା ଦୁଇଟି ବର୍ଷ ପରେ । ଆକୁଳ ଜନ୍ମ ହେଲା ।

ଆଉ ଗୋଟିଏ ସନ୍ତାନ ମନାସି, ହେଉ ପଛେ ସେ ଝିଅଟିଏ, ଆକୁଳବୋଉ କେତେ ପୂଜା ପ୍ରାର୍ଥନା କରିଥିଲେ । ଦେବତା ଓ ଠାକୁରାଣୀମାନେ ତାଙ୍କ ମନ କାମନା ପୂରଣ କଲେ । ସେ ବାଳବନ୍ଧ୍ୟା ହୋଇ ରହିଲେ ନାହିଁ । ମଞ୍ଜିକା ଜନ୍ମ ହେଲା ।

Digitized by srujanika@gmail.com

ଭାବୁଥିଲେ ରୋଗଣା ବେଣୁଧର, ସେ କ'ଣ ମଲ୍ଲପୁର ଗାଁର ପଣ୍ଡାକୁଳର ଆସନ୍ତା ପୁରୁଷର ଦାମ୍ବାଦର ମୁହଁ ନ ଦେଖି, କୁଆଁ ରଡ଼ି ନ ଶୁଣି ଏ ସଂସାରରୁ ବିଦାୟ ନେବେ କି ? ଦେହଟା ତ ଭଲ ରହୁନାହିଁ ?

ଡାକ୍ତର ଲେଖି ଦେଇଥିବା କେତେ ରଙ୍ଗର ବଟିକାଗୁଡ଼ିଏ ପୁଅ ସହରରୁ କିଣିଆଣି ଦେଇଥିଲା । ଦିନକୁ କେତେବେଳେ କେଉଁଥିରୁ କେଇଟି ଖାଇବାକୁ ହେବ ଲେଖିଦେଇ ଯାଇଥିଲା ।

କେତେ ଦିନ ସେ ଖାଇଥିଲେ । କିଏ ଏତେ ବେଳ ଜଗି ଖାଇବ ? ମନେ ରହୁଲା ନାହିଁ । ଓଲମ୍-ବଲମ୍ ହେଲା । ଭାବିଲେ ଏସବୁ ଅପେକ୍ଷା ନାରଣ-କବିରାଜଙ୍କ ବଟିକା ଭଲ । ସଞ୍ଜରେ ଗୋଟିଏ ତ ସକାଳେ ଗୋଟିଏ ।

ସେଇଆ ଚାଲିଛି । ଔଷଧ ଖୋଇବାର ଦାୟିତ୍ୱ ତାଙ୍କର ସୁନାବୋହୂ ସେବତୀ ନେଇଛି । ସେ ଭଲ ହେଉନ୍ତୁ ବା ନ ହେଉନ୍ତୁ ବଞ୍ଚିଛନ୍ତି ତ । ଖାଲି ସେଇ ବୋହୂଟି କୋଳରେ ନାତିଟିଏ ଦେଖିଲେ ମନକାମନା ପୂରଣ ହେବ । ସେଇଠୁ ··

ସଞ୍ଜ ହୋଇ ନଥାଏ । ଦାଣ୍ଡର ଢେଙ୍କା ଦେବଦାରୁ ଗଛ ଦିଓଟିର ମଥାନ ଉପରେ ତେଜସ୍ୱାନ ସୂର୍ଯ୍ୟ-କିରଣ ଦୋଳିତ ସବୁଜିମାକୁ ଝଟକାଉଥାଏ । ଖଣ୍ଡିଏ ଅଧଖୋଲା ଶପମସିଣା ଉପରେ ବସିଥିଲେ ବେଣୁ ପଣ୍ଡାଏ । ନୀରବରେ ସେ ଚାହିଁଲେ ।

ସାମାନ୍ୟ ଥରିଲା ହାତ ଦିଓଟି ଯୋଡ଼ି ମୁଣ୍ଡରେ ଲଗାଇଲେ । ମନେ ପଡ଼ିଲେ ଜେଜେ ବାପେ ସିଦ୍ଧ ପଣ୍ଡା । ସବୁ ସମ୍ପତ୍ତି ସେହି କରି ଯାଇଥିଲେ । ଗଛ ଦିଓଟି ସେହି ଲଗାଇଥିଲେ । ତାଙ୍କର ରୂପ କଣ ଥିଲା ମନେ ନାହିଁ । ବେଣୁଧର ପାଞ୍ଚ ବର୍ଷର ହୋଇଥିଲେ, ସେ ସେପୁରକୁ ଗଲେ ।

ବେଣୁଙ୍କର ବାପେ ବୁଦ୍ଧି ପଣ୍ଡା ବେଶ୍ ବଳିଷ୍ଠ ଲୋକ ଥିଲେ । ଲୋକଜନ-ପ୍ରିୟ । କର୍ମିଷ୍ଠ । ଉତ୍ତମ ଚାଷୀ । ସତାବନ ବର୍ଷରେ ସେ ଦେହ ଛାଡ଼ିଲେ । ଅଙ୍ଗୁଳିକୁ ଚାରି ପୁରି ପାଞ୍ଚ ଚାଲିଥିଲା । ସେ ତ ଏବେ କଳିଷଠା ଷାଠିଏ ପାହାଚକୁ ପାରହୋଇ ଆହୁରି ପାଞ୍ଚ ପାହୁଣ୍ଡ ଆଗେଇ ଗଲେଣି । ଟଳି ଟଳିକା । ଆଉ ଅଧିକ ଆଗେଇବେ ଏ ଆଶା କରିବେ କାହିଁକି ?

ମନ ଭିତରେ ଆଉ ଗୋଟିଏ ଆଶା ଅଳିକଳି ବିଧାନ କରୁଥା ବିଧିପାଖରେ; 'ମୋର ବିକଳ ଗୁହାରି ଶୁଣ କରତା । ଏ ମିଛମାୟା ସଂସାର ଛାଡ଼ି ଚମଣ ପାଖକୁ ଉଡ଼ିଯିବାକୁ ମୁଁ ପ୍ରସ୍ତୁତ । ଖାଲି ଏତିକି ମାଗୁଣି—ଏ ବଂଶର ଭବିଷ୍ୟତ୍ ବଂଶଧରଟିକୁ ଆଗ ମତେ ଥରେ ଦେଖାଅ । ସେଇଠୁ ମତେ ନିଅ ।'

× × ×

Digitized by srujanika@gmail.com

ଦୁର୍ଲଭ ଟିକିଏ ବ୍ୟସ୍ତ ହୋଇ ପଡାକୁ ଆସି କହିଲେ, ଶୁଣୁଛନ୍ତି ? ବୋହୁଟି ବାନ୍ତି କରି କରି ହାଲିଆ ହୋଇ ପଡ଼ୁଛି । ମଲ୍ଲୀ ଓଲମୀ ତାକୁ ଲୁଣ ପାଣିରେ କାଗଜି ଚମ୍ପୁଡ଼ି କେତେଥର ପେଇଲଣି । ଅଇ ରୋକିବ କିଏ ?

ବେଣୁଧର ଟିକିଏ ଚିନ୍ତାକରି କହିଲେ, କାହିଁକି ଏପରି ହେଲା ? ଅତି ଅଧିକ ସ୍ନେହରେ ପିଲାଟାକୁ ତଣ୍ଟି ଯାକେ ଗିଳାଇଥିବ । ପାଖରେ ବସି ଗେହ୍ଲାପିଲା ପରି ଯେତିକି ଲୋଡା ତାଠାରୁ ଅଧିକ ଗିଳାଇଲେ ଫଳ ଏଇଆ ହୁଏ । ମଲ୍ଲୀ ଝିଅ ଯେ ଯେ ତମର କଥା ଏଡ଼ି ଦେଇ ପାରିବ ? ଯେବଣ ବୋହୂଟାର -- ।

ତାଙ୍କ କଥାରେ ପ୍ରତିବାଦ କରି ତାଙ୍କୁ ଆଉ ଅଧିକ କୁହାଇ ନ ଦେଇ ଦୁଲା କହିଲେ, ହେଉ ସେତିକି କହୁଥା, ମୋ କଥା ଆଗ ଶୁଣ । ମୁଁ ଯାହା ସପନ ଦେଖିଥିଲି ସେତକ ସତ ଫଳିଲା । ମୁଁ ଯାହା ଅନୁମାନ କରୁଥିଲି ସେଇଆ ହେବ । ତମର ନାତି କି ନାତୁଣୀ ହେବ ମ ! ବୋହୂର ମାସ ଗଡ଼ୁଛି ।

ବେଣୁଧର ଖୁସି ହୋଇ କରଯୋଡ଼ି କପାଳରେ ଲଗାଇଲେ । ଦେବଦାରୁ ଗଛ ଦୁଇଟିର ଦୋଳିତ ମଥାକୁ ଚାହିଁ କହିଲେ ମନେ ମନେ—ଶୁଣିଲତ ଜେଜେ ? ତମେ ତ ସ୍ୱର୍ଗପୁରବାସୀ । ଏ ପୁରକୁ ଫେରିଆସିବାର ଆଗ୍ରହ ନଥିବ ।

ଅତନାତି ହୋଇ ଫେରିଆସି ତମରି ବଂଶକୁ ଆର୍ଥିକ ଦୁର୍ଗତିରୁ ରକ୍ଷା କରିବାକୁ ପୁଣି ଫେରି ଆସୁଥିବେ ମୋର ବାପା ବୁଦ୍ଧି ପରିଡ଼ାଏ ।

ବେଣୁଧର ମୁହଁ ଖୋଲିଲେ, ଶୁଣିଲି, ଜାଣିଲି । ଅବଶ୍ୟ ଫେରି ଆସୁଥିବେ ମୋ' ବାପା, ତମ ଶଶୁରେ । କେବେ ସେ ଆସିବେ ଦୁଲା ?

ଦୁର୍ଲଭ ଉତ୍ତର ଦେଲେ, ଠାକୁରେ କଲେ ଆଉ ପାଞ୍ଚମାସ ପରେ ସେ ଆସିବେ । କବିରାଜଙ୍କଠାରୁ ଔଷଧ ଆଣିବା ଲୋଡ଼ା ନାହିଁ । ସେ ନିଜେ ଆସି ଥରେ ନାଡ଼ି ଦେଖନ୍ତୁ । ସବୁକଥା ମୋ'ଠାରୁ ଶୁଣନ୍ତୁ । ସେଇଠୁ ସେ ଯାହା କହିବେ ହେବ ।

ବେଣୁ ପରିଡ଼ାଏ କହିଲେ, ଟଙ୍କା ପାଞ୍ଚୋଟି ଆଗ ତାଙ୍କ ବଟୁଆରେ ନ ପଡ଼ିଲେ ସେ ପାଦେ ଚଂକିବେ ନାହିଁ ।

ଦୁର୍ଲଭ କହିଲେ ମତେ ଜଣାଅଛି । ପଇସାଟି ଆଗ ବଟୁଆରେ ନ ପଡ଼ିଲେ ତାଙ୍କର ବଟୁଆମାନଙ୍କରୁ ଔଷଧ ବି ବାହାରିବ ନାହିଁ । ନିଅ ଏ ପାଞ୍ଚଟଙ୍କା ତାଙ୍କ ଆସିବା ପାଉଣା । ଔଷଦ ଦେଲେ ପଇସା ଏଇଠି ଦେବ ।

କବିରାଜ ବାମନ ଆଚାର୍ଯ୍ୟ ଗୋରା ତକତକ ଗୋଲ ଗାଲିଆ ମୋଟାହାତିଆ ମଣିଷ । ଚନ୍ଦା ମୁଣ୍ଡ, ଲମ୍ବ ଲମ୍ବ ଗୋଞ୍ଜିଆ ଧୋବ ଫରଫର ନିଶ ଓ ଦାଢ଼ି । ତିନକୋଡ଼ି ତେର ବର୍ଷର ପୋଖତ ମଣିଷ । ପାଟିରେ ଦାନ୍ତ ନାହିଁ । ଆଜିଯାଏ ସେ

Digitized by srujanika@gmail.com

ନଇଁ ନାହାନ୍ତି ତଥାପି ହାତରେ ତାଙ୍କୁ ଉଚ୍ଚର କଣ୍ଠା-ବାଉଁଶର ଠେଙ୍ଗା ଧରନ୍ତି । ଦୁଇ କାନରୁ ଓହଳଥାଏ ଦଉଡି ବନ୍ଧୁଖୋପିଆ ଔଷଧ ବଟୁଆ ।

ସେ ଆସିଲେ । ବୋହୂ ସେବତୀର ନାଡ଼ି ଦେଖିଲେ । ଆଖି ପରଖିଲେ । ଶାଶୂ ଦୂର୍ଲଭଙ୍କର ମୁହଁରୁ ସବୁ ସମାଚାର ଶୁଣିଲେ । ଖୁସି ହୋଇ କହିଲେ, 'ତମେ ଜାଣିବା ଶୁଣିବା ଘରଣୀ ହୋଇ ଏତେ ବ୍ୟସ୍ତ ହେଉଛ କାହିଁକି ? ଗ୍ଲାନିଆଁ ହେଉଛ କାହିଁକି ? ତମେ ଜେଜେମା ହେବାକୁ ଯାଉଛ । ଏତକ କଣ ବୁଝିପାରୁନା ?'

କୌଣସି ଔଷଧ ଲୋଡା ହେବ ନାହିଁ । ଅଇ ଉଠାଇଲେ ମହୁପାଣିରେ ଅଳ୍ପ କାଗେଜ ଲେମ୍ବୁ ରସ ଦେଇ ଅଳ୍ପ ଅଳ୍ପ ପିଇବାକୁ ଦଅ ।

ଏଇ ବଟିକା ରଖିଥାଅ । ବେଶି ବାନ୍ତି କଲେ ଏଥିରୁ ଗୋଟିଏ ମହୁରେ ଘୋରି ଚଟାଇ ଦେବ ।

ଆୟୁର୍ବେଦ ବିଦାୟ ନେଲେ । ସଞ୍ଜ ହୋଇଥିଲା । ଦୁଇଘଡ଼ି ଅନ୍ଧାର ପରେ ଜହ୍ନ ଉଠି ଆସୁଥିଲା । ତଥାପି ବେଣୁଧର ନଳଟଣ ଓ ଠେଙ୍ଗାଧରି କବିରାଜଙ୍କୁ ତାଙ୍କର ଘରେ ଛାଡ଼ିବାକୁ ଗଲେ ।

ସେମାନେ ଆଖି ଆଗରୁ ଅଦୃଶ୍ୟ ହେଲା ପରେ ଦୂର୍ଲଭ ଦାଣ୍ଡର ଦାରଣ୍ଡା ଉପରେ ତଳେ ମୁଣ୍ଡ ଲଗାଇ ପ୍ରଣତ ହେଲେ । ମନେ ମନେ ଦେବତାମାନଙ୍କ ପାଖରେ ଜଣାଣ କଲେ ।

ଆୟୁର୍ବେଦଙ୍କର ଋଣ ସୁ-ଋଣ ହେଉ ଠାକୁରମାନେ ! ବିକଳ ହୋଇ ଜଣାଣ କରୁଛି ସେବତୀକୁ ପୁଅଟିଏ ଦଅ । ଠାକୁର ଠାକୁରାଣୀ ମାର୍ଜନ କରାଇବି । ଶ୍ରୀରାମ ଜନମ ପାଲା କରାଇବି । ବାଲଲୀଳା ମଉଛବ କରାଇବି ।

× × ×

କୀର୍ତ୍ତାଗୁଡ଼ିକର ପ୍ରତିଯୋଗିତାରେ ଯୋଗ ଦେବାକୁ ଆକୁଳର ବହୁ ସମୟ ନଷ୍ଟ ହୋଇଥିଲା । ତହିଁରେ ପୁଣି ପିତାଙ୍କର ଦେହର ଦିନୁଦିନ ଅବନତି ପାଇଁ କେବଳ ଶନିବାର ନୁହେଁ ଅନ୍ୟ ଦିନମାନଙ୍କରେ ଔଷଧ ନେଇ ଗ୍ରାମକୁ ଆସିବାକୁ ପଡ଼ିଲା । ତାଙ୍କୁ ବଳଦଗାଡ଼ିରେ ଦୁଇଥର ଓ ଥରେ ଶଗଡ଼ରେ କଟକ ଆଣିବାକୁ ପଡ଼ିଲା ।

ବିଶେଷଜ୍ଞମାନେ ଦେଖିଲେ । କଣ କରିବାକୁ ହେବ ଓ କି ଔଷଧ କେତେବେଳେ ସେବନ କରିବାକୁ ହେବ ତାହା କାଗଜରେ ଲେଖି ଦେଲେ । ସେମାନଙ୍କର ଉମର ଆର୍ଥିକ ଅବସ୍ଥା ସଙ୍ଗରେ କୌଣସି ସମ୍ବନ୍ଧ ନାହିଁ । ଏହି ଆକୁଳାନନ୍ଦ ବି. ଏ.

Digitized by srujanika@gmail.com

ଚତୁର୍ଥ-ବର୍ଷର ଛାତ୍ର ଯେ ତାର ସ୍କୁଲ୍ ଓ କଲେଜର ଜଣେ ମେଧାବୀ ଛାତ୍ର ଆଉ ବିଖ୍ୟାତ ଖେଳୁଆଡ଼ ଏକଥା ବିଶେଷଜ୍ଞମାନେ ବିଚାରକୁ ନେବେ ନାହିଁ । ସେମାନେ ତାଙ୍କର ନିର୍ଦ୍ଧାରିତ ପାଉଣା ନିଶ୍ଚୟ ନେବେ ।

ନେଲେ ମଧ୍ୟ । ତେବେ ଖେଳୁଆଡ଼ ଆକୁଳାନନ୍ଦକୁ ଯେଉଁମାନେ ଜାଣିଥିଲେ ତାକୁ ପ୍ରଶଂସା କରିଥିଲେ । କୃତକୃତ୍ୟ ହୋଇ ଆକୁଳ ପ୍ରସ୍ତୁତ ହୋଇ ରୁଗ୍‌ଣ-ପିତାଙ୍କ ସଙ୍ଗେ ବିଦାୟ ନେଇଥିଲା । ତା ପରେ ଔଷଧ-ଦୋକାନ ।

ଟଙ୍କାର ଚିନ୍ତା ତା ମନରେ ଆଗରୁ କେବେ ପଶି ନଥିଲା । ମଝିପୁର ଟ୍ରାମରେ ବସିନେ ନରେନ୍ଦ୍ରଲାଲରେ ଦୁର୍ଲଭ ପୁଅକୁ ପାଖକୁ ଡାକି କହିଲେ—"ବାପରେ, ଗୁଡ଼ଘର ପିମ୍ପୁଡ଼ି ଖାଇଗଲାଣି ବୋଲି ଯେଉଁ କଥନ ଅଛି ଆମର ସେଇଆ ହେଲାଣି ।"

କାହିଁକି ଏପରି କହୁଛନ୍ତି ?

ତୁ ମନଦେଇ ଶୁଣ । ତେବେ ମୁଁ ଯାହା କହିବି ସବୁ ଧୀର ସ୍ଥିର ହୋଇ ଶୁଣିବୁ । ତୋ ବାପା ସବୁ ଜାଣନ୍ତି । ସେ ଆମର ପ୍ରକୃତ ଅବସ୍ଥା ଅନୁମାନ କରି ହତାଶ ହୋଇ ପଡ଼ୁଛନ୍ତି । ତାଙ୍କ ମନର ବଳ ଫେରାଇ ଆଣିବାକୁ ମୁଁ ତୋ'ର ଭରସାରେ ତାଙ୍କୁ ସାହସ ଦେଉଛି ।—

ସେ ବୁଝୁଛନ୍ତି । ପୁଣି ବୁଝୁ ନାହାନ୍ତି । ସେତିକି ତାଙ୍କ ମନକୁ ବେଶି ଖରାପ କରୁଛି । ମୁଣ୍ଡ ବୁଲାଉଛି । ଉଠି ଦୁଇପାଦ ଚାଲିଲା ବେଳକୁ ଟଳ ଟଳ ହେଉଛନ୍ତି ।

କେଉଁଠୁ କଣ୍ଟିଆ ଜମି ମାଣେ କିଣି ଗୋପାଳ ସାହୁ ମହାଜନକୁ ତା ଟଙ୍କା ଦେଇ ଜମି ମୁକୁଳାଇଥାନ୍ତେ । ସେତକ କଲେ ନାହିଁ । ଜମିତକ ସାହୁ କଚେରିରେ ନିଲାମ କରାଇ ତା ଶଳାର ନାମରେ ଧରାଇ ଜାଣି ଆପଣାର କଲା—

କଣ୍ଟିଆ ଜମି ମାଣକ କାହାକୁ ନ ପଚାରି ଆଉ କାହାର କୁ-ଶିକ୍ଷାରେ ପଡ଼ି ବିକିଦେଲେ । ତୋତେ ଜଣାଇଲେ ନାହିଁ । ତୁ ବା କ'ଣ କରି ପାରନ୍ତୁ । ତାଙ୍କର ବିକଳ ଅବସ୍ଥା, ବୋର୍ଡ଼ିଂର ପୋଖରୀଘର ପାଇଁ କଟକରୁ ଡାକ୍ତରଣୀ ଆଣିବା ଖରଚ ହେଲା । ଅନ୍ୟ ଖରଚ ତ ହେଲା । ଆଉ ଏବେ ବି ସେଥିରୁ ଯାହା ଅଳ୍ପ ବାକି ଅଛି, ସେଇ ତୋର ପାଠପଢ଼ା ପୁଣି ପରୀକ୍ଷା ପାଇଁ ଏକାଥରେ ଯେଉଁ ଟଙ୍କା ନେଲୁ, ସେଇଥିରେ ।—

ଆକୁଳର ହଲକ ଶୁଖିଲା । ସେ ତା ବୋଉଙ୍କର କଥାରେ କୌଣସି ମନ୍ତବ୍ୟ ନ ଦେଇ କେଉଁ ଅକ୍ଷମଣୀୟ ଦୋଷ କଲାପରି ତାଙ୍କ ମୁହଁକୁ ଚାହିଁ-

Digitized by srujanika@gmail.com

ରହିଲା । ଶୁଣିଲି, ତା ବୋଉ ପୁଣି କହୁଛନ୍ତି, ହଠାତ୍ ତୋ ମୁହଁଟି ଏମିତ ଶୁଖିଗଲା କାହିଁକି ?

ତୁ ହତାଶ ହଅନା । ତୋତେ ଟଙ୍କା ଯୋଗାଇବାକୁ ଆମରୁ ବର୍ଷକ ଚଳନ୍ତମାନଅଁ ରଖି ବାକିତକ ଧାନ ବିକିବି । ନଅଣ୍ଟ ହେଲେ ମୋର ସୁନା ନାକଚଣା, ଫୁଲଗୁଣା ଆଉ ହରଡ଼ଫାଳିଆ ହାରଟିକୁ ବି ବିକି ତତେ ଟଙ୍କା ଯୋଗାଇବି । ତୋ ବାପାଙ୍କ ଚିକିତ୍ସାପାଇଁ ଧନ ସେଇଥିରୁ ଚଳିବ । ନଅଣ୍ଟ ହେଲେ ମୋ ରୁପା ଗହଣା ବି ବିକି ହେବ ।

'ବାପା ତୋର କହୁଛନ୍ତି, ଷଡ଼ଙ୍ଗୀ ମାଷ୍ଟ୍ରେ ବି କହୁଥିଲେ ତୁ ନିଶ୍ଚେ ଗୋଟାଏ ବଡ଼ ହାକିମ ହେବୁ । ତୁ ଯେମିତ ଭଲ ଗୁଟ, ବୃତ୍ତି ପାଇ ପାଇ ଗଲୁ; ସେମିତ ଏଇ ଶେଷ ପରୀକ୍ଷାରେ ଭଲକଲେ ତୁ କୁଆଡ଼େ ବଡ଼ ହାକିମଟାଏ ହବୁ, ମୋଟା ଦରମା ପାଇବୁ ।'—

ତୋ ଭଉଣୀ ମଲ୍ଲୀକାକୁ ତେରବର୍ଷ ଚାଲିଛି । ସତର ବର୍ଷ ନ ପୁରିଲେ ତାକୁ ପରଘରକୁ ପଠାଇବା ନାହିଁ । ତୁ ବଡ ହାକିମ ହୋଇଥିବୁ । ମୋଟା ଦରମା ପାଉଥିବୁ । ତାକୁ ତୋର ସମାନସ୍କନ୍ଧ ପାତ୍ର ହାତରେ ତୁ ନିଶ୍ଚୟ ଦେବୁ । ତୋ ରୋଗଣା ବାପଙ୍କର ସେହି ଆଶା ।

ସେ ତ ଅଚଳ ହେଲେରେ ଧନ ! ଅପାରଗ ହୋଇ ସେ ଆଉ କ'ଣ କରି ପାରିବେ ।

ତୁଇ ଏକା ଭରସା । ଠାକୁର ଠାକୁରାଣୀମାନଙ୍କ ପାଖରେ ମୋର ଏତିକି ମାଗୁଣି ଯେ ସେ ତତେ କୋଟି ପରମାୟୁ ଦିଅନ୍ତୁ ।

× × ×

ଆଗରୁ ସେ ଯାହା ଭାବିଥିଲା, ଯେଉଁ ଆଶଙ୍କା କରୁଥିଲା ତାହାହିଁ ଘଟିଲା । ସେ ଅନର୍ସ ପାଇଲା ନାହିଁ । ବିଶ୍ୱବିଦ୍ୟାଳୟ ଯାହାହେଉ ତାକୁ ବି.ଏ. ପାସ କରାଇ ଦେଇଥିଲେ । କିଏ ହେବ କି ଦୁଃଖ କରିବ ?—

ଖେଳରେ ସେ ଛାତ୍ର-ଜୀବନରେ ବହୁ ସମ୍ମାନର ଅଧିକାରୀ ହୋଇଥିଲା, ପ୍ରଶଂସା ବି ଶୁଣିଥିଲା । ପାଠରେ ନ ହେଲା ନାହିଁ ।

ଖେଳରେ ପାଇଥିବା ପ୍ରଶଂସାପତ୍ର ଗୁଡ଼ିକ, ମେଡ଼ାଲ୍ ଓ କପ୍‌ଗୁଡ଼ିକ ଗୋଟିଏ ଟ୍ରଙ୍କରେ ବନ୍ଦ କରି ସେବତ ରଖିଛୁ । ଆଉ, ମୁଁ ଦିନେ ଖେଳାଳୀ ଥିଲି ବୋଲି ବି ମୋପର ପୁଅଟି ବଡ଼ ହେଲେ ଦେଖିବ, ଜାଣିବ । କେଜାଣି କେଉଁଠି ଚାକିରି ଖୋଜିଲେ, ନିଯୁକ୍ତିକର୍ତ୍ତା ଦେଖିଲେ ଟିକିଏ ସହାନୁଭୂତିଶୀଳ ହେବେ ।

Digitized by srujanika@gmail.com

ତାର ବାପାଙ୍କ କଥା ମନେ ପଡ଼ିଲା । ସେ ବଞ୍ଚି ରହିଥିଲେ ପୁଅ ତାଙ୍କର ପାସ କରିଛି ଜାଣି କେଡ଼େ ଖୁସି ହୋଇଥାନ୍ତେ । ସବୁ ଅଭାବ ଅସୁବିଧା ସତ୍ତ୍ୱେ ଦୁର୍ବଳ ସ୍ୱାସ୍ଥ୍ୟ ସତ୍ତ୍ୱେ ଟଳି ଟଳି ହୋଇ ତାକୁ ପଢ଼ାଯାକ ଭୁଲ୍ ପ୍ରସ୍ତୁତ କରିଥାନ୍ତେ ।

ଦେଖିବ ରହୁ, ଟିକିଏ ସବୁର କର । ପୁଅ ମୋର ହାକିମ ହେବ । ଗସ୍ତ ଲେଖିବ । ବହୁତ ଧନ ଭେଟିବ । ନୋହିଲେ ହେବ ମନ୍ତ୍ରୀ ଫନ୍ତ୍ରୀ ନ ହେଲେ ଏମ୍‌ଏଲ୍‌ଏ । ଯୋଜନା କରିବ । କାମ କରାଇବ ଅବା ନିଜେ କରିବ ଠିକାରେ, ଅନ୍ୟ କାହାଦ୍ୱାରା, ବୃଟ୍ କାରେ ।—

ବୋହୂ ସେବତୀ ମୋର ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗାଙ୍କ ଫେଣ୍ଟଣି । ଆଗରୁ ପୁଅ ଦେଲା, ସେଇଠୁ ସ୍ୱାମୀକୁ ବିଦ୍ୟା । ପୁଣି ହାକିମ କି ମନ୍ତ୍ରୀ କି ଏମ୍.ଏଲ୍.ଏ. କରି ହାତରେ ଶକ୍ତି କରିମତ ଠୁଳ କରିବ । ଗୁରୁ ଗୋପାଳ ସାହୁ ମାହାଜନ ମୋ ସୁନାଥାଳ ଜମି ନିଲାମ କରାଇ ଧରିଛି ବେନାମୀ, ନିଜର ଶଳା ନାମରେ । ଏଥର ମୋ ପାରଙ୍ଗମ ପୁଅ ହାତରେ ଗୋପାଳ ସାହୁକୁ ପାଣି ପିଆଇବ । ହକ ଦାମ୍ ନେଇ ସାହୁପୁଅ ମୋ ଜେଜେଙ୍କ ଅର୍ଜିତ ସେ ସମ୍ପତ୍ତି ମୋ ନାଁ-ବାଳକ ନାତି ବିକଳାକୁ ଫେରାଇବ ।—

ଭାବୁଥିଲା ଆକୁଳାନନ୍ଦ, ତାର ବାପା ବଞ୍ଚିଥିଲେ ସେ ଯେପରି ଆନନ୍ଦରେ ଆକାଶ କୁସୁମ ତୋଳିବା କଥା ଭାବୁଥାନ୍ତେ ସେହି ସମ୍ଭାବନା ତା ମନକୁ ଆସୁଛି ।—

ସେ ସ୍ୱର୍ଗପୁରରେ । ଗ୍ରାମରେ ହତଜ୍ଞାନ ହୋଇ ପଡ଼ିବାରୁ କବିରାଜ ବାମନ ଆଚାର୍ଯ୍ୟଙ୍କ ଉପଦେଶ ମତେ ତାଙ୍କୁ ଆକୁଳାନନ୍ଦ ଶବାଗାରେ ସହରକୁ ନେଇଥିଲା । ବଡ଼ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାହେଲା । ମାତ୍ର ତିନୋଟି ଦିନ ପରେ ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କର ମହାପ୍ରସ୍ଥାନ ହୋଇଥିଲା ।—

× × ×

ପରିଡ଼ା ବଂଶର ସବୁ ସୁଖ ଦୁଃଖର ଦାୟିତ୍ୱର ବୋଝ ଆସି ଲଦି ହୋଇଗଲା ଆକୁଳାନନ୍ଦର ମୁଣ୍ଡରେ । ବୈଧବ୍ୟଠାରୁ ବଳି ଆଉ ବଡ଼ ଦୁଃଖ, କୁଳୀନ ବଂଶର ବଧୂ, ସେ ଯେତେ ବୟସର ହୁଅନ୍ତୁ । କିଛି ନାହିଁ ।—

ଶୁଦ୍ଧିଘର ସରିବାଯାଏ ଦୁର୍ଲଭ ପ୍ରାପ୍ତ ବିଛଣାଲାଗି ହୋଇ ପଡ଼ିଥିଲେ । ପୁଅ, ବୋହୂ, ଝିଅ ବା କି ସାନ୍ତ୍ୱନା ଦେଇ ପାରନ୍ତେ ? କେବଳ ଛଅ ସାତ ମାସର ନାତିପିଲାର ତକଲ ରଡ଼ି ତାଙ୍କର ଦୁଃଖ ଦୂର କଲା ନାହିଁ ଯେ, ସେ

Digitized by srujanika@gmail.com

ବଂଶର ଉଜ୍ଜ୍ୱଳ ଭବିଷ୍ୟକୁ ଟଳମଳ କରିବାର ସମ୍ଭାବନାର ଛନକା ତାଙ୍କୁ ଘୁନିଆ କରିଥିଲା, ବିଛଣାରୁ ଓଟାରି ଆଣିଥିଲା ।

ମାସ ନ ପୂରୁଣୁ ସେ ସ୍ୱାଭାବିକ ହେଲେ । ଧନ୍ୟ କହିବ ତାଙ୍କର ଧୈର୍ଯ୍ୟକୁ ! ସେ ମନ ଦୃଢ଼କଲେ ।

ପୁଅକୁ ପାଖକୁ ଡାକି ବୁଝାଇ କହିଲେ. 'ମରି ନାହିଁ ମୁଁ, ବଞ୍ଚିଛିରେ ଧନ, ଠାକୁରେ ମତେ ବଞ୍ଚାଇ ରଖିଛନ୍ତି, କେବଳ ତମରି ମା'ନଙ୍କର ସେବା କରିବାକୁ । ଶୁଦ୍ଧିଘରରେ ବହୁତ ଧନ ବ୍ୟୟ କଲୁ । ଗ୍ରାମବାସୀ, ସାହିଭାଇଏ ଧନ୍ୟଧନ୍ୟ ପ୍ରଶଂସା କରୁଛନ୍ତି ।—

'ହଉ, ଯେଉଁମାନେ ବଡ଼ିମା କରି କହୁଛନ୍ତି, ସେମାନେ ଆମର ଅଭାବ ଅନଟନ ଓ ଭବିଷ୍ୟତ କଥା ବୁଝିବେ ନାହିଁ । ସେମାନେ ତତେ ସର୍ବନାଶିଆ ପରାମର୍ଶ ଦେଲେ, କହିଲେ । ମୋ କାନରେ ବାଜୁଛି । ତୁ କେବେ ସିନା ବଡ଼ ଅଫିସର, ଜଜ୍ କଲଟର୍ ହେବୁ ଯେ ଟଙ୍କା ଗଣି ରଖିବାକୁ ସେବଙ୍କୁ ଡର ମିଳିବ ନାହିଁ, ଏବେ ତ ସମସ୍ତେ ଆମେ ଦୁର୍ଗତିରେ ପଡ଼ିବା ।

'ତୋ ବାପା ତାଙ୍କ ଜୀବନରେ ଗୁଣ୍ଠେ କି ବିଶ୍ୱାଏ ଭୂମି କିଣି ନାହାନ୍ତି । ତାଙ୍କରି ଦାତାକର୍ତ୍ତା ପଣ ପାଇଁ, ଆଉ ତୋ ପାଠପଢ଼ାର ଖର୍ଚ୍ଚ ତୁଲାଇବାକୁ ବନ୍ଧକ ଜମି ନେଲା ସାହୁ ମହାଜନ । ଆଉ, ତୁ ମାଲିକ ହେବା ସଙ୍ଗେ ସଙ୍ଗେ ବାପର ଶୁଦ୍ଧିଘରପାଇଁ କଣ୍ଠିଆର ପାଳଜମି ବିକିଲୁ ।—'

'ଆଉ ଗୋଟିଏ ମହାଜନ ତୋ ମୁଣ୍ଡରେ ବୋଝ ହୋଇ ବସୁଛି । ସେ ବଡ଼ହୋଇ ଆସୁଛି । ଆଖି ପିଛୁଡ଼ା ପଡ଼ିଲା ପରି ବୟସ ଗଡ଼ିଯିବ ।

ମଲ୍ଲୀକୁ ବର୍ଷ କେଇଟି ପରେ ପରଘରକୁ ବିଦା କରିବୁ । ପଚିଶ ନ ହେଲେ ପାଞ୍ଚ ତ ଖର୍ଚ୍ଚ କରିବୁ ।—

ତୋର ଏଇ ଆଠମାସର ପୁଅ, ଠାକୁର କଲେ ମୋ' ସୁଲକ୍ଷଣା ସୁନା ପିତୁଳା ବୋହୂର ଆଉ ଚାରି ପୁଅ ଓ ଦୁଇ ଝିଅ ହେବେ ବୋଲି, ତା ହାତ ଦେଖି ଜ୍ୟୋତିଷୀ କହିଛି ।

'ତୁ ଗୋଟିଏ ବଡ଼ ଅଫିସର ନ ହେଲେ, ମନ୍ତ୍ରୀ ଫନ୍ତ୍ରୀ କି, ଏମେଲେ ନ ହେଲେ ଟଙ୍କା ଓଟାରିବୁ କେମିତି ଯେ ଭଲ ବର, ଭଲ ଘର ଦେଖି ତୋ ଝିଅମାନଙ୍କୁ ଉଠାଇବୁ ? ତୁ ସହରକୁ ଯାଇ ସରକାର ଘରେ, ଅବା ଆଉ କେଉଁଠି ଚାକିରି ଖଣ୍ଡିଏ ଯୋଗାଡ଼ କରିନେ ।

Digitized by srujanika@gmail.com

ମୁଁ ଗୃହବାସର ବ୍ୟବସ୍ଥା କରିବ । ମତେ ସେବାରେ ସାହାଯ୍ୟ କରିବ ! ବିକଳାଙ୍କୁ ମାଛି ଖେଳାଇବ । କୁଆଟି ତାକୁ ଆଦର ଗଲାଣି । ପିଲାର କେଉଁ କାମ କେତେବେଳେ କପଟ କରିବାକୁ ହୁଏ, ଦେଖି ଦେଖି ଶିଖି ଗଲାଣି । ଖାଲି କ୍ଷୀର ଶୋଷିବାକୁ ମନ ହେଲେ, ସେ ତା ବୋହୂକୁ ଖୋଜୁଛି, ନଇଲେ ନାହିଁ ।—

ଗୃହ ଗାଈ ମୋର, ଯାହା ଲୋକେ କହନ୍ତି କାମଧେନୁଟିଏ । ଘର ସୁଧର । ମୁଁ, ବୋହୂ, ଅବା ମାଛି ତା ମୁଣ୍ଡ ଆଉଁସି, ଗୃହର ଗେହ୍ଲେଇ ଝିଅ ରଡ଼ଣାକୁ ଆଗ କେଇକଲ ଶୋଷାଇ ଗୃହର ଦେହରେ ବାନ୍ଧଲେ ହେଲା । ଗୃହ ତା ଝିଅକୁ ଗେହ୍ଲାରେ ଚାଟୁଥିବ, ଆଉ ମାଛି ତାକୁ ଠଁ ଠଁ କରି ଦୁହୁଁଥିବ ।

ତୁ ଯେଉଁ କୁକୁର ଛୁଆଟି ସହରରୁ ଆଣିଥିଲୁ, ତା' ନାଁ ଦେଇଥିଲୁ ଜନ୍, ସେ ତ ସତେ ଯେମିତ ସବୁବେଳେ ସବୁଠେଇଁ ଭ୍ରମୁଥାଏ । ବଡ଼ଟିଏ ତ ହେଲାଣି ସେ କୁକୁରଟିଏ, ଆମର ଘରେ ବା ବାଡ଼ିରେ କାହାକୁ ସେ ପୂରାଇ ଦିଏ ନାହିଁ ।

ଜନ୍ ଭୋକ ଭୋକ କମ୍ପାଇ ଦିଏ । ଜଣାଇ ଦିଏ ଯେ କିଏ ଜଣେ ଆଇଲା । ତା' ପାଟି ଡରରେ ଗାଈଗୋରୁ, ଛେଳିମେଣ୍ଢା ଅବା ହନୁପଲ ଆମ ବାଡ଼ିଭିତରେ ପଶି ପାରନ୍ତି ନାହିଁ । ମୁଣ୍ଡ ଆପଡ଼ା, ଦେହ ଆଉଁସା, ଆଉ କପେ କ୍ଷୀରରେ ସେ ବଶ ।--

ଗୋକୁଳ ଷଡ଼ଙ୍ଗୀ ଗ୍ରାମର ମଧ୍ୟ ଇଂରାଜୀ ବିଦ୍ୟାଳୟର ହିତାକାଂକ୍ଷୀ ପ୍ରଧାନ ଶିକ୍ଷକ ଆଉ ଅଳ୍ପ କେତୋଟି ମାସ ପରେ ଅବସର ନେବେ । ତାଙ୍କର ପାଦଧରି ଓଳଗି ହୋଇ ଆକୁଳାନନ୍ଦ ତା ମାତାଙ୍କର ଉପଦେଶ କଥା 'କହିଲା । ପରାମର୍ଶ ମାଗିଲା ।

ଷଡ଼ଙ୍ଗୀ କହିଲେ, ଠିକ୍ ଉପଦେଶ ସେ ଦେଲେ । କହିଲେ, ମୁଁ ଅବସର ନେଲେ ମଧ୍ୟ ଏହି ଗ୍ରାମରେ କିଛୁକାଳ ରହିବ । ଘରୋଇ ଶିକ୍ଷକ ଭାବରେ ପିଲାଙ୍କୁ ଘରେ ପଢ଼ାଇ କିଛି ଉପାର୍ଜନ କରିବାକୁ ଚେଷ୍ଟା କରିବ ।—

ପଣ୍ଡିତମାନେ ପୂର୍ବରୁ କହି ଆସିଛନ୍ତି 'ଆଳସ୍ୟ ହେଉଛି ମଣିଷମାନଙ୍କର ମହା ଶତ୍ରୁ । ପାଶ୍ଚାତ୍ୟ ଦେଶର ବୁଦ୍ଧିମାନ ପଣ୍ଡିତମାନଙ୍କର ବଚନ ହେଉଛି, ଅଳସୁଆ ମଣିଷର ମସ୍ତିଷ୍କ ସେ ସୈତାନର କାରଖାନା ।—'

'ପୁଣି, ଆମର ଶାସ୍ତ୍ରଜ୍ଞ, ଅଭିଜ୍ଞ ପଣ୍ଡିତମାନଙ୍କର ମତ ଯେ ଉଦ୍ୟମ ବିନା କେବେ ମନୋରଥ ପୂରଣ ହୁଏ ନାହିଁ, ଶୋଇଥିଲା ସିଂହର ପାଟି ଭିତରେ ଆସି କ'ଣ ମିରଗ ପଶିଯିବ ? ତାକୁ ସେ ଅବଶ୍ୟ ଧରିବ ।—

'ତୋ ବୋଉ ଠିକ୍ କହିଛନ୍ତିରେ ଆକୁଳ ! ସହରକୁ ଯା । ଚାକିରି ଖଣ୍ଡେ ପାଇବାକୁ ଚେଷ୍ଟାକର । ବଡ଼ ଚାକିରି ନ ମିଳିଲେ ଗ୍ରେଟରୁ ଗ୍ରେଟ, ଦୃଷ୍ଟି ଓଲ୍ଟାଇ

Digitized by srujanika@gmail.com

ଅଣିରୁ ସବା ତଳକୁ । ଚିନ୍ତା ନାହିଁ । ଯୋଗ୍ୟତା ଅଛି । ପୁଣି, ପାହାଚ ପାହାଚ ଉପରକୁ ଉଠି ସବା ଉପରେ ବସିବାକୁ ବେଶୀ ଡେରି ଲାଗିବ ନାହିଁ ।

ଜୀବନ କ୍ଷେତ୍ରରେ କିପରି ଉପରକୁ ଉପରକୁ ଉଠିବାକୁ ହୁଏ ତୁ ବଳେ ସେ ଉପାୟ ଜାଣିଯିବୁ ଯେ, ମନ୍ତ୍ର ବି ଶିଖିଯିବୁ ।—

ଆକୁଳାନନ୍ଦ କରଯୋଡ଼ି ପଚାରିଲା, 'ପରୀକ୍ଷାରେ ତ ଭଲ କଲି ନାହିଁ, ଚାକିରି ଖଣ୍ଡେ ମିଳିଯିବ ବୋଲି କେଉଁ ଭରସା ଅଛି ଆଜ୍ଞା ! ପାଠପଢ଼ି ବହୁତ ମୋ' ପରି ପାସ୍ କରି ଚାକିରି ନ ପାଇ ବେକାର ହୋଇ ବୁଲୁଛନ୍ତି ।'—

ଷଡ଼ଙ୍ଗୀଏ ସାନ୍ତ୍ୱନା ଦେଇ କହିଲେ, 'ହତାଶ ନ ହୋଇ ଚେଷ୍ଟା କର । ତୋ କଥା ସ୍ୱତନ୍ତ୍ର ରେ ବାବୁ, ତୁ ଜଣେ ବିଖ୍ୟାତ ଖେଳୁଆଡ଼ । ଖବରକାଗଜରେ କେତେଥର ତୋ'ର ପ୍ରଶଂସା ବାହାରିଛି । ଫଟୋ ବି ଛପା ହୋଇଛି । ରଖିଥିବୁ । ମୁଁ ରଖିଛି । ଲୋଡ଼ାହେଲେ ମୋ' ପାଖରୁ ନେଇଯିବୁ ।—

ମୁଁ ଆଶୀର୍ବାଦ କରୁଛି, ତୋର ଉଦ୍ୟମ ସଫଳ ହେଉ । ତୋ'ର ଭବିଷ୍ୟତର ଉନ୍ନତି ହେଉ । ଖେଳରେ ମାତି ତୋର ଛାତ୍ରଜୀବନରେ ଶେଷଆଡ଼କୁ ଟିକିଏ ଅବନତି ଘଟିଲା । ତେବେ, ଚିନ୍ତା ନାହିଁ । ତୁ ବହୁ ଅଭିଜ୍ଞତା ଲାଭ କରିଛୁ । ଦୁଃଖ ବି ସହିଛୁ ।—

ମୁଁ ଜାଣେ, ତୁ ତୋ'ର ବୁଦ୍ଧି ବିବେକ ଓ ଖେଳୁଆଡ଼ ପଣରେ ସଂସାରର ଝଡ଼ଝଞ୍ଜାକୁ ପିଠେଇ ବଡ଼ମଣିଷ ହେବୁ, ଏଇ ଆଶୀର୍ବାଦ ମୁଁ କରୁଛି ।

× × ×

ପ୍ରଣତ ହୋଇ ଷଡ଼ଙ୍ଗୀଙ୍କର ପାଦ ସ୍ପର୍ଶ କରି ଆକୁଳି ବିଦାୟ ନେଇ ତା'ର ମାତାଙ୍କ ପାଖକୁ ଆସିଲା । ତାଙ୍କର ମୁହଁକୁ ଅନାଇଁଲା ।—

ଆଜିଯାଏ ସେ ଲକ୍ଷ୍ୟ କରି ନ ଥିଲା । ତା'ର ସ୍ନେହମୟୀ ଜନନୀ ଏଇ କେତୋଟି ମାସରେ କେଡ଼େ ଦୁର୍ବଳ ହୋଇ ଯାଇଛନ୍ତି । ତଥାପି ତାଙ୍କର ମଳିନ ଓଠରେ ହସ ଚହଟିଲା ।—

ସେହି କର୍ତ୍ତବ୍ୟନିଷ୍ଠା ମାତା ତା'ର ମଙ୍ଗଳ ମନାସି ସଞ୍ଜ-ସଳିତା ପରି ତିଳତିଳ କରି ନିଜକୁ ଜଣାଇ ଦେଉଛନ୍ତି । ସେ ସଜ ହେଉଛି ସେମାନଙ୍କୁ ଛାଡ଼ି ସହରକୁ ଯିବ କର୍ମ ସନ୍ଧାନରେ ।

Digitized by srujanika@gmail.com

ମା' ତା'ର ଆଶାୟୀ । ତାଙ୍କର ପୁଅ ବଡ଼ ଚାକିରି କରିବ, ବହୁତ ଟଙ୍କା ଆଣିବ । ସେଇଥିରେ କେବଳ ଅଭାବ ମେଣ୍ଟିବ ନାହିଁ ସେ ତା'ର ପରିଅଜା-ଅମଳର ସବୁ ସମ୍ପତ୍ତି ସେ ଫେରାଇ ଆଣି ପାରିବ । ନୂଆ ନୂଆ ସମ୍ପତ୍ତି କିଣିବ । ଖଣ୍ଡମଣ୍ଡଳରେ ପରିଡ଼ା ବଂଶର ବଡ଼ପଣ ପ୍ରସାରିତ ହେବ ।—

ଆକୁଳ ଚାହିଁକି ଉଠିଲା । ଦୃଷ୍ଟି ବୁଲାଇଲା । ଆଖିରେ ପଡ଼ିଲା ଆଗରେ କବାଟକୁ ଆଉଜି ଠିଆହୋଇଛି ତା'ର ଗେହ୍ଲା ଭଉଣୀ, ତେର-ଚଉଦ ବର୍ଷର ଭଉଣୀ, ମଞ୍ଜୀ । କାଖରେ କୋଡ଼ରେ କରି ସୁନ୍ଦରିଆ ଥାକୁଲିଆ ପିଲାଟିକୁ ସେ କେତେ ଗେଲବସର କରିଥିଲା । କେଡ଼େ ଧନ୍ଦିଆ ଦିଶୁଛି ! ତା' ଆଖିରେ ଆଗ୍ରହ ।

ଆଉ, ଟିକିଏ ଦୂରରେ ପୁଅକୁ କାଖେଇ ମଝିଘରର ପାହାଚ ପାଖ, ସାତଶେଣିଆଁ ଚୁଳାଘରର ଗୋଟିଏ ମାଙ୍କଡ଼ାପଥର ଖୁଣ୍ଟକୁ ଆଉଜି ଠିଆ ହୋଇଛି ହସ ହସ ମୁହାଁ ସେବତୀ ।

ଷଡ଼ଙ୍ଗୀଙ୍କ ସଙ୍ଗେ ଆଲୋଚନାର ସାରାଂଶ ସେ ସମସ୍ତଙ୍କୁ ଶୁଣାଇଁ ଦେଲା । ଅତି ବିନୀତ ହୋଇ କହିଲା, 'କାଲି ରାତି ଭୋରରୁ ଉଠି ମୋ ସାଇକଲରେ ମୁଁ ସହରକୁ ଯିବି । ସେଇଠି ମୁଁ କେତେଦିନ ରହି କେଉଁଠି ନିଯୁକ୍ତି, ବୋଇଲେ ଚାକିରି ବାକିରି ଖୋଜିବି ।—

ଅନେକ ଲୋକଙ୍କୁ ମୁଁ ଚିହ୍ନେ । ସେମାନଙ୍କ ମଧ୍ୟରେ ବଡ଼ବଡ଼ିଆ ବି କେତେ ଅଛନ୍ତି । ସେମାନେ ନିଶ୍ଚୟ ମତେ ସାହାଯ୍ୟ କରିବେ । ମତେ ମୋ' ଯୋଗ୍ୟତା ପ୍ରକାରେ ଚାକିରି ଯୋଗାଇ ଦେବେ ।—

ଦୁର୍ଲଭ କହିଲେ, 'ତୋ ଇଚ୍ଛା ପୂରଣ ହେଉ । ଠାକୁରମାନଙ୍କ ପାଖରେ ମୁଁ ମାନସିକ କରିବି । ଠାକୁରାଣୀମାନଙ୍କୁ ମାର୍ଜ୍ଜନା କରାଇବି । ଚାକିରି ନ ମିଳିବ କେମିତି ? ସେମାନଙ୍କ ମହିମାର କ'ଣ ଅପମାନ କରାଇବାକୁ ସେମାନେ ଭଲ ପାଇବେ ?

'ତୁ ଏଣେ ଯାହା କରିବାର କରୁଥା ବୋଉ । ସହରରେ ଖରଚ କରିବା ପାଇଁ ମୋ'ର ଅନ୍ତତଃ ପଚାଶଟି ଟଙ୍କା ଲୋଡ଼ା ହେବ । କେତେଦିନ କେଉଁଠି ରହିବି ଜାଣେ ନାହିଁ ତ, ସେଉଁଠି ରହି ମୁଁ ପଢ଼ୁଥିଲି ସେଠାରେ ଆଉ ରହି ହେବ ନାହିଁ । କେଉଁଠି ଭଡ଼ାଘରେ ରହି ହୋଟେଲରେ ଖାଇବାକୁ ପଡ଼ିବ ।'

'ତେବେ ରେ ପୁଅ ପଚାଶଟି ଟଙ୍କା ତ ଅଣ୍ଟିବ ନାହିଁ । କୋଳଥ ଓ ମାଣ୍ଡିଆ ବିକି ମୁଁ ଟଙ୍କା ଦେଢ଼ଶହ ରଖିଛି । ତୁ ଶହେଟି ଟଙ୍କା ନେଇଯା ।'

Digitized by srujanika@gmail.com

'ପଚିଶ ଟଙ୍କାରେ ମୋର ଚଳିବ । ଅଧିକ ଲୋଡ଼ା ହେଲେ ମୁଁ ବଳେ ଆସି ନେଇଯିବି । ବାଟ ଦଶକୋଶ ତ, ମତେ କୋଡ଼ିଏ ପାହୁଣ୍ଡ ପରି ଲାଗିବ, ମୋ' ପାଇଁ ତୁ ଚିନ୍ତା କରନା ।'

କା'ହ କା' ନ ସ୍ୱରୂପ ଆକୁଳାନନ୍ଦ ତା'ର ଶ୍ରେଷ୍ଠ ପୁଟୁଳାଟି ସାଇକେଲ ପଛରେ ବାନ୍ଧି ସମସ୍ତଙ୍କ ପାଖରୁ ବିଦାୟ ନେଲା । ସେ ସିଧା ବନ୍ଧରାସ୍ତାରେ ଶୂନ୍‌ଗାଡ଼ରେ ଅଦୃଶ୍ୟ ହେବାଯାଏ ସେମାନେ ଚାହିଁ ରହିଥିଲେ ।—

✕ ✕ ✕

ଯେଉଁ ଛାତ୍ରାବାସରେ ରହି ସେ ଗୃଟେସ୍ଟି ବର୍ଷ କଟାଇଥିଲା ତା'ର ନାମ 'ସାଥୀ-ନିବାସ' । ସହରର ପଶ୍ଚିମ ଭାଗର ମଝିଆମଝି ଏହା ଅବସ୍ଥିତ । ଗୋଟିଏ ପୁରୁଣା ମନ୍ଦିରର ମେଘନାଦପାଚୀରି ଘେରାଇ ରହିଛି ଯେଉଁ ବଡ଼ ଆମ୍ବତୋଟା ଓ ବିଶାଳକାୟ ଅନ୍ୟାନ୍ୟ ମଥାନକୁଆଁ ଗଛପୂର୍ଣ୍ଣ ବଗିଚାକୁ ତା'ର ଅପର ପାର୍ଶ୍ୱରେ . . .

ମନେହୁଏ ଯେପରି ବହୁବର୍ଷ ପୂର୍ବେ ଯେବେ ସେହି 'ରାଧାଶ୍ୟାମ' ମନ୍ଦିର ଓ ତା'ର ସଂଲଗ୍ନ ମଠଟି ସହରର ଶେଷ ପ୍ରାନ୍ତରେ ଥିଲା । କାଳକ୍ରମେ ସହରଟି ବଢ଼ି ବଢ଼ି ଏହାକୁ ମଧ୍ୟସ୍ଥଳ କଲାଣି ।

ପାଚୀରିର ସମ୍ମୁଖରେ ତା'କୁ ଲାଗି ବଡ଼ ରାସ୍ତା ଓ ତା'ର ଅପରପାଖରେ ଘରମାଳ, ଦୋକାନ ବଜାର, ବିବିଧପ୍ରକାର ଯାନବାହାନର ରାତଅଧଯାଏ ଚଳାଚଳ, ଗୀତ, ବାଦ୍ୟ, କନ୍ଦଳ, ପାଟିତୁଣ୍ଡ । ଅଶାନ୍ତ ଅସ୍ଥିର ପରିବେଶ ।—

ସେହି ରାସ୍ତାଟି ବାହାରିଛି ମନ୍ଦିର ଓ ମଠ ଏବଂ ତାକୁ ଲାଗିଥିବା ଅରଣ୍ୟକୁ ଘେରାଇଥିବା ବିଶାଳ ଅଧ ତାଳଗଛ ଉଞ୍ଚ କେଉଁ କାଳର ପଥର ପାଚୀରି ଘେରା ସ୍ଥଳର ସମ୍ମୁଖର ଗହଳ ଚହଳ ବଡ଼ ରାସ୍ତାକୁ ।

ଛକ ପାଖରୁ ପ୍ରାଚୀର କଡ଼ ରାସ୍ତାରେ ପ୍ରାୟ ତିରିଶ ପାହୁଣ୍ଡ ଆଗେଇଗଲେ, ବାମହାତ ପଟେ 'ସାଥୀ-ନିବାସ'—କଣ୍ଟାବାଡ଼ଘେରା ଜମି ଚାରି ଗୁଣ୍ଠର ଗୋଟିଏ ପାଖରେ ଟୋଲା ସାତବଖୁରିଆ ଘର ଅନ୍ୟ ଧାଡ଼ିରେ ଟୋଲା ଖପର ଛାଉଣି ଘର ଓ ତା'ର ଚୌଡ଼ା ବାରଣ୍ଡା ।

ସେହି ଘର ଧାଡ଼ିରେ ବାମ ଓ ଡାହାଣ ଦୁଇପାର୍ଶ୍ୱରେ ପ୍ରାୟ ଦଶହାତ ଛାଡ଼ି ଶ୍ରେଷ୍ଠ ଶ୍ରେଷ୍ଠ ଦୁଇ ବଖୁରିଆ ଆଉ ଦୁଇ ଧାଡ଼ି ଘର । ସେଗୁଡ଼ିକ ରୋଷଘର ଓ ଷ୍ଟୋରଘର ପାଇଁ ଉଦ୍ଦିଷ୍ଟ ।

Digitized by srujanika@gmail.com

ମଝିଆମଝି ଅଞ୍ଚଳରେ ପକ୍କା ଚଉତରା ଉପରେ ଛାତ୍ରଏ ଉତ୍ସବ ପାଳିକଲ । ପକ୍କା କାନ୍ଥଦ୍ୱାରା ବେଢ଼ାହୋଇ ଦୁଇଟି ସ୍ୱତନ୍ତ୍ର ଗାଧୁଆଘର । ଉପରେ ଛାତ କି ଛପର ନାହିଁ ।

ଖଣ୍ଡେଦୂର ଛୁଙ୍କ ଗୁଡ଼ାଏ ସେପ୍ଟିକ୍ ପାଇଖାନାର ବ୍ୟବସ୍ଥା । ସେହି ପାଇଖାନା ବ୍ଲକ୍‌ର ସମ୍ମୁଖରେ ପୁରୁଣାକାଳିଆ ପଥରନନ୍ଦର କୂଅ । ଅଳ୍ପ ଦୂରରେ ଗାଧୁଆ କୁଣ୍ଡ ଓ ଚଟାଣ ।

ଏହି ପରିବେଶରେ ୪ର୍ଥ ପ୍ରକୋଷ୍ଠରେ ତା'ର ଗୃବେଷ୍ଟି ବର୍ଷ କଟିଥିଲା । ଏଠାରେ ଯେ କେବଳ ଛାତ୍ର ରହନ୍ତି ତାହା ନୁହେଁ, ସରକାରୀ ଅଫିସ, ବିଭିନ୍ନ ବ୍ୟବସାୟ ଅନୁଷ୍ଠାନରେ କାମ କରୁଥିବା କିରାଣୀ, ଓକିଲ ମୋହରିରଙ୍କର ପାଖରେ ଥାଇ ମଣ ହେଉଥିବା ଶିକ୍ଷା-ନବିସ୍ ଇତ୍ୟାଦି ।

ମହନ୍ତ ମହାରାଜଙ୍କର ଜଣେ ଚେଲାଙ୍କ ଦାୟିତ୍ୱରେ ଥିଲା ଏ ରହଣୀଘର । ସେ ବୁଦ୍ଧିମାନ୍ ଓ ବନ୍ଧୁରବନ୍ତ ବ୍ୟକ୍ତି ଥିଲେ । ଛାତ୍ରମାନେ ଯେଉଁ ଘରେ ଅବସ୍ଥାନ କରୁଥିଲେ ସେଠାରେ ଅନ୍ୟଶ୍ରେଣୀର ଲୋକଙ୍କୁ ରହିବାର ସୁଯୋଗ ଦିଆ-ଯାଉ ନ ଥିଲା ।

ପ୍ରତ୍ୟେକ ବ୍ୟକ୍ତି ରାଧାଶ୍ୟାମ ଠାକୁରଙ୍କୁ ଭଡ଼ା ବାବଦ ପ୍ରଣାମୀ ମାସ ପନ୍ଦରଟି ଟଙ୍କା ଦେଉଥିଲେ । ସେଇ ପ୍ରସାଦ ଦରିଦ୍ର ନାରାୟଣଙ୍କୁ ବିତରଣ କରାଯାଏ । ଛାତ୍ରମାନେ ତା'ର ପ୍ରଥମ ସୁଯୋଗ ପାଆନ୍ତି । ସେମାନେ ସନ୍ଧ୍ୟାର ଆରତି ସମୟରେ ସଂକୀର୍ତ୍ତନରେ ଯୋଗ ଦିଅନ୍ତି ।

× × ×

ଆକୁଳାନନ୍ଦର ସର୍ବପ୍ରଥମେ ତା'ର ଜଣେ ସହାଧ୍ୟାୟୀ ଜୀବନାନନ୍ଦ ସଙ୍ଗେ ଭେଟ ହେଲା । ସେ ଅତି ଆଗ୍ରହର ସହ ଆକୁଳାନନ୍ଦକୁ ନିଜେ ରହୁଥିବା କୋଠରୀକୁ ନେଇଗଲା । ନିଜର ତକ୍ତପୋଷ ଉପରେ ବସାଇ କହିଲା, ତମେ ଭାଗ୍ୟବାନ୍ ! ବର୍ଷସାରା ଖେଳକସରତ କରି, ତମ ଗ୍ରାମକୁ ବାରମ୍ବାର ଧାଇଁ ମଧ୍ୟ ତମେ ବି: ଏ: ପାର୍ଟଟି ପାଶ ହୋଇଯାଇଛ । ଆଉ ମୁଁ ଓ ଅନ୍ୟ ତିନିଜଣ ବନ୍ଧୁ ଯେଉଁମାନେ ଦିନରାତି ବହି ଘୋଷୁଥିଲୁ, ବି: ଏ: ପାର୍ଟ ପାଶହୋଇ ପାରିଲୁ ନାହିଁ ।—

ଆକୁଳାନନ୍ଦ କହିଲା ନରି, ବୃନ୍ଦାବନ ଓ ରବି ? ଏମାନେ ରାତିସାରା ପଢ଼ୁଥିଲେ ? ସଂକୀର୍ତ୍ତନରେ ହାତଟେକି, 'ଜୟ ଆମାଦେର ରାଧାରମଣ' କହି ବହୁତ ନାଚୁଥିଲେ । ମହନ୍ତ ମହାରାଜଙ୍କର ଆଶୀର୍ବାଦ ନେଇ ପରୀକ୍ଷାରେ ବସିଥିଲେ ?

Digitized by srujanika@gmail.com

ଜୀବନାନନ୍ଦ କହିଲା, ସେମାନେ ମୋ'ପରି ପୁଣି ଫେରି ଆସିବେ । ଲସ୍ସ ଲଗାଇବେ । ପଢ଼ିବେ, ପରୀକ୍ଷା ଦେବେ । ନିଶ୍ଚୟ ପାସ୍ କରିବେ ।—

'ମୁଁ ବି ସେଇଆ କରିବି । ମହନ୍ତବାବା ସାନ୍ତ୍ୱନା ଦେଇଛନ୍ତି । ଇତ୍ୟବସରରେ କୌଣସି ଉପାୟରେ ନିଯୁକ୍ତିଯୋଗାଣ ଅଫିସ୍‌ରେ ମୋ ନାମଟିକୁ ମୁଁ ରେଜିଷ୍ଟ୍ରୀଭୁକ୍ତ କରାଇ ନେଇଛି । ମୁଁ ପରୀକ୍ଷା ଦେବାକୁ ପୁଣି ପଢ଼ୁଛି । ତେଣେ କେଉଁଠି ଚାକିରି ପାଇଁ ବି ଚେଷ୍ଟା କରୁଛି, ଅର୍ଥାତ୍ ଦରଖାସ୍ତ କରୁଛି ।—

ଆକୁଳାନନ୍ଦ କହିଲା, 'ମୁଁ ବି ସେଇଆ କରିବି ଜୀବନ । ଏ ମଧ୍ୟରେ ମୋ'ର ଟାଣପଣ ଭଗବାନ୍ ଭାଙ୍ଗି ଚୂରମାର୍ କରି ଦେଇଛନ୍ତି । ମୋର ପିତାଙ୍କର ମରଣ ମୋର ଅଣ୍ଟା ଭାଙ୍ଗି ଦେଇଛି । ବି.ଏ ରେ ଅନର୍ସ ନ ପାଇବା ଘଟଣାଟି ମୋ ମୁଣ୍ଡରେ ବଜ୍ରାଘାତ କରିଛି । ମୋର ମୁଣ୍ଡ ନୁଆଁଇଛି । ଟାଣପଣ ଭାଙ୍ଗିଛି ।

ମୋ ମୁଣ୍ଡରେ ବିରାଟ ବୋଝ । ବିଧବା ଦୁଃଖିନୀ ଅଶ୍ରୁମୁଖୀ ବୋଉ । ଚଉଦ ବର୍ଷର ବଢ଼ିଲା ଭଉଣୀ । ସ୍ତ୍ରୀ ଓ ଛୋଟ ପୁଅ । କେଉଁଠି ଚାକିରି ବାକିରି ନ କଲେ କିମ୍ବା ରୋଜଗାର ନ ହେଲେ ଚଳିବ କିପରି ? ଜମିର ଉତ୍ପନ୍ନରେ ସଂସାର ଚଳିବା କଷ୍ଟ ।

ଜୀବନାନନ୍ଦ କହିଲା, ମୋର ସମସ୍ୟାବଳୀ ତୋଠାରୁ ଜଟିଳ । ତେବେ ତାକୁ ସମାଧାନ କରିବାକୁ ଅନ୍ୟମାନେ ଅଛନ୍ତି । ଫେଲ୍ ହେଲି, ସେଥିକି ମୋର ଦୁଃଖ ନାହିଁ । ପୁଣି ପରୀକ୍ଷା ଦେବି । ପାସ୍ କରୁଥିବାଯାଏ ପରୀକ୍ଷା ଦେଉଥିବି ଓ ଏଣେ ଚାକିରି ପାଇଁ ଚେଷ୍ଟା ଚଳାଇଥିବି । ଖର୍ଚ୍ଚ କରୁଥିବି ।

ପରୀକ୍ଷା ଚିନ୍ତା ତ ତୋ'ର ନାହିଁରେ ଆକୁଳ, ଆଗରୁ 'କର୍ମ ସଂସ୍ଥାନ' ସଂସ୍ଥାରେ ନାମ ତାଲିକାଭୁକ୍ତ କରାଇ, ଗୋଟାଏ ନମ୍ବର ପାଇବାକୁ ଚେଷ୍ଟାକର । ବେଶ୍ କଷ୍ଟସାଧ୍ୟ । ଧରା ଧରି, ଖର୍ଚ୍ଚାନ୍ତ ବ୍ୟାପାର । କାଲି ମୋ ସଙ୍ଗରେ ସେହି କାର୍ଯ୍ୟାଳୟକୁ ଚାଲ ।—

ଆଜି ସନ୍ଧ୍ୟାରେ ରାଧାଶ୍ୟାମଙ୍କର ଆରତି ବେଳେ ମଠକୁ ଚାଲ । ଦର୍ଶନ କର । ମହନ୍ତ ମହାରାଜଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ତାଙ୍କର ପଦସ୍ପର୍ଶ କରିବୁ । ସେ ଆଶୀର୍ବାଦ କରିବେ । ସବୁ ଠିକ୍ ହୋଇଯିବ ।—

'କଲେଜରେ' ପାଠ ଘୋଷି ପାସ୍ କରିବା, ଅବା ଫେଲ ହେବା ଅନେକ ପରିମାଣରେ ନିଜ ଉପରେ ନିର୍ଭର କରେ । ଗୋଟାଏ ଆକସ୍ମିକତା ବି ହୋଇ ପାରେ କିନ୍ତୁ ଚାକିରି ଖଣ୍ଡିଏ ଯୋଗାଡ଼ କରିବା, ଏବେ ପାଠୁଆଙ୍କ ପକ୍ଷରେ କାଠିକର ପାଠ । ସାତ ସେଣାରେ ପାଣି ଉଠେ । ପ୍ରତି ସେଣା ପାଖରେ ଭୋଗ ଲଗାଇବାକୁ ପଡ଼େ !

Digitized by srujanika@gmail.com

ଆକୁଳାନନ୍ଦ ଜୀବନାନନ୍ଦର ଠାରଖଣ୍ଡା ବୁଝିଲା । ସେ ବିଚାରିଲା, ଜୀବନ ଓ ତା ଭିତରେ ଅବଶ୍ୟ ତଫାତ୍ ଅଛି । ଜୀବନଙ୍କୁ ଚିହ୍ନନ୍ତି ବା କେତେ ଜଣ ? କିଣ ତା'ର ବିଶେଷତ୍ୱ ଅଛି । ସେ – ଆକୁଳାନନ୍ଦ ବିଦ୍ୟା ପାଇଁ ନୁହେଁ, ଅବିଦ୍ୟା ପାଇଁ ଅର୍ଥାତ ଖେଳ କସରତ୍ ପାଇଁ ସର୍ବଜନ ପରିଚିତ ।

ଯେଉଁ କର୍ମଚାରୀମାନେ ନିଯୁକ୍ତି-ସଂସ୍ଥାର କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି, ସେମାନେ ନିଶ୍ଚୟ କେବେ ପଡ଼ିଆରେ ଖେଳ ଦେଖିଥିବେ; ଉତ୍ସାହିତ କରିବାକୁ କରତାଳି ଦେଇଥିବେ । ସେ ପୁରସ୍କୃତ ହେବା ବେଳେ, ତା' ବେକରେ ଫୁଲମାଳ ଝୁଲାଇଲା ବେଳେ ମଧ୍ୟ ସେଇଆ କରିଥିବେ ।

ମୋର କାମ ସୁରୁଖୁରୁରେ ନ ହୋଇ ଯିବ କୁଆଡ଼େ ? ଆକୁଳାନନ୍ଦ ଏହି-ରୂପେ ଜୀବନାନନ୍ଦକୁ ବୁଝାଇ ଦିଅନ୍ତେ ଜୀବନ ତା'ର ବଡ଼ପଣ ସ୍ୱୀକାର କଲା । ତଥାପି କରଯୋଡ଼ି କହିଲା, ତମର ବିଚାର ନିର୍ଭୁଲ ହୋଇପାରେ । କିନ୍ତୁ ତଥାପି ମୋ' ମନ ମାନିବାକୁ ହଲହଲ ।

'କାହିଁକି ?'

'ବୁଝିପାରୁନ ? ଶୁଣ । ଜମିବନ୍ଧା ଦେଇ ମା' ଅବା ଘରଣୀର ଗହଣା ବନ୍ଧକ ପକାଇ, ଯେଉଁମାନେ କୌଣସିମତେ ଭାଗ୍ୟବଳରୁ ନାମ ରେଜିଷ୍ଟ୍ରୀଭୁକ୍ତ କରାଇ ଅଫିସମାନଙ୍କୁ ସୁପାରିସ କରାଇଥିଲେ, ପୁଣି ସାତସେଣାରେ ପାଣି ଉଠାଇ, ଆହୁରି କାବୁଲିବାଲାର ସାହାଯ୍ୟ ନେଇ, ଧନରେ ପ୍ରୀତ କରାଇ ଚାକିରି ପାଇଲେ, ସେମାନେ ଏବେ କରିବେ କ'ଣ ?'

ଆକୁଳାନନ୍ଦ ମୂଢ଼ଙ୍କ ପରି ଜୀବନର ମୁହଁକୁ ଚାହିଁ ରହିଲା । ଜୀବନ କହିବାକୁ ଲାଗିଲା, ସେମାନେ ଋଣ ମୁକ୍ତ ହେବାକୁ ନିର୍ଲଜ ପଣରେ ଯାହା କରୁଛନ୍ତି ସେଇଆ କରିବାକୁ ବାଧ୍ୟ ହୁଅନ୍ତି । ନିର୍ଲଜ ନ ହେଲେ, ହାତ ନ ପାତିଲେ ନିଜେ ଚଳିବେ କିପରି ? ପେଟକୁ ଗଣ୍ଡିଏ, ଦେହକୁ ଖଣ୍ଡିଏ ନ ମିଳିଲେ ନିଜେ ତ ଅଚଳ ହେବ ? କେଉଁଠି ପୁଣି ମୁଣ୍ଡ ଗୁଞ୍ଜିବାକୁ ପଡ଼ିବ ତ ?

ଆକୁଳାନନ୍ଦ ସମ୍ମତ ଜଣାଇଁ ମୁଣ୍ଡ ଟୁଙ୍ଗାରିଲା । ଜୀବନାନନ୍ଦ ଉତ୍ସାହିତ ହୋଇ କହିଲା, ବହୁ ବନ୍ଧୁଙ୍କ ମୁହଁରୁ ଶୁଣିଛି, ସେମାନେ ତାଙ୍କର ଦୁଃଖର କାହାଣୀ କହନ୍ତି । ପୁଣି ତାଙ୍କର ବିଜୟର ଗାଥା....

× × ×

ଆକୁଳାନନ୍ଦ ପଚାରିଲା, ପୁଣି ଦୁଃଖର କାହାଣୀ କ'ଣ ?

Digitized by srujanika@gmail.com

ଜୀବନାନନ୍ଦ ଉତ୍ତର ଦେଲା, କାବୁଲୀବାଲାକୁ ଲୁଚି ବୁଲିବି, ତେଣେ ଘରେ ହାଣ୍ଡି ମାଙ୍କଡ଼-ଚଢ଼ ମାରୁଥିବ । ମା, ସାଇଭଉଣୀ ବାନ୍ଧବୀ ହୋଇଥିଲେ ଘରଣୀ, ଛୁଆପିଲା ବି ଥାଇପାରନ୍ତି, ପେଟରେ ଓଦାକନା ଦେଇ ଶୁଅନ୍ତି ବସିଛନ୍ତି ।

'ହଁ ରେ, ପୋଷ୍ଟପିଅନର ପାଳି ପଡ଼ିଲେ, ସେ ଗ୍ରାମକୁ ଆସିଲେ ଧାଇଁ ଯାଉଛନ୍ତି ଟଙ୍କା ଆଇଲାକି ? ହତାଶ ହେଲେ ପୋଷ୍ଟପିଅନ ହେଉଛି ଚଣ୍ଡାଳପଣା, ଗାଡ଼ଶୁଆ, ରଇଜଳା—

ସେଇଠୁରେ ଭାଇ ଆକୁଳ, ହଠାତ୍ ବୁଢ଼ୀମା ଓ ଯୁବତୀ ଘରଣୀ ଗୁମ୍‌ସୁମ୍ । ଗ୍ରାମରେ ଛନକା ! ଦୁର୍ଭାବନାରେ ଭିତରେ ଛଟପଟ । ବୁଢ଼ୀ ବ୍ୟସ୍ତ ହୋଇ ବୋହୂଙ୍କୁ କହୁଛନ୍ତି,ଟଙ୍କା ନ ପଠାଇଲେ ନାହିଁ, କୌଣସି ମତେ ଆମର ଚଳିବ କଟିଯିବ । ରଥ ବେହେରା କେଉଟ ରାଜି ହୋଇଛି, ମୋ'ର ସେଇ ଅଲକ୍ଷଣା-ଫୁଲଗୁଣାଟିକୁ ବନ୍ଧା ରଖି ଟଙ୍କା କୋଡ଼ିଏଟି ଧାର ଦେଇଥିବ । ଟଙ୍କାରେ ମାସକୁ ତିନି ପଇସା ସୁଧ ନେବ ।

'ସେଇଆ କରିବା; ହେଲେ ପୁଅ ନ ଆସିଲେ ନାହିଁ ପଛେ ଭଲ ମନ୍ଦ ଲେଖି ଖଣ୍ଡେ ଚିଠି ନ ଦେଲା କାହିଁକି ? ଦେହମୁଣ୍ଡ ଭଲ ନାହିଁ କି ମା ?'

ବୋହୂ ମୁହଁ ଫଣଫଣ, ଆଖି ଛଳଛଳ କରି ଜବାବ୍ ଦେଉଥିବ, ଦେହମୁଣ୍ଡ ଭଲ ନଥିବ କାହିଁକି ? ଜନ୍ମ ଦେଇ ସେମିତି ମନ୍ଦ ମନାସ ନା ବୋଉ ! ମୋ ବାଁ ଆଖି ଡେଇଁଛି । ଶୁଭକାମ କେତେଥର ଗ୍ରହ ଅଧାର ଖାଇ ଗଲାଣି ।

ତମ ପୁଅ ନିଜେ ଧନ ନେଇ ଆସୁଥିବେ । ଏ ପାଳି ଭଲ ଭାରି ପଇସା ଭେଇଥିବେ । ପୋଷ୍ଟରେ ପଠାଇ ଜଣାଇଁ ହେବେ କାହିଁକି ?

ଫୁଲଗୁଣା ବନ୍ଧା ପକାଇ ଟଙ୍କା ଆଣିବ ତ ଆଣ । କେବେ ଜାଣେନି ଆମେ ଅଭାବରେ ପଡ଼ିଛୁ । ଦି' ମାସର ସୁଧ ଗଣି ଆମେ ତାକୁ ମୁକାଳି ଆଣିବା ।

ତମ ପୁଅ ନିଶ୍ଚୟ ଏଇ ଶନିବାରେ ଆସିବେ । ସୋମବାର ବଡ଼ ଭୋର୍‌ରୁ, କାଉ କା' ନ ଡ଼ାକୁଣୁ ଫେରିଯିବେ ।

× × ×

ଆରେ ରେ ଆକୁଳାନନ୍ଦ, ଏବକା ସାଥ ହେଲା—'ନେଇ ଆଣି ଥୋଇ ପାରିଲେ…' ବାକି ଅଧିକ ତୁ ଭରଣା କର ।

ମୁଁ ମୋ' ଚେଷ୍ଟାରେ ଲାଗିଛି । ସେବା କାର୍ପଣ୍ୟ ଦେବା ଫଳେ, କି'ବା ଅସାଧ ମଣ୍ଟ ତଳେ ?

Digitized by srujanika@gmail.com

—କ'ଣ ବୁଝିଲୁ ନା ?

ଆକୁଳାନନ୍ଦ ମୂଢ଼ଙ୍କ ପରି ଜୀବନାନନ୍ଦର ମୁହଁକୁ ଚାହିଁଲା । ଜଣାଗଲା ଯେ ସେ ବନ୍ଧୁର ଠାରକଥା ବୁଝି ପାରୁନାହିଁ । ଏସବୁ ସେ କୌଣସି ବହିରେ ପଢ଼ି ନାହିଁ ।

ତାର ମନକଥା ବୁଝି ଜୀବନାନନ୍ଦ ବୁଝାଇ କହିଲା, ଏସବୁ ବହିରେ ଲେଖା ହୋଇନାହିଁ ଯେ ପଢ଼ିଲେ ଜାଣିବୁ । ଏସବୁ ଅଲେଖା-ପାଠ । ଗୁରୁରୁ ଗୁରୁ ତୁଣ୍ଡ । କାମରେ ଲାଗେ ।

'କଣ ସେ ପାଠ ?'

'ଗନ୍ଧନ ସେ ମନ୍ତ୍ର । ଶୁଣ—

'ଦେବ, ଦଆଇବ, ତେବେ ଯାଇଁ ନାମ ରେଜିଷ୍ଟ୍ରୀଭୁକ୍ତ ହେବ, ନମ୍ବର ମିଳିବ ।'

'ମେଇଟ୍, ଚାକିରି କ'ଣ ସୁ-ନିଶ୍ଚିତ ?'

'ରେଖାସ୍ତଟି ତମର ଗ୍ରହଣ ଯୋଗ୍ୟ ହେବ । ଚାକିରି ମିଳିବ କି ନ ମିଳିବ ସେତିକି କିଏ କହି ପାରିବ ? ଯାହାର ମୁରବି-ଯୋର୍ ଅଛି ସେ ବାଜି ମାରିନେବ ।'

'ଖାଇରେ ଜୀବନାନନ୍ଦ, ଶକ୍ତିଥିବା ମୁରବିଟିଏ ମୁଁ କାହୁଁ ପାଇବି ?'

ଜୀବନାନନ୍ଦ କହିଲା, 'ସେମିତି ଶକ୍ତିବାନ ପୁରୁଷମାନେ ଯେଉଁମାନେ ଶାସନର କଳ ଚଳାଉଛନ୍ତି ସେମାନେ **ସବୁ ତମର** ବନ୍ଧୁରେ ବନ୍ଧୁ ହୋଇଥିବେ, ପଦେ କହିଦେବେ ତ ହୋଇଯିବ ।'

ସେପରି କେହି ବନ୍ଧୁ-ବାନ୍ଧବ, ଅବା ଜଣାଶୁଣା ଶକ୍ତିଶାଳୀ ବ୍ୟକ୍ତି ମୋ'ର ନାହାନ୍ତି । ଭାଇରେ ଜୀବନାନନ୍ଦ, ବରଂ ଦୁଃଖ ସହିବି, କେଉଁଠି ସଳଖ ବାଟରେ ଯାଉଣୁ ନିର୍ଯାତନା ଭୋଗିବି, ନିଜର ସ୍ୱାର୍ଥ ପାଇଁ, ପ୍ରତ୍ୟକ୍ଷରେ ହେଉ, ଅବା ପରୋକ୍ଷରେ ହେଉ ଅନ୍ୟ କେଉଁ ଅଧିକାର ନ୍ୟାୟୋଚିତ ପ୍ରାପ୍ୟର କେବେ ପ୍ରତିବନ୍ଧକ ହେବି ନାହିଁ ।

ସେତିକି ମହାପାତକ । ପାଠ ପଢ଼ିଲେ ଯେ କେବଳ ବାବୁ ହେବାକୁ ଚଉକିରେ ବସି କଲମ ଘୃଷି କରିବ, ଆଉ ଗାଳିମନ୍ଦ ସହି, ଆଜ୍ଞା ହଁ ହୋଇ କିଛି ରୋଜଗାର କରିବ, ଏହା ବି ନୁହେ ।

Digitized by srujanika@gmail.com

ସହଜରେ ଉପାର୍ଜନ କରିବାକୁ ଏହା ଏକ ପନ୍ଥା । ଜାଣ, ଗ୍ଲାନ ପନ୍ଥା । ସମସ୍ତେ ଜାଣନ୍ତି, କିନ୍ତୁ କ ଆଶ୍ଚର୍ଯ୍ୟର କଥା, ସେହି ପଥର ଯାତ୍ରୀ ହେବାକୁ ସମସ୍ତେ ଧାଁ-ଧପଡ଼ କରନ୍ତି । କେତେ ଧରାଧରି, ଯୋଡ଼ହସ୍ତ ଓ ଗୃହୂବାକ୍ୟରେ ଶୂକର-ମଳକୁ କୈଳାସୀକରଣ' ।

ମୋ ଦ୍ୱାରା ସେ-ସବୁ ହୋଇପାରିବ ନାହିଁ । ଧାଉଁଥିବ, 'କ୍ୟୁ'ରେ ଠିଆ ହେଉଥିବ । ଦେଖାଯାଉ ବିନା ଦେଣ ନେଣରେ ନାମଟା ରେଜିଷ୍ଟ୍ରୀଭୁକ୍ତ ହୋଇ ନମ୍ବରଟେ ମିଳିବାକୁ କେତେ ଦିନ, ମାସ ବା ବର୍ଷ ଲାଗୁଛି । ତା'ପରେ ଗ୍ଲାକିରିର ଚେଷ୍ଟା । ହେଲେ ହେବ, ନ ହେଲେ ନାହିଁ ।

× × ×

ଯାହା ହେଉ, ବାରମ୍ବାର ଧାଇଁ ଆକୁଳାନନ୍ଦର ନାମଟି ରେଜିଷ୍ଟ୍ରୀଭୁକ୍ତ ହୋଇଗଲା । ତା'କୁ ଗୋଟିଏ ବେକାର ନମ୍ବର୍ ମିଳିଗଲା । ଏଣିକି କଚେରୀରୁ ଅଫିସର୍‌ଯାଏ ଯେ କୌଣସି କାର୍ଯ୍ୟ ପାଇଁ ସେ ଚେଷ୍ଟା କରିପାରେ ।

ଧୈର୍ଯ୍ୟର ସହିତ ଯାତୋଟି ଦିନ ତା'କୁ ଧାଇଁବାକୁ ପଡ଼ିଥିଲା । ଜୀବନାନନ୍ଦ କହିଲା, ତୁ ଭାଗ୍ୟବାନ୍‌ରେ ଆକୁଳ, ବିନା ଖରଚରେ ମୋଟେ ଗୋଟିଏ ସପ୍ତାହ ଧାଇଁ ତୁ ନମ୍ବର ପାଇଗଲୁ ।

ଆକୁଳାନନ୍ଦ ପଚାରିଲା, ସେଇଠୁ କ'ଣ କରିବାକୁ ହେବ ?

ଜୀବନାନନ୍ଦ କହିଲା, 'ଭାଗ୍ୟ ସଙ୍ଗେ ଲଢ଼ିବାକୁ ହେବ । ଖବରକାଗଜରେ ବିଜ୍ଞାପନ ଦେଖି ବିଭିନ୍ନ ଅଫିସକୁ ଯାଇ ବୁଝ କେଉଁଠି କ'ଣ ଗ୍ଲାକିରି ଖାଲି ଅଛି । ମାର୍ ଦରଖାସ୍ତ ।

ଖାଲି ପୋଷ୍ଟରେ ପଠାଇଲେ ସେ କୁଆଡ଼େ ଯିବ, ହରବ୍ରହ୍ମା ତା'ର ପତ୍ତା ପାଇବେ ନାହିଁ । ରେଜିଷ୍ଟ୍ରୀ କରି ପଠାଇଲେ ଅନ୍ତତଃ ନିଶ୍ଚିନ୍ତ ହୋଇ ପାରିବୁ ଯେ ଯାହାଙ୍କ ପାଖକୁ ପଠାଉଛୁ ତାଙ୍କର ହସ୍ତଗତ ହୋଇଛି । ତେଣିକି ତାର ଭାଗ୍ୟ ।

ମହନ୍ତ ମହାରାଜଙ୍କର ପାଦର ଧୂଳି ମୁଣ୍ଡରେ ଲଗାଇବୁ, ଠାକୁରଙ୍କର ଦର୍ଶନ କରି ପାଦୁକ ପକେଟରେ ସାଇତିବୁ । ସଙ୍କୀର୍ତ୍ତନରେ ଯୋଗଦେଇ ହାତ ଟେକି ଟେକି ନାଚିବୁ । ଗ୍ଲାକିରି ନ ହୋଇ ଯିବ କୁଆଡ଼େ ? ଟିକିଏ ସମୟ ଲାଗିପାରେ ।

Digitized by srujanika@gmail.com

ଭୋର ଭିତରେ ତାଙ୍କର ଆସନ ଟଳମଳ ହେବ । ନିଦ ଭାଙ୍ଗିବ । ମୋ' ମନକାମନା ସେ ଜାଣିବେ । ତଥାସ୍ତୁ ବୋଲି କହି ତାଙ୍କର ସେ ଶୋଇବେ । ଗ୍ରକିଣ ନ ହୋଇ ଯିବ କୁଆଡ଼େ ?

ମୁଁ ମୋର ଏଇଆ କରୁଛି । ଧୈର୍ଯ୍ୟର ସହ ଅପେକ୍ଷା କରିଛି । ଆଉ ଥରେ ପରୀକ୍ଷା ଦେବାକୁ ସିଧା ଅଧ୍ୟାୟ ପଢୁଛି । ଭୋର ତ ସେ କାମ ନାହିଁ । ସିଧା ଅଧ୍ୟାୟ କୁଆଡ଼େ ଉ ବୁଲବୁଲ ଫେରୁଛୁ ?

ଆକୁଳାନନ୍ଦ କହିଲା—ଦେଖୁଛୁ, ବୁଝୁଛୁ, ଶିଖୁଛୁ ଆମର ଭଳିଆ ଟୋକାଏ କେମିତି କଣ କରି ଅର୍ଜନ କରୁଛନ୍ତି । ଆମ୍ଭେ ପାରିବା କ ନାହିଁ, ଆମର କରିବା ଉଚିତ କ ନୁହେଁ ସେକଥା ବ ବୁଝୁଛୁ । ସବୁ ଅବାବୁ କାମର ଜୀବନ ।

× × ×

ଜୀବନାନନ୍ଦ ମୁହଁ ଶୁଖାଇ ପାଠପଢ଼ା ପାଖରୁ ଉଠି ବାରଣ୍ଡା ଉପରକୁ ଆସିଲା । ସେଇଠି ଆକୁଳାନନ୍ଦ ନିଜ ହାତରେ ତାର ସାଇକଲ୍‌ଟିକୁ ସଜାଡ଼ୁ ଥିଲା । ସେ ସ୍ଥିର କରିଥିଲା ଯେ, ସେ ଏଇ ବଡ଼ ସହରରେ ନିଷ୍ଫଳ ଉଦ୍ୟମରେ ମାସାଧିକ କାଳ କଟାଇ ସାରିଛି ।

—ଗ୍ରକିରି ତ ହେଲା ନାହିଁ । ନିକଟ ଭବିଷ୍ୟତରେ ହେବାର ସମ୍ଭାବନା ଅତି କ୍ଷୀଣ; ତେବେ ଗାଁର ଖବର ଅନ୍ତର ବୁଝିବା ତ ଆବଶ୍ୟକ ।

ସେତିକିପାଇଁ ଯଥାଶୀଘ୍ର ମୁଁ ପୁଣି ଫେରି ଆସିବ । ପୁଣି ମହନ୍ତମହାରାଜଙ୍କର ପାଦଧୂଳି ମୁଣ୍ଡରେ ମାରିବ । ସଙ୍କୀର୍ତ୍ତନରେ ଯୋଗ ଦେବ । ପାଦୁକ ପକେଟ୍‌ରେ ଭରିବ । ପ୍ରସାଦ ସେବନ କରିବ । ଏ ଅଫିସ୍ ସେ ଅଫିସ୍ ବୁଲିବ ।

ବଡ଼ବାବୁଙ୍କଠାରୁ ଶୁଣୁଥିବ—ଅବଶ୍ୟ ଗୁପ୍ତରେ ନିଶ୍ଚୟ ହୋଇଥାନ୍ତା । ଖାଲି ନିଯୁକ୍ତିପତ୍ରଟି ଟାଇପ୍ ହୋଇ ହାକିମଙ୍କ ସ୍ୱାକ୍ଷର ହୋଇଥାନ୍ତା । କୈଳାସରୁ ନିର୍ଦ୍ଦେଶ ଆସିଲା ଅମୁକ ପ୍ରାର୍ଥୀ ଯେ ସମୁକଙ୍କର ଲୋକ । ତା'କୁ ନିଶ୍ଚୟ ନିଯୁକ୍ତି ଦେବାକୁ ହେବ ।

ହାକିମେ ନାଗ୍ରର । ଶକ୍ତିବାନ୍ ପୁରୁଷଙ୍କ ନିର୍ଦ୍ଦେଶ ଯେ ଆଦେଶ । ତାକୁ ଅମାନ୍ୟ କରିବାର ବଳ୍ପ କାହାର ଅଛି ? ସେ ଯାହା କହିବେ ତାହା ହିଁ ନ୍ୟାୟ ।

ବଡ଼ବାବୁ ସାନ୍ତ୍ୱନା ଦେଇଛନ୍ତି ଯେ ଶୀଘ୍ର ଆଉ ଗୋଟିଏ ଗ୍ରକିରି ସୃଷ୍ଟି କରିହେବ । ବେଶୀ ଦରମା । ହାକିମେ ଜବାବ ଦେଇଛନ୍ତି ।

Digitized by srujanika@gmail.com

ଶୁଣିଛରେ ଜୀବନାନନ୍ଦ, ଆମ ଅଞ୍ଚଳରେ କୁଆଡ଼େ ଖାଣ୍ଟି ଗୁଆଘିଅ ମିଳେ ବୋଲି ବଡ଼ବାବୁ ଖବର ପାଇଛନ୍ତି । ତାଙ୍କର ମୋଟେ ଦୁଇ କଲି ଲୋଡ଼ା । ଦାମ୍ ଯେତେ ପଡ଼ୁ ସେ ଦେବେ ବୋଲି କହୁଥିଲେ ।

ଏସବୁ ଖବର ଜୀବନାନନ୍ଦର ପାଖରେ ନୂଆ ନୁହେଁ । ଅନ୍ୟ ବନ୍ଧୁମାନଙ୍କ ମୁହଁରୁ ଏହିପରି କେତେ ଘଟଣା ସେ ଶୁଣିଛି । ନିଜେ ବି ଅନେକ ନିଭାଇଛି । ପାଠ ପଢ଼ା ସଙ୍ଗେ ସଙ୍ଗେ କୌଣସି ଉପାୟରେ ନିଯୁକ୍ତିଟିଏ ଲାଭ କରିବାକୁ ସେ ତାର ଉଦ୍ୟମ ଅବ୍ୟାହତ ରଖିଛି ।

ଜୀବନାନନ୍ଦ ଗମ୍ଭୀର ହୋଇ ଭାବିବାକୁ ଲାଗିଲା, କିପରି ସେ ତାର ଏହି ନିର୍ବୋଧ, ସରଳ ଓ ସତ୍ୟନିଷ୍ଠ ବନ୍ଧୁଟିକୁ ବୁଝାଇ ପାରିବ ଯେ ହାତରୁ କିଛି ବାଜିଯାଉ ପଛେ ସେହି ବଡ଼ବାବୁଙ୍କର ମନ ତୁ [illegible] କରନା । ଆଜି ଦିନକୁ ଆଉ ଦିନ ଅଛି ।

ମନକୁ ମନ ହସି ଜୀବନାନନ୍ଦ ସେହି ଆକୁଳାନନ୍ଦର ବଳିଷ୍ଠ ପୃଷ୍ଠରେ ହାତ ଆପଡ଼ି କହିଲା—ମୋର ସାନକୁହା ମାନ, ବଡ଼ବାବୁଙ୍କର ମନକାମନା ପୂରଣ କର । ଯଦି ପାରୁଛୁ ଉପରେ ପଡ଼ି ତାଙ୍କର ଧରମପୁଅ ହୋଇ ଯା ।

ଘିଅ ଦୁଇକଲି ନେଇ ଏକାଥରେ ତାଙ୍କ ଘରେ ହାଜର ହେବୁ । କଅଁଳା ବାଛୁରି ରଡ଼ି ଛାଡ଼ିଲା ପରି ତୁ ବି ତାଙ୍କ ଘରେ ମା-ମା ରଡ଼ି ଛାଡ଼ିବୁ । ଦର୍ଶନ ମିଳନ୍ତେ ମୁଣ୍ଡିଆ ମାରିବୁ ଆଉ ଠେକଟି ଥୋଇଦେବୁ ।

କହିବୁ ବାବା ଫରମାସ କରିଥିଲେ । ରଖନ୍ତୁ । ନିଛୋଳା ଗୁଆଘିଅ ।

ପଚାରିବେ, ତମ ନାମ କଣ ? କେତେ ଦାମ ?

କହିବୁ, ଦାମ ଦିଆସରିଛି । ମୋ ନାମ ଆକୁଳାନନ୍ଦ ।

ବୁଝିଲୁରେ ଆକୁଳ, ପୋଥି କହିଲା – ସେବା କାର୍ପଣ୍ୟ ଦେବା ଫଳେ, କି ବା ଅସାଧ୍ୟ ମହୀ ତଳେ ।

ଜୀବନାନନ୍ଦର ଉପଦେଶ ଆକୁଳାନନ୍ଦର ମନ ଘେନିଲା ନାହିଁ । ତାର ଉପଦେଶ ଯେ ଅତି ମୂଲ୍ୟବାନ ସେତକ ସ୍ୱୀକାର କରି ସେ କହିଲା, ବହୁତ ଦିନରୁ ସ୍ୱଜନ ପାଇଁ ତୁ ଚେଷ୍ଟା କରୁଛୁ ଏହା ମତେ ଅଜଣା ନାହିଁ । ଖର୍ଚ୍ଚାନ୍ତ ବି ହେଲୁଣି । ସମୟ ବି ନଷ୍ଟ କଲୁଣି ।

କିନ୍ତୁ ମନେ କରିବୁ ନାହିଁ ଭାଇ ! ମୁଁ ନିର୍ବୋଧ ଯେପରି ଘରୁ ଖାଇ ଘୋଡ଼ା ଆଗରେ ଡେଇଁଲା ପରି ବହୁତ ସମୟ ଖର୍ଚ୍ଚ କରି ଖେଳ କସରତରେ ନଷ୍ଟ କରି ଅନର୍ଥ ହରାଇଲି । ବଡ଼ବାବୁମାନଙ୍କୁ ସନ୍ତୁଷ୍ଟ କରିବାକୁ ତୁ ସେମିତି ଧନ ଓ ସମୟ ଖରଚ କରି ପାଠ ପଢ଼ିବାରେ ହେଳା କଲୁ ଆଉ ଫେଲ ହେଲୁ ।

Digitized by srujanika@gmail.com

ଭାଇରେ, ସ୍ପଷ୍ଟ ସତ କଥାଟି ପ୍ରକାଶ କଲି ବୋଲି ଦୁଃଖ କରିବୁ ନାହିଁ । ମୋ ଉପରେ ରାଗିବୁ ନାହିଁ । ମୁଁ କହୁଛି ତୁ ପରିଶ୍ରମ କରି ପଢ଼ । ମୁଁ ତତେ ନିଶ୍ଚୟ ସାହାଯ୍ୟ କରିବି । ତୁ ଅବଶ୍ୟ କୃତକାର୍ଯ୍ୟ ହେବୁ । ସେତିକି ଯଥେଷ୍ଟ ।

ଚାକିରି ପାଇଁ ଅବଶ୍ୟ ଚେଷ୍ଟା କରାଯିବ । ସେଇଟା ଅନ୍ଧାରରେ ବାଡ଼ି ବୁଲାଇବା କଥା । କେଉଁଠି ବାଜିଲେ ଭଲ । ନ ବାଜିଲେ ଦୁଃଖ ନାହିଁ କି ଅନୁତାପ ନାହିଁ । ଜୀବନରେ ଧନ ଉପାର୍ଜନର ସହସ୍ର ପନ୍ଥା ମୋ' ଆଖିକୁ ଏଇ ସହରରେ ଦିଶି ଯାଉଛି । ଆଜିଯାଏ ଆମେ ଦେଖି ଆସିଛୁ ଆଖିରେ କିନ୍ତୁ ମନରେ ଭେଦାଇ ନ ଥିଲୁ । କୌଣସି ଗୋଟିଏ ପନ୍ଥା ଧରିଲେ ଯଥେଷ୍ଟ ହେବ ।

ଜୀବନାନନ୍ଦ ପଚାରିଲା—କିଏ ସେସବୁ ପନ୍ଥା ? ମୋ ମନକୁ ତ ଦିଶୁନାହିଁ ? କହ— ?

ଆକୁଳାନନ୍ଦ କହିଲା, ମୁଁ କହିବି କାହିଁକି ? ନିଜେ କରି ଦେଖାଇ ଦେବି । ଭାବିଛି ଆଗ ଦେହର ତାକତ୍‌ର ଉପଯୋଗ କରିବି । ସେଥିପାଇଁ ଆଗ ନିଜର ମୂଳ ମୁଁ ନିଜେ ଲଗିବି ।

ଖେଳ କସରତ୍ କରି ଦେହ ଓ ହାତ ଗୋଡ଼ର ମାଂସପେଶୀଗୁଡ଼ିକୁ ମୁଁ ବେଶ୍ ଶକ୍ତ, ସତେଜ ଓ ବଳଶାଳୀ କରିପାରିଛି । ଏଣିକି ମୋର ପୋଥିଗତ ବିଦ୍ୟାକୁ ପୋଥିରେ ସାଇତି ଅର୍ଜିତ ଜ୍ଞାନକୁ ମୋ ମୁଣ୍ଡ ଭିତରେ 'ଧୂଅରେ ବାଇଆ ଧୂଅ' କରି ଶୁଆଇ ଦେବି ।

ମୋର ମାଂସପେଶୀଗୁଡ଼ିକୁ ସତେଜ ଓ ସକ୍ରିୟ କରିବି । ତାରି ସାହାଯ୍ୟରେ କିଛି ଉପାର୍ଜନ କରିବାକୁ ମୁଁ ଚେଷ୍ଟା କରିବି । ସେ ଚେଷ୍ଟା କେତେ-ଦୂର ସଫଳ ହେଉଛି ଥରେ ମୁଁ ପରଖି ନିଏ । ତାପରେ ଅନ୍ୟଚିନ୍ତା ।

ଆକୁଳାନନ୍ଦର ପ୍ରହେଳିକାମୟ କଥାରୁ ତାର ଉଦ୍ଦେଶ୍ୟ ଜୀବନାନନ୍ଦ ଠଉର କରି ପାରିଲା ନାହିଁ । କାହିଁକି ଯେ ସେ ତାର ଉଦ୍ଦେଶ୍ୟ ସିଧାସଳଖ ସରଳ ଭାଷାରେ ତା ଆଗରେ ପ୍ରକାଶ ନ କରି ତାକୁ ଗୋଳକ ଧନ୍ଦାରେ ପକାଇଛି ସେ ବୁଝି ପାରିଲା ନାହିଁ ।

ଆଉ କିଛି ପଚାରି ତାକୁ ସେ ବିରକ୍ତ କରିବାକୁ ଚାହିଁଲା ନାହିଁ । ସେ ମୌନ ରହିଲା । ବିଚାରିଲା, ଆଉ କିଛି ପଚାରି ତାକୁ ସେ ବିରକ୍ତ କରିବ ନାହିଁ ।

ସତେ, ଆକୁଳାନନ୍ଦ ବୁଦ୍ଧିମାନ୍ । ତାର ମନରେ ଚିନ୍ତିଲା କାମ ସେ କାହିଁକି ଅନ୍ୟ ଆଗରେ ପ୍ରକ.ଶ କରିବ ? ଅନ୍ୟର ଅବଗତିକୁ ଆସିଲେ ବିଘ୍ନ ଉପୁଜିବାର ସମ୍ଭାବନା ରହିବ । ବଳେ ଜଣାପଡ଼ିବ ନାହିଁ କି ?

Digitized by srujanika@gmail.com

ଅନ୍ତତଃ ତା ପରି ସାଧୁ, ସଚ୍ଚରିତ୍ର, ବୁଦ୍ଧିମାନ୍ ଓ କାର୍ଯ୍ୟକ୍ଷମ, ବଳବାନ, ସ୍ନେହଶୀଳ ଯୁବକ ଯେ କୌଣସି ଅସାମାଜିକ କର୍ମ କରିବାକୁ ଆଗ୍ରହୀ ହେବ ନାହିଁ, ଏହା ସୁନିଶ୍ଚିତ ।

× × ×

ମଲ୍ଲିପୁର ଗ୍ରାମରେ ଘରେ ଗୃହିଦିନ ରହିଲା ପରେ ଆକୁଳାନନ୍ଦ ସହରକୁ ଫେରି ଆସିଲା । ସେ ଦେଖି ଆସିଲା ଯେ ତା' ବିନା ଘର ଅଚଳ ହୋଇ ପଡ଼ି ନ ଥିଲା । ଭବିଷ୍ୟତ୍‌ରେ ବି ସେଇଆ ହେବ । ତା' ବୋଉ କାର୍ଯ୍ୟକ୍ଷମ ରହିଛନ୍ତି । ବାହାରର କାର୍ଯ୍ୟ ଦେଖୁଛନ୍ତି । ସେବତୀ ତାଙ୍କୁ ସାହାଯ୍ୟ କରିବା ସଙ୍ଗେ ଘରକାମ ବି ଆବୋରି ନେଇଛି ।—

ସାନ ଭଉଣୀ ମଲ୍ଲୀ ବିକଳାକୁ ଆଦରି ନେଇଛି, ବୁଲାଉଛି, ଖେଳାଉଛି । ପାଠରେ ଇତିଶ୍ରୀ କଲାଣି । କାହିଁକି ଏପରି କଲା, ପଚାରିଲାରୁ ତା' ବୋଉ ତା'କୁ ଉତ୍ତର ଦେଲେ, 'ପରଘରେ ଯାଇଁ ତ ଚୂଲି ଫୁଙ୍କିବ । ଲେଖି ପଢ଼ି, ହିସାବ କରି ଜାଣିଲା । ଅଧିକ ପାଠରୁ କି ମିଳିବ ? ଏବେ ସଣ୍ଣାଶିଖୁ, ଘରକରଣା କାମଶିଖୁ ।—

ସେ ଭାବିଲା ଯେ, ଏହିପରି ବେଳେ ବେଳେ ଆଲୋଚନା ହୁଏ । ଆଉଦିନେ ତା' ବୋଉ ଏଇ କେଇଦିନ ତଳେ, ତା' ସଙ୍ଗେ ଘରର ଚଳନ, ହାନିଲାଭ, ଆଉ ଭବିଷ୍ୟ-ଚଳଣିର ଯୋଜନା ସମ୍ବନ୍ଧରେ ଆଲୋଚନା କରୁଥିଲେ—

'ଏଥିକୁ ତୁ ଏତେ ଭାବନା କରୁଛୁ କାହିଁକି ? ତୋ' ବାପା ସେପୁରକୁ ଯିବାର ସାତମାସରୁ ଅଧିକ କାଳ କଟିଗଲା । ସୁଖରେ ଦୁଃଖରେ ବେଳ ବିତିଲା କି ନାହିଁ ତୁ କହ । ସେମିତି ବେଳ ବିତିବ । ସାବଧାନ ରହିଲେ, ଆମ ଅବସ୍ଥାକୁ ବୁଝି ଖରଚର ବ୍ୟବସ୍ଥା କଲେ, ଭବିଷ୍ୟତକୁ ଟିକିଏ ନଜର ଦେଲେ, ସବୁ ଭଲରେ ଚଳିବ । ନୋହିଲେ ଦୁଃଖ ଭୋଗିବ ।'—

'ତୁ ତୋ'ର ଚାକିରି ଖୋଜୁଥା । ଚାକିରି ଯଦି ନ ମିଳୁଛି ଅନ୍ୟ କେଉଁ ଧନ୍ଦା ଧରି କିଛି ଉପାର୍ଜନ କରିବାକୁ ଚେଷ୍ଟାକର । ଘରର ଚଳଣି କଥା ଆମେ ବୁଝିବୁ । କେତେ ଜଣ ବା ଆମର ଏଠି ମଣିଷ ? ଗୋଟିଏ ହାତ ଆଙ୍ଗୁଠିର ପବ ସଙ୍ଗେ ସମାନ ।'

ସେଇଆ ମୁଁ ଭାବୁଛି ବୋଉ ! ଯାହା କରିବ ବୋଲି ବିଚାରିଛୁ, ସେତିକି ତୋ' ଆଗରେ ଏବେ କହିବି ନାହିଁ । କାଳେ ତୁ ନାକ ଟେକିବୁ, ବାଧା ଦେବୁ, ସେଥିକି ମୋ'ର ଡର । ବଳେ ଜାଣିବୁ ନାହିଁ ।—

Digitized by srujanika@gmail.com

'ପୁଅରେ, ତୋ' ପରଜ୍ମା ବଟେବଙ୍ଗା, ପାଠୁଆ, ବୁଦ୍ଧିଆ ପିଲା ଏମିତି କାମ କରିବୁ ନାହିଁ, ଯଦିରେ ବାପ ଅଜାର ନାମ ପଡ଼ିବ, ଲୋକେ ନିନ୍ଦା କରିବେ, ଏ ବିଶ୍ୱାସ ମୋ'ର ଅଛି ।—

'ଚଷା-ପୁଅ ଯେମିତି ଅଭାବରେ ପଡ଼ିଲେ ମୂଲ ଲାଗି ପାରିବ, ମୁଣ୍ଡଝାଳ ତୁଣ୍ଡରେ ମାରି ରୋଜଗାର କରିବ । ସାନ କାମ କରିବ କାହିଁକି ?'

ଆକୁଳ ପଚାରିଥିଲା, 'ତୋ ପୁଅଟି ଏମିତି କି ସାନ କାମ କରିପାରେ ବୋଲି ତୋ' ମନରେ ଡର ପଶୁଛି ?'

ବୋଉ ତାର ମୁଣ୍ଡରେ ହାତ ଘଷାଇ ସେଦିନ କହିଲେ ବାପରେ, ତୁ ମୋ'ର ସୁନା ପୁଅ । ତୁ ପାଠୁଆ ପିଲା । ସବୁ ପଢ଼ିଛୁ, ଜାଣିଛୁ । ହେଲେ, ମୋ ପରିକା ସଂସାରର ଗତିକୁ ତୁ ଜାଣିଛୁ ଅଳପ । ପୋଥିପଢ଼ା ପାଠ ଆଉ ଅନେକ ଲିଖାଇଥିବା, ଅବା ଜଟାଶୁଟା ଅନୁଭବ ଭିତରେ ବହୁତ ପ୍ରଭେଦ —

'ସହର-ବଜାର ଥାନ । ସେଠାରେ ପାଠ ପଢୁଥିଲୁ । ସେଇଥିରେ ତୋ'ର ଲାଖି ଲାଗିଥିଲା । ଅନ୍ୟ କାହିଁରେ ମୁଣ୍ଡ ଖେଳାଇବାକୁ ତର ନ ଥିଲା । ପାଠ ସରିଲା, ଏବେ ଗୃହପରିବାର ରୋଜଗାର ପାଇଁ କେଉଁ ଧନ୍ଦା ଧରିବା କଥା ।—'

ନିଜର ଗୌରବ ହାନି ନ କରି ମଣିଷର ଭଳି ପ୍ରକାରେ ଯେଉଁ ଧନ୍ଦା ଧରିଲେ ଭଲ । ତୋ' ବାପା ଏହା ମତେ ତୋ' ଜନମ ଆଗରୁ କହି ଆସୁଥିଲେ ।

ସେ କହନ୍ତି- ଚଷା ପୁଅଟି ! ସିଂହାସନରେ ବସି ରାଜୁତି କରିବାଠଉଁ, ମୂଲଲାଗି ମାଟି ହାଣିବା ବାଡ଼ ବୁଜିବା, ଗୃପ କରିବା, ପୁଣି ପୁରାଣ ଲେଖିବା, ଏସବୁ କୁଆଡ଼େ ଆମର କାମ ।—

'ମନ୍ତ୍ରତନ୍ତ୍ର, ଇନ୍ଦ୍ରଜାଲ, ଭୋଜବାଜି କରି ଲୋକଙ୍କୁ ଠକ, ଗୋଟାଗ୍ରାଁ ଆଗୁଆର ହୋଇ ବିଶ୍ୱାସ ଜନ୍ମାଇଁ ବତାକାଟିବାଠାରୁ ବଳି ଶ୍ରେଷ୍ଠ କାମ ନାହିଁ ।— ପରଘରର ଝିଅ ଭଉଣୀଙ୍କୁ ନିଜର ଭଉଣୀ ଜାଣିବ । ତାଙ୍କର ଘରଣୀମାନଙ୍କୁ ନିଜର ବୋଉ ବୋଲି ମଣିବ । ତେବେ ସେ ପୁଅ ଯେଣେ ଯାଉ ତେଣେ ଆଦର ସ୍ନେହ ପାଇବ ।

ବୋଉଙ୍କ ତୁଣ୍ଡରୁ ବାପାଙ୍କର ବାଣୀ ଓ ତାଙ୍କର ଉପଦେଶ ମନେ ପକାଇ ସେ ଉତ୍ସାହିତ ହେଲା । ସେ ସଂକଳ୍ପବଦ୍ଧ ହେଲା । ସେ ଜଣେ ଶିକ୍ଷାଗୁରୁ ହେବ । ଦେହର ପରିଶ୍ରମ ବିକିବ । ଧନ ଅର୍ଜିବ । ମେଧାବୀ ଗ୍ରାହକ, ବିଖ୍ୟାତ ଖେଳୁଆଡ଼ ଆକୁଳାନନ୍ଦ ଓ ଶ୍ରମଜୀବୀ ଆକୁଳ ପରିଡ଼ା ମଝିରେ ସେ ଗଢ଼ିଦେବ ଦୁର୍ଭେଦ୍ୟ ପାଚିରି ।

Digitized by srujanika@gmail.com

ଗ୍ରାମର ଅନ୍ୟ କାହାରି ସଙ୍ଗେ ସେ ଦେଖାକଲା ନାହିଁ । ଶ୍ରୀରାମ ମନ୍ଦିରକୁ ମାଇ ଦେବତାମାନଙ୍କର ମୂର୍ତ୍ତି ପାଖରେ ପ୍ରଣତ ହେଲାନାହିଁ । ମନର ଦୃଢ଼ ସଙ୍କଳ୍ପର ସଫଳତା ପାଇଁ ମନ୍ଦିରର ପୂଜାରୀ ଅବା ତା'ର ହିତାକାଂକ୍ଷୀ ଗୋକୁଳ ପଣ୍ଡାଙ୍କର ସେ ଆଶୀର୍ବାଦ ନେଲା ନାହିଁ ।

ସେ ଜାଣେ, ଅନ୍ୟମାନେ ତାର ସଙ୍କଳ୍ପକୁ ଦୋହଲାଇବେ । ଗୋଡ଼ ଟାଣିବେ । ବୁଢ଼ାଏ ମୁହଁ ଉପରେ କହିବେ, କାହା ପୁଅ ତୁ, କାହା ନାତି, ଏଇ ଶ୍ରେଷ୍ଠ କାମ କରି ପବିତ୍ର କୁଳର ସମ୍ମାନ ହାନି କରାଇବୁ ? କେଉଁଠି ଗୃହ ଲକ୍ଷ୍ମୀ କରି ପିଲଙ୍କୁ ପଢ଼ାଇଲେ କଣ ରୋଜଗାର ହୁଅନ୍ତା । ଘରର ଖବର, ଜମିବାଡ଼ିର ଖବର ବୁଝିପାରନ୍ତୁ ।

ସଙ୍କଳ୍ପ ଦୋହଲିଲା । ରାତସାରା ସେହି ଦ୍ୱନ୍ଦ୍ୱରେ ଛଟପଟ ହେଲା । ତଥାପି ସେ ମନକୁ ଦୃଢ଼ କରି ସବୁ ଦ୍ୱନ୍ଦ୍ୱ ମନରୁ ଦୂରକଲା । ସେ ବୁଝିପାରି ଥିଲା ଯେ ତା'ର ଅସ୍ଥିରତାର ଆଭାସ ପାଇ ସେବତୀ ତାକୁ କଣ ପଚାରିବ, କିନ୍ତୁ ସେ ତାର ଗୋଡ଼ ଘଷିବା ଛଡ଼ା ଆଉ କିଛି ପଚାରି ନ ଥିଲା ।

ସୂର୍ଯ୍ୟୋଦୟ ହେବା ଆଗରୁ ସମସ୍ତଙ୍କ ପାଖରୁ ବିଦାୟ ନେଇ, ଝିଅ ପୁଅକୁ ଗେଲ କରି, ସାଇକଲ ଧରି ବାହାରିଲା ବେଳେ ତାର ବୋଉ ଲୁହଝରା ଆଖିରେ ତା ହାତକୁ ପଚାଶଟି ଟଙ୍କା ବଢ଼ାଇଦେଲେ । କହିଲେ, 'ରଖିଥା ବାପ ! ଖରଚ କରିବୁ । ଲୋଡ଼ା ହେଲେ ପୁଣି କେବେ ଆସି ନେଇଯିବୁ ।'

ଆକୁଳ ତା ମନର ଜାଗ୍ରତ କୋହକୁ ଆୟତ୍ତ କରି, ଜବାବ ନ ଦେଇ ସାଇକେଲ ଚଢ଼ି ବିଦାୟ ନେଲା ।

—ଦୁଇ—

ରାସ୍ତାର ଛକ ଉପରେ ସାଇକଲର ଟାୟାର ଫାଟିଲା । ଘରୁ ବାହାରିଲା ବେଳେ ମନରେ ସେ ଆଶଂକା ଥିଲା । ଯାହା ହେଉ, ସେ ଯେ ବଡ଼-ସହରରେ ଆସି ପହଞ୍ଚି ଯାଇଛି ସେଥିପାଇଁ ସେ ଠାକୁରକୁ ଧନ୍ୟବାଦ ଜଣାଇଲା । ଆଗ ଚକର ଟାୟାର ତ, ସାଥୀ ନିବାସ ଏଠାରୁ ଅଧିକ ଦୂର ନୁହେଁ । କିନ୍ତୁ ତା'ପରେ .... ? ଅଚଳ ?

ଟ୍ରାଫିକ୍-ପୋଲିସ୍ କନ୍‌ଷ୍ଟେବ୍‌ଲ ପାଖକୁ ଆସି କହିଲା, ରାସ୍ତାକଡ଼କୁ ସାଇକଲ୍ ଗଡ଼ାଇଆଣି ଯାହା ବିଚାର କରୁଛ କର । ଅତି ପାଖରେ ଏଠି ସାଇକଲ୍

Digitized by srujanika@gmail.com

ଦୋକାନ ନାହିଁ । ବାଁହାତ ଗଡ଼ାଣିଆ ମୋରମଦିଆ ରାସ୍ତାରେ ଗନ୍ଧବାବୁ ରିକ୍ସା-ମାଲିକଙ୍କ ଲୋକେ କାମ କରନ୍ତି ।

ମୋ ନାମ କହି ସେଇଠି ମରାମତି କରାଇଦେବ । ଗଡ଼େଇ ଗଡ଼େଇ ନେଇ ଯା । ତେବେ, ତାଙ୍କୁ 'ଗନ୍ଧବାବୁ' ନ ଡାକି ଗନ୍ଧର୍ବବାବୁ ବୋଲି ଡାକିଲେ କାମଟି ଜଲଦି ହୋଇଯିବ । ଆଉ ଯଦି ମାନ୍ୟତା ଦେଖାଇ 'ଆଜ୍ଞା, ଆପଣ' କହିବେ, ତେବେ ମୋଫତ୍ରେ ବି ହୋଇଯିବ ।

ଠିକ୍ ସେତିକବେଳେ ଚଇତୁ ତା'ର ରିକ୍ସା ଚଳାଇ ସେଇ ବାଟରେ ଆସୁଥିଲା । ସେ ରିକ୍ସା କେଁ-କଟର ଶବ୍ଦ କରୁଥିଲା । ଟ୍ରାଫିକ୍‌ବାବୁ ତାଙ୍କୁ ଅଟକାଇ କହିଲେ—ଏ ରିକ୍ସାର ବିଅରିଂ ନ ବଦଳାଇଲେ କେଉଁଠି ଧୋକା ଦେବ ।

ଚଇତୁ କହିଲା, ଏ ଗାଡ଼ିଟା ଫେରାଇ ଆଉ ଗୋଟାଏ ରିକ୍ସା ଆଣିବାକୁ ଗନ୍ଧବାବୁଙ୍କ କାରଖାନାକୁ ଯାଉଛି ଆଜ୍ଞା;

ଟ୍ରାଫିକ୍ କହିଲେ, ଏ ବାବୁଙ୍କର ସାଇକଲ୍‌ଟି ତୋ ଅଖଣ୍ଡ ଗାଡ଼ିରେ ନେଇ ଯା, ମରାମତି କରାଇଦେବ ।

ଚଇତୁ ସଙ୍ଗରେ ସେହି ତାର ପ୍ରଥମ ଦେଖା ବୋଲି ସେ ମଣିଥିଲା, କିନ୍ତୁ ଗନ୍ଧର୍ବ ବେହେରା କୈବର୍ତ୍ତଙ୍କ ଘରକୁ ଯିବାବେଳେ ଚଇତୁ ତାର ମନେ ପକେଇ ଦେଲା—ତାକୁ ସେ ସାଥୀନିବାସରୁ ଦୁଇ ତିନିଥର ଅଫିସମାନଙ୍କୁ ଚାକିରି ପାଇଁ ନେଇଯାଇଛି । ତା ଆଗରୁ ତ ଖେଳ ପଡ଼ିଆମାନଙ୍କୁ କେତେଥର ନେଇ ଯାଇଥିଲା ଓ ଆଣିଥିଲା ମଧ୍ୟ ।

ସେ ଅଲପ ହସି କହିଲା, ଆସ ଆକୁଳବାବୁ ! ଗନ୍ଧବାବୁଙ୍କ କାର୍ଖାନାରେ ମରାମତି ହୋଇଯିବ । ଆପଣ ଭାରି ବଡ଼ ପାଠୁଆ ଆଉ ନାମଯାଦା ଖେଳୁଆଡ଼, ଆଉ ଭାଗ୍ୟରେ ଥିଲେ ଭାରି ବଡ଼ ଚାକିରି କରିବେ । କିଏ ସିନା ଗୋରୁଗାଈ ଚରାନ୍ତି, ଆପଣ ମଣିଷ ଚଳାଇବେ—

ଆକୁଳାନନ୍ଦର ଛାତି ଥରି ଉଠିଲା । ଏହିପରି ଆଶା କରି ସେ ପୁରକୁ ଗଲେ ତା'ର ବାପା । ହିତାକାଂକ୍ଷୀ ଗୋକୁଳ ଷଡ଼ଙ୍ଗୀ ସେହିପରି ଆଶା କରିଥିଲେ, ହତାଶ ହୋଇଥିଲେ । ଗଧଙ୍କର ପାଦ ଧରି ତାଙ୍କୁ ଦାନାଖୋଇ ମଧ୍ୟ ଚାକିରି ମିଳିଲା ନାହିଁ । ଛାର୍ କରଣି ଚାକିରି !....

Digitized by srujanika@gmail.com

ଏତେ ଗୁକର କୁଆଡ଼ୁ ଆସିବ ?

ସେ ଯେଉଁ ସିଦ୍ଧାନ୍ତ କରିଛ, ତାହା ହିଁ ଠିକ୍ । ଚଇତା ଅଳ୍ପ ପାଠ ପଢ଼ିଛି; ତାର ସ୍ୱାସ୍ଥ୍ୟ ସେତେ ଭଲ ନୁହେଁ । ଗରିବଟିଏ । ଦିନେ କହୁଥିଲା, କୁଆଡ଼େ ତା' ବେକରେ ପାଞ୍ଚପ୍ରାଣୀ କୁଟୁମ୍ବ ବନ୍ଧା । ଘରବାରି ମିଶି ଜମି ପାଞ୍ଚଗୁଣ୍ଠ । ପୁରୁଣା ଘର ଯେ ରୋଷେଇଘର ଗୁହାଳକୁ ଛାଡ଼ି ମୋଟେ ଆଉ ଛୋଟ ଛୋଟ ଦୁଇ ବଖରା ।

ଯାହା ପାଏ, ପେଟ କାଟି କରି ହେଉ ପଛେ, ପନ୍ଦର ଦିନରେ ଥରେ ଗାଁକୁ ଯାଇ ନିଜେ ତା ବୋଉକୁ ସେ ଦେଇ ଆସେ । ଭବିଷ୍ୟ କଥା ମୋ' ବୋଉ ବୁଝୁଥାଉ । ସେ କହେ, ସାନ ଭଉଣୀ ଦି'ଟାଙ୍କୁ ମୁଁ ବାହା କରାଇବ, ମୋ ପାଇଁ ବୋହୂଟାଏ କୁଆଡ଼ୁ ଖୋଜି ଆଣିବ ।

ଆକୁଳ ପଚାରିଲା, କେତେ ରୋଜଗାର ଏମିତି କରୁଛୁ ଯେ ଏତେ କଥା କରି ହେବ ? ଦିହ ମୁଣ୍ଡ ତ ଅଛି ?

ହଁ ବାବୁ, ଦେହମୁଣ୍ଡ ଅଛି । ଟଙ୍କା କିଛି ହାତରେ ଜମାଇଁ ନ ରଖିଲେ, ନିଜର କରି ଖଣ୍ଡେ ରିକ୍ସା ନ କଲେ କେତେ ଆଉ ଭଡ଼ା ଗଣୁଥିବ ? ଏଇଆ ବସ୍ତିର ଗନ୍ଧର୍ବବାବୁ ମାଲିକଙ୍କୁ କହିଲି । ଭାରି ଭଲ ମଣିଷ ସେ । ମତେ ବୁଦ୍ଧି ବତାଇଲେ ।

ଆକୁଳାନନ୍ଦ ପଚାରିଲା, କି ବୁଦ୍ଧି ସେ ତତେ ଦେଲେ ?

ଚଇତୁ କହିଲା, ଗନ୍ଧବାବୁ କହିଲେ, ହଇରେ ଚଇତୁ, ତୁ ତେଲି କୁଳରେ ଜନମ, ବେପାର ତମର କୁଳ ବେଉସା । ଯେଉଁ ପଇସା ଯାହା ହାତରେ ରଖୁଛୁ, ତାକୁ ନେଇ ଡାକଘରେ ଥୋଇ ଦେ । ସାତ ଦିନକୁ ସାତଦିନରେ ଥରେ ରଖିଲେ ଦେଖିବୁ ମାସ କେଇଟାରେ କେତେ ହେବ ।

ପୁଣି କହିଲେ—ସାଙ୍ଗ ସାଥିରେ ପଡ଼ି ଝାଲବୁହା ଭେଇଲା ଧନ ଯଦି ମଦପାଣି ପିଇ ଉଡ଼ାଇବୁ ଅବା ଗଞ୍ଜେଇ, ଅଫିମ କି ଆଉ କେଉଁ ନିଶାରେ ଉଡ଼ାଇବୁ ତୋ' ମଣିଷ-ପଣିଆଁ ସରିବ । ତୋ' ମା, ଭଉଣୀ, ସବୁ ଖୋଳରେ ଗଡ଼ିବେ ।

ଆକୁଳ ପଚାରିଲା, ତୁ କ'ଣ ସେମିତି କିଛି କରୁ କି ?

ଚଇତୁ କହିଲା, ମିଛ କହିବ କାହିଁକି ? ଦେହର 'ମଜସି ଛଡ଼ାଇବାକୁ କେତେ ଥର ମଦ ଖାଇଛି । ଥରେ ତ ଜାଣ ମୋ ଶୋଇଲା ଘରର ପାଟିତୁଣ୍ଡ କରିଥିଲି । ଗନ୍ଧବାବୁ ବୋଲି ସହିଲେ । ଯାହା ସଞ୍ଚି ଥିଲି ପାଖରେ, ଯେତିକି ଆଉ କିଏ, ଆମ ରିକ୍ସାବାଲା ଭିତରୁ କିଏ ହୋଇଥିବ, ଭୋଗ କରିନେଲି ।

Digitized by srujanika@gmail.com

ତହିଁ ପରଦିନ ନିଜେ ଗନ୍ଧବାବୁ ମତେ ସଙ୍ଗରେ ପୋଷ୍ଟଅଫିସ ନେଇ ମୋ ନାମରେ ଜମାବହି ଖୋଲାଇଲେ । ଜମା ରଖୁଛି ଆଜ୍ଞା ! ଆଉ ଦିନାକେତେ ପରେ ନିଜର କରି ଖଣ୍ଡେ ବଢ଼ିଆ ରିକ୍‌ସା କରିବି—

ଗନ୍ଧବାବୁଙ୍କୁ ମୁଁ ମନେ ମନେ ମୋର ଧରମ-ବାପ କରିଛି ।

ଆକୁଳାନନ୍ଦ ବୁଝିଲା ଯେ ସେଇ ଗନ୍ଧବାବୁଟି ଯେବେ ଯାହା ଥାଉନ୍ତୁ ଏବେ ସେ ଉତ୍ତମ ଲୋକ । ଅନ୍ୟର ସୁଖ ଦୁଃଖର କଥା ବୁଝନ୍ତି ।

ସେ ତଇତାକୁ ପଚାରିଲା, କଥାଟିଏ ପଚାରିବି, ସତ କହିବୁ ?

ପଚାରନ୍ତୁ ଆଜ୍ଞା । ମିଛ କାହିଁକି କହିବି ? କିଏ ମତେ କିଛି ଦେବ, ନା ମୋ ଠାରୁ ନେବ ?

ଦିନକୁ ତୁ କେଇଟଙ୍କା ରୋଜଗାର କରୁଛୁ ? କେତେ ଖରଚ କରୁଛୁ । କେତେ ଘରକୁ ପଠାଉଛୁ, ଆଉ କେତେ ପୋଷ୍ଟ-ଅଫିସରେ ରଖୁଛୁ—ଗନ୍ଧବାବୁଙ୍କୁ ଦେଉଥିବା ଭଡ଼ା କାଟିକରି କହୁ ।

× × ×

ତଇତୁ ଘୁଲିଘୁଲି ତା' ରିକ୍‌ସା ଗଡ଼ାଇ ଆସୁଥିଲା । ତା' ଉପରେ ଟାଇପ୍ରାଇଟର-ଟିଉନ ଫଟା ଅଖଣ୍ଡ ସାଇକଲ ରଖିଥିଲା । ଆକୁଳାନନ୍ଦ ତାରି ପାଖେ ପାଖେ ଚାଲୁଥିଲା । ବାଟ ଚାଲୁଚାଲୁ ଦିହେଁ କଥାବାର୍ତ୍ତା ହେଉଥିଲେ—

ତଇତୁ କହିଲା, ରୋଜଗାର ପରିମାଣର ଠିକଣା ନ ଥାଏ । ସାଧାରଣ ଦିନରେ ଯାହା ହୁଏ, ଦୋଳ, ଦଶହରା, କାଳୀପୂଜା, ମହରମ୍ ହେଉରଜା ପର୍ବ-ମାନଙ୍କର ତା'ର ଦୁଇଗୁଣରୁ ବି ବେଳେବେଳେ ଅଧିକା ହୁଏ ।—

'ଗୋଟାଏ ବେଲା ତ ଚଳାଏ—ବେଳେବେଳେ ଦି' ଘଣ୍ଟା ଛୁଟିର କରେ ପଛେ, ଅଁଠ ଲୋଭକରି ଦୁଇବେଳା ରିକ୍‌ସା ଚଳାଇବାକୁ ଚେଷ୍ଟା କରିବା ମାନେ, ମରଣକୁ ନିମନ୍ତ୍ରଣ କରିବା ।'

ରାତି ପାହିଲାରୁ ଉଠି ନିତ୍ୟକର୍ମ ସାରି ଦି'ଖଣ୍ଡ ରୋଟି, ଆଉ ରାତିର ତରକାରି ଟିକିଏ ଖାଇଦିଏ । ଗିଲାସେ ନାଲି ଚା' ପାଣି ଢୋକ ବି ଢାଳି ପକେ । ମା' ଚଣ୍ଡୀଙ୍କୁ ସୁମରଣା କରି କଥାଣ କରେ—ଜାଣୁ ତ ମା, ଏ ଜୀବନମୂର୍ଚ୍ଛା କାମ, ତୋରି ଶରଣ ପଶିଲି ।

Digitized by srujanika@gmail.com

ରିକ୍‌ସା ନେଇ ରାସ୍ତାକୁ ବାହାରେ । ଯାହା କପାଳରେ ଥାଏ ରୋଜଗାର କରି, କେଉଁ ହୋଟେଲରେ ପଶେ । ଦିନ ବାରଟାରୁ ଗୋଟାଏ ବେଳଯାଏ ରିକ୍‌ସା ଉପରେ ଅଧଘଣ୍ଟାଏ ବିଶ୍ରାମ ନିଏ । ସେଥିରେ ବି ବ୍ୟାଘାତ ଘଟେ । ବାବୁଲୋକେ ପାଟିକରି ଉଠାନ୍ତି ।—

ପୁଣି ସେଇ କାମ ପୁନରାବୃତ୍ତ ହୁଏ । କେବେ କେବେ ଡେରି ହେଲେ, ଗନ୍ଧବାବୁ ବିରକ୍ତ ହୁଅନ୍ତି । କହନ୍ତି, ସେ ରିକ୍‌ସା ପୁଣି ରାସ୍ତାରେ ଚଳାଇବାକୁ ଆଉ କିଏ ନେବ ତ ? ରାତିପାଇଁ ସେ ରିକ୍‌ସା ଭଡ଼ା ଅଢ଼େଇଟଙ୍କା ନିଅନ୍ତି, ଆଉ ଦିନବେଳା ପାଇଁ ତିନି—

ଆକୁଳାନନ୍ଦ ପୁଣି ପଚାରିଲା, ଏତେ ଦୁଃଖ କଷ୍ଟ ସହି, ଏତେ ପରିଶ୍ରମ କରୁଛୁ, ରକ୍ତ ପାଣି ଫଟାଇ ତୁ ଦିନକୁ କେତେ ରୋଜଗାର କରୁଛୁ ?

ତା'କୁ ଅଧିକ କୁହାଇ ନ ଦେଇ ଚଇତୁ ରିକ୍‌ସା ଅଟକାଇ କହିଲା, କଷ୍ଟ ନ କଲେ କୃଷ୍ଣ ମିଳନ୍ତି ନାହିଁ ବୋଲି ସମସ୍ତେ କହନ୍ତି । ସାତକ୍ଲାସ୍ ଯାଏ ପାଠ । ଅଭାବ ପାଇଁ ପାଠପଢ଼ା ଛାଡ଼ିଲି । ଏବେକାଲକୁ ବି. ଏ, ଏମ୍ ଏ ପଢ଼ି ଚୁର ପିଅନ ଚାକିରି ଝଣ୍ଟେ ମିଳୁ ନାହିଁ । ମତେ ପଚାରନ୍ତା କିଏ ?—

କାହାଘରେ ଚାକର କରି ବାସନମାଜ ଲୁଗାକାଚ ଆଜ୍ଞାକୁ ଅବଧାନ ହୋଇ ମଜୁରି ବାବଦ ମୁଠିଏ ଖାଇ ମାସକୁ ଦଶ ପନ୍ଦର ଟଙ୍କା ଦରମା ପାଇବାଠାରୁ ନିଜେ ସ୍ୱାଧୀନ ହୋଇ ରିକ୍‌ସା ବୋହି ଦିନକୁ ସବୁ ଖରଚ ତୁଲାଇ ହାରାହାରି ପନ୍ଦରରୁ କୋଡ଼ିଏ ଟଙ୍କା ରୋଜଗାର କରିବା କଣ ଭଲ ନୁହେଁ କି ବାବୁ ?

ବିସ୍ମିତ ହୋଇ ଆକୁଳ ରିକ୍‌ସାର କଡ଼େ କଡ଼େ ଚାଲୁ ଚାଲୁ ଚୁନିଆଁ ହୋଇ ଠିଆହେଲା ।

ଅଟକିବା'ର ଦେଖି ଚଇତୁ ବି ଗଡ଼ାଇ ଗଡ଼ାଇ ନେଉଥିବା ରିକ୍‌ସାକୁ ଅଟକାଇ ପଚାରିଲା, ଅଟକିଲ କାହିଁକି ? ହାଲିଆ ହେଲ ? କନଷ୍ଟବଲବାବୁଙ୍କ ମାର୍କିଂ ଚାଲକୁ ସିନା ଅଳପ ବାଟ, ନୋହିଲେ ତମ-ଆମ ଚାଲକୁ ଗନ୍ଧବବାବୁଙ୍କ ରିକ୍‌ସା କାରଖାନା ଛକ ପାଖରୁ ଗଦାଏ ବାଟ ।

ହ' ପାଖରେ କେତେ ଘରବାଡ଼ି, ଅସନା ପୋଖରୀ ଗଳିଟି ଦେଖିଲ ତ ? ହେଇଟି ଆଗରେ ଯେଉଁଠି କେତେ ଗୁଡ଼ିଏ ରିକ୍‌ସା ରାସ୍ତାର ଦୁଇ ପାଖରେ ଦେଖୁଛ, କେତେଜଣ ଲୋକ ଆଣ୍ଠୁଇ ପଡ଼ି କଣ କାମ କରୁଛନ୍ତି, ସେଇଠି ହେଉଛି ଗନ୍ଧବାବୁଙ୍କ ଘର ।

Digitized by srujanika@gmail.com

ଉଚ୍ଚ ଦୋତାଲା କୋଠା । ଆଗରେ ପୋର୍ଟିକୋ । ତା ପରେ ଅଲଗା ଗୁଡ଼ିଏ ଧାଡ଼ିଏ ଷ୍ଟଲଘର । ଏକବଖୁରିଆ କୋଠରି । ତା'ର ଚଉଡ଼ା ବାରଣ୍ଡା କଡ଼କୁ, ଚଉଡ଼ା ବନ୍ଧାଣିଘେରା ବଡ଼ କୂଅ । ପାଣି ଟାଣିବାକୁ କୂଅ ଉପରେ 'ପୁଲି' ଖଞ୍ଜା ।

ଘରପାଖେ ଉଚ୍ଚ-ପାଚେରି ଘେରା । ରାସ୍ତାଆଡ଼କୁ ଚଉଡ଼ା ଦୁ'-ପାଖିଆ ଲୁହାଛଡ଼ର ଫାଟକ । ଫାଟକର ଦୁଇ ପାଖରେ ପାଚେରିର ମଥାନଉପରୁ ଗଡ଼ାଣିଆ କରି ତୋଳା ହୋଇଛି ରିକ୍ସା ରଖିବା ପାଇଁ କୋଠରି ଗୁଡ଼ିଏ । ଉପରେ ଆସ୍‌ବେଷ୍ଟସ ସିଟ୍ । ପ୍ରତ୍ୟେକରେ ଟିଣର ଜାଉଁଳି କବାଟ ।

ଗନ୍ଧର୍ବବାବୁ ରାସ୍ତା କଡ଼ରେ ଠିଆହୋଇ ଅଖଣ୍ଡ-ରିକ୍ସା ମରାମତି କରୁଥିବା ମିସ୍ତ୍ରୀ ଓ ବାଳକମାନଙ୍କର କାମ ଦେଖୁଥିଲେ । ଟିକିଏ ଦୂରରେ ମୋଟାଟିଏ ଦପି ଟାୟାର ମରାମତି କରିବାକୁ ସଜ ହେଉଥିଲା ।

ପଚାଶ ଅବା ତାହୁଁ କିଛି ଅଧିକ ବୟସର ଜହ୍ନିମଞ୍ଜି ପରି ଚକଚକ କଳା ବର୍ଣ୍ଣର ସ୍ୱାସ୍ଥ୍ୟବାନ ଚୌକାଠିଆ, ପାନଲମ୍ବୁଣିଆ, ବଳିଷ୍ଠ ପୁରୁଷ । ବଡ ବଡ଼ ଆଖି ଦିଓଟି ନିଶା ଖାଇଲା ପରି ରଙ୍ଗିଲା, ଢ଼ମାଢ଼ମା । ବଡ଼ ନାକ । ଚଉଡ଼ା କପାଳ ।

ସେ ବାହାରେ ରାସ୍ତାକଡ଼ରେ ଠିଆହୋଇ କେତୋଟି ରିକ୍ସାର ମରାମତି କାମ ପରିଦର୍ଶନ କରୁଥିଲେ । ଚଇତୁକୁ ଦେଖି ସେ ପଚାରିଲେ, ତୋର ରିକ୍ସାର ପୁଣି କଣ ହେଲାରେ ? କାହାର ସାଇକେଲଟି ଲଦିଛୁ ? ଏ ଭଦ୍ରଲୋକ ଜଣକ କିଏ ?

ଆକୁଳି ନମସ୍କାର କରି କହିଲା, ଆଜ୍ଞା ! ମୋର ସାଇକେଲର ଆଗ ଟାୟାର ଓ ଟିଉବ୍ ଫାଟିଗଲା ।

ଚଇତୁ ତା ପାଟିରୁ କଥା ଛଡ଼ାଇ ନେଇ କହିଲା—ଏ ବାବୁ ସାଇକେଲ ଗଡ଼ାଇ ଗଡ଼ାଇ ହଇରାଣ ହୋଇ ଆସୁଥିଲେ । ମୋତେ ଅଟକାଇ ସ୍ୱା'ଙ୍କୁ ଏଠିକି ଆଣିବାକୁ ସେ କହିଲେ ମୋ ରିକ୍ସାଟି କଡ଼କଡ଼ ଶବଦ କରୁଛି ସେ ।

ଗନ୍ଧବାବୁ କହିଲେ, ସବୁ ମୁଁ ବୁଝିଗଲି । ସାଇକେଲଟି ଉତାରି ଥୋଇଦେ । ସେମାନେ ତାକୁ ସଜାଡ଼ିବେ । ବାବୁ ଅପେକ୍ଷା କରନ୍ତୁ । ଅଢ଼ୁଆ କାମ । ଟିକିଏ ଡେରି ହେବ । ତୁ ଆଉଗୋଟିଏ ସଜଡ଼ା ରିକ୍ସା ନେଇଯା । ତା ନମ୍ବର ଆମ ଖାତାରେ ଲେଖାଇ ଦେଇଯା । ଦିନଟି ମାଗ କରିବୁ କି ହିକ ? ବେଳ ତ ମୋଟେ ନଅଟା ।

Digitized by srujanika@gmail.com

ବାମ ହାତରେ ବାନ୍ଧିଥିବା ବଡ଼ ଘଣ୍ଟାଟାକୁ ଚାହିଁ ଉଠାଉଣ୍ଡ କଲେ, ହଁ ସେଇଆ ।

× × ×

ଆକୁଳର ଗୋଡ଼ରୁ ମୁଣ୍ଡଯାଏ ଗୋଟିଏ ଦୃଷ୍ଟିରେ ଚାହିଁ କହିଲେ, କେଉଁଠି ଦେଖିଲାପରି ତମେ ଚିହ୍ନା ଚିହ୍ନା ଲାଗୁଛ ବାବୁ ! ଥରେ ନୁହେଁ, କେତେଥର ଦେଖିଛି ।

ଆକୁଳ କୃତାର୍ଥ ହୋଇ ଉତ୍ତର ଦେଲା, 'ଦେଖିଥିବେ କେଉଁଠି ! ବଜାର ହାଟରେ, ରାଧାଶ୍ୟାମଙ୍କ ମଠର ସଂକୀର୍ତ୍ତନରେ ଅବା କେବେ କେଉଁ କେଉଁ ଖେଳରେ ଖେଳ ପଡ଼ିଆରେ ।'

'ଠିକ୍ ସେଇଠି । ଆଗେ ଟାଉନ୍ ଟିମରେ ମିଶି ଫୁଟ୍‌ବଲ୍ ଖେଳୁଥିଲି । ଓଃ, ବହୁତ ବର୍ଷ ଗଲେ । ସେଥିପାଇଁ ବେଉସାରେ ପଶି ଖେଳ ଛାଡ଼ିଲି । ହେଲେ ଖେଳ ଦେଖିବାରେ ମୋର ଖୁବ ସଉକ୍ ।'

ଏବଯାଏ ଆଜ୍ଞା ?

ସଉକ କଣ ଯାଏ ? କାମର ଭିଡ଼ । ସେଇଥିରେ ଆଣ୍ଠେଇ ପଡ଼େ । ରାତି ଅଧାଯାଏ । କେତେବେଳେ କେଉଁ ଗଡ଼ିଆ କେଉଁ କାରଖାନାରୁ ଫେରନ୍ତି, ସେ ବିଷୟ ବୁଝିବାକୁ ହେବ ତ ? ଟେଲିଫୋନରେ କାଏ କେଉଁଠୁ କଣ ଖବର ପଠାଏ, ତାକୁ ତଦାରଖ କରିବାକୁ ଲୋକ ପଠାଏ ।

ସହାୟ କାରବାର ଝମେଲା । ବେଳେ ବେଳେ ମନେ ପ୍ରାୟ ବୁଝିବାକୁ ପଡ଼େ । କି ଦିନ, କି ରାତି, କାର୍ଣ୍ଣ ନିସରେ ଗଣ୍ଡିଏ ଖାଇ ପାରୁନାହିଁ । ଶୋଇ ପାରୁନାହିଁ । ସାହା ହେବାକୁ ସାହାକୁ ରଖିଲି, ସେ କାହିଁ ବାଗାକାଟି ଗଲା । ମୁଁ ଆଉ ଖେଳିବ କଣ ? ଖେଳ ଦେଖିବାକୁ ବେଳ କରିବା ତ କାଠିକର ପାଠ । ତେବେ ବାଉନ୍ କ୍ଲବକୁ, ଟିମ୍‌କୁ, ପୁଣି ମ୍ୟାଚ୍‌ଖେଳ ବେଳେ, ଫୁଟ୍‌ବଲ୍, ହକି, କ୍ରିକେଟ, ଟେନିସ୍ ସାହା ହେଉଥାଉ ମନେ ଚାନ୍ଦା ଦେବାକୁ ପଡ଼ୁଛି । ବାପାମାନଙ୍କୁ ଦେଉଥିଲି, ଏବେ ପୁଅମାନଙ୍କୁ ଦେଉଛି । ଠିକ ଦଶହରା ବେଳେ ଦୁର୍ଗାପୂଜା, ମହାଲକ୍ଷ୍ମୀ ପୂଜା, ଗଣେଶ, ସରସ୍ୱତୀ ପୂଜାପରି, ପୁଣି ସାହିଯାତ ପରି ।

ଗୁଡ଼ । ଠିଆଠିଆ କେତେ ଗପିବ ବାବୁ ? ମୁଁ କିବା ମନୀଷଟାଏ ଯେ ! କଥାରେ ଅଛି -ଚଙ୍ଗୁଡ଼ି ଚପିଲେ ମୁଣ୍ଡରେ ଘିଅ । ମୁଁ ସେଇ ଚଙ୍ଗୁଡ଼ିରୁ ଗୋଟିଏ ।

Digitized by srujanika@gmail.com

କି ବଦଳ କରିବ ? ତେବେ ହଁ, ପିଲାଦିନ ପରି ପରଦୁଆରେ ହାତ ପାତିବାକୁ ହେଉ ନାହିଁ ।

ଆରେ ହଁ, ତମେ ଅଉ ହାଲିଆ ହୋଇ ପଡ଼ିଲାପରି ଦିଶୁଛ । କେଉଁଠୁ ଆସିଛନ ? ତମକୁ ଠିଆକରି ମୁଁ ଗପୁଛି । ତମ ସାଇକଲ ମରାମତି କରିବାକୁ ଡେରି ହେବ । ଆସ, ଟିକିଏ ଆମ ଘରେ ବସିଯିବ ।

ଆକୁଳ କହିଲା, ଆମ ଘର ମଫସଲରେ, ଏଠିକି ଏକୋଇଶ ମାଇଲ ଦୂର । ମକାନ୍ଦ ବାହାରିଥିଲି । ଆପଣଙ୍କ ପାଖରେ ମୋର କାମ ଥିଲା । ମାନେ, ଆପଣଙ୍କ ପରି ··

ଆକୁଳାନନ୍ଦକୁ ଅଧିକ କୁହାଇ ନ ଦେଇ ଗନ୍ଧର୍ବ କହିଲେ, ହଉ ଠିଆ ଠିଆ କ'ଣ ଶୁଣିବ ? ଆସ, ଘରେ ବସି କଥାବାର୍ତ୍ତା ହେବା ।

ବୁଝିଲି । ଗୋଟିଏ ଅନୁରୋଧ କରିବ । କ'ଣ କି, ଭଲରେ ଭଲରେ ବି.ଏ, ପାସ୍ କଲି । ମେଳାରେ ନାମ କମେଇଲି । ନାମଟା ରେଜିଷ୍ଟ୍ରିଭୁକ୍ତ କଲି, କଷ୍ଟରେ କେତେ ଗ୍ରେଟିଆ ଠାକୁରଙ୍କ ପାଖରେ ଭୋଗ ଲଗାଇ ।

ଗନ୍ଧର୍ବବାବୁ ଆକୁଳାନନ୍ଦର ହାତଟିଏ ଧରି କହିଲେ, ବୁଝିନେଲି । ସେମିତି କରାଯାଏ । ଏବେ କେଉଁଠି ଦରଖାସ୍ତ କରି ଭୋଗରାଗ ଲଗାଇ ଚେଷ୍ଟା କର । ହାତ ଚକଣିଆଁ ଗୁନ୍ନାଗି ହୋଇଥିବ । ମିଳିଯିବ କେଉଁଠି । ସେଇଠୁ ତେମେ ବ ଦେ-କନା ହେବ ।

ମାନେ ?

ତମ ପାଖରେ ଲୋକେ ଭୋଗ ଲଗାଇବେ । ସେମିତି ଗୁଳିର ବେପାର ଏବେ ଚାଲିଛି । ହଉ ଗ୍ରାଡ଼ । ସେ ସବୁ ତମର ବେପାର ବଣିଜର କଥା । ଆସ, ଘରକୁ ଆସ । ସେଇଠି --କଥାବାର୍ତ୍ତା ହେବା ।

ଉତ୍ତରକୁ ଅପେକ୍ଷା ନ କରି ଗନ୍ଧର୍ବ ଦେହେରି ଆକୁଳାନନ୍ଦର ହାତଧରି ନିଜେ ଯାଉଁ ଆଉ ବାକ୍ୟବ୍ୟୟ ନ କରି ନିଜର ଘରଆଡ଼କୁ ତାକୁ ଟାଣିନେଲେ । ପୋର୍ଟିକୋ ଅତିକ୍ରମି, ପାହାଚ କେତୋଟି ଚଢ଼ି ବାରଣ୍ଡା ଉପରକୁ ଉଠିଲୁ ତାର ହାତ ଛାଡ଼ିଲେ ।

କହିଲେ, ଆସ ଆକୁଳାନନ୍ଦବାବୁ ! 'ଲାଜକୁଳା, ଡରୁଆ, ଅବା ହାମ୍‌ବଡ଼ା ପଣିଆର ଲୋକ ଏବକା ଦୁନିଆରେ ଚଳିପାରିବ ନାହିଁ । ଅଚଳ ମୁଦ୍ରା ହେବ ।

Digitized by srujanika@gmail.com

କ'ଣ ବୁଝିଲ ବା, ଏଠି ନଜର ପାଇଲେ ପତିଆର ପ୍ରଶଂସା ଲୋକେ କରିବେ । କେହି ଶୁଣୁ ବା ନ ଶୁଣୁ ନଜର ଗୁଣ ବଡ଼ ପାଟିକରି ଲୋକେ ପ୍ରଚାରିବେ । ତେବେ ସିନା କଏ ପାଖକୁ ଆସି ତମକୁ ପଦେ ପଚାରିବ, ନୋହିଲେ ତ ତମେ ସିଆଡ଼େ, ଆମେ ଇଆଡ଼େ ।

× × ×

ଦାଣ୍ଡଘର ଖୋଲାଥିଲା । ଗନ୍ଧବାବୁଙ୍କର ବୈଠକ ଘର । କର୍ମଶାଳା ବି ହୋଇପାରେ । ଲମ୍ବାଳିଆ ଘରଟିରେ ଦୁଇଟି ଦୁ' ଫାଳିଆ କବାଟ । ବେଶ୍ ଚଉଡ଼ା । ସିଧା ସଳଖ ଭିତର ବାରଣ୍ଡାକୁ ମଧ୍ୟ ସେମିତି ଯାଉଁଳି କବାଟ ଲଗା ଦିଓଟି କବାଟ । ସମ୍ବଲପୁରୀ ପରଦା ଲାଗିଛି ।

ଘର ଭିତର ବେଶ ପରିଷ୍କାର । ମଝିରେ ଢନୋଟି ଏକମସ୍ତର ଟେବୁଲ । ମଝି ଟେବୁଲ ଉପରେ ଟେବୁଲ କ୍ଲଥ । ଆଉ ଦିଓଟି ଉପରେ ରବରର ଚଦର । ସାଇକଲର ପାର୍ଟସ୍‌ଗୁଡ଼ିଏ ରଖାହୋଇଛି । କେତେ ନୂଆ, କେତେ ପୁରୁଣା । ମଝି ଟେବୁଲ ଓ କଡ଼ର ଦୁଇଟି ଟେବୁଲ ମଝିରେ ଜଣେ ମଣିଷ ଯିବାକୁ ବାଟ ଛଡ଼ାଯାଇଛି ।

କୋଠରୀର ଦୁଇକଡ଼ର କାନ୍ଥ କେବଳ ନୁହେଁ, ଅନ୍ୟ ଦୁଇ କଡ଼ରେ ମଧ୍ୟ ଯେଉଁଠି ସ୍ଥାନ ଅଛି ସେଇଠି ଗୁଡ଼ିଏ ଚଉଡ଼ା ଆଲମାରି ଅଲପ ଗୁଡ଼ି ଗୁଡ଼ିକା ପଡ଼ିଛି । ସେଥିରେ ନୂଆ ଓ ପୁରୁଣା ସାଇକଲ ପାର୍ଟସ, ବିଭିନ୍ନ ଯନ୍ତ୍ରପାତି, ଗ୍ରିଜ ଇତ୍ୟାଦି ରଖା ହୋଇଛି ।

ମଝି ଟେବୁଲ ଉପରେ ଟେଲିଫୋନ; କଲିଂବେଲର ସ୍ୱିଚ । ଭିତର ବାରଣ୍ଡାକୁ ଲାଗି ଗ୍ରେଟ ଅଗଣା । ଅଗଣାର ଆର ପାଖରେ ଟାଇଲ ଛପର ରୋଷଘର । ବାରଣ୍ଡାର କଡ଼ରେ ଉପର ମହଲାକୁ ଯିବାକୁ ପାହାଚ । ସେଇ ମହଲାରେ ଶୟନ କକ୍ଷ ।

ତଳଖଣ୍ଡ ଭିତରକୁ ଯିବା ଆସିବାକୁ ଅନ୍ୟ ଗୋଟିଏ ଦ୍ୱାର ମଧ୍ୟ ଅଛି । ବହୁ ଲୋକ କୋଠାର କଡ଼ରେ ଥିବା ଚଉଡ଼ା ଘରେଇ ରାସ୍ତାରେ ଯା'-ଆସ କରୁଥିବା, ଦାରଣ୍ଡା ଉପରେ ଗନ୍ଧବାବୁଙ୍କ ପାଖରେ ଠିଆ ହୋଇଥିବା ବେଳେ ଆକୁଳାନନ୍ଦର କୁତୂହଳୀ ଆଖିରେ ପଡ଼ୁଥାଏ ।

ସେ ବିଚାରିଲା, ସେ ତ ଦୃଢ଼ ସଙ୍କଳ୍ପ ହୋଇ ଆସିଛି ଯେ ସେ କୌଣସି ନିଯୁକ୍ତିର ସନ୍ଧାନ ନ କରି ଏଥର ଘରକୁ ଫେରିବ ନାହିଁ । ବିଳମ୍ବ ନ କରି ସେ ନିଜର ସଙ୍କଳ୍ପ ଗନ୍ଧବାବୁଙ୍କୁ ଶୁଣାଇ ନ ଦେବ କାହିଁକି ?

Digitized by srujanika@gmail.com

ସେ ଗନ୍ଧବାବୁଙ୍କୁ କହିଲା, ମୋର ପାଠ, ଖେଳ ଓ ସେଇଥିପାଇଁ ମିଳିଥିବା ସମ୍ମାନସବୁର ଆର୍ଥିକ ମୂଲ୍ୟ ବିଶେଷ କିଛି ନାହିଁ । ହାତଗୋଡ଼ର ଶକ୍ତି ପ୍ରୟୋଗ କରି ମୁଁ କିଛି ରୋଜଗାର କରିବାକୁ ମନ କରିଛି ।

ଗନ୍ଧବାବୁ କହିଲେ, ଭଲ ତ, ସେଇଆ କର । ମୁଁ ମନା କରିବି ନାହିଁ । ମୁଁ ବି ଗୋଟାଏ ମୂଲିଆମୁଣ୍ଡ; ରୋଜଗାର କରି ରିକ୍‌ସା ଚଲାଇ ଏବେ ଗୁଡ଼ାଏ ରିକ୍‌ସା ଓ ଦ' ଖଣ୍ଡି ଟ୍ରକ୍ ଚଲାଇ କିଛି ଭଲ ରୋଜଗାର କରୁଛି ।

'କଥାବାର୍ତ୍ତା ହେବା, ବସ ।'

ଗନ୍ଧବାବୁ ମଝି ଟେବୁଲ୍‌ର ଆରପାଖକୁ ଯାଇ ବସିଲେ ଗୋଟିଏ ଚଉକିରେ । ଟେବୁଲର ଏ ପାଖରେ ଅନ୍ୟ ଗୋଟିଏ ଚଉକିରେ ବସନ୍ତେ ଟେଲିଫୋନ ବାଜିଲା । ରିସିଭର୍ କାନରେ ଲଗାଇଲେ । କେତେଥର ହଁ, ହଁ କହି ସେଇଠୁ କହିଲେ, ଆଗ କେବେ ଦରକାର କରୁଛନ୍ତି ସ୍ଥିର କରି ମତେ ଜଣାନ୍ତୁ । ସେଇଠୁ ମୁଁ କହିବି । ସ୍ଥିର କରି ଜବାବ୍ ଦେଇ ପାରୁନାହିଁ ।

ରିସିଭର୍ ଯଥା ସ୍ଥାନରେ ରଖି କହିଲେ, ଏଥର କହନ୍ତୁ, କିପରି ହାତ ଗୋଡ଼ର ଶକ୍ତି ବିନିଯୋଗ କରିବେ ? ଘଣ୍ଟି ବଜାଇ ଚିଣାବାଦାମ ଗରମ ବିକିବେ ନା ହାତଠେଲା ଗାଡ଼ିରେ ଆଇସ୍‌କ୍ରିମ୍ ସୋଡ଼ା, ଲେମୋନେଡ଼୍, ଅବା ଆଉ କ'ଣ ବିକିବେ ? ଖବର କାଗଜ ବିକିବେ ?

ଆକୁଳବାବୁ, ଆପଣ ଭାବନ୍ତୁ ନାହିଁ ଯେ ମୁଁ ଆପଣଙ୍କୁ ହେୟ ମଣି ଉପହାସ କରୁଛି; ତା ନୁହେଁ । ଯେଉଁ କଲେଜର ପାଠ ଆପଣ, ଆପଣଙ୍କ ପରି ଅନ୍ୟମାନେ ପଢ଼ିଛନ୍ତି ଏ ଯୁଗରେ ସେ ପାଠର ଅନ୍ୟ ଯେଉଁ ମୂଲ୍ୟ ଥାଉ ପଛେ, ଧନ ଅର୍ଜନ କରି ସଂସାର ଚଳାଇବାକୁ ତାହା ଉପଯୋଗୀ ନୁହେଁ ।

ମନର କଥା ପ୍ରକାଶ କରିବାର ସୁଯୋଗ ମିଳିଗଲା ଆକୁଳାନନ୍ଦକୁ । ସେ କହିଲା, ଆପଣଙ୍କୁ ଧନ୍ୟବାଦ ଯେ ଆପଣ ଯୁଗର ଚଳଣିକୁ ଠିକ୍ କଳନା କରି ପାରିଛନ୍ତି ।

'ଯେଉଁସବୁ କାମର ସଂକେତ ଦେଲି ସେଥିରେ ପରାଧୀନତାର ସଂପର୍କ ନାହିଁ । ଅତି ଅଳ୍ପ ପଢ଼ି କେବଳ ହିସାବ କରି ଜାଣିଲେ ଚଳିବ ।'

ରୋଜଗାର ସଙ୍ଗେ ଲୋକଙ୍କ ସଂସର୍ଗରେ ଆସି ସେ ମଣିଷ ଚହ୍ନିବ । ପର ଦୁଆରେ ମୁଣ୍ଡବିକାଙ୍କ ପରି ସେ ମନରେ ଅହଂଭାବ ଭରିବ ନାହିଁ ।

Digitized by srujanika@gmail.com

'ମୁଁ କାହିଁକି ଆପଣଙ୍କୁ ମନେ ମନେ ଖୋଜୁଥିଲି ଅର୍ଥାତ୍ ଆପଣଙ୍କ ପରି ଜଣେ ରିକ୍ସା-ମାଲିକଙ୍କୁ ଏଥର ଖୋଜୁଛି । ଆଗରୁ ଏତିକି କହି ରଖୁଛି, ମୁଁ କାହାର ଦୟାର ପାତ୍ର ହେବାକୁ ଚାହେଁ ନାହିଁ ।'

ଗନ୍ଧବାବୁ ସ୍ୱୀକୃତି ଜଣାଇ ମୁଣ୍ଡ ହଲାଇଲେ । କଲିଂବେଲକୁ ଦୁଇଥର ଚିପିଲେ । ଅକୁଳକୁ କହିଲେ, ଖୁବ୍ ଭଲ କଥା । ଏତିକି ମଣିଷପଣିଆଁର ଲକ୍ଷଣ । ଏଥର କହ ବାବୁ ତୁମର ଉଦ୍ଦେଶ୍ୟ କଣ ?

ଆକୁଳାନନ୍ଦ କାଳବିଳମ୍ବ ନ କରି କହିଲା, ମୁଁ ଜଣେ ରିକ୍ସାଚାଳକ ହେବାକୁ ଚାହେଁ । ଅନ୍ୟମାନଙ୍କ ପରି ମୁଁ ମଧ୍ୟ ଦୈନିକ ଭଡ଼ା ଦେଉଥିବି ।

ତୁମେ ରିକ୍ସା ଚଳାଇବ ଆକୁଳବାବୁ ? ମୂର୍ଖ ଚଇତୁ ପରି ? ମଦୁଆ ମଣି ସାମଲ, ଜେଲବାହୁଡ଼ା ଜନାକାଳିଆ ଦନୁସାମଲଙ୍କ ପରି ? ସେମାନଙ୍କ ଭିତରେ ଯେ ଭଲଲୋକ ନାହାନ୍ତି ଏହା ମୁଁ କହୁନାହିଁ । କିନ୍ତୁ ଏପରି ଲୋକ ଅନେକ ଅଛନ୍ତି ।

ଅକ୍ଳାନ୍ତ ପରିଶ୍ରମ ଯେମାନେ କରନ୍ତି । ଧନ ଲୋଭରେ ଦିନରାତି ଖଟନ୍ତି । ମଜୁରି ଛଡ଼ାଇବାକୁ ମଦ ଓ ଅନ୍ୟାନ୍ୟ ମାଦକଦ୍ରବ୍ୟ ସେବନ କରନ୍ତି । କେହି କେହି ବେମାର ପଡ଼ି ଅକାଳେ ମରଣ ବି ଲଭନ୍ତି ।

ଅକ୍ଳାନ୍ତ ପରିଶ୍ରମ କରି ଖରା-ବର୍ଷା-ଶୀତ ଦେହରେ ଭୋଗାଇ ଆରୋହୀଙ୍କର ଜିନିଷପତ୍ର ନେଇ-ଥୋଇ-ଉତାରି ବେଳେବେଳେ ଗାଳିମନ୍ଦ ସହି ଭଡ଼ା ପାଇଁ କେତେ ଧନ୍ଦ-ଚନ୍ଦରେ ସେତକ ପାଇ ସେମାନେ ଯେ ଭଣୋଇଁ ଗୋଷ୍ଠୀର, ନୀରବରେ ସେଲକ ମାନିଲା ପରେ ଭଡ଼ା ମିଳେ ।

ଦିନକର କାମ ସରିଲେ କେତେ ରୋଜଗାର ଗାଏମୋଟ କରି ଦେଖିଲେ ହେବ, କେବେ ପନ୍ଦର-ଷୋହଳ ତ କେବେ ବା କୋଡ଼ିଏ-ବାଇଶି । ମୁଁ ମାନୁଛି ଆକୁଳବାବୁ, ସେତକ ଦେଖିଲେ ଦେହର ଦୁଃଖ, ପେଟର ଭୋକ ଓ ମନର କ୍ଷୋଭକୁ ଭୁଲି ଯାଇ ହେବ । ଆସନ୍ତାକାଲିର ସୌଭାଗ୍ୟକୁ ସ୍ୱପ୍ନ ଦେଖି ହେବ । କିନ୍ତୁ କେତେ କଳବଳ ଜୀବନ !

ଆକୁଳାନନ୍ଦ ଚିନ୍ତାମଗ୍ନ ହେଲା । ତାର ପିଞ୍ଜରା ଟଳମଳ ହେଲା । ସିଦ୍ଧାନ୍ତ ଶୂନ୍ୟରେ ଝୁଲିଲା । ମନ ପଚାରିଲା ଚେତନାକୁ, ତେବେ -

ଚେତନା ସାନ୍ତ୍ୱନା ଦେଲା, ବାଲିମାଟି ହାଡ଼ରେ ଲଦି, ଦେହର ସ୍ୱେଦର ଧାର ଧରଣୀ-ମାତାର କୋମଳ ପାଟିରେ ଢାଳ । ତା'ର ତୃଷା ମେଣ୍ଟୁ । ସେ ତୋର ଅଭାବ ମେଣ୍ଟାଇବ ।

Digitized by srujanika@gmail.com

ଆକୁଳ ସ୍ଥିର କଲା, ଆଉ ମୁହୂର୍ତ୍ତେ ବିଳମ୍ବ ନ କରି ସାଇକେଲ୍‌ଟି ସଜଡ଼ା ହେବା ସଙ୍ଗେ ସଙ୍ଗେ, ଯେଉଁ ବାଟରେ ଆସିଥିଲା ସେହି ବାଟରେ ଫେରିଯିବ ।

ଯେତେ ସବୁ ସାର୍ଟିଫିକେଟ, ମେଡ଼ାଲ୍, ପ୍ରଶଂସାପତ୍ର ସବୁ ଏକାଠି କରି ବାନ୍ଧିବ । ପୁଡ଼ାଟିଏ କରି ଜେଜେଙ୍କ ଅମଳର ଗୋବରମଧ୍ୟ କାଠ ସିନ୍ଦୁକର ଅନ୍ଧାରି ଗର୍ଭକୁ ନିକ୍ଷେପିବ ।

× × ×

ତାର ଅନ୍ୟମନସ୍କତାକୁ ଦୋହଲାଇ ଦେଲା, ଘଣ୍ଟା ଭିତରେ ବାରଣ୍ଡା-ଆଡ଼୍, ଅଧଖୋଲା କବାଟର ଫାଙ୍କାଟାରୁ ନାରୀ କଣ୍ଠର ସ୍ୱର । କିଏ କାହାକୁ କହୁଛନ୍ତି, ପୁଣି ଖାଲି ତ ନାହିଁ ତଣ୍ଡ ନାହାନ୍ତି । ତୁ ଟ୍ରେ'ଟି ନେଇ ଯା ମା' ! ଟେବୁଲ ଉପରେ ଥୋଇ ଦେଇଆ ।

ଜଅଁଳିଆ ଯୁବତୀଆ ଝିଅଟିଏର ମୁହଁ ଟିକି ପୁଣି ଛପିଗଲା । ଛପି ରହିଥିବା ନାରୀଙ୍କର ସ୍ୱର ପୁଣି ଶୁଭିଲା, 'ସାତପର କେଉଁଠିକାର କିଏ ଟୋକାଟିଏ ବସିଛି ବା', ତାଙ୍କର ପାଇଁ ଆଉ କପେ ଲାଗି ତୋ ବାପା କହିଲେ । ଯା' ମା ରତ୍ନା !

ଗୋଟିଏ ଟ୍ରେରେ କାଜୁ ବିସ୍କୁଟ ଓ ଦୁଇ କପ୍ ଚା' ଧରି ଷୋଳ ସତର ବର୍ଷର ଲମ୍ବା ଫ୍ରକ୍‌ପିନ୍ଧା ଝିଅଟିଏ ଘର ଭିତରକୁ ଆସିଲା । ଟ୍ରେ'କୁ ଟେବୁଲ ଉପରେ ଥାପି ଟେବୁଲ ପାଖରୁ ଟିକିଏ ଦୂରେଇ ଠିଆ ହେଲା ।

ଗୋରା ତକତକ ସ୍ୱାସ୍ଥ୍ୟବତୀ ଝିଅଟିଏ ରତ୍ନା, ତାର ଅନୁଜା ମଲ୍ଲିକା ଓଡ଼ରେ । ମୁହଁଟି ପାନପତ୍ର ପରି । ସହରରେ ଅଳ୍ପସରେ ବଢ଼ି ମଧ୍ୟ ଲାଜ ଲାଜ ଢଙ୍ଗ । ବଢ଼ି ଉଠୁଥିବା, ଗଢ଼ି ହେଉଥିବା ଅଙ୍ଗକୁ ଆବୃତ କରି ନାହିଁ ଗାଉଁଲି ଖିଅରେ ଚଡ଼ି, ବ୍ଲାଉଜ୍, ଶାଢ଼ୀ । ରତ୍ନା ପିନ୍ଧିଛି ରଙ୍ଗୀନ ଛପା ପ୍ୟାଣ୍ଟ୍ ଉପରେ ଲମ୍ବା ଫ୍ରିଲିଆ କନାର ଫ୍ରକ୍ ।

ପ୍ଲେଟ ସହିତ ଉଠାଇ ଗନ୍ଧର୍ବବାବୁ କପେ ଚା' ଆକୁଳାନନ୍ଦର ହାତକୁ ଟେକି ଦେଲେ । ନିଜେ ପିଇବାକୁ ଆଉ କପ୍‌ଟିକୁ ହାତରେ ଉଠାଇଲେ । ଝିଅକୁ କହିଲେ, ତୁ ଏଠୁ ଯା' ମା ! ପରେ ଆସି କପ୍-ପ୍ଲେଟ ନେଇଯିବୁ ।

ରତ୍ନା ନୀରବରେ ଫେରିଗଲା । ଠିକ୍ ସେତିକିବେଳେ ଚାକରଟି ଆସି ଖବର ଦେଲା ଯେ ବାବୁଙ୍କର ସାଇକଲ ମରାମତି ହୋଇ ସାରିଛି । ସେ ଗନ୍ଧର୍ବବାବୁଙ୍କୁ କହିଲା, ଆକୁଳବାବୁଙ୍କୁ କୁହନ୍ତୁ, ମୋତେ ଟଙ୍କାଟିଏ ଦେଲେ । ମୁଁ ଦେଇଛି । ମୁଁ ମୋ' ଛୁଟି ନେଇ ଚାଲିଯାଉଛି । ବାବୁଙ୍କ ସାଇକଲଟି ପୋର୍ଟିକୋ ଭିତରେ ଅଛି ।

Digitized by srujanika@gmail.com

ଆକୁଳ ଟଙ୍କାକୁ ଆସି ଚଇତନ୍ୟକୁ ନଜେ ଟଙ୍କା ଦେଇ ସ୍ୱସ୍ଥାନକୁ ଫେରି ଯାଆନ୍ତେ, ଗନ୍ଧବାବୁ କହିଲେ—ମୋ ମନର କଥାଟି ଏଥର ନମ୍ରୁଛ ଜନ୍ଧ ଏବଂ ଆକୁଳବାବୁ ! ବେପାର ବଣିଜର କଥା । ମୁଁ ଭାବୁଛି, ଏଥିରେ ଆମ ଉଭୟଙ୍କର ଲାଭ ।

ଆକୁଳ ଉତ୍ତର ଦେଲା—କୌଣସି ଯୌଥ ବ୍ୟବସାୟ କରିବାକୁ ମୋ ପାଖରେ ଧନ ନାହିଁ । ସେଇଥିପାଇଁ ସ୍ୱକୀୟ କରି ଧନ ଅର୍ଜିବାକୁ ଚେଷ୍ଟା କଲି । ଖର୍ଚ୍ଚାନ୍ତ ହେଲି । ଗରୁଖାଇ ଘୋଡ଼ାଙ୍କୁ ଖୋଜିଲି—ଗଧଙ୍କୁ ବି ! ସେମାନଙ୍କର, ହେପ୍ସା ରଡ଼ି ଶୁଣି, ନାଡ ଖାଇ ଫେରିଲି । ଧାଇଁ ଆସିଲି ବଡ଼ ସହରକୁ ରକ୍ସା-ଚଲାଇ ଘରକୁ ଦଶ ପନ୍ଦର ଟଙ୍କା ଭେଜିବ । ସେଇଥି ପାଇଁ ଆପଣଙ୍କ ପାଖକୁ ଆସିଥିଲି—

ସମସ୍ତେ ବଡ଼ ବଡ଼ କଥା କହିବେ, ଉପଦେଶ ଦେବାକୁ ବେଦ ବ୍ୟାସ ହେବେ । ଅଭାବ ଦୂର କରିବାକୁ, ଅସୁବିଧା ମେଣ୍ଟାଇ କରିବାକୁ ସଂସାରରେ ଜଣେକ ଛଡ଼ା ଦ୍ୱିତୀୟ ବ୍ୟକ୍ତି ନ ଥାଏ—

ତା' ମାନିକୁ କଥା କହାଇ ନେଇ ଗନ୍ଧବ କହିଲେ, ତମେ ସତ କହୁଛ ଆକୁଳବାବୁ । ମୋ ନିଜକୁ କେବଳ ଅଭାବ ଓ ଅସୁବିଧା ଦେଲେ ମନେ ପଡ଼ନ୍ତି । ଅନ୍ୟ ସମୟରେ ଏ ନମକହାରାମ ମଣିଷ ତାଙ୍କୁ ପାସୋରି ଦିଅନ୍ତି ।

ଦୁଇ ହାତ ଯୋଡ଼ି ନେଇ ମୁଣ୍ଡରେ ଲଗାଇ ନମସ୍କାର କଲେ । ଆକୁଳାନନ୍ଦ କହିଲା, ଆପଣ ଭଗବାନଙ୍କ କଥା କହୁଛନ୍ତି; ମୁଁ କିନ୍ତୁ ଅନ୍ୟ ଜଣଙ୍କ କଥା ଭାବୁଥିଲି ।

ସେ ଜଣେକ ହେଉଛନ୍ତି ଜନ୍ମଦାତା ପିତା । ସେ ମୋର ନାହାନ୍ତି । ମୋ ମୁଣ୍ଡରେ ଚୁନ୍ନୁମନ ବୋଝ ଲଦି ଦେଇ ଅତି ନିର୍ଦ୍ଦୟ ଭାବରେ ସେ ସ୍ୱର୍ଗଯାତ୍ରା କରିଛନ୍ତି ।

ଟିକିଏ ନୀରବ ରହି ପୁଣି ସେ କହିଲା, 'ମୋର ନଯୁକ୍ତ ଲେଡ଼ା । ଉପାର୍ଜନ କରି କିନ୍ତୁ ସଞ୍ଚୟ କରି ପାରିଲି ଆପଣଙ୍କର ଝିଅ ରଡମଣି ବସ୍ତ୍ରର ମୋର ସାନ ଭଉଣୀ ମଞ୍ଜିନାଟିକୁ ଭଲ ଘର, ଭଲ ବର ଦେଖି ବାହା କରାଇଦେବ । ଦେଖୁ ଦେଖୁ ଦୁଇ ଅନ ବର୍ଷ ତ କଟିଯିବ ।'

ଗନ୍ଧବାବୁ କିଛି ସମୟ ତୁନିହୋଇ ରହିଲେ । ଭାବୁଥିଲେ ତାଙ୍କର ନିଜର ଝିଅ ରତ୍ନମଣୀ କଥା । ଦନ୍ତ କଳମ୍ବରେ ସେ ସଂସାର ପାତିଥିଲେ ।

ବଳବଳ ଗଲା ପରେ ହଠାତ୍ ସେ କହିଉଠିଲେ—ତମେ ମୋଟେ ଘରକୁ କେତେଟି ଟଙ୍କା ପାଇବାକୁ ଆଶା କର, ଅର୍ଥାତ୍ ମାସକୁ ସ୍ମରଣ ପଚିଶ ଟଙ୍କା ।

Digitized by srujanika@gmail.com

ସେଇଥିରୁ ତମର ରହଣି ଖର୍ଚ୍ଚ, ଖାଇବା ଖର୍ଚ୍ଚ, ଧୋବା-ଭଣ୍ଡାରୀ, ସିନେମା ଖର୍ଚ୍ଚ ମେଣ୍ଟିବ । ଯାହା ବଳିବ ଘର ପାଇଁ । ଏଇତ ?

ଆତ୍ମାନନ୍ଦ କହିଲ, ଆପଣଙ୍କର ଅନୁମାନ ଠିକ । ଖବର କାଗଜ, ମାସିକ-ପତ୍ରିକା, କେବେ କେବେ ସିନେମା-ଥିଏଟର (ସେ ସହରରେ ସେକଥାର ବନ୍ଦ) ଏସବୁ ସତ୍ତ୍ୱେ ମିତବ୍ୟୟୀ ହେଲେ ମୁଁ ଆଶା କରୁଛି ଟଙ୍କା ଦୁଇଶହ ମାସକୁ ସଞ୍ଚୟ କରିବି । ସେଥିରୁ ପଚ୍ଚଶହି ଟଙ୍କା ପୋଷ୍ଟ ଅଫିସରେ ସଞ୍ଚୟ କରି, ବାକି ଦେଢ଼ଶହ ବୋଉଙ୍କ ହାତକୁ ଦେବି । ଭଉଣୀର ବାହାଘର ପାଇଁ ସଞ୍ଚୟ କରିବେ । ସେ ଅତି ହିସାବୀ ଓ ଦୂରଦୃଷ୍ଟିସମ୍ପନ୍ନା ।

ଗନ୍ଧର୍ବ ବୁଝିଲେ । ମୁଣ୍ଡ ଟୁଙ୍ଗାଇ ସମ୍ମତି ଜଣାଇଲେ । କହିଲେ, ତମର ଯୋଜନା ମୁଁ ବୁଝିଲି । 'ଟଙ୍କାରେ ପଣସ, ପଇଠରେ ତେଲ' ପରି ଲାଗୁଛି । ତମ ପାଇଁ ମୋର ଗୋଟିଏ ପ୍ରସ୍ତାବ ଅଛି । ଯଦି ତମ ମନକୁ ପାଏ, ଆଉ ତୁମେ ସମ୍ମତ ହୁଅ ତାହା ଆଜିଠାରୁ କାର୍ଯ୍ୟକାରୀ ହେବ ।

କିନ୍ତୁ ମନେ କରିବ ନାହିଁ ବାବୁ । ତମର ସ୍ୱାଧୀନତା ଉପରେ ମୁଁ ହସ୍ତକ୍ଷେପ କରିବ ନାହିଁ । ପରସ୍ପରକୁ ସାହାଯ୍ୟ କରିବାର କଥା ।

'କଣ କୁହନ୍ତୁ ?'

ଗନ୍ଧର୍ବ କହିଲେ, ମୁଁ ଏକୁଟିଆ ଲୋକ । ମୋର ଜୀବନ ଚରିତ ଆଉ ଦିନେ କେବେ କହିବି । କୌଣସି ଘରର ମାହାପୁରୁଷ ନ ଥିବା ବିଧବାଟିର ମୁଁ ପୁଅ । ମୁଣ୍ଡରେ ମାଛ ଟୋକେଇ ଧରି ମୋ' ବୋଉ ଘର ଘର ବୁଲି ବିକେ ।

ଗ୍ରେଟ ପିଲଟିଏ ହୋଇଥିଲି ମୋ ବାପା ବଡ଼ ନଈରେ କୁମ୍ଭୀର ମୁହଁରେ ଗଲେ । ମନ କରିଥିଲେ ବୋଉ ଆଉ କାହାକୁ ଦୁତିଅ ହୋଇ ନୂଆ ସଂସାର ପାତିଥାନ୍ତା । କିନ୍ତୁ ସେ ସେତକ କଲା ନାହିଁ । ମୋ ମୁହଁକୁ ଅନାଇଁ ସେ ବିରତ ରହିଲା ।

× × ×

ଆମର ଦୁ' ବଖରା ଖୁଲଘର ଥିଲା । ପରଜ୍ଞଭୁ ଓ ବାଉ ମିଶି କମି ଦୁଇଗୁଣ୍ଠ ହେବ । ସେଇଠି ମୋ ଜନ୍ମ । ସେଇଠି ରହିଲୁ । ବାପା କିଛି ଟଙ୍କା ରଖିଥିଲେ । ତାକେ ତ ବୋଉ ମାଛଟୋକେଇ ମୁଣ୍ଡେଇ ଧକାଲୋଲି ବିକେ । ମତେ ଗୁହାଳୀରେ ଛାଡ଼ିଦିଏ ।

Digitized by srujanika@gmail.com

ବୋଉ ପୁଣି ପାଇଥିବା ଧନକୁ ଗହଣା ବନ୍ଧା ରଖି ସୁଧରେ ଅନ୍ୟମାନଙ୍କୁ ଉଧାର ଦିଏ । ଟଙ୍କାରେ ଅଣାଏଁ ମାସକୁ ସୁଧ । ସେ ଲେଖିପଢ଼ି ଜାଣିଥିଲା । ସେଇଟା ମୋ ଭାଗ୍ୟ ! ସେ ତାର ହିସାବ ରଖେ । ଘରରେ ମତେ ପଢ଼ାଏ । ଓଡ଼ିଆ ପାଠ । ପଣିକିଆ ବୋଲାଏ !

କେତେ ଦୁଃଖ କଷ୍ଟ ମଧ୍ୟ, ଯାହା କହନ୍ତି ନିଜ ପେଟରେ ଓଦାକନା ଦେଇ, ଧନ ସଞ୍ଚି ମତେ ପାଠ ପଢ଼ାଉଥିଲା ମା'-ମାନେ ବଞ୍ଚିବାଟି ଏ କେଉଁ ଆଶାରେ ଜାଣନ୍ତି ? ମୁଁ ପାସ କରିବି, ଚାକିରି କରିବି, ଦରମାକୁ ପକେଟରେ ନେବ, ଖାଲି ଉପୁରି ପଇସାରେ ତା' ଘର ଭରିବି ।

ଉପୁରି-ପଇସା ଧାରଣା ତା ମୁଣ୍ଡରେ ପଶିଲା କେଉଁଠୁ ଶୁଣିଲୁ । ମୁଣ୍ଡରେ, କାନ୍ଧରେ ମାଛର ଟୋକେଇ ନେଇ ବାବୁଘରକୁ ଯାଏ ତ, କେତେ ଘରେ ଲାଗୁଆ ବି ହୁଏ । ସେମାନେ ଚାକିରିଆ । ଦରମା କଥା ପକେଟରେ ନେଇ, ଉପୁରି ଧନରେ ସଂସାର ଚଳେ । ଆଗ ସରସ୍ୱତୀଙ୍କର ଦୟା ହେଲାରୁ, ସେଇଠୁ ତ ଦରବୁହାରେ ଲକ୍ଷ୍ମୀ ଦୟା ନ କରି ଯିବେ କୁଆଡ଼େ ?

'ଧନର ଅଭାବ ରହିବ ନାହିଁରେ ବାପ ! ତୁ ଟାଉଟାଉ କରି ପଢ଼ି ପକା । ପାଆସ କର । ସେଇଠୁ ଚାକିରି, ସେଇଠୁ....'

ମୋ ବୋଉର ଆଶା ମେଣ୍ଟିଲା ନାହିଁ ଆକୁଳବାବୁ, ମୋ' ଟିଉସନ୍ ଖର୍ଚ୍ଚ ତାର ପାଣିରେ ପଡ଼ିଲା । ଖେଳ କସରତ୍, ସିନାମା ଦେଖାରେ ତାର ଅର୍ଜିଲା ଧନ ମୁଁ ମାରିଲି । ଫେଲ, ଫେଲ, ଫେଲ । ଯାହା କହନ୍ତି ଚାରିଦଉଡ଼ିକଟା ଷଣ୍ଡୀ ପୁଅ ଅକର୍ମା !

ଚୁଣା ଗିର କଲି, ସାଙ୍ଗଙ୍କ ସଙ୍ଗେ ମିଶି 'ଛକପଞ୍ଝୁଆ ତାଆସ' ଖେଳରେ ହାତ ସଫେଇ କରି ମୋଫସଲିଆଙ୍କୁ ଠକିବାକୁ ଚେଷ୍ଟା କଲି । ଧରା ହୋଇ ପୋଲିସ ହାଜତରେ ଦି' ଦିନ ରହିଲି । ଉତ୍ତମ ମଧ୍ୟମ ଖାଇ ଦରମରା ହୋଇ ଫେରିଲି ।

ସେଇଠୁ ଆଜ୍ଞା ମୋର ଚେତା ପଶିଲା । ଜ୍ଞାନ ଉଦୟ ହେଲା । ମୋ ବୋଉ କନ୍ଦାକଟା କଲା । କହିଲା, ତୋର ପାଠ ସେତିକି ଥାଉ । ଲେଖି ପଢ଼ି ତ ଜାଣିଲୁ ଆଉ ବେଶୀ କଣ ହେବ ? ମନ୍ଦ ଦୁଷ୍ଟ ବୁଦ୍ଧି କରିବୁ ମୁଁ ଜୀବନ ହାରିବି ।

ମୁଁ ଜାଣିଥିଲି ଆକୁଳବାବୁ, ସେ ସେମିତିଆ ମଣିଷ । କାହା ଚକରେ, ସୁନା ମୁଣ୍ଡା ନ ହେଲା କାହିଁକି, ସେ ଟିପ ଛୋଡ଼ିବ ନାହିଁ । ମତେ ସେ କହିଲା, ତୋ' ନେଇ ମୁଁ ନିନ୍ଦା ଶୁଣିଲେ, ନିଶ୍ଚୟ ଜୀବନ ହାରିଦେବି ।

Digitized by srujanika@gmail.com

ମୁଁ ଡରିଗଲି ଆକୁଳବାବୁ ! ମୁଁ ଜାଣେ, ଯେ ସେଇ ଜାତିର ଲୋକ । ଯାହା କହିବ ସେଇଆ କରିବ ।

ପଚାରିଲି, ପାଠ ତ ହେଲା ନାହିଁ, ଏବେ କ'ଣ କରିବି ? କୂଳ ବେଉସା ମାଛଧରା, ନୌକାଚଲା କରିବି ? ମୁଣ୍ଡରେ ମାଛ ଟୋକେଇ ବୁଲାଇ ବେପାର କରିବି ?

ବୋଉ କହିଲା, ହଁ ବେପାର କର ଯେ ଏପରି ବେପାର ଓ ବେଉସା ତୋ' ଦେଇ ହେବ ନାହିଁ । ତୁ ଡେଜପତ୍ର ଦୋକାନଟିଏ ଏଇଠି କର । ମୁଁ ସାହାଯ୍ୟ କରିବି । ଆମର ଯେତିକି ହେଲା ସେତିକି । ବେଶି ଧନ ଲୋଡ଼ା ନାହିଁ, ବେଶି ଲାଭ ବି ଲୋଡ଼ା ନାହିଁ । ବଳେ ବେପାର ବଢ଼ିବ....

ସେଇଆ କଲି ଆକୁଳବାବୁ । ଆଉ ଅଧିକ ବର୍ଣ୍ଣିବା ଆବଶ୍ୟକ ନାହିଁ । ବ୍ୟବସାୟର ଧାରଣା ମୋ' ବୋଉ ମୋ' ମୁଣ୍ଡରେ ପୂରାଇଥିଲା । ସେଇଆ କରି ଆପଣ ମତେ ଆଜି ଯାହା ଦେଖୁଛନ୍ତି ମୁଁ ସେଇଆ ହୋଇଛି ।

ଆକୁଳାନନ୍ଦ କୁତୂହଳୀ ହୋଇ ପଚାରିଲି, ଦୋକାନ ତ କରିଥିଲେ, କିପରି ଆପଣ ଏତେ ଗାଡ଼ି ଓ ଟ୍ରକ୍‌ଗୁଡ଼ିକର ମାଲିକ ହୋଇ ପାରିଲେ ? ଏତେ ଜମିର ମାଲିକ ହୋଇ ସମ୍ପତ୍ତି କଲେ କିପରି ?

ଗଜେନ୍ଦ୍ର କହିଲେ, ହାଉଳେ ହାଉଳେ ସବୁ ହୋଇଗଲା । ଦୋକାନ ଚଲାଉଥିବା ଅବସ୍ଥାରେ ଆଗ ମୋର ନିଜର କାରବାରର ସୁବିଧା ପାଇଁ ମୋ' ବୋଉର କୁହା ମାନି ଖଣ୍ଡିଏ ଗାଡ଼ି କଲି । ସବୁବେଳେ ସେ ଗାଡ଼ି ମୋ' କାମରେ ଲାଗେ ନାହିଁ । ତାକୁ ଭଡ଼ାରେ ଦିଏ ।

ଦଜ୍ ାରିଆ ଦୋକାନ କାମ, ମିଶାମିଶି କାରବାର । କାଳବାସି ଦେଇ ଆଦାୟ କରିବାର ଦୁଃଖ, ଗାଳି ଫଜିତ୍ ମତେ ଭଲ ଲାଗିଲା ନାହିଁ । ସାହାଯ୍ୟ କରିବାକୁ ଜଣକୁ ରଖିଲି ଯେ ଯେ ଟଙ୍କା ନେଇ ଓଲଟି ମୋତେ ଚିଡ଼ା କାଟିଲା ।

'ସେ ଅତି ଭଲ ଚୋରର ଲକ୍ଷଣ ଦେଖାଇଲା । ଠାକୁର ଖାଇ ଖଟୁଲି ବି ଗିଳିବାକୁ ଚକ୍ରାନ୍ତ କଲା ।' ତାକୁ ମୁଁ ତଡ଼ିଲି । ବୋଉ ହେଗଣ ହେଲା । ସେ ମତେ ସାହାଯ୍ୟ କରିବ କ'ଣ, ନିଜ ରକ୍ଷଣ ଅସମ୍ଭବ ହେଲା ।

ମତେ ବାହା କରାଇବାକୁ ସେ ଜିଦ୍ ଧରିଲା । ନିଜ ରକ୍ଷଣ ତ ଅସମ୍ଭବ, ଆଉ ଗୋଟାଏ ବୋଝ ସମ୍ଭାଳନ୍ତି କିପରି ? ଦୋକାନ ବନ୍ଦ କଲି । ଆଉ ଦିଓଟି ଗାଡ଼ି କିଣିଲି; ହେଲା ତିନୋଟି । ବୋଉକୁ ବୁଝାଇଲି, ଏଇ ଗାଡ଼ି କାରବାର ଭଲ ।

Digitized by srujanika@gmail.com

ସବୁ ଭଲ, ସବୁ ଖରାପ ଆକୁଳବାବୁ । ଚଳାଇ ପାରିବା ନ ପାରିବା ଉପରେ ନିର୍ଭର କରେ । ମତେ ଏଇ ବେପାରଟି ସହଜ ଓ ସୁବିଧା ଧରି ନିଲେ । ଚାଲିଛୁ ତ ଏବଯାଏ । ସୁବିଧା ଅସୁବିଧା, ସୁଖ ଦୁଃଖ ମଣିଷର ଜୀବନରେ ସମୁଦ୍ରର ଢେଉପରି ଲାଗି ରହିଥାଏ ।

ଦିନ ଓ ରାତି ପରି, ଜୟ ଓ ପରାଜୟର ଖେଳ ଲାଗି ରହିଥିବ । ଡରିଗଲେ ମରିଯିବ । ମୋ' ଜୀବନରେ ମୁଁ ଡରିନାହିଁ । ଦୈବୀ ଦୁର୍ବିପାକରେ ପଡ଼ି କୌଣସି କାରଣରୁ ସର୍ବସ୍ୱହରାଇ ଯିଏ ମୂଲଲାଗି ପେଟ ପୋଷିବାକୁ ପ୍ରସ୍ତୁତ, ତା'ର ଡ଼ର କାହାକୁ ?

ଏଇ ମୋ'ର ମନ୍ତ୍ର ଥିଲା । ଏବେ ବି ଚେଷ୍ଟାକରି ଅଛି ଯେ, ତେବେ ବେଳେ-ବେଳେ ରାତିରେ ଛନକା ପଶିଯାଏ । କିଏ ଗୋଟାଏ ମୋ' ଭିତରେ ମତେ ଗୁଡ଼ାଏ ପ୍ରଶ୍ନ ପଚାରେ, ଆରେ ଗଣ୍ଡିଆ, ଆହୁରି ଧନ କେଉଁଥିକୁ କାହିଁକି ?

ସତେ ଆକୁଳବାବୁ, କାହିଁକି, କାହା ପାଇଁ ? ସେଇ ଝିଅ ବକଟିକ ଚନ୍ଦ୍ରମାଳା, ତା' ନାମଟି ଡ଼ାକିବାକୁ ସଜ ହେବ ବୋଲି ଡ଼ାକେ ରାଜୀ, ତା' ବିନା ମୋର ଆଉ ଅନ୍ୟ ସନ୍ତାନ ନାହିଁ । ତା'କୁ ସୁନାରେ ଗୁଡ଼ିଣି କରି ଯୋଗ୍ୟ ପାତ୍ରରେ ଦେବାକୁ ସମ୍ବଳ ଭେଇଛି ।

କ'ଣ କରିବ ଜାଣେ ନାହିଁ, ତଥାପି ଅଧିକରୁ ଅଧିକ ଧନ ଅର୍ଜନ କରିବାକୁ ବ୍ୟାକୁଳ ହେଉଛି । ତମରି ପରି ଜଣେ ସୁଦକ୍ଷ ସହାୟକ ମତେ ମିଳିଲେ ମୁଁ ଟିକିଏ ନିଶ୍ଚିନ୍ତ ହୁଅନ୍ତି । ଶାନ୍ତିରେ ନିଶ୍ୱାସ ମାରି ପାରନ୍ତି ।

× × ×

ଆକୁଳାନନ୍ଦ ଦୀର୍ଘଶ୍ୱାସ ଛାଡ଼ିଲା । ଚଳନ୍ତାରେ ବୁଡ଼ିଲା । ଅପରିଚିତ ଗନ୍ଧର୍ବବାବୁ କାହିଁକି ଏସବୁ ତାକୁ କହୁଛନ୍ତି ସେ ବୁଝିପାରିଲା ନାହିଁ । ପଚାରିଲା, 'କିପରି ଆପଣଙ୍କୁ ମୁଁ ସାହାଯ୍ୟ କରିପାରିବି ମତେ ବୁଝାନ୍ତୁ ।'

ଆକୁଳାନନ୍ଦର ହାତଟିକୁ ମୁଠାଇ ଧରି ଗନ୍ଧର୍ବ କହିଲେ, ମୋ' ବେପାରର ଆକାର ବଢ଼ିଯାଇଛି । ବାହାରର କାମ ଆଉ ମୋ ଗ୍ରେଟ ଦପ୍ତରର କାମ ବୁଲାଇବା'କୁ ମୁଁ ଅକ୍ଷମ ହେଉଛି । ଗୋଟିକରେ ଲାଗିଲେ ଆରଟି ବାକିଆ ପଡୁଛି । ରାତି ଅଧ ହେଲେବି ସରୁନାହିଁ । ଅଳ୍ପ ବିଦ୍ୟା ପାଇଁ ପ୍ରମାଦ ଘଟୁଛି ।

ତମେ ମୋର ସହାୟକ ହୁଅ । ମୁଁ ବୁଝିପାରିଛି, କାର୍ଯ୍ୟ ପାଇଁ ବହୁ ଲୋକଙ୍କର ସଂପର୍କରେ ଆସି, ଲୋକଙ୍କୁ ଚହ୍ନିବାର ଶକ୍ତି ତମେ ଲାଭ କରିପାରିଛ ।

Digitized by srujanika@gmail.com

ଏ ଦୁନିଆଁର ଲୋକେ କପଟ ସାଧୁ, ସଚ୍ଚୋଟ ଓ ଚଣ୍ଡାମୀ ନିଜେ ଜାଣିପାରୁଛ । ସେ ଟ୍ରେନିଂଟା ସବୁଠୁ ବଡ଼, ଆବଶ୍ୟକ ଥିଲା । ହୋଇଗଲା···

ମୁକ୍ତମାର୍ଗର ଶିକ୍ଷା ତ ବିଶ୍ୱସ୍ତ ମଠରେ, ନଗର-ସଙ୍କୀର୍ତ୍ତନରେ ହୋଇ ସାରିଥିବ । ମୋର ସହାୟକ ହୋଇ କାମକଲେ ତମର ସବୁ ଅଭିଜ୍ଞତା ଓ ଖେଳ-କସରତ ଆମ କାମରେ ଲାଗିବ । ମୁଁ ବେଶି ଦେଇ ପାରିବି ନାହିଁ । ରିକ୍‌ସା ନିଜେ ଚଳାଇ ଅଗାଧ ପରିଶ୍ରମ କରି, ଝାଳନାଳ ହୋଇ, ଗାଳି ଗୁଳିବି ଖାଇ, କେଉଁଠି କେବେ ହାତାହାତି ହୋଇ ଦିନକୁ ପନ୍ଦର-କୋଡ଼ିଏ ଟଙ୍କା ପାଇବାର ଆଶା ରଖିଥିଲ । ମୁଁ ତମକୁ ମାସକୁ ଛଅ ଶହ ଟଙ୍କା ଦେବି ।

ଆଗୁଆ ମାସକର ଦେବି ଆକୁଳବାବୁ । କୋଡ଼ିଏ ଟଙ୍କା କରି ତିରିଶ ମାସରେ ମକୁବ୍ ଦେବ । ବର୍ଷକୁ ପଚାଶ ଟଙ୍କା କରି ବୃଦ୍ଧି ହେଉଥିବ । ଦୋଳ ଓ ଦଶହରାକୁ ଗୋଟିଏ ଲେଖା ମାସର ପାରିତୋଷିକ 'ସମ୍ମାନୀ' ପାଇବ । ଯେତେବେଳେ ଆବଶ୍ୟକ ହେବ ସୁବିଧା ଦେଖି ଘରକୁ ତମର ଯାଇପାରିବ ଆକୁଳବାବୁ, ତମର ଅନୁପସ୍ଥିତିରେ ମୁଁ ଏକୁଟିଆ କାମ ଚଳାଇବି । ମୋ' ଝିଅ ରତ୍ନମଣି ମତେ ଟିକିଏ ସାହାଯ୍ୟ କରିବ ।

ଆକୁଳାନନ୍ଦ ଚିନ୍ତାମଗ୍ନ ହେଲା । ବୁଝିଲା — ଗନ୍ଧର୍ବବାବୁଙ୍କର ପ୍ରସ୍ତାବ ବେଶ୍ ଲୋଭନୀୟ । ସରକାରୀ ଚାକିରି ଖଣ୍ଡେ ପାଇଁ ଯେତେ ଦଉଡ଼ଧାପଡ଼, ଆଜ୍ଞା ଆପଣ ହେବାକୁ ପଡ଼ୁଛି, ଚଉକିରେ ବସା ଗଧଙ୍କର ପାଦ ଧରିହୋଇଛି, ଗୋଡ଼ରୁ ମୁଣ୍ଡଯାଏ ଆପଣଙ୍କର ସବୁ ସୁନ୍ଦର ବୋଲି ସ୍ତୁତି କରିବାକୁ ପଡ଼ୁଛି, ବୃଥାରେ ଖର୍ଚ୍ଚାନ୍ତ ହେବାକୁ ପଡ଼ୁଛି, ସେଥିରୁ ଅନ୍ତତଃ ରକ୍ଷା ମିଳିବ ତ !

ତା'ର ଚିନ୍ତାରେ ପୂର୍ଣ୍ଣଚ୍ଛେଦ ଦେବାକୁ ଚତୁର ଗନ୍ଧର୍ବ କହିଲେ, 'ତମେ ନିଜେ ଭାବ ସ୍ଥିର କର ଆକୁଳବାବୁ, ମୁଁ ଆପଣଙ୍କ ପରି ଯୋଗ୍ୟ ଓ ବୁଦ୍ଧିମାନ ଲୋକଙ୍କୁ ଅଧିକ କେମିତି କ'ଣ କହି ପାରିବି ? ଆପଣ ଭାବନ୍ତୁ, ମୁଁ ଦୁଇତିନି ମିନିଟ୍ ପାଇଁ ଟିକିଏ ଅନୁପସ୍ଥିତ ରହିବି । ଆସୁଛି ।'

ଗନ୍ଧର୍ବ ଆକୁଳାନନ୍ଦ ପାଖରୁ ଉଠି ଭିତର ବାରଣ୍ଡାକୁ ଗଲେ । ସେଇଠୁ ଅଦୃଶ୍ୟ ହେଲେ । ଅକୁଳ ବୁଝିଗଲା ସେ ବୋଧହୁଏ କଲିଂବେଲ୍‌ରେ କାହାକୁ ନ ଡକାଇ ନିଜେ ଉପର-ମହଲାକୁ ଗଲେ । ଆକୁଳାନନ୍ଦ ଦ୍ୱିଧାରେ ପଡ଼ିଲା ।

ପାଞ୍ଚ ସାତ ମିନିଟ୍ ପରେ ସେ ଫେରି ଆସିଲେ । ତାଙ୍କର ପଛେ ପଛେ ଦୁଇଟି ପ୍ଲେଟ୍‌ରେ ଜଳଖିଆ ଧରି ଉପସ୍ଥିତ ହେଲେ ଗନ୍ଧର୍ବ ବାବୁଙ୍କର ପତ୍ନୀ ମୋତି-ମାଳା । ଅକୁଳ ଚଉକିରୁ ଉଠି ଠିଆ ହେଲା । ମହିଳାଙ୍କର ଅଙ୍ଗର ମୂଲ୍ୟବାନ୍ ଶାଢ଼ୀ ଓ ଅଳଙ୍କାରରୁ ସେ ଠିକ ଅନୁମାନ କଲା ଯେ ଆଗନ୍ତୁକା ଗନ୍ଧର୍ବବାବୁଙ୍କର ପତ୍ନୀ !

Digitized by srujanika@gmail.com

ଆକୁଳାନନ୍ଦ ଦୁଇହାତ ଯୋଡ଼ି ମୁଣ୍ଡରେ ଲଗାଇ ନମସ୍କାର କରି ନଜେ ଠିଆହୋଇ ସମ୍ମାନ ଦେଖାଇଲା । ହସ-ହସ ହୋଇ ଗୌରବର୍ଣ୍ଣର ସ୍ୱାସ୍ଥ୍ୟବତୀ ସୁନ୍ଦରୀ ପୌଢ଼ା ମୋହମାଲା କହିଲେ, 'ପୁଣି ଦ'ଖଣ୍ଡ ଗ୍ରୁଣିବାକୁ ମତେ ସମସ୍ତ ଲାଗିଲା । 'ଘରଣୀଙ୍କର ଦେହ ଅସୁସ୍ଥ ଅଛି' କହି ପୂଜାରୀ ଦୁଇଦନ ଛୁଟି ନେଇ ଗାଁଆକୁ ଗଲେ ।

ସୁରଧନ ରହିବେ । ମୁଁ ଆଉ ରତନୀ ଷ୍ଟୋଭରେ ଏତକ ଉପରେ କରିଛୁ । ବେଶୀ କିଛି ନୁହି । ପୁରି, ପରିବାଭଜା, ଡାଲ୍ମା କ୍ଷୀରି । ବଜାରର ମିଠା ଦିଓଟି । ଲୋକ ଯାଇ ଆଣିଲା । ଏତକ ଖାଇ ମନ ଇଚ୍ଛା ଗପ କର । ଆମେ ଦିହେଁ ଗ୍ରୋଷାଇଶାଳାକୁ ଯାଉଛୁ ।

ଆଚମନ ସାରି ପ୍ଲେଟ ଦିଓଟି ଦୁଇହାତରେ ଧରି ଗନ୍ଧର୍ବ ଭିତର ଦାଣ୍ଡାକୁ ଯାଉଁ ଆକୁଳାନନ୍ଦକୁ କହିଲେ, ତମର ଡେରି ହେଉନି, ତଥାପି ଟିକେ ଅପେକ୍ଷା କର, ମୁଁ ସଙ୍ଗେ ସଙ୍ଗେ ଆସୁଛି ।

ପ୍ରାୟ ପାଞ୍ଚ ମିନିଟ ବିଳମ୍ବ କରି ସେ ଫେରିଆସିଲେ । ଅଠାରେ ମୁଦା ଗୋଟିଏ ବାଦାମୀ ରଙ୍ଗର ଲଫାପା ସେ ହାତରେ ଧରିଥିଲେ । ପାଖକୁ ଆସି ଠିଆ ହୋଇଥିବା ଆକୁଳାନନ୍ଦର ହାତକୁ ସେହି ଲଫାପାଟି ବଢ଼ାଇ ଦେଲେ ।

ଆକୁଳକୁ କହିଲେ, ବିଶେଷ କିଛି ନୁହେ । ମୋଟେ ଛଅଶହ ଟଙ୍କା ଆକୁଳବାବୁ ! ଆଜିଠାରୁ ଆପଣଙ୍କର ନିଯୁକ୍ତି ହେଲା । ଆଜି ତ ଜାନୁୟାରୀ ମାସ ନଅ ତାରିଖ ରବିବାର । ମାସ ଆରମ୍ଭ ହେଲା ବୋଲି ଧରି ନିଆଯାଉ । ତମେ ଟଙ୍କା ନେଇ ଗ୍ରାମକୁ ଫେରିଯାଅ । ତମର ଧର୍ମର ଭଉଣୀ ମୋହମାଲା ଆଉ ଝିଅ ରତ୍ନମାଲାକୁ ଦେଖିଲ ?

ଆଜି ଘରକୁ ଫେରିଯାଅ । ବୋଉଙ୍କୁ ସବୁକଥା ବୁଝାଇ କହିବ । ମୁଁ ଆଶା କରୁଛି ସେ ସେ'କାଳର ମଣିଷ ହେଲେ ବି ନିଶ୍ଚୟ ତାଙ୍କର ପୁରୁଣା କାଳିଆ ଧାରଣା ବଦଳି ଥିବ । ଗାନ୍ଧିମହାତ୍ମା ମଣିଷକୁ ପ୍ରକୃତ ମଣିଷଧର୍ମ ଶିଖାଇ ଦେଇ ଯାଇଛନ୍ତି ।

ଆକୁଳ କହିଲା, ମୋ' ବୋଉ ସମସ୍ତଙ୍କୁ ଭଲପାଏ । ଧନୋଟି ପଡ଼ାରେ ବିଭକ୍ତ ଆମ ଗାଁ ମଲ୍ଲପୁରରେ ସବୁ ଜାତିର ଲୋକ ଅଛନ୍ତି । ଘରସଂସାର ଚଳାଇବାକୁ କିଏ ଏବେ କେଉଁ ଧନ୍ଦା ଧରିଥିଲା । ତା' ବୋଲି ଗୋଟିଏ ବାପର ପାଞ୍ଚପୁଅ, ପୁଣି ତାଙ୍କର ଦାଣ୍ଡାଦମାନେ କ'ଣ ଭିନେ ଭିନେ ଜାତିର ହୋଇଯିବେ ?

Digitized by srujanika@gmail.com

ଏକା ମୋ' ବୋଉ ନୁହେ, ଅନ୍ୟମାନେ ଏହା ବୁଝି ସାରଲେଣି । ତା ଅଜାଣତରେ ସେ ଯେ ମୋହମାଲାଙ୍କ ପରି ଭଉଣୀ ଆଉ ରତ୍ନମାଳା ପରି ଝିଅଟିଏ ପାଇବ, ଏତକ ଜାଣିଲେ ସେ ଖାଲି ଖୁସି ହେବ । ଧର୍ମର ସମ୍ବନ୍ଧରେ ବନ୍ଧୁତ୍ୱର ମାପ କରିଯାଏ ନାହିଁ ।

ଗନ୍ଧର୍ବ କହିଲେ, ସତକଥା । ମୋହମାଲା ଯେଉଁ ସମ୍ବନ୍ଧ ପାତିଲେ ସେଥିରେ ତମର ମାତା ମୋ'ର ମାତୃସ୍ଥାନୀୟା ହେଲେ । ଏଇଠି ଥାଇ ମୁଁ ତାଙ୍କୁ ପ୍ରଣାମ କରୁଛି । ତମେ ଏଥର ବିଦାୟ ନିଅ ଆକୁଳବାବୁ । ଖରାର ପ୍ରକୋପ ବଢୁଛି । ଗଡ଼ାଏ ବାଟ । ପବନର ବେଗ ଯଦି ବଢ଼େ, ଆଉ ସେ ଯଦି ପ୍ରତିକୂଳ ହୁଏ, ଅସାଧ୍ୟ ବାଟରେ ସାଇକଲ୍ ଠେଲି ଯିବାକୁ ବେଶ୍ କଷ୍ଟ ହେବ ।

ଅକୁଳାନନ୍ଦ କହିଲା, 'ଖେଳ କସରତ୍‌ରେ ଏ ଅଣ୍ଟା ଦମ୍ଭ ହୋଇଛି, ଗୋଡ଼ ଲୁହା ପାଲଟିଛି । ମତେ କିଛି ବାଧିବ ନାହିଁ । ପେଟ ତ ପୂର୍ଣ୍ଣ ହୋଇଛି । ସନ୍ଧ୍ୟା ଯାଏ ଅଉ ଭୋକ ହେବ ନାହିଁ ।

ଯାହାଙ୍କର ପୂଜ୍ୟଗୁରୁ ଆସନରେ ମତେ ଆପଣ ବସାଇଲେ, ତାଙ୍କର ପାଦଧୂଳି ନ ନେଇ ତ ମୁଁ ବିଦାୟ ନେଇ ପାରିବି ନାହିଁ ।

ଗନ୍ଧର୍ବ କହିଲେ, ମାତୃର୍ଯ୍ୟାର ସମ୍ମାନ ତାଙ୍କୁ ଦେଇ ତାଙ୍କ ପାଖରୁ ପୁତ୍ରର ସ୍ନେହ ଦାବୀ କରିବା ପୂର୍ବରୁ ତାଙ୍କର ଅତୀତ ସଙ୍ଗେ ସମ୍ୟକ୍ ଅବଗତ ହେବା ଆବଶ୍ୟକ । ହାଟରେ ଘଡ଼ି ଦାଣ୍ଡରେ ନଡ଼ଗଡ଼ାଉଛି । କେବେ କାନରେ ବାଜିଲେ ମନରେ ଉଦ୍‌ଭବ କାଲେ ଆସିବ ।

ଅକୁଳାନନ୍ଦ ଦୃଢ଼ତାର ସହିତ କହିଲା, କାହାର ଭଲମନ୍ଦ, ଅତୀତ ସଙ୍ଗରେ ମୋ'ର କି ସମ୍ପର୍କ ? ଆଜି ଯିଏ ଯାହା, ମୁଁ ତାଙ୍କୁ ସେହି ରୂପରେ ଗ୍ରହଣ କରେ ।

ମୁଁ ଗ୍ରାମକୁ ଯିବା ପୂର୍ବରୁ ଆପଣଙ୍କର ସ୍ତ୍ରୀ ମୋ'ର ମାଉସୀ ମୋହମାଲାଙ୍କୁ ନିଶ୍ଚୟ ପ୍ରଣାମ କରିଯିବ ।

ଗନ୍ଧର୍ବ ଖୁସି ହେଲେ । ଚଉକିରୁ ଉଠି କହିଲେ, ତେବେ, ତାଙ୍କୁ ଡକାଇବା କାହିଁକି ? ଆସ, ଆମେ ଦୁହେଁ ତାଙ୍କ ପାଖକୁ ଉପରକୁ ଯିବା ।

ଆଜି ନୂଆମାସ ଦଶ ତାରିଖ, ବୁଧବାର । ନୂଆ କରି ଲାଭ କରିଥିବା ମାଉସୀ ମୋହମାଲା କହୁଥିଲେ, ତାଙ୍କର କୁଆଡ଼େ ଆଜି ଶୁଭଦିନଟିଏ, [illegible]

Digitized by srujanika@gmail.com

ହୋଇଛୁ । ସ୍ୱତନ୍ତ୍ର ରୂପ ଗ୍ରହଣ କରିବାକୁ ମେ ଅକ୍ଷମ । ନାଟକ ଚଳେ ଆଉ ଗୋଟିଏ ଝିଅ ଥିଲେ ସିନା । ଘର ଉଜ୍ଜ୍ୱଳ କରିବାକୁ ପୁଅଟିଏ ଜନ୍ମ ହେଲ ନାହିଁ ।

ସାନ ଭଉଣୀଟି ମୋ'ଠାରୁ ଉଜ୍ଜ୍ୱଳବର୍ଣ୍ଣ ମାନ । ସେଇଟି ମେ 'ଠାରୁ ସୁନ୍ଦର । ଖ୍ରୀଷ୍ଟୀୟଦଳେ ଆମର ଜନମ । ଶ୍ରେଷ୍ଠ ଉଚ୍ଚ ବଂଶର ଗୃହଧର । ଭୂମିହାଡ଼, ଘରବାଡ଼ିକୁ ଗ୍ରାହ୍ୟ ମୋଟେ ଦୂରମାଣ । ସ୍ୱଦ୍ଧନ୍ତ ଘର । ତୃଣବାସ କରି କେବେ ମୂଲ ଲାଗି କଷ୍ଟରେ ସଂସାର ଚଳେ ।

ତାଙ୍କୁ ପନ୍ଦର ବର୍ଷ ହେଲାରୁ ପର ଘରକୁ ପଠେଇବାକୁ ତାଙ୍କ ବାପା ପୁଅଟିଏ ଖୋଜିଲେ । ସେ ଭାବିଲେ, ପିଲାଟି ସ୍ୱାସ୍ଥ୍ୟବାନ୍ ହୋଇଥିବ । ମୋହମାଳା ମଣିମାଳା ନାମରେ ବି ପରିଚିତ । ରୂପକୁ ଲକ୍ଷ୍ମୀ ସୁନ୍ଦରଟିଏ ବି ହୋଇଥିବ । ସେ ତାଙ୍କର ଘରଜୋଇଁ ହୋଇ ରହିବ । ସେ ହେବ ଜୋଇଁ, ସେ ହେବ ପୁଅ । ସେଇଠୁ ସାନଝିଅ ସୁନାକୁ ପରଘରକୁ ପଠାଇ ସେ ନିଶ୍ଚିନ୍ତ ହେବେ—

କହୁଥିଲେ ମଣିମାଳା, ମୋ ଭାଗ୍ୟକୁ ସେମିତିଆ ପୁଅଟିଏ ମିଳିଗଲା । ତାଙ୍କ ନାମ ଶ୍ୟାମମଣି । ଏକୋଇଶ ବର୍ଷର ଯୁଆନ । ପଞ୍ଚମ ଶ୍ରେଣୀରୁ ସେ ଅର୍ଥାଭାବରୁ ପାଠ ଛାଡ଼ିଥିଲେ । ମୂଲଲାଗି ଚଳୁଥିଲେ । ହାତରେ ଫୁଟାଇ ଖାଉଥିଲେ । ମତେ ବାହା ହେଲେ ସେ ।

ମତେ ଯେଇ ବାହା ହେଲେ ତ ବାବୁ, ଆମ ଘରକୁ ସେ ଜାଣ ପୁଅ ହୋଇ ଆସିଲେ । ଘରକୁ ସମ୍ଭାଳି ନେଲେ । ଶୂଳ ରୋଗରେ ଆକ୍ରାନ୍ତ ହୋଇ ବାପାଙ୍କର କଣ୍ଠା ହୋଇଗଲା । ଅଉ ସେ ବିନା ସାହାରେ ଚଳପ୍ରଚଳ ହେବାକୁ ଅକ୍ଷମ ହେଲେ । ଚଉଦ ବର୍ଷର ଝିଅ ସୁନା ଜାଣ ତାଙ୍କର ବାହନ ହେଲା । କାନ୍ଦକାନ୍ଦ ବୋଉର ବେଳ ବଢ଼ିଲା ।

ଠିକେ ଠିକେ କହୁଥିଲେ ମୋହମାଳା ଆଉ ମୂଲ୍ୟବାନ ଶାଢ଼ୀର ଅଞ୍ଚଳରେ ଆଖିରୁ ଝରି ଆସୁଥିବା ଲୁହ ସେ ପୋଛୁଥିଲେ । ସେ ଗୋଟିଏ ଗଦିଲଗା ଆରାମ ଚଉକିରେ ତାଙ୍କର ଶୟନାଗାରରେ ବସିଥିଲେ । ସେହିପରି ଆଉ ଗୋଟିଏ ଚଉକିରେ ତାଙ୍କ ଆଗରେ ବସିଥିଲା ଆକୁଳାନନ୍ଦ ।

ସଲଗ୍ନ କୋଠରୀରେ ଗନ୍ଧର୍ବବାବୁ କେଉଁମାନଙ୍କ ସହ ଫୋନ୍ କରୁଥିଲେ । ତାଙ୍କର ପନ୍ଦର ବର୍ଷର କନ୍ୟା ରତ୍ନମାଳା ସେଇଠି ଥିଲା । ସେଇ ପ୍ରକୋଷ୍ଠରେ ସେ ପଢ଼ାପଢ଼ି କରେ ।

ମୋହମାଳା ଆକୁଳାନନ୍ଦକୁ ପୁଣି କହିବାକୁ ଲାଗିଲେ, ଓଠରେ ସ୍ମିତ, କିନ୍ତୁ ଆଖିରେ ଲୋତକ, ଯେତେବେଳେ ଠାକୁରେ ଦୁଃଖ ଦେବାକୁ ଚାହାନ୍ତି

Digitized by srujanika@gmail.com

ଦୂରଆଡ଼ରୁ ମେଘମାଳ ପରି ବିପଦ ଘୋଟି ଆସେ । ଦଇବ ନହୁଲା ଦଣ୍ଡକୁ କିଏ ବାରଣ କରିବ ? ପୂଜା, ପ୍ରାର୍ଥନା, ସଙ୍କୀର୍ତ୍ତନ ସବୁ ପସର ଫାଟିଯାଏ ।

ଏତେବଡ଼ ବଢ଼ି ବୁଢ଼ାଏ ବି କେବେ ଦେଖି ନ ଥିଲେ । ଗ୍ରାମବାସୀଙ୍କର ଚେଷ୍ଟା ବିଫଳ ହେଲା । ଆମର ଗ୍ରାମର ତିନି ଜାଗାରେ ନଦୀବନ୍ଧ ଟପି ପାଣି ଗଆଁରକୁ ଡେଇଁଲା । ଘଲଆ ପଡ଼ିଲା । ନିଜକୁ ଓ ନିଜ ଛୁଆପିଲାଙ୍କୁ ନିଶ୍ଚିତ ମରଣର ମୁହଁରୁ ବଞ୍ଚାଇବାକୁ ଯିଏ ଯୁଆଡ଼େ ଛୁ କଲେ ।

ବାପା ଓ ମୋର ସ୍ୱାମୀ ଗୁଣମଣି ଗମ୍ଭୀର ବିଲରୁ ଫେରି ପାରିଲେ ନାହିଁ । ସକାଳେ ଜଅଁ ଲଗାଧୂଆ ବେଳେ ବନ୍ଧ ଭାଙ୍ଗିଲା । ତା'ର ସହସ୍ର ଲହଡ଼ି-ଜିଭରେ ସେ ସବୁ ଚାଟି ଦେଲା । ଆମର ଚାଳଟି ତୋଡ଼ ମୁହଁରେ ପଡ଼ନ୍ତେ ପ୍ରଖର ସ୍ରୋତରେ ନଈ ଆଡ଼କୁ ମୋଁହିଲା ।

କ'ଣ ଆମର ଅବସ୍ଥା ହେବ କେହି ବୁଝିପାରୁ ନ ଥାନ୍ତି । ଉବେଇ ଟୁବେଇ ହୋଇ ପ୍ରଖର ସୁଅରେ ଅତି ବେଗରେ ଭାସି ଯାଉଥିବା ଚାଳ ଉପରେ ବସି ବୋଉ ମୋ ବାପାଙ୍କୁ ସୁମରି ବଡ଼ ପାଟିରେ ବାହୁନୁଥିଲା, ନିଷ୍ଠୁର ବିଧାତା ପାଖରେ ପୁଣି ତା ଜୀବନକୁ ପାଣିଛଡ଼ାଇ ତା ପିଲାଙ୍କୁ କୂଳରେ ଲଗାଇ ବଞ୍ଚାଇବାକୁ ଦସ୍ତିମୀ କରୁଥିଲା ରେ ବାବୁ ! ବାପା ପାଣି ତୋଡ଼ରେ କୁଆଡ଼େ ଭାସି ଯାଇଥିଲେ—

ଗୋଟିଏ ବଡ଼ ଜଳ ଭଉଁରିରେ ପଡ଼ି ଚାଳଟି ଅଳପ ଘୂରି ଉଠି ଚେକା-ଚେକା ଭଉଁରି ଖେଳିଲା । ଜୀବନ ସଙ୍କଟ । କୂଳ କିନାରା ତ ଦିଶୁନାହିଁ । ଦେହ ଟଳମଳ, ଲୋମ ଟାଙ୍କୁରି, କେମିତି ଏ ପ୍ରାଣ ରହିବ ? ଯିବ ତ ସହଳ ଯାଉ, କାହିଁକି ଏ କଳବଳ ?

ଦୂରରେ, ବହୁତ ଦୂରରେ ଗୋଟେ ଡଙ୍ଗାଟିଏ ଅବା କାଠୁଆଟିଏ ନଈର ସୁଅ କାଟି ଆସୁଥିବାର ଦେଖାଗଲା । ଆମର କାନ୍ଦ ବୋବାଳି ଓ ଡାକ କାନରେ ବାଜିବାରୁ ସେମାନେ ଉଦ୍ଧାର କରିବାକୁ ଆସୁଛନ୍ତି, ଏହା କିଏ କହିବ ? କାହାର କେଉଁ ଧନ୍ଦା ଥିବ କାହାକୁ ଜଣା ?

ଦୁଃଖ ଯେବେ ଆସେ ସେ ତାର ବନ୍ଧୁବାନ୍ଧବଙ୍କୁ ସଙ୍ଗରେ ନେଇ ମାଡ଼ିଆସେ । ବାପାଙ୍କର ତିରୋଧାନର ଆଘାତ ପାଇଁ ଦୁଃଖ, ଜୀବନ ମରଣର ଭିଡ଼ା ଓଟଘରେ ଭୁଲି ହୋଇଥିଲା । ଅନ୍ୟମାନଙ୍କର, କଲୁରେ ଆକୁଳାକନ୍ଦ, ସେ ଦୁଃଖ ମୋ ବୋଉର ମନରେ ନିଆଁ ଜାଳୁଥିଲା । ଭଉଁରିରୁ ମୁକ୍ତ ହୋଇ ଅଧାବୁଡ଼ା ଚାଳଟି ସ୍ରୋତକୁ ଆସିଲା ।

Digitized by srujanika@gmail.com

ଆସୁଥିବା ନୌକାଟି ପାଖେଇ ଆସୁଥିଲାବେଳେ ବାବୁ ! ମନରେ ଅଜଣା ପୁଲକ ବି ଜାଗିଥିଲା, ଆସନ୍ନ ମରଣର ମୁହଁରୁ ସେ ଅବଶ୍ୟ ଉଦ୍ଧାର କରିବ ।

ବୋଉ ତ କାନ୍ଦୁନ ଥିଲା, ଆଖି ଆଗରେ ଦୁର୍ବଳିଆ, ହାଡ଼ମାଳିଆ, ଏକଦା କୁଆଡ଼େ ଚେକା-ଚଉଧୁରୀ ଖିମବଳୁଆ ମୋ' ବାପାଙ୍କର ସଲିଳ-ସମାଧି ତାକୁ ମୂକ ଉନ୍ମାଦ କରି ପରା, ସେ ହଠାତ୍ ପାଣିକୁ ଡେଇଁଲା ।

ବୋଧହୁଏ ଆଖି ଆଗରେ ମୋ' ବାପାଙ୍କର ନିଶ୍ଚିତ ମରଣ ତାକୁ ବାଇଆଣୀ କରିଥିଲା । ତାଙ୍କୁ ଉଦ୍ଧାର କରିବାକୁ ସେ ଯାଉଛି ବୋଲି ମନେ କରୁଥିଲା । ସେଇଥି ପାଇଁ ପରା; ପାଣିକୁ ଡେଇଁଲା ।

ମୋ ସାନ ଭଉଣୀ ପୁନା, ତାକୁ ସେତେବେଳେ ଚଉଦ ପୂରି ପନ୍ଦର ଚାଲୁଥିଲା, ସେ ପାଣିକୁଆ ପରି ଗଡ଼ିଆ, ପୋଖରୀ, ନଦୀର ଥିର ପାଣିରେ ପହଁରେ । ମୁଁ ବି ଜାଣେ ଯେ, ତା' ପରିକା ନୁହେଁ । ବୋଉକୁ ଉଦ୍ଧାର କରିବାକୁ ମୋର ବି ପୁନାପରି ମନ ହେଉଥିଲା ଯେ—

ମନ ମୋର ପଛେଇ ଯାଉଥିଲା; ମୋ ପେଟରେ ସେତେବେଳକୁ ଚାରି-ମାସର ଛୁଆ । ମୁଁ ଅସଜ ମଣିଷ । ତଥାପି, ମୁଁ ସଜ ହେବାକୁ ଅଣ୍ଟାରେ ପଣନ୍ତ ଭିଡ଼ନ୍ତେ, ମୋ ମନକଥା ବୁଝି ସେ କହିଲେ, ରହ । ସମସ୍ତେ ସୁଅରେ ବୁଡ଼ି ମଲେଣି, ଅଦୃଶ୍ୟ ହେଲେଣି । ପୁଣି କହିଲେ, ଭୁଲି ଯାଅନା, ତମ ପେଟରେ ପିଲା ବୁଲୁଛି । ନିର୍ବୁଦ୍ଧିଆ ପୁନାଟା ସୁଅରେ ଚବ ଚବ ହେଉଛି । ଅନ୍ତତଃ ସେହି ଜଣକୁ ମୁଁ ବଞ୍ଚାଇ ରଖେ ।

ଏତିକି କହି ସେ ଖପ୍‌କରି ପାଣି ଭିତରକୁ ଡେଇଁଲେ ରେ ଝିଅ, ପୁନା ଆଡ଼କୁ ପହଁରିଲେ, ପୁନା ଉବୁଟୁବୁ ହେଉଥାଏ, ସେ ନିର୍ବୁଦ୍ଧିଆ ତାକୁ ଧରିଲେ । ଖପରା ଚାଳ ଉପରେ ଥାଇ ମୁଁ ନିଜେ ତାଙ୍କର ଧସ୍ତାପସ୍ତା—ଉବୁଟୁବୁ ମରଣ ଦେଖିଛିରେ ଝିଅ; ପେଟ ଭିତରର ଭ୍ରୂଣଟାକୁ ବଞ୍ଚାଇ ରଖିଲେ ଅନ୍ତତଃ ସେଇଟି ତା'ର ବାପର ରକ୍ତକୁ ବଞ୍ଚାଇ ରଖିବ, ଏଇ ଭାବନାରେ ମୁଁ ପାଣିକୁ ଡେଇଁ ଜୀବନ ହାରିଲି ନାହିଁ ।

× × ×

ମୁଁ ସେହି ଓଦା, ଚଳନ୍ତା, ଦୋଳନ୍ତା ଚାଳ ଉପରେ ମୂର୍ଚ୍ଛିତା ହୋଇଥିଲି । ବାବୁରେ ଆକୁଳି, ତୁ ସାତ ପର, ଏକାଥରେ ଅଜଣା ଅଶୁଣା ଥିଲୁ, ଆଜି ତତେ ନୂଆ ଦେଖୁଛି । କାହିଁକି ମୋ ମନ ଆଜି ତତେ ଆଲିଙ୍ଗି ଧରୁଛି ?

Digitized by srujanika@gmail.com

କହୁଛୁ, ସେଇଟି ତୋ'ର ସାନ ସ୍ୱରୂପ ଅବା ସାନଭାଇ ଯିଏ ତୋର ସାନଭଉଣୀ ସୁନାକୁ ବଞ୍ଚାଇବାକୁ ପାଣିକି ଡେଇଁଥିଲା । ତା'କୁ ସ୍ରୋତରେ ଧରି ଭାଇଭଉଣୀ ଦୁଇଟି କୋଳାକୋଳି ହୋଇ ପ୍ରବଳ ସ୍ରୋତରେ ଭାସି ଉବୁଟୁବୁ ହୋଇ ଗଙ୍ଗାମାତାର କୋଳରେ ଛପିଲେ ।

ଆଖିରୁ ଲୋତକ ଝରିଲା । ଅଞ୍ଚଳରେ ପୋଛି କହିଲେ, ଆଗରୁ ତତେ କହିଛି, ମୋର କେହି ଭାଇ ନଥିଲେ । ଯିଏ ସୁନାକୁ ବଞ୍ଚାଇବାକୁ ଜୀବନ ଦେଲେ ସେ ମୋର ଗେରସ୍ତ ଗୁଣମଣି; ତାଙ୍କର ଦୂରମାସର ସନ୍ତାନଟି ମୋ ପେଟରେ ଥିଲା । ସୁନା ତା'କୁ 'ଭାଇ' ଡାକୁଥିଲା । ତତେ ଭାଇ ଡାକିବାର ମୋ'ର ପୁଣି ମନ ହେଲାଣି ।

ଜାଣେ ନାହିଁରେ ଭାଇ, ଆଜି ତୋ' ସଙ୍ଗେ ମୋର ପ୍ରଥମ ସାକ୍ଷାତ । ଯିଏ ନିରୂପମଣୀର ଜନ୍ମଦାତା ଥିଲେ, ଯିଏ ସୁନା ପାଇଁ ପ୍ରାଣ ଦେଇଥିଲେ, ସେହି ଗୁଣମଣିଙ୍କ ସଙ୍ଗେ ତୋ'ର କେଉଁଠି କଣ ମେଳ ରହିଛି, ତତେ ଦେଖି ଆଜି ସେହି ଦୂର ଅତୀତର ଘଟଣାସବୁ ମୋର ମନେ ପଡ଼ିଯାଉଛି ।

ସେକାଳର ଦୁଃଖ ମୋର ତ ଆଜି ଆଉ ନାହିଁ । ସବୁ ହଜିଗଲାଣି । ତଥାପି କେବେ ବେଳ ଅବେଳରେ ହଠାତ୍ ମନେ ପଡ଼ିଯାଏ । ଗତକାଲି ଘଟିଗଲା ପରି ଲାଗେ । ହୃଦୟ ମୋର ଥରଥର ହୋଇ କମ୍ପେ । ମନହୁଏ ଜୀବନ ହାରିଦେବି ।

ପାରେ ନାହିଁ । ପାରିବି ନାହିଁ । କାହିଁକି ଜାଣିଛୁ ? ଏଇ ରତନା ଝିଅଟି ପାଇଁ । ସେଇଟି ମୋର ଜଗତ ସଙ୍ଗରେ ବର୍ତ୍ତମାନକୁ ବାନ୍ଧି ରଖିଛି । ତା' ମୁହଁରେ ମୁଁ ତା'ର ବାପର ଓ ମାଉସୀ ମୁହଁର ଛଟିକା ଦେଖି ପାରୁଛି ।

ସେଇ ଝିଅଟି ସଂସାରର ଆଲୁଅ ପ୍ରଥମେ ଦେଖିଲାବେଳେ, ପୁଣି ଏବଯାଏ ସେଉଁ ବାପର ମମତା ତା'ର ଦେହରେ ମନରେ ପ୍ରଭାବ ପକାଇଛି, ସେହି ବାପ ଗନ୍ଧର୍ବ ଦେବେଶ୍ୱରଙ୍କୁ ମୁଁ ତା'ର ଢଙ୍ଗରେ ଦେଖେ । ବଞ୍ଚିରହି ସେମାନଙ୍କର ସେବାକରି, ସେମାନଙ୍କର ଆନନ୍ଦ ବଢ଼ାଇବାକୁ ମୋର ମନ ବଳେ ।

ନୀରବରେ ଆକୁଳାନନ୍ଦ ମୁଗ୍ଧ ହୋଇ ମୋତିମାଳାଙ୍କର କଥନ ଶୁଣୁଥିଲା । ପ୍ରଥମ ସାକ୍ଷାତ, ପ୍ରଥମ ପରିଚୟ । ମନେ ହେଉଥିଲା ସତେକି ସେ କେଉଁ ପ୍ରେମ-ଚାନ୍ଦଙ୍କର ଗଳ୍ପ, ଅବା ଉପନ୍ୟାସ ଶୁଣୁଥିଲା— କେଉଁ ମାୟାବିନୀର ମନ୍ତ୍ରରେ ବିମୋହିତ ହୋଇ ।

Digitized by srujanika@gmail.com

ସେ ଆତ୍ମବିସ୍ମୃତ ହେଲା । ସ୍ଥାନ, କାଳ, ପାତ୍ରର ଜ୍ଞାନ ତାର ରହିଲା ନାହିଁ । ମୋହମାଲାଙ୍କ ବର୍ଣ୍ଣିତ କଥା ସେ ତନ୍ଦ୍ରକରୁ ଉଠି ନଇଁ ପଡ଼ି ତାଙ୍କର ପାଦ ସ୍ପର୍ଶ କରନ୍ତେ ସଜଳ ନେତ୍ରରେ ସେ ପାଦ ଘୁଞ୍ଚାଇ ନେଲେ । କହିଲେ, ମୁଁ କେଉଁଠି ଘରର ବୋହୂ ହୋଇ ଯାଉଛୁରେ ଦାଇଆ, ଜନମିଥିଲି ସିନା ଖଣ୍ଡାୟତ କୁଳରେ ।

ଭାବପ୍ରବଣ ହୋଇ ଆଳୁକ କହିଲା, ବଡ଼ମାନ, ଜାତଆଣ ପଣ ଉପରେ ମୋର ଆସ୍ଥା ନାହିଁ ।

ସେ କହିଲା, 'ଯେଉଁ ସ୍ୱାମୀ ତୋର ତତେ ନିଶ୍ଚିତ ମରଣର ମୁହଁରୁ ବଞ୍ଚାଇଥିଲେ, ତୋର ମେହେନ୍ତର ଛୁଆକୁ ନଜର କଲେ, ଧନ୍ୟ ଜାତିଆଣର ସେ କେତେ ଉପରେ ଭାବିଲେ ମଣିଷ ବିସ୍ମିତ ହୁଏ । ମନରେ ଦ୍ୱିଧା ନାହିଁ, କି ଗ୍ଳାନି ନାହିଁ । ସେ ମୋର ନମସ୍ୟ ।

ମୋହମାଲାଙ୍କର ଆଖି ସଜଳ ହେଲା । କହିଲେ, ମୋ ପରି ହତଭାଗିନୀ କିଏ ଅଛି କହିଲୁ ? ଆମର ପନ୍ଦର ବର୍ଷର ଏକାଠି ଜୀବନ, ତଥାପି ଆଜିଯାଏ ତାଙ୍କୁ ମୁଁ ସନ୍ତାନଟିଏ ଦେଇ ପାରି ନାହିଁ । କେତେ ଦେବଦେବୀ ପୂଜା କଲି । ବାର ବ୍ରତ ପାଳନ କଲି, ଦାନ-ଖଇରାତ କଲି । ହତାଶ ହେଲି ।

ଦଶବର୍ଷ ହେଲା ତାଙ୍କ ପାଖରେ ପାଦଧରି ଅଳି କରୁଛି 'କନିଆଁ ଅପୂର୍ବ ହେବେ ନାହିଁ ମ, ଆଉ ଗୋଟିଏ ବିଭା ହୁଅ, ମତେ ସାନଭଉଣୀ ଦଅ । ସେଇ ମୋ କୋଳକୁ ପୁଅ କି ଝିଅଟିଏ ଟେକି ଦେବ ।

ତାଙ୍କର ଏକାକଥା—'ନାହିଁ' । ସେ କହନ୍ତି—ଶୂଳଟିରୁ ଖଣ୍ଡ ଖଣ୍ଡ ହୋଇ ପ୍ରବଳ ସ୍ରୋତରେ ଅଧେରୁ ଅଧିକ ଛୁଡ଼ି କୁଆଡ଼େ ଭାସି ଯାଇଥିଲା । ବାକି ଥିବା ଖଣ୍ଡ-କରେ ଆଣ୍ଠୁଆଣି ପାଣି ହୋଇଥିଲା । ନଈ ମଝିରେ ଥାଇ ବିକଳ ହୋଇ ତମେ ରଡ଼ି ଛାଡ଼ୁଥିଲ !

କାଠୁଆରେ କାଠ ଧରିବାକୁ ମୁଁ ଯାଇଥିଲି । ତମ ରଡ଼ି ଶୁଣିଲି ।—ଉଦ୍ଧାର କଲି । ତମେ ମତେ ଗଙ୍ଗାମାତାଙ୍କ ଦାନ । ବୋଉ ମତେ କହିଲା, ଅବଶ୍ୟ କେତେ-ଦିନ ପରେ, ଯେ ତମ ପେଟରେ ପିଲା । ସେଇଟି ବି ଗଙ୍ଗାମାତାଙ୍କ ଦାନ ନୁହେଁ କି ? ସେହି ଗଙ୍ଗାମାତା ଝିଅ ନ ଦେଇ କଣ ପୁଅଟିଏ ଦେଇ ନ ଥାନ୍ତେ ?

କହନ୍ତି, ଯାହା ମୋ ଭାଗ୍ୟରେ ଥିଲା ନା ।

ରଭଣୀର ବାପା ଯେତେବେଳେ ମତେ ନଈରୁ ଉଦ୍ଧାର କରି ଆଣିଲେ, ସେତେବେଳେ ତାଙ୍କର ଶ୍ରେଷ୍ଠ ତେଜରତି ଦୋକାନ ଖଣ୍ଡିଏ ଥିଲା । ତା ଯାଙ୍କୁ

Digitized by srujanika@gmail.com

ଚଳୋଟି ସାଇକଲ-ରିକ୍‌ସା ଯେ, ତାକୁ ସେ ଭଡ଼ା ଲଗାନ୍ତି । ଯେଉଁ ଗ୍ରେଟଡଗାଟି, ତାକୁ ବଡ଼ କାଠୁଆ କହିଲେ ଠିକ୍ ହେବ, ଯହିଁରେ ମତେ ସେ ଉଦ୍ଧାର କରିଥିଲେ ନିଶ୍ଚିତ ମରଣରୁ, ତାକୁ ସେ ବକ ଦେଲେ ।

ତାଙ୍କ ବୋଉ ଜାଣିଲେ ଯେ ମୋ ପେଟରେ ଛୁଆ ଅଛି । ବାବୁରେ, ଏ ଜନ୍ମରେ କେମିତ ଆଉ ସୁଝିପାରିବି ତାଙ୍କର ଋଣ । ଝିଅଠୁ ବଳି ସେ ଅଧିକ ଯତ୍ନ ମୋର ନେଲେ । କଣ କହିବି ଲଜର କଥା । ମୁଁ ଶୋଇଥିଲା ବେଳେ ମୋର ଦେହ, ହାତ, ଗୋଡ଼ ଆଉଁସି ଦିଅନ୍ତି ପରା !

ଜଣା ଅଜଣା ଲୋକେ କେବେ ପଚାରିଲେ—ଗନ୍ଧଆ ବୋଉଲେ, ତୋର ତ ଝିଅ ନଥିଲା, ଏଇ ସୁନା ବରଣୀ ଉଦଆସୁନ୍ଦରୀଟି କାହୁଁ ଅଇଲା ? ସେ ସଙ୍ଗେ ସଙ୍ଗେ ଜବାବ ଦିଅନ୍ତି—ମୋ ବୋହୂଟି ପରା, ବାପଘରେ ଥିଲା, ଆଇଛି । ମାସ ଗଡ଼ିଛି ଯେ....

ସେହି ସମ୍ପର୍କରେ ମତେ ଯେତେ ଗଲା—ଆଇଲା ଲୋକ ସମସ୍ତେ ଜାଣିଲେ । ତାଙ୍କର ତୁଣ୍ଡର ବଚନ ଯେ ଆମର ପବିତ୍ର ସମ୍ବନ୍ଧ । ବୁଢ଼ୀ ମାଆଙ୍କର ଆଗ୍ରହ, ମମତା ଓ ଦୟା ଆମ ଦୁହିଁଙ୍କୁ ଗୋଟିଏ ଜୀବନ, ଗୋଟିଏ ଆତ୍ମା କଲା ।

ଡାକ୍ତରଖାନାରେ ଜନ୍ମ ଲଭିଲା ଗନ୍ଧବ ବେହେରାଙ୍କର କନ୍ୟାଟିଏ । ତା'ର ନାମ ଦେଇଥିଲେ ନିଜେ ତା'ର ବାପା ଗନ୍ଧବ ବେହେରା 'ରତ୍ନମଣି' ।

ସେଇ ଡାକ୍ତରଖାନାରେ ହୁଏତ ମୋର ମରଣ ହୋଇଥାନ୍ତା ରେ ଭାଇ ! ପେଟ ଭିତରେ ପିଲାଟା ଏପରି ଅଖଣ୍ଡ ଅବସ୍ଥାରେ ଥିଲା ଯେ, ସେ ଜନ୍ମ ହୋଇପାରି ନ ଥାନ୍ତା । ଉଭୟେ ମା ଏବଂ ଝିଅ ଆମେ ଏକ ସଙ୍ଗେ ମରିଥାନ୍ତୁ । କେଉଁଠି ଏବଯାଏ ପ୍ରେତନୀ ହୋଇ ବୁଲୁଥାନ୍ତୁ ।

ଭାଇରେ, ତୁ ବୟସରେ ତ ମୋ' ଠାରୁ ନିଶ୍ଚୟ ସାତ ସାନ । ହେଲେ, ତୁ ଛୁଆଟିଏର ବାପ ହେଲୁଣି । ସଂସାର ବେଭାର ତତେ ଅଜଣା ନାହିଁ । ମୋ'ର ମରଣ ନିଶ୍ଚିତ ଜାଣି ଡାକ୍ତରାଣୀଙ୍କ ପ୍ରସ୍ତାବରେ ମୋ' ଶାଶୁ ଆଉ ମୋ' ଗେରସ୍ତ ରାଜି ହେଲେ ।

ପେଟକାଟି ଜୀଅନ୍ତା ପିଲାକୁ ପେଟରୁ କାଢ଼ିଲେ । କହିଲେ, ଆଉ ଏଇ ବୋହୂର ପିଲା ହେବ ନାହିଁ । ଠିକ ରତ୍ନ ଖଣ୍ଡେ ପରି ଝଟକୁଛି ଏଇ ଝିଅଟି । ସେଇ ତମର ଝିଅ, ସେଇ ତମର ପୁଅ । ସ୍ୱତନ୍ତ୍ର ପୁଅଟିଏ ଯଦି ଗୁହୁଛ, ଆଉ ଜଣକୁ ବାହା ହୁଅ—

Digitized by srujanika@gmail.com

ଖାଇରେ, ପନ୍ଦର ବର୍ଷ ବଢ଼ିବାକୁ ବସିଲାଣି । ସ୍ୱାଙ୍କର ଅବସ୍ଥାର ଉନ୍ନତି ଘଟୁଛି । କୁଆଡ଼େ ମୁଁ ଲକ୍ଷ୍ମୀ ସେ ମୋର ପାଇଁ । ବାରମ୍ବାର ତାଙ୍କ ସଙ୍ଗେ ଲଗାଇଲି—ଆଉ ଗୋଟିଏ ବାହା ହୁଅ । କେବେ ସେ ନାହିଁ କରିନାହାନ୍ତି । ରତ୍ନମାଳାକୁ ଗେଲ କରି କହନ୍ତି ଏଇଟି ଆମର ଝିଅ ପୁଣି ପୁଅ । ତଥାପି, କହୁଛ ସବୁ ବୁଝିବା···· ।

ବୁଢ଼ା ତ ହେଲେଣି । ଚଉବନ ପୁରି ପଞ୍ଚାବନ ଚାଲିଲାଣି । କାହାର ଏମିତି ଘରେ ଝିଅଟିଏ ପଡ଼ି ପାଇ ଯାଉଛନ୍ତି ଯେ ଘରେ ସତର ବର୍ଷର ଝିଅ ଆଉଶୁ ତା' ବାପ ହାତକୁ ନଜର ଦୁଲୁଲୀନ୍ ଟେକିଦେବାରେ ଖାଇ ?

ଏମିତି ମନେ ମନେ ସେ ବୁଝାଇ ଦେଲେ, ପୁଣି କହିଲେ – 'ଯେ କଥା ଆଉ ଗୁଣ୍ଡରେ ଧରନା । ପାପ ହେବ । ମୋ ଝିଅ ରତ୍ନମାଳା ବେଶ୍ ଚାଲାଖ ଚତୁର ହେଲାଣି । ଏବଯାଏ ସେ ତା'ର ଜନ୍ମ ବୃତ୍ତାନ୍ତ ଜାଣେ ନାହିଁ । ତମଛଡ଼ା, ମୋ' ଛଡ଼ା ଆଉ କେହି ଜାଣନ୍ତି ନାହିଁ । ମତେ ସେ ତା ବାପ ବୋଲି କୁଆଁ ରଡ଼ି ଛାଡ଼ିଲା କାଳରୁ ଜାଣେ । ସେଇଆ ସତ ହେଉ ।'

ଖାଇରେ ! କ'ଣ ତୋ ରୂପରେ ଅଛି, ତୋ ବୁଦ୍ଧିରେ, ତୋ ବ୍ୟବହାରରେ, ତୋ କଥାରେ ଅଛି କେଜାଣି, ଆଜି ଏଇ ପ୍ରଥମ ସାକ୍ଷାତ୍‌ରେ ତାଙ୍କ ଭଳି, ଚଉଆଖିଆ ସିଦ୍ଧାଣିଆ ମଣିଷ କଣି ହୋଇଗଲେ । ତତେ ଦେଖି ମୋର ମନଟି ଖୋଲି ହୋଇଗଲା । ମତେ ବାଗୁଲ କଲା ।

'ଆଉ ଗପିବ ନାହିଁ । ମୋ ବୋଉଲୋ, କେତେ ଡେରି ହେଲାଣି ! କାନ୍ଦୁଣିଆକୁ ଯିବି । ଗୋଟାଏ ବାଜିବଟି । ତମ ଉକିଳ ଜଟଙ୍କୁ ମୁଁ ଖାଇବାକୁ ଦେବି, ଟିକିଏ ବିଶ୍ରାମ ନେବ । ଗାଡ଼ି ଲେଉଟିଲେ ଉଠି ତୁ ଚାଲିଯିବୁ । ଗ୍ରେଟ ପୁଡ଼ାଟି ସାଇକଲ ପଛରେ ନେବାକୁ କେବେ ଭୁଲିବୁ ନାହିଁ ।

× × ×

ଫେରନ୍ତା ବାଟରେ ସବୁ ଘଟଣା ମନରେ ଓଲଟ ପାଲଟ ହେଉଥିଲା । ଯାହା ନିଘଟ ସତ୍ୟ ମନେ ହେଉଥିଲା କେଉଁ ସପନ ବୃତ୍ତାନ୍ତ ଅବା କେବେ କାହିଁରେ ପଢ଼ିଥିବା, ଅବା କାହା ମୁହଁରୁ ଶୁଣିଥିବା କାହାଣୀଟିଏ ପରି ଲାଗୁଥିଲା । କାନ୍ଥ ଝୋଲିକଥିବା ଗ୍ରୀଡ ପକେଟରେ ହାତ ମାରିଲେ, ପୁଣି ବୋଟେଇ କରିହୋଇ କଣ୍ଢୁଆ ପବନ ଠେଲୁଥିବା ପଛ କ୍ୟାରିଅର୍ ଉପରେ କ୍ଲାନ୍ତ ଦୃଷ୍ଟି ପଡ଼ିଲେ ସେ ଜାଣିଥିଲା ଯେ ଅସମ୍ଭବ ସମ୍ଭବ ହୋଇଛି, ସେ କଥିତ ପାଇଛି । ଖାଲି ଦେଉକ

Digitized by srujanika@gmail.com

ନୁହେଁ, ଏକାଥରେ ଅଜଣା ଅଶୁଣା ଅପରିଚିତମାନେ ତାକୁ ଆପଣାର କରିଛନ୍ତି; ସାମାନ୍ୟ କେତୋଟି ଘଣ୍ଟାର ସମ୍ପର୍କରେ ସେମାନେ ତାକୁ ସ୍ନେହଡୋରରେ ବନ୍ଧନ କରିଛନ୍ତି ।

ଟ୍ରକ୍ ନେଇଥିବାର ଠିକ୍ ପରେ ପରେ ସେ ବଡ ସହରରୁ ବାହାରି ଥିଲା । ନଈବନ୍ଧ ଉପରେ ରାସ୍ତାକୁ ଆସିଲାରୁ ଝଡ଼ୁଆପବନ ତାର ଗତିରେ ବାଧା ଉପୁଜାଇଲା । ଅଭ୍ୟସ୍ତ ହେଲେ ମଧ୍ୟ ଗତି ହୋଇଥିଲା ମନ୍ଥର । ସେ ସନ୍ଧ୍ୟା ନ ହେଉଣୁ ଗ୍ରାମରେ ପହଞ୍ଚିଲା ।

ପ୍ରବଳ ହେଲା ଝଡ଼ୁଆପବନ । ବନ୍ଧ ରାସ୍ତାରେ ସାଇକଲ ଚଳାଇ ଆସିବା ଆଉ ସମ୍ଭବ ହେଲାନାହିଁ । ସେ ଓହ୍ଲାଇଲା । ଘର ପାଖେଇ ଆସିଲାଣି । ଚିନ୍ତାକଲା, ସାଇକଲଟି ଠେଲି ଠେଲି ନେଇଗଲେ ବି ସନ୍ଧ୍ୟାଅନ୍ଧାର ଘୋଟି ଆସିବା ଆଗରୁ ସେ ଘରେ ପହଞ୍ଚି ସାରିଥିବ ।

ସହସା ଗୋଟିଏ ଭାବନା ମନରେ ପ୍ରବେଶନ୍ତେ ସେ ହତବୁଦ୍ଧି ହୋଇ ନଈର ଘଡକଡ଼ ବାରିପାଖର ବନ୍ଧ ଉପରେ ନିଶ୍ଚଳ ହୋଇ ଠିଆହେଲା ! ଯେଉଁ ଭାବନାଟି ତା'ର ମନରେ ପଶିଲା, ସେଥିରେ ତା'ର ଉତ୍ସାହ ଓ ଉଦ୍ଦୀପନାର ସ୍ନିଗ୍ଧାଲୋକ ମଳିନ ହେଲା; ଅନାଗତ ଏକ ଆଶଂକାରେ ସ୍ତବ୍ଧ ଥରିଲା ।

ଯାହାସବୁ ଘଟିଯାଇଛି ପୁଣି ସେସବୁ ବିଜୁଳି ବେଗରେ ମନରେ ଚହଟି ଗଲା । ଗନ୍ଧବାବୁ, ତାଙ୍କର ଗୃହିଣୀ ମଣିମାଳା ବା ମୋତିମାଳା ଓ କନ୍ୟା ରତ୍ନମାଳା ମାନସ-ଚକ୍ଷୁ ଆଗରେ ଉଭା ହେଲେ, ପୁଣି ଉଭେଇ ଗଲେ ।

ଭାବନାଟିଏ ମନରେ ପଶିଲା । ଯାହା ସବୁ ଘଟିଗଲା, ଘରେ ବୋଉ, ପତ୍ନୀ ଓ ପନ୍ଦର ବର୍ଷର ସାନ ଭଉଣୀ ମଲ୍ଲୀଙ୍କ ଆଗରେ ଗପି ହେବ ନାହିଁ । ଗ୍ରାମର ସ୍ତ୍ରୀ ଓ ପୁରୁଷଙ୍କ ମନରେ ସହରିଆଲୋକଙ୍କ ସମ୍ବନ୍ଧରେ ଗୋଟିଏ ବିକଟାକାର ଧାରଣା ରହିଛି ଯେ ସେମାନେ ବିଶ୍ୱାସଯୋଗ୍ୟ ନୁହନ୍ତି; ମନ ଭିତରେ ଯେତେ କୁଟକପଟିଆ ଉଦ୍ଦେଶ୍ୟ ଥିଲେ ବି ଓଠରେ ମଧୁବୋଳା ପରତେଗଲା ଭାଷା ପ୍ରକାଶନ୍ତି, ଫାନ୍ଦରେ ପକାନ୍ତି ।

ନିଜ ଭାବନାରେ କେଜାଣି କାହିଁକି ସେ ନିଜେ ତ୍ରସ୍ତ ହେଲା । କିଏ ଯେପରି ତା କାନରେ କହିବାକୁ ଲାଗିଲା, ତୁ ଭୁଲ୍ କରିଛୁ । ଗୋଟିଏ ନିଯୁକ୍ତି ପାଇଁ ବ୍ୟାକୁଳ ହୋଇ, 'ସୁଖ' ଲୋଭରେ ଫାଶରେ ମୁଣ୍ଡ ଗଳାଇଛୁ ।

ଆଉ ସାଇକଲ ନ ଚଢ଼ି, ଝଡ଼ୁଆ ପବନର ତୋଡ଼ ବଢ଼ିଥିବା ଆଲରେ ସାଇକଲ ଗଡ଼ାଇ ନିଜେ ଚାଲିଚାଲି ଆପଣା ମନକୁ ସାନ୍ତ୍ୱନା ଦେଲା – ନା,

Digitized by srujanika@gmail.com

ସେମାନେ ନିଷ୍ଟୟ ଅନ୍ୟକାହାର ମନୀଷ । ସେମାନଙ୍କର ଜୀବନ-ଚରିତ, ପରସ୍ପର ପ୍ରତି ଗଭୀର ସ୍ନେହ ଓ ଅନ୍ୟମାନଙ୍କ ପ୍ରତି ସହୃଦୟତା ଅନ୍ୟ ଅମରଚରିତ ଉପରେ ଆସ୍ଥା ଏବ୍ଧା ଜଣାଇଁ ଦେଉଛୁ ।

ସେ ଫଜଲବକ୍ର ହେଲା ସେ ସେ ତାର ମାତା, ପତ୍ନୀ ଓ ଭଗ୍ନୀଙ୍କ ପାଖରୁ କିଛୁ ଗୋପନ ରଖିବ ନାହିଁ । ଏହି ଗ୍ରେଟ ସଂସାରଟି ତ ସମସ୍ତଙ୍କର । ସମସ୍ତେ ଆଲୋଚନା କରି ବିଚାର କରନ୍ତୁ ଓ ସ୍ଥିର କରନ୍ତୁ, ଯେଉଁ ନମୁନାଟି ଶ୍ରୀ ଗଦାଙ୍କ ବେଢ଼େଇ ତାକୁ ଯାଚ ଦେଇଛନ୍ତି, ଏଣି ଯେଉଁ ସମ୍ପର୍କ ତାଙ୍କର ପତ୍ନୀ ଶ୍ରୀମତୀ ମୋତମାଲା ଦେବୀ ସ୍ନେହ ପରବଶ ହୋଇ ପାତିଛନ୍ତି, ସେତିକ ସେ ଗ୍ରହଣ କରିବ କି ନାହିଁ । ଯଦି ନାସ୍ତି କରନ୍ତି ....?

ତାପରେ ସରକାରୀ ହେଉ, ଅବା ଅନ୍ୟ କେଉଁ ବ୍ୟକ୍ତି ବା ସଂସ୍ଥାରେ ଚାକିରି ନ କରି ନିଜ ବଳର ମାଟି ହୁଡ଼ାରେ ଲଢ଼ିବାକୁ ସେ ମଲ୍ଲପୁର ଫେରି ଆସିବ । ଏଇଠି ସେ ତାର ଖେଳୁଆଳ ପଡ଼ିଆଁର ଦେହ ଓ ମୃତ୍ତିକାର ଶକ୍ତିର ପରୀକ୍ଷା ଦେବ ନିଜର ବଳବାଡ଼ରେ, ବେଳ ମିଳିଲେ ସମୁହ ଗ୍ରାମର ମଙ୍ଗଳକର, ଉନ୍ନତି-ମୂଳକ କେଉଁ କର୍ମରେ ।

× × ×

ସାଇକଲଟିକୁ ଖଞ୍ଜା ଭିତରକୁ ନେଲା, ଏତେ ବେଳକେ ସେ ଖ୍ରାପଣ କ୍ଳାନ୍ତ ଅନୁଭବ କଲା । ସ୍ଥାଣମାର ଅଗଣରେ ସାଇକଲଟି ଠିଆ କରାଇଲା । ସେବତୀ ଧାଇଁଯାଇ ତାଳେ ପାଣି ବରଣ୍ଡା ଉପରେ ରଖିଲା । ମଲ୍ଲିକା ଗାମୁଛା ଖଣ୍ଡେ ଧରି ପାଖରେ ଠିଆହେଲା । ନଳଟଣର ଆଲୁଅ ତେଜ କେଂଟିଏ ହାତରେ ଝୁଲାଇ ଆଉ ହାତରେ ନାଡ ବକଲାର ହାତଧରି ପାଖକୁ ଆସିଲେ ଦୁର୍ଲଭ ।

ଆଗ ବକଳ ସ୍ୱରରେ ସେ କହି ଉଠିଲେ, ଏତେ କଷ୍ଟକରି ତୁ ଚୋଫାନଅାଁ ପାଗଟାରେ ଅଚଳ୍ହ ହେଲାପରି ଏମିତି ଫେରି ଆସିଲୁ ବାପ ! କେଉଁଠି ରହିଯାଇ ପାରିଲୁ ନାହିଁ ? ଖରି ହାଲିଆ ହୋଇଛୁ । ମୁହଁ ତ କଳାକାଠ ପଡ଼ିଛୁ ।

ମୁହଁ, ହାତ ଓ ଗୋଡ଼ ପଖାଳି ଗାମୁଛାରେ ପୋଛୁ ଆଳୁଜି କହିଲା, ତୁ ଶୁଣିଲେ ନିଷ୍ଟୟ ଖୁବ ଖୁସି ହେବୁ । ମୁଁ ଯେମିତିଆ ଦେଖା ନ ଥିଲି, ତାତୁଁ ବଳି ଭଲ ଆଉ ଅଧିକ ଦରମାରେ ଚାକିରି ଖଣ୍ଡେ ମିଳିଗଲା । ଦରମା ବେଶ୍ ଅଧିକ । ଝିନ୍ଝଟ୍ କିଛି ନାହିଁ ।

Digitized by srujanika@gmail.com

ଦୁର୍ଲଭ ଦୁଇହାତ ଯୋଡ଼ି ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ମୁଣ୍ଡରେ ଲଗାଇଲେ । ଖୁସି ହୋଇ କହିଲେ, କାଲି ସକାଳେ ଶ୍ରୀରାମଙ୍କ ମନ୍ଦିରରେ ମୁଁ ଜଣମ୍ଭ ପୂଜା କରାଇବି । ସବୁ ଦେବତାମାନଙ୍କ ପାଖରେ ଭୋଗ ଲଗାଇବି ।

ଆକୁଳାନନ୍ଦ କହିଲା, 'ଯାହା ତୋର ଖୁସି କର ।'

ପକେଟରେ ହାତ ଭରି ଛଅଶହ ଟଙ୍କାର ନୋଟ୍ ଥିବା ବନ୍ଦ ଲଫାପାଟି ଟାଣି ବୋଉଙ୍କ ହାତକୁ ବଢ଼ାଇ ଦେଲା । ପୁଣି କହିଲା, ଏଇ ନେ, ମୋର ମାସକର ଆଗରୁଆ ଦରମା । ସେଥିରେ ଛଅଶହ ଟଙ୍କା ଅଛି ।

ତେବେ ମାସକୁ ମାସ ଭବିଷ୍ୟତରେ ଯାହା ଅଛି ସେଥିରୁ ପଚାଶଟଙ୍କା ଊଣା ପାଇବୁ ବୋଉ ! ସହରରେ ଚଳିବା ପାଇଁ ମୋର ଜଳକ ତ ଲୋଡ଼ା ହେବ । ଏ ଚାକିରିରେ 'ହାତ୍ରିଲି' କଥା କେଉଁଠୁ ମିଳିବ ନାହିଁ । କେଉଁ ଉପରବାଲାଙ୍କୁ କୌଣସି ପ୍ରକାରରେ କିଛି ଦେବା ଲୋଡ଼ା ପଡ଼ିବ ନାହିଁ ।

'ସେମିତି ଚାକିରି କି ବାପ ?'

'ହଁ ଲୋ ବୋଉ ! ସୁବୁଦ୍ଧି ଦେବାକୁ, ଅନିଷ୍ଟ ନ କରିବାକୁ, ଦୋଷତ୍ରୁଟି ନ ଧରିବାକୁ, ଉପର ଯାହାଙ୍କୁ ଉଠାଇବାକୁ ଭୋଗ ଦିଆଯାଏ । ମୋ' ଚାକିରିରେ ସେତକ ଲୋଡ଼ା ନାହିଁ । ଝିଅ, ଭେଇବ....

ମଲ୍ଲିକାକୁ ପାଖକୁ ଡାକିଲା । ସାଇକଲ କେରିଅରରୁ ପୁଟୁଳାଟି ଖୋଲି କହିଲା, ନେ ମଲ୍ଲୀ, ରଖ । ବୋଉକୁ ଦେଲେ ସେ ଘରେ ଖୋଲିବ । ତମମାନଙ୍କ ପାଇଁ ମୋ ମାଲିକଙ୍କ ଘରଣୀ ସେଥିରେ ଯାହା ଅଛି ଦେଇଛନ୍ତି ।

ଦୁର୍ଲଭ କୁତୁହଳୀ ହୋଇ ପଚାରିଲେ, କ'ଣରେ ବାପ ? ଚିହ୍ନାଜଣା ନାହିଁ । ସେ କୁଆଡ଼ର କିଏ । ସାତପରଟି ! ସେ କାହିଁକି କ'ଣ ଆମକୁ ଦେବେ ?

ବଲେ ମୁଁ କହିବି ନାହିଁ ? ଶୁଣିଲେ ଜାଣିବୁ ଯେ ସେ ତୋର ଧର୍ମର ସାନ ଭଉଣୀ ମୋ'ର ଖାଇଁଦାଣୀ ହେବେ । ସବୁ ଜଣେ ବୁଝାଇ କହିବି । ଏତେ ଅଧୀର କାହିଁକି ?

ଆକୁଳାନନ୍ଦ ମଝି ଘରକୁ ଆସିଲା ।

ପାଞ୍ଚ ବର୍ଷର ପୁଅ ବଳିଆ ଖେଳି ଖେଳି ହାଲିଆ ହୋଇ ଶୋଇ ପଡ଼ିଥିଲା । କଣଘରର ପଟାଖଟ ଉପରେ ତାକୁ ସେବକ ଶୁଆଇ ଦେଲା । କାଳେ ସେ ତଳକୁ ଗଡ଼ି ପଡ଼ିବ, ଏଇ ଡରରେ ସେବକ ତାର ନଣନ୍ଦ ମଲ୍ଲୀକାକୁ ଜଗାଇ ଦେଇ ମଝି ଘରକୁ ସ୍ୱାମୀ ଓ ଶାଶୁଙ୍କ ପାଖକୁ ଫେରିଆସିଲା । ସେ ତାଙ୍କର ମାତାଙ୍କୁ ତାଙ୍କ ଜପୁଣିଦାତାଙ୍କ କଥା କହୁଥିଲେ ।

Digitized by srujanika@gmail.com

ପଞ୍ଚାବନ ବର୍ଷ ବୟସ୍କ ଶ୍ରୀ ଗନ୍ଧର୍ବ ବେହେରା କୈବର୍ତ୍ତ ଘରର ପୁଅ ଲୋ ବୋଉ ! ସେନେ ଜାତିର କୁଳ-ବେଉସା କରୁଥିଲେ—ମାଛଧରିବା, ବଳିବା ଓ ନୌକା ଚଳାଇବା । ସେ ପୁଣି ଥିଲେ ବାପ ଛେଉଣ୍ଡ । ତାଙ୍କର ମା ତାଙ୍କୁ ପାଳି, ବଢ଼ାଇ ପଢ଼ାଇଥିଲେ ।

ସେ ଜଣେ ବଡ଼ ଖେଳୁଆଲ ଥିଲେ ଲୋ ବୋଉ ! ଖେଳାଳୀ ହିସାବରେ ସହରରେ ତାଙ୍କର ନାମ ଡାକ ଥିଲା । ଏବେ ଏଇ ପାକଳ ବୟସରେ ସେ ଆଉ ଖେଳୁ ନାହାନ୍ତି, କିନ୍ତୁ ଖେଳ ଓ ଖେଳାଳୀଙ୍କ ପ୍ରତି ତାଙ୍କର ସ୍ନେହ-ସମ୍ମାନ ଅତୁଟ ରହିଛି । ତା'ର ପ୍ରମାଣ ହେଉଛି ମୁଁ ।

ଦୁର୍ଲଭ ପଚାରିଲେ, 'କେମିତି ?'

ଆଲ୍ଲି କହିଲା, ମତେ ସେ କେତେ ଖେଳରେ ଦେଖିଥିଲେ । ମୋର ପ୍ରଶଂସା ଶୁଣିଥିଲେ, ମୁଁ ପୁରସ୍କାର ଓ ମେଡ଼ାଲ୍ ଏବଂ ସିଲଡ଼ ଲାଭ କରିବାର ଦେଖିଥିଲେ । ମତେ ସେ ଜାଣିଲେ, ଚିହ୍ନିଲେ, କାମିକା ଓ ଚଞ୍ଚଳୀ ବୋଲି ବୁଝିଲେ । ସ୍ବୀକାର କଲେ ।

'ବୋଉ ଲୋ, ଏ ସ୍ବୀକାର ପାଇଁ ମୋ ଖେଳରେ ଦକ୍ଷତା ଅଧିକ ଦାୟୀ—'

କେମିତି ସେ ଏଡ଼େ ଧନୀ ହେଲେ ଲେ ପୁଅ, ବିଧବା କେଉଟୁଣୀର ସେ ଅରକ୍ଷିତ ଛୁଆଟିଏ ତ ?

ବେପାର ଲୋ ବୋଉ, ବେପାର; ଅଗାଧ ପରିଶ୍ରମ, ମିତବ୍ୟୟିତା, ସଚ୍ଚୋଟ ପଣିଆଁ, ଭଦ୍ରବ୍ୟବହାର, ସମ୍ବେଦନଶୀଳତା, ଏହି ସବୁ ସୁଗୁଣ ଥିଲେ ବେପାରରେ କୁଆଡ଼େ ମଣିଷ ଏମିତି ଉଧାଏ ।

ଦୁର୍ଲଭ କହିଲେ, ପୁଅରେ, ମୋତେ ଯିଏ ଧର୍ମର ଭଉଣୀ କରିଛୁ, ସେଇ ମୋ'ର ଧର୍ମର ସାନଭଉଣୀ ସେହି ସୁଲକ୍ଷଣା ସବୁ ସୁଗୁଣରେ ନିଶ୍ଚୟ ପରିପୂର୍ଣ୍ଣ ହୋଇଥିବ ।

ତାପରେ, କେବେ ତ ତାଙ୍କୁ ମୁଁ ସପନରେ ବି ଦେଖି ନାହିଁ । ତୋ ମୁହଁରୁ ଆମମାନଙ୍କର କଥା ଶୁଣି ଏତେ ଅଳ୍ପ ସମୟରେ ଯିଏ ଆମ ସମସ୍ତଙ୍କୁ ଏଡ଼େ ଆପଣାର କରିନେଲା, ଆମ ସମସ୍ତଙ୍କ ପାଇଁ ଏଡ଼େ ସୁନ୍ଦର ଓ ଦାମିକା ଶାଢ଼ୀ ଓ ଜାମା ପଠାଇଦେଲା ରେ ବାପ, ସେ କେଡ଼େ ଭଲ, ତା'ର ମନଟି କେଡ଼େ ଉଦାର ମୁଁ ବୁଝିପାରୁଛି ।

ସତେ ଲୋ ବୋଉ, ସେ ଯେମିତି ସ୍ନେହୀ ଓ ଉଦାରମନା ! ରୂପଟି ଯେମିତି ସୁନ୍ଦର, ମନଟି ସେମିତି ଉଦାର । ଖୋଲା ହାତ । କିଛି ପାଠ ବି ପଢ଼ିଛନ୍ତି; ଧର୍ମ-କର୍ମରେ ମତି । ଲକ୍ଷ୍ମୀପ୍ରତିମା । ପରର ଦୁଃଖରେ ଦୁଃଖୀ, ସୁଖରେ ସୁଖୀ—

Digitized by srujanika@gmail.com

ମଖିକା ମୁହଁ ଖୋଲିଲା, ବୋଉ, ତୋର ଟିକିଏ ଅକଲ ନାହିଁ । ଖାଲି ମୋର ସହର ବଜାରରୁ ଗଦାଏ ବାଟ ଯାଇକରି ପେଲ ପବନରେ କେତେ ହାଲିଆ ହୋଇଛନ୍ତି । ମୁହଁ କଲ'କାଠ ପଡ଼ିଛି । ଆଗ ତାଙ୍କୁ ଖାଇବାକୁ ଦେ । ସେ ବିଶ୍ରାମ ନେଲେ ମୁଁ ତାଙ୍କ ଗୋଡ଼ ଘଷିଦେବି । କାଲି ଶୁଣିବୁ ନାହିଁ ?

ଆକୁଳାନନ୍ଦ କହିଲା, ତୁ ମୋର ସୁନା ଭଉଣୀଟା । ମୋର ଲୁହ ଦେହକୁ ପବନର ଡୋର କିଛି କରିପାରିବ ନାହିଁ । ଟିକିଏ ହାଲିଆ ହୋଇଛି ହଁ, ଥକୁଆ ହୋଇନାହିଁ । ମୋର ସେ ମାଲିକାଣୀ । ସେ ନିଜେ ମତେ ଖାଇ କରିବାକୁ ଚାହିଁଲେ, ଖାଇ କରନ୍ତୁ କି ସ୍ତୁତି କରନ୍ତୁ ତାଙ୍କର ଇଚ୍ଛା ଓ ଆଗ୍ରହ ସେ ମୋ ପାଇଁ ଆଦେଶ ।

ମାନିଲି । ତାଙ୍କର ଚଉଦ ପନ୍ଦର ବର୍ଷର ଝିଅଟି ଭୋରି ପରି ବୁଢ଼ିଆ, ସୁନ୍ଦରୀ, ପଢ଼ୁଆ, କିନ୍ତୁ ଟିକିଏ ଶ୍ୟାମଳୀ । ତା' ନାମ ରତ୍ନମାଳୀ, ଆପେ ମୋର ଭଣିଜା ହୋଇଗଲା । ତା ମା'ଆର ମୁହଁଟି ସେ ଚୋରି କରି ଆଣିଛି । ଗୋ'ଲଗାଲିଆ ସୁନ୍ଦର, ହେଲେ ବୋଉଙ୍କ ତା ରଙ୍ଗ ଆସି ନାହିଁ ।

ଦୁର୍ଲଭ କହିଲେ, କେଉଁଟ ଘରର ଝିଅ ତ, ତା' ମା ରଙ୍ଗ ଆସିଥିବ । ଯାହା ହୋଇଥାଉ, ତା ମା'ଟି ଭାରି ଭଲ । ମତେ କେବେ ନ ଦେଖି ବି ସେ ମତେ ଦୋଉ କରିଛି । ଭାରି ଭଲଟିଏ ସେ । କାଳିକୋଇଲି, କୁଜା, କେମିତି ଯାହା ହୋଇଥାଉ, ତାକୁ ମୁଁ ଧର୍ମର ଝିଅ କଲି । ତାର ବୟସ କେତେ ? କିଣ ତା ନାମଟି ? ଭୁଲିଗଲି ।

ସେବତୀଙ୍କୁ ଗୃହିଣୀ କହିଲେ, ଆ-ଗୋ ବୋହୂ, ଏମିତି ଖୁଣ୍ଟପରି ଠିଆହୋଇ ଶୁଣିଲେ କିଣ ମୋ ପୁଅର ପେଟ ପୂରିବ ? ତାର ଖାଇବା ପାଇଁ କିଣ ଯୋଗାଡ଼ କର । ବଳେ ଶୁଣିବ ନାହିଁ ?

ସେବତୀ ଉତ୍ତର ନ ଦେଇ ଧୀରେ ଧୀରେ ବାରଣ୍ଡା ବାଟେ ରୋଷଘରକୁ ଚାଲିଗଲା । ସେ ଘରେ ଡ଼ିବିରି ଜଳୁଥିଲା ।

× × ×

ଆକୁଳାନନ୍ଦ ଚିନ୍ତାମଗ୍ନ ହେଲା । ବସ୍ତୁତଃ, ସେମାନଙ୍କର ଜୀବନ ଚରିତ ଓ ଅତୀତ ଯାହା ସେ ଶୁଣିଥିଲା, ତା' ନିଜ ମନରେ ଯେତେ ପ୍ରଶ୍ନ ଜାଗିଥିଲା ଓ ଯାହାର ମନୋଜ୍ଞ ଉତ୍ତର ସେ ପାଇ ପାରି ନ ଥିଲା, କିପରି ସେ ତା'ର ଗର୍ଭଧାରିଣୀ ଓ ଅନୁଜା ପାଖରେ ପ୍ରକାଶ କରିବ ?

Digitized by srujanika@gmail.com

ଆଗ ନଜରକୁ ସେ ନଜ ଭିତରେ କହୁଲ, ସମସ୍ତ ବଢଲେ, ସମ୍ପର୍କ ଗଢ଼ି ହେଲେ, ବଢ଼ି ଉଠିଲେ ବଲେ ବୋଉ ସବୁ ଜାଣିବ । ଏବହୁଁ ତା' ମନରେ 'କମ୍ପା-କନ୍ଥୁ'ର ପ୍ରଶ୍ନଗୁଡ଼ିଏ ଜଗାଇବ କାହିଁକ ?

ସେ ତା'ର ବୋଉଙ୍କୁ କହୁଲ, ତୋ'ର ଅଜଣା ସେହ୍ଵ ଧରମଭଉଣୀଟି ଝିଅଟିର ଦେହ୍ଵର ରଙ୍ଗ ତୋ ବୋହୁ ଓ ଝିଅଙ୍କ ରଙ୍ଗରୁ ଅଧିକ ଦେଖା ହେବ ନାହିଁ, ହେଲେ ସେ ଭୋଗ ଭାଗ୍ୟରେ ଅଛନ୍ତି, ଯାହା କହନ୍ତି ଘିଅରେ ଖାଇ ଦୁଧରେ ଆଞ୍ଚୋଉଛନ୍ତି ।

ତୁ ବସ୍ତର କର, କାହିଁକ ସେ ଚନ୍ଦ୍ରଟ-ଚକଣୀ, ଅଲପ ବୟସୀ ପରି ନ ଦଶିବେ ? ତୁ କହୁବୁ, ମୋ'ର ଏ ଝିଅକୁ ଦେଖେଇଣ ପୂଣ ଜୋଡ଼ିଏ ଗୁଳନ୍ତୁ ! ତୁ ଭୁଲିଯିବୁ ସେ ତୋ'ର ପେଟରୁ ଜନମ ଝିଅଟିକୁ ନଷ୍ଟେ ସନ୍ଦର ଦେଖିଲଣି । ତାଙ୍କୁ ଦେଖିଲେ ତୁ କହୁବୁ ଅଠର ବର୍ଷର ଝିଅ ।

ତାଙ୍କ କହୁବା ଅନୁସାରେ ତାଙ୍କୁ ପଇଁଚାଳିଶ ପୂରି ସଇଁଚାଳିଶୀ ଗ୍ଲୁଲନ୍ତୁ । ବୋଉ ! କଏ ଜାଣେ, ଗ୍ଲୁଳଣକୁ ଛୁଇଁବଣି କାରଣ ତାଙ୍କ ପେଟରୁ ଜନମ ଝିଅ ରନ୍ନ-ମାଳାଟିକୁ ହୁଏତ ସତର ଗ୍ଲୁଲନ୍ତୁ, କ ପୂରିବ ବୋଲ ତା' ବୋଉ କହୁଥିଲେ ।

ଦୁର୍ଲଭ କହୁଲେ, ବସ୍ତୁସବୁ ମତେ କ'ଣ ମିଳିବରେ ବାପ ? ତେବେ, ସାତ ସାନ ଏହାତ ଜାଣୁଛୁ ! ତୋ ନଯୁକ୍ତାଭାର ଘରଣୀ । ସ୍ନେହରେ ତତେ ଭାଇ କରଛୁ । ତେଣୁ ସେ ମୋର ସ୍ନେହର ଝିଅଟି, ଜାଣ ବଡ଼ ଝିଅ । ରନ୍ନମାଳାଟି ମୋର ନାଉଣୀ ।

ସେଇ ଲେଖା ମୁଁ କଣବରେ ପୁଅ ! ଘର ଦେଖିର ତ ଦେଇ ପାରୁନ; ତୋ ହାତରେ ତାଙ୍କପାଇଁ ଛେନାକାକର, ଫେଣୀ, ଆରିଷା, ଆଉ ଖାସ୍ତାଗଜା କିଛୁ ସମବାର ସକାଳେ ପଠାଇ ଦେବ ।

ଆଉ ତତେ ଗପାଇବ ନାହିଁ । ହାଲିଆ, ଭୋଷିଲ ହୋଇଛୁ । ତୋ ଶୋଇବା ଘରକୁ ଯା । ବିଶ୍ରାମ କର । ମୁଁ ଭୋଷଘରକୁ ଯାଉଛୁ ।

ଦୁର୍ଲଭ ଭୋଷଘରକୁ ଗଲେ । ତାଙ୍କ ପଛେ ପଛେ ମଲ୍ଲୀକା ବ ଗଲ । ଛଅ ବର୍ଷର ପୁଅ ବକଳାକୁ କାଖକର ତେଇଶ ଚବଶ ବର୍ଷର ବୋହୁ ସେବତୀ ପାଖକୁ ଆସିଲ । କହୁଲ, ତମପାଇଁ ବୋଉ ଜଳଖିଆ ନେଇ ନନେ ଆସିବେ । ମତେ ପଠାଇ ଦେଲେ ।

Digitized by srujanika@gmail.com

କହିଲେ, ବୋଉ, ମୋ' ପୁଅ ଆଜି ଘର ବାହୁଡ଼ା ହୋଇ ଆସିଛୁ । ମୁହଁଟି କାଳାକାଠ ପଡ଼ିଛି । ଯାଅ, ତା'ର ସେବାକର । ମାନେ ମୁଁ ତମର ହାତଗୋଡ଼ ଘଷିଦେବ । କଥା ଶୁଣିବାକୁ ମନକଲେ କହିବ ।

ଆକୁଳାନନ୍ଦ କହିଲି, ନୂଆ କଥା କିଛି କହି ପାରିବ ? ସେହି 'ଟିକି-ଚଢ଼େଇ', 'କେଶବତୀ କନ୍ୟା,' 'ପକ୍ଷୀରାଜ ଘୋଡ଼ା', 'ତଅପୋଈ', 'କୁହୁକମଣ୍ଡଳ ଚଢ଼େଇ' ଶୁଣିଶୁଣି ଅରୁଚ ଧରିଲାଣି ।

ସେବତୀ ଲାଜରା ହେଲା । ସେ କହିଲା, ତେବେ ଆଉ ? ମୁଁ ବି ତ ସେଇ ମଣିପଟା, ଧ୍ରୁବ୍ରତା କହିଲିଣି । ପୁରୁଣାଗୁଡ଼ାକ ଉପକାଣ୍ଡ, ତେବେ ଭଲ ଲାଗନ୍ତି ନାହିଁ । ଅଗ୍ନକଇ ମିଳିଥିବା ନୂଆ ଭଉଣୀ, ଭାଇଜା, ଭଣଜା ଓ ଭଣେଇଙ୍କ କଥା କହ । ମୁଁ ଶୁଣୁଥିବି, ତମ ପାଦ ମଲାଉଥିବି । ହେଲା ?

ଆକୁଳ ମହସା ଗମ୍ଭୀର ହେଲା । ମନ ଧାଇଁଗଲା ଗନ୍ଧର୍ବବାବୁଙ୍କ ଘରକୁ । କାହିଁକି ସେବତୀ ତା' ମନଭିତରୁ ହଜିଯାଉଥିବା ଗୋଟିଏ କୁତୂହଳକୁ ରହସ୍ୟରେ ଉଖାରି ନେଇ ମନେ କରାଇ ଦେଲେ ମୀରବ ପ୍ରଶ୍ନଟିଏ ?

ପାଞ୍ଚଛଅ ବର୍ଷର ଝିଅଟିର ଡାହାଣ ପାଖରେ ବଡ଼କରା ଫଟୋଟିରେ ଠିଆ-ହୋଇଛି ଯେଉଁ ନଅ ଦଶ ବର୍ଷ ବୟସର ସୁନ୍ଦର ସ୍ୱାସ୍ଥ୍ୟବାନ ପୁଅଟି, ସେଇଟି କିଏ— ?'

ସେବତୀ, ଭାଇଜା ସଙ୍ଗରେ ନିଜ ଅଜାଣତରେ ଭଣଜାର ନାମଟି ଉଚ୍ଚାରଣ କଲେ । ଗନ୍ଧର୍ବବାବୁ ଅବା ତାଙ୍କର ପତ୍ନୀ ମୋତିମାଳାଙ୍କର ମାତ୍ର ସେହି ଗୋଟିଏ ସନ୍ତାନ ରତ୍ନମାଳାଟି । ଅନ୍ୟ ସନ୍ତାନର ନାମୋଲ୍ଲେଖ ସେମାନେ କରି ନାହାନ୍ତି ।

ତେବେ ?

ପ୍ରଳୟଙ୍କର ବନ୍ୟାରୁ ଉଦ୍ଧାର କରି ଆଣିଲାବେଳେ ଯେଉଁ ଶିଶୁଟି ଗର୍ଭରେ ଥିଲା, ସେହି ତ ରତ୍ନମାଳା ! ମୋତିମାଳାଙ୍କର ଅନ୍ୟ ସନ୍ତାନ ଆସିବ କୁଆଡ଼ୁ ?

କିନ୍ତୁ—

ସେ ଗନ୍ଧର୍ବବାବୁଙ୍କ ପାଖରୁ ବିଦାୟ ନେଇ ଆସିଲାବେଳେ ବାହାର ବାରଣ୍ଡାରେ ତାଙ୍କ ପଛରେ ରତ୍ନା ଠିଆ ହୋଇଥିଲା । ସେ କହିଲା, ବାପା ! ଷ୍ଟଇଙ୍କର ଦେହ ଭଲ ନାହିଁ, ପୁଣି ତାଙ୍କର କ'ଣ ବହି ଓ ପାଠ୍ୟପାଠ କିଣାହେବ । ସେ ଟଙ୍କା ମାଗି ଥିଲେ । କେବେ ପଠାହେବ କି ?

Digitized by srujanika@gmail.com

ଗନ୍ଧର୍ବବାବୁ ତା' ପିଠି ଆଉଁସି କହିଲେ, ଏଥିକୁ ତୁ କି ଚିନ୍ତା ଆଖି ଛଳ ଛଳ କରୁଛୁ ? ମାମୁଁ କାଲି କି ପରଶୁଦିନ ଫେରିଲେ ଟେଲିଗ୍ରାଫିକ୍ ମନିଅର୍ଡର କରି ଟଙ୍କା ପଠାଇଦେବ । ଅଳ୍ପ ସମୟରେ ପହଞ୍ଚିବ ।

ସେବତୀ ପାଦ ମଞ୍ଜାଳୁଥାଏ । ଆକୁଳାନନ୍ଦ ବିସ୍ମିତ ହେଲା । ମୁହଁ ନ ଖୋଲି ମନେ ମନେ ସେବତୀକୁ କହିଲା, ଧନ୍ୟଗୋ ତମେ, କାଳଚରିତ ନ ଜାଣି କେବଳ ନିଶ୍ୱାସ ଧାରିଣୀ, ମତ୍ସ୍ୟ ଜାଳିଣୀ ଘରଣୀ ।

ଆକୁଳାନନ୍ଦ ପ୍ରକାଶ୍ୟରେ କହିଲା, ଗନ୍ଧର୍ବବାବୁ ଆଜ୍ଞା ତାଙ୍କ ଗୃହିଣୀ ମୋତିମାଳାଙ୍କର କଥାରୁ ବୁଝିଲି ଯେ ତାଙ୍କର ସେଇ ଗୋଟିଏ ଝିଅ ଜନ୍ମିଲା ! ତେବେ ସ୍ୱାସ୍ଥ୍ୟ ନେଇ ଆସିଲାବେଳେ ଝିଅଟି ତା'ର କେଉଁ ସାଇପାଖକୁ ଟଙ୍କା ପଠାଇବା କଥା ତା' ବାପାଙ୍କର ମନେ ପକାଇ ଦେଉଥିଲା ।

ହୋଇଥିବ କେଉଁ ଲେଖାରେ କେମିତି ତାର ସାଇ । ହେଉନ୍ତୁ, ସେମାନେ ଆମର ସାତ ପର । ତାଙ୍କ ସମ୍ବନ୍ଧରେ ଆମର ଏତେ ଜିଜ୍ଞାସୁ ହେବାର କ' ପ୍ରୟୋଜନ ?

ତିନି ଘଣ୍ଟା ସେମାନଙ୍କ ଘରେ ମୁଁ କଟାଇଥିଲି । ଗନ୍ଧର୍ବବାବୁଙ୍କଠାରୁ ଭଡ଼ାରେ ରିକ୍ସା ଆଣି ନିଜେ ଚଳାଇ କିଛି ରୋଜଗାର କରିବା ଥିଲା ମୋର ଉଦ୍ଦେଶ୍ୟ । ବହୁ ଚେଷ୍ଟା ଓ ଅର୍ଥବ୍ୟୟ, ଗଧପାଦ ଧରି ସତ୍ତ୍ୱେ ଖଣ୍ଡେ ସରକାରୀ ଚାକିରି ମିଳିଲା ନାହିଁ ।

ଗନ୍ଧର୍ବବାବୁ ତାଙ୍କର ଜୀବନବୃତ୍ତାନ୍ତ ମୋ ଆଗରେ ଗପିଲେ । ସେ ଓ ତାଙ୍କର ସ୍ତ୍ରୀ ତାଙ୍କର ଉଦାରତାରେ ମତେ ଚାକିରି ତ ଦେଲେ, ଖୋ'ଇଦେଇ ଧର୍ମର ସମ୍ବନ୍ଧରେ ବାନ୍ଧି ପକାଇଲେ । ତମମାନଙ୍କ ମନ ନ ଘେନିଲେ, ଏଇ ମୁହୂର୍ତ୍ତରେ ସେହି ବନ୍ଧନ ଛିଣ୍ଡାଇବି ।

× × ×

ସେବତୀ ସ୍ତବ୍ଧ ହେଲା । ଆକୁଳର ପାଦରେ ମୁଣ୍ଡମାରି, ପୁଣି ମୁଣ୍ଡ ଉଠାଇ କରୁଣ କଣ୍ଠରେ କହିଲା, ମୋ ଦୋଷ କ୍ଷମାକର, ଦୟାବତୀ ଯେହ୍ନ ଅପା ମୋତି କି ମଣିମାଳାଙ୍କୁ ବି ମୁଁ ଏଇଠି ଥାଇ ନମସ୍କାର ଜଣାଉଛି ।

ଆକୁଳ ଉଠି ବସିଲା । ଦୁଇ ହାତରେ ସେବତୀର ମୁଣ୍ଡଟି ଟେକି ମୁହଁରେ ଗେଲ କଲା । କହିଲା, ତମେ ଧୈର୍ଯ୍ୟଧର । କାଲି ତମର ଆଗରେ ଗନ୍ଧର୍ବବାବୁଙ୍କର କୁଟୁମ୍ବ ସମ୍ବନ୍ଧରେ ମୁଁ ସବୁ କହିବି ।

Digitized by srujanika@gmail.com

ସେ ବୃଦ୍ଧପ୍ରାଣୀଙ୍କ ମୁହଁରୁ ଏକେ ମୁଁ ଶୁଣିଛୁ । ମୁଁ ସକାଳୁ ବାହାର, କଅଁଳ ଗ ଧୂଆବେଳେ ସେଠାରେ ପହଞ୍ଚିଲ । ଆଗରୁ ଅବଶ୍ୟ ତାଙ୍କର ନାମ ମୁଁ ଶକ୍‌ସାବାଲଙ୍କ ମୁହଁରୁ ଶୁଣିଥିଲ ।

ସେ ଘର ସଲୋଟ କନ୍ତୁ ଏକ୍‌ବାଗିଆ କଡ଼ାଲେକ ବୋଲ ଶକ୍‌ସାବାଲଙ୍କ ମୁହଁରୁ ଶୁଣିଥିଲ । ସେ କେବେ ମଦୁଆ, ଗଞ୍ଜେଡ଼ ଓ ଅଫିମଖୋରଙ୍କୁ ତାଙ୍କ ଶକ୍‌ସା ଚଳାଇବାକୁ ଭଡ଼ାରେ ଦଅନ୍ତି ନାହିଁ ।

ଶକ୍‌ସା ଖଣ୍ଡିଏ ଭଡ଼ାରେ ନେଇ ମୁଁ ନିଜେ ଚଳାଇ ଦିନକୁ ଦଶ ପନ୍ଦର ଟଙ୍କା ଦେହ ମିହନ୍ତ କର ରୋଜଗାର କରିବା ଥିଲ ମୋର ସଙ୍କଳ୍ପ । ସେଥିରେ ଲଜ ନାହିଁ । ପେଟ ପୋଷିବା ପାଇଁ ଯେ କୌଣସି କାମ କଲେ ସେଥିରେ ପ୍ରକୃତରେ ଦୁଃଖ ନାହିଁ, ଦେହର ପରିଶ୍ରମ ହେଉ, ଅବା ମୁଣ୍ଡର ହେଉ ।

ସେଦିନ, ମୋ ମନର କଥା ଶକ୍‌ସାବାବୁଙ୍କୁ କହିବା ଆଗରୁ ମୁଁ ନାମଯାଦା ମୈଳାଳୀ ବୋଲ ସେ ଚହ୍ନିଲେ । ମୋତେ ସେ ସମ୍ମାନ ଦେଖାଇବା ସଙ୍ଗେ ମୋର ଉଦ୍ଦେଶ୍ୟ ବୁଝି ମୋତେ ଏହି ନିଯୁକ୍ତ ଦେଲେ । ତାଙ୍କର ଗୃହିଣୀଙ୍କୁ ମୋ କଥା ସେ କଣ କହିଲେ କେଜାଣି, ସେ ତାଙ୍କର ସାନଭାଇର ସ୍ନେହ ମୋ ଉପରେ ଅଜାଡ଼ି ଦେଲେ ।

ସେମାନଙ୍କର ମୋ ଉପରେ ପ୍ରଗାଢ଼ ବିଶ୍ୱାସ ମତେ କିଣି ସାରିଛୁ । କିନ୍ତୁ ସେଦିନ, ନିଜକୁ ମୁଁ ବିକ ନାହିଁ । ମୁଁ ଯେକୌଣସି ମୁହୂର୍ତ୍ତରେ ସେ ଦୁହିଙ୍କୁ ନମସ୍କାର କରି ତାଙ୍କ ପାଖରୁ ବିଦାୟ ନେଇ ଆସିବ ।

ଅଗ୍ରୀମ ଛଅଶହ ଟଙ୍କା ସେ ଉପରେ ପଡ଼ି ଦେଇଛନ୍ତି ବୋଲି ତମେ ଭାବିଛ କି ସେ ମତେ ବାନ୍ଧି ରଖିଛନ୍ତି ? ହଁ, ଏପରି ଧାରଣା ମନକୁ ଆସିବା ଅତି ସ୍ୱାଭାବିକ । ସେହିପରି କିଛି ମୋ ମନରେ ହଲଚଲ ହେଉଥିଲା ।

ସେଦିନ କହିଲ, ମୋ ମନରେ ସେପରି କୌଣସି ଭାବନା ପଶିନାହିଁ । କିନ୍ତୁ ତମର ମନକୁ ଯଦି ଏପରି ଧାରଣା ଛୁଇଁଲ ତେବେ ଗୋଟିଏ କଥା କରିବା ?

କଣ କୁହନ୍ତ ?

ତମେ ସେ ଟଙ୍କା ତାଙ୍କୁ ଫେରାଇ ଦିଅ । ବୋଉଙ୍କୁ ଦେଇ ସାରିଛ । ତାଙ୍କଠାରୁ ଆଣିବା ଦରକାର ନାହିଁ । ବୋହୂଦେଖାବେଳେ ଯେଉଁମାନେ ଯାହା ମତେ ଦେଇଥିଲେ ତକୁ ମୁଁ ସାଇତ ରଖିଛୁ । ଅଭାବ ହେଲେ କେହି ମାଗିଲେ ମୁଁ ଅଳପ ସୁଧରେ ତାଙ୍କୁ ଧାର ଦେଇଛୁ ।

Digitized by srujanika@gmail.com

ତମେ ଜାଣ ନାହିଁ, ବୋଉ ଜାଣନ୍ତି । ମାଇପି କାରବାର କଥା, ତମ କାନକୁ ଯାଆନ୍ତା କାହିଁକି ? ଗ୍ରେଟ ଗ୍ରେଟ ସୁନାଗହଣା ବନ୍ଧା ରଖି ଦିଏ । ବୋଉଙ୍କ ଅଜାଣତରେ କରେ । ସେଇ ଧନରୁ ତମେ ଛ'ଶହ ଟଙ୍କା ନେଇଯାଅ । ଦେବ, କହିବ—ଅଫିସରୁ ଆଗୁଆ ଦରମା ନେବାକୁ ବୋଉ ମନ କଲା ।

ଆକୁଳାନନ୍ଦ ଚିନ୍ତାରେ ବୁଡ଼ିଗଲା । ସେବତୀ କାରବାର କରେ ବୋଲି ସେ ଜାଣିଥିଲା । ବୋଉ ତ ମାମଲତକାର୍, ଡାକ୍ତର, ତା' କୁଟୁମ୍ବ ସେ ସମ୍ଭାଳନ୍ତି । ସେ କାହିଁକି ସେଥିରେ ମୁଣ୍ଡ ଖେଳାନ୍ତା ? ଗୋଟିଏ ବୁଦ୍ଧି ତା ମନକୁ ଆସିଲା ।

କହିଲା, ସେପରି କଲେ ଗଛବାବୁଙ୍କ ମାଡ଼ ମାରିଲା ପରି ହେବ ସେବତୀ ! ମୁଁ ଭାବୁଛି, ତମେ କହିଲା ବାଗରେ ହେବ ଯେ ସବୁ ସମ୍ଭାଳି ନିଜେ ବଳମ୍ଭରେ କଲେ ହେବ । ତାଙ୍କର ଉଦାରତାର ଟେକ ରହିବ, ଆମର ଅର୍ଥାତ୍ ମୋର ସଚ୍ଚୋଟ ପଣିଆର ପ୍ରମାଣ ମିଳିବ ।

ସେବତୀ ପଚାରିଲା, କଣ କରିବ ଭାବୁଛ ?

ଆକୁଳ କହିଲା, ଟଙ୍କା ତାଙ୍କୁ ଫେରାଇ ଦେଲେ ମାଡ଼ମାରିଲା ପରି ସେ ମଣିବେ । ନା, ସେପରି କରିବ ନାହିଁ । ବରଂ, ମୋର ଦରମାରୁ ମାସକୁ ମାସ ଦୁଇଶ ଟଙ୍କା କାଟିଲ ଦେଲେ ମୁଁ ଜାଣେ, ମାସ ଛଅଟିରେ ତାଙ୍କର ଋଣମୁକ୍ତ ହେବ । ବୋଉକୁ ବୁଝାଇ କହ ଟଙ୍କା ତମନାମରେ ଯାଏ ଦେବ । ତାକୁ ସେଇଆ କହିବ ?

ସେବତୀ କହିଲା, ସେଇଆ କର । ତମେ ନିଜେ ବିଶ୍ରାମ ନିଅ । ମୁଁ ଯାଏଁ, ତମପାଇଁ କିଛି ଖାଇବାର ଯୋଗାଡ଼ କରିଆଣେ ।

ସେବତୀ ରୋଷାଘରକୁ ଚାଲିଗଲା । ତା ପଛେ ପଛେ ଚଞ୍ଚଳା ମନ ଗୋଡ଼ାଇଲା ।

କ୍ଲାନ୍ତ ଆକୁଳର ଆଖିପତା ପାଉଁଶିଆ ପଡ଼ିଥିଲା । ସେ ଆଖି ବୁଜିଲା ବହୁତ, ନିଦ ଆସିଲା ନାହିଁ । ମୁଣ୍ଡ ଭିତରେ ସବୁ ଯେପରି ଭସିଯାଏ । କାନକୁ ଅନେକ ଶବ୍ଦଗୁଡ଼ିକର ମିଶ୍ରଣ ଝାଇଁ ଝାଇଁ ଶୁଭୁଥାଏ ।

ଅଳପ ସମୟ ମଧ୍ୟରେ କେତେ ପ୍ରକାର ଘଟଣାବଳୀ ଖଣ୍ଡାଖଣ୍ଡି, କେତେ କୁଟୁମ୍ବ, କେତେ ବ୍ୟକ୍ତିଙ୍କର ଗମନାଗମନ, କେଉଁ ଚଳଚିତ୍ରର ଚରିତ୍ରଗୁଡ଼ିକ ପରି । ପାଖ ପାଖରେ ଠିଆହୋଇ ସଦ୍ୟ-ସ୍ମୃତିପଟରେ ରହି ଯାଇଥିଲେ ତିନୋଟି ଛବି—ଗନ୍ଧର୍ବ ବେହେରା, ମୋହମାଲା ଓ ରତ୍ନମାଳା ।

× × ×

Digitized by srujanika@gmail.com

ରବିବାର ସକାଳଠାରୁ ସେ କାମ ବୁଝିବାରେ ବ୍ୟସ୍ତ ରହିଲା । ବଳଦଙ୍କର ଖବର ବୁଝିଲା । ତା ବୋଉଙ୍କ ସମ୍ମୁଖରେ ଚାଷ ଓ ଅନ୍ୟାନ୍ୟ କାମ ସମ୍ବନ୍ଧରେ ସେ ଉପଦେଶ ଦେଲା କୋଠିଆ ଖଗପତି ବେହେରାକୁ ।

କହିଲା, ମୋର ତ ସମସ୍ତଙ୍କ ଅଭାବରେ ଖଗ, ଘରର ସବୁ କାମର, ପୁଣି ଘରବାଡ଼ିର ଦାୟିତ୍ୱ ତୋ ମୁଣ୍ଡରେ ଲଦା ହେଲା । ବୋଉଙ୍କୁ ପଚାରି ସବୁ କରିବୁ । ହେଳା କରିବୁ ନାହିଁ ।

ଶିକ୍ଷକ ଗୋକୁଳ ଷଡ଼ଙ୍ଗୀ, ପୂର୍ବତନ ଶିକ୍ଷକଙ୍କୁ ମଧ୍ୟ ଦେଖା କରିଥିଲା । ଗନ୍ଧର୍ବ ବେହେରା ଟ୍ରକ ଓ ଲଞ୍ଚ ମାଲିକଙ୍କ ଫାର୍ମରେ ନିଯୁକ୍ତି ଗ୍ରହଣ କରିଛି ବୋଲି ଜଣାନ୍ତେ ଷଡ଼ଙ୍ଗୀଏ ମୁହଁ ଆମ୍ବିଲା କରି କହିଲେ, ଖାଲି ବସିବା ଅପେକ୍ଷା ପାଣି ବାଡ଼େଇବା ଅବଶ୍ୟ ଭଲ କିନ୍ତୁ ସରକାରୀ ଚାକିରିରେ ଭବିଷ୍ୟତ ଅଛି । ତେଣୁ ଏ କାମ କରୁଥାଅ, ସେଥିପାଇଁ ଚେଷ୍ଟା ଅବ୍ୟାହତ ରଖ ।

ଷଡ଼ଙ୍ଗୀଙ୍କର ଉପଦେଶରେ ତା' ଉତ୍ସାହ ଟିକିଏ ମଳିନ ହେଲା । ବୁଝିଲା ଆଉ ଅଧିକା ଚେଷ୍ଟା କରିବ କିପରି ? ହାତରେ ଯଥେଷ୍ଟ ଧନ ନାହିଁ, କୌଣସି ଶକ୍ତିଶାଳୀ ଦଳର ତା'ର ବନ୍ଧୁବାନ୍ଧବ ନୁହନ୍ତି । ତେଣୁ ସେ କଲେ, ଯାହା କରୁଛି ତାହାହିଁ ଭଲ । ଏ ଚାକିରିରେ ସ୍ୱାଧୀନତା ଅଛି । ନିଯୁକ୍ତିଦାତା ଓ ନିଯୁକ୍ତ ବ୍ୟକ୍ତି ଉଭୟଙ୍କ ପକ୍ଷରେ ଏହା ପ୍ରଯୁଜ୍ୟ ।

ଧର୍ମର ସବୁ ସମ୍ପର୍କ ବାଆକୁ ବଳା ପରି । ମୁହୂର୍ତ୍ତିକରେ ଗଣ୍ଠି ଛିଣ୍ଡିବ । ତୁମେ ତେଣେ, ଆମେ ଏଣେ, ଏହିପରି ମନେ ମନେ ବହୁ ଆଲୋଚନା କରି ସେ ଶ୍ରୀରାମ ମନ୍ଦିରକୁ ଗଲା ।

ଠାକୁରମାନଙ୍କ ପାଖରେ ନିଧିପତ୍ତି ଅଜାଡ଼ି ଦେବାକୁ ନିଜକୁ ଓ କଣ କଣ କରି ସମସ୍ତଙ୍କୁ ନିରୋଗୀ ରଖି ଦୀର୍ଘ ଜୀବନ ଦେବାକୁ, ସେ ଜଣାଣ କଲା ନାହିଁ । ସେ କହିଲା, ସମସ୍ତେ ଆନନ୍ଦରେ ରହନ୍ତୁ ଦେବତାମାନେ ।

ମଞ୍ଜୀକା ସଙ୍ଗରେ ଘରପାଖର ବାଡ଼ିରେ ବୁଲିବୁଲି କହିଲା, ଭଉଣୀ ଲୋ, ଡାଳ ବାଡ଼ିରେ ପୋତା ହୋଇଥିବା ସେଇ କଲମୀ-ଆମ୍ବଗଛ ଛଅ ବୁଦାରେ ଖଗା ଯେମିତି ସାତ ମନ ପାଣି ଢାଳେ ସେଥିକି ତୁ ନଜର ଦେବୁ ।

ହଁ ଭାଇ, ଖଗା ତା ମନକୁ କେବେ କିଛି କରିବ ନାହିଁ । ସେ ଯେମିତି ଡହଳ, ଯେମିତି ଠାପୁଆ ନୁହେଁ କି ? ତମରି ଡରରେ ସେ କାମ କରେ । ତମେ ନ ଥିଲେ ସେ ଢିଙ୍କିଶାଳରେ ଶୋଇ ଘୁଙ୍ଗୁଡ଼ି ମାରିବ । ଗାଳି ଦପଦ ଶୁଣିବାକୁ ତାର ଶରଧା ।

Digitized by srujanika@gmail.com

ଆମେ ପାଣିଦେଇ ଗଛ କଷ୍ଟେ ବଞ୍ଚାଇବୁ, ମୁଁ ଆଉ ମୋ ସ୍ତ୍ରୀଉଜ । ତମେ ନିଶ୍ଚିନ୍ତ ରହ ।

ପରଦିନ ସକାଳେ ସେ ଫେରଯିବାକୁ ପ୍ରସ୍ତୁତ ହେଉଥିଲା । ମନରେ ଉଦ୍‌ବେଗ ନାହିଁ, ଚଳନରେ ଶୃଙ୍ଖଳା ନାହିଁ । ପଡ଼ଙ୍ଗାଙ୍କ କଥା ମନେ ପଡ଼ିଲା । ଉସ୍ତ'ହରେ ଭଙ୍ଗା ପଡ଼ିଲା । ଗୋଡ଼ ଛନ୍ଦବାନ୍ଧ ହେଲା । ଏତିକି ବେଳେ ତା'ର ବୋଉ ଓ ସେବତୀ ଦୁଇଟି ବଡ଼ବଡ଼ କନାର ପୁଡ଼ା ଓ ଗୋଟିଏ ଗ୍ରେଟ କନାର ବ୍ୟାଗ ଆଣି ପାଖରେ ଥୋଇଦେଲେ ।

ଦୁର୍ଲଭ କହିଲେ, ଗୋଟିଏ ପୁଡ଼ିଆରେ ଆଣସା ଓ କାକରା ଅଛି, ଆରଟିରେ ଫେଣି, ଖାସ୍ତାଗଜା ଓ କିଛି ମାଲପା । ଗ୍ରେଟ କନା ବ୍ୟାଗ୍‌ରେ ଅଛି ଆମ ଗଛର କାଗେଜି, କିଛି ପାଚିଲା କଦଳୀ ଓ ପାଚିଲା କରମଙ୍ଗା । ନକ୍ରିଆ ଦ' ପୁଡ଼ା ଗୋଟିଏ ଅଖାରେ ପୂରାଇ ବାନ୍ଧି ଦେଇଥାନ୍ତି ଯେ ତତେ ନେବାକୁ ବାଗ ହେବ ନାହିଁ । ଦୂରବାଟ ତ !

ଆକୁଳି କହିଲା, ଆଉ କେବେ ନେବ । ଏତିକି ଆଗ ବାନ୍ଧେ ତୁ ! ବୋଉ ଲେ, ସେମାନେ ଧନ କୁବେର । କ'ଣ ତାଙ୍କର ଅଭାବ ଅଛି ? ଧନ ଦେଲେ ବଡ଼ ସହରରେ ବାପା ଓ ବୋଉଙ୍କ ଛଡ଼ା କ'ଣ ନ ମିଳିବ ?

'ଏତିକି ତୋ'ର ସ୍ନେହ ଜଣାଇବ । ସେଇ ଯଥେଷ୍ଟ !'

ପୁଡ଼ା ଦଓଟି ସାଇକଲ୍ ପଛରେ ବାନ୍ଧିଲା, ବ୍ୟାଗ୍‌ଟିକୁ ଆଗରେ ସେ ଝୁଲାଇଲା । ବନ୍ଧ ଉପରେ ସମସ୍ତଙ୍କ ପାଖରୁ ବିଦାୟ ନେଇ ସେ ଫେରନ୍ତା ଯାତ୍ରା ଆରମ୍ଭ କଲା । ନଦୀକୂଳିଆ କଡ଼ୁଆ ପବନ ଧୀର ଓ କଣ୍ଠଆଁ ହୋଇଥିବାରୁ ସାମାନ୍ୟ ଅନୁକୂଳ ପଣ ବୋଧ ହେଉଥିଲା ।

ମନ ପ୍ରଫୁଲ୍ଲ ଥିବାରୁ ସାଇକଲ ଚଳନାର ଶ୍ରମ ସେ ଜାଣିପାରୁ ନ ଥିଲା । ନିଜର ଗ୍ରାମ ପାଖରୁ ଦୂରେଇଯିବାରୁ ଆପଣାର ଘରସଂସାର, ଆତ୍ମୀୟ-ସ୍ୱଜନଙ୍କୁ ଓ ମଲ୍ଲପୁର ଗ୍ରାମର ଭାବନା ଦୂରେଇ ଯାଇଥିଲା । ନିକଟେଇ ଆସୁଥିବା କର୍ମକ୍ଷେତ୍ର ଓ କର୍ତ୍ତବ୍ୟର ରୂପରେଖ ମନରେ ପଶୁଥିଲା ··

ଧୂଆଁଳିଆ ଛବି, ଅସ୍ପଷ୍ଟ । କଣ ତା'କୁ କରିବାକୁ ହେବ, ତା'ର ସ୍ପଷ୍ଟ ଧାରଣା ଗଙ୍ଗଟବାବୁ ତାଙ୍କୁ ଦେଇ ନାହାନ୍ତି । ଗଙ୍ଗଟବାବୁ ଅବଶ୍ୟ ତା'ର ଆଭାସ ଦେବେ । କ'ଣ କିପରି କରିବାକୁ ହେବ ତା'ର ସୂଚନା ଦେବେ, ନୋହିଲେ ସେ ଆଗେଇବ କିପରି ?

Digitized by srujanika@gmail.com

ଏ ବିଦ୍ୟା ସମ୍ପୂର୍ଣ୍ଣ ଅଲଗା; ତାଂର ପାଠ୍ୟପୁସ୍ତକ ସବୁରେ ଲେଖା ହୋଇ ନାହିଁ । ଶୁଣିଲେ ଜାଣିବ, ଜାଣିଲେ କରିବ । ଦେଖିଲେ ଶିଖିବ, ଏହିପରି ସେ ଷ୍ଟାଇଲ ।

ଗନ୍ଧର୍ବ ବେହେରାଙ୍କର ଘର ଆଗରେ ଉପସ୍ଥିତ ହେଲା ବେଳକୁ ସମସ୍ତ ବୋଧହୁଏ ନଅଟା ପାଖେଇ ଆସୁଥାଏ । ପାଗ ମେଘୁଆ ହୋଇଥିବାରୁ ସମସ୍ତ ଠିକ୍ ଜଣା ପଡ଼ୁନଥିଲା । ଘଣ୍ଟାଟି କେଉଁଠି ରାସ୍ତାର ପଡ଼ା ଉଠା କଚଡ଼ା-ଦୋହଲାରେ ବନ୍ଦ ହୋଇଥିଲା । ସେଥିରେ ମୋଟେ ଆଠଟା ପଚିଶ ।

ଛାତ୍ର ଜୀବନରେ, କଲେଜରେ ନାମ ଲେଖାଇବାର ଅଳ୍ପମାସ ପରେ ପରେ ସେଇଟିକୁ ସେ କିଣିଥିଲା । କେବେ ଅଏଲିଂ କରା ହୋଇ ନ ଥିଲା । ବେଳ ପାଇ ନଥିଲା ।

ତା'କୁ ଦେଖି ଗନ୍ଧର୍ବବାବୁ ରାସ୍ତା କଡ଼ରେ ରଖା ହୋଇଥିବା ଗୋଟିଏ ଟ୍ରକ୍ ତଳରୁ ବାହାରିଲେ । ତାଙ୍କ ପଛେ ପଛେ ବାହାରି ଆସିଲା ସେହି ଗାଡ଼ିର କ୍ଲିନର । ଟ୍ରକ୍ ଉପରେ ଷ୍ଟିୟରିଂ ଧରି ବସି ରହିଥିଲା ଡ୍ରାଇଭର । କ୍ଲିନର୍ ଟ୍ରକ୍‌ତଳୁ ଗୁଡ଼ିଏ ଯନ୍ତ୍ରପାତି ପଦାକୁ ଆଣି ହୁଡ଼ରେଇ ରଖିବାକୁ ଆରମ୍ଭ କଲା ।

ଆକୁଳାନନ୍ଦ ଗନ୍ଧର୍ବଙ୍କୁ ନମସ୍କାର କରନ୍ତେ ସେ ସାମାନ୍ୟ ହସିଲେ । ଆଉ ବଳପଡ଼ି କହିଲେ, ସାଇକଲ୍‌ରେ ଗୋଟିଏ ମାଲ୍‌ଗାଡ଼ିର ଚକ ବୋହେଇ କରି ଝାଳ ନାଳ ହୋଇ ଏମିତି ଧାଇଁଛ ? ଧୀର ସ୍ଥିର ହୋଇ, ରହି ସମ୍ଭାଳି ଆସିଥିଲେ କ'ଣ ଗୁଡ଼ ଘର ପିମ୍ପୁଡ଼ି ଖାଇଯାଇ ଥାନ୍ତେ— ?

ଆକୁଳ ମୁହଁଟେକି ହସି କହିଲା କାଲୁ ସେ'କ ରୂପ ଆପଣ ଧରିଛନ୍ତି ? ଦେହସା'କ କଳାଛିଟା, ମୁହଁ, ହାତ କଳା । ଲଙ୍କାରୁ ପୋଡ଼ାଜଳା ସାରି ହନୁବୀର ଆସିଲା ପରି ଦିଶୁଛନ୍ତି—

ତେଲ ଝରୁଥିଲା । ସଜାଡ଼ିଲି । ନିଜେ କରିବାକୁ ମୁଁ ଭଲପାଏଁ । ଯାହା ହେଉ, ହୋଇଗଲା । ଟ୍ରକ୍‌ଟି ଚଳାଇ ପରୀକ୍ଷା କରିବା ବାକି । ତମେ ଯାଅ, ହାଲିଆ ହୋଇଛ । ଝବଟର ନିଅ । ଯେତେବେଳେ ହେଲେ ଆଜି ଟଙ୍କା ସ୍ୱରଣ ପୁଅ ପାଖକୁ କାନପୁର ଟି. ଏମ୍ ଓ. କରି ପଠାଇ ଦିଅ ।

ତମ ଅପାଉଣ୍ଠରୁ ଟଙ୍କା ନିଅ । ସେ ଭାରି ଅସ୍ଥିର ହେଉଛନ୍ତି । ତାକୁ ସେ ଦଶମାସ ପେଟରେ ଧରି ଜନ୍ମ ଦେଇନାହାନ୍ତି ସତ, ପୁଅଠାରୁ ବଳି ଅଧିକ ସ୍ନେହ କରନ୍ତି । ଆଉ ଦିନେ ତା' କଥା ବୁଝାଇ କହିବି । ଆଜି ଏବେ ତମେ ହାଲିଆ, ମୁଁ ବି ଥକିଲି । ଟଙ୍କା ଆଗ ତା' ପାଖକୁ ଯାଉ ।

× × ×

Digitized by srujanika@gmail.com

ସେ ପୁଅଟି ବ ଘଣସୀ ଇଂଜିନିୟରିଂ କଲେଜରେ ମେକାନିକାଲ ଇଂଜିନିୟରିଂ ପଢ଼େ । ତା' ନାମ ଶଙ୍ଖାଳି ସୁନ୍ଦର ପାଣି । ତା' ପାଖକୁ ପଠାଇବାକୁ ମୋତିମାଳା ସ୍ମରଣ ପରବର୍ତ୍ତୀରେ ପାଞ୍ଚଶହ ଟଙ୍କା ପଠାଇବାକୁ ଦେଲେ । କହିଲେ, ସ୍ୱା'ଙ୍କ ନାମରେ ପଠା ।

ଆକୁଳାନନ୍ଦ ଟଙ୍କା ତ ପଠାଇଲେ, ନିଜେ କିନ୍ତୁ ବିସ୍ମିତ ହେଲେ । ମନେ ମନେ ବିଚାରୁଥିଲେ, କିପରି ଏହା ସମ୍ଭବ ହେଲା ? କୈବର୍ତ୍ତ ଘରର ପୁଅ 'ବେହେରା' ନ ହୋଇ 'ପାଣି' ହେବ କାହିଁକି ? ପୁଣି ଭାବିଲେ, ଗଣ୍ଡଙ୍ଗବାରୁ ସହକରେ ଏପରି କରିଥିବେ । ଗୋଟିଏ ଯାଙ୍କି ଆଧାରରେ ବହୁ କୁଟୁମ୍ବ ବିଭିନ୍ନ ଜାତିର ଏ ପ୍ରଦେଶରେ ଅଛନ୍ତି ।

ସେଇଟା ଗୋଟାଏ ସହଜ । ଜାତିଆଣ ବି ଯେମିତି ଗୋଟାଏ ପୂର୍ବରୁ ପ୍ରଚଳିତ ପ୍ରଥାର ଅବାସ୍ତିମସ୍ୱ ସହଜ । କର୍ମାନୁରୂପ ହୋଇରହି ନାହିଁ । କାହିଁକି ତେବେ ଶଙ୍ଖାଳି ସୁନ୍ଦର ବେହେରା ନ ହୋଇ ପାଣି ହେଲା ? ବରଂ ସାମଲ ହୋଇଥିଲେ ଭଲ ଶୁଭନ୍ତା ।

ଆଉ ଗୋଟିଏ ପ୍ରଶ୍ନ ବି ମନରେ ଜାଗ୍ରତ ହେଲା, କିପରି ଏହା ସମ୍ଭବ ହେଲା ? କେତେଦିନ ପରେ ମୋତିମାଳା, କ'ଣ କଥା ପଡ଼ିବାରୁ କହିଲେ, ବାବୁରେ, ଜଣେ ଲୋକ ତୋ ଭଉଣୋଇ, କାହା'କୁ ଜଣେ ସଙ୍ଗରେ ରଖି କାମ କରୁଥିଲେ ଯେ ଘୃଡ ନ ପାରୁଣୁ ଉଠି ତାଙ୍କ ଦକ୍‌ଦାରିଆ କାମରେ ଲାଗି ଯାଆନ୍ତି । ନିଶ୍ୱାସ ମାରିବାକୁ ତାଙ୍କୁ ତର ମିଳେ ନାହିଁ ।

ଖିଆପିଆର ସମସ୍ତ ଠିକ୍ ନ ଥାଏ । ଗାଡ଼ିଗୁଡ଼ିକର ଅବସ୍ଥା ନିଜେ ପରଖିବେ । ଅଚଳ ଗାଡ଼ିକୁ ନିଜେ ସଜାଡ଼ିବେ, ଅବା ମିସ୍ତ୍ରୀଙ୍କ ଦ୍ୱାରା ସଜାଡ଼ିବେ । ଚଳାଇ ଦେଖିବେ । ଅଖଞ୍ଜିଆ ଲାଗିଲେ ତା'କୁ ଅଲଗା କରି ରଖିବେ । ବାକି ଗୁଡ଼ିକ ଜଣ ଜଣ କରି ଚିହ୍ନାଜଣା ଲୋକଙ୍କୁ ଦେବେ ।

ଗୋଟିଏ ଖାତାର ଗୋଟିଏ ପୃଷ୍ଠାରେ ଗୋଟିଏ ରିକ୍‌ସାର ନମ୍ବର ଲେଖାଥାଏ । କେଉଁ ଦିନ, କେଉଁ ଓଳି, କିଏ ଚଳାଇବାକୁ ନିଏ ତା'ର ନାଁ ଲେଖି, ଦସ୍ତଖତ, ଅବା ଟିପ ନେଇ ରିକ୍‌ସା ଦିଅନ୍ତି । ନେଲାବେଳ ଓ ଫେରାଇଲା ବେଳ ବି ନୋଟ୍ କରନ୍ତି ।

ବଡ଼ ଦାୟିତ୍ୱ କାମରେ ଭାଇ ! ସେଗୁଡ଼ା ଅଧିକାଂଶ ମୂର୍ଖ । କିଏ କୁଆଡ଼ର । ସେମାନଙ୍କ ଭିତରୁ ଅନେକ ମଦ ପିଅନ୍ତି । କୁଆଡ଼େ ଜୋର ବଢ଼ିବ, ମଜବୁ ଗ୍ରୁଡ଼ିବ । ମାଲମତା ବୋଝ ଚଢ଼ା ଉତରା କରିବାକୁ କଷ୍ଟ ହେବନାହିଁ । ଅନ୍ୟ ନିଶା ଯେ ଝୁଙ୍କ ବଢ଼ାଇବ—

Digitized by srujanika@gmail.com

ଏସବୁ ଚକ୍‌ଦାରିଆ କାମ ସେ ଆଦରିବେ । ହିସାବ ପତ୍ର, ଏହି କାମ ସମ୍ବନ୍ଧରେ ମାଲିମକଦ୍ଦମାର ଖବର, ଓକିଲଙ୍କ ଘର, କୋର୍ଟ କଚେରୀ କାମ ଏମିତି ସବୁ କାମରେ କିଏ ତାଙ୍କୁ ସାହା ହେବ ? ମୁଁ ମାଇପିଟା, ମୋର ବିଦ୍ୟା ବୁଦ୍ଧି କେତେ ? ତଥାପି ରେ ଦାଦୁ, ଗୁଣ୍ଡି ଚମୂଷା ଶ୍ରୀରାମଚନ୍ଦ୍ରଙ୍କ ସେତୁବନ୍ଧ ନିର୍ମାଣ ବେଳେ ସାହା ହେଲାପରି ତାଙ୍କ ଲେଖା ପଢ଼ି କାମରେ କେବେ କେବେ ସାହାଯ୍ୟ କରେ । ରତନୀ ଝିଅଟି କିଛି କରିବାକୁ ବ ହାଇଁ ପାଇଁ ହୁଏ ।

ସେ ତ ପଢ଼ୁଆ ପିଲା । ତା'କୁ ମୁଁ କିଛି କରାଇ ହବ ନାହିଁ । ଗହଣା ଭିତରେ ନମ୍ବକାଠି ପରି ସେଇ ଗୋଟିକ ଆମର ସମ୍ବଳ । ତା' ଜନମ ବୃତ୍ତାନ୍ତ ତୁ ଜାଣିଛୁ । ଯେଉଁ ଅରକ୍ଷିତକୁ ପ୍ରଥ କରି ପାଳିଛୁ ସେଇଟି ବିଦେଶରେ ରହି ପଢ଼ୁଛି । ପଢ଼ା କେବେ ସରିବ, ସେ ଫେରିବ, ତେଣିକି ସାହା ହେବ—

ବାବୁରେ, ତାକୁ ଏସବୁ କାମ ଭଲ ଲାଗିବ କି ନାହିଁ କିଏ ଜାଣେ ? ତାକୁ ଭଲ ନ ଲାଗିଲେ ନ କରୁ । ଆମର ଏ ବଡ଼ ସହରକୁ ତ ଆମେ କଳନା କରି-ପାରୁନୁ । ଲୋକରେ ଫାଟି ପଡ଼ୁଛି । ସେ ଯେଉଁ ସହରରେ ପାଠ ପଢ଼ୁଛି ସେଇଟି କୁଆଡ଼େ ସ୍ୱା'ର ତିନିଗୁଣ ।

ପୁଅଙ୍କର ଆଖି ସେମିତି ତିନିଗୁଣ ବଢ଼ି ଯାଇଥିବ । ଏ କାମ, ପୁଣି କାହାର ଧରି ଘଡ଼ା ଭରିବ ନଳା ପରି ଏତେ ଗରିବଙ୍କଠାରୁଁ ଭଡ଼ା ଆଣି ଅର୍ଣ୍ଣ ଭରିବା ଧନ କଣ ତାଙ୍କ ଆଖିକୁ ଦିଶିବ ? ସେ ଓଠ ନେଫେଡ଼ି ଦେବେ । ଭାରି ବଦ ଖରଚ ।

ନିସାହା ଛୁଆଟିକୁ ତମର ଏଇ ଭଉଣୀ ଡାକ୍ତରଖାନାରୁ ଜାଣି ଗୋଟେଇ ଆଣିଲା ବେଳେ ସେ ପାଞ୍ଚ ଛଅ ବର୍ଷର ଧକୁଆ ଧେଡ଼ଙ୍ଗଟିଏ ହୋଇଥିଲା ।

ରତନୀ ଜନ୍ମ ହେବାର ଦୁଇ ତିନିଦିନ ପରେ ତମ ଭଉଣୀ ସେହି ଅନାଥ ପିଲାଟିକୁ ସେଇ ଡାକ୍ତରଖାନାରେ ଠାବ କଲେ । ପଚାରି ଖୋଚରି କରି ବୁଝିଲେ, ତାଙ୍କ ଘର ବୁଡ଼ି ଅଞ୍ଚଳରେ । ନଈକୂଳିଆ ଗାଁରେ । ଗାଁ ନାମ କୁସୁପୁର ।

ନଈକୂଳରେ ବନ୍ଧ ତଳେ ଯେ ଗାଁ । ସେଇଟି ପ୍ରଳୟଙ୍କର ବଢ଼ିରେ ଧାଇ ହେଲା । ସମ୍ପତ୍ତି ତ ଗଲା, କେତେ କୁଟୁମ୍ବ ଧନଜନ ସର୍ବସ୍ୱ ହରାଇଲେ । ଏ କୁଟୁମ୍ବରୁ ବଞ୍ଚିଗଲେ, ସେହି ଛୋଟ ପିଲାଟି ଆଉ ତା'ର ଗର୍ଭିଣୀ ମାତା ।

ରିଲିଫ୍ କ୍ୟାମ୍ପରୁ କିଛି ପାଇ କିଛିଦିନ ତା'ର ମା ନିଜେ ବଞ୍ଚିଲା ଓ ପିଲାଟିକୁ ବଞ୍ଚାଇ ରଖିଲା । ତାର ପେଟରେ ଛୁଆ । ରିଲିଫ୍ ଦିଆ ବନ୍ଦ ହେଲା । ପେଟରେ ବୋଝ ବୋହି, ତଥାପି କାମଧନ୍ଦା କରି ପୁଅକୁ ବଞ୍ଚାଉଥିଲା ।

Digitized by srujanika@gmail.com

ଡାକ୍ତରଖାନାରେ ଅସମୟରେ ମଲାଛୁଆ ପ୍ରସବ କଲା । ତା'ର ତ କଣ୍ଠା ଦୋହଲୁଥିଲା । ଦିନ କେଇଟି ପରେ, ଧଡ଼ୁଆ ଯୋଡ଼ାଙ୍କ ପାଞ୍ଚଛଅ ବର୍ଷର ପୁଅକୁ ଗୁଡ଼ି ସେ ହତଭାଗିନୀ ସେପୁରକୁ ଗଲାନାହିଁ ତ ଜାଣ 'ଯାହୁଗଡ଼' ପାଇଗଲା ।

ସାଇରେ ଆକୁଳ, ମୀନ ତଣ୍ଡିଚିପା କୈବର୍ତ୍ତପୁଅ ଚମାର ଭଉଣୀଙ୍କ ଏଇ ଗାଦଙ୍କ କେହେଇ ଜଣେ ଅଧ ରୁକ୍ଷ ମଣିଷ ପରି ଦିଶନ୍ତି । କିନ୍ତୁ, ରେ ସାଇ, ତାଙ୍କ ମନଟି ଅଧ କଥଁଲା । ଅନ୍ୟର ଦୁଃଖ ସେ ସହି ପାରନ୍ତି ନାହିଁ । ସେହି ଅନାଥ ପିଲା ଶଙ୍ଖାଳକୁ ସେ ଆଦର ନେଲେ ।

ସାଇରେ, ସାତଦିନ ପରେ ହସ୍ପିଟାଲରୁ ମୁଁ ଖଲାସ ହୋଇ ଘରକୁ ଆସିଲି । ଏଠିକୁ ନୁହେଁ । ତମ ଭଉଣୀଙ୍କର ବାପ ଅଜା ଅମଳର ପୁରୁଣା ଘରକୁ, ମୋ ଶାଶୁଙ୍କ ପାଖକୁ । ସେତେବେଳେ ଏ ନୂଆଘର ତୋଳା ହୋଇ ନଥାଏ । ଆମ ସଙ୍ଗରେ ଅଜ୍ଞାନ ବାଳୁତ ଶଙ୍ଖାଳ ବି ଆସିଲା ।

ହସ୍ପିଟାଲ୍‌ରେ ତା' ବୋଉର ମରଣରେ ଦୁଃଖ ସେ ଭୁଲି ନ ଥାଏ । ସେ କାନ୍ଦୁଥାଏରେ ! କଥାରେ ଅଛି—'ଘୋଡ଼ା ଚଢ଼ା ବାପ ନଥିବ, ଧାନ କୁଟୁଣୀ ମା' ଥିବ' । ସେ ଛୁଆର ବାପ ତ ନଥିଲା, ଏବେ ମା' ହଜିଗଲା । ସେ ନ ଝୁରନ୍ତା, ନ କାନ୍ଦନ୍ତା କେମିତି ?

ମୁଁ ଭାବିଥିଲି, ବୋଉ ନାକ ଟେକିବେ । ତେବେ ପୁଅ ଯେତେବେଳେ ଆଣିଛୁ, ତାକୁ ଗ୍ରହଣ କରିବେ । କିନ୍ତୁ ରେ ସାଇ, ସେ କେଡ଼େ ସ୍ନେହୀ, କେଡ଼େ ଉଦାର ଶୁଣିବୁ ? ରଜାଘର ପୁଅପରି ସୁନ୍ଦର ସେହି ଟିକି ପିଲାଟିକୁ ସେ କୋଳକୁ ନେଲେ ।

'କହିଲେ, ମାଆଲୋ ମୋତିମାଳା, ଆଗରୁ କଥନ ଅଛି—

ମଣିଷ ପିଲା ଅଧ ସେରନ୍ତା
ତା'ଠାରେ କଏ ହୋଇବ ?
ସିଂହଳ ସାଗର ଧନ ଦଉଲତ
ତା' ସମସରି ନୋହିବ ।'

ସେହି ପିଲାଟି ସେ ଶଙ୍ଖାଳ, ସେ ଭୁଲି ଗଲାଣି ସେ ତା'ର ଆଉ କେଉଁଠି ଜନ୍ମ ହୋଇଥିଲା, ମୋ' ଛଡ଼ା ତା'ର ଆଉ ଗୋଟିଏ ବୋଉ ଥିଲା, ଯାହା ପେଟରୁ ସେ ଜନ୍ମ ଲଭିଥିଲା । କେତେ ଲୋକ ତ ଏ ଘଟଣା ଜାଣନ୍ତି, ଯଦି କେବେ କାହା ମୁହଁରୁ ଶୁଣିଥିବ ତ ହସରେ ଉଡ଼ାଇ ଦେଇଥିବ । କୃପୁପୁର ପାଏଘର ପୁଅ । କେଜାଣି, ତା ବୋଉକୁ ଯଦି କେବେ ସପନ ଦେଖୁଥିବ ତ—

Digitized by srujanika@gmail.com

—ତିନି—

ବହୁ ସପ୍ତାହ ହେଲା ସେ ଗାଁକୁ ଯାଇନାହିଁ, ଖବର ଅନ୍ତର ବୁଝି ନାହିଁ । ଛଅଟି ଶନିବାର ଗଲା ପନ୍ଦର ଦିନ ଯାଏ ସେମାନେ ଘର-ବାହାର ହୋଇ ଉତ୍କଣ୍ଠାରେ ରହୁଁଥିବେ । ହତାଶ ହେଉଥିବେ । ସଂଜଦୀପ ଦେଲାବେଳେ ତା' ବୋଉ ଜଣାଣ କରୁଥିବ, କାମରେ ମୋ' ପୁଅ ବ୍ୟସ୍ତ ଥିବ, ତା' ଦେହ ପା' ଭଲ ରଖିଥିବ ଜଗନ୍ନାଥ ମା, ବାପ ହେବଣ ପିଲାଟା ପରି !

ଭାବୁଥିଲା ଆକୁଳ, ସେ ଦରବୁଢ଼ା ହେଲାଣି । ପୁଅର ବାପ । ତଥାପି ତା' ବୋଉ ମନେ ସେ ବଡ଼କଟେ ଉଦାସୀ ଟୁଆ । ବୋଉମାନେ ସମସ୍ତେ ଏମିତି ପରା ! ତାଙ୍କ କଳନାରେ ପୁଅ ଓ ଝିଅମାନଙ୍କର ବୟସ ବଢ଼େ ନାହିଁ । ଥରେ ରହେ ସେମିତି, ବକୁଲା କି ତାଙ୍କ ମନେ ପଡ଼ୁଛି । ପିଲାଟି କ'ଣ ତା'କୁ ଝୁରୁ ନ ଥିବ ନା ଖୋଜ ନଥିବ ? ପାଠ ପଢ଼ିଲା ପରଠାରୁ କେବେ ଏତେଦିନ କାଳ ସେ ବକୁଳାକୁ ଛାଡ଼ି କେଉଁଠି ରହି ନଥିଲା ।

ତା'ର ବୋଉଙ୍କ ଠିକଣାରେ ତାଙ୍କର ପାଖକୁ ସେ ଚିଠି ଲେଖିଲା ।

'ସମସ୍ତଙ୍କ ପାଇଁ ଏ ଚିଠାଉ ତୋତେ ଲେଖୁଛି ଲୋ ବୋଉ, ସମସ୍ତେ ଜାଣିବାକୁ ଲେଖୁଛି । ଦେବକୀ, ମଣ୍ଟିକା, ବକୁଲା ଆଉ ଆମର ବିଶ୍ୱାସୀ କୋଠିଆ, ଖରପଡ଼କୁ ଏକାକଥା ଘୋରତେଇ ଲେଖିବାକୁ ମୋର ଧୈର୍ଯ୍ୟ ନାହିଁ କି ହେଲା ନାହିଁ···

ଗ୍ରାମରୁ ଫେରି ଆସିବା ଦିନରୁ ଆଜଯାଏ ତା' ଜୀବନରେ ଘଟିଥିବା ଘଟଣା-ବଳି ଟିକେ ଟିକେ ବର୍ଣ୍ଣନା କରି ପୁଣି ଲେଖିଲା, କର୍ମକ୍ଷେତ୍ରରେ ସବୁ ସମସ୍ୟା ମୋର ବଢ଼ୁଛି । ପାଠପଢ଼ି ବା କଥା ନୁହେଁ ଯେ ଠିକ୍ ବେଳରେ ସବୁ କିଛି କରିହେବ ।

ସେତେବେଳେ ବନ୍ଧୁ ପଢ଼ା, ଲେଖା । ସ୍କୁଲ-କଲେଜକୁ ଯିବା ତ, ସେଇଠୁ ମନ ହେଲେ ଖେଳପଡ଼ିଆ । ଗ୍ରାମରେ ଥିଲାବେଳେ, କୋଠିଆ-ମୂଲିଆଙ୍କ ସଙ୍ଗେ ମିଶି ବିଲବାଡ଼ିରେ ବୁଲିବା । ଏଠାକା କଥା ଯେ ଅଲଗା ।

କୌଣସି କାମ ହଟାତ୍ କରିହେବ ନାହିଁ । ସଙ୍ଗେ ସଙ୍ଗେ ନ କଲେ ଅସୁବିଧା । ଯହା କହିବ, ହେଲା କଲେ ଭେଲ ଗୁଡ଼ିବା କଥା । କେତେ ମଣିଷଙ୍କ ସଙ୍ଗେ କାରବାର । ଭଳି ଭଳିକା ଲୋକ । ସବୁ ଜାତିର, ଭଲେ ଭଲେ ପ୍ରକୃତିର । ଅଧିକାଂଶ ଅସାଧୁଆ, ଅବା କ-ବ-ଚ କରି ଅଳ୍ପ ପାଠୁଆ···

Digitized by srujanika@gmail.com

ତାଙ୍କ ଭିତରେ ଭଲ ମଣିଷ ବି କେହି କେହି ଅଛନ୍ତି । କେତେ ମଦୁଆ, କେତେ ଅନ୍ୟାନ୍ୟ ନିଶାଖୋର । ସେମାନେ ରିକ୍‌ସା ଚଳାନ୍ତି । କେତେ ପାଠୁଆ ଲୋକ ବି ଅଛନ୍ତି । ତାଙ୍କୁ ଚିହ୍ନିବାକୁ ହେବ । ତାଙ୍କର ସ୍ୱଭାବ ପ୍ରକୃତି ଜାଣିବାକୁ ହେବ । ସେଇଠୁ ତାଙ୍କ ହାତକୁ ରିକ୍‌ସା ଗାଡ଼ି ବଢ଼ାଇବାକୁ ହେବ । ଭଲ ମଣିଷ ନ ହେଲେ କିଏ କି କାଣ୍ଡ ଘଟାଇବ କିଏ ଜାଣେ ?

ଗନ୍ଧର୍ବବାବୁ ଜଣ ଜଣ କରି ସମସ୍ତଙ୍କର ସ୍ୱଭାବ ପ୍ରକୃତି ଜାଣନ୍ତି । କିଏ କେଉଁଠିକାର ତା'ର ଠିକଣା ଗୋଟିଏ ଖାତାରେ ଲେଖିଛନ୍ତି । ବଡ଼ ସହରର କିଏ କେଉଁଠି ରହେ ସେଥିରେ ଲେଖାଥାଏ । ତା' ସମ୍ପର୍କରେ, ତା ଘର ଓ ପିଲାଛୁଆଙ୍କ ସମ୍ବନ୍ଧରେ ମଧ୍ୟ ଖବର ସେଥିରେ ଲେଖାଥାଏ । ଜଣକ ପାଇଁ ଗୋଟିଏ ପୃଷ୍ଠା । ସେଥିରେ ତା'ର ଟିପ ଅବା ଦସ୍ତଖତ ନେଇଥାନ୍ତି ।

ଦୁଇଜଣ ଟ୍ରକ ଡ୍ରାଇଭର ଓ କ୍ଲିନରଙ୍କ ପାଇଁ ମଧ୍ୟ ସେହି ବ୍ୟବସ୍ଥା । କେବଳ ସେମାନଙ୍କ ପାଇଁ ଅନ୍ୟ ଗୋଟିଏ ଖାତା ।

ବୋଉଲେ, ତୋର ଅଜଣା ଧରମ ନୋହିଁ କୈବର୍ତ୍ତ-ପୁଅ ଗନ୍ଧର୍ବ, ବୋଇଲେ କେତେଟ ଘର ପୁଅ ଗଡ଼ଆ ବେଢ଼ାଲୋକ ନୁହେଁ, ଖର ପିନ୍ଧିଣିଆ, ଚନ୍ଦ୍ରଆଖିଆ । ହେଲେ ସେ ଅତି ଉଦାର । ମନରେ ଦୟାଳୁ ଥାଏ; ତୁଣ୍ଡରେ ଆହ୍ଲାଦ ।

ତାଙ୍କର ଲୋକଙ୍କୁ ସେ ଯେମିତି ଖଟାନ୍ତି ନିଜେ ସେ ସେମିତି ଖଟନ୍ତି । କେହି ଠକିଲେ ଜାଣିଲେ ତାଙ୍କର ମନ ବିଗିଡ଼େ । ସେ କାହାକୁ ହାତ ଉଠାନ୍ତି ନାହିଁ । ତୁଣ୍ଡରୁ ସେଭଳି ଅଭଦ୍ର ଅଶ୍ଳୀଳ ଭାଷା ବାହାରେ ଶୁଣିଲେ ମଣିଷ କାନରେ ହାତ ଦେବ । ସେଗୁଡ଼ା ସହରିଆ ବଜାରୀ ଅସଭ୍ୟ ଭାଷା ।

ତେବେ ଭଉଣୀଙ୍କ ଲେଖାରେ ବଡ଼ ଭଉଣୀର ବର ନ, ନିଜେ ଯୋଗ୍ୟ ଜଣାଇଲ, ଅବଶ୍ୟ ନିବେଦନ କଲେ, କେମିତି ନ କହିଲେ କଣ ଚଳେ ନାହିଁ ? ସେ ଜବାବ ଦେଲେ, ଆଜ୍ଞା-ଆପଣିଆଁ ଭାଷା ସେମାନଙ୍କ ଖୋଲ ବନ୍ଦ କରାଇବ ନାହିଁ । ସେମାନେ ଚଟା କାଟି ଦେବେ ।

ତାଙ୍କ ଭାଷା ସତରେ କାନ୍ଥ ଉପରେ ନେ ବୋଝ ! ଅବାନିଆ ଲୋକ ମଧ୍ୟରେ ବାଗକୁ ଆସେ । ଅନ୍ୟଥା କେବେ ଦିନ ପାଇଁ ଯେ ରିକ୍‌ସାବାଲା ନିମ୍ବ ହାଇ ରିକ୍‌ସା ନ ପାଇବା ଉପରେ ମଦଖିଆ ଅବା ଅତି ଅଧିକ ଅଫିମଖିଆ ନ ରହିଛି ଟଙ୍କାରୁ ନିବୃତ୍ତ ହୁଏ । ତା' ପିଲାଏ ଭଲରେ ଚଳନ୍ତି ।

ତାଙ୍କର ନିଜର ଉଦାହରଣ ଦ୍ୱାରା ଗନ୍ଧର୍ବବାବୁ ମୌନରେ ଏ ସଠିକଦାୟୀ ପ୍ରଜାତନ୍ତ୍ରରେ ଶିଖାନ୍ତି । ତେବେ ମନେ ହେଲେ, ସେହି ଶ୍ରେଣୀର ଲୋକ ତାଙ୍କ

Digitized by srujanika@gmail.com

ସଙ୍ଗେ ସେହିପରି ବ୍ୟବହାର ନ କଲେ ବେପାର ଅଚଳ ହେବ । ଆମର ବୃହତ୍ତର କୁଟୁମ୍ବର ଲୋକ ସେମାନେ ?

ଶୁଣି କହିଲେ, ମନ୍ଦ ହେଲା– ଗୋଡ଼ାଇଥିବ ଧରିବ ନାହିଁ, ହଟାଇଥିବ କେବେ ମାରିବ ନାହିଁ । ବୁଝିଲ ନା ଆକୁଳାନନ୍ଦ, ଏହା କଲେ ତାଙ୍କମାନଙ୍କର ପିଲା କୁଟୁମ୍ବ ଉପାସ ରହିବେ ନାହିଁ, ତମରି ବି ସମ୍ମାନ ବଢ଼ିବ । କିନ୍ତୁ ଅତି ନଉଛଣା ହେଲେ, ବାଧ୍ୟ ହୋଇ ସେ ଲୋକଙ୍କୁ ଆମ ଗାଡ଼ି ଛୁଆଁଇ ଦେବ ନାହିଁ ।

ବୋଉଲୋ, ଗନ୍ଧର୍ବବାବୁଙ୍କ ପାଖରୁ ଏହିସବୁ ବିଦ୍ୟା ମୁଁ ଶିଖୁଛି । ଶିଖିପାରିଲିଣି ବୋଲି କହି ପାରିବ ନାହିଁ । ମୁଁ ଖଣ୍ଡିଏ ଉଡ଼ା ଦେଉଛି । ଜଲଦ ମୁଁ ହଡ଼ା ଶିଖିଯିବି, ମାନେ, ସ୍ବାଙ୍କର ବେପାର ଚଳାଇବାରେ ପୂର୍ଣ୍ଣ ଯୋଗ୍ୟତା ଲାଭ କରିବି ।

ଝିଅପିଆ ପାଇଁ ମୋର ଚିନ୍ତା କରିବାର କିଛି ନାହିଁ । ତୋ ଧର୍ମର-ଜୋଇଁ ଗନ୍ଧର୍ବବାବୁ ଠୁଳେଇ ଏକାଠି କରିଥିବା କୁଟୁମ୍ବର ମୁଁ ବି ଜଣେ ସଭ୍ୟ ହୋଇ ସାରିଛି ଲୋ ବୋଉ ! ଯେଉଁ ତିନିଜଣ ଆଗରୁ ଥିଲେ, ଅର୍ଥାତ୍ ଗନ୍ଧବାବୁ, ତାଙ୍କ ଘରଣୀ ମୋତିମାଳା ଓ କନ୍ୟା ରତ୍ନମାଳା, ସେମାନେ ମତେ ସେଇଆ କରିଛନ୍ତି ।

ଅନ୍ୟ କେଉଁଠି ଘରଭଡ଼ା ନେଇ, ପୂଝାରୀ ଚାକର ସେନ ରହିବାର ପ୍ରଶ୍ନ ଉଠୁ ନାହିଁ । ରହିବା ପାଇଁ ବଖରାଏ ଘର ତଳ ମହଲାରେ ମିଳିଛି । ପୂଝାରୀ ଚାକର ଅଛନ୍ତି । ସେମାନଙ୍କୁ ଅପା କାମ ବରାଦ କରନ୍ତି । ସେଥିରେ ସେ ସୁଦକ୍ଷା । ଚାକର ପୂଝାରୀଙ୍କର ଅଭାବ ଅସୁବିଧା କଥା ସେ ବୁଝନ୍ତି । ଦୟାଶୀଳା ସେ, ପରର ସୁଖରେ ସୁଖୀ, ପରର ଦୁଃଖରେ ଦୁଃଖୀ !

ମୋର ଖାଇବା ଖବର ନିଜେ ବୁଝନ୍ତି, ଗନ୍ଧବାବୁଙ୍କର ବି । ମୋର ବିଛଣା ବିଛାଇବା, ଠିକ୍ ବେଳରେ ଝାଡ଼ି ସଜାଡ଼ି ରଖିବା କାମ ଚାକର ଟୋକା ଗଗନାର । ସେ ବାପ ଛେଉଣ୍ଡ ଭଣଜା ଟୋକାଟିଏ । ବୟସ ଚଉଦ ହେବ । ଅନାଥ କହିଲେ ଚଳେ । ଭେଟଣାରେ ବାପ ମଲା ପରେ ମା ଦୁଃସ୍ଥ ହେଲା ।

ଦଶ ବର୍ଷର ଟୋକା ନୂଆ ବାପ ପାଖରୁ ପଳାଇଆସି ଏଠି ସେଠି ହୋଇ ମୋତିମାଳା ଅପାଙ୍କ ପାଖରେ ଆଶ୍ରା ପାଇଲା । ତାର ବି ତେର ଲାଗିଗଲାଣି ।

ଏମିତ ଏ ଘର ଲୋ ବୋଉ ! କିଏ କୁଆଡ଼ରମାନଙ୍କର ସମାବେଶର ମଝିଲା କୁଟୁମ୍ବଟିଏ । ସ୍ନେହ-ମମତାର କୋମଳ ଅଥଚ ଦୃଢ଼ ବନ୍ଧନରେ ବାନ୍ଧି ରଖିଛନ୍ତି ତୋର ଧରମ-ଝିଅ, ମୋ'ର ଅପା ମୋତିମାଳା ।

ବୋଉଲୋ, କାମରେ ଟିକିଏ ଭଲ କରି ପଶଯେଇ ଯାଏଁ, ମୁଁ ଅନାହୂତ ହେଲେ ଯାଇ ପହଞ୍ଚିବି । ଆଶାକରେ ତମର ଅସୁବିଧା ହେଉନାହିଁ । ହେଉଥିଲେ

Digitized by srujanika@gmail.com

ମତେ ଲେଖିଲେ, ଅବା କାହା ହାତରେ ଖବର ପଠାଇଲେ ମୁଁ ସଙ୍ଗେ ସଙ୍ଗେ ଯାଇ ପହଞ୍ଚିଯିବ ।

× × ×

ଦୁଇ ମାସ ବିତିଗଲା, ତଥାପି ସେ ଗ୍ରାମକୁ ଯାଇ ପାରିଲା ନାହିଁ । କାମର ଭିଡ଼ରେ ସେ ନିଜେ ଅଟକି ଯିବାକୁ ବାଧ୍ୟ ହୋଇଥିଲା । ଗନ୍ଧର୍ବବାବୁ ପେଟମରା ବେମାରିରେ କେତେଦିନ ଅସୁସ୍ଥ ହୋଇ ପଡ଼ିଲେ । ସେ ରୋଗ ତାଙ୍କର ବହୁ ବର୍ଷର । ବେଳେ ବେଳେ ବାହାରେ । ଡାକ୍ତରୀ ପରିବର୍ତ୍ତେ ଏ ରୋଗ ପାଇଁ ସେ କବିରାଜଙ୍କର ଚିକିତ୍ସାଧୀନ ରହନ୍ତି । ଭଲ ହୁଅନ୍ତି, କିନ୍ତୁ ସମୟ ଲାଗେ ।

ବେପାରର ସବୁ ଦାୟିତ୍ୱ ଆପେ ଆକୁଳାନନ୍ଦ ଉପରେ ଲଦି ହୋଇଗଲା । ନ କଲେ ନ ଚଳେ । ସବୁ କାମ ଦେଖି ପରଖି, ବାଗେଇ, ହିସାବ ପତ୍ର ଦୋରସ୍ତ କରି, କୋର୍ଟ କଚେରି ପାଇଁ କେଉଁ ମକଦ୍ଦମାର ନଥିପତ୍ର ସଜାଡ଼ି, ଖାଇପିଇ ଶୋଇଲା ବେଳକୁ ରାତି ଅଧ —

ସେତେବେଳ ଯାଏ ମୋହମାଲା ଜାଗ୍ରତ ରହିଥାନ୍ତି । ପାଖରେ ଥାଇ କେତେ ଆଡ଼ର କେତେ କଥା ଗପନ୍ତି । ବଳେଇ ବଳେଇ ତାକୁ ଖୁଆନ୍ତି । କହନ୍ତି, ସକାଳ ପହରୁ ରାତି ଅଧଯାଏ ତ ପରିଶ୍ରମ କରୁଛୁ, ମୁଠିଏ ଭଲ କରି ନ ଖାଇଲେ ଦେହ ଝଡ଼ିଯିବ ।

ଦିନେ କହିଲେ, ତୁ ଆସିଲୁ, ସବୁ କାମର ଦାୟିତ୍ୱ ମୁଣ୍ଡେଇଲୁ, ତମ ଭିଣୋଇଁ ସୁଯିଆ ଧରିଗଲେ । ଅଗାଧ ପରିଶ୍ରମ କରୁଥିଲେ । ଏବେ ପରିଶ୍ରମ କମ ହେବାରୁ ଭଲ ହଜମ ହେଉ ନାହିଁ । ପେଟ ବଢ଼ୁଛି, ପୁଣି ବିଗିଡ଼ୁଛି ।

ଆକୁଳାନନ୍ଦ କହିଲା, କାମ କରି ତାଙ୍କୁ ସାହାଯ୍ୟ କରିବାକୁ ତ ମୋର ନିଯୁକ୍ତି । ମୋର ସାଧ୍ୟ ମତେ ସେହି କର୍ତ୍ତବ୍ୟ ନ ତୁଲାଇଲେ ମୁଁ କୃତଘ୍ନ ହେବି ଅପା ! ଯାହା କରୁଛି, ତା ମୂଲ୍ୟର ବହୁଗୁଣ ପାଉଛି ତମର ଓ ତାଙ୍କର ସ୍ନେହରୁ । ତହିଁରୁ କିଛି ପରିଶୋଧ କରିବାକୁ ମୋ' ପାଖରେ ସମ୍ବଳ କେବଳ ମୋର ଦେହ ।

ନିତ୍ୟକର୍ମ ସାରିବାକୁ, ଖିଆପିଆ କରି ଦିନରେ ଦି' ଘଣ୍ଟା ଓ ରାତିରେ ପାଞ୍ଚ ଛଅ ଘଣ୍ଟା ବିଶ୍ରାମ ନେବାକୁ ଯେତିକି ବେଳ ଲୋଡ଼ା, ସେତିକି ଜାଣ ମୋର । ବାକି ବେଳତକ ମୁଁ ମୋ'ର ନିଯୁକ୍ତି-ଦାତାଙ୍କ ପାଇଁ ବ୍ୟୟ କରିବାକୁ ମନେ ମନେ ଶପଥ କରିଛି ।

ମୋହମାଲା ହସି ଉଠିଲେ, ସେ ଆକୁଳର ପିଠିରେ ହାତ ଥାପଡ଼ି କହିଲେ, ଛିଛି ଏ ବାଇଆ ବୁଦ୍ଧି କିଏ ଦେଲାରେ ଭାଇ ? ପିଲାଦିନରୁ ତମର ଗନ୍ଧର୍ବ ଭାଇ,

Digitized by srujanika@gmail.com

କଷ୍ଟ କରି, କଷ୍ଟ ସହ୍ୟ ଆସିଛନ୍ତି । ଦେହମିହନ୍ତିଆ କାମ କରି ଛେଲ୍ମମିଷ୍ଟା ମହିଷ ହୋଇଛନ୍ତି । ଦେହରେ ସବୁ ଦୁଃଖ-କଷ୍ଟ କରି ଯାଉଛୁ । ସେ ସହ୍ୟ ପାରିବେନି ଆଉ ତୁ ?

ନାଗିରେ ବଡ, ବଡ ସମ୍ମାନ ନାମ କର । ତାଙ୍କ ଦେହ ଭଲ ନାହିଁ । ସେମିତି ତାଙ୍କର ବେଳେ ବେଳେ ଜର । ସବୁ ଚଷ୍ଟା କଲେ ଭଲ ହୋଇଯିବ । ବୋଇଲେ, ଆଉ ଜଣେ ଚର୍ଚ୍ଚିବାଣ୍ଟ ନେଇ ସାହାଯ୍ୟ କରିବାକୁ ନହେବ । ଆଉ ନେଇବେ ଶରମା ସନ୍ଧ୍ୟା ହୋଇଛନ୍ତି । ଦେଲଣି ଆସି ମୁଁକଣ । ହଁ, ଆ ଟିକ ଟିକିଏ କ ଶୀଘ୍ର ଡଷାରେ ନଇକ ନମ୍ର ।

ଓଁ ଅମା, କେତେକି ହୋଇ ମାଗୁଣି । ଭଲ ଡାକ୍ତର ଯୋଗ୍ୟ ନେଇବ । ଅବଦଳ ନେଇପ ହୋଇ ବଳେ ମୁଦଷ ଆଜିକ ଡାକ୍ତରଙ୍କୁ ରଖିବେ ବୋଲି କେ ଉଦଥିଲେ । ତାଙ୍କର କେଉଁ ମାଙ୍କର ମୁହଁ—

ମୋଡ଼ମାଲା ନହଲେ, କାହିଁକି ଆଉ ଏବେ ଲମ୍ବାଇଛନ୍ତି କି ? ଠାକୁରେ ତ ତାଙ୍କ ମନେଥିବ ଦେଲେଣି । କେଉଁକି ହେଲା ସେଇକିବେ ସନ୍ତୁଷ୍ଟ ନ ହୋଇ ମୋ' କଥା ନ ପାଇ ଆମକୁ ଆମର ମନରେ ଶୋଇଥାଇବା କି କଳ । ଭଗବାନଙ୍କ ତ ଗୋଟିଏ, ଦାଣ ଦେଲେ । ତିଅଟିଏ ମାନ, ଚନ୍ଦ୍ରମାଲା ।

ନାକ ନେଇ କେଉଁଠି ମନେପଡେ ଥୋଇଲେ ମୁଁ ଜାଣେ ଦର୍ଶନ ହେବ । ତା' ବାମା କହୁଥିଲେ, ତାଙ୍କ ମନ-ଦର୍ପଣରେ ନଦଦତ ନାକ ଦେଲେ, ନଦଦତ ଦେଲେ ମାଳଥିବା ପଦ୍ମ ଶଙ୍ଖାଳକ । କାହାକୁ ନଦଦତ ବଡ଼ନ ସେ' ପାଇଁ, ତାର ନହନକରେ ଉଦମେ ହିଁଏଙ୍କ ପାଇଁ ତାଙ୍କର ମୁଦ୍ରଣା ନିଅ ଉପରେ ହୋଲା ହେବ ଗହଣା ଘର ।

ଏମବୁ ତାଙ୍କର ଜାଣୁଆ ବୁଦ୍ଧି କୁହେ କ ଖାଇ ? ସେ କହେଇଛନ୍ତି, ସେ ଯାହା କରିବେ କରନ୍ତୁ, ତାଙ୍କର ମନ ···

× × ×

ସେଇମାନଙ୍କ ତାଙ୍କର ସ୍ନେହରେ ବାନ୍ଧି ଏକାଠି କରିଛନ୍ତି, ତୁ ତ ଜାଣିଛୁ, ସେମାନେ କେହି କାହାର ନୁହନ୍ତି । ଡାକ୍ତରଖାନାରେ ସତଅ ବର୍ଷ ତଳେ ମୋଡ଼ମାଳୀ ଜନ୍ମ ହେଲା····

ଦୀର୍ଘଶ୍ୱାସ ଛାଡ଼ି, ଆଖି ଛଳଛଳ କରି ମୋଡ଼ମାଲା ଛୁଟି ଆସୁଥିବା କୋହକୁ ଅଟକାଇ ରଖିଲେ । ଟିକିଏ ଅପେକ୍ଷା କରି, ଧୈର୍ଯ୍ୟକୁ ଆୟତ୍ତ କରି ପୁଣି କହିଲେ,

Digitized by srujanika@gmail.com

ମନ୍ତ୍ର, ଜଣା ଦେଲେ ତୋ ଆଗରେ ତୋ'ର ଉଦାର, ଦୟାବନ୍ତ, ସାହସୀ ଭଉଣୀଙ୍କ ସାକ୍ଷାତରେ କହୁଥିଲି ।

ତୋର ମନେ ଥିବରେ ଭାଇ ! ଏ ଘରେ ମୋର ରକ୍ତରୁ ଟିକିଏ ଯାହା ରତ୍ନୀର ଦେହରେ ଅଛି । ସେଇ ତା'ର ଖଣ୍ଡେଇତ ବାପର ରକ୍ତର ଦ'ଧାର ଦେହରେ ଧରିଛି । ମୋର ଆଉ ସନ୍ତାନ ହେବେ ନି । ତମ ଭଉଣୀ ଏତିକି ଜାଣି ମଧ୍ୟ ଅନ୍ୟ ସଂସାର କଲେ ନାହିଁ । କେତେ ତାଙ୍କ ସଙ୍ଗେ ଲଗାଇଲି····

ତାଙ୍କର ସେଇ ଏକା ନାହିଁ । କହନ୍ତି,—'ଈଶ୍ୱର ମୋ ହାତରେ ଏକା ତମକୁ ସମର୍ପିଛି । ଆଉ ଆମ ଦୁହିଙ୍କର ଖେଳଣା କରି ଗଢ଼ି ପଠାଇଛି ରତ୍ନାଟିକୁ । ଦେଲେ କୋଉଁଠିଏ କରିବା । ସେଇ ହେବ ଆମର ପୁଅ । ମୋ ମନରେ ଦୁଃଖନାହିଁ····

ତୁ କହୁଥିଲୁରେ ଭାଇ, ଗରିବ କୁଟୀରବାସୀ ରାମ ପାଣ୍ଡେ ଯେତେ-ହେଲେ ଖଣ୍ଡାୟତ ଘରର ପୁଅ । ପନ୍ଦର ବର୍ଷ ତଳେ ଯେବେ ସୁଲାଖ୍ୟଙ୍କର ବନ୍ୟା'ରେ ପ୍ରଳୟ ହେଲା, ଆଗରୁ ଏପାରିକୁ ପଳାଇ ଆସିଥିଲେ । ସ୍ତ୍ରୀ ଓ ପାଞ୍ଚବର୍ଷର ପୁଅ ଶଙ୍କରଲାଲକୁ ଏ ପାରିରେ ଛାଡ଼ି ରାମପାଣ୍ଡେ ଘରକୁ ନୌକାରେ ଫେରି ଯାଇଥିଲେ ।

ତାଙ୍କର ଉଦ୍ଦେଶ୍ୟ ଥିଲା, କେତେ ମୂଲ୍ୟବାନ ଜିନିଷ ସଙ୍ଗରେ ନେଇ ପୁଣି ସେ ନୌକାରେ ଫେରି ଆସିବେ । ପେଟରେ ନଅ ମାସର ଝିଅ ଓ ପାଞ୍ଚ ଛଅ ବର୍ଷର ପୁଅକୁ ଧରି ସେ ଅନ୍ୟମାନଙ୍କ ସଙ୍ଗେ ଘାଟ ଘରର ପାଖ ପଡ଼ୋଶୀମାନଙ୍କ ଦୁଆରେ ଆଶ୍ରା ନେଲେ ।

ସ୍ୱାମୀ ତ ଫେରିଲେ ନାହିଁ । ସେ ପାଖର ଗାଁଆଁ ଛିନ୍ନଛତର ପଡ଼ୋଶୀମାନେ ପ୍ରଚାର କଲେ । 'କୁମ୍ଭୀର ଧାଇଁ ଖାଇଲାରୁ ସେ ଗାଁଟାକୁ ବଢ଼ି ପାଣି ଘୋଟି ନେଇଛି ।'

କେମିତି କେଜାଣିରେ ଭାଇ, ସେଇ ରାମପାଣ୍ଡେଙ୍କର ଭାରିଯା ଡାକ୍ତରଖାନାକୁ ଆସିଲେ । ପୁଅଟି, ଏଇ ଶଙ୍କରଲାଲ ମ । ତାଙ୍କ ସଙ୍ଗରେ ଥିଲା । ଛଅ ବର୍ଷର ଭାରି ସୁନ୍ଦର ପୁଅଟିଏ । ସେ ତା' ବାପକୁ ଖୋଜୁଥାଏ, ଆଉ ଦିନ ସାରା ରଡ଼ି ଛାଡ଼ୁଥାଏ ।

ବାପ କାହିଁ ସେ ଆସିବ ? ଗାଁଆର ସେଇ ଦୁଷ୍ଟ ଦୟାବନ୍ତମାନେ ତାକୁ ଆଣି ଛାଡ଼ିଥିଲେ, ସେମାନଙ୍କର ନିଜ ଘର-କୁଟୁମ୍ବ ସମ୍ଭାଳିବାକୁ ହିଁ କଲେ । ପରର ବୁଲୁଲା ବୋହିବାକୁ କିଏ ମୁଣ୍ଡ ପତାନ୍ତା ?

ଶେଷରେ, ମୋ ପାଖର ଖଟରେ ସେଇ ହତଭାଗିନୀକୁ ରଖିଥିଲେ । ତା'ର ଶେଷରେ ଡାକ୍ତରଖାନାରେ ଅନ୍ୟ ରୋଗିଣୀମାନଙ୍କୁ ସେ ବାଧାବାପ୍ତ କଲା । ତା'କୁ ନେଇଗଲେ ଅନ୍ୟଆଡ଼େ ।

Digitized by srujanika@gmail.com

ମୋ' ଶାଶୁ ଆସି ମତେ ଖବର ଦେଲେ, ଅନ୍ୟମାନେ ବି ସେ ଘରେ ଜୁହାଜୁହି ହେଉଥିଲେ ମୋ ସେ ବୋହୂର ପେଟ ଚିରି ମଲା ଝିଅଟିଏ କାଢ଼ିଲେ । ଠିକ୍ ସୁଶୀଳ ସେ ବୋହୂ ମୋ' ପାଖ ବିଛଣାରେ ପଡ଼ି ରହିଲା ।

ସବୁ ପ୍ରେତ ପରି ଘଟିଗଲେ ସେଇ ପାଞ୍ଚ ଘର ବୋହୂ ସେତୁରିକୁ ସ୍ତରିଚଲେ । କି ଶୋଚ ରୂପ, କେମିତି ତୋ' ଆଗରେ ବର୍ଣ୍ଣିବି । ତା'ର ମୁହଁର ଛବିକା ଶଙ୍ଖାଳର ମୁହଁରେ ହଜିଯାଏ ।

ହତଭାଗିନୀର ଶବ ସତ୍କାରର ବ୍ୟବସ୍ଥା, ମୋର ଅନୁରୋଧ ଓ ଶାଶୁଙ୍କର ଆଦେଶରେ, ତମ ଭଉଣୀ କରାଇ ଦେଇଥିଲେ । ଗ୍ରେଟ ପିଲାଟି ହାତରେ ତା'ର ମୁଖାଗ୍ନି ଦିଆଇଥିଲେ । ଯେତିକ ତାଙ୍କ ବୋହୂଙ୍କ ବିସ୍ତର । ସେ କହୁଥିଲେ, ପୁଅରେ, ବହୁଘ ତ ବହୁ ଦୁଃଖ ପାଇଲା, କାହିଁକି ତା'ର ଆତ୍ମାଟି ଅମୋକ୍ଷ ରହିବ ?

ସେ ସେଇଆ କଲେ । ପୁଅଟିକୁ ଶାଶୁ ଆଦର ନେଲେ । କହିଲେ ମତେ, ବୋହୂରେ, ମଣିଷ ଧନ, ପୁଣି ଅଣ୍ଡିରପୁଅ କେବେ ଅପାର ନୁହେ । ବଞ୍ଚିଥିଲେ ସ୍ତିର ପାଇଁଟି କରିବ, ବେଳ ଅବେଳରେ ସାହା ହେବ । ଦି' ବେଳା ଦି' ମୁଠି ଖାଇବ ତ, ଅଭାବ କଣ ? ଶୁଣିରେ, ସେଇ ପିଲାଟି ଯେ ଶଙ୍ଖାଳ, ମୋର ପୁଅ । ବିଦ୍ୟା-ବୁଦ୍ଧିରେ ବିଚକ୍ଷଣ ।

ଟିକିଏ ନୀରବ ରହି ସେ କଣ ବିଚାରିଲେ । ନିଜର ଭାବନାରେ ସେ ମନେ ମନେ ପୁଲକିତ ହେଲେ । ତାଙ୍କର ଗମ୍ଭୀର ମୁହଁ ଉଲ୍ଲସି ଉଠିଲା । ସ୍ମିତାଲୋକରେ ପାଚିଲା ଓଠ ଦଇଁଟି ଉଜ୍ଜ୍ୱଳ ଉଠିଲା । କହିଲେ, ମନର କଥା ତତେ ନ କହିବି ତ ଅଉ ମୁଁ କାହାକୁ କହିବି ?

'ଏ ବର୍ଷର ଆଗ ତାଙ୍କର ମୁଣ୍ଡରେ ପଶିଲା । ଦିନେ ମତେ ସେ ନିରୋଳାରେ କହିଲେ, ଶଙ୍ଖାଳକୁ ତମେ ଜନ୍ମ ଦେଇନ; ସେ ମଣିଷ ହେଲେ କଣ ଆମର ରତମାର ଯୋଗ୍ୟ ହୁଅନ୍ତା ନାହିଁ ? ରୂପ, ବିଦ୍ୟା, ବୁଦ୍ଧି, ଢଙ୍ଗ କାହିଁରେ ସେ ଊଣା ହେବ ନାହିଁ ।'

ଶୁଣିରେ, ତତେ ଆଜି ଗୁପ୍ତରେ କହୁଛି । ଆମେ ଦୁହେଁ ସଂକଳ୍ପ କଲୁ ଶଙ୍ଖାଳ ମଣିଷ ହେଲେ, ଯୋଗ୍ୟ ହେଲେ, ତାକୁ ଜୋଇଁ କରିବାକୁ ଆମେ ସ୍ଥିର କରିଛୁ ।

ଆକୁଳାନନ୍ଦ ମନ ଦେଇ ଶୁଣିଲା । ବିସ୍ତରିଲା, ସେ ଜଣେ ବେତନଭୋଗୀ କର୍ମଚାରୀ ମାତ୍ର । ସେମାନଙ୍କର ଏକାନ୍ତ ଘରୋଇ ସମସ୍ୟାରେ ସେ ମୁଣ୍ଡ ଖେଳାଇବାକୁ କିଏ ? ଗଜବାବୁଙ୍କଠାରୁ ସେ ଅଧିକ ବିସ୍ତରବନ୍ତ, ଦୂରଦର୍ଶୀ ଓ ଲୋକ-ଚରିତ୍ର ଠଉର କରିବାରେ ବିଜ୍ଞ ନୁହଁ....

Digitized by srujanika@gmail.com

ପ୍ରକାଶ୍ୟରେ କହିଲା—ଅପା, ମୁଁ ଗୁରୁ ଅକ୍ଷର ଅଧିକା ପଢ଼ିଛି ସତ, କିନ୍ତୁ ସଂସାର ଓ ତା'ର ମଣିଷଙ୍କୁ ଚହ୍ନିବାର ଜ୍ଞାନ ମୋର ହୋଇନାହିଁ । କୁହା ମାନି କାମ କରାଇବା କି କରିବା ହେଲା ମୋର ଦାୟିତ୍ୱ ।

ତମେ ବିଚାର କରି ସବୁ ସ୍ଥିର କରିବ । ମତେ ଯାହା କରିବାକୁ ଅବା କରାଇବାକୁ ନିର୍ଦ୍ଦେଶ ଦେବ ମୁଁ ଜୀବନ ପଣ କରି, ଯଦି ସମ୍ଭବ ହୁଏ ଠିକ୍‌ଠିକ କରିବି ଅବା କରାଇବି ।

ମୋତିମାଳା ମୁହଁ ଶୁଖାଇ ମନ ଦୁଃଖ କରି କହିଲେ, ସାତପରଙ୍କ ପରି ଏମିତି ତୁ କହୁ ନାହିଁ ରେ ଝିଅ, ତୋର ମତ ମୁଁ ଜାଣିବାକୁ ଚାହିଁଥିଲି ।

ଆକୁଳାନନ୍ଦ କହିଲା, ମୁଁ ସଂସାର ସମ୍ବନ୍ଧରେ କଣ ବା ଜାଣେ ? ଶଙ୍ଖାଳିକୁ ମୁଁ ଚହ୍ନେ ନାହିଁ । କେବେ ତ ଦେଖି ନାହିଁ । ତାକୁ ବାଲ୍ୟକାଳରୁ ତମେ ପାଳିଛ, ବଢ଼ାଇଛ, ପଢ଼ାଇଛ । ତା'ର ଅଳି ଅର୍ଦ୍ଦଳି ସହି ତା'ର ସ୍ୱଭାବ ଚରିତ୍ର ସମ୍ବନ୍ଧରେ ସବୁ ଜାଣିଛ । ତାକୁ ପୁଅଠାରୁ ବଳି ଭଲ ପାଇଛ । ତମର ଆଗ୍ରହ ଓ ବିଚାର ଉପରେ ମତାମତ ଦେବାକୁ ମୁଁ କିଏ ?

ମୁଁ ବିଚାରୁଛି, ରତ୍ନମାଳା ପରି ସୁନାଝିଅଟି ତାକୁ ନିଶ୍ଚୟ ଖୁବ ଭଲପାଉଛି । ଶଙ୍ଖାଳିକୁ ସେ ତାର ଝିଅ ହିସାବରେ ଖୁବ ଭଲପାଏ । ସେ କଣ ତାର ପ୍ରକୃତ ଜୀବନର କାହାଣୀ ଜାଣେ ?

ମୋତିମାଳା କହିଲେ, ପିଲାଟା ଆଗରେ ମୁଁ ଏସବୁ କହନ୍ତି କାହିଁକି ? ତା' ବାପା ତ କେବେ କାହାକୁ କହି ନଥିବେ । ସେ ବା ଜାଣିବ କିପରି ? ଏସବୁ ବିଷୟ, ଅବା ତା' ନିଜର ଜନମ ବୃତ୍ତାନ୍ତ ତା'ର ଜାଣିବାର ସମ୍ଭାବନା ନାହିଁ । ତେବେ ସେ ଜାଣେ, ଏ ଘରେ ମୋ ପେଟରୁ ସେ ଜନମି ନାହିଁ ।

ଶଙ୍ଖାଳିର ହତଭାଗିନୀ ମାଆଟି ମଲାବେଳେ ରତ୍ନାର ଜନ୍ମ ହୋଇ ନ ଥିଲା । ସେସବୁ ବୃତ୍ତାନ୍ତ ତୋ ଆଗରେ ସିନା କହିଲି, ତା ଆଗରେ କହିବ କିପରି ରେ ଝିଅ ? କାହିଁକି ତା' ବାପା ବା କହିବେ ?

ଆକୁଳି କହିଲା, ତେବେ ତ ବଡ଼ ଜଟିଳ ହେବ ଏ ସମସ୍ୟା ଅପା ! ରତ୍ନା ଶଙ୍ଖାଳିକୁ ନିଜର ଝିଅ ବୋଲି ଜାଣିଛି । ଶଙ୍ଖାଳିର ଅତି ପିଲାଦିନର ଘଟଣାବଳୀ ଧୀରେ ଧୀରେ କୁହୁଡ଼ିଆ ହୋଇ ସ୍ମୃତିରୁ ମିଳେଇ ଯିବଣି । ସେ ବି ଜାଣେ ତମେ ଦୁହେଁ ତା'ର ମାଆ ଓ ବାପା ।

ଦୁହେଁ ସବୁ ଘଟଣା ନ ଜାଣିଲେ ନିଜ-ସମ୍ବନ୍ଧରେ ବାହାଘରର ପ୍ରଶ୍ନ ଉଠିବ କିପରି ଅପା ?

Digitized by srujanika@gmail.com

ମୋଦମାଳା ଚିନ୍ତାମଗ୍ନ ହେଲେ । ତାଙ୍କର ପ୍ରଫୁଲ୍ଲ ମୁହଁର ଜ୍ୟୋତି ମଳିନ ହେଲା । ଅକୁଳାନନ୍ଦ ଏହା ବୁଝିପାରି ମନେ ମନେ ଅନୁତପ୍ତ ହେଲା । ନିଜକୁ ଧିକ୍କାର ତା'ର ବିବେକକୁ କହିଲା, 'ତୁ ଏଇଠି ତୋ କର୍ତ୍ତବ୍ୟର ହେଳା କଲୁରେ, ଜିହ୍ୱାକୁ ସଂଯତ ରଖାଇ ପାରିଲୁ ନାହିଁ । ନିଜ ମୂଲ୍ୟଆଡ଼ାକୁ ତୋହାର ମୂଲ କରାଇଲୁ ।'

ଠିକ ଏ ଅପେକ୍ଷା କରି ସେ ମୋଦମାଳାଙ୍କର ବ୍ୟସ୍ତତା ଭାଙ୍ଗିବାକୁ କହିଲା, 'ଅପାମ, ତମେ ତ ଜାଣ, ସେ ପିଲା ତମ ବକ୍ଷରୁ ଉପଧାନ କରିନାହିଁ । ତେଣୁ ତମେ ତା'ର ମମତାମୟୀ ମାତା, ଜନ୍ମଦାତ୍ରୀ ମାତା ନୁହ । ଗନ୍ଧର୍ବବାବୁ ଦୁହିଙ୍କର ପାଳକ ପିତା ମାତ୍ର ।

ଭକ୍ତକବି ଯଥାର୍ଥରେ କହିଛନ୍ତି— 'ସରଗ ସମାନ ପରା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଭଜେ ନିରନ୍ତର।' ଅପା, 'ଏ ଘରକୁ ମୁଁ ସ୍ୱର୍ଗ ସମାନ ମଣେ । ତମେ ତା'କୁ ସ୍ୱର୍ଗରେ ପରିଣତ କରିଛ । ମୁଁ ବଢ଼ାଇ କହୁନାହିଁ । ଯାହା ନିଜେ ମୁଁ ଅନୁଭବ କରିଛି ତାହାହିଁ କହୁଛି ।'

ମୋଦମାଳାଙ୍କର ଆଖି ସଜଳ ହେଲା । ମୁହଁରୁ କଥା ବାହାରିଲା ନାହିଁ । ସେ ନିର୍ବାକ୍ ରହିଲେ । ଅକୁଳାନନ୍ଦ ହସି କହିଲା, ତମେ ପରକୁ ଆପଣାର କରିଛ ଅପା, ବାହାର ଦେଖଣା ପାଇଁ ନୁହେଁ, ତମର ଉଦାରପଣ ପାଇଁ ।

'ମତେ ତମେ ସାନଭାଇ କରିଛ । ମୁଁ ଦିନେ ସାତପର ଥିଲି । ସେମିତ ନିରାଶ୍ରୟ ଶଙ୍କରକୁ ବି । ସେ ତମର ରକ୍ତର କଣିକାଏ ବି ଧାରେ ନାହିଁ, ଅବା ଗନ୍ଧର୍ବବାବୁଙ୍କର । ଯିଏ ଯାହା ମଣୁ ଅବା କହୁ, ସେଥିରୁ ତମ ଦୁହିଙ୍କୁ କ'ଣ ମିଳିବ ?'

'ସତେ ଅପା, ଶଙ୍କର ଆମ ରତ୍ନାର ଉପଯୁକ୍ତ । ତାକୁ ହିଁ ଜୋଇଁ କର । ଭଲ ହେବ । ଏତେ ସମ୍ପତ୍ତିକୁ ସେ ଅକ୍ଳେଶରେ ସମ୍ଭାଳି ପାରିବ । ବୁଦ୍ଧି ଖଟାଇ ଆହୁରି କେତେ କ'ଣ କରି ବଢ଼ାଇବ । ଏବେ ଶହେ କୁଟୁମ୍ବ ପୋଷି ହେଉଛନ୍ତି, ଦିନେ ହଜାରେ କୁଟୁମ୍ବ ପୋଷି ହେବେ ।'

ଭବିଷ୍ୟତର ରଙ୍ଗୀନ ଦୃଶ୍ୟଟି ଅକୁଳାନନ୍ଦ ମାନସ-ଚକ୍ଷୁ ଆଗରେ ଉଭା କରନ୍ତେ ମୋଦମାଳାଙ୍କର ଦୁଇ ସଜଳ ଆଖିରୁ କେତେ ବିନ୍ଦୁ ଅଶ୍ରୁ ଝରି ପଡ଼ିଲା ।

ଅକୁଳାନନ୍ଦର କଥାଟି ତାଙ୍କ ମନ ଘେନିଲା ।

× × ×

Digitized by srujanika@gmail.com

ଆଜି ସୋମବାର, ସପ୍ତମୀ । ଭଲ ଦିନଟିଏ । ରଜନୀକୁ କେବେଠାରୁ ଷୋଳ ପୂରି ସତର ଚାଲିଛି । ଗେହ୍ଲାରେ ବଢ଼ିଛି । ପିଲାଳିଆ ଢଙ୍ଗ ଛାଡ଼ିନାହିଁ । ପାଠ ପଢ଼ୁଛି । ଏଇବର୍ଷ କଲେଜକୁ ଯିବ । ତା ବୋଲି କଣ ବାହା ହେବାର ବୟସ ହୋଇନାହିଁ ?

ପୁଣି ଭାବିଲେ, ଶୁଣାଯାଇଛି ଆକୁଳାନନ୍ଦ, ଚୈ-ଆଖିଆ, ବିଚାରବନ୍ତ । କେତେଆଡ଼କୁ ଭାବିଚିନ୍ତି ସେ କଥା କହେ । ସେ କଥାର ମୂଲ୍ୟ ଥାଏ । ବୁଡ଼ିବୁଡ଼ି କେତେ ଗଭୀର ଜଳ ଭିତରୁ ସେ ଶୀତଳ ନିର୍ମଳ ଜଳ ତୋଳେ—

ମନେ ମନେ ନିଜ ଭିତରେ ସେ ଆକୁଳାନନ୍ଦକୁ କହିଲେ, ତୋର ମୂଲ୍ୟବାନ୍ ଇଙ୍ଗିତ-ଭାଷାର ମରମ ମୁଁ ବୁଝିଲି । ତୁ ସ୍ନେହକୁ, ମୂଲିଆ ମୂରୁଖ କୋଠିଆ ଗୁଣମଣି ଗଉଡଙ୍କର ଝିଅ ରଜନୀର ବାହାଘର କୁସୁପୁର ଗ୍ରାମ ପାଣ୍ଡଙ୍କ ପୁଅ ଶଙ୍ଖାଳ ସଙ୍ଗରେ ହେଉ ।

କିଛିକ୍ଷଣ ନୀରବ ରହି ଆକୁଳ କହିଲା, ଅପା, ସେପରି ଜାତିଆଣ ବାଛୁ ବିଚାର ମୋ' ମନରେ କେବେ ଥାନ ପାଇନାହିଁ କି ପାଇବ ନାହିଁ । ବୃତ୍ତି ଅନୁରୂପେ ଗୋଷ୍ଠୀ ଓ ଗୋଷ୍ଠୀ ଅନୁରୂପେ ଜାତି ବୋଲି ମୋର ଧାରଣା ।

'ତୋର ଧାରଣାରେ ପ୍ରମାଦ ନାହିଁ ଅପା ! ଗୋଟିଏ ଦିନରେ ବୃତ୍ତି ବଦଳି ଯାଏ, ଆଉ ତା' ସଙ୍ଗେ ଜାତି । ଏଯୁଗରେ ଜାତିଆଣପଣରେ ବିଚାରଠାରୁ ବଡ଼ ପ୍ରମାଦ ଆଉ କିଛି ନାହିଁ । ଛାଡ଼ ସେକଥା ଅପା ! ଯାହାକୁ ପୁଅଠାରୁ ବଳି ଅଧିକ ସ୍ନେହ କରୁଛୁ, ତା' ହାତରେ ଝିଅକୁ ଦେଇ ନିଶ୍ଚିନ୍ତ ହେଲେ ବଡ଼ ଭଲ ହେବ ।'

ମୋତିମାଳା ସନ୍ତୁଷ୍ଟ ହେଲେ । ମନେ ମନେ ଆକୁଳାନନ୍ଦର ବୁଦ୍ଧି, ବିବେକ ଓ ସୁନ୍ଦର ରୂପ ଓ ସ୍ୱାସ୍ଥ୍ୟକୁ ପ୍ରଶଂସା କରି ତା'ର ଦୀର୍ଘ ଜୀବନ କାମନା କଲେ । ଭାବିଲେ, ତା'ର ରୂପ, ରଙ୍ଗ, ବଳିଷ୍ଠ ଦେହ ଓ ସୁନ୍ଦର ସ୍ୱାସ୍ଥ୍ୟକୁ ଦେଖିଲେ ଯିଏ ହେଲେ ବିଶ୍ୱାସିବ ଟୋକାଟିର ବୟସ ତେଇଶି ଟପି ନ ଥିବ ।

ପିଲାଟାର ମନେ କି ପକାଇଲେ ସେ ମୁଣ୍ଡର କେଶ କଟାଏ ନାହିଁ, ମୁହଁରେ ସ୍ମିତ ଭରିଥାଏ । ଖେଳୁଆଳ ଟୋକା; ନିଜ ପାଠ ଏଡ଼େ ଅଧ୍ୟୟନଶୀଳ । ତା'ର ପରିକା ପିଲାଟିଏ ହେଲେ ତାଙ୍କ ଝିଅ ରଜନୀଟିକୁ ଭଲ ସାଜନ୍ତା । ମନ ମାନନ୍ତା । ଝିଅ ସୁଖ-ଆନନ୍ଦରେ ରହନ୍ତା —

ମୋତିମାଳା ନିଜର ସହସା ଅସମ୍ଭବ ଅବାନ୍ତର ଭାବନାରେ ଚକିତ ହେଲେ, ନିଜକୁ ଆକଟି କହିଲେ ଅନ୍ତର ଭିତରେ, ଆକୁଳକୁ କଲ୍ୟାଣ କର ଲୋ ଅନ୍ନପୂର୍ଣ୍ଣା, ସେ ଦୀର୍ଘାୟୁ ହେଉ । ଆଉ ସୁଲକ୍ଷଣା ଭାଉଜ ସେବତୀ ରାଣୀକୁ ବି ଆଶୀର୍ବାଦ କର, ସେ ଯୋଡ଼ପଣ ପାଚିଲା କେଶରେ ସିନ୍ଦୂର ନାଉ ।

Digitized by srujanika@gmail.com

ଗତକ ବେଙ୍କଟେଶଙ୍କର ଦେହ ଟିକିଏ ଅସୁସ୍ଥ ଥିଲା । ଦିନ ତିନୋଟି ଅସୁସ୍ଥ ରହି କବିରାଜ ନାରଣ ଆଚାର୍ଯ୍ୟଙ୍କ ଔଷଧରେ ଆରୋଗ୍ୟ ହୋଇ ଉଠିଲେ । ଧନୀ କାମରେ ଯୋଗଦେବା ଆଗରୁ ମଲ୍ଲପୁରରୁ ତାଙ୍କର ମାର୍ଫତରେ ଆକୁଳ ପାଖକୁ ଖଣ୍ଡେ ଚିଠି ଆସିଲା । ସେ ଚିଠି ଲେଖିଥିଲା ଆକୁଳର ଭଉଣୀ ମଲ୍ଲିକା । ଲେଖିଥିଲା, —ଭାଇନ, ଆଜକାଲ ମତର ଦିନ ଚଳେ ତମେ ତ ମୋଟେ ଦିନକ ପାଇଁ ଆସି ତମର କ'ଣ ଦବ୍ କରୁଣ କାମ ଥିଲା ବୋଲି ମୋଟେ ଦିନଟିଏ ରହି ଚାଲିଗଲ । ଆମର ଘରକାମ ଅଜ୍ ବଳବାର କାମ ତ ଆଉ ଅଟକି ରହନ୍ତା ନାହିଁ । ଖଗପତି ଭେଳ କୋଠିଆ ତା' କାମ ଠିକ୍ ତୁଲାଉଛି । ତା' ପଛରେ ନ ଲାଗିଲେ ସେ ଠାପୁଆ, ଗପୁଡ଼ୀ କ'ଣ କରନ୍ତା ?

ବେ ହି ତା' ପଛେ ପଛେ ଲାଗିଥାଏ । ତା' ସଙ୍ଗରେ ବିଲକୁ ଯାଏ । ତାକୁ ଗୋଡ଼େ ଗୋଡ଼େ ସେ ଜଗିଥାଏ । ସେଇଥିପାଇଁ ସେ ଖଗା ଅଳସ ହୋଇ ବସି ପାରେ ନାହିଁ ।

ପୁଣି ଲେଖିଥିଲା ମଲ୍ଲୀ,—ମୁଁ ଭାଉଜଙ୍କର ଅନୁମତି ନେଇ ବିଲକୁ ଯାଇଥିଲି ବୋହିକୁ ଫେରାଇ ଆଣିବାକୁ । ତା' ଦେହରେ ତାତି ଥିଲା, ତଥାପି ସେ ଯାଇଥିଲା ଡାଳୁଅ ଧାନତଳି ଟୁଆ ଦେଖିବାକୁ । ସେ ମତେ ଫେରେଇ ଦେଲା ।

କହିଲା, ଭୁଆସୁଣୀଟା ଘରେ ଚଗଲା କଟାଳିଆ ଟୋକାକୁ ଧରି ହଇରାଣ ହେଉଥିବ । ଫେର ଯା ।

ମୁଁ ଭାଉଜଙ୍କ ପାଖକୁ ଫେରି ଆସିଲି ଭାଇ । ମୁଁ କଣ ଜାଣିଥିଲି କି ଭାଇ ଚାଲିଖିଆ ମତେ ଘରକୁ ବିଦା କରି ଦେଇ ଜରୁଆ ଦେହରେ ଝଳେ ବାଲିରେ ଆଣ୍ଠେଇ ପଡ଼ିବ ? ଖଗା କୋଠିଆର ବାରଣ ସତ୍ତ୍ୱେ ସେ ବିଲରେ ବସି ତଳି ରୋଇବ ?

ଜରର କୋପ ରାତିରେ ବଢ଼ିଲା । ସେ ବାଉଳା ଗୁହାଳି ହେଲା । ଭାଉଜ ତା ମୁଣ୍ଡ ଧୋଇ ଦେଲେ । ଔଷଧ ଦେଲେ । ତାତି କମିଲା । କିନ୍ତୁ ଜର ଏକାଥରେ ଛାଡ଼ିନାହିଁ । ଔଷଧ କଣ ଭଲ କାମ କରୁ ନାହିଁ ।

ଦିନ ଦୁଇଟା ପାଇଁ ଆସିବ ଭାଇ ! ବୋଉ କହୁଛି—'କାଲେ ମରିଯିବ, ପୁଅକୁ ଥରେ ଦେଖିବ ନାହିଁ ?'

ତା' କଥା ଶୁଣି ମୁଁ ଡରିଗଲି । ଭାବିଲି, ସତେ କଣ ସେଇଆ ଘଟିବ କି ଆଉ ? କବିରାଜ ବାମନ ଆଚାର୍ଯ୍ୟେ ଶୁଣି କହିଲେ ହସି ହସିକା—ସବୁ ବୁଢ଼ା ବୁଢ଼ୀଙ୍କର ଏହି ଭାବ । ନାକରୁ ପାଣି ଟିକିଏ ଗଳିଲେ ବସୁରନ୍ତ, ଆସିଗଲା ପରୱାନା ।

Digitized by srujanika@gmail.com

ତମେ ମୋଟେ ବ୍ୟସ୍ତ ହେବ ନାହିଁ ଭାଇ ! କବିରାଜ କହୁଛନ୍ତି, ଦୁଇ ତିନିଦିନ ଏ ଜର ହେଉଥିବ । ସେଇଠୁ ବଳେ ଛାଡ଼ିଯିବ । ଔଷଧ ଖାଉଛନ୍ତି, ବ୍ୟସ୍ତ ହେଲେ କଣ ହେବ ?

ହେଲେ ଭାଇ, ଆମ୍ଭ ଉପରେ ମାତୃଛି, ତମେ ଦିନକ ପାଇଁ ହେଲେ ଆସିବ । ମଙ୍ଗରେ କିଛି ଫଳ ଆଉ ମିଶ୍ରି ଆଣିଥିବ । ବେଶି ବ୍ୟସ୍ତ ହେବ ନାହିଁ । କାଲେ ତମେ ଚିନ୍ତା ହେବ ବୋଲି ତମକୁ ଚିଠି ଲେଖି ଜଣାଇବାକୁ ବୋଉ ମନା କରିଥିଲା । ଗାଇକ ଉଦ୍‌ବିଗ୍ନ ହେଲେ ।

ଅପାଙ୍କୁ ଓ ଭଉଣୀଙ୍କୁ ମୋର ପ୍ରଣାମ ଦେବ । ମୋ ଭାଣିଜା ରତ୍ନାକୁ ତ କେବେ ଦେଖିବାର ସୁଯୋଗ ମୁଁ ପାଇ ନାହିଁ । ତମଠାରୁ ତାର ସବୁ ସୁଗୁଣର ପରିଚୟ ପାଇ ତାକୁ ମୁଁ ଭଲ ପାଇ ସାରିଛି । ମୋ ପାଇଁ ତାକୁ ତମେ ନିଶ୍ଚେ ଗେଲ କରିବ । ଅନ୍ୟ ଭଣଜାଟି ଶଙ୍ଖାଳୀ, ତାକୁ ବି ତ କେବେ ଦେଖିବାର ସୁଯୋଗ ପାଇ ନାହିଁ ।

ତମଠାରୁ ଆମେ ଶୁଣିଥିଲୁ ସେ ଅତି ସୁନ୍ଦର ପିଲାଟିଏ । ଶଙ୍ଖ-ମଲମଲ ପଥର ପରି ଦେହ ରଙ୍ଗ । କୁଆଡ଼େ ଏବେଠୁ ବୁଢ଼ିଆ ପରି ପାଠଗୁଡ଼ାକ ଖାଇ ପିଇ-ଯାଉଛି । ଆମ୍ ବେଳିଁ ପିଲାକରେ କଣ ବଡ଼ ପାଠ ପଢ଼ୁଛି । ନାଲାଦ ପାଠ ପଢ଼ିବ ।

ବୋଉ ତାକୁ ଓ ଆଉ ସମସ୍ତଙ୍କୁ ତା ରୋଗ ଶଯ୍ୟାରୁ ଆଶୀର୍ବାଦ ଜଣାଉଛି ।

ଭାଇନା, ଦିନେ ବୋଉ ଗୋଟିଏ ମଜାର କଥା ଆମ୍ଭକୁ କହୁଥିଲା । ତମେ ଗତଥର ଆସିଲା ବେଳେ ତାହା କହିବାକୁ ମନେ ନଥିଲା । କେଉଁ କାଳର କଥାତ ! କେଉଁ ଅଜାଙ୍କ ଅମଳର ଘଟଣା ।

ବୋଉର ମାନ ମାଉସୀ କୁସୁପୁରର କେଉଁ ପାଣ୍ଡଙ୍କର ଏକୋଇର-ବଳା ବଶିକେଶନ ପାଣ୍ଡଙ୍କୁ ବାହା ହୋଇଥିଲେ । ସେ ଜଣେ ବଡ଼ ଋଷୀ ଥିଲେ । ତାଙ୍କର ପାଞ୍ଚଟି ଝିଅରେ କୋଡ଼ପୋଛା ଗୋଟିଏ ପୁଅ । ତାଙ୍କ ନାମ ରାମ ।

ବୋଉର ମାଉ ମାନ ସେ । କୁଆଡେ ବୋଉକୁ ଦେଖିବାକୁ ଥରେ ଆମ ଗ୍ରାମ ମଲ୍ଲପୁରକୁ ଆସିଥିଲେ । ବୋଉ ତାଙ୍କୁ ତିନି ଦିନ ଅଟକାଇ ରଖିଥିଲା, ତା'ପରେ ମଧ୍ୟ ତା ମନକୁ ସେ ଆଉ ସୁନ୍ଦର ରହିଗଲେ ।

ଭଗବାନ ଶ୍ରୀରାମଚନ୍ଦ୍ର ଆଉ ରାମନବମୀ ଯାତ ତାଙ୍କୁ ଅଟକେଇଦେଲା । ବାପାଙ୍କର ସ୍ନେହରେ ବି ସେ ବାନ୍ଧି ହୋଇ ଯାଇଥିଲେ । ତମେ ତ ଅତି ଛୁଆଟିଏ ହୋଇଥିଲ । ତାଙ୍କ ନାମ ତ ରାମ ପାଣ୍ଡ । ଆମର ମାମୁଁ ଲେଖା—

କେତେ ଦିନ ତଳେ ଖଡ଼ାଖବର ମିଳିଥିଲା ଯେ ସେ ଦର୍ଦ୍ଦର ବଢ଼ି ଓ ବନ୍ୟାବାଢ଼ରେ ପାଣ୍ଡଘରର ସମସ୍ତଙ୍କ ସହ କୁସୁପୁରର ଅଧିକାଂଶ ବଢ଼ି ପାଣିରେ

Digitized by srujanika@gmail.com

ଭାସି, ଉବୁଟୁବୁ ହୋଇ ମରିଥିଲେ । ତମ କଥାରୁ ବୋଉ ବୁଝିଲା, ମାନେ, ଏବେ ତା ମନେ ପଡ଼ିଲା ଯେ ସେ କୁଳରୁ ଜଣେ ବଞ୍ଚିଛି । ସେ-ଜଣକ ଆମର ସେଇ ରାମମାମୁଁଙ୍କର ପୁଅ ଶଙ୍ଖାଳ । ଆଉ, ତମ ଦେହର ରକ୍ତର କଣିକାଟିଏ ସେହି ପେଟରଣ୍ଡା ପୁଅ ଶଙ୍ଖାଳର ଦେହରେ ରହିଛି ।

ଲେଖି ଲେଖି ମୋ ଚିଠିଟି ଟିକିଏ ଲମ୍ବ ହୋଇଗଲା ଭାଇ ! କ୍ଷମା କରିବ । ବୋଉ ପାଇଁ ବ୍ୟସ୍ତ ହେବ ନାହିଁ । ତାର ସେବା କରିବାରେ ଆମେ ହେଳା କରୁନୁ ।

× × ×

ବାଇଗଣି ମଞ୍ଜିପରି ଗୋଲ୍ ଗୋଲ୍ ସୁନ୍ଦର ଅକ୍ଷରରେ ଲେଖା ହୋଇଥିବା ଚିଠିଟି ଆକୁଳର ଟେବୁଲ ଉପରେ ପଡ଼ିଥିଲା । ମୋଢମାଲାଙ୍କର ଦୃଷ୍ଟି ଆକର୍ଷଣ କଲାରୁ କୁତୂହଳୀ ହୋଇ ସେ ତାକୁ ପଢ଼ିଲେ । ଥରେ ନୁହଁ, ଦୁଇଥର । ଶଙ୍ଖାଳର ବଂଶ ସମ୍ବନ୍ଧରେ ସବୁ ଅବଗତ ହେଲେ ।

ସେ ବୁଝିଲେ ଯେ ଆକୁଳର ମାମୁଁପୁଅ ଭାଇ ହେଲା ରାମଙ୍କ ପୁଅ ଶଙ୍ଖାଳ । ରକ୍ତର ଟିକିଏ ସମ୍ବନ୍ଧ ରହିଛି । ଶଙ୍ଖାଳକୁ ସେ ବଢ଼ାଇ ପଢ଼ାଇ, ତା ଉପରେ ସବୁ ସ୍ନେହ-ସୋହାଗ ଅଜାଡ଼ି ମଣିଷ କରିଛନ୍ତି, କରୁଛନ୍ତି । ଭବିଷ୍ୟତ୍‌ରେ ସେ କଅଣ ହେବ କିଏ ଜାଣେ ? ନେଇଁଥିରେ ବା ଆକୁଳାନନ୍ଦ ଊଣା ?

ମାସ ଶେଷରେ ଟଙ୍କା କେଇଟି ଦରମା ତାର ସର୍ବସ୍ୱ । କେବେ ସେ ମାଗି ନାହିଁ । ଅଣ୍ଟୁନାହିଁ, ଅବା କାମର ପରିମାଣ ତୁଳନାରେ ପ୍ରାପ୍ୟ ଯଥେଷ୍ଟ ନୁହେ ବୋଲି କେବେ ଆପତ୍ତି କରିନାହିଁ । ଯୁନାମୁଣ୍ଡା ପଡ଼ିଥିଲେ ବି ଛୁଇଁବାର ଜିଲା ସେ ନୁହେଁ ।

ସ୍ନେହରେ ବିହ୍ୱଳିତ ହୋଇ ମୋଢମାଲା ତାର ଅନୁପସ୍ଥିତରେ ମନେ ମନେ ତାକୁ କହିଲେ, ତତେ ଆଉ ଭାଇ ବୋଲି ମଣିବ ନାହିଁରେ ପୁଅ, ତୋ ରକ୍ତ ଆଉ ଯାହାକୁ ଆମେ ପୁଅ ବୋଲି ଗ୍ରହଣ କରିଛୁ ସେହି ଶଙ୍ଖାଳର ଦେହର ରକ୍ତରେ ସମତା ଅଛି ।

ତମେ ଦହେଁ ଭାଇ ଭାଇ, ହୁଅ ପଛେ ଦୂର ସମ୍ପର୍କୀୟ, ପରସ୍ପରକୁ ଅଦ୍ୟାପି ଅଜଣା । ଶଙ୍ଖାଳକୁ ମୁଁ ପୁଅ କରିଛି । ସେ ମୋ ପୁଅ । ତୁ କପରି ମୋ ଭାଇ ହୋଇ ରହିବୁ ରେ ଆକୁଳ ? ତୁ ହେବୁ ମୋର ପୁଣି ସ୍ୱାମୀସ୍ଥ, ପୁତୁରା ଆଉ ତୋର ବୋଉ, ମୋର ଅଧା ।

Digitized by srujanika@gmail.com

ଏହି ଖବରଟି ଆଗ ସେ ରତ୍ନାକୁ ଜଣାଇ ଦେଲେ । କହିଲେ, ମାଆନ୍ଲେ ! ଯାହାଙ୍କୁ ତୁ ଆଜଯାଏ ତୋର ମାମୁଁ ଲେଖାରେ ଆକୁଳମାମୁଁ ବୋଲି ଡାକୁଥିଲୁ, ଏବେ ଜାଣିଲି, ସତରେ ସେ ତୋର ମାମୁଁ ନୁହନ୍ତି । ସେ ତ ତୋର ଭାଇ ଲେଖା ହେବେ ।

'କେମିତ ବୋଉ ?'

ଆକୁଳର ସାନ ଭଉଣୀ ମଲ୍ଲୀ ତା ପାଖକୁ ଯେଉଁ ଚିଠି ଲେଖିଛୁ, ସେଇଟି ମୋ ଦୃଷ୍ଟିରେ ପଡ଼ିଲା ଯେ ମୁଁ ତାକୁ ପଢ଼ିଲି । ସେଇ ଚିଠିରୁ ମୁଁ ଜାଣିଲି, ତୋ ଭାଇ ଶଙ୍କାଳର ଜନ୍ମଦାତ୍ରୀ ବୋଉ ଯିଏ ଡାକ୍ତରଖାନାରେ ମରିଥିଲେ ସେ ହେଉଛନ୍ତି ଆକୁଳର ବୋଉର ନିଜର ମାଉସୀ ଝିଅ ଭଉଣୀ ।

ବୋଉଲୋ, ତେବେ ତ ମୋ ଭାଇ ଆକୁଳମାମୁଁଙ୍କର ଭାଇଲେଖା ହେବେ ।

ଯାଉନୁ ସେ ଚିଠି ପଢ଼ିବୁ । ତୁ ଯାହା କହିଲୁ ସେଇଆ । ଏକା ରକତ ଦୁ'ଧାର କହିଲେ ଚଳେ ।

ରତ୍ନମାଳା କହିଲା, ଏଣିକି ଆଉ ତାଙ୍କୁ ଆକୁଳମାମୁଁ ନ ଡ଼ାକି ଡାକିବି ଆକୁଳ ଭାଇ ।

ମୋହମାଳା କହିଲେ, ଆଉ ନାମଟା ଧରିବୁ କାହିଁକି ? ପରେଇଦେଲା ପରି ହେବ । ଡାକିବୁ ଖାଲି ଭାଇ, ନୋହିଲେ 'ବଡ଼ ଭାଇ ।'

ଆଉ ବୋଉ, ତତେ ସେ ବଡ଼ଭାଇ ଯଦି ଅପା ବୋଲି ଡାକନ୍ତି, ମୁଁ ବି କଣ ତତେ ଅପା ବୋଲି ଡାକିବି ?

ମୋହମାଳା ହସିଲେ । କହିଲେ, ହଇଲୋ ପେଲମୀ, ଆକୁଳ ପିଲା ମତେ ଲୁଚାଇଥିଲା, ତା ଭଉଣୀର ଚିଠିଟି ମତେ ସବୁ କହିଦେଲା । ହୁଏତ ସେ ନିଜେ ଜାଣିଜାଣି ଲୁଚାଇ ନାହିଁ । କାମ ଭିଡ଼ରେ କହିବାକୁ ଭୁଲି ଯାଇଛି । ମନେ ପଡ଼ିଥିଲେ ବଲେ କହିଥାନ୍ତା ।

ତା' ଆଗରୁ ମୁଁ ତା'କୁ ନିଜେ କହିଦେବି । ବତେଇ ଦେବି ଯେ ସେ ଏଣିକି ମତେ ଅପା ନ ଡ଼ାକି ଡାକିବ 'ମାଉସୀ' । ତା' ବୋଉ ହେବେ ମୋର ଅପା ।

× × ×

Digitized by srujanika@gmail.com

ସେଇଆ ହେଲା ।

ଆକୁଳର କାହିଁରେ କିଛି ଆପତ୍ତି ନଥିଲା । ପରଘରେ ଚାକର କରିଛି, ସଉକ ପାଇଁ ନୁହେଁ, ଅଭାବ ପାଇଁ ନୁହେଁ, ନିଯୁକ୍ତି ପାଇଁ ତ କେବେ ନୁହେଁ ।

ଗ୍ରାମରେ ଥାଇ ତା'ର ସାତ ପୁରୁଷଙ୍କ ପରି, ଅନ୍ୟାନ୍ୟ ଶହଶହ କୁଟୁମ୍ବଙ୍କ ପରି ବଳମାଟି ହୁଡ଼ରେ ଲଦି ଥିଲେ, ଚାଷ କାମରେ ଭୂମିମାତାଙ୍କ ସଙ୍ଗେ ଲାଗିଥିଲେ, ଆବଶ୍ୟକର ପରିଧି ସଙ୍କୀର୍ଣ୍ଣ କରିଥିଲେ, ଅଭାବ ମେଣ୍ଟିଥାନ୍ତା । ନିଯୁକ୍ତି ତ ଆପେ ମିଳିଥାନ୍ତା ।

ସଉକ ତ ମନର ବିକାର । ମାଙ୍କଡ଼ ହୁରୁଡ଼ା, ବାଲୁଆଭଡ଼ା, ଦାନପାଣି ପକାଇ ମାଛଧରା, ଡୁ-ଡୁ ଖେଳ, ପୋଖରୀ-ପହଁରା, ସଂକୀର୍ତ୍ତନରେ ଯୋଗଦେବା, ଏମିତି ଶହେ ପ୍ରକାର ।

ତେବେ, କ'ଣ ତାକୁ ଓଟାରିଆଣିଛି ପୁଣି ଏଇ ବଡ଼ ସହରକୁ ?

ତାର ବିଦ୍ୟାର ଅହମିକା ।

ଲୋକଙ୍କର ଟାହିଟାପରା, ମାଡ଼ର ଭୟ, ତାକୁ ଗାଁ ଭୂଇଁରୁ ତଡ଼ିବାର ଭୟ । ସେମାନେ ପଛରେ ତା'କୁ ଟାପରା କରି କହୁଥାନ୍ତେ ପରସ୍ପରକୁ—ଶୁଣିଲଣି, ଖେଳୁଆ, ବଡ଼ପାଠୁଆ, ବେଶୁ ପରିଡ଼ାଙ୍କ ପୁଅ ଆକୁଳ ପରିଡ଼ାଙ୍କ ଢଙ୍ଗ ?

କ'ଣ ହେଲା କି ?

ବେଶୁ ତା'କୁ ହାକିମ କରେଇବାକୁ ବିକଶିଙ୍ଗି ବେତାଏ ଟଙ୍କା ଖରଚ କଲେ । ଶେଷକୁ ପୁଅ 'ଆରେ ଢମଣା, ବୁଲବୁଲ କର ସେଇ ଅଗଣା' ହେଲେ । ବଳମାଟି ହୁଡ଼ରେ ଲଦିଲେ—

ଆକୁଳ ବଞ୍ଚିଗଲା, ଅନ୍ତତଃ ଏକାଗାସ୍ଥ ଆଲୋଚନାରୁ ତାକୁ ରକ୍ଷା ମିଳିଛି । ଛଅଶହଟି ଟଙ୍କା ରୋକ୍‌ଠୋକ ତ ମିଳୁଛି । ସେତେ ଯାଚିଲେ, ଗନ୍ଧର୍ବବାବୁ ଅଗ୍ରିମ ଟଙ୍କା ଫେରସ୍ତ ନେବାକୁ ମନା କଲେ ।

ଦିନେ କହିଲେ, ତମେ ଦୁଇଜଣ ଲୋକର କାମ ତୁଲାଉଛ । ତମର ମାଉସୀ ଦିନେ ମତେ ଧମକ ଦେଇ କହିଲେ, କହୋ, ତାକୁ କଅଁଳ ଲୁହା ଦେଖି ତମେ ବଳେଇ ହୋଇ କାମୁଡ଼ୁଛ କି ? ଯେଉଁ କାମ ସେ କରିବାକୁ ରହିଥିଲା ସେ କଣ ସେଇଆ କରୁଛି, ନା ଅଧିକ କରୁଛି ?

ତମେ ରୋଗଣା ହେଲରୁ ସବୁ କାମ ସେ ତୁଲେଇଲା । ତମର ବାହାର ବେପାର କାମ, ଘରକାଳର କାମ, ପୁଣି ବେଳ ମିଳିଲେ ଝିଅଟିକୁ ଗେହ୍ଲେଇ ଗେହ୍ଲେଇ, ବୁଝେଇ ସମଝେଇ ପଢ଼ାଇବା କାମ ।

Digitized by srujanika@gmail.com

ସ୍ୱାମୀ ସ୍ତ୍ରୀଙ୍କର କଥାଭାଷା ଆକୁଳର କାନରେ, ସଲଗ୍ନ କୋଠରୀରୁ ବାଜୁଥିଲା । ସେ ହିସାବ-ଖାତାରୁ ଦୃଷ୍ଟି ଟେକି, କଲମ ଉଠାଇ କାନେଇଁଲା । ରାତି ଏଗାରଟା ହେବ ।

ଗନ୍ଧର୍ବ କହିଲେ, ମୁଁ କଣ ମନା କରୁଛି କି ମୋହମାଳା; ତାର କଥା, ଶାସନ ଓ ବ୍ୟବହାରରେ ଖଲ୍‌ସାସ୍ଥଲକ, ଟ୍ରକ୍ ଡ୍ରାଇଭର୍ ଓ କ୍ଲିନର୍‌ମାନେ ଜାଣି ନିଶାଖିଆ ଗୁଣ୍ଡା ଦେଲେଣି । ବୟସରେ ସେ ସାତ ସାନ ହେଲେ ବି ସେମାନେ ତାକୁ ବଡ଼ଭାଇ ବୋଲି ଡାକନ୍ତି ।

ମୋର ସ୍ୱର ବ୍ରହ୍ମ-ଜାବୁଡ଼ା ଯେଉଁ କାମ କରାଇ ନ ପାରେ, ଆକୁଳାନନ୍ଦର କଅଁଳ ଧିକ୍‌କାର ଆଉ ମୁହଁ ଫଣଫଣରେ ସେ କାମ ଅନାୟାସରେ କରାହୁଏ ।

ତାଙ୍କୁ ଅଧିକ କୁହାଇ ନ ଦେଇ ମୋହମାଳା କହିଲେ, ବୁଝିଲି ତ ସେ ସୁନାପିଲର ମୂଲ୍ୟ ?

ଗନ୍ଧର୍ବ କହିଲେ, ବୁଝିବାକୁ ଆଉ ବାକି କ'ଣ ରହିଲା ? ସବୁଠୁ ଅଧିକ ମୂଲ୍ୟ ହେଉଛି ବିଶ୍ୱାସର; ତେଣୁ ମୁଁ ଭାବୁଛି ଏହି ମାସଠାରୁ ଆକୁଳାନନ୍ଦଙ୍କର ମାସିକ ଦରମା ଏକ ହଜାର ଟଙ୍କା କରାହେବ, କିନ୍ତୁ ଗୋଟିଏ ସର୍ତ୍ତରେ ?

ମୋହମାଳା ପଚାରିଲେ, ପୁଣି ସର୍ତ୍ତ ଫର୍ତ୍ତ କଣ କି ?

ଗନ୍ଧର୍ବ କହିଲେ, ତିନିବର୍ଷ ଶେଷ ନହେଲେ, ଆଉ ଦରମା ବଢ଼ା ହେବ ନାହିଁ । ଏ ମଧ୍ୟରେ ଯେ ବୃକର ଗୁଡ଼ ଅନ୍ୟତ୍ର ଯିବ ନାହିଁ । ଏତିକି ସେ ମତେ ତୁଣ୍ଡରେ କହିଲେ ଯଥେଷ୍ଟ ।

ନିଜେ ଗନ୍ଧର୍ବବାବୁଙ୍କ ମୁହଁରୁ ଏହା ଶୁଣି ଆକୁଳାନନ୍ଦ କୃତକୃତ୍ୟ ହେଲା । କରଯୋଡ଼ି କହିଲା, କିପରି ଆପଣଙ୍କର ଉଦାରତା ଆଉ ମାଉସୀଙ୍କର ଦୟା ମୁଁ ଭୁଲି ପାରିବ ? ମୁଁ ବେପାରର ଉନ୍ନତି ଓ ପ୍ରସାର ପାଇଁ ଅବଶ୍ୟ ପ୍ରାଣପଣ ଚେଷ୍ଟା କରିଛି ଓ ଚିନ୍ତା କରିଛି, କିନ୍ତୁ ପଦେ ପଦେ ଆପଣ ମୋତେ ଉପଦେଶ ଦେଇଛନ୍ତି, ଉପାୟ ବତାଇଛନ୍ତି ।

କିଛୁଦିନ ପରେ ତ ମୁଁ ନିଜେ ବୁଝି ପାରିଥିଲି, ପୋଥି-ବାଇଗଣ ଓ ବାଡ଼ି-ବାଇଗଣ ଭିତରେ ପ୍ରଭେଦ କଣ । ଆପଣଙ୍କର ଉଦାରତାର ପଛରେ ଯେ ମୋ' ମାଉସୀଙ୍କର କରୁଣା ଲୁଚି ରହିଛି ଏତିକି ମୁଁ ବେଶ୍ ବୁଝିପାରୁଛି ; କିପରି ତାଙ୍କ ପାଖରେ ମୁଁ ମୋର କୃତଜ୍ଞତା ଜଣାଇବି ବୁଝି ପାରୁନାହିଁ ।

ମୋର ଏଠାରେ କାର୍ଯ୍ୟ କରିବାର କାଳ ଦଶଟି ବର୍ଷ ବିତିବାକୁ ବସିଛି । ସେମିତି ଆଖି ପିଚ୍ଛୁଡ଼ା ପଡ଼ିଲା ପରି ତିନୋଟି ବର୍ଷ ତ ନିରୁପ୍ତ କଟିଯିବ । ମୋର

Digitized by srujanika@gmail.com

ମାଉସୀ ଓ ସାନ ଭଉଣୀ ରତ୍ନା ଯେପରି ମତେ ସ୍ନେହର ବନ୍ଧନରେ ବାନ୍ଧି ପକାଇଛନ୍ତି ତାକୁ ଛିଣ୍ଡାଇ ଆଉ କୁଆଡ଼େ ଯାଇ ପାରିବି ତ ?

ଗନ୍ଧର୍ବ କହିଲେ, ବୁଝିଲ, ମୋ'ପରି ରୋଗଣା ମଉସା-ବୁଢ଼ାଙ୍କୁ ଅଧିକ କଷ୍ଟ ଆଉ ଆଘାତ ଦିଅନା ।

ତାଙ୍କର ଆଲୋଚନାରେ ପୂର୍ଣ୍ଣଚ୍ଛେଦ ଦେବାକୁ ମୋହମାଳା ଘର ଭିତରକୁ ପଶିଲେ । ତାଙ୍କ ପଛେ ପଛେ ରତ୍ନା । ମୋହମାଳା ଆକଟି କହିଲେ, ରାତି କେତେ ହେଲାଣି । କାନ୍ଥ ଘଣ୍ଟାକୁ ଅନାଇଁ ଦେଖ ତ !

ରାତି ଏଗାରଟା କେତେ ବେଳୁ ହେଲାଣି । ପୂଜାରୀ ଦୁଇଥର ଆସି ବୁଲି ଗଲେଣି । ତାର କାମ ସରିଲେ ସେ ବିଶ୍ରାମ କରିବ । ପାଣିବାଡ଼ିଆ ବୃଥା ଗପରେ ବେଳ ବିତାଉଛ କାହିଁକି ? ପଦପଦେ କରେ ତ କଥା ସରିବ ।

ବାକି ଯାହା ରହିବ ସେତକ କାଲି କଲେ ବି ଚଳିବ । ଗୁଡ଼ଘର ତ ପିମ୍ପୁଡ଼ି ଖାଇ ଯାଉନାହିଁ । ତତେ କଣ ପାଠ ପଚାରିବ ବୋଲି ରତ୍ନା ମୁହିଁ ବସିଥିଲା । ତା' ସ୍କୁଲର ପାଠ; କଣ ଅଙ୍କ କେଇଖଣ୍ଡ । କାଲି ସକାଳେ ତାକୁ ବେଳ ମିଳିବ ନାହିଁ ।

ରତ୍ନା ତା' ପାଖକୁ ଦୁଷ୍ଟୁ ଯାଇ କହିଲା, ଟ୍ୱେଣ୍ଟି ଅଙ୍କର ଉତ୍ତର ମିଳୁ ନାହିଁ । କେଉଁଠି ଭୁଲ ହେଲା ଜାଣି ପାରୁନାହିଁ । ବାରମ୍ବାର ତ କଲି । ଆଉ କଣ କରନ୍ତି ଭାଇ ?

ଆକୁଳାନନ୍ଦ କହିଲା, ତୁ ଚେଷ୍ଟା କରିଛୁ ତ, ସତେ ତୋ'ର କି ଦୋଷ । ଆମର ଆଲୋଚନା ସରିଲା । ପାହାନ୍ତାରୁ ମୁଁ ଶବ୍‌ସାବାଲମାନଙ୍କ କାମରେ ଲାଗିବି । ମଉସାଙ୍କର ଦେହ ଭଲ ନାହିଁ । ଆଉ ତାଙ୍କୁ ବ୍ୟସ୍ତ କରିବ ନାହିଁ । ସେ ବିଶ୍ରାମ କରନ୍ତୁ । ଚାଲ, ଆଗ ତୋର ଅଙ୍କତକ ତତେ ବୁଝାଇ ଦିଏଁ । ସେଇଠୁ ଅନ୍ୟକଥା ।

ଆକୁଳାନନ୍ଦ ଗନ୍ଧର୍ବବାବୁଙ୍କୁ କର ଯୋଡ଼ି ନମସ୍କାର କରି ବିଦାୟ ନେଇ ରତ୍ନାର ପଛେ ପଛେ ତାର ପଢ଼ାଘରକୁ ଆସିଲା । କହିଲା, ବୁଝିଲୁ ରତ୍ନା, ସମୟ ଆମର ଅନୁଗତ, ଆମେ ତାର ବୋଲକର ନୁହଁ । ଆମେ ତାର ସଦୁପଯୋଗ କରିବା ।

ବହି ସଜାଡ଼ି ରତ୍ନା ପ୍ରସ୍ତୁତ ହେଉଣୁ ଉତ୍ତର ଦେଲା, ଠିକ କଥା ଭାଇ ! ଧୁନି, ଆମେ ବି ସମୟର ଅନୁଗତ ନୁହଁ କି ଭାଇ ? ସେହି ସତ ଯେ ଗତିଶୀଳ ବେଳକୁ କବଳିତ କରିବାକୁ ଆମେ ରୁଟିନ୍‌ରେ ତାକୁ ବାନ୍ଧୁଛୁ କିନ୍ତୁ ସେ ଅଟକୁ ନାହିଁ । ଆମକୁ ଓଟାରି ନେଉଛି ।

Digitized by srujanika@gmail.com

—ଗ୍ରହ—

ସେବତୀ ଅଳ୍ପ ଚଢ଼ି ଲେଖେ । ଘରକାମର ଜଞ୍ଜାଳ, ଏ ଅଳଝିଆ ଝିଅ ଚଗଲା ପୁଅର ଯତ୍ନ ନେବା, ଗଲା ଆଇଲା ବାର ଲୋକଙ୍କର ଖବର ଅନ୍ତର ଓ ଶାଶୂଙ୍କର ତତ୍ତ୍ୱ ନେବା ଛଡ଼ା ବାଲବାନ୍ତର ଖବର ବୁଝିବାରେ ବେଳ ଅଣ୍ଟୁ ନାହିଁ ।

ନଣନ୍ଦ ମଲ୍ଲିକା ଅବଶ୍ୟ ତା' ହାତରୁ ଛଡ଼ାଇ ପାଞ୍ଚ ପାଇଟି କରିପକାଏ । ହେଲେ, ସେବତୀକୁ ମାଡ଼ମାରିଲା ପରି ଲାଗେ । ମୁହଁ ଶୁଖାଇ ସେ କହେ, କେଉଁ କାମ ମତେ ବଳେଇ ପଡ଼ିଛି ଯେ ମତେ ନିକମା ପ୍ରମାଣ କରିବାକୁ ଏଥିରେ ହାତ ଦେଉଛ ? କଣ ଲୋକହସା କରାଇବ ?

ବାସନ ଦି'ଖଣ୍ଡ କଣ ମୁଁ ମାଜି ଦଅନ୍ତ ନାହିଁ, ନା ଅଗଣାଟି ଝାଡ଼େଇ ଦଅନ୍ତ ନାହିଁ ? ତମେ ଯିବଟି ଏଠାରୁ । ବୋଉଙ୍କ ପାଖକୁ ଯାଅ । ପୁଣି କଣ ଚୁଲିପଣା ଜରଟା ବାହୁଡ଼ିଲା କି ? ଅଳସ ଅଳସ ହେଉଥିଲେ, ହାଇ ମାରୁଥିଲେ ତ !

ମଲ୍ଲିକା କହିଲା, ନାଇଁମ ଭାଉଜ ! ବୋଉର ସେମିତି କିଛି ହୋଇ ନାହିଁ । ସେ ଟିକିଏ ଦୁର୍ବଳ ହୋଇଯାଇଛି ମତ, କିନ୍ତୁ ବେଶ୍ ଭଲ ଅଛି । ତାକୁ ଯେଉଁ ରୋଗ ଧରିଛି ମୁଁ ଜାଣେ । ତା'ର ଔଷଧ ବି ମୁଁ ଜାଣେ । ପ୍ରୟୋଗ କରିବା କଠିନ ।

ସେବତୀ ପଚାରିଲା, ସୁନା ଭଉଣୀଟି, ମତେ ଏମିତି ଗୋଳକ ଧନ୍ଦାରେ ପକାନା । ତମର ବୋଉ ଅସୁସ୍ଥ । ପଚାରିଲେ କହୁଛନ୍ତି ମୋର କିଛି ହୋଇନାହିଁ । ରୋଗ ନ ଜାଣିଲେ ବ୍ୟବସ୍ଥା କରିହେବ ନାହିଁ ତ !

ମଲ୍ଲିକା କହିଲା, ବୋଉକୁ ଝୁରିରୋଗ ଧରିଛି । ଦୁଃସାଧ୍ୟ ରୋଗ କିନ୍ତୁ ପ୍ରତିକାରଟି ସହଜ ।

ସେବତୀ କହିଲା ସେ ରୋଗଟା କେମିତିକା ? ମୁଁ ତା'ର ନାମ ଶୁଣିନାହିଁ, ପ୍ରକୃତ ଜାଣିନ, ଔଷଧର ପ୍ରଶ୍ନ ବା ଉଠିବ କେଉଁଠୁ ?

ମଲ୍ଲିକା କହିଲା, ଭାଉଜମ ! ତମେ ଭଲ କରି ଜାଣ ସେ ଝୁରିରୋଗଟି ସମସ୍ତଙ୍କଠାରେ ଥାଏ । ବେଳେବେଳେ ବାହାରି ପଡ଼େ । ତା'ର କାରଣଟି ଅପସରି ଗଲେ ରୋଗୀ ତ ଆପେ ଆପେ ଭଲ ହୋଇଯାଏ ।

ବଇଦର ଔଷଧ ଲୋଡ଼ାହୁଏ ନାହିଁ । ଛଅମାସ ହେଲା ଭାଇ ଘରକୁ ଆସି ନାହାନ୍ତି । ମଝିରେ ସେ ତା' ବଣ୍ଟାରୀ ଶକ୍ରାବାଲା ଦଇତୁକୁ ପଠାଇଥିଲେ । ଦେଢ଼ମାସ ବିତି ଗଲାଣି ।

Digitized by srujanika@gmail.com

କାମରେ ଲାଗିଗଲେ ଭୁଲି ଯାଉଛନ୍ତି । ନିରୋଳାରେ ଠାଏ ବସିଲେ ଖାଲି ତା'ର ସେଇ ଚିନ୍ତା । ଭାଉଜ ମ, ଆଜି ସକାଳେ ମତେ ପଚା କହୁଥିଲା, ଶ୍ରୀନ୍-ସାଇକଲରେ ସେ ବଡ଼ ସହରରୁ ଆସିବାକୁ ବାଟ ଗୃହଖୋଜ ଗୃହ ଥାପିଲା ପରି ଲାଗେ । ଆଲୋ ମଣ୍ଟି, ପୁଅ ନ ଆସୁଛି କାହିଁକି ?

ମଣ୍ଟି ଭା ସାନ୍ତ୍ୱନା ଦେବାକୁ କହିଲା, ତୁ ବ୍ୟସ୍ତ ହେଉଛୁ କାହିଁକି ? ଭାଇ କଣ ପିଲାକୁଆ ହୋଇଛନ୍ତି, ନା ସେ ଦାୟିତ୍ୱହୀନ ହୋଇଛନ୍ତି ? ସେ ତ କେଉଁ ଅସୁବିଧାରେ ପଡ଼ିନାହିଁ । ଦୂର ସମ୍ପର୍କର ହେଉନ୍ତୁ ପଛକେ, ମାଉସୀଙ୍କ ପାଖରେ ରହିଛି । ଗଦାଏ ଟଙ୍କା ଦରମା ପାଉଛନ୍ତି ।

ମନେ ନାହିଁକି ବୋଉ, ସେଇ ଶକ୍ସାବାଦ ଚିଠିରୁ କଣ କହୁଥିଲେ ? ଗଣେଶ-ମଉସାଙ୍କ ଦେହ ଭଲ ରହୁନାହିଁ । ତାଙ୍କର ସବୁ ପାଇଟିର ବୋଝ ଭାଇକୁ ମୁଣ୍ଡେଇବାକୁ ପଡ଼ୁଛି । ସେ ଘରେ ଭାଇ ବିନା ଅନ୍ୟ ପୁରୁଷ ପିଲା ଆଉ କେହି ନାହିଁ ।

ମାଉସୀ ବୋଉ ବଳାଙ୍ଗ ଠାକୁର ହେଲେ ବି ମାଇପି ଲୋକ । ଝିଅଟି ରତ୍ନା ଖେଳା ପଶି ଯାଇଁ ପଢୁଛି । ପାଠ ପଢୁଛି । କୁନା କର୍ମିକ କ୍ୟାଡ଼େ ଦ'ଣ୍ଡ କରେ ନା । ଏତକ ଦର୍ଶନ ଝିଅ, ଭାଇ କହୁଥିଲେ ମାଉସୀ ତାକୁ ହାତରେ ଖୁଆନ୍ତି ।

ଜଣାପଡ଼ୁଛି ଫୁଲେଇଟାଏ । ସେଇଟା କାହିଁକି କଣ କାମ କରିବ ? ଭାଇ କହୁଥିଲା, ସେ ମାଉ ଘରକୁ ଯିବନାହିଁ । ସେ ତାକୁ ମାଉସୀ ପୁଅ ପରି ପାଳି ବଡ଼ କରି ଦୂର ରାଜ୍ୟରେ କେଉଁ ବଡ଼ ଇଂଜିନିୟରିଂ ପଢ଼ଉଥିବେ ତାକୁ ଘରଜୋଇଁ କରିବେ ।

ସେ ଟୋକା ତୋର ମାଉସୀ-ଝିଅ ଭଉଣୀର ପୁଅ ।

ଭାଉଜ ମ, ବୋଉ ବୁଝିଲା । ମନେ ମନେ ହିସାବ ଯୋଡ଼ି କହିଲା', ଆଲୋ ହଁ ଲୋ, ଏବେ ବୁଝିଲି । ସେ ଟୋକାର ରକ୍ତ ଆଉ ତୋ ଭାଇର ରକ୍ତ ପରଖିଲେ ଅବଶ୍ୟ ଧାରେ ମିଶିବ । ମୁଁ ଟୋକାକୁ ମୋତିମାଳା ପୁଅ କରିଛି । ସେଇ ହିସାବରେ ଆକୁଳି ସେ ଟୋକାର ଭାଇ ହେଲାଣି ।

ଏବେ ବୁଝିଲୁ ତ ବୋଉ ! ସେ ଯଦ୍ଦେ ହେଲେ ଭାଇ ଭାଇ, ଶେଷରେ ଇ ରତ୍ନା-ଫୁଲେଇ ତାଙ୍କର ଭଉଣୀ । ତୋ ପୁଅଟି କଣ କାଖର କୋଉଁର ଝୁଲି ହାଣ୍ଡି ପିଲାଟିଏ ହୋଇଛି ନା ବୋଉ, ଆଉ କଏ ଭଣ୍ଡେଇ ନେବ ?

ଭାଉଜ, ବୋଉର ମନ ବୁଝିଗଲା । ସେ ହସିଲା । କହିଲା, ତୁ ମୋ ପେଟରୁ ଜନମ ହୋଇ ମତେ ବୁଦ୍ଧି ଶିଖେଇବୁ ହଇଲୋ ଅଲାଜୁକୀ, ଡ଼ବଡ଼ବୀ ? ତୁ ମୋ ପେଟର କୁଆଁଟା, ତୋର ବୁଦ୍ଧି କେତେ ଯେ ତୁ ଏ ସଂସାରର ଗହନ କଥା ବୁଝିବୁ ? ବୁଝିଲେ କିଛି ବୁଝିବ ତୋ ଭାଉଜ ।

Digitized by srujanika@gmail.com

ହଉ ଲୋ, ରତ୍ନାକୁ ମୋହମାଳା ଜନମ ଦେଇଛୁ । ସେ ତା'ର ଝିଅ । ଶଙ୍ଖାଳିକୁ ପୁଅଠୁ ବଳି ଅଧିକ ସ୍ନେହ କରେ । ସମସ୍ତେ ଜାଣନ୍ତି ସେ ତା'ର ଓ ଗନ୍ଧର୍ବବାବୁଙ୍କର ପୁଅ । ସେହି ଲେଖାରେ ମୋ ପୁଅଟି ତାଙ୍କୁ ମାଉସୀ ମଉସା ଡାକେ ।

ସେ ପୁଅ ବାପ-ମା ଛେଉଣ୍ଡ ଶଙ୍ଖାଳିଟି, ଯିଏ ମୋର ପ୍ରକୃତ ଲେଖା ହେବ । ତାକୁ ପରା କୁଆଡ଼ି ବାଟରୁ ସେ ପୁଅ କରିଛୁ, କେଉଁ ଅବରଜିଆ ଅଯାମାଙ୍କର' ବସ୍ତିରରେ ଯେ ଅଲକ୍ଷଣୀ ତାକୁ କୋଳେଇ କରିବାକୁ ବସିଛି ? ମୋ ପୁଅକୁ ସେ ଖାଇ କରିଥିଲା । ମତେ ବୋଉ କଲା । ଆମ ସଙ୍ଗେ ଶଙ୍ଖାଳିର ଜନ୍ମ-ବୃତ୍ତାନ୍ତର ସମ୍ପର୍କ ଜାଣିଲା ପରେ ମତେ ଅପା କଲା ।

ସେଠାରେ ହାତେ ମାପି ଖଣ୍ଡିକରେ ଶୁକ୍ରବାର ବଧି । ପୁଅଟା ସିନା ପାଠ ଗୁଡ଼ାଏ ପଢ଼ିଛୁ, ତା'ର କାଣିଚାଏ ବୁଦ୍ଧି ନାହିଁ ।

ଖାଉଳ ସ, ଯାହାଙ୍କ ଘରେ ଖାଇ ମଣିଷ କରିଛୁ, ସେ ଘର ସଙ୍ଗରେ ସେ ଏବେ ଘନିଷ୍ଠ ନ ହେବ, ବୋଉର ଏହି ଇଚ୍ଛା, କିନ୍ତୁ କାହିଁକି ସେ ଏମିତି ଭାବୁଛି ? ତା'ର ପୁଅଟା ତା'ର ନ ହୋଇ କଣ ଆଉ କାହାର ହୋଇ ଯାଆନ୍ତା ?

ବୋଉକୁ ବୁଝାଇ କହିଲି, କଣ ତୁ ଏବେ ଭାବୁଛୁ, କାହିଁକି ତୁ ଏତେ ଭାବୁଛୁ ? ଭଲ ମନ୍ଦ ବାଛିବା ଚତୁର ବଉଆସିଆ ନେଳୁଆ ବଳୁଆ ଟୋକାକୁ କ ଗବ ଶୁଙ୍ଘାଇ କିଏ ମିଁ-ମିଁ-ଆ ଛେଳି ଛୁଆ କରିବ ବା ?

ବୋଉ କହିଲା, ଆଲୋ, ମୋ ପୁଅଟାକୁ ସେ କେମିତି ଦମ୍ଭା ଦେଖାଇ କିଣି ନେବାକୁ ବସିଲେଣି । ଆଗ ସେ ସିଦ୍ଧାଣୀ ଭାବ କରିଥିଲା, ଏବେ ପ୍ରକୃତ କଲାଣି । ମାସ କେଇଟାରେ ଆରମା ଦେଢ଼ାରୁ ଅଧିକ ଜଳିଣି । ହଜାରେ ଟଙ୍କା, ବାପ୍‌ରେ । ଖାଇବା ଖରଚ, ରହିବା ଖରଚ ତ ମୋଟେ ନାହିଁ ।

ଏସବୁ କଣ ବୁଢ଼ା ଗନ୍ଧର୍ବ ଦେବେନ୍ଦ୍ରଙ୍କ କାମ ? ସେ ତ ମୋହମାଳାଙ୍କର ହାତର ଖେଳଣା—ସବୁ ସେଇ ମାଇପିର ଖେଳ । ଆମର ଏତେ ଟଙ୍କା ଲୋଡ଼ା ନାହିଁ । ଏଥର ଆସିଲେ କହିବୁ ଲୋ ମଲ୍ଲୀ, ସେ ମଣିଷ ଗୁଡ଼ାକୁ ଗୁଳିଆସୁ ?

ମୁଁ ବୋଉକୁ ଚଳାଇ କହିଲି, ଖାଇ କଣ ଠିକ କୁଆଡ଼ିଏ ହୋଇଛୁ ସେ ତାଙ୍କ ଗୋଡ଼ରେ ମକାଇ ଧୂଅରେ ଦାଉଆ କରନ୍ତୁ ? ଭଲମନ୍ଦ, ଉଚିତ-ଅନୁଚିତ କଣ ମୋ ଭାଇଙ୍କୁ ଅଜଣା ଯେ ତାକୁ ଆମେ ବୁଦ୍ଧି ଦେଖାଇବା ? କାମ ଠିକିଏ ଲାଘବ ହେଲେ ସେ ବଳେ ଧାଇଁ ଆସିବ ନାହିଁ ?

ସେବକ ସାମାନ୍ୟ ହସିଲା । ମଲ୍ଲିକାର ମୁଣ୍ଡରେ ହାତ ସଞ୍ଚାଳି ସେ ଖେଳେଇ କହିଲା, ବୋଉଙ୍କ ମୁଣ୍ଡରେ କଣ କେତେଟା ଭାବନା ପଶିଛି । ସେତେ ବସ

Digitized by srujanika@gmail.com

ତାଙ୍କ ପୁଅକୁ ଦେଖିବାକୁ ଉଚ୍ଛନ୍ନ ହେଲେଣି । ପୁଅଟା ବି ଖୋଜୁଛି । କାଲି ତାଙ୍କୁ ସପନ ଦେଖି ବଲ୍‌ବଲଉଥିଲା ।

ଦିନକ ପାଇଁ ହେଲେ ଆସିବାକୁ ତାଙ୍କୁ ଲେଖିଦିଅ ମଲ୍ଲୀକା, ଆଉ ଲେଖ ସାଇକଲରେ ନ ଆସି ସେଇ ଚଇତୁର ଗଡ଼୍‌ସାରେ ଆସିବେ ଯେ ସଙ୍ଗରେ ରତ୍ନାକୁ ନେଇ ଆସିବେ । ଶନିବାର ଦିନ ଆସିଲେ ରବିବାର ସନ୍ଧ୍ୟା ଆଗରୁ ଫେରିଯିବେ । ସୋମବାର ଦିନ ରତ୍ନାର ସ୍କୁଲପାଠ ମାଇ ହେବନି, ତମ ଭାଇଙ୍କ କାମ ବି ମାଇ ହେବ ନାହିଁ ।

ତାଙ୍କୁ ଦେଖିଲେ ବୋଉଙ୍କର ଝୁରିଲା ରୋଗ ନିଶ୍ଚୟ ଭଲ ହେବ ?

ମଲ୍ଲିକା ସମ୍ମତି ଜଣାଇଲା ।

× × ×

ଚଉଁକଣ୍ଡି ସେ ଲୁଚାଇ ଦେଲା । ଯଦି ସେଇଟି ରତ୍ନାର ହାତରୁ ପଡ଼େ ସତେ କେମିତି ଆକୁଳାନନ୍ଦ ସଙ୍ଗେ ଗଡ଼୍‌ସାରେ ମଞ୍ଜୁପୁର ଯିବାକୁ ହମହମ ହେବ, କିନ୍ତୁ ଏହା ସେ ଚାହେଁ ନାହିଁ ।

ସତର ଅଠର ବର୍ଷର ଯୁବତୀ କନ୍ୟା । ଧନୀ ବାପ ମା'ଙ୍କର ଗୋଟିଏ ବୋଲି ଗେଲବସରି ଝିଅ । ସହରରେ ବଢ଼ିଛି । ଭଦ୍ରପୁର ସ୍ୱାସ୍ଥ୍ୟ । ପାଠ ପଢ଼ିଛି । ସହରି ସଭ୍ୟତା । ଏକୁଟିଆ-ବାଆଁରି ହୋଇ ଗାଆଁ ଝିଅଙ୍କ ପରି ନାରୀ-ସୁଲଭ ଲଜ୍ଜାସଙ୍କୋଚ ନାହିଁ । ଆଜନ୍ମ-ଅଭ୍ୟାସରୁ ସେ ଟିକିଏ ଉଦ୍ଧତଗାମୀ ହୋଇଛନ୍ତି ।

ଗାଁ ଝିଅଙ୍କୁ ଦେଖି ସେ ନାକ ଟେକେ । ସେମାନେ ତାକୁ ଦେଖି ମୁହଁ ମୋଡ଼ନ୍ତି । କମ୍ପୁଡ଼ି ମଣିଦେ । ସେବଜଙ୍କ ମନକୁ ପାଇବ ନାହିଁ । ତାକୁ ଉଦ୍ଧତା ଖାଉରରେ ଅବଶ୍ୟ କିଛି କହନ୍ତି ନାହିଁ । ଏକାନ୍ତରେ ମନର ଉଦ୍‌ବେଗରେ ହୁଏତ ପଚାରି ଦେବ, କେମିତିକା ଅବରଞ୍ଜିଆ ଅଭିଲା ବେଶ, ଫୁଙ୍ଗୁଲା ଦେହର ଛପିଲା କାନ୍ତି, ହିନଦମନ ଓ ଜାମା-ଦାମନ ଭେଦି ଅନ୍ୟର ଆଖିରେ ଝଟକି ପ୍ରକଟୁଛି ।

ଲୋକେ ତ ନିଶ୍ଚେ ବାଳକଥା କହିବେ । ନିନ୍ଦା ରଟାଇବେ । କିଏ କାହା ପାଟିରେ ଦାଉଦତା ଦେଇ ପାରିବ ? ଲୋକେ ତମକୁ ନିନ୍ଦିବେ ବା ପଚାରିବେ— ଏମିତିକା ଅଧା-ଫୁଙ୍ଗୁଲା ଦେହୀ ଟୋକାଟାକୁ ଗଡ଼୍‌ସା ଖଣ୍ଡିକରେ ପାଖରେ ବସାଇ କେମିତି ତୁ ଆସିଲୁ ରେ ଟୋକା ?

ହଇହୋ ଆକୁଳାନନ୍ଦ, ତମେ ଆଖି ବୁଜି କ୍ଷୀର ଖାଉଛ ବୋଲି ମଣିଛ କି, ଦୁନିଆଁର ଲୋକେ ବି ସେଇଆ କରୁଛନ୍ତି ? ସେମାନେ ଶୂନ୍ୟରେ ମେଓଁସ୍ୱା ଫଳାନ୍ତି ।

Digitized by srujanika@gmail.com

ଏକା ଗଛରେ ପୁଣି ଫଳାନ୍ତି ମିଠା ସପୁରି, ପଣସ, ଖଟା ନାରଙ୍ଗ ଆଉ ମଧୁରସିଆ ଚେରୁଆ ଆମ୍ବ, ପୁଣି ଅଠାଳିଆ ମଧୁରିଆ ପଣସ—

ଆକୁଳାନନ୍ଦ ସେବତୀର ପତ୍ର ପାଇଲା ପରଠାରୁ ଟିକିଏ ଅନ୍ୟମନସ୍କ ରହିଲା । ବୋଉଙ୍କର ଦେହର ଖବର ଶୁଣି ସଙ୍ଗେ ସଙ୍ଗେ ଘରକୁ ଯିବାକୁ ମନ ଉଚ୍ଛନ୍ନ ହେଉଥିଲା, କିନ୍ତୁ ସଙ୍ଗରେ ରତ୍ନାକୁ ନେବାକୁ ସେ ଆଗ୍ରହୀ ହେଲେ ବି ଦ୍ୱିଧାରେ ପଡ଼ିଥିଲା ।

ହଠାତ୍ ସେ ଦୃଢ଼-ସଂକଳ୍ପ ହେଲା—ସେ ଏକୁଟିଆ ଯିବ । ଅଭ୍ୟାସ ତ ଅଛି, ମାଲ ବୋଝେଇ କରି ଶନିବାର ଦିନ ସହଳ ସହଳ ଯିବ ଯେ ସଞ୍ଜ ନ ହେଉଣୁ ସେ ଗ୍ରାମରେ ପହଞ୍ଚିଯିବ । ତେବେ ମଞ୍ଜୁଆ ପବନର ତାଡ଼ନ. ସହିବାକୁ ପଡ଼ିବ ନାହିଁ ।

ଦୁର୍ବଳତା ଅନୁଭବ କରୁଥିଲେ ବି ଗନ୍ଧର୍ବବାବୁ ସୁସ୍ଥ ହେଲେଣି । ମାଉସୀଙ୍କର ସହାୟତାରେ ସେ କାମ ଚଳାଇ ନେବେ । ସ୍କୁଲ, କଲେଜ, ଅଫିସ ଇତ୍ୟାଦି ସଂସ୍ଥାମାନଙ୍କରେ ଯିନା ରବିବାର ଓ ଜଣାଶୁଣା ପର୍ବପର୍ବାଣିମାନଙ୍କରେ ସେ ସବୁରେ କାର୍ଯ୍ୟ ବନ୍ଦ ରହେ, ସମ୍ପୃକ୍ତମାନେ ଅବସର ନିଅନ୍ତି, କିନ୍ତୁ ତାଙ୍କର ପରି ଅନୁଷ୍ଠ ନ ମାନଙ୍କରେ ଅଧିକ କାମ, ଅଧିକ ରୋଜଗାର ।

ଦିନଟିଏ ବି କାମରୁ ରହାଢ ମିଳେ ନାହିଁ । ଶକ୍‌ସାର ଚାହିଦା ଅଧିକ । ଟ୍ରକ୍‌ଗୁଡ଼ିକ କାମରେ ଚାଲୁଥାଏ । କିନ୍ତୁ କାମ ହାତରେ ନ ଥିଲେ ନଈରୁ ବାଲି ବୁହାଇ ଖାଲୁଆ, ପାଣିଜମି ପଙ୍କ ପଚ ଦେଇ ଭୂମିକୁ ଉଚ୍ଚ କରିବା କାମରେ ନିଯୁକ୍ତି ମିଳେ । ରୋଜଗାର ହୁଏ ।

ତେଣୁ ରବିବାର ଦିନ ବି ସବୁଦିନ ପରି କାମ, ବରଂ ତହୁଁ ଅଧିକ । ତଥାପି, ତା'କୁ ଗ୍ରାମକୁ ଯିବାକୁ ପଡ଼ିବ । କିନ୍ତୁ ସେ ଚିଠିଟି ନିଜେ ପଢ଼ି, ତା' ଶୟନ-କକ୍ଷରେ ପଡ଼ିଥିବ. ଟେବୁଲର ଡ୍ରୟରର ଭିତରେ ଲୁଚାଇ ଦେଇଥିଲା ।.... ବଡ଼ଶାଳା, ସେ ଚିଠିର ଉତ୍ତର ଦେବ ନାହିଁ । ଶନିବାର ଦିନ ଅପରାହ୍ଣରେ ସେ ସେ ନିଶ୍ଚୟ ଗ୍ରାମକୁ ଯିବ । ଯଦି ଆବଶ୍ୟକ ପଡ଼େ ବାଧ୍ୟହୋଇ ସୋମବାର ମଧ୍ୟ ଗ୍ରାମରେ ଅଟକି ଯିବ । ଏତକ ସେ କେବଳ ଗନ୍ଧର୍ବବାବୁଙ୍କୁ କହିଯିବ ନାହିଁ, ମାଉସୀ ମୋଢମାଳାଙ୍କୁ ବି ଜଣାଇ ଦେବ ।

ବୁଧବାର ଦିନ ପାଇଥିବା ସେହି ଇନଲ୍ୟାଣ୍ଡ ଚିଠି ଖଣ୍ଡିକ ପଢ଼ିସାରି ଆକୁଳାନନ୍ଦ ସବୁଥର ପରି ତାଲୁ ତା'ର ଟେବୁଲ ଉପରେ ନ ରଖି ଡ୍ରୟର୍ ଭିତରେ ରଖିଲା । ନିଜେ କ ଫିଦ୍ୟନ୍ତ ଥାଇ ସେ ବିଷୟରେ ଆଉ ଚିନ୍ତାକରି ନ ଥିଲା ।

Digitized by srujanika@gmail.com

କ'ଣ ବା ଅଧିକ କହିବ ? ଶନିବାର ତ ଦୂରରେ ଅଛି । ତେବେ ବି ସେ ଗନ୍ଧର୍ବବାବୁଙ୍କୁ ଅବା ମୋହମାଳାଙ୍କୁ ଏତେ ଆଗରୁ ଜଣାଇବା ଆବଶ୍ୟକ ମଣି ନଥିଲା – ସେ ଅନ୍ୟତ କାର୍ଯ୍ୟବ୍ୟସ୍ତ ରହିଲା । କାହିଁକି ସେ କାହାରିକୁ କିଛି ନ କହିଲା, କାହିଁକି ମୁହଁ ଗମ୍ଭୀର କରି ସେଠାରୁ ବାଡ଼ିଘରକୁ ଚାଲିଗଲା ରତ୍ନା ବୁଝିପାରିଲା ନାହିଁ ।

ଖବରଟା, ଚିଠିରେ ନିଶ୍ଚୟ କିଛି ଏମିତି ବିଷୟ ଲେଖା ହୋଇଛି, ଯେଉଁଥି-ପାଇଁ ସେ ଚିନ୍ତାରେ ପଡ଼ିଛନ୍ତି । ଖାଉଜ ବୋଧହୁଏ ଲେଖିଛନ୍ତି ଯେ ମାଉସୀଙ୍କ ଦେହ ଅଧିକ ଅସୁସ୍ଥ । ତେଣୁ ସେ ଯିବାକୁ ବ୍ୟାକୁଳ ଅଥଚ ଏଣେ ବାପାଙ୍କ ଦେହ ଆରୋଗ୍ୟ ହୋଇନାହିଁ ।

ଘଟଣାଟା ଜାଣିବାକୁ ଆଗ୍ରହୀ ହୋଇ ସେ ଚିଠିଟି ଖୋଜିଲା । ଡ୍ରୟର ଭିତରୁ ପାଇଲା । ଟାଉ ଟାଉ କରି ପଢ଼ିଲା । ବୁଝିଲା । ଚିଠିଟି ଲେଖିଛନ୍ତି ମଲ୍ଲୀଅପା । ରତ୍ନାଠାରୁ ବୟସରେ ସେ ବଡ଼ ବୋଲି ସମସ୍ତେ ଜାଣନ୍ତି ।

ଚିଠିରେ ସେପରି କିଛି ବିଷୟ ନାହିଁ, ଯେଉଁଥିପାଇଁ ଆକୁଳ ହୋଇ ତା'କୁ ଜାଣି ଜାଣି ଲୁଚାଇ ଦେଇଛନ୍ତି । ଶନିବାର ଦିନ ସାଇକଲ୍‌ରେ ନ ଯାଇ ସହିଲ ସହିଲ ରିକ୍‌ସାରେ ଯିବାକୁ ଆଉ ସଙ୍ଗରେ ରତ୍ନାକୁ ନେବାକୁ ସେ ଲେଖାଇଛନ୍ତି । ନିଶ୍ଚୟ ମାଉସୀ ବି ତା'କୁ ଦେଖିବାକୁ ମନ କରିଛନ୍ତି । ତାଙ୍କୁ ନ ପଚାରି ମଲ୍ଲୀଅପା କ'ଣ ଏ ଚିଠି ଲେଖି ଥାଆନ୍ତେ ?

ଆଉ ଗୋଟିଏ ପ୍ରଶ୍ନ ତା ମନରେ ଜାଗିଲା । ଚିଠି ପାଇ କାହିଁକି ଆକୁଳହୋଇ ଏ କଥା ତା' ବୋଉକୁ ଅବା ତାକୁ ନ କହି ଗୋପନ ରଖିଛନ୍ତି ? ସେ କ'ଣ ତାକୁ ସଙ୍ଗରେ ନେବାକୁ କୁଣ୍ଠିତ ହେଉଛନ୍ତି ? କି ବିଚାର ତାଙ୍କ ମନରେ ପଶିଲା ? ତାଙ୍କୁ ପଚାରିବ ?

ମନେ ମନେ ଆଲୋଚନା କରି ସେ ସ୍ଥିରକଲା ଯେ ସେ ଚିଠିଟି ନେଇ ତା'ର ବୋଉଙ୍କୁ ପଢ଼ାଇବ । ଦଫା ସଫା ଶୁଣାଇ ଦେବ, 'ଯେତେ ଆପଣାର କଲେ କି ହେବ ବୋଉ, ଝିଅ ପର ସେ ପର ହୋଇ ରହିବ । କେବେ ଆପଣାର ହେବ ନାହିଁ ।'

ରତ୍ନା ପୁଣି ଚିଠିଖଣ୍ଡି କାଢ଼ି ମୁହଁ ଫଣ ଫଣ କରି ତା'ର ବୋଉଙ୍କୁ ଦେଲା । ମୋହମାଳା ସେଇଟି ମନଧ୍ୟାନ ଦେଇ ପଢ଼ିଲେ । ଟିକିଏ ଚିନ୍ତା କଲେ । ମନକୁ ମନ ହସିଲେ । ଅଝଟ ଝିଅର ମୁଣ୍ଡରେ ହାତ ସାଉଁଳି କହିଲେ, 'କେମିତି ତୁ ଜୁଆଁଟା ଜନ୍ମଦାତୀ ମା'ର ମନ ବୁଝିବୁ ?

'ଆକୁଳାନନ୍ଦ ତା'ର ଦୁଃଖିନୀ ବୋଉର ଗୋଟିଏ ବୋଲି ପୁଅ । ସେ ଅଧା ପୁଣି ରୋଗିଣୀ । ବୁଢ଼ୀ ହେଲେଣି । ନିଜର ମରଣକୁ ସପନ ଦେଖିଲେଣି ।

Digitized by srujanika@gmail.com

ନସୃନ-ପିତ୍ରଳା ସେଉ ପୁଅଟି ଛଅମାସ ହେଲା ମା'କୁ ଦେଖିନି ନାହିଁ । ଅପା ଆଉଥି ହେବେନ ?

'ମା'ଲେ ରତ୍ନା ! ତତେ ଦେଖିବାକୁ ତୋ' ଭଉଜ ଅଉ ଅପା ହେବ ମଲ୍ଲୀକା ଗୁଚ୍ଛଁ ଛନ୍ତି । ମୋ'ର ସେଗଣୀ ଅପା ବ ଗୁହୁଥିବେ । ତୋ' ବାପାଙ୍କ ଦେହ ଟିକଏ ଭଲ ଅଚ୍ଛି । ତାଙ୍କ କାମରେ ମୁଁ ତାଙ୍କୁ ସାହାଯ୍ୟ କରିବ !

'ଆମ ନ ଣ୍ଟରେ ଶନବାର ଦନ ଉପରବେଳା ସହଳ ସହଳ ବାହାରଗଲେ ସନ୍ଧ୍ୟାବଣା ଲଗିବା ଆଗରୁ ପହଞ୍ଚିଯିବ ।'

ଆଲୋ ମା, ଆକୁଳ ଚଠିଟି ପଢ଼ି ତ୍ରଅର ଭିତରେ ରଖିଦେଇ ଡେରହେବ ବୋଲି ମତେ ନ କହି ତରତର ହୋଇ କାମ ଉପରକୁ ଚ୍ଲଗଲ । ପୁଅ ପାଇଁ ମା ଯେତେ ଆତୁର ହୁଏ, ମା' ପାଇଁ କ'ଣ ପୁଅ ସେତେ ଆତୁର ହୁଅନ୍ତା କ ?

'ସତ ବୋଉ । ରାମ ଲକ୍ଷ୍ମଣଙ୍କୁ ଝୁରି ଦଶରଥ ପ୍ରାଣ ଗୁଡ଼ିଲେ । ରାମ, ଲକ୍ଷ୍ମଣ କ'ଣ ତାଙ୍କୁ ଝୁରୁଥିଲେ କ ?'

ତୁ ସେ ଠାକୁର ଠାକୁରାଣୀଙ୍କ କଥାକୁ ମଣିଷଙ୍କ କଥାର ଉପଲକ୍ଷ୍ୟ ଦେ'ନା ମା ! ସେ ଚଠିଟି ତୁ ଆଣିଲେ ମୁଁ ପଢ଼ିବ । ଅପାଙ୍କ ପାଇଁ ଓ ଅନ୍ୟମାନଙ୍କ ପାଇଁ କ'ଣ ଲୋଡ଼ା, ମୁଁ ସେ ଚଠି ପଢ଼ିଲେ ବଳେ ବୁଝିବ । ସେହିପ୍ରକାରେ ଯୋଗାଡ଼ କରାହେବ । ଶନବାର ବେଲଗୁଡ଼େ ଯେଉଁ କାର୍‌ରେ ତମେ ଯିବ ସେଥିରେ ମୋ' ଅପାପାଇଁ ଓ ବୋହୂ, ଝିଅ ମଲ୍ଲୀ ଓ ନାଉଁଟୋକା ବାକଲାପାଇଁ କ'ଣ ସବୁ କଣି ପଠାଇବ ।

ଚଠିଖଣ୍ଡି ଆଣିବାକୁ ଅତ ଉତ୍ସାହରେ ରତ୍ନା ସେଠାରୁ ଉଠିଗଲ ।

× × ×

ଦ୍ୱାରବନ୍ଧର ଅପର ପାର୍ଶ୍ୱରେ ଠିଆହୋଇ ରତ୍ନା କୋଠରୀ ଭିତରକୁ ଗୁହିଁଲ । ବାଡ୍‌ଆଲୁଅ ଉଜ୍ଜ୍ୱଳ ଜଳୁଥିଲ । ବଡ଼ ଟେବୁଲ ପାଖରେ ଚଉକ ଆଗରେ ଠିଆହୋଇ ଆକୁଳାନନ୍ଦ ଫାଇଲପତ୍ର, ମାସିକ ପତ୍ରିକା, ବହି ଓ ଖବର୍‌-କାଗଜ ଟେକ କ'ଣ ଖୋଜୁଥିଲ । ଟେବୁଲ ଉପରଟି ଅଧଟଣା ହୋଇଥିଲ ।

ରତ୍ନା ମନକୁ ମନ ହସିଲ, ପୁଣି ଶଙ୍କିତ ହେଲ । ତୁଣ୍ଡ ନ ଖୋଲି କୋଠରୀ ଭିତରକୁ ପ୍ରବେଶ କରନ୍ତେ ଆକୁଳ ତା ଆଡ଼କୁ ଗୁହିଁଲ । ରତ୍ନା କହିଲ, ମଲ୍ଲୀଅପାଙ୍କ ଚଠିଖଣ୍ଡି ଖୋଜୁଛନ୍ତି କ ଭଲ ?

Digitized by srujanika@gmail.com

ଅକୁଳ ଘଟଣାଟିକୁ ବୁଝିବାକୁ ଡେରି ଲାଗିଲା ନାହିଁ । ସେ ବିରକ୍ତ ନ ହୋଇ ଆହ୍ଲାଦିତ ହେବାର ଢଙ୍ଗ ଦେଖାଇ ପଚାରିଲା, ମାଉସୀ କ'ଣ କହିଲେ ?

ରାଉଳଙ୍କ ପ୍ରସ୍ତାବ, ମଷ୍ଟ୍ରୀଅପା ଯାହା ଲେଖିଛନ୍ତି, ବୋଧହୁ ସେଥିରେ ରାଜି ହେଲନାହିଁ ।

ଆକୁଳାନନ୍ଦ କହିଲା, ମୁଁ ଏହା ଜାଣିଥିଲି । ସେଇଥିପାଇଁ ତାହାକୁ କିଛି ନ କହି ଚିଠିଟି ଲୁଚାଇଥିଲି । ସବୁଥର ପରି ମୋର ମୁଁ ଜିନିଷପତ୍ର ସାଇକଲ ପଛରେ ବାନ୍ଧି ଶନିବାର ଯାଇ ସୋମବାର ଫେରି ଆସିଥାନ୍ତି । ମାଉସୀ ରବିବାର ଦିନ କାମରେ ମଉସାଙ୍କୁ ସାହାଯ୍ୟ କରିଥାନ୍ତେ ।

ରତ୍ନା କହିଲା, ସେଇଆ ହେବ ଯେ ଖାଲି ସାଇକଲରେ ନ ଯାଇ ଆମ କାର୍‌ରେ ଯିବ । ଜିନିଷପତ୍ର କଣ ସବୁ କିଣାହୋଇ ଆସିଲେ ସେଥିରେ ବୋଝେଇ ହେବ । ଆଗରେ ଡ୍ରାଇଭର ପାଖରେ କ୍ଲିନର୍‌ଟା ବସିବ । ବଢା ରାସ୍ତାର ପଛ ସିଟ୍‌ରେ ଆମେ ଦି' ଜଣ ।

ଭଲ ହେବ ନାହିଁ ଭାଇ ? ଆମେ ଦୁଇଜଣ ଫସ୍‌କଟରେ ତ ବସିବା । ମନ ଖୁସିରେ ମନଇଚ୍ଛା ଗପସପ କରିବା । ମୋର ଗୋଟାଏ ସର୍ତ୍ତ ଅଛି ଭାଇ ! କାର୍‌ରେ, ଆଉ ତମ ଘରେ କି ବାହାରେ ମତେ କେଉଁଠି ହେଲେ କଲେଜ ପାଠ କେବେ ପଚାରିବ ନାହିଁ ।

ଆକୁଳାନନ୍ଦ କହିଲା, ତୋ' ଅନୁରୋଧ ମୁଁ ରକ୍ଷା କରିବି । କେହି ଜାଣିବାକୁ ଚାହିଁଲେ, ମୁଁ ତାଙ୍କୁ କହିବି ତ ସେ କଲେଜରେ ପଢ଼ୁଛି । ଆଉ ଖୁବ୍ ଭଲ ପଢ଼ୁଛି । ମଉସା-ମାଉସୀଙ୍କର ଇଚ୍ଛା, ସେମିତ ଖୁବ ଭଲ ପଢ଼ି ପଢ଼ି ଗଲେ ତାକୁ ଦରିଆପାରି ବିଦେଶକୁ ଆହୁରି ବେଶି ପଢ଼ିବାକୁ ପଠାଇବେ ।

ଆଖି ଛଳଛଳ କରି ସେ କହିଲା, ମୁଁ ଭଲ ପଢ଼ିବି ନାହିଁ କି ମୋ ବୋଉ ବାପାଙ୍କୁ ଛାଡ଼ି କେଉଁ କୁଳି-ଗାଡ଼ ବିଦେଶକୁ ଯିବି ନାହିଁ । ଶଙ୍ଖାଳି ଭାଇ ଯିବ ତ ତା'ର ଯାଉ । ତେଣୁ ଆଇଲା ବେଳକୁ ସେ-ଦେଶୀଆ ଶଙ୍ଖ-କଚେଇ ବୋହୁଟିଏ ନେଇ ଆସିଥିବ ।

ସେ ଆଖି ଛଳ ଛଳ କଲା ।

ଆକୁଳ ବୁଝିଲା, କେଜାଣି କାହିଁକି ଝିଅଟିର ମନରେ ଶଙ୍ଖାଳି ପ୍ରତି ଟିକିଏ ଅଭିମାନ ରହିଯାଇଛି । ସେ କହିଲା, ତୁ ଆଗ ଯା' ଭଉଣୀ, ମୁଁ ତୋ' ପଛେ ପଛେ ଟିକିଏ ପରେ ଯାଇଁ ପହଞ୍ଚିବି । ପାଞ୍ଚ ଦଶ ମିନିଟ୍ ପରେ ।

ଆଗରୁ କହି ଦେଇଥିବୁ, ତୁ ସୁନା ଭଉଣୀ ଚନ୍ଦ୍ରାଟି, ମୋ ମାଉସୀଙ୍କ ଯେ ଜନ'ରେ ମନଧୂଳି ନ ଥାଏ । ସେ ଯେମିତ କହିଲେ ସେମିତ ହେବ ।

Digitized by srujanika@gmail.com

ରତମୀ କୃତକୃତ୍ୟ ହେଲା । ଆକୁଳ ସେମିତ ତା' ଆଗରେ ବଦ୍ଧେର ହୋଇ ଠିଆ ହୋଇଥିଲା । ରତ୍ନା କହିଲା, ମୋ ପାଉ ମା ।

ଆକୁଳ କହିଲା, 'ଭୁଲିଯାଇଥିଲି—' । ସେ ମୁଣ୍ଡ ସାମାନ୍ୟ ନୁଆଁଇ ରତ୍ନାର ମୁହଁରେ ବୋକଟିଏ ଦେଇ କହିଲା, ହେଲା । ତୁ ଏଥର ଯା, ମୁଁ ପୋଷାକ ବଦଳି ଯାଉଛି ।

ରତ୍ନା ଖୁସି ହୋଇ ହସିହସି ନୃତ୍ୟ ଭଙ୍ଗୀରେ ତା' ପାଖରୁ ଆସୁ ମୁହଁ ବୁଲାଇ କହିଲା, ଜଲଦି ଆସ । ତମେ ରାଜା ହୋଇଛ ବୋଲି ବୋଉକୁ ଆଗରୁ ଜଣାଇ ଦେବ । ଆମ ସଙ୍ଗରେ ସେ ମାଧୁରୀ, ଖାଉଜ, ମଣ୍ଡଅପା, ଆଉ ମୁରୁଗ ପାଇଁ କଣ ସବୁ ଦେବ ସ୍ଥିର କରୁ ··

ତୁଣ୍ଡ ନ ଖୋଲି ଆକୁଳ ତା'ର ଲୀଳାସ୍ମିତ ଗଠ ଓ ପ୍ରସ୍ଥାନକୁ ଚାହିଁ ରହିଲା । ବଗୃଣଲା, ଝିଅଟି ଅତି ଗେହ୍ଲାରେ ବଢ଼ିଛି । ଏକମାତ୍ର ସନ୍ତାନ ବୋଲି ତା'ର ବାପ ମା' ତାକୁ ତଥାପି ପିଲାଟିଏ ପରି ମଣିଛନ୍ତି । ସେହିପରି ବ୍ୟବହାର ବି କରୁଛନ୍ତି । ସେହିପରି ବ୍ୟବହାର ସେମାନେ ଓ ସେ ଝିଅଟି ତା'ଠାରୁ ମଧ୍ୟ ଆଶା କରନ୍ତି ।

ସେଥିରେ ଓ୍ୱୀଣା କଲେ ସେ ନିଜେ ପର ହୋଇଯିବ । କିପରି ସେ ଅନ୍ତତଃ ତା'ର ଜନନୀ ମୋତିମାଳା ମାଉସୀଙ୍କୁ ବୁଝାଇ କହି ପାରିବ ? ସତର ବର୍ଷର ଝିଅ ସେ, ଅନ୍ୟ ପାଇଁ ଉତ୍ସର୍ଗିକୃତ । ଦମସ୍ତେ ଏହା ଜାଣନ୍ତି । ଶାଙ୍ଗାଳ ଏହା ଜାଣେ । ହୁଏତ ହେତୁ ପାଗଲ ଦନରୁ ଜାଣେ । ଗ୍ରେଟିଏ ହୋଇଥିଲି ବେଳେ ତାକୁ ଲାଜୁଆ, ପ୍ରହେଳିକା ପରି ଲାଗୁଥିଲି ।

× × ×

ଏକୋଇଶ-ବାଇଶ ବର୍ଷର ପୁଅ, ପାଠୁଆ, ବୁଦ୍ଧିଆପୁଅ । ବଦେଶରେ ବଢ଼ି ଏବେ ଇଂଜିନିୟର ହେବାକୁ ଯାଉଛି । ମେଧାବୀ ଛାତ୍ର । ପରୀକ୍ଷାମାନଙ୍କରେ ଖୁବ ଭଲ କରୁଛି । ଗତଥର ଆସିଲା ବେଳେ ସେ କହୁଥିଲା, ସେ ଜୀବନ ମୂର୍ଚ୍ଛା ପରିଶ୍ରମ କରୁଛି । ପ୍ରଥମ ସ୍ଥାନ ଲାଭ କରିବାକୁ ସେ ପ୍ରାଣପଣେ ଉଦ୍ୟମ କରୁଛି ।

କହିଲା, ବାପା ଓ ବୋଉଙ୍କୁ ଧାତୁ ଦ୍ରବ୍ୟର ବିଜ୍ଞାନ ବିଷୟକ ବିଦ୍ୟା ସମ୍ବନ୍ଧରେ କିଛି ବୁଝାଇବାକୁ ଚେଷ୍ଟାକଲେ ମଧ୍ୟ କିଛି ବୁଝିଲେ ନାହିଁ । କହିଲେ, ସେସବୁ ଗହନ-ବିଦ୍ୟା ଆମେ କାହୁଁ ବୁଝିବୁ ? ତୁ ଆକୁଳାନନ୍ଦକୁ ବୁଝା । ସେ ପାଠୁଆ ପୁଅ । ସେ ବୁଝିବ ।

ଆକୁଳାନନ୍ଦ କେବଳ ମୁଣ୍ଡ ଟିଙ୍କାଇ ମୋଟାମୋଟି ଗୋଟିଏ ଧାରଣା କରିବାକୁ ଚେଷ୍ଟା କଲା । ସେ ଜାଣିଲା, ତାଙ୍କ କଲେଜରେ ଏଥର ଫଳ ବାହାରିଲା ପରେ, ନିଶ୍ଚୟ ସେ ଖୁବ ଭଲ କରିବ, ସେହି ଧାତୁ ବିଜ୍ଞାନ-ବିଦ୍ୟାରେ ଏମ୍. ଟେକ୍. କରିବ, ଦୁଇଟି ବର୍ଷ ।

Digitized by srujanika@gmail.com

ଆକୁଳାନନ୍ଦଙ୍କୁ ସେ ପୁଣି ବୁଝାଇଦେଲା, ସେଠକରେ ପାଠ ସରିବ ନାହିଁ ଭାଇ ! ତେବେ ଏ ଦେଶରେ ଆଉ ସେ ବିଷୟରେ ଅଧିକ ପାଠ ନାହିଁ । ମତେ ଆଉ ଅଧିକ ପଢ଼ିବାକୁ ବିଦେଶ ଯିବାକୁ ପଡ଼ିବ । ଯେତେବେଳେ ଗୋଟିଏ ବିଷୟର ପାଠ ଧରିଛି, ତା'ର ଶେଷଯାଏ ନ ଯାଇ ଅଧା-କାଣ୍ଡିଆ କରିବି କାହିଁକି ? ବାପାଙ୍କର ସମ୍ମାନ ଊଣା କରିବି କିପରି ? ମୁଁ ବିଦେଶକୁ ଯିବି ।

ଗନ୍ଧର୍ବ ସବୁ ଶୁଣିଲେ । ପାଠ ତାଙ୍କର ଅଳପ ହେଲେ ବି ସେ ପାଠର ମହତ୍ତ୍ୱ ବୁଝନ୍ତି । ଦିନେ ମୋଦମାଳାଙ୍କୁ ଆକୁଳାନନ୍ଦର ଉପସ୍ଥିତିରେ ସେ କହିଲେ, ଟୋକାର ଆହୁରି ଆହୁରି ପଢ଼ିବାକୁ ମନ । କାହିଁକି ବାଧାଦେଇ ଆମେ ତା' ମନ ଊଣା କରିବା ?

ବୁଝିଲ ଗୋ ମୋଦମାଳା, ମୁଁ ତ ଅଚଳ ହୋଇନାହିଁ । ପୁଣି, ମତେ ସାହା ହେବାକୁ ଆକୁଳ ପରି ଯୋଗ୍ୟ ପୁଅ ତମର ଅଛି । ପୁଅ କଏ ଆଉ ପୁତୁରା କଏ ? ଆକୁଳକୁ ମୁଁ ସେମିତି ମଣେ ।

ତା'ର ଉପସ୍ଥିତିରେ ମୋଦମାଳା କହିଲେ, ମୁଁ ମନା କରୁନାହିଁ । ତେବେ ମୁଁ କଥାଟିଏ ମନ ଖୋଲି କହୁଛି । ତମେ ଶୁଣ, ଆକୁଳ ବି ଶୁଣୁ । ତମ ଝିଅଟି, ସେ ନାହିଁ ବୋଲି ମୁଁ କହୁଛି; ଝିଅ ପିଲା ହୋଇ ରହୁନାହିଁ । ଗେହ୍ଲାରେ, ସ୍ୱାଧୀନରେ ବଢ଼ିଲେ ତ ବୟସ ଅଟକିବ ନାହିଁ ?

ରଞ୍ଜନୀଟି ଆଖି ବୁରୁଶିଆ ହେଲାଣି । ବୟସ ସଙ୍ଗରେ ଗଢ଼ଣ ଓ ବଢ଼ଣ ବି ଆଖି-ବୁରୁଶିଆ ହେବ ତ ! ଆଉ ଡେରି କରିବା ନାହିଁ । କେଇଟା ମାସପରେ ଶଙ୍ଖାଳିର ପାଠ ସରିବ । ମୋ ବିଚାରରେ, ସେ ଦୁହିଙ୍କର ବାହାଘର କରିଦେବା ।

ଆକୁଳାନନ୍ଦ କହିଲା, ମା'ଉସୀଙ୍କର ବିଚାରରେ ମଳାଧୂଳି ନାହିଁ । ବାହାଘର ପରେ ଶଙ୍ଖାଳି ଯଦି ଚାହେଁ ସେ ଆହୁରି କେତେ ବର୍ଷ ପଢ଼ୁଛି ପଢ଼ୁ । ସେ ରାଜି ହେଲେ, ରତ୍ନା ମନକଲେ ସେ ବି ପଢ଼ୁ ?

ସେମାନଙ୍କ ବିଚାରରେ ଗନ୍ଧର୍ବ ଏକମତ ହୋଇଥିଲେ । ଆକୁଳର ବିବେଚନାକୁ ସେ ପସନ୍ଦ କଲେ । ଏହି ଆଲୋଚନା ପ୍ରାୟ ପନ୍ଦର ଦିନ ତଳେ ଘଟିଥିଲା ।

ଏକୁଟିଆ ଗେହ୍ଲାରେ ବଢ଼ି ଝିଅଟିର ସଂସାରିକ ଜ୍ଞାନ ଏବଯାଏ ହେଲା ନାହିଁ । ବାପ ମା' ଯେପରି ତାକୁ ଶ୍ରେଷ୍ଠ ଝୁଅଟେ ପରି ମଣିଛନ୍ତି ସେ ବି ସେପରି ନିଜର ବୟସ ସମ୍ବନ୍ଧରେ ମୋଟେ ସଚେତନ ନୁହେ ।

× × ×

Digitized by srujanika@gmail.com

ମୋତିମାଳାଙ୍କ ପାଖକୁ ଯିବା ସମୟରେ ତାହାହିଁ ସେ ବିଚାର କରୁଥିଲା । ରତ୍ନାର ଉପସ୍ଥିତିରେ ମାଉସୀ କଣ ତାକୁ ପଚାରିବେ, ସେ କି ଉତ୍ତର ଦେବ ସେହି ଭାବନା ତାକୁ ବିଚଳିତ କଲା । ସେ ମୋତିମାଳାଙ୍କ ପାଖକୁ ଆସିବାକୁ ପ୍ରସ୍ତୁତ ହେଉଥିବା ଗୋଟିଏ ଅଶ୍ୱସ୍ତିକର ଭାବନା, ତା' ମନକୁ ଛଟପଟ କଲା ।

କାହିଁକି ସେ ଜୀବନର କ୍ଷଣିକ ପାଇଁ ଅନ୍ୟର ଘରୋଇ ବ୍ୟାପାରରେ ନିଜକୁ ସଂଶ୍ଳିଷ୍ଟ କରୁଛି ? ନାଗଫାଶର ବନ୍ଧନରେ ସେ ବାନ୍ଧି ହୋଇ ପଡ଼ୁଛି । ଆଶାରୁ ବଳି ଅଧିକ ବେତନ, ନିକଟତମ ଲୋକଙ୍କଠାରୁ ବଳି ସ୍ନେହ ଓ ମମତା ତାକୁ ତା'ର ନିଜର ପ୍ରକୃତ ଦୂରତ୍ୱ ଓ ସ୍ଥାନ କେବେ କେବେ ଭୁଲାଇ ଦେଉଥିଲା ।

କିଛିକ୍ଷଣ ପୂର୍ବେ ରତ୍ନାକୁ ସେ ଗେଲ କରିଥିଲା । ପ୍ରବଳ ଆଗ୍ରହ ହେଉଥିଲା ତ ତା'ର ସ୍ୱାସ୍ଥ୍ୟ-ଭରପୁର ଅଧଲଙ୍ଗୁଳୀ ଦେହଟିକୁ ସେ ତା'ର ଦୁଇ ହାତରେ ବେଢ଼ାଇ ଧରିଥାନ୍ତା । ନିବିଡ଼ ଭାବରେ ଆଲିଙ୍ଗନ କରିଥାନ୍ତା । ଆହୁରି ଅଧରେ ତାକୁ ଗେଲ କରିଥାନ୍ତା । କିନ୍ତୁ ଅଦମ୍ୟ ଆଗ୍ରହର ପ୍ରତିବନ୍ଧକ ହେଲା, ଅନ୍ୟ ଜଣଙ୍କର ଉପସ୍ଥିତି ।

ମନରେ ନୁହେଁ, ଭାବନାରେ । କାହାର ସେ ଭାବ-ମୂର୍ତ୍ତି ? ବିକଳାର ଜନ୍ମଦାତ୍ରୀ, ସ୍ନେହ, ଆନୁଗତ୍ୟ ଓ କର୍ତ୍ତବ୍ୟର ଚଳନ୍ତିପ୍ରତିମା ସେବତୀ ନୁହେଁ, କୋଳରେ, କାଖରେ ବଢ଼ି ବଡ଼ ହୋଇ ପରପତ୍ନୀ ହେବାକୁ କେବେଠାରୁ ଯୋଗ୍ୟା ହୋଇଥିବା ତା'ର ସହୋଦରା, ସେବତୀର ଗେହ୍ଲା ନଣନ୍ଦ, ମଲ୍ଲିକା ।

ସେ ରତ୍ନାଠାରୁ ବଡ଼ । ରତ୍ନାର ବୟସ ବଢ଼ିଛି କିନ୍ତୁ ଚେତନା ବଢ଼ିନାହିଁ । ଅତି ଗେହ୍ଲାରେ, ପାନପ୍ରୀ ଭିତରେ ଏକୁଟିଆ ବଢ଼ିଲେ ଯାହା ହୁଏ ତାହାହିଁ ଘଟିଛି ।

ଆରେ, କଣ ସେ ଏବେ ଭାବୁଛି ? ରତ୍ନା କେତେ ବେଳୁ ଫେରିଗଲାଣି । ତା'ର ଡେରି ହେଉଛି କାହିଁକି ? ମାଉସୀ ତାକୁ ଅପେକ୍ଷା କରି ରହିଥିବେ ! କାହିଁକି ବିଳମ୍ବ ହେଲା ବୋଲି ଅବଶ୍ୟ ସେ ତାକୁ ପଚାରିବେ ନାହିଁ, କିନ୍ତୁ ନିଜ ମନକୁ ସେ ତା'ର କଇଫତ ଦେବ ।

ଚଟି ପିନ୍ଧି ସେ ଦୋତାଲା ଉପରକୁ ଗଲା ।

× × ×

ଶନିବାର ଦିନ ଘଣ୍ଟା ଆଗରୁ ସେମାନେ ମଞ୍ଚୁରିରେ ପହଞ୍ଚିଗଲେ । ମୋତିମାଳା ଓ ନିଜେ ଗନ୍ଧର୍ବବାବୁ ସେମାନଙ୍କୁ ବିଦାୟ ଦେଇଥିଲେ । ରତ୍ନାର ନୂଆ ଅଭିଯାନ ତାକୁ ଅପୂର୍ବ ଆନନ୍ଦ ଦେଉଥିଲା । ସେ ଗ୍ରେଟ କୁଆଡ଼ିଏ ପରି ଆକୁଳାନନ୍ଦକୁ ବିବିଧ ପ୍ରଶ୍ନ ପଚାରି ବୁଝୁଥିଲା ।

Digitized by srujanika@gmail.com

ଆକୁଳାନନ୍ଦ ତାଙ୍କୁ ବୁଝାଇ ଦେଉଥିଲେ । ତାଙ୍କୁ କଟକ ପରେ ସୁନ୍ଦରୀ ତା'ର ନୂଆ ରୂପକୁ ଚମତ୍କୃତ ହୋଇ ସ୍ପୃହଁ ଥିଲା, ଆଉ ନିଜକୁ କହୁଥିଲା—ଏଡ଼େ ସୁନ୍ଦର ଏ ଝିଅଟି ସତେ, ତା'ର ବୋଉ କେମିତି ଜାଣିଲା ପରେ, ତାଙ୍କୁ ଗାଁ-ଝିଅର ଶାଢ଼ୀ-ବ୍ଲାଉଜ୍ ସାଜରେ ସଜାଇ ଦେଇଥିଲେ ।

ଆକୁଳଙ୍କୁ କଡ଼କୁ ଡାକି ସେ ନଜ୍ରୋଳାରେ କହୁଥିଲେ, "ଏଥରେ, ଗାଁ-ସମାଜରୁ ଦୂରରେ ରହି ତୋର ଏ ଭଦ୍ରଣୀଟି ସହରଆ ଢଙ୍ଗ ଧରିଛି । ତାର କି ଦୋଷ ? ଦେଖିଥିବୁ ତ, ତାର ସଙ୍ଗରେ ପଢୁଥିବା ତାର ବୟସର କେତେ ସହରଆ ଝିଅଙ୍କୁ ! କେଡ଼େ ବଡ଼ ବଡ଼ ଘରର । ସମସ୍ତଙ୍କର ଏକାପରକା ପହରଣ । ଆମେ କହିବା ଅଧଲଙ୍ଗଳି ଠାଣି । କିନ୍ତୁ ଆଖିପଡ଼ା, ମନ ଯେମା ହେଲାଣି । ଅଭ୍ୟସ୍ତ । ଚଳାଚଳକୁ ବାଗ ।

ମୋଫସଲରେ ଅଘରବୁଆଣ ସମସ୍ତେ ଝୁଣିବେ । ବାଛିବେ । ବାରକଥା ନିଶ୍ଚୟ କହିବେ । କାହା ଭିତ୍ରରେ କଏ ବାଡ଼ବତା ଦେଇ ପାରିବ ? ସେଇଥିପାଇଁ ଏବହୁଁ ତାଙ୍କୁ ଆମ ଅଞ୍ଚଳର ଢଙ୍ଗରେ ଶାଢ଼ୀ, ବ୍ଲାଉଜ ପିନ୍ଧାରେ ଅଭ୍ୟସ୍ତ କରାଉଛି । ହେଲେ, ସେ କଣ ପାରିବ ?

ସେଇଥିପାଇଁ ତତେ କହୁଛି, ତମର ଗ୍ରାମରେ ପହଞ୍ଚିଲେ, ଆଗ ରଡଙ୍ଗର ଏହି ଅସୁବିଧା କଥା ମୋ ବୋହୂଙ୍କୁ କହିଦେବୁ । ଶାଢ଼ୀ, ବ୍ଲାଉଜ ପିନ୍ଧିବାରେ ସେ ରଡଙ୍ଗୀକୁ ସାହାଯ୍ୟ କରିବ । ଗାଁ ବୁଲିଗଲେ ବୋହୂ ତା ପାଖେ ପାଖେ ଥିବ । ଗାଁ ମଣ୍ଡଳୀ ବତାଇ ଦେଉଥିବ ।

ଭାଉଜଙ୍କର ବୋଲ ମାନିବ ବୋଲି ତାଙ୍କୁ ମୁଁ କାନେ କାନେ ଶିଖାଇ ଦେଇଛି । କହିଛି, ବଡ଼ ଘରର ଝିଅ ବୋଲି ମନରେ ଦରପ ରଖିବୁ ନାହିଁ । ଝିଅ ଜନମ ପର ! କାହା କପାଳରେ କି ଯୋଗ ଅଛି କାହାକୁ ଜଣା ? ଗରବ ଗଞ୍ଜନ ବାନା ଉଡ଼ାଇଛି କାଳିଆ ଠାକୁର ।

ତା ପାଖରେ ସ୍ୱତନ୍ତର ଚଳିବ ନାହିଁ । ରତ୍ନାଙ୍କୁ ମୁଁ ବୁଝାଇ ଦେଇଛି, ବତାଇ ଦେଇଛି, ଭାଉଜ ଓ ଅପାଙ୍କ ସଙ୍ଗରେ ଶ୍ରୀରାମ ମନ୍ଦିରକୁ ଯିବ । ଗରିବ-ଗୁରୁବା, ଭିକାରି ଆଉ ଅନ୍ୟାନ୍ୟ ମାଗତାଙ୍କୁ ମନ ଖୁସିରେ ଦାନ ଦେବ । ଯାହା ମାଗିବ ତାଙ୍କୁ ଦେବୁ ।

ସେଇଟ ତ ଆଲୁସି-ବାଲୁସି ଝିଅଟିଏ । ବାପଙ୍କର ବେଶି ଗେଲବସରି ହୋଇ ବଢ଼ିଛି । ବୋହୂକୁ ମୋର କହିବୁ, ସେ ତାଙ୍କୁ ଚଳାଇ ନେବ । ମୁଁ ତା କଥା ତତେ କଣ କହିବ ! ଜନମ କାଳରୁ କେବେ ଦିନଟିଏ ମୋ ପାଖରୁ ଅଲଗା ହୋଇନି ।

Digitized by srujanika@gmail.com

ଆକୁଳାନନ୍ଦ ମନଦେଇ ମୋତିମାଳାଙ୍କର ବ୍ୟାକୁଳ ମିନତି ଶୁଣିଲେ ତ, କନ୍ୟାଟି ପାଖରୁ ଦୁଇଟି ରାତି ଓ ଗୋଟିଏ ଦିନର ବିଚ୍ଛେଦ ପାଇଁ ଉତ୍କଣ୍ଠା ଭାଷାରେ ପ୍ରକାଶ କରିଥିଲେ ।

କାର୍‌ରେ ଯାଉଣୁ ପାଖରେ ବସିଥିବା, ନୂଆ ଢଙ୍ଗରେ ସଜ୍ଜିତା, ରୂପର ପସରା, ସ୍ୱାସ୍ଥ୍ୟବତୀ ରତ୍ନାର ବିବିଧ ପ୍ରଶ୍ନର ଉତ୍ତର ଦେଉଣୁ ସେ ଉତ୍ତେଜିତ ହୋଇ ଉଠୁଥିଲା । ରତ୍ନା ଆପେ ତା' ଉପରକୁ ଢଳି ପଡ଼ୁଥିଲା, ଜଳ ଜଳ ହୋଇ ତାର ଆଖିକୁ ଚାହିଁ ହସୁଥିଲା ।

ତା'ର ସେଇ ଚାହାଣୀରେ ସବୁ ଦେଖିବାର ଉଦ୍‌ବେଗ, ତା'ର ସବୁ ପ୍ରଶ୍ନରେ ସବୁ ଜାଣିବାର ଆଗ୍ରହ ତାକୁ ଆତ୍ମହରା କରୁଥିଲା । ସେ ଆସିବା ଆଗରୁ ମାତୃ ମମତାରେ ମୁଗ୍ଧ ଓ ଉଦବିଗ୍ନ ମୋତିମାଳା କନ୍ୟା ସମ୍ବନ୍ଧରେ ତା'କୁ ଯାହାସବୁ କହିଥିଲେ ସବୁ ଆକୁଳର ମନେ ପଡ଼ୁଥିଲା ।

ସେ ଉପଦେଶ ଦେଇ ନଥିଲେ; ବରଂ ମିନତି କରିଥିଲେ । ତାଙ୍କର ସ୍ମିତଜଡ଼ିତ ମମତା ମିନତି କରୁଥିଲା, 'ବାପରେ ଆକୁଳ, ଝିଅର ଆଗ୍ରହ ଭାଙ୍ଗି ନପାରି ଅଟଳ ବିଶ୍ୱାସରେ ତାର ମହତ ତୋ' ପାଖରେ ଛାଡ଼ି ଦେଇଛୁ । ସାନ ଭଉଣୀର ସମ୍ମାନ ରଖିବୁ ।'

ଆକୁଳ ସେଇ ସଙ୍କଳ୍ପ କଲା ।

ହସୁଖି ରତ୍ନା ତାର ନୂଆ ଅଭିଯାନରେ ଉଲ୍ଲସିତା ହୋଇ କେତେ କେତେ କଥା ପଚାରୁଥିଲା । ଗ୍ରାମ୍ୟ ପରିବେଶ ଓ ପ୍ରକୃତି ସବୁ ତାକୁ ଅପୂର୍ବ ଦିଶୁଥାଏ । ପ୍ରତି ବିଷୟରେ ସେ କିଛି ଜାଣିବାକୁ ଚାହୁଁଥାଏ । ସବୁ ତାକୁ ନୂଆ ଲାଗୁଥାଏ । ଏହାହିଁ ତାର ପ୍ରଥମ ଅଭିଯାନ । ସହରୀ ଝିଅଟି....

ସନ୍ଧ୍ୟା ଆଗରୁ ଠିକ୍ ସୂର୍ଯ୍ୟାସ୍ତବେଳେ ସେମାନେ ମଲ୍ଲପୁରର ଉପକଣ୍ଠରେ ହେଲେ । ଆକୁଳାନନ୍ଦ ରତ୍ନାକୁ କହିଲା - ହେଇ, ଆଗରେ ଦିଶୁଛି ଆମର ଗାଁ ମଲ୍ଲପୁର । ବେଶ୍ ବଡ଼ ଗାଁ । ସେଠାରେ ବହୁତ କିଛି ଦେଖିବାର ଅଛି, ଜାଣିବାର ଅଛି । ତୋର ଭାଉଜ ଆଉ ଭଉଣୀ ମଲ୍ଲୀଅପାର ସଙ୍ଗରେ ଗ୍ରାମ ସବୁ ବୁଲି ଦେଖିବୁ, ମଲ୍ଲିକା ତୋର ଏକା ବୟସର । ବଡ଼ସ୍କୁଲ କଲେଜରେ ପଢ଼ିନାହିଁ ସିନା, ଲେଖା-ପଢ଼ାରେ ସୁଦକ୍ଷ । ତୋ ଭାଉଜ ତହୁଁ ଅଧିକ । ଗାଁ ପରିବେଶରେ ବଢ଼ିଛନ୍ତି ବୋଲି ତାଙ୍କୁ ହେୟ ମଣିବୁ ନାହିଁ ରତ୍ନା ! ପଚାରି ପଚାରି ତାଙ୍କ ପାଖରୁ ଗାଁ କଥା ସବୁ ବୁଝିବୁ ?

ରତ୍ନା ଖୁସିହୋଇ କହିଲା, ହଁ ହଁ ଭାଇ, ସେଇଆ କରିବି । ବୋଉ କହିଛି, ଆଗ ମାଉସୀଙ୍କୁ ମୁଣ୍ଡିଆ ମାରିବୁ, ପାଦଧୂଳି ନେଇ ମୁଣ୍ଡରେ ମାରିବୁ ।

Digitized by srujanika@gmail.com

ସେଇଠୁ ଅନ୍ୟମାନେ । ତା ପାଇଁ ପୁଣି ବାଙ୍ଗଲାକୁ ନାଶ କରିବ, ଗେଲ କରିବ । ସେଇଠୁ ଆହ୍ମମାନେ ।

କାର୍ତ୍ତିକୁ ଆକୁଳର ନିର୍ଦ୍ଦେଶମତେ ଶଗଡ଼ ରାସ୍ତାରୁ ଆଣି ଗାଁ ଦାଣ୍ଡବାଟେ ଚଲାଇ ଆକୁଳାନନ୍ଦ ବିଖ୍ୟାତ ପଣ୍ଡା ଘର ଆଗରେ ଠିଆ କରାଇଲା । ସଞ୍ଜ ହୋଇ ନଥିଲା, କିନ୍ତୁ ଦିନର ଆଲୁଅ ମଳିନ ହୋଇ ଆସୁଥିଲା । ଉଚ୍ଚ ପିଣ୍ଡାର ଚଉଡ଼ା ବାରଣ୍ଡା ଉପରେ ଠିଆ ହୋଇଥିଲେ ଦୁର୍ଲଭ; ତାଙ୍କ ପାଖରେ ବିକଳାନନ୍ଦ । ପାହାଚ ଶ୍ରେଣୀର ମଝିରେ ଉଭା ହୋଇଥିଲେ ସେବତୀ ଓ ମଲ୍ଲିକା ।

ପାହାଚ କଡ଼ରେ ତଳେ ଠିଆ ହୋଇଥିଲେ ସୁଣ ପାଞ୍ଚଜଣ ମୂଲିଆ । ସେବତୀଠାରୁ ନେଇ କୋଠିଆ ଝଗଡ଼ ଭେଇ ଜଣ ଜଣ କରି ସେମାନଙ୍କୁ ମଜୁରି ଦେଉଥିଲା । ସମସ୍ତଙ୍କୁ ଦିଆ ସରିଥିଲା ।

ଗାଡ଼ିରୁ ଓହ୍ଲାଇ ଆଗେଇ ହୋଇ ରତ୍ନା ଓ ଆକୁଳ ପାହାଚ ଆଡ଼କୁ ଆଗେଇ ଆସନ୍ତେ, ରତ୍ନାର ନାମଧରି ଡାକି ଚଞ୍ଚଳ ସେବତୀ ତାକୁ ପାଛୋଟି ନେବାକୁ ପାହାଚ ଓହ୍ଲାଇ ଟାଉ ଟାଉ ହେଇ ତା' ପାଖକୁ ଗଲା । ତା' ପଛେ ପଛେ ମଲ୍ଲିକା ।

ପିଣ୍ଡା ଉପରୁ ଦୁର୍ଲଭ ମନ ଖୁସିରେ ଚାହିଁ ରହିଥିଲେ । କେତେ ଶନିବାର ତ ଗଲାଣି । ଗତ ଦି' ପଞ୍ଚଯାଏ ସୁତକକୀ ପରି ପୁଅର ଆଗମନକୁ ଚାହିଁ ରହିଛନ୍ତି । ହତାଶ ହୋଇଛନ୍ତି । ଆଜି ଯେ ଆସିବ ବୋଲି ମନରେ କି ଧରିଥାନ୍ତି ବା ଥିଲା ?

ମନେ ମନେ ସେ ଆକୁଳାନନ୍ଦର ଶୁଭ ମନାସି ଖୁଣ୍ଟପରି ଠିଆ ହୋଇ ରହିଲେ । ତାଙ୍କର ତୁଣ୍ଡ ଖୋଲିଲା ନାହିଁ, ପାଦ ଚଳିଲା ନାହିଁ ।

×   ×   ×

ଶନିବାର ରାତି ଅଧଯାଏ ସେମାନେ ଗପ ସପରେ ବିତାଇଲେ । ରତ୍ନା ଆଜି ରାତିରେ ମୁଖର ହୋଇଛି । ଚଉଡ଼ା ପଲଙ୍କ ଉପରେ ସେ ଶୋଇଛି ମଝିଘରେ, ମଝିରେ । ବାଁ ପାଖରେ ଶୋଇଛି ଭାଉଜ ସେବତୀ ଆଉ ଡାହାଣ ପାଖେ ଅପା ମଲ୍ଲିକା ।

ବାଁ ପାଖର କୋଠରୀରେ ଗୋଟିଏ ପଟା ଖଟ ଉପରେ ଆକୁଳାନନ୍ଦର କୋଳରେ ଶୋଇଛି ବିକଳାନନ୍ଦ । ପିଲାଟା ଟିକିଏ ବଡ଼ ହୋଇଯିବାରୁ ଆଉ ସେ ଅଝଟିଆ ହୋଇନାହିଁ । କଥା ମାନିଲାଣି । ସେମାନଙ୍କର ବୋଉ ଆଜି ଶୋଇଛନ୍ତି ଭଣ୍ଡାର ଘର ଭିତରେ, ମଶା ଓ ମୂଷାଙ୍କ ମେଳରେ ।

Digitized by srujanika@gmail.com

ପୁଣି ବଳେଇ ମୂଷାଙ୍କୁ ଛଡ଼ିବ, ହାବୁଡ଼େ ପଡ଼ିଲେ ଚଣ୍ଟି ମୋଡ଼ିବ, ଝୁଣିବ । ମଶାରି ପଡ଼ିଛି । ମଶା ପାଖ ପଶିବେ ନାହିଁ । ବାହାରେ ଥାଇ ଖାଲି ଗାଉଁ-ଗାଉଁ ହେଉଥାନ୍ତି । ବୁଢ଼ୀଙ୍କ ମନ ଖୁସି ଯେ, ଛଅମାସ ପରେ ପୁଅ ଆସିଛି । ପୁଣି ପୁଳାଏ ଟଙ୍କା ଆଣି ତାଙ୍କ ଗୋଡ଼ ପାଖରେ ଅଜାଡ଼ି ଦେଇଛି ।

ଭାବିଲେ, ଆମ ପୁଅର ଭଲ ଚାକିରି । ଉପରି ଦି' ପଇସା ରୋଜଗାର ନ କଲେ ନାହିଁ । ମାଲିକ ତ ବହୁତ ଟଙ୍କା ଦେଉଛି । ବେଶିର ଆଉ ଦରକାର କଣ ? ଖାଲି ଝିଅ ବୋଝରୁ ମୁକୁଳିବାକୁ ତାକୁ କେଉଁଠି ପରଘରେ ନେଇ ଥୋଇଲେ ସେ ନିଶ୍ଚିନ୍ତ ହେବେ ।

ପୁଅକୁ କହିଲେ ସେ କହୁଛି, ମୁଁ ରାଜି ଯେ ଯେଉଁଠି ପାରି ସେଠି ଭଲ କରି ନବୁଝି ନଶୁଝି, ମୋ ଭଉଣୀକୁ ନେଇ ଥୋଇ ଦେବାକୁ ମୁଁ କେବେ ଚାହିଁବି ନାହିଁ । ଦବାକୁ ପଛାଇବି ନାହିଁ । ମାଉସୀ, ମାନେ ଚନ୍ଦ୍ରମାଳାର ବୋଉ, ମଲ୍ଲୀର ଚିଠି ଶୁଣି, ତା ଅକ୍ଷର ଦେଖି ଭାରି ଖୁସି ହୋଇ କହିଥିଲେ, —ଆକୁଳରେ ! ଏଇ ସୁନା ଝିଅଟିର ରୂପ, ଗୁଣ, ବିଦ୍ୟା, ବୁଦ୍ଧି ମୁଁ ତା'ର ଚିଠି ଖଣ୍ଡିକରୁ ଜାଣି ପାରୁଛି ।

କହିଥିଲେ ମାଉସୀ, ଝିଅଟି କେଉଁ ସ୍କୁଲ-କଲେଜରେ ପଢ଼ୁ ନାହିଁ, ଘରେ ରହିଛି । ବୟସ ହେଲାଣି । ଦଶଲୋକେ ଅବଶ୍ୟ ପଦେ କହିବେ । ପରଘରକୁ ତ ଯିବାର କଥା । ଯେତକ ନ କଲେ ବାଛନ୍ଦ ପଡ଼ିବ ।

ମୁହଁରେ କୋଳପ ପକାଇ ପାରିବ କିଏ ? ଅପାଙ୍କୁ କହିବୁ, ତାଙ୍କର ମନଲାଖି ଭଲ ପାଠୁଆ ପୁଅଟିଏ ଦେଖି ମଲ୍ଲୀର ବାହାଘର କରି ଦେଉନ୍ତୁ । ଦେବା ନେବାକୁ ପଛେଇବେ ନାହିଁ, ଅଣ୍ଟ-ନଅଣ୍ଟକୁ ମୁଁ ଅଛି ।

ଏତେ ସ୍ନେହ, ଏତେ ସହାନୁଭୂତିର ବୋଝ ବୋହିବାକୁ ଆକୁଳାନନ୍ଦ ନିଜକୁ ପ୍ରସ୍ତୁତ କରିପାରିଲା ନାହିଁ । ବରଂ ଭାବିଲା, ତା' ଗେହ୍ଲା ଭଉଣୀର ଭବିଷ୍ୟତ ସୁଖର ଜଗିବା ପାଇଁ ସେ ତା'ର ଯଥାସାଧ୍ୟ ଚେଷ୍ଟା କରିବ । ଦେବାକୁ ହେଳା କରିବ ନାହିଁ । ଏହିପରି ଚିନ୍ତା କରି ସେ ଚନ୍ଦ୍ରମାଳାଙ୍କର ଉକ୍ତି ତା' ବୋଉ-ଆଗରେ ପ୍ରକାଶ କଲାନାହିଁ ।

ତା' ବୋଉଙ୍କୁ ସେ ଉତ୍ତର ଦେଇଥିଲା, 'ଯେଉଁଠୁ ଭଲ ପ୍ରସ୍ତାବ ଆସୁଛି ଆମେ ଭଲ କରି ବୁଝିବା । ମଲ୍ଲୀର ବୁଦ୍ଧି ହେଲାଣି । ପୁଅକୁ ସେ ଦେଖୁ । ସମସ୍ତେ ଆମେ ବିଚାର କରି ସ୍ଥିର କରିବା ।'

'ଆଉ ଡେରି କରିବା ନାହିଁ ଲୋ ବୋଉ !' ମଶାରି ଭିତରେ, ତଥାପି ଦୁର୍ଲଭାଙ୍କୁ ନିଦ ହେଉନାହିଁ । ଝିଅର ବାହାଘର ପାଇଁ ଏବେ ଏଇ ଛଅମାସ ମଧ୍ୟରେ ଯେତେ ପ୍ରସ୍ତାବ ଆସିଛି କେଉଁଠି ସେ ହଁ ଭରି ନାହାନ୍ତି । ସେମାନେ ପୁଅକୁ ଦେଖି-

Digitized by srujanika@gmail.com

ଯାଉଛନ୍ତି । ରୂପରେ ବାଛିବାର ନାହିଁ । ଗୁଣରେ ଖୁଣ ନାହିଁ । ବଂଶର ମର୍ଯ୍ୟାଦା ବାଛିବ କିଏ ? ପାଞ୍ଚପୁରୁଷର ଖାନ୍‌ଦାନ୍ ପଣତା ଘରର ଝିଅଟି !

ଦେବା ନେବା ପ୍ରଶ୍ନ କେହି ଉଠାଉ ନାହାଁନ୍ତି । ଖବର ପଠାଇଛନ୍ତି, ତାଙ୍କର ଯାହା ଖୁସି ନିଜ ସମ୍ମାନକୁ ଜଗି ଦେଲେ ଦେବେ, ନୋହିଲେ ନାହିଁ । ସବୁ ସୁଗୁଣରେ ଗଢ଼ା ସୁବର୍ଣ୍ଣ-ପିତୁଳା, କର୍ମକୁଶଳା ଝିଅଟିକୁ ତ ଦେବେ ।

ଦୁର୍ଲଭ ପାଇଁ ବେଉଟ ପଠାଇଛନ୍ତି । ମଲ୍ଲୀର ବାପ ସିନା ନାହିଁ, ବାପଠୁ ବଳି ସେ ମଲ୍ଲୀର ଭାଇ, ମୋ ବଡ଼ ପୁଅ ଆକୁଳାନନ୍ଦକୁ କହିବ । ସେ ବିଚାରିବ, ମଲ୍ଲୀକୁ ପଚାରିବ । ଭଉଣୀକୁ କାହା ଘରକୁ ପଠାଇବ ସେ ସ୍ଥିର କରିବ ?

ଏକୁଟିଆ ଶୋଇବାରୁ ଦୁର୍ଲଭଙ୍କ ମନରେ ଏହିପରି ଭାବନା ଆଉଟି ହେଉଥାଏ । ଭାବିଲେ, ପୁଅ ବି ଦିନକ ପାଇଁ ଆସିଛି । ପୁଣି ତା' ମାଉସୀର ଝିଅଟିକୁ ବୁଲାଇ ନେବାକୁ ସଙ୍ଗରେ ଆଣିଛି । ଏସବୁ କେଉଁଥି ବୁଝିବାକୁ ଡେରି କାହିଁ ? ତଥାପି, ସେ ତାକୁ ଜଣାଇ ଦେବ । ସେ ବିଚାର କରୁ ।

ହଁ, ସେ ବୋହୂକୁ ପଚାରୁ । ବୋହୂ ଭଲେ ଗେଲରେ ଗେଲରେ ଝିଅଠୁ ବୁଝିବ । ଜୀବନ ସଉଦା କଥା । ମଲ୍ଲୀ ତା'ର ସାଙ୍ଗ, ପୁଣି ମଲ୍ଲୀ ତା'ର ନଣନ୍ଦ । ଜୀବନ-ସଉଦା ବେପାରଟି ! ଥରେ ଭୁଲ କଲେ ଦର ହାରିକତ । ଦୁର୍ଲଭଙ୍କ ମନରେ ଝିଅର ବାହାଘର ଚିନ୍ତା ତାଙ୍କୁ ଭେଡେ ଅସ୍ଥିର କରୁଥାଏ ।

ଏହିପରି ବାର ଚିନ୍ତାରେ ମଶାରି ଭିତରେ ସେ ଛଟପଟ ହେଉଥାନ୍ତି । ମଶାରି ଫାଙ୍କରେ ଗଳି କେତେଗୁଡ଼ାଏ ମଶା ତାଙ୍କର ରକ୍ତ ଶୋଷି ତାଙ୍କୁ ଅସ୍ଥିର କରୁଥାନ୍ତି । ସେ ନିଜ ଉପରେ ଚିଡ଼ଚିଡ଼ ହୋଇ ଆପଡ଼ ମାରି ହେଉଥାନ୍ତି ।

ଆଖିକୁ ନିଦ ନ ଥାଏ । ମୋତିମାଳାଙ୍କୁ ମନେ ପକାଇ, କେବେ ତାଙ୍କୁ ଦେଖି ନଥିଲେ ବି ଦୂରରେ ଥାଇ ଆକଟି କହୁଥିଲେ, ବଡ଼ଲୋକର ରକ୍ଷିତା-ଘରଣୀ ହେଲୁ ବୋଲି ତୋର ପୁନିଅଁ ଝିଅଟିକୁ ତୁ ଗେହ୍ଲା'ରେ ବଢ଼ାଇଛୁ । କାହା ଘରେ ନେଇ ଥୋଇବୁ ? ଦେଖି ଉତ୍ତୁରିଲେ ଫୁଲପଣ ତୂଳରେ ପଶେ ଲୋ !

ଏମିତି କେତେକଥା ଭାବି ଦୁର୍ଲଭ ଛଟପଟ ହେଉଥିଲେ । ଭାବନା ଫେରି ଆସିଲା ଭୂମିଭୂମିକା ଫଣା ନୋଇଁ ନିଜ ପେଡ଼ିକୁ । ଯେ ତାଙ୍କର ଝିଅ ମଲ୍ଲିକା କଥା ବିଚାରୁଥିଲୁ ଦୁଇହାତ ଯୋଡ଼ି କପାଳରେ ନିଅଁଲେ । ମନେ ପଡ଼ିଲେ ଠାକୁରେ ଆର୍ତ୍ତତ୍ରାଣମଣି । କେବେ ତାଙ୍କୁ ସେ ଦେଖି ନାହାନ୍ତି । ଶୁଣିଛନ୍ତି, ତାଙ୍କର ଦୟା ହେଲେ ଅସମ୍ଭବ ସମ୍ଭବ ହୁଏ । ଦୁଇହାତ ଯୋଡ଼ି ମୁଣ୍ଡରେ ଲଗାଇ ନିବେଦନ କଲେ, ମୁଁ ହତଭାଗ୍ୟ ଜନ, ଏଇଠି ଥାଇ ଜଣାଣ କରୁଛି, ଜନ୍ମମାଆ ବାପ ଛେଉଣ୍ଡି ମଲ୍ଲିକାଟିକୁ ତା'ର ଯୋଗ୍ୟ ପାତ୍ରରେ ଛନ୍ଦିଦିଅ ପ୍ରଭୁ !

× × ×

Digitized by srujanika@gmail.com

ସେବତୀକୁ ଆଲିଙ୍ଗି ଧରି ରତ୍ନା କହିଲା, ତମେ ମତେ ତ ଗୋଟିଏ ଅମୂଲ୍ୟ ରତନ ଏତେ ବେଳଯାଏ ଦେଇନ ଭାଉଜ । ଗପି ଗପିକା ମୁଁ ହାଲିଆ ହେଲିଣି । ସବୁ କହି ଦେଲିଣି । କିଛି ବାକି ରଖିନାହିଁ । ତମେ କିନ୍ତୁ ମତେ କିଛି ଦେଇନ କି କହିନ ।

ସେବତୀ ତା'ର ମୁହଁଟିକୁ ଆଉଁସି କହିଲା, କହିବ ଯଦି ରାତି ପାହିବାଯାଏ ମୁଁ ଗପିବି, ହେଲେ ତମୁକୁ ମୁଁ ଅନିଦ୍ରା ରଖିବାକୁ ଚାହେଁ ନାହିଁ । ଦେବାକୁ ମୋର କଣ ଅଛି ? ମୁଁ ପରଘରର ଝିଅଟା ।

ଗୋଟିଏ ଦରବ ମୋର ନିଜର ହୋଇ ରହିଛି ଗୋ ରତ୍ନା, ଯେତେ ଦେଲେ ସେ ସରେ ନାହିଁ, କିନ୍ତୁ ମଣିଷ ତାକୁ ଅପରକୁ ଦେବାକୁ ସବୁବେଳେ କୃପଣ । ତମୁକୁ ଦେବାକୁ ମୁଁ କେବେ କୁଣ୍ଠିତ ହେବ ନାହିଁ । ଆଗ କହ, ସେଇଠୁ ରାତି ପାହିବାଯାଏ ଗପିବ, ମୁଁ ଶୁଣିବି ।

ରତ୍ନା କହିଲା, ଆଗ ଶୁଣ ଭାଉଜ, ମଣି ଅପା କେମିତି ବିଛଣା ଧରୁଣୁ ଢୁଳି କରି ଶୋଇପଡ଼ି ଘନଘନ ନିଶ୍ୱାସ ଛାଡ଼ିଲାଣି । ହୁଏତ ଭାରି ହାଲିଆ ହୋଇଥିଲା ନୋହିଲେ ଭାରି ଅଳସୋଇଛି ।

ସେବତୀ କହିଲା, ସତେ ସେ ହାଲିଆ ହୋଇଛନ୍ତି । ଉଠାନା । କହ ତମ ଅମୂଲ୍ୟ ଦରବ, ସେଇଠୁ ଗପିବ ମୁଁ ଶୁଣିବି ।

ସେବତୀ କହେଇ ଯାଇ ରତ୍ନାର ଗାଲରେ ଚୁମାଟିଏ ଦେଲା । ରତ୍ନା ଉଲ୍ଲସିତ ହୋଇ ଗୋଟିଏ ହାତରେ ସେବତୀକୁ କୋଳାଇ ଧରି କହିଲା, ଆଜିକାର ରାତି ଆଉ ତମର ଏ ଅମୂଲ୍ୟ ଦାନଟି ମୋର ଅମ୍ଳାନ ସ୍ମୃତି ହୋଇ ରହିବ ଗୋ ଭାଉଜ ! କେତେଜଣ ନଣନ୍ଦଙ୍କ ଭାଗ୍ୟରେ ସମ୍ଭବେ ?

ସେବତୀ କହିଲା, ମୋ ଭାଗ୍ୟକୁ ସେଇଆ ଗୋ ରତ୍ନା । ତମ ପରି ନଣନ୍ଦକୁ ଗେଲ କରିବାକୁ କେତେ ଭାଉଜଙ୍କୁ ସୁଯୋଗ ମିଳେ ?

ତମେ ଭାରି ହାଲିଆ ହୋଇଛ । ନୂଆ ଗାଁ, ନୂଆ ଥାନକୁ ଆସିଛ । ଦେଖିବାର ଓ ଶିଖିବାର ବହୁତ କିଛି ଅଛି । ଖବର ପାଇଲେ କେତେ ଝିଅବୋହୂ ତମୁକୁ ଦେଖିବାକୁ ଆସିବେ । ଗରିବ ଗୁରୁବା, ମଇଳା-ମସିଆ କେହି କେହି ଥିବେ ।

କାହାରିକୁ ଘୃଣା କରିବ ନାହିଁ, ନାକ ଟେକିବ ନାହିଁ । ସମସ୍ତଙ୍କ ସ୍ନେହରେ ହସହସ ହୋଇ କଥା କହିବ । ଗରିବଗୁରୁବା କିଛି ମାଗିଲେ ତାଙ୍କ ମନ ଊଣା କରିବ ନାହିଁ । ଯାହା ଲୋଡ଼ା ମୋ'ଠାରୁ ନେବ । ସଙ୍କୋଚ କରିବ ନାହିଁ । ଏଘର କଣ ତମର ନୁହେଁ କି ?

Digitized by srujanika@gmail.com

ସେଇଆ କରିବ ଖାଉଜ; ଭଲ କଲ ମତେ ଆଗରୁ ବତାଇ ଦେଲ । ବୋଧୁ ଏତକ ମତେ କହିବାକୁ ଭୁଲି ଯାଇଥିଲ । ହେଲେ, ସେମିତ ଗୁଡ଼ାଏ କଣ ମୋତେ କହୁଥିଲ । ମୋ ମନତ ଏଇଠିକି ଧାଇଁ ଆସିଥିଲା, କାନରେ ବାଜିଲା କଥା ମନ ଯୋଜ ନ ଥିଲା ।

ହଉ, ଏବେ ନିର୍ଚ୍ଚିନ୍ତ ହୋଇ ଶୋଇ ପଡ଼ିବଟି ! ମଶାରୀ ଭିତରକୁ କେଇଟି ମଶା ପଶି ଆସିଲେଣି । ସେମାନଙ୍କୁ ନ ତଡ଼ିଲେ ତମେ ଶୋଇପାରିବ ନାହିଁ । ଆମର ସିନା ଅଭ୍ୟାସ ।

ଚନ୍ଦ୍ରା ପ୍ରତିବାଦ କଲା, ଥାଉମ ଖାଉଜ ! ଦ' ଗୁରଣ୍ଟା ମଶା ଶୋଷିଲେ ମୋ ମୁହଁରୁ ଶୋଷଣେ ଧାପେ ବୋଲି ଲହୁ । ସମୁଦ୍ରକୁ ଶଙ୍ଖେ ନୁହେ । କାଣ୍ଟା ମୁହଁରେ ପକାଇ ଶୋଇବ । ଶପଥକ କାଲିକ ସାଇତ ରଖିଛୁ । ଆଉ ତମକୁ ଅନିଦ୍ରା ରଖିବ ନାହିଁ ।

ଏଥର ଶୋଇପଡ଼ ଖାଉଜ, ଏତକ କହି ଚନ୍ଦ୍ରା ନୀରବ ହେଲା । ସେ ବାମ କନ୍ଦ ମାତ୍ର ଶୁଅନ୍ତେ ଡାହାଣ ହାତଟି ସେବତୀ ଉପରେ ପକାଇ ସ୍ନେହ ଝିଅଟିଏ ପରି ତାକୁ କୋଳାଇ ଧରିଲା । ସେବତୀ ବାଧା ଦେଲା ନାହିଁ ।

ବସ୍ତରଲ, ବସ୍ତୁମ ଯାହା ହେଉ, ଏକମାତ୍ର ଜନ୍ମିତ ସନ୍ତାନ ବୋଲି ମୋତିମାଲା ମାତୃ ମମତାରେ ଅନ୍ଧ ହୋଇ ଏତେବଡ଼ ଅବିବାହିତା କନ୍ୟାକୁ ଛତିଆଣୀ ସ୍ୱରରେ ରଖିଛନ୍ତି ।

ଆସିଛୁ ତ ଦିନେ ଦୁଇଦିନ ପାଇଁ, ସହଦୀ, ପାଠୋଇ, ବସ୍ତୁସର ଝିଅ, ହସ ଖୁସିରେ ତାକୁ ଚଳାଇ ତା' ମନ ମଜାଇ ତାକୁ ବିଦା କରିବା ଭଲ ।

ଏହି ସିଦ୍ଧାନ୍ତରେ ପହଞ୍ଚି ସେବତୀ ତାର ହାତଟିକୁ ଚନ୍ଦ୍ରାର ପିଠି ଉପରେ ଥାପି, ପିଠି ଆଉଁସି ଦେଲା, ମଶ୍ଚିକା ଚୁଟ କରି ଶୋଇ ପଡ଼ିଲେଣି । ତମେ ହାଲିଆ ହୋଇଛ ଚନ୍ଦନ, ଆସିବ୍ରଜ ଶୋଇ ପଡ଼ିବଟି । କାଲି ବଡ଼ିଭୋରରୁ ଉଠିଲେ, ଆମେ ଆଗ ନଈକୁ ଗାଧୋଇ ଯିବା । ଆମେ ଦିନହେଁ । ଏ ଗ୍ରାମର କେତେ ଝିଅ ବୋହୁ ସେଠାକୁ ଆସିଥିବେ ଯେ ! ଚନ୍ଦ୍ରାପରିଚ ହେବ । ଗଳିବାଟରେ, ପୁଣି ଫେରିଲା ବାଟରେ ଆଉ ନଈତୁଠରେ, ଗ୍ରୀବ ପାଣି ଭିତରେ ପଶି ଗାଧୋଇଲା ବେଳେ ଗପସପ ବି ହେଉଥିବ ।

ଚନ୍ଦ୍ରା ଖୁସି ହୋଇ କହିଲା, ଭଲ ହେବ ଖାଉଜ, ଖୁବ ମଜା ହେବ ।

× × ×

Digitized by srujanika@gmail.com

ରବିବାର ଦିନ ନଦୀଘାଟରେ ଚିହ୍ନାପରିଚ ହେଲାରୁ ଗ୍ରାମର ଅନେକ ଝିଅବୋହୂ ଜାଣିଲେ ଯେ ଆକୁଳାନନ୍ଦଙ୍କ ସାନ ମାଉସୀଙ୍କର ଏକମାତ୍ର ଝିଅ ରତ୍ନମାଳା ତାଙ୍କର ନିଜ ଗାଁରେ ତା' ମାଉସୀଙ୍କ ଦେହ ଭଲ ନ ଥିବାରୁ, ତାଙ୍କୁ ଦେଖିବାକୁ ଆସିଛି । କଲେଜ ପଢ଼ୁଆ ଶିକ୍ଷିତା ଝିଅ । ମାତ୍ର ଦିନଟିଏ ରହି ସେ ଚାଲିଯିବ ।

ରତ୍ନାକୁ ଦେଖିବାକୁ, ତା' ସଙ୍ଗେ କଥାଭାଷା ହୋଇ ତା'ର ସ୍ୱଭାବ ଢଙ୍ଗ ପରଖିବାକୁ ମେଲାମେଲା ହୋଇ ଝିଅବୋହୂମାନେ ଆସି ମଲ୍ଲିକାର ଘରେ ଠୁଳ ହେଲେ । ବୁଦ୍ଧିମତୀ ଦୁର୍ଲଭା ଆଗରୁ ଏହା ଅନୁମାନ କରିଥିଲେ ।

ବୋହୂ ସେବତୀକୁ ଡାକି ନିରୋଳାରେ ଚୁପଚାପ କହିଲେ, ଘରେ କାନ୍ଧିଏ ପାଟକପୁରା କଦଳୀ ପାଚି ରହିଛି । ସହରରୁ, କେମିତି ଆଗରୁ ଜାଣିଲା ପରି, ପୁଅ ହାଣ୍ଡିଏ ଲଡୁ ଆଣିଛି । ତୁ ଅଟା ଚକଟି ବେଲିଦେଲେ କିଛି ପୁରି ଛାଣିଦେବା । ମଲ୍ଲୀ ଜଣ ଜଣ କରି ସେମାନଙ୍କୁ ରତ୍ନାକୁ ଚିହ୍ନାଇ ଦେବ ।

ରତ୍ନା ସେମାନଙ୍କୁ ନିଜେ ଖାଇବାକୁ ଦେବ । ତାକୁ ଶିଖାଇଦେବୁ ମା, ହସହସ ହେଉଥିବ କିନ୍ତୁ ହେବରେଣୀଙ୍କ ପରି ବଡ଼ପାଟି କରି ହସିବ ନାହିଁ । ଯାହା ପଚାରିଲେ ପଦପଦ କରି ଜବାବ୍ ଦେବ । ବେଶୀ ଗପିବ ନାହିଁ ।

ନାହିଁକି ସେ ଏତେ ସତର୍କ ହୋଇ କାହାର ଖାଇଲି ଧାରିଲି ପରି ଏପରି କରିବ ? ନିରୀହା ସରଳା ଝିଅଟି ସେ । ମୋ ଜାଣିବାରେ ଏଠାକାର ମାଇପେଙ୍କ ପରି ତାଙ୍କର ପେଟରେ ଗୋଟିଏ କଥାକୁ, ମୁହଁରେ ଗୋଟିଏ କଥା ନୁହେଁ ତ !

ଦୁର୍ଲଭା କହିଲେ, ସେଇଥିପାଇଁ ତ ତତେ କହିଲି । କେତେକଙ୍କର ପେଟ-ଭିତରେ ଦାନ୍ତ ଅଛି ଲୋ ମା ! ଘଡ଼ିକର ଦେଖାରେ କେତେଦିନ ଯାଏ ନିଜ ନିଜ ଭିତରେ ଗପ କରି 'ଛି-ଛାକରି' କରିବାର ଖୋରାକ ସେମାନେ ସାଉଁଟି ରଖିବେ ।

ସତ କହିଲ ବୋଉ, ରତ୍ନାକୁ ମୁଁ ସେଇଆ ବୁଝାଇ କହିବି । ମୁଁ ତ ତାଙ୍କ ପଛେ ପଛେ ଥିବି । କେଉଁ ଅଡୁଆ ପ୍ରଶ୍ନର ଟେଢ଼ୁଆ ଜବାବ ରତ୍ନାଙ୍କ ପାଇଁ ମୁଁ ଦେଇ ଦେବି । ହସି ହସିକା, ଥଟାରେ ଥଟାରେ । କାହାଘରର କେଉଁକଥା ମତେ ଅଜଣା ? ସେହିମାନେ ତ ଟଙ୍କା ନେବାକୁ ଆସି ଗହଣା ବନ୍ଧା ପକାଇ, ଭଲେଇ ହେବାକୁ, କେବେ କାହା ବିରୁଦ୍ଧରେ କେତେ କଥା କହିଥିଲେ ?

ଛପି ଛପିକା ମଲ୍ଲିକା ଶାଶୂବୋହୂଙ୍କର ଆଲୋଚନା ଶୁଣୁଥିଲା । ଆଗରୁ ବାହାରି ଆସି କହିଲା, ନଈ ନ ଦେଖି ଲଙ୍ଗଳା କାହିଁକି ହେଉଛ ? ଏବେ ତୁନି ହୁଅ । କେହି କିଛି ପଚାରିବେ ନାହିଁ । ପଦେ ପଚାରିଲେ, ରତ୍ନା ତା'ର ଠିକଣା ଜବାବ ଦେବ । ସେ ପାଠୁଆ ଝିଅ, ସହରିଆ ବୁଦ୍ଧିଆ ଝିଅ, ତାକୁ ସେମାନେ ବଳେଇ

Digitized by srujanika@gmail.com

ଯିବେ ନାହିଁ । କୁକୁର ଭୁକିଲା ପରି କେହି ଯଦି ତା' ପଛରେ ଭୁକିବେ, ତା'ର କି ଯାଏ ?

ମଲ୍ଲିକାର ଅନୁମାନ ଠିକ ହେଲା । ଯେଉଁମାନେ ଆସିଥିଲେ, ଝିଅ, ବୋହୂ ଓ ବୟସ୍କା ଘରଣୀମାନେ ସମସ୍ତେ ହସ ଝୁଣ୍ପିରେ ନାନା କଥା ପଚ୍ଛର ବୁଝି କଳୁହଲୀ ମେଣ୍ଟାଇ ରତ୍ନାର ପ୍ରଶଂସା କଲେ । ବୟସ୍କା କେତେଜଣ ଦୁର୍ଲଭଙ୍କୁ କହିଲେ, ଆଗୋ, ଧନୀଘରର ଝିଅ ହେଲେ, ଯେତେ ଭୋଗ-ଭାଗ୍ୟରେ ବଢ଼ିଲେ ବୟସ କଣ ଅଟକି ରହିଥିବ ? ଝୁଷିଗଲା ଦିନକୁ କେହି ବାହୁଡ଼ାଇ ପାରିବ ନାହିଁ । ଆମେ, ମୁଁ, ସେମାନେ ସମସ୍ତେ । ଆପଣାକାଳିକା ସଭିଙ୍କର ବୟସ ଦିନକିଏ ବଢ଼ିବ, ଆଉ ଆୟୁଷ ଦିନେ ଉଣା ହେବ ।

ତେମିବୋଉ କହିଲେ, ଆଗୋ ଦୁର୍ଲଭ, ତେମୀ ମୋର ମଲ୍ଲୀଠାରୁ ଆଠମାସ ସାନ । ତା'ର ପୁଅକୁ ଦି' ବର୍ଷ ପୂରିଲାଣି । ତେମିର ପୁଣି କଣ ହେବ ବୋଲି ତା' ଶାଶୁ ଖବର ପଠାଇଛି । ମଲ୍ଲୀପାଇଁ କେଉଁଠି ବର ଠିକଣା କଲ ?

ଦୁର୍ଲଭ କହିଲେ, କେତେଆଡ଼ୁ କେତେ ପ୍ରସ୍ତାବ ଆସୁଛି । ଆକୁଳର ମନକୁ ଆସୁନାହିଁ । ଧନୀଘରର ଯୋଗ୍ୟପାଠୁଆ ପୁଅ ହୋଇଥିବ, ତା' ମନକୁ ପାଇବ । ସେ କେଉଁଠି ଠିକ୍ କଲାଣି । ଆସନ୍ତା ଫଗୁଣରେ ନିର୍ବନ୍ଧ କରିବ ।

ତେମୀବୋଉ ଭାରି କୁହାଳିଆ । ତା'ର ମୁହଁମୁଲାଇବା ନାହିଁ । ପୁଣି ସେ କହିଲା, ଆଗୋ ଦୁର୍ଲଭ, ତମର ଏଇ ଝିଅଟିଟି ବ ଡ ଆଖି-ବୁରୁଣିଆ ହେଲାଣି । ତା' ପାଇଁ କେଉଁଠି ବରଘର ତା' ବୋଉ ଠିକଣା କଲାଣି କି ?

ଦୁର୍ଲଭ ଉତ୍ତର ଦେଲେ, ଆଜଯାଏ ସେ କାମ ବାକି ନାହିଁ ଗୋ ଅପା ! ଛୁଆଟି ଦିନରୁ କୋଉଁପୁଅଟିଏ ଠିକଣା ହୋଇସାରିଛି । ସେ ପୁଅକୁ ପାଳି, ବଢ଼ାଇ, ପଢ଼ାଇ ଅତି ଯୋଗ୍ୟ କରାଇଛନ୍ତି । ଏବେ ସେ ଆଉ କେଉଁ ବଡ଼ ସହରରେ ରହି ପଢ଼ୁଛି ।

ସକଳ ଯେତେବେଳେ ହୋଇସାରିଛି, ସେ ପୁଅ ମୋତିମାଳାର କୋଉଁ ହୋଇସାରିଛି ବୋଲି ଜାଣ । ଆକୁଳି କହୁଥିଲି, ମାସ କେଇଟା ପରେ ସେ ଫେରିବ । ସେଇଠୁ ଅଗ୍ରହାୟଣରେ ନିର୍ବନ୍ଧ ହେବ, ହାତଗଣ୍ଠି ପଡ଼ିବ, ସାଇଭାଇ ଜାଣିବେ

ଆଉ କଣ ଆଲୋଚନା ସେମାନେ କଲେ ଜାଣିବାକୁ ରତ୍ନାର ମନ ହେଲା ନାହିଁ । ସେ ମଲ୍ଲିକାର ହାତ ଧରି କହିଲା, ଆମେ ପରା ପୁଣି ଶ୍ରୀରାମ ମନ୍ଦିରକୁ ଯିବା ! ଏତେ ଲୋକଙ୍କୁ ସଙ୍ଗରେ ନେବା ନାହିଁ । ତାଙ୍କର ଆଳାପ, ପୁଣି ଉପଲକ୍ଷ୍ୟ-ହିଆ ସବୁକଥା ଶୁଣିଲେ ମୁଣ୍ଡ ଖରାପ ହୋଇଯିବ । ଆମେ ଦିହେଁ ଯିବା । ସଙ୍ଗରେ ମାଉସୀ ଯିବେ, ନହେଲେ ଭାଉଜ ଯିବେ ।

Digitized by srujanika@gmail.com

ମଞ୍ଜୀ କହିଲା, ଆମେ ବନ୍ଧେଁ ଯିବା । କାହାକୁ ସଙ୍ଗରେ ନେବା ଲୋଡ଼ା ନାହିଁ । ରାଜକନ୍ୟାର ଦେହ ଭଲ ନାହିଁ । ବୋଉ ବି ଘରେ ଥାଉ, ବକଲା ଚଗଲା, ରାଇଙ୍କର ପାଖ ଛାଡ଼ୁନାହିଁ । ଲଙ୍ଗୁଡ଼ ପରି ତାଙ୍କ ପଛରେ ଲାଗିଚି । ଆଜି ଖାଲି ଅଳି କରୁଚି, ତାଙ୍କ ସଙ୍ଗେ ଗାଡ଼ିରେ ବସି ସେ ବଡ଼ ସହରକୁ ଯିବ ।

ଡାକଲେ ବି ସେ ଆମ ସଙ୍ଗେ କେବେ ଯିବନାହିଁ । ଆମେ ବନ୍ଧେଁ ଯିବା । ତୁ ଯାହା ଜାଣିବାକୁ ମନ କରିବୁ ତତେ ମୁଁ କହିପାରିବି । ଗାଁ ଝିଅ ମୁଁ, ପିଲାଟି ଦିନରୁ ଦେଖି ଦେଖି, ଶୁଣିଶୁଣି ସବୁ ଜାଣିଛି ।

× × ×

ସେଇଆ ହେଲା । ପଦାକୁ ଗୋଡ଼ କାଢ଼ୁଣୁ ଜଣ ଜଣ ହୋଇ କେତେ ଗାଁ ଝିଅ ତାଙ୍କର ସଙ୍ଗରେ ମିଶିଗଲେ । ପରିଡ଼ା ଘରର ଝିଅଙ୍କ ସଙ୍ଗରେ ଜଣେ ଅପରିଚିତା ଆଭିବର୍ଗର ଝିଅକୁ ଦେଖି ସେମାନେ କୁତୂହଳୀ ହୋଇଥିଲେ ।

ଜୀବନର ପ୍ରଥମ ଅନୁଭୂତିରେ ରତ୍ନା ମୁଗ୍ଧ ହୋଇଥିଲା । ସତେକି ସେ କେଉଁ ନୂଆ ଦୁନିଆଁରେ ଆସି ପହଞ୍ଚିଛି । ଶ୍ରୀରାମ ମନ୍ଦିରରେ ବହୁ ସମୟ ସେ ଅତିବାହିତ କରିଥିଲା । ନିଠେଇ ନିଠେଇ ମୂର୍ତ୍ତିଗୁଡ଼ିକୁ ସେ ନିରୀକ୍ଷଣ କରିଥିଲା । ପୂରୋହିତ ଓ ଅନ୍ୟମାନଙ୍କୁ ନାନା କଥା ପଚାରି ସେ ବୁଝିଥିଲା ।

ସେମାନଙ୍କୁ ଚକିତ କରିଥିଲା । ସେମାନେ ତ ପରସ୍ପରକୁ କୁହାକୁହି ହେଲେ, ଏଡ଼େ ବୁଦ୍ଧିମତୀ, ବିଚକ୍ଷଣା ସେ ସହରୀ ପଢ଼ୁଆ ଝିଅଟି । ଖୋଲା ହାତରେ ସେ ବିଦାକ ଦେଇଥିଲା, ମାଗତାମାନଙ୍କୁ ମନ ଖୁସି କରି ଧନ ! ଗନ୍ଧର୍ବ ବେହେରାଙ୍କର ସମ୍ମାନ ବଢ଼ାଇ ଟେକ ରଖିଥିଲା ସେ ସୁନା ଝିଅଟି ।

ଯେଉଁ ସୁଲକ୍ଷଣୀ ଝିଅଟିର ପ୍ରଶଂସା ଶୁଣି ତା'ର ଭଲଗୁଣ ଜାଣି ତାକୁ ନିଜେ ଆଖିରେ ଦେଖିବାକୁ, ତା' ସଙ୍ଗେ ଦି' ଗୁଡ଼ିଏ କଥାଭାଷା ହେବାକୁ କେତେ ଗ୍ରାମବାସୀମାନେ ଘର ଦୁଆର ଛାଡ଼ି ଯାଏ ପରିଡ଼ାଙ୍କ ଘରକୁ ଆସୁଥିଲେ । ରତ୍ନା ନିଜର ବ୍ୟବହାରରେ ସମସ୍ତଙ୍କୁ ପ୍ରୀତ କରିଥିଲା ।

ସୋମବାର ଦିନଟି ଅଟକି ଯିବାକୁ ସମସ୍ତେ ଅନୁରୋଧ କରୁଥିଲେ । ମଞ୍ଜିକା ଗଣି ନିୟମ ପକାଇ ରତ୍ନାକୁ ମନାଇ ପାରିଥିଲା । ଡ୍ରାଇଭରର ବା କି କରିବାର ଅଛି ? ଆଦେଶ ପାଳନ କରିବା ତା'ର କର୍ତ୍ତବ୍ୟ ।

ଆହ୍ଲାଦାନନ୍ଦ କାହାରି ଅନୁରୋଧ ଧ୍ୟାନ କଲା ନାହିଁ ।

ଯେତିକିକୁ ସେ ମନା କରିଦେଲା । ନିରୋଳାରେ ସେ ବୁଝାଇ କହିଲା, ତମ ପରି ବୁଦ୍ଧିମତୀ, କଥାର ମରମଟିକୁ ବୁଝିପାରୁ ନ ? ଗନ୍ଧର୍ବବାବୁଙ୍କର ଦେହ ବିଶେଷ

Digitized by srujanika@gmail.com

ଭଲ ନାହିଁ । ଝିଅର ଆଗ୍ରହ ଶୁଣି ନ ପାରି ମାଉସୀ ତାକୁ ମୋ' ସଙ୍ଗରେ ଆସିବାକୁ ଅନୁମତି ଦେଇଥିଲେ ।

ସେବତୀ ପଚାରିଲା, କଣ ହେଲା ? ଲେଖାରେ ତମେ ତା'ର ଭାଇଟି !

ହଁ, ଲେଖା ପୋଷା'ରେ ନିଶ୍ଚୟ ମୁଁ ତା'ର ଭାଇ, କିନ୍ତୁ ଦୁନିଆଁ ଜାଣେ ମୁଁ ତା'ର ବାପର ବେତନଭୋଗୀ କର୍ମଚାରୀ । କର୍ତ୍ତବ୍ୟରେ ହେଳାକଲେ ନିଜକୁ ମୁଁ ଦୋଷୀ କରିବି ! ନିଜର ବିବେକ ନିକଟରେ ମୁଁ କି କୈଫିୟତ ଦେଇ ପାରିବି ? ରତ୍ନା ଦାୟିତ୍ୱହୀନା ହୋଇପାରେ, ମୁଁ କିପରି ଦାୟିତ୍ୱହୀନ ହେବି କହ ? ରତ୍ନା ସ୍ୱାଧୀନ ଲୁହେ । ସେ ଭାବପ୍ରବଣ ହୋଇପାରେ, ତା' ବୋଲି ଆମେ କଣ ସେପରି ହେବା ? ସହରୀ ଝିଅ । ଗେହ୍ଲାରେ ଗେହ୍ଲାରେ ଆଳିଆଖିଆ ହୋଇ ଫୁଙ୍ଗୁଲା ସହରୀ ଜୀବନ ବିତାଇଛି । ଗାଁ-ଝିଅର ସଗୁଣ ଶିଖିନାହିଁ ।

ବାପ ମା'ଙ୍କ ସ୍ନେହରେ ଅନ୍ଧ । ତାଙ୍କ ଆଖିରେ ପିଲାଏ ତ ଦେବୁଦନେ ଛୁଆ । ଦେଖିଲେ, ଶିଖିଲେ, ଆଳିଅ ଜାଣିଥିଲେ ରତ୍ନା ଶିଖିଥାନ୍ତା । ତା'ର ନଙ୍ଗୁଳୀ ଖୋଇ ଓ ସ୍ୱେଚ୍ଛାମୁଖୀ ଢଙ୍ଗ ପାଇଁ ତାକୁ ଆଳିଟିବା କାହାର ପ୍ରୟୋଜନ ?

ତେଣୁ, ଖୁସି-ଆନନ୍ଦ ଯେତିକ ହେଲା ସେତିକରେ ରହୁ । ଯେତେ ଶୀଘ୍ର ସମ୍ଭବ, ହସ ଖୁସିରେ କାଲି ତାକୁ ବିଦାୟ କରିଦିଅ । ଆଉ ଦିନେ କେବେ ଗନ୍ଧର୍ବ ବାବୁଙ୍କର ଦେହ ଟିକିଏ ସୁସ୍ଥ ହୋଇଗଲେ ମାଉସୀଙ୍କ ସଙ୍ଗରେ ସେ ଆଉ କେବେ ଆସିବ ।

ଡ୍ରାଇଭର ବାଟ ଦେଖିଗଲା । ଆଉ କିଛି ଅସୁବିଧା ହେବ ନାହିଁ ।

ସେବତୀର ଓଠରେ ଶୁଖିଲା ହସ ଟିକିଏ ବିକଶି ଆସୁଣୁ ମଉଳି ଗଲା । ସେମାନଙ୍କର ଆଗମନ କାଳର ପ୍ରଥମ ଦୃଶ୍ୟର ଝଲକଟି ଆଖିରେ ଦିଶିଗଲା । ପାଖାପାଖି ହୋଇ ସେ ଦିହେଁ କଣ ଭାଇ ଓ ଭଉଣୀ ପରି ଦିଶୁଥିଲେ ? ଦେହ ଘଷାଘଷି । ଜଣଙ୍କର ହାତଟିଏ ଆରଜଣର ପଛପଟେ ଲମ୍ବି ଯାଇଛି । ଅସଜଡ଼ା ଆଲୁବାଲୁ କେଶୀ ଝିଅର ମଥାରେ ତ ପଟେ ନାହିଁ ।

ନ ଜାଣିଲା ଲୋକେ ସେହି ଦୁହିଁଙ୍କୁ କଣ ବୋଲି ମନେ କରିବେ ?

ସେବତୀର ଗ୍ରନ୍ଥିର ଦନ୍ତ ଦୋହଲିଲା । ଧଇର୍ଯ୍ୟ ଅଶିଲା । ତଥାପି, ସେ ତା'ର ସ୍ୱାମୀଙ୍କୁ ଆଉ କିଛି କହିଲା ନାହିଁ । ତା'ର ଦୁଇଆଖି ଲୁହ ଛଳଛଳ ହେଲା ।

ସେହି ଲୁହର ଅର୍ଥ ଆକୁଳାନନ୍ଦ ଠିକ୍ ବୁଝିପାରିଲା ନାହିଁ । ପାଖରେ ସେବତୀ ବ୍ୟତୀତ ଆଉ କେହି ତା'ର ଶୋଇଲା ଘରେ ନଥିଲେ ।

ଆକୁଳ କହିଲା, ମନ ଦୁଃଖ କରନା । ଥରଟିଏ ରତ୍ନାକୁ ଦେଖି ତମେ ତାକୁ ଏତେ ଭଲ ପାଇଛ ସେବତୀ ?

Digitized by srujanika@gmail.com

ମୁହଁରେ ସ୍ମିତ ହସ୍ତକଶାଇ ଲୁବ୍‌ଧଭରା ଆଖିରେ ସେବତୀ କହିଲା, କେମିତିକା ହିଅଟିଏ ସେ। କ୍ଷଣକେ ପରକୁ ଆପଣାର କରିନିଏ।

ଆନ୍ଦାନନ୍ଦ କହିଲା, ସତେ ? ଯଦି ତା'ର ସ୍ନେହରେ ସେତେ ଆନ୍ତରିକତା ଥିବ, ତମମାନଙ୍କୁ ଦେଖିବାକୁ ସେ ପୁଣି ମନ ବଳାଇବ। ବଳେ ସେ ତା'ର ବାପ ମା'ଙ୍କୁ ଜଣାଇବ। ସେମାନେ ତାକୁ ନେଇ ଆସିବେ, ଅବା ପୁଣି ମୋ' ସଙ୍ଗରେ ପଠାଇବେ।

ତମେ ତ ଜାଣ, ମୁଁ ତାଙ୍କର ଜଣେ ବେତନଭୋଗୀ କର୍ମଚାରୀ। ଆଦେଶ ପାଳନ କରିବା ମୋ'ର କର୍ତ୍ତବ୍ୟ। ମୁଁ ମନା କରି ପାରିବି ନାହିଁ। ଆମର ଦୁଇଟି କୁଟୁମ୍ବର ସମ୍ପର୍କ କେବଳ ବାଆକୁ ବଡ଼ା ପରି।

ତେଣୁ ସୋମବାର ଦିନ ସକାଳ ଓଳି ଆମର ଫେରିଯିବା ଉଚିତ। ରତ୍ନାକୁ ନେଇ ତା'ର ବୋଉଙ୍କ ପାଖରେ ପହଞ୍ଚାଇ ଦେଲେ ମୋର ଦାୟିତ୍ୱର ଅନ୍ତ ହେବ।

ସେବତୀ କହିଲା, ତମକୁ ମୁଁ ବଳାଇବି ନାହିଁ। ଦିନ ଗୋଟିକରେ କେବଳ ଆମ ସମସ୍ତଙ୍କୁ ନୁହେଁ, ଗାଁ'ଟିଯାକର ହିଅବୋହୂଙ୍କୁ ସେ ଆପଣାର କରି ନେଇଛୁ। ମାଉସୀଙ୍କୁ ଏକଥା ନିଶ୍ଚେ କହିଦେବ।

ତମେ ଏଇ ଖବର ପଠାଇଛ ବୋଲି ବି କହିଦେବ।

—ଚାରି—

ରତ୍ନା ମୁହଁରୁ ସବୁକଥା ଶୁଣି ମୋହିମାଳା ଓ ଗନ୍ଧର୍ବ ଖୁସି ହେଲେ। ଗନ୍ଧର୍ବ କହିଲେ, ବଡ଼ ସହରର ଅଣନିଶ୍ୱାସିଆ ଜୀବନ ଅପେକ୍ଷା ମୋଫସଲର ସୁନ୍ଦର ପ୍ରାକୃତିକ ପରିବେଶରେ ଖୋଲା-ଜୀବନ ବେଶ୍ ଭଲ ଲାଗେ।

ହଁ ବାପା ! ଏ ସହରରେ ପାଟିତୁଣ୍ଡ, ଯନ୍ତ୍ରଚଳା ଓ ଯାନବାହନର ଶବ୍ଦ ସଙ୍ଗେ ଆଉ କେତେ ଜାତିର ଶବ୍ଦ ମିଶି ମନ ଅଶାନ୍ତ କରିପକାଏ।

ଆଉ ଗୋଟିଏ ଦିନ ରହିବାକୁ ମୁଁ ଆନୁଜଙ୍କୁ ଯେତେ ଅନୁରୋଧ କଲି ସେ ମାନିଲେ ନାହିଁ। ମାଉସୀ, ଭାଉଜ, ମଣ୍ଟିଅପା ବି ମୋ' ପାଇଁ ତାଙ୍କୁ କହିଲେ। ସେ ମୁଣ୍ଡ ହଲାଇ ଦେଲେ। କ'ଣ ନା, ତମ ଦେହ ଭଲନାହିଁ, କାମ ଅଚଳ ହେବ।

ହିଅର ପିଠି ଆଉଁସି ଗନ୍ଧର୍ବ କହିଲେ, ସେ ସତ କହିଲା ମା ! ମୋର ଦେହ ଏବେ ବିଶେଷ ଭଲନାହିଁ। ନଥା ନୂଆ ଗୁଡ଼ିଏ ବେପାର ଖୋଲାଗଲା। ଅଟାକଲର ଦାୟିତ୍ୱରେ ଯିଏ ଅଛନ୍ତି ସେ ବିଶ୍ୱାସୀ ଲୋକ। ତଥାପି ତାଙ୍କ କାମ ଅସ୍ଥନକ୍ ତନଖି କରିବା ଲୋଡ଼ା। ବଡ଼ ଝଞ୍ଜଟିଆ କାମ ଯେ ...

Digitized by srujanika@gmail.com

ତାଙ୍କୁ ସାହାଯ୍ୟ କରି କଳ ଚଳାଇବାକୁ ମୂଳିଆ ଅଛନ୍ତି । ସେ କ'ମ ସହଜ ନୁହେଁ ମା, ଦାୟିତ୍ୱ ଅଧିକ । ମାଲ୍ ଅଦଳ ବଦଳ ଯେପରି ନ ହୁଏ ସେଥିକୁ ସାବଧାନ; ମାଲ ଓଜନ କରି ରଖିବା, ପୁଣି ଚୂନାକରି ଓଜନ କରି ଦେବାରେ ଅସାବଧାନ ହେଲେ ସତ୍ୟାନାଶ ।

ଆକୁଳାନନ୍ଦର ଚଣ୍ଡାପରିଚ, ଜୀବନାନନ୍ଦବାବୁଙ୍କ ନିଯୁକ୍ତ ଦେଇ ସେହି କାମରେ ରଖାଯାଇଛି । ସେ ଟିକିଏ ନେସମା ଲୋକ । ତେବେ ସେ ତାଙ୍କର ଦାୟିତ୍ୱ ଠିକ୍ ତୁଲାଉଛନ୍ତି । ସେ ଅଧିକ ବୋଝ ସମ୍ଭାଳି ପାରିବେ ନାହିଁ । ବିଶ୍ୱାସୀ ଲୋକ ।

ଥିଲା ଘରର ପରମାର୍ଥିଆ ପୁଅ । ପ୍ରତିଦିନ ମଠକୁ ନ ଗଲେ ତାଙ୍କର ନ ଚଳେ । ଚଡା-ଚଇତଣିଆ ତ, ନିତି ମଠକୁ ଯାଇ ସଂକୀର୍ତ୍ତନ କରନ୍ତି ସନ୍ଧ୍ୟାରେ । ସେଇଠି ପ୍ରସାଦ ସେବନ କରନ୍ତି । ଦ'ପହରେ ମଧ୍ୟ ମିଲ୍ ବନ୍ଦ ହେଲେ ସେଇଆ କରନ୍ତି ।

ତାଙ୍କଠାରୁ ଅଧିକ ସାହାଯ୍ୟ ଆଶା କରିବା ବୃଥା । ଆକୁଳାନନ୍ଦ କହୁଥିଲା, ସେ ତାଙ୍କର ସଙ୍ଗରେ ପଢ଼ୁଥିଲେ । ବାରମ୍ବାର ପରୀକ୍ଷାରେ ଫେଲ ହୋଇ ପାଠ ଛାଡ଼ିଲେ । ତେଲିଆ ଗୁଡ଼ିକର ଖଣ୍ଡିଏ ସରକାର ଘରେ ପାଇବେ ବୋଲି ବହୁଧନ ବ୍ୟୟକରି ଚେଷ୍ଟା କରିଛନ୍ତି । ହଁ ମା', କୁଆଡ଼େ କେତେ ଗଧଙ୍କ ପାଦ ଧରିଛନ୍ତି ।

ହେଲାନାହିଁ ମା, ଆଉ କଣ କରନ୍ତେ ? ଶେଷକୁ ଆମଘରେ ଗୁଡ଼ିକର ।

ଧନୀଘର ପୁଅ ସେ ଜୀବନାନନ୍ଦବାବୁ । ତାଙ୍କ ବାପା ଲେଖୁଛନ୍ତି, ଗୁଡ଼ିକର ଗୁଡ଼ ଗୁଲିଆ । ଘରକାମ ଦେଖ । ବିଲବାଡ଼ି ଖବର ବୁଝ । ମତେ ସେ ଦିନେ କହୁଥିଲେ, ବାପାଙ୍କୁ ଲେଖିଦେଲି—ଆପଣମାନେ ବୁଝୁଛନ୍ତି, ମୁଁ ଅଧିକା କଣ କରିବ !

ମୁଁ କହିଲି ସେଇଆ କର ଜୀବନାନନ୍ଦବାବୁ । ମୋ' କାମ କରିବାକୁ ଲୋକ ମିଳିବେ । ଆପଣଙ୍କୁ ଗୁରିଶ ଟଙ୍କା ଦରମା ଦେଉଛୁ । ସେତିକ ଟଙ୍କାରେ କାମ କରିବାକୁ ବହୁତ ପାଠୁଆ ଲୋକ ଆସି ଧରାପରା ହେବେ ।

ଜୀବନାନନ୍ଦବାବୁ କହିଲେ, ମୁଁ ଦରମା ବଢ଼ାଇବା କଥା କହୁନାହିଁ । ମୁଁ ବାପାଙ୍କୁ ଲେଖିଦେଲି ଆଜ୍ଞା,—'ଆପଣମାନେ ତ ଘରକାମ ଓ ଜମିବାଡ଼ି କାମ କଥା ବୁଝୁଛନ୍ତି, ମୁଁ ଯାଇ କଣ କରିବ ?

ପୁଣି ଲେଖିଲି ଆଜ୍ଞା, ମୋ' ପଢ଼ାପଢ଼ି ପାଇଁ ବହୁତ ଟଙ୍କା ଖରଚ କରିଛନ୍ତି । ବାରମ୍ବାର ଫେଲ ହେଲି । ଗୁଡ଼ିକର ଖଣ୍ଡେ ପାଇବା ପାଇଁ କେତେ ଠାକୁରଙ୍କୁ ପୂଜା କରିବାରେ ଅର୍ଥ ଖର୍ଚ୍ଚ ହୋଇଛି । ସମସ୍ତେ ମୁହଁ ପୋଛି ଦେଲେ, ସାହୁଡ଼ି ସେତକ ନ କରିଥିଲେ ଟଙ୍କା ବଞ୍ଚିଥାନ୍ତା ।

Digitized by srujanika@gmail.com

ପୁଣି ସେ ମତେ କହିଲେ, ବାପାଙ୍କୁ ଜଣାଇ ଦେଲି - ମାସକୁ ଉନିଶ କରି ଟଙ୍କା ଆପଣଙ୍କ ପାଖକୁ ପଠାଉଛି । ମଠର ମହନ୍ତ-ମହାରାଜଙ୍କ ପାଦତଳେ ଥୋଇ ଦେଉଛି ପଚିଶ ଓ ସାଷ୍ଟାଙ୍ଗ ପ୍ରଣିପାତ । ପ୍ରତି ସନ୍ଧ୍ୟାରେ ସଂକୀର୍ତ୍ତନରେ ଯୋଗ ଦେଉଛନ୍ତି ।

ଗନ୍ଧର୍ବ କହିଲେ, ଆରେ ଝିଅ, ଟୋକାଟି ବେଶ୍ ସରଳ ଓ ସଚ୍ଚୋଟ । ଅତି ସାଧାସିଧା । ଘରେ ତାଙ୍କର ସ୍ତ୍ରୀ ଓ ଛୋଟ ଝିଅଟିଏ ବି ଅଛନ୍ତି । କେବେ ସେ ଯିବାକୁ ମନ କରେ ନାହିଁ ।

'ତାଙ୍କ ଦାୟିତ୍ୱରେ ଅନ୍ୟ କେଉଁ କାମ ଗୁଡ଼ିକ ଦିଆଯାଇ ପାରନ୍ତା । ସେଇଆ କରୁନା ବାପା ? ଆପଣଙ୍କୁ ବେଳ ମିଳନ୍ତା । ସେ ଆପଣଙ୍କୁ ଅଧିକ ସାହାଯ୍ୟ କରି ପାରନ୍ତେ ? ଆପଣ ତ ଦିନୁଦିନ ବେଶି ଦୁର୍ବଳ ହେଉଛନ୍ତି ?'

ଗନ୍ଧର୍ବ କହିଲେ, 'ଏସବୁ ବିଷୟରେ ତୁ ମୁଣ୍ଡ ଖେଳାନା ମା ! ମୁଁ ବେଶ୍ ଭଲ ଅଛି । ଶଙ୍ଖାଳର ଶେଷପରୀକ୍ଷା ସରିଲାଣି । ଖୁବ୍ ଭଲ କରିଛି । ଫଳ ବାହାରିବାଯାଏ ସେଠାରେ ଅନର୍ଥକ ନ ରହି ସେ ଘରକୁ ଫେରିଆସୁ । ଏସବୁ କାରବାରର ଦାୟିତ୍ୱ ନେବ ବୋଲି ମୁଁ ତା'କୁ ବୁଝାଇ ଲେଖିଦେଇଛି ।

'ସେ ଆସିବ । ସବୁ ଦାୟିତ୍ୱ ମୋ'ଠାରୁ ନେବ । ତେଣିକି ସେ ଯାହା ଖୁସି ସେଇଆ କରିବ । ମୁଁ ତାକୁ ବତାଇ ମଣାଇଁ ଦେବ —ଲୋକଙ୍କୁ ଚହଲାଇ ଦେବ । ତା'କୁ ଖାଲି ମୋ' ପାଠ କିଛି ଶିଖାଇ ଦେବ । ସେସବୁ ବହିରେ ଲେଖାନାହିଁ ।

ରତ୍ନା ପଚାରିଲା, 'ଏମିତି କି ପାଠ ସେ, ଖାଲି ମନରେ ଲେଖା' ?

— 'ଗହନ ବିଦ୍ୟା ମା ! ମନରେ ଥାଏ, ତୁଣ୍ଡରୁ ବାହାରେ । ଶୁଣ୍—

ଗୋଡ଼ାଇଥିବ, ଧରିବ ନାହିଁ,
ଉଡ଼ାଇଥିବ, ମାରିବ ନାହିଁ ।

ଶଙ୍ଖାଳ ଫେରିଲେ, ଏ ମନ୍ତ୍ରକୁ ଶିକ୍ଷିତ, ଅବୋଧ ଓ ଠାପୁଆ ଲୋକଙ୍କ ପ୍ରତି ସେମିତି ବ୍ୟବହାର କରିବ, ତେବେ ଯାଇଁ ହେବ ଜଗତ-ଜିତା ।

ରତ୍ନା ହସିଥିଲା । ମନରେ ତନ୍ମୟ ଭାବନା ତୁଣ୍ଡରେ ପ୍ରକାଶ କରି ନଥିଲା । କେମିତି ସେ କହିପାରନ୍ତା ! ବାପା, ଶଙ୍ଖାଳଭାଇର ମନ ଗଗନରେ ସେଠାକାର ଚଲଣି ମନପବନରେ ଉଡ଼ିଲାଣି । ସେ କାହିଁକି କାହାର ଧରି ଘଡ଼ା ଭରିବ ? ଏଠାକାର ସବୁ ତା'କୁ ଏଣିକି 'ଇସ୍' ଲାଗିବ ।

'ସେ ଯେଉଁ ଚିଠି ଲେଖିଛି, ପଢ଼ିଛ ? ତା' ସଙ୍ଗରେ ସେ ଯେଉଁ ଅଧ-ଲଙ୍ଗୁଳିଆ ସିଆଡ଼ର ଫେସନରେ ପିନ୍ଧିଥିବା ପୋଷାକର ଝିଅଟିର ଛୋଟ ଫଟୋଟିଏ, ଭୁଲ୍‌ରେ ହେବ ପଠାଇଛି, ତା'କୁ ଦେଖିଛ ?

Digitized by srujanika@gmail.com

'ଦେଖି ନ ଥିବ ବାପା, ବୋଉ ତା'କୁ ଲୁଗୁଇ ଦେଇଛୁ । ପଗ୍ଭରିଲାରୁ କହିଲି, ସିଏ ଆମ ଶଙ୍ଖାଳିର ସାଙ୍ଗର ଭଉଣୀ । କଲେଜରେ ପଢ଼େ । ସେମାନେ ଅତି ଧନୀଲୋକ । ତା' ବାପା ଜଣେ ବଡ଼ ଇଞ୍ଜିନିୟର ଥିଲେ । ପେନ୍‌ସନ ନେଇ ଘରେ ଅଛନ୍ତି । ବେପାର କରନ୍ତି ।'

'ଆମ ଶଙ୍ଖାଳି ତାଙ୍କରି ଘରେ ରହି ପାଠ ପଢ଼େ । ତ' ସାଙ୍ଗ ଏକାଠି ପଢ଼ନ୍ତି । ଖାଇବା ଓ ରହିବା ଖର୍ଚ୍ଚ ବାବଦ ଶଙ୍ଖାଳି ଗୃହକର୍ତ୍ତାଙ୍କୁ ଟଙ୍କା ଦିଏ । ସେ ନିଶ୍ଚିନ୍ତରେ ରହି ପଢ଼ାପଢ଼ି କରେ ।'

'ବାପା, ସେ ଝିଅଟିର ନାମ ବାଣୀ ରେଡ଼ାଭ୍ରୀ । ଗ୍ରୁପ ଫଟୋଟିର ତଳେ ସେହି ନାମଟି ଲେଖା ହୋଇଥିଲା ?'

ଗନ୍ଧର୍ବ ମୁଣ୍ଡ ଟେକି ହସି ଟିକିଏ ଗମ୍ଭୀର ରହି କ'ଣ ବିଗ୍ଭରିଥିଲେ । ସେଇଠୁ ଝିଅର ମୁଣ୍ଡ ଆଉଁସି କହିଥିଲେ, ଶଙ୍ଖାଳି ଚଳିଯିବ ମା' । ପରଘରେ ରହିଲେ ସେଘରର ସମସ୍ତଙ୍କ ସ୍ନେହ ଭକ୍ତିରେ ଆପଣାର କରିବାକୁ ହୁଏ ।

'କଥିତ ଅଛି ପରା ମା—'ସେବା କାର୍ପଣ୍ୟ ଦେବ ଫଳେ, କିବା ଅସାଧ୍ୟ ମହୀତଳେ ।' ଶଙ୍ଖାଳି ଆମର ବୁଦ୍ଧିଆର ପିଲା । ପାଠ ତ ସରିଲା, ଏବେ ସେ ଶୀଘ୍ର ଫେରି ଆସିବ । ମୋ'ଠାରୁ କାମର ଦାୟିତ୍ୱ ବୁଝିନେବ । ମୁଁ ନିଶ୍ଚିନ୍ତ ହେବି ।'

ରତ୍ନାର ମନରେ ଯାହା ଖେଳୁଥିଲା ସେ ପ୍ରକାଶ କଲାନାହିଁ । କାମ ସିଏ ସେମିତି ଚଳାଉଛି, ଚଳୁଥାଉ । ସବୁ କଥାକୁ ଅକ୍ଳାନ୍ତ ପରିଶ୍ରମୀ, ଚଉଅଖିଆ, ବିଶ୍ୱାସୀ ଆକଳିଛନ୍ତି ଅଛନ୍ତି । ପରମାର୍ଥୀ ଆ, ପରିଶ୍ରମୀ ଜୀବନାନନ୍ଦଙ୍କ କାମ ଖବର ସେ ବଳେ ବୁଝିବେ ।

× × ×

ସେହି ଜୀବନାନନ୍ଦ ସମ୍ବନ୍ଧରେ କଥା ପଡ଼ିଥିଲା ।

ନିଜେ ଗନ୍ଧର୍ବବାବୁ କହିଲେ, 'ବୁଝିଲ ନା ମୋତିମାଳା, ସେ ଜୀବନବାବୁ ଜଣେ ବିଚିତ୍ର ଲୋକ । ସମସ୍ତଙ୍କୁ ଆଜ୍ଞା ଆପଣ କରନ୍ତି । ନିଜ କାମ ଛଡ଼ା ଅନ୍ୟ କିଛି ଜାଣନ୍ତି ନାହିଁ । ଜାଣିବାକୁ ଗ୍ଭହାନ୍ତି ନାହିଁ ।'

'ଶୁଣିଲ, ସେ ଗ୍ଭହା କଫି କେବେ ପିଅନ୍ତି ନାହିଁ । ଅନ୍ୟ ଗିଲାସରେ ପାଣି ବି ପିଅନ୍ତି ନାହିଁ । କାଳେ କେଉଁ ଆଇଁଷ-ପାଟିଆ କେବେ ସେଥିରେ ମୁହଁଲଗାଇ ପଟା ପାଣି କି ଅଉକଣ ପିଇଥିବ, କାଳେ ଅପ୍ରତିଷ୍ଠା ହେବ ।'

'ଜାଣିଛ, ଆମ ହାତର ବି ସେ ସର୍ଗ ଛୁଇଁବେ ନାହିଁ । ଅବାଗିଆ ମଣିଷ । କିନ୍ତୁ ସେ ଯାହା ହୁଅନ୍ତୁ, ସେ ସଚ୍ଚୋଟ ଲୋକ । ପରିଶ୍ରମୀ ଓ ନିର୍ଭରଶୀଳ । ଆମରିତ ସେତିକି ଲୋଡ଼ା । ସେ ତାଙ୍କର କାମ ଠିକ୍ ତୁଲାଉଛନ୍ତି । ଅଧିକ ଦାୟିତ୍ୱ ନ ନିଅନ୍ତୁ ।'

Digitized by srujanika@gmail.com

‘ଶଙ୍ଖାଳିର ପାଠ ସରିଛି । ସମ୍ମାନର ସହ ପାସ୍ କରି ମନଖୁସିରେ କୁଆଡ଼େ-ସବୁ ବୁଲାବୁଲି କରିବାକୁ ବିଭିନ୍ନ ସ୍ଥାନ ବନ୍ଧୁମାନଙ୍କ ସଙ୍ଗରେ ଦେଖିବାକୁ ଯିବ । ତା ସାଙ୍ଗ ବିଜୟ ଓ ତା’ର ଭଉଣୀ ବାଣୀ ବି ଯିବେ । ଆଉ ଅନ୍ୟ ଝିଅ ବି ଯାଉଥିବେ ଯେ…

‘ଯାଉନ୍ତୁ । କ’ଣ ବୁଝିଲନା ମୋତିମାଳା, ପାଠ ସରିଛି । ଫୁର୍ତ୍ତି ଆନନ୍ଦ କରିବାର ଏଇ ହେଉଛି ଠିକଣା ବେଳ । ସେଇଠୁ ବେକରେ ଜୁଆଳି ପଡ଼ିଲେ କଥା ସରିଲା । ଅଚଳ ହେବାଯାଏ, ନାକ ତଳେ ଘୁମୁରିବାଯାଏ ତେଣିକି ଟାଣୁଥା ଶଗଡ଼, ବୋଝ ବୋହୁଥା । ଆଉ ରିହାତି ନ ମିଳେ ।’

ମୋତିମାଳା ମୁହଁ ନେଂଫଡ଼ ଦେଲେ । ଝିଅର ଉପସ୍ଥିତିରେ ମୁହଁଖୋଲି ଗନ୍ଧର୍ବଙ୍କ କଥାର ପ୍ରତିବାଦ କଲେ ନାହିଁ । ଅବଶ୍ୟ ଦୋମହଲାର ଶୋଇବା ଘରେ ତାଙ୍କ ଆଗରେ କେବଳ ତାଙ୍କର ଗେରସ୍ତ ବସି ଗପ କରୁଥିଲେ । ରତ୍ନା ତା’ର ପଢ଼ାଘରେ କ’ଣ ବହି ପଢ଼ୁଥିଲା ।

ତାଙ୍କ ମନ ଭିତରେ ଫୁଲସ୍ତ୍ରଗ ମାରୁଥିବା ଭୟମିଶା ଭାବନାକୁ ପ୍ରକାଶ ନ କରିବାଯାଏ ସେ ଅସ୍ଥିର ହେଉଥିଲେ । ପ୍ରକାଶ କଲେ, ତାଙ୍କର ମନରେ ଛଟପଟ ହେଉଥିବା ସନ୍ଦେହ ପଦାରେ ପଡ଼ିଲେ, ତା’ର ପ୍ରତିକ୍ରିୟା କ’ଣ ହେବ ସେ ଜାଣନ୍ତି ନାହିଁ । ତଥାପି ସେ କହିଲେ, ତମେ ସେ ଝିଅଟିର ଫଟୋ ଦିନଥର ଦେଖିଛ । ରତ୍ନା ସେଗୁଡ଼ିକ ନିଜେ ସାଇତି ରଖିଛି ।

ଗନ୍ଧର୍ବ କହିଲେ, ‘ରତ୍ନା ତ ଅନେକ ଫଟୋ ରଖିଛି । କେତେଥର ମତେ ଖୁସିହୋଇ ଦେଖାଇଛି । ଜଣ ଜଣ କରି ଚିହ୍ନାଇଛି । ସମସ୍ତଙ୍କ ସମ୍ବନ୍ଧରେ କିଛି କିଛି କହିଛି । ମୋ’ର କ’ଣ ମନେଅଛି, ନା ରହିବ ? ସେ ଏତେବଡ଼ ଝିଅ ହେଲଣି । ତେବେ ବି ତା’ର ପିଲାଳିଆ ଢଙ୍ଗ ଘୁଞ୍ଚିନାହିଁ ।’

ମୋତିମାଳା କହିଲେ, ଯେତେ ବଡ଼ ହେଲେ ବି ବାପ ମା’ଙ୍କ ପାଖରେ ସବୁ ପୁଅଝିଅ ସବୁଦିନେ ପିଲା । ତେବେ, ସଂସାର କରିବାର ବୟସ ହେଲେ ସେମାନଙ୍କୁ ସଂସାରୀ କରିଦେବା ଭଲ । ନୋହିଲେ, ସେମାନଙ୍କର ମନ ଚଞ୍ଚଳ ହେବ, ଅରମାକୁ ଧାଇଁବ ।

ଗନ୍ଧର୍ବ ପଚାରିଲେ, ‘କାହିଁକି, କ’ଣ ହେଲାକି ? କ’ଣ ତମେ ଭାବୁଛ ?’

ମୋତିମାଳା କହିଲେ, ‘ଏବେ ଝିଅପାଇଁ ଜୋଇଁଟିଏ ଖୋଜ । ଯାହାକୁ ଜୋଇଁ କରିବ ବୋଲି ପିଲାଦିନୁ ପାଳି, ବଢ଼ାଇ, ପଢ଼ାଇ, ପୁଅଠୁ ବଳି ସ୍ନେହ କରିଥିଲ, ସେହି ପୁଅ ଶଙ୍ଖାଳି ଆମର ମଣିଷ ହେଲାରୁ ଏବେ ହାତରୁ ଖସିଗଲା ପରି ଲାଗୁଛି ।’

Digitized by srujanika@gmail.com

'ଏସବୁ ତୁମେ କ'ଣ କହୁଛ ? ରିଙ୍ଖାଳ ତମର ପୁଅ ମୋହମାଳା । ରତ୍ନା ମୋ'ର ଝିଅ ! ଏ ଘରବାଡ଼ି, ରିକ୍‌ସା କାରବାର, ଟ୍ରକ୍, କାର୍, କଳ-କାରଖାନା, ମିଲ୍ ଫିଲ୍‌ର ଅଧିକାରିଣୀ ତ ତମେ । କଥା ରହୁଛି—ସ୍ତ୍ରୀ ସ୍ୱର୍ଗ୍ୟ ନେଇ ଧନ-ସମ୍ପତ୍ତି । ମୁଁ ତମର ସଂସାର ପରିଚାଳକ ।

'ହଁ, ହଁ, ଯାହା କହିଲ ଠିକ୍ । ପରିଚାଳକ ବୋଇଲେ ମ୍ୟାନେଜର । ମୋର ଖାଲି ଗୋଟିଏ ସର୍ତ୍ତ । ସେତକ ତୁମେ ମାନିନେଇଛ ।'

'କ'ଣ ତମର ସର୍ତ୍ତ ଯାହା ମୁଁ ମାନିନେଇଛି ? ଭୁଲି ଗଲଣି ।'

ଗନ୍ଧବ କହିଲେ, 'ଯାହାକୁ ତମେ ଜନ୍ମ ଦେଇଥିଲ ସେହି ମୋର ଝିଅକୁ, ଯାହାକୁ ତମେ ଜନ୍ମ ନ ଦେଇ ପାଳି, ବଢ଼ାଇ, ପଢ଼ାଇଛ, ତା' ସଙ୍ଗେ ବାହା କରିଦିଅ । ଦୁହେଁ ସୁଖୀ ହେବେ । ଆମେ ବି ଖୁସି ହେବା । ଏହି ସମ୍ପତ୍ତିକୁ ରକ୍ତ ଢ଼ାଳି ବଢ଼ାଇଛୁ । ବଞ୍ଚି ରହିବ । କେତେ କୁଟୁମ୍ବ ପୋଷି ହେବେ । ଧର୍ମହେବ ଗୋ ।'

ନିଜର ରହସ୍ୟଭରା ପ୍ରସ୍ତାବରେ ରୁଗ୍‌ଣ ଗନ୍ଧବ ନିଜେ ଆମୋଦିତ ହୋଇ ହସିଲେ ।

ମୋହମାଳା ହସିବାକୁ ହେବ ବୋଲି ହସି କହିଲେ, ମୁଁ ସେଥିକି ରାଜି ଯେ ମୋର ମନେ ହେଉଛି, ମୋ ପୁଅଟି କାଉବସାରେ କୋଇଲି ଛୁଆଟିଏ ବୋଲି ନିଜକୁ ଜାଣିଲଣି । କେବଳ ସେ ଖଣ୍ଡି ଉଡ଼ା ଦେଲଣି । ସଂସାରକୁ ଚିହ୍ନିଲଣି । ଏବେ ଖାଲି ଆଉଛି, ଖାଉଛି । ଚାରିଆଡ଼କୁ ଚାହିଁ ଦୁନିଆଁକୁ କଳନା କରୁଛି ।

'ହେଲେ କେବେ ସେ ଉଡ଼ିଯିବ ଗୋ ! ତମର ସବୁ ଖାଇପିଇ ମଣିଷ ହୋଇ ଚଢ଼ା କାଟିଦେବ ! ଏଇ ଡର ମୋ' ମନରେ କେବେଠାରୁ ପଶିଲଣି ।'

ଗନ୍ଧବ ହସିଲେ । ପଚାରିଲେ, 'ଏପରି ଅସମ୍ଭବ ଧାରଣା କାହିଁକି ତମର ମନରେ ପଶିଲା ମୋହମାଳା ? ଏତେ ଶାନ୍ତ, ଶିଷ୍ଟ, ଭଦ୍ର ଓ କୁହାର-ବୋଲର, ସ୍ନେହୀ ପୁଅ ପ୍ରତି ଏପରି ଅନ୍ଦର ଦାରୁଣ ଧାରଣା ମନରେ ପୂରାଇ ତମେ ଅନ୍ୟାୟ କରୁଛ ।'

ମୋହମାଳା ଆଖିରୁ ଲୁହ ପୋଛିଲେ । ନିଜର ଭୁଲ ସେ ବୁଝିଲେ । ସତ କଥା । ତାହାଙ୍କ ସେ ଏତେ ସ୍ୱାର୍ଥପର ହେବେ ? ରତ୍ନା ଜନ୍ମହେବା ଆଗରୁ ରିଙ୍ଖାଳକୁ ସେ ପୁଅ କରିଛନ୍ତି । ତାଙ୍କର ସ୍ୱର୍ଗବାସିନୀ ଶାଶୁଙ୍କର ସେ ଦାନ କହୁଥିଲେ ଚଳେ । ସ୍ୱାମୀଙ୍କର କରୁଣାର ଚଳନ୍ତ ମୂର୍ତ୍ତି । ସେ ନିଜେ ତା'ର କେତେ ସେବା କରିଛନ୍ତି । ଯତ୍ନ ନେଇଛନ୍ତି....

ରତ୍ନାକୁ ସେ ତା'ର ଭଉଣୀ ବୋଲି ବରାବର ସ୍ନେହ କରିଛି । ବଡ଼ ହେଲାରୁ ରତ୍ନାକୁ ମାରିଛି । ତା'ଠାରୁ କଟା ସମ୍ପା ଶୁଣିଛି । ଆମ୍ବୁଡ଼ା ଚିମୁଟା ଖାଇଛି । ଘଣ୍ଟାକ ପରେ ଆପେ ଆପେ ମିଳାମିଶା, ଅନୁତାପ ଓ ଦୁଃଖ ।

Digitized by srujanika@gmail.com

ମୋତିମାଳା ପୁଣି ଭାବିବାକୁ ଲାଗିଲେ, 'କାହାର ସଙ୍ଗେ କାହାର ରକ୍ତ ଓ ଗୋତ୍ରର ସମତା ନାହିଁ ବୋଲି ଦୁହିଙ୍କୁ ଗୋଟିଏ ଡୋରରେ ବାନ୍ଧିବାର ପ୍ରସ୍ତାବ ମନରେ ପଶିଲା । ହେଲେ ଖୁସି, ନ ହେଲେ ଦୁଃଖ ନାହିଁ ।

ପୁଅ ପାଇଁ ବୋହୂ ହେବାକୁ ସୁନ୍ଦରିଆ ଝିଅଟିଏ ଅବଶ୍ୟ ଲୋଡ଼ା । ସେ ବାଣୀ ଖେତ୍ରୀ-ବାହ୍ମଣୀ ହେଉ କି ଆଉ ଯିଏ ହେଉ । ପୁଅର ମନ ମାନିଛି । ଆମ୍ଭ କାହାର କ'ଣ ନାହିଁରୁ ମିଳିବ କ'ଣ ?

ମୋତିମାଳା କହିଲେ, ଶଶାଙ୍କ ତା'ର ସେଉଁ ସାଙ୍ଗ ବଜୟର ଘର ସଙ୍ଗେ ଏତେ ବେଶୀ ଘନିଷ୍ଠ, ଗ୍ରାମବାସରେ ନ ରହି ଯାହାଙ୍କ ଘରେ ସେ ପୁଅ ପରି ଥାଇ ପାଠ ପଢ଼ିଲା, ଅବଶ୍ୟ ତା'ର ରହଣି ପାଇଁ ସେ ଖର୍ଚ୍ଚ ଦେଇଛୁ, ତମେ ତ ଯୋଗାଇଛ, ମୁଁ ଅଧିକ କହିବି କ'ଣ ? ସେହି ଘରର ମାଲିକ, ସେ ତ କେତେ ବଡ଼ ଇଂଜିନିୟର ଥିଲେ । ଚାକିରୁ ଅବସର ନେଇଛନ୍ତି । ତାଙ୍କର ପୁଅ ତଳେ ସୁନାପିତୁଳା କି ଶଙ୍ଖ କନ୍ୟେଇ ଗେଣ୍ଡେଇ ଝିଅ ସେ ବାଣୀ····

ଆମ ପୁଅ ଶଶାଙ୍କ ନିଶ୍ଚେ ତାକୁ ଭଲ ପାଇଛି । ଏବକାଳିଆ ବେଶିପାଠୁଆ ଅଭିଆଡ଼ା ପୁଅ ଝିଅ ତ, କିଏ ବାରଣ କରିପାରିବ ? କିଏ ଆକଟିବ ? ସେଇ ଝିଅଟିର ଫଟୋ ଶଶାଙ୍କ ଜାଣି ଜାଣି ଘରଥର ପଠାଇଛି କୁଆଡ଼େ ରତନା ପାଇଁ ।

ସେ ଆମ ପାଇଁ ପଠାଏ ମ ! ଠାରି ଭାଷାରେ ଜଣାଇଁ ଦିଏ—ବୋଉ-ବାପାଙ୍କୁ ବି କହିଦେବ ଏଇ ହେବ ତମର ବୋହୂ ! ସେ ତମର ସେବା କରିବ ନାହିଁ ଯେ ତମେ ତା'ର ସେବାକାରୀ ଖଟଣିଆ ହେବ । ଆଜ୍ଞାକୁ ଅବଧାନ, ବୁଝିଲ ?

କହୁ କହୁ ମୋତିମାଳାଙ୍କର କଣ୍ଠ ରୁଦ୍ଧ ହୋଇ ଆସିଲା ।

× × ×

ଘନେ ଏପରି ହେଉଥିବ ସ୍ନେହ ପରବଶ ହୋଇ ଭୁଗ୍ୟ ଗନ୍ଧର୍ବ ମୋତି-ମାଳାଙ୍କର ଫୁରୁଫୁରୁ କେଶକୁ ହାତରେ ସଜାଡ଼ି, ଗ୍ରୀଷ୍ଠ ପିଲାଟି ପରି ମଣି ତାଙ୍କର ପିଠି ଥାପିଲା କହିଲେ, ସେ ଝିଅଟି ଯିଏ ହେଉ, ତମର ପୁଅର ଶରଧା ବଳିଛି ତ ତାକୁ କୋଳ କରିବ, ତାକୁ ଗେଲ କରିବ । ସେଇ ହେବ ଆମର ବୋହୂ । ଗେଲ୍ହା ବୋହୂ ।

ମୋତିମାଳା ଆଉ କିଛି ନ କହି ମୁହଁ ମୋଡ଼ି ଦେଲେ । ତୁଣ୍ଡ ସିନା ଖୋଲିଲେ ନାହିଁ, ମନ କହିଲା—ଆସୁ ସେ ବୋହୂ । ତମ ଘର, ବେପାର, କାରବାର, ବୋଉର ଦେଖି, ଚଳନ ପରଖି ନାକ ଟେକିବ । ଦିନ ସାତଟାରେ ନିଜେ ବାନ୍ତ ହୋଇ ପଡ଼ିବ ।

Digitized by srujanika@gmail.com

ତା'ର ତ ଅଇ ଉଠେଇବ । ଦିନ ସାତୋଟି ନ ପୂରୁଣୁ ବ୍ୟତିବ୍ୟସ୍ତ ହୋଇ ନାକ ଟେକି, ପଥ ସୁମରି ପିତାଘର ଯିବ ଯେ ଆଉ ଅଯୋଧ୍ୟା ମନେ ନ କରିବ ।

ମନରେ ଆଉଟି ହେଉଥିବା ଏହି ଭୟଙ୍କର ଭାବନାକୁ ତୁଣ୍ଡରେ ପ୍ରକାଶ ନ କରି ସେ ଦୀର୍ଘଶ୍ୱାସ ଛାଡ଼ିଲେ । ଖାଲି ଏତିକି କହିଲେ, କିଛି ମନେ କରିବ ନାହିଁ, ମୁଁ ମୋ' ମନରେ ଆଉଟି ହେଉଥିବା କଥା ତମ ଆଗରେ ପ୍ରକାଶ କରିବାକୁ ଚାହୁଁଛି । ତମେ କାଳେ କ'ଣ ମନେକରିବ ବୋଲି ମନର କଥା ଜିଭପାଖକୁ ଆସି ପୁଣି ଫେରି ଯାଉଛି ।

ଗନ୍ଧର୍ବ କହିଲେ, ଏପରି ଅଭିମାନିଆଁ କଥା ତମ ମୁହଁରୁ ଶୁଣିଲେ ମୋତେ କିଏ ବିନା ଦୋଷରେ ମାଡ଼ ମାରିଲା ପରି ଲାଗେ । ମତେ ମିଶାଇ ଏ ସଂସାର ତମର ଏତିକି ତମେ ଜାଣ । ଯାହା କହିବ, ସେଇଆ କରାହେବ । କେଉଁ ବିଷୟରେ ତମର କିଛି କହିବାକୁ ମନ ହେଉଛି କହୁନ ?

ମୁଁ ତ ଅସୁସ୍ଥ ହୋଇ ପଡ଼ୁଛି । କେତେବେଳେ ଟଳି ପଡ଼ିବି କିଏ ଜାଣେ ? ଶଙ୍ଖାଳ ଏଣେ ତେଣେ ବୁଲି ଟିକିଏ ଫୁର୍ତ୍ତି କରି ଫେରିଆସିଲେ ତା' ସଙ୍ଗେ ରତ୍ନାର ବାହାଘର କରାହେବ । ଆମର ଯାହା କିଛି ଅଛି ତମର ଝିଅ ଓ ମୋର ପୁଅ ସମାନ ଭାବରେ ଏକାଠି ଭୋଗ ଦଖଲ କରିବେ ।

ମୋତିମାଳା ମୁହଁ ଫଣଫଣ କଲେ । ସେ ରୁଷ୍ଟ ହୋଇଛନ୍ତି ଅନୁମାନ କରି ଗନ୍ଧର୍ବ ପୁଣି କହିଲେ, କଥା ତ ଓଲଟି ଗଲା । କହିଥାନ୍ତି ତମର ଝିଅ ମୋର ପୁଅ ।

ମୋତିମାଳା କହିଲେ, 'ଏମିତି ନବଳିଆ କଥା, ଘଟଣା ଯାହା ଘଟିବାକୁ ଯାଉଛି ତା'ର ଗୁରୁତ୍ୱକୁ ଛୋଟକରି ଥଟା-ପରିହାସରେ ଉଡ଼ାଇ ଦେଲେ ଚଳିବ ନାହିଁ । ଶଙ୍ଖାଳର ଦେହରେ ପର ଲାଗିଲାଣି । ସେ ଏବେ ଆମର ଆଶା ଅଭିଳାଷକୁ ଆଡ଼େଇ ଅନ୍ୟ ଗଛକୁ ଉଡ଼ିଯିବ । ଦେଖିବ ରହ ।'

ଗନ୍ଧର୍ବ ବୁଝାଇ କହିଲେ, ସେଥିକି ଆମେ ଶୋଚନା କରିବା କାହିଁକି ? ସେଇଟି ମୋ' ବୋଉର ଦାନ । ତା'କୁ ଆମେ ମଣିଷ କରିଦେଇଛୁ । ଏଇ ତ ଯଥେଷ୍ଟ । ଯଦି ସେ କୁହାର ବୋଲର ନ ହୁଏ, ରତ୍ନାକୁ ବାହା ହେବାକୁ ମୁଣ୍ଡ ହଲାଏ, ଆମ ଅନ୍ତେ ଆମ ସମ୍ପତ୍ତିରୁ କିଛି ପାଇବାକୁ ସେ ଆଶା କରିବ କାହିଁକି ?

'ସେ ପିଲାଛୁଆ ନୁହେ । ତା'ର ବୟସ ହେଲାଣି । ବାହାରେ ରହି ସେ ଚଉଅଖିଆ ହେଲାଣି । ଚଲାଖ ଚତୁର ପିଲା । ଗଦାଏ ପାଠ ପଢ଼ିଛି । ଏଠାକାର ସବୁ ଉଦନ୍ତ ଜାଣିଛି ! ପୁଅ ହୋଇ ବଢ଼ିଲେ ବି ସେ ନିଶ୍ଚୟ ଜାଣେ, ସେ ଏ ଘରର ପୁଅ ନୁହେ । ପୁଅଠାରୁ ବଳି ଅଧିକ ସ୍ନେହ ପାଇଛି । ପିଲାଦିନରୁ କେଉଁମାନଙ୍କଠାରୁ ସେ ଅବଶ୍ୟ ଶୁଣିଥିବ, ଜାଣିଥିବ, ନିଶ୍ଚୟ ସେ ଅବଗତ

Digitized by srujanika@gmail.com

ହୋଇଥିବ ଯେ କାହ୍ନୁ ଅଭଲ ଅରକ୍ଷିତ ପିଲାଟି ତ ସେ ଥିଲା, ତା'ର ପାଳକ ପିତାମାତା ତା' ଉପରେ ଅକୁଣ୍ଠ ସ୍ନେହ-ସୋହାଗ ଢାଳି ଦେଇଥିଲେ ଗୋଟିଏ ଉଦ୍ଦେଶ୍ୟରେ । ତା'କୁ ସେମାନେ ବଡ଼ ମଣିଷ କରି ଗଢ଼ି ଦେଲେ ସରଗର ଝଟକ ତରିପରି ସୁନ୍ଦରୀ ଝିଅଟି ରତ୍ନାକୁ ବାହା କରାଇବେ ।

'ସମସ୍ତେ ଜାଣନ୍ତି ବାପ ମାଆଙ୍କ ତୁଣ୍ଡରୁ କେବେ ନ ଶୁଣିଲେ ବି ରତ୍ନା ଅନ୍ୟମାନଙ୍କ କୁହାକୁହିରୁ ନିଶ୍ଚେ ଏହା ଅବଗତ ହୋଇଥିବ । ସେଇଥିପାଇଁ ସିଏ ଦୁହିଁଙ୍କ ଭିତରେ ଭାଇ ଭଉଣୀ ଖୁସି ଖଲିବ କେବେ ଦେଖାଯାଏ ନାହିଁ ।'

'ଶେଫାଳି ପାଖରେ ରତ୍ନାର ଲଜ ଲଜୁଆ ଭଉଣୀପଣିଆଁ, ଆଉ ତା' ପାଖରେ ଶେଫାଳିର ସଙ୍କୁଚିତ ଭାଇଗିରି ମୁଁ ଲକ୍ଷ୍ୟ କରିଛି ମୋତିମାଳା ।'

ମୋତିମାଳା ପଚାରିଲେ, 'ତେବେ ଆମେ କରିବା କଅଣ ଗୋ ? ତମର ଗୁଣବତୀ ପାଠୋଇ ଗେହ୍ଲା ଝିଅର ଭବିଷ୍ୟତ କ'ଣ ହେବ ? କାହାଘରେ ନେଇ ତା'କୁ ଆମେ ଥୋଇବା ? ମୁଁ ବଞ୍ଚିଥାଉଣୁ ମୋ ଝିଅକୁ ଯେଉଁଠି ପାରି ସେଠି ମାଡ଼ିଦେଇ ପାରିବି ନାହିଁ ।'

ଗନ୍ଧର୍ବ କହିଲେ, 'ନଈ ନ ଦେଖି ଏତେ ଆଗରୁ ଲଙ୍ଗଳା ହେବାର ମୋଟେ ପ୍ରୟୋଜନ ନାହିଁ । ପ୍ରତ୍ୟେକ ସମସ୍ୟାର ସନ୍ତୋଷଜନକ ହେଉ ବା ନ ହେଉ ଗୋଟିଏ ସମାଧାନ ହୋଇଯାଏ । ଆମ ଆଗରେ ପ୍ରକୃତ ସମସ୍ୟାଟି ଆସି ମୋଟେ ଉଭା ହୋଇନାହିଁ ମୋତିମାଳା, ସମାଧାନ କରିବା କାହାର ? ମନକୁ ମନ ସମସ୍ୟା ଗଢ଼ି ତା'ର ସମାଧାନ କରିବାକୁ ମିଛରେ ମୁଣ୍ଡ କୋଡ଼ିହେବା ?

ଏଇଠି ଆଲୋଚନାର ଅନ୍ତ ହେଲସିନା ସମାଧାନର ସୂତ୍ର କେହି ସ୍ଥିର କରିପାରିଲେ ନାହିଁ । ସେମାନେ ନିଜ ନିଜର ଚିନ୍ତାରେ ନିମଗ୍ନ ରହିଲେ ଓ ସମାଧାନର ସୂତ୍ର ଲୋଡ଼ିଲେ ।

—ପାଞ୍ଚ—

ଏତେଦିନ ପରେ ମଲ୍ଲିକାର ବାହାଘର ଫିଟିଲା । ଆଗରୁ ତ ଝିଅର ସବୁ ସୁଗୁଣର ଆଉ ରୂପର ପ୍ରଶଂସା ସେମାନେ ଶୁଣିଥିଲେ । ସେମାନେ ଜାଣିଥିଲେ ଯେ ଝିଅର ଭାଇ ଆକୁଳାନନ୍ଦ ଦେବାରେ ହେଳା କରିବେ ନାହିଁ; ତେଣୁ ଦେବା ନେବାର ପ୍ରଶ୍ନ ଉଠାଇଲେ ନାହିଁ ! ରତ୍ନାକର ମଧ୍ୟସ୍ଥଙ୍କ ହାତରେ ପକ୍କା ଜବାବ ଦେଲେ ।

ଉନେ ହେଲ ଦାଦ ଦିବାକର ନାମକୁ ମାତ୍ର ମୁରବି । ସେ ଜଣେ ମାଧୁଆଣିଆ, ସବୁକଥାକୁ 'ହୋଇ ହୋଇ' କହନ୍ତି କାମ ବେଳକୁ ଗୋଟାଏ ଆରୁଦେଖାଇ ମାରନ୍ତି ।

Digitized by srujanika@gmail.com

ସେ ଯାହା ହେଉନ୍ତୁ, ସେ ତ ହେବେ ବାହାଘରର କର୍ତ୍ତା, ତାଙ୍କର ନାମରେ ଚିଟାଉ ଚାଲିବ । ତେଣୁ ରତ୍ନାକର ବାଧ୍ୟହୋଇ ତାଙ୍କ ଆଜ୍ଞାକୁ ଅବଧାନ ହେଲେ । ବିଶେଷ କିଛି ଯୌତୁକ ନେବାକୁ ସେ ସ୍ବଚ୍ଛନ୍ଦ ନାହିଁ ବୋଲି ଜବାବ ଦେଇ ସାମାନ୍ୟ କିଛି ଲୋକ ଦେଖାଣକୁ ଦେବାନେବାର ଯେଉଁ ତାଲିକା ପଠାଇଦେଲେ, ସେଥିରେ ମନା କରିବା ସଙ୍ଗେ ସମାନ ହେଲା । ପୁଣି, ବାଁଟଖରଚ ନଗଦ ପାଞ୍ଚହଜାର ଟଙ୍କା !

ଘରର ବୋହୂ ସେବତୀ ଦେବୀଙ୍କର କେଡ଼େ ସାହସ ଦେଖନ୍ତୁ ! ସେ ନିଜ ହାତରେ ନିଜ ନାମରେ ଚିଟାଉ ଲେଖି ହେବ କି ନ ହେବେ, ରଘୁପୁର ଗ୍ରାମ ବାସିନ୍ଦା ନଣଦେଇ ରତ୍ନାକର ସମ୍ପର୍କ ଜଣାଇଲେ —

ପରିଡ଼ା ଘରର 'ବଡ଼ବୋହୂ' ମୁଁ । ସାନ ବୋହୂ ହେବାକୁ ଝିଅଟିଏ ଠାକୁରେ ଜନ୍ମ ଦେଇ ନ ଥିଲେ । ଜନ୍ମ ଦେଇଥିଲେ ମଲ୍ଲୀ ଓ ଚମ୍ପାଫୁଲର ରଙ୍ଗ ଗୋଳି, ଦୋଳି ଝିଅଟିଏ । ସିଏ ହେଉଛି ମୋ ନଣନ୍ଦ ମଲ୍ଲିକା । ନାମଟି ଚମ୍ପାବତୀ ଦେଇଥିଲେ ବରଂ ବେଶି ଲାଗିଥାନ୍ତା । ଆମ ମଲ୍ଲିକାର ପାନପତରିଆ ମୁହଁଟିକୁ ପୂନେଇଜହ୍ନର କଳଙ୍କଲଗା ମୁହଁ ସରି ନୁହେଁ ।

ଜୀବନ-ସନ୍ଧା କାରବାରଟି । ତମେ ଯାହାକୁ ନେଇ ସଂସାର କରିବ, ନିଜେ ଆସି ମୋ ଆଗରେ ତାକୁ ଦେଖ । ତମର ପସନ୍ଦ ନ ହେଲେ ଆମର ଦୁଃଖ ହେବ ନାହିଁ । ତମକୁ ମୁଁ, ଆଉ ମୋ' ନଣନ୍ଦ ଥରେ ଦେଖିବୁ ।

ତମର ଅମର୍ଯ୍ୟାଦା କରାଇ ଦେବୁ ନାହିଁ । ମୁଁ ତମରି ହାତରେ ନିଜେ ପାଞ୍ଚ ହଜାର ଟଙ୍କା ଦେବି । ତମର ଆଉ ସବୁ କ'ଣ ନେବାକୁ ମନ ମତେ କହିବ । ମୁଁ ଦେବାକୁ ଚେଷ୍ଟା କରିବି ।

ଖୋଲା ମନରେ, ସିଧା ସଳଖ ଏ ଦେଉରା ତମକୁ ଲେଖୁଛି କି ରତ୍ନାକର, ମନରେ ଛନ୍ଦ କପଟ ରଖିନାହିଁ । ତମେ ଏହାକୁ ମୋ' ନିମନ୍ତ୍ରଣ ଚିଟାଉ ମଣିବ, ଆସିବ ।

ମଲ୍ଲିକା ତମର ମନକୁ ନ ପାଇଲେ, ଅନ୍ତତଃ ଭଉଣୋଇର ସାନଭଉଣୀ ଲେଖାରେ ଦି'ପଦ ଅଟାନକଲ ହେବାର ସୁଯୋଗ ପାଇବ । ମାହାର୍ଦ୍ଦ ଦେଇ ମୁଁ ତମକୁ ମୋ'ର ଧର୍ମର ଭାଇ କରିନେବି ।

ଝିଅର ସନ୍‌ମାନ ରକ୍ଷା କରିବାକୁ ମୁଁ ମହତ ଜାଣେ । ଜିବାର ସତ୍ୟ କରୁଛି ସନ୍‌ମାନ ଊଣା କରିବି ନାହିଁ ।

ମଧ୍ୟସ୍ଥଙ୍କ ହାତରୁ ସେବତୀର ଚିଠି ପାଇ ରତ୍ନାକର ମନକୁ ମନ ଲାଜସ୍ତ ହେଲେ । ପଞ୍ଚଖଣ୍ଡି ଦାନ୍ଦ ରତ୍ନାକରଙ୍କ ହାତକୁ ବଢ଼ାଇ ଦେଲେ । ପତ୍ର ପଢ଼ି ମଧ୍ୟସ୍ଥ ଦାମ ପ୍ରଧାନଙ୍କୁ ସେ କହିଲେ, ବେ-ମହତ ଘର ପ୍ରଧାନଜେ । ମାନ୍ୟତା ଜାଣନ୍ତି ନାହିଁ ।

Digitized by srujanika@gmail.com

ପ୍ରହ୍ଲାଦ କହିଲେ, ସାତ ପୁରୁଷର ଖାନଦାନ୍ ମହାପାତ୍ରର ଦେଇ ପଣ୍ଡାଙ୍କ ଘରର କୁଳବୋହୂଙ୍କୁ ମହତ ଶିଖାଇବାକୁ ବହିପ ରାସ୍ତାଘରର ନାହିଁ ଆଜ୍ଞା ! ଲକ୍ଷ୍ମୀପ୍ରତିମା ଝିଅଙ୍କୁ ମୁଁ ଦେଖିଲି ରାଏ ! ଏ ଘରର ଭାଗ୍ୟ ଭଲ ଥିଲେ, ସେପରି ଲକ୍ଷ୍ମୀ-ସରସ୍ୱତୀଙ୍କ ମିଶ୍ରଣ ପ୍ରତିମା ବୋହୂର ପାଦ ଏଠି ପଡ଼ିବ....

ଦିବାକର ତାଙ୍କର ଭଳନେ ହେଲା ପୁତୁରା, ରତ୍ନାକର ରାସ୍ତଙ୍କୁ ସେବତୀଙ୍କର ପଇଟି ପଡ଼ି ଫେରାଇ ଦେଲେ । ମୁଣ୍ଡ ହୁଙ୍କାରି କହିଲେ, ପଣ୍ଡା ଘରର ବୋହୂଟା ମୁହଁରୁ ଲାଜପାଣି ପୋଛି ଦେଇଛି ପ୍ରହ୍ଲାଦେ ! କେମିତି ନଣନ୍ଦକୁ ସାତପର ଗୋଟାଏ ଟୋକାକୁ ଦେଖାଇବାକୁ ସେ ସାହସ କରନ୍ତି କହିଲ ? ମହତଭଙ୍ଗ କଥା...

ପ୍ରହ୍ଲାଦ କହିଲେ, ମନରେ ସେମିତି ଦୃଢ଼ତା ଅଛି ବୋଲି ସେ ସାହସ କଲେ । ତାଙ୍କ ନଣନ୍ଦଟି ତମ ଆଖିରେ ପଡ଼ିଲେ ସେଇଠି ତମେ ଜବାବ ଦେଇ ଆସନ୍ତ । ଓଲଟି ଝିଅର ବେକରେ ହାର ଝୁଲାଇ, ଅବା ଆଙ୍ଗୁଠିରେ ସୁନା ମୁଦି ପିନ୍ଧାଇ କହି ଆସନ୍ତ — ଏଇଆକୁ ପୁତୁରା ବୋହୂ କରିବ ।

× × ×

ଦାଦି ପୁତୁରା ଉଭେଁ ଚିନ୍ତାମଗ୍ନ ହେଲେ । ଦିବାକର ବିଗୁଡ଼ିଲେ, ଝିଅପର ନିଧି-ସମ୍ପତ୍ତି ଅଜାଡ଼ି ଦେଲେ ତାଙ୍କର କ ଥାଏ ? ସେଥିରୁ ସେ କାଣିକଉଡ଼ିଟିଏ ଭାଗ ପାଇବେ ନାହିଁ । ଦାବୀ କରି ଶୁଭକାମରେ ପ୍ରତିବନ୍ଧକ ସୃଷ୍ଟି କରିବେ କାହିଁକି ?

ତାଙ୍କୁ ବସ୍ମିତ କରି ରତ୍ନାକର କହିଲେ, ପ୍ରହ୍ଲାଦେ, ଦାଦି ଯାହା ବିଗୁଡ଼ୁଛନ୍ତି ମୁଁ ଅନୁମାନ କରୁଛି, କାଳେ ମୁଁ ପ୍ରତିବାଦ କରିବି ବୋଲି ସେ ମୁହଁ ଖୋଲୁ ନାହାନ୍ତି । ମୁଁ କହୁଛି ଶୁଣ ।

ସେ ସୁଲକ୍ଷଣା ବୋହୂଟିଏ ଗୃହାନ୍ତୁ । କୁଳର ଶୋଭା ବଢ଼ିବ । ମହତ ବଢ଼ିବ । ଶକ୍ତି ଅନୁସାରେ ସେ ଯାହା ଦେଲେ ଦେବେ, ନୋହିଲେ ନାହିଁ ।

ସେଥିରେ ଆମେ ସମ୍ମତ । ତୁଳସୀପତ୍ର ପାଇ ହେଲେ ବି ଯେ ସନ୍ତୋଷ । ସେ ଆମର ମୁରବୀ । ତାଙ୍କର ସେଇ ସନ୍ଦେଶ ଓ ସମ୍ମତି ନେଇ ତମେ ଆଜ୍ଞାଥରେ ଯାଅ । ଦାଦି, ଆକୁଳାନନ୍ଦବାବୁଙ୍କ ପାଖକୁ ଏହି ମର୍ମରେ ଖୋଲାଚିଠି ଲେଖି ଦେବ । ତମେ ମହାପୁର ଯାଇ ସେବତୀଦେବୀଙ୍କୁ ସେହି ଚିଠି ଦେଇ ଆସିବ ।

ଦିବାକର ବିସ୍ମିତ ହେଲେ ବି ଉପର ଦେଖାଣକୁ ଖୁସି ହୋଇ ହସିଲେ । ଭାବିଲେ ଭାବପ୍ରବଣ ହୋଇ ନିର୍ବୋଧ ପରରେ ଟୋକାଟା ପ୍ରହ୍ଲାଦଙ୍କ ପଦ୍ମ-ତୋଳାରେ ଭୁଲି ନେଇଥାଏ ପାଉ । ଯୌତୁକ ପାଇବା ପରିବର୍ତ୍ତରେ ଓଲଟିକିନ୍

Digitized by srujanika@gmail.com

ଦେବାକୁ ହାତରୁ କିଛି ଝଡ଼ାନ୍ତୁ । ଏହି ଭାବନାରେ ବ୍ୟାକୁଳ ହୋଇ ଉଠିଲେ । କହିଲେ, ପ୍ରହରାଜେ, ଆମର ସମ୍ମତି ଚିଠାଉ ନେଇ ଯାଅ ।

ଚିକଏ ଚନ୍ଦ୍ରାକର ପୁଣି କହିଲେ, ଆମର ସମ୍ମତି ରେବତୀ ଦେବୀଙ୍କୁ, ଆଉ ଦୁର୍ଲଭ ଦେବୀଙ୍କୁ ଜଣାଇବ । ଆମେ ମଲ୍ଲିକାଙ୍କୁ ଆମର ବଡ଼ ପୁତୁରା ଶ୍ରୀମାନ୍ ଚନ୍ଦ୍ରାକର ସହିତ ବିବାହ କରିବାକୁ ପ୍ରସ୍ତୁତ ଓ ସମ୍ମତ । ଯୌତୁକ ସମ୍ବନ୍ଧରେ ଆମର କିଛି କହିବାର ନାହିଁ । ତୁଳସୀ ପତ୍ରଟିଏ, ଆଉ ମାଆ, ଭାଇ ଓ ଭାଉଜଙ୍କର ଆଶୀର୍ବାଦରେ ଝିଅକୁ ମଣ୍ଡିତ କରି ପଠାଇଲେ ଯଥେଷ୍ଟ ହେବ ।

ବାବୁଙ୍କର ପ୍ରସ୍ତାବରେ ରତ୍ନାକର ମଥା ନତ କରି ନୀରବରେ ସ୍ୱୀକୃତି ଜଣାଇଲେ । ଚନ୍ଦ୍ରାକରଙ୍କର କହିବା ମର୍ମରେ ପ୍ରହରାଜେ ତାଙ୍କରି ନାମରେ ଆକୁଳାନନ୍ଦଙ୍କ ନିକଟକୁ ଚିଠାଉ ଲେଖିଲେ । ଦ୍ୱିତୀୟ ପତ୍ରଟି ନିଜେ ପ୍ରହରାଜଙ୍କ ହାତରେ ଲେଖାଇ ସ୍ୱାକ୍ଷର କଲେ ।

ସେହି ପତ୍ରରେ ସେ ଲେଖାଇଲେ,—ମା' ରେବତୀ ଦେବୀ ! ଆମ ମଧ୍ୟସ୍ଥ ପ୍ରହରାଜଙ୍କ ତୁଣ୍ଡରୁ ତମର ରୂପ, ଗୁଣର ଯେଉଁ ପ୍ରଶଂସା ଆମେ ଶୁଣିଲୁ, ସେଥିରେ ମୁଗ୍ଧ ହେଲୁ । ତମ ପାଖରେ ରହିଛି ଯେଉଁ ପରିଡ଼ା ଘରର ଝିଅ ତା'ର ବାଛ-ବିଚାର କରିବ କିଏ ? ଆମେ ସମ୍ମତ । ମନଖୁସିରେ ଯାହା ତମ ନଣନ୍ଦକୁ ଦେବ, ସେଥିରେ ଆମର ସନ୍ତୋଷ । କେହି ତୁଣ୍ଡ ଖୋଲି ପଦେ କହିବେ ନାହିଁ ।

ଆମ ସମୁଦୁଣୀ ଦୁର୍ଲଭ ଦେବୀଙ୍କୁ ମୋର ଯଥାମାନ୍ୟ ଜଣାଇଦେବ ମା ! ପ୍ରହରାଜେ, ଯିଏ ମଧ୍ୟସ୍ଥ ହୋଇ ଯାଇଛନ୍ତି ସେ ନିଜେ ଜଣେ ବିଖ୍ୟାତ ଗଣକ । କନ୍ୟାର ରାଶି-ନକ୍ଷତ୍ର ଦେଖି ବିବାହର ଦିନବାର ସ୍ଥିର କରି ମତେ ଜଣାଇଲେ ଆମେ ଆଶ୍ୱସ୍ତ ହେବୁ । ଦୁଇପକ୍ଷ ଆୟୋଜନରେ ଲାଗିବା ।

ମୁଁ ବୁଝିପାରୁଛି, ଏଥିପାଇଁ କିଛିଟା ସମୟ ଲାଗିବ । ତ୍ୱରାନ୍ୱିତ କରିବାକୁ ଉଭୟପକ୍ଷ ଚେଷ୍ଟା କଲେ ଉତ୍ତମ ହେବ ମା' ! ଅଦ୍ୟାବଧି ସମ୍ବନ୍ଧ ସ୍ଥାପିତ ହୋଇ ନ ଥିଲେ ମଧ୍ୟ ମୋ' ଅନ୍ତରୁ ମୁଁ ଯେତେବେଳେ ସଂକଳ୍ପ କରିସାରିଛି ଅନ୍ୟଥା ନ ଘଟିବା ଯାଏ, ତମର ଶାଶୁଙ୍କୁ ମୁଁ ସମୁଦୁଣୀ ମଣି ସାରିଛି । ମୋର ଯଥାମାନ୍ୟ ପ୍ରଣାମ ଜଣାଇ ଦେବ ।

ବାପ୍ପୁ ରେବତୀ ଶାଶୁ ଦୁର୍ଲଭଙ୍କୁ ପତ୍ରଟି ପଢ଼ି ଶୁଣାଇ ଦେଲା । ସେଠାରେ ମଲ୍ଲିକା ଥାଇ ତା'ର ବୋଉଙ୍କର ମୁଣ୍ଡରୁ ପାଚିଲା କେଶ ଉପାଡ଼ୁଣୁ ପତ୍ରଟି ଶୁଣୁଥାଏ ଓ ବୋଉଙ୍କର ଉତ୍ତରକୁ ଅପେକ୍ଷା କରିଥାଏ ।

ସେ କହିଲେ, ତୁ ଯାହା କହିବୁ ମୋର ସେଇ ବିଚାର । ପୁଅକୁ ମୋର ହେଉ ଲେଖିଦେ....

Digitized by srujanika@gmail.com

ଆଉ, ରତ୍ନାକରଙ୍କୁ କ'ଣ ଲେଖିବ ?

ଲେଖିଦେ—ପୁଅଠାରୁ ଦେଉଚ୍ଛା ଆସିଲେ ବାହାଘରର ବାର-ତିଥି ସ୍ଥିର ହେବ । ଚିଠିରେ ନ ଲେଖି, ଖାଲି ମୁହଁରେ ସେହି ସମ୍ବନ୍ଧଙ୍କ ପାଖକୁ ଖବର ପଠା ।

ସେବତୀ କହିଲା, ତମେ ମନରେ ଯାହା ପାଞ୍ଚୁଛ ମୁଁ ଅନୁମାନ କରିପାରୁଛି ବୋଉ ! କାନ୍ତଚରଣ ଜାଣିଲ ପରି ମୁଁ କହିଦେବି । କ'ଣ କି, ରତ୍ନାକରଙ୍କୁ ଥରେ ଘୁଞ୍ଚି ଦେଖିବାକୁ ମନ ହେଉଛି । ସେ ଯଦି ତାଙ୍କ ବୋଉଙ୍କ ସଙ୍ଗେ ସୋମବାର ଦିନ, ଆଜି ତ ହେଲା ବୁଧବାର, ଦଅଁମାନଙ୍କର ଦର୍ଶନ କରିବାକୁ ଆସନ୍ତା, ସମସ୍ତେ ବି ସମସ୍ତଙ୍କୁ ଦେଖନ୍ତେ, ଚିହ୍ନନ୍ତେ, ଆଳାପ ହୁଅନ୍ତା ।

କେତେଆଡ଼ରୁ ପିଲଛୁଆ ଧରି ଦର୍ଶନ କରିବାକୁ ଆସୁଛନ୍ତି । କେତେ ବଡ଼ ବଡ଼ କଥାର ମିମାଂସା ମନ୍ଦିର ମଧ୍ୟରେ ହେଉଛି । ଭଡ଼ାଓଟର୍ ନାହିଁ ।

କ୍ଵାହିଁ କରିବା ଆଗରୁ ପିଲାଟିକୁ ମୋ'ର ଥରେ ଦେଖିବାକୁ ମନ ହେଉଛି । ଆକୁଳ ତାକୁ ଦେଖିବ, ଘରପଦ କଥାଭାଷା ହେବ ।

ସେ 'ହୁଁ' କହିଲେ ହେଲା ।

ଚାଲ୍ ମା ଦାଣ୍ଡଘରକୁ । ମୁଁ ମଧ୍ୟସ୍ଥ-ନନାଙ୍କୁ ସବୁକଥା ବୁଝାଇ ଦେବି

ଯାହା ସବୁ ଘଟିଛି, ଆଜି ଯାହାସବୁ ଘଟିବ, ପୁଅ ପାଖକୁ ଲେଖିଦେ, ମତେ ପଢ଼ି ଶୁଣାଇବୁ ।

ସେଇଆ ହେଲା, ପ୍ରହରାଜେ ରାଜି ହେଲେ । ଦୁର୍ଲଭଙ୍କୁ କହିଲେ, ତମର ବୁଦ୍ଧିମତୀ ବୋହୂଙ୍କର ପ୍ରସ୍ତାବଟି ଅତି ଉତ୍ତମ । ଦେବ ମନ୍ଦିର । କେତେ ଆଡ଼ରୁ ଲୋକ ଠାକୁରମାନଙ୍କର ଦର୍ଶନ କରିବାକୁ ଆସୁଛନ୍ତି । କେଉଁମାନଙ୍କର କି ମନ-କାମନା ଅଛି, କଏ କ'ଣ ମାନସିକ କରିଥାନ୍ତି ।

ଦୁଇ ପକ୍ଷର ପସନ୍ଦ ହେଲେ ନିର୍ଣ୍ଣିତ୍ୟ କରାହେବ, ନୋହିଲେ ନାହିଁ । ଦେବାନେବାର ପ୍ରଶ୍ନ ତ ଉଠିବ ନାହିଁ, କଥା ପ୍ରଘଟ ହେବ କାହିଁକି ? ରତ୍ନାକରଙ୍କର ଦୁଃଖିନୀ ବୋଉ ଆସିବେ, କନ୍ୟାଟି ତାଙ୍କର କଷ୍ଟେ ଆସିବେ ।

ମୁଁ କାଲେ ଚାହାଁଇ ଦେବି । ରତ୍ନାକରଙ୍କୁ ମୁଁ ଆଗରୁ କହି ଦେଇଥିବି ।

ଦୁର୍ଲଭ ରାଜି ହେଲେ । ପ୍ରହରାଜଙ୍କର ମନ ଖୁସି କରି ବଦାସ୍ତ ଦେବା ସଙ୍ଗେ ରତ୍ନାକରଙ୍କ ପାଖକୁ ସେହି ମର୍ମରେ ଚିଟାଉ ଲେଖି ମଧ୍ୟସ୍ଥ ପ୍ରହରାଜଙ୍କ ହାତରେ ଦେଲେ । ପୁଣି କହିଲେ, ଦେଉଚ୍ଛାକୁ ଘୁଡ଼କଣୀ ପରି ଆମେ ଘୁଞ୍ଚି ରହିଲୁ ପ୍ରହରାଜେ, ରାଏଙ୍କୁ ଜଣାଇ ଦେବ ।

ନାମ ପ୍ରହରାଜେ ମେଲାଣି ନେଲେ ।

× × ×

Digitized by srujanika@gmail.com

ସେବତୀର ବିଭାଗୀୟ ପଦୋନ୍ନତି ପାଇ ଆକୁଳାନନ୍ଦ ଆନନ୍ଦିତ ହେଲା । ସେ ନିଜେ ଯାହା କରିବାକୁ ସମୟ ପାଇ ନ ଥିଲା, ଅବା ଅସମର୍ଥ ହୋଇଥିଲା ସେବତୀ ସେତିକ କରିପାରିଛି । ନଣନ୍ଦକୁ ଦେବାକୁ ଭାଉଜମାନେ ସାଧାରଣତଃ ପଛେଇ ଯାଆନ୍ତି । କିନ୍ତୁ ସେବତୀ ପକ୍ଷରେ ସେ ଦେଖିଲା ବ୍ୟତିକ୍ରମ ।

ସେ ବିଚାରିଲା, ନିଜେ ଯାଇ ଗ୍ରାମରେ ଦୁଇ ତିନି ଦିନ ରହିବ । ସବୁକଥା ଭଲ କରି ବୁଝିବ । ଆବଶ୍ୟକ ମଣିଲେ ସେ ନିଜେ ଘର, ବର ସମ୍ବନ୍ଧରେ ଭଲ କରି ବୁଝିବ । ଦରକାର ହେଲେ ନିଜେ ବ୍ରହ୍ମପୁର ଯିବ । ଘର ଓ ବର ଦେଖିଆସିବ । ଦିବାକରର ଚରିତ୍ର, ସ୍ୱଭାବ ସମ୍ବନ୍ଧରେ ଜାଣିବ ।

ହୁଁ, ସେଇଆ କରିବ । ତା'ର ରୂପ, ସ୍ୱାସ୍ଥ୍ୟ ଦେଖି କଳନା କରିବ, ମଲ୍ଲିକା ପରି ରୂପଗୁଣରେ ପରିପୂର୍ଣ୍ଣ ତା'ର ସୁନା ଭଉଣୀ ଗେହ୍ଲାଭଉଣୀ ପାଇଁ ସେ ଉପଯୁକ୍ତ କି ନୁହେଁ । ବୟସ ହୋଇଛି ବୋଲି 'ଦେଲିନାଗି, ହେଲପାରି' ରୀତିରେ ସେ ତାକୁ ଅପାତ୍ରରେ ଦେବ ନାହିଁ ।

ପଦୋନ୍ନତିକୁ ଟେବୁଲ ଉପରେ ରଖି ଆଗ ସେ ତା'ର ବନ୍ଧୁ ଜୀବନାନନ୍ଦ ପାଖକୁ ଗଲା । ଘଟଣାଟି ତାକୁ ବୁଝାଇ କହିଲା, ତୋ'ର କାମରେ ତତେ ସାହାଯ୍ୟ ଦେବାକୁ ଯେଉଁମାନେ ଅଛନ୍ତି, ସେମାନେ ସୁଦକ୍ଷ । ତୁ ରାଜି ହେଲେ ଦିନ କେଇଟା ମୋ' କାମ ବି ଚଳାଇନେବୁ । ତତେ ସାହାଯ୍ୟ କରିବାକୁ, ବାଟ ଦେଖାଇବାକୁ ନିଜେ ଗନ୍ଧର୍ବବାବୁ ତ ଅଛନ୍ତି ।

ମୁଁ ତାଙ୍କୁ କହିବି । କୋର୍ଟକଚେରୀ କାମ ଗନ୍ଧର୍ବବାବୁ ବୁଝିବେ । ଦିନ ସାତଟାରେ ମୋର କାମ ସରିଯିବ । ବାହା-ନିମିତ୍ୟ କାମରେ ହେଳା କଲେ ଚଳିବ ନାହିଁ ।

ଜୀବନାନନ୍ଦ କହିଲା, ସେ ବିଷୟରେ ମତେ ବୁଝାଇବା ତୋର ଲୋଡ଼ା ପଡ଼ିବ ନାହିଁ, ବିଶେଷତଃ ଝିଅର ବାହାଘର । ବୟସ ବଢ଼ିଗଲେ ବରପକ୍ଷର ଦାବୀ ବଢ଼ି ବଢ଼ି ଯାଏ । ତା' ସଙ୍ଗକୁ ମୁଣ୍ଡ ହଲା ।

ତୁ ନିଶ୍ଚିନ୍ତରେ ଯା ଆକୁଳାନନ୍ଦ, ମୁଁ କାମର ଦାୟିତ୍ୱ ନେବି, ଖାଲି ଗନ୍ଧର୍ବବାବୁଙ୍କର ପତିଆରା ହେଲେ ହେଲା । ତାଙ୍କର ଆଦେଶ ହେବା ଦରକାର । ମୁଁ ତ ଆଦେଶର ଦାସ ।

ଆକୁଳାନନ୍ଦ କହିଲା, ସେ ବିଷୟରେ ତୁ ନିଶ୍ଚିନ୍ତ ରହ । ଆଦେଶ ସେ ଦେବେ । ତୋ'ର ଅଧିକ ପରିଶ୍ରମ ଏବଂ ଦାୟିତ୍ୱ ପାଇଁ ଅବଶ୍ୟ ଅଧିକ ପାରିଶ୍ରମିକ ଦେବେ । ସେ ଦିଗରେ ସେ ଓ ତାଙ୍କର ଗୃହିଣୀ କେବେ କୁଣ୍ଠିତ ହେବେ ନାହିଁ ।

ଶୁଭ ଖବରଟି ଜାଣି ଗନ୍ଧର୍ବ, ତାଙ୍କ ସ୍ତ୍ରୀ ଓ ରତ୍ନମାଳା ଆନନ୍ଦିତ ହେଲେ । ମୋତିମାଳା ନିଜେ ଉପଦେଶ ଦେଇ କହିଲେ, ପୁଅରେ, ଏହା ତ ଜୀବନ ସଉଦା

Digitized by srujanika@gmail.com

ବେଶର । ଅନ୍ୟର ଚଟାଉ ଆଉ ମଧୁପୁଙ୍କ କଥାରେ କ ପରଚେ ଅଛୁ ? ଗୋଟିଏ ବୋଲି ସୁନାପିଉଲା! ଗେଲବସର ଝିଅଟି । ଯେଉଁଘରେ ନେଇ ତାକୁ ଥୋଇବ, ସେଠାକା ହାଲ୍-ଗ୍ୱଲ ଭଲକଶ ଆଗରୁ ବୁଝିବ । ମନକୁ ପାଇଲେ ହେଲା ।

କାର୍‌ଟି ନେଇଯିବାକୁ ସେ ରାଜି ହେଲା ନାହିଁ । ଗରୁଙ୍କ ନଜେ ବଲାଉ-ଥିଲେ । କନ୍ତୁ ଆକୁଳ ମନାକର କହିଲା, ମୋର ଠା'କରେ କାମ ନାହିଁ ତ, ଘରବର ଦେଖିବାକୁ ଗଞ୍ଚରବାଟ, ଗୋ'ଦଣ୍ଡା, ଶଗଡ଼ଗୁଳାରେ ମୋତେ ଯିବାକୁ ପଡ଼ିବ । ସେଥକୁ ସାଇକଲ ଭଲ । କାର୍ ନେବାକୁ ରତ୍ନମାଳା ଗେହ୍ଲେଇ ହୋଇ ପ୍ରବର୍ତ୍ତାଉଥଲା । ଅକୁଳକୁ ଆଲିଙ୍ଗନ କର କହିଲା, ମନା କରନା ଆକୁଳଭାଇ, ମୁଁ ବୋଉକୁ ମଙ୍ଗାଇଛି । ତୁମ ସଙ୍ଗରେ ପଠାଇବାକୁ ସେ ରାଜ ହୋଇଛୁ । ମାଉସୀ, ଭାଉଜ ଓ ମଲ୍ଲୀଅପାଙ୍କୁ ଦେଖି ଆସିବ । ବକଳାକୁ ଗେଲ କରବ ।

ତା' ଦେହର ନରମ-ପରଶରେ ବଚଳତ ହୋଇ ଆକୁଳ ନଜ-ଭୁଲି ଗାଢରେ ତାକୁ ଚୁମ୍ବନ କର ମୁହୂର୍ତ୍ତେ ଦୋହଲି ମନରେ ଠିଆ ହେଲା । ନଜକୁ ଆୟତ୍ତ କର, ପଛକୁ ପାଦେଇ ଆସି ଅଶଲ ହସି କହିଲା, ଯିବୁ ଯେ, ଆଉ ଦନେ । ମୁଁ ସାଇକଲରେ ଯିବ ···

ଜରୁରୀ କାମ ଲେ ରତ୍ନା ! ଡ଼େର କରବାକୁ ମୋର ବେଳ ନାହିଁ । ଗ୍ରାମରେ ବ ବାର କାମ । ତୋର ଯନ୍ତ୍ର ନେବାକୁ ତାଙ୍କର ବେଳ ହେବ ନାହିଁ । ବୃଥାରେ ତୁ ହଇରାଣ ହେବୁ । ବୋଉର ମନ ଦୁଃଖ ହେବ । ତା'ର ରୋଗ ବଢ଼ିବ ।

ବୁଦ୍ଧିମତୀ-ରତ୍ନମାଳା ଭାବଲା ଆକୁଳାନନ୍ଦ ତାକୁ ଏଥର ସଙ୍ଗରେ ନେଇ-ଯିବାକୁ କରଛଡ଼ା ଦେଉଛନ୍ତି । ସତେ ତାଙ୍କର ବହୁତ କାମ । ସେ ବୁଝିଲା । କହିଲା, ହଉ ହେଲା, ମୁଁ କଟାଳ କରିବ ନାହିଁ । ମଲ୍ଲୀଅପାର ବାହାଘର ସ୍ଥିର ହୋଇ-ଗଲେ ମୁଁ ନଶ୍ଚେ ଯିବ ଯେ ତା' ପାଖରେ ଗୃହ ପାଞ୍ଚଦନ ରହିବ ।

ଆମେ ଖେଳ କୌତୁକରେ କେତେଦନ ବେଳ କଟାଇବୁ । ପରଘଣ୍ଟି ହେଲେ ସେ ଅଲଗା ମଣିଷଟିଏ ହୋଇଯିବ । ଗେ ଡ଼ରେ ଦେଢ଼ି ଲାଗିବ । ଖଟିଖଟି ଅଧାପ୍ରାଣ ହେବ । ସବୁବେଳେ ପରମଣିଷକୁ ଡର । ଝିଅମାନଙ୍କର ପରଘଣ୍ଟି ନ ହେବା ଭଲ ।

ଆକୁଳାନନ୍ଦ ହସିଲା । ଭାବଲା, ତାକୁ ତ ବର ଘରକୁ ଯିବାକୁ ପଡ଼ିବ ନାହିଁ, ତା' ପାଇଁ ଜନ୍ମରୁ ବରଟିଏ ପୋଷା ହୋଇ ଏଇଘରେ ବନ୍ଧା ହୋଇ ରହିଛି, ପଗାରେ ବନ୍ଧା ହୋଇ ବୁଲୁଛି, ଚରୁଛି, ତା'ର ତ ପରଘଣ୍ଟି ହେବାର ପ୍ରଶ୍ନ ଉଠିବ ନାହିଁ, ଆଉ ସିଏ ଜାଣ ଲମ୍ବ ଦଉଡ଼ିରେ ବନ୍ଧାହୋଇ ବୁଲୁଛି, ତା'ର ସୀମିତ କ୍ଷେତ୍ର ଭିତରେ ବୁଲୁଛି, ଚରୁଛି ।

Digitized by srujanika@gmail.com

ସେ ଠିକ୍ ବେଳରେ ଝଣା ହୋଇ ଆସିବ, ଏ ସଂସାରୀ ଶଗଡ଼ର ଯୁଆଳର ଗେ ଟିଏ ପାଖରେ ଯୋଗ୍ଯ ହେବ । ଆରପାଖ ପାଇଁ ତ ପ୍ରସ୍ତୁତ ହୋଇରହିଛ ରତ୍ନା ।

ଆକୁଳାନନ୍ଦ ମୁହଁ ଖୋଲିଲା, ମନ ଦୁଃଖ କର ନା ରତ୍ନା ! ମୁଁ ଏକାଏକା ସାଇକଲ୍‌ରେ ଯାଇ ସବୁ ଖବର ବୁଝି ଦିନ ଦୁଇଟାରେ ଫେରି ଆସିବି । ଦ'ସ୍ତିନ୍ତ କାମ, ହେଳା କଲେ ଚଳିବ ନାହିଁ । ତା'ଛଡ଼ା, ଏଇ ବାହାଘର ପ୍ରସଙ୍ଗରେ ସମସ୍ତେ ସେଠି ବ୍ୟସ୍ତ, ଚଞ୍ଚଳ, ଉଦ୍‌ବିଗ୍ନ ରହିବେ ।

ତୋ'ର ଅସୁବିଧା ହେବ । ମୁଁ ଏହା ଚାହେଁ ନାହିଁ । ତା'ଛଡ଼ା କୌଣସି ଅଜଣା କାରଣରୁ ଯଦି ସେ ସାନଝିଟି ମୋ ମନକୁ ନ ପାଏ, ମୁଁ ହତାଶ ହୋଇ ଫେରି ଆସିବି । ଘରେ ସମସ୍ତଙ୍କର ମନ ମଉଳିବ । ମଲ୍ଲୀ ପକ୍ଷେ ବାହା ନ ହେବ ତାକୁ କେଉଁ ଅପାଧରେ ଦେବନାହିଁ । ନରକ ଯନ୍ତ୍ରଣା ଦିଆଇବ ନାହିଁ । ତୋ'ର ମତ କ'ଣ କହିଲୁ ?

ରତ୍ନା ଏକମତ ହୋଇ ମୁଣ୍ଡବିଗିର ଦେଖାଇ କହିଲା, ମୁଁ ସେଥିରେ ଏକମତ । ଗୋଟିଏ ଅପଦାର୍ଥର ହାତଧରି ସାରାଜୀବନ ଦୁଃଖରେ କଟାଇ ଆଖିରୁ ଲୁହ ଗଡ଼ାଇବା ପରିବର୍ତ୍ତରେ ବାହା ନ ହୋଇ ହସ ଖୁସିରେ ବେଳ ନ କଟାଇବ କାହିଁକି ?

ବକଲାକୁ ସେ ଅତି ସ୍ନେହ କରେ, ତା'ର ସଜ୍ଜ ବଏ । ସେଇ କ'ଣ ତା'ର ପୃଥ ନୁହେଁ କି ? ଏକାରକ୍ତ ତ !

ଆକୁଳ ଗମ୍ଭୀର ହୋଇ ରତ୍ନାର ମୁହଁକୁ ଅନାଇଲା । ବସ୍ତୁଭଲ, କେତେ ବେଗରେ ଝିଅଟିମାନେ ସାଂସାରିକ ଜ୍ଞାନର ଅଧିକାରିଣୀ ହୁଅନ୍ତି ସତେ !

ସେ ଆତ୍ମହରା ହୋଇ, ପୁଣି ଆତ୍ମସ୍ଥ ହୋଇ ଶ୍ରେଷ୍ଠ ପିଲାଟିଏ ପରି ରତ୍ନାକୁ ମଣିଲା । ତା'ର ମୁଣ୍ଡଟି ଧରି ଗାଲରେ ବୋକ ଦେଲା । ସେହି ମୁହୂର୍ତ୍ତରେ ସହସା ସେ ଅନୁଭବ କଲା ଯେ, ସେ ଏହି ଘରର ଅଧୀନସ୍ଥ ଜଣେ ବେତନ ଭୋଗୀ କର୍ମଚାରୀ ଆଉ ଏଇ ରତ୍ନା ତା'ର ଭବିଷ୍ୟତର ମୁନିବ ।

ସେ ଅନୁତପ୍ତ, ଲଜ୍ଜିତ ଓ ଜଡ଼ ହୋଇ ପାଦେ ପଛେଇ ଆସନ୍ତେ ହସିହସି ତାକୁ ଆଲିଙ୍ଗନ କରି ରତ୍ନା କହିଲା—ମୋ' ଅନୁରୋଧ ତୁମେ ରକ୍ଷା କର । ବାପାଙ୍କର କାର୍ ନେଇଚାଲ । ମୁଁ ବି ସଙ୍ଗରେ ଯିବି । ମଲ୍ଲୀଅପାକୁ ଥରେ ଦେଖି ଆସିବି । ସେ ପରଘରି ହେଲେ ଆଉ କ'ଣ ତା'ର ଦେଖା ପାଇବି ? କେବେ ଦେଖା ମିଳିଲେ ସେତେବେଳେ ତା'ର ହସଖୁସିର ସ୍ୱାଧୀନତା ନ ଥିବ ।

ଆକୁଳାନନ୍ଦ ଚିନ୍ତାକରି କହିଲା, ତୁ ଯାହା କହିଲୁ ସତ । ଏଠାକର ସୁବିଧା ଅସୁବିଧା କଥା ବିଚାର କରି ମଉସାଙ୍କ ସଙ୍ଗେ ଆଲୋଚନା କରି କାର୍ ନେବା ନ ନେବା କଥା ଆଜି ବିଚାର କରିଯିବ ।

Digitized by srujanika@gmail.com

ଟିକଏ ରହି ପୁଣି ସେ ତାକୁ ବୁଝାଇ କହିଲା, ଭଉଣୀଲୋ, ସୁନା ଭଉଣୀଟି । ମଲ୍ଲୀକୁ ଦେଖିବାକୁ ଯିବୁ, ଭଲକଥା, କିନ୍ତୁ କାହିଁକି ଯନ୍ତ୍ରଣା ବଢ଼ାଇବୁ ? ବିଚ୍ଛେଦର ଦୁଃଖ ବଡ଼ ଦାରୁଣ—

ରତ୍ନା କହିଲା—ହଁ ଭାଇ, ବେଶୀଦିନ ସେ ଦୁଃଖ ମନରେ ରହେନାହିଁ । ଭୁଲି ହୋଇଯାଏ । ମୋ'ର କେତେ ସହପାଠିନୀ ବାନ୍ଧବୀ ଯେଉଁମାନେ ମୋର ଅତିପ୍ରିୟ ଥିଲେ, ନାନା କାରଣରୁ ଦୂରେଇ ଯାଇଥିଲେ, ଆଖିରୁ ଲୁହ ବୁହାଇଥିଲେ, ଆଜି ସେମାନଙ୍କ ସଙ୍ଗେ ପତ୍ରାଳାପ ବି ନାହିଁ ।

ଆକୁଳାନନ୍ଦ କହିଲା, ମା' ପେଟର ପାଞ୍ଚଟି ଝିଅ କାଳକ୍ରମେ ପାଞ୍ଚଟି ସଂସାରର ବୋହୂ ହୁଅନ୍ତି । ଅକାଳେ-ସକାଳେ ସେହି ପରଦଶୀ ଭଉଣୀମାନଙ୍କର ପତ୍ର ବି ବନ୍ଦ ହୁଏ । କିଏ କେଉଁ ଅବସ୍ଥାରେ ନିଜ ସଂସାରରେ ଲେଉଟଣୀ ପାଣି ପରି ଲେଉଟି ଯାଉଥାଏ ।

କେଉଁ ଭଉଣୀର ସମସ୍ୟା ଆରକ ପାଖରେ ଅର୍ଥହୀନ ରତ୍ନା ! ମଲ୍ଲୀର ବାହାଘର ସ୍ଥିର ହେଲେ, ବାହାଘର ଆଗରୁ ତୁ ନିଶ୍ଚୟ ଥରେ ଯିବୁ । ତା' ପାଖରେ ତିନିଚାରି ଦିନ ରହିବୁ । ମାଉସୀଙ୍କୁ ମୁଁ ସେକଥା କହିଦେବି ।

× × ×

ଜୀବନାନନ୍ଦକୁ ଦାୟିତ୍ୱ ଦେଇ ଆକୁଳାନନ୍ଦ ଏକା ଗ୍ରାମକୁ ଗଲା । ଯିବା ଆଗରୁ ବିଦାୟନେବା ବେଳରେ ମୋତିମାଳା ତାକୁ କବାଟର ଆଢ଼ୁଆଳକୁ ଡାକି ତା' ହାତରେ ହଜାରେଟି ଟଙ୍କାର ନୋଟ ଧରାଇଦେଇ କହିଲେ, ନେ ପୁଅ, ଏତକ ଅପାଙ୍କୁ ଦେବୁ ।

ଆକୁଳାନନ୍ଦ ସଙ୍କୁଚିତ ହୋଇ କହିଲା, ବୋଉଙ୍କ ପାଖରେ ଟଙ୍କା ଅଛି । ସେବତୀ ବି ତା' ମାହାଜନୀ ଟଙ୍କା ପାଖରେ ରଖିଥିବ । ଏହାଛଡ଼ା ମଉସା ମୋର ମାସକର ଦରମା ସଙ୍ଗରେ ଅଗ୍ରୀମ ମାସକର ଦରମା ଦେଢ଼ହଜାର ଟଙ୍କା ଦେଇଛନ୍ତି । ଏତେ ଟଙ୍କା କ'ଣ ହେବ ?

ମୋତିମାଳା କହିଲେ, ରଖିଥା ବାପ, ପାତ୍ର ଓ ତା'ର ଢଙ୍ଗଢାଙ୍ଗ ସବୁ ଦେଖିଲେ, ତା' ସଙ୍ଗେ ଗୁଣପଦ କଥାବାର୍ତ୍ତା ହେଲେ, ଯଦି ତୋ' ମନକୁ ପାଇବ, ସେହି ଶ୍ରୀରାମଙ୍କ ମନ୍ଦିର ବେଢ଼ାରେ ସେମାନଙ୍କର ଚର୍ଚ୍ଚା କରାଇଦେ । ଯେତେ ଖର୍ଚ୍ଚ ହେଉ ।

ଆକୁଳାନନ୍ଦ ମଥା ପୋତି ତାଙ୍କର ଦାନ ଗ୍ରହଣ କଲା । ଆଉ କିପରି ସେ କୃତଜ୍ଞତା ଜଣାଇବ ବୁଝିପାରିଲା ନାହିଁ ।

Digitized by srujanika@gmail.com

ରତ୍ନାକୁ ସ୍ୱାଗତ କରି ସେ ତା'ର ସାଇକଲ୍‌ରେ ଆଗରେ ଓ ପଛରେ ବୋଝ ବୋହି ମଞ୍ଜପୁର ପ୍ରସ୍ଥାନ କଲା । ହସି ହସି ମୋତିମାଳା ତାକୁ ବିଦାୟ ଦେଲେ । ଅଭିମାନିନୀ ରତ୍ନା ଅନ୍ୟଅତିଥିମାନଙ୍କ ପରି ପିଣ୍ଡାରେ ଠିଆହୋଇ ହସିହସି 'ଟା-ଟା' କହି ବିଦାୟ ଦେଲନାହିଁ ।

ନିରୋଳା ବାଟରେ ସାଇକଲ ଚଳାଇ ଯାଉଥିବା ବିବେକର ଦଂଶନରେ ସେ ଅସ୍ଥିର ହୋଇପଡ଼ିଲା । ବିଚାରିଲା, ସେ ଏ'କଣ କରୁଛି ? ସେ କଣ ସାନ ଭଉଣୀକୁ ସ୍ନେହ ଦେଖାଇବା ଆଳରେ, ନିରୋଳାରେ, ନିଷ୍ପାପ ମନରେ ଭରପୁର-ଯୌବନା ଅବିବାହିତା ଉତ୍ତେଜନା-ଜରଜର ଯୁବତୀକନ୍ୟାକୁ ଆଲିଙ୍ଗନ କରୁଛି ?

ମନ ନାହିଁ ନାହିଁ କରିଲା । ରତ୍ନାର ସରଳ ସ୍ୱାଧୀନ ଜୀବନ, ଆକଟଶୂନ୍ୟ ଚଳନ ଓ ପିତାମାତାଙ୍କର ଗଭୀର ସ୍ନେହ ତାକୁ ସନ୍ଦେହଶୂନ୍ୟ ଓ ସ୍ୱାଧୀନ କରିଛି । ତାର ଦୁର୍ଯୋଗ ନେଇ ସେ କ'ଣ ତାକୁ ପଥହୁଡ଼ା କରିବ, ନିଜେ ରସାତଳକୁ ଓହ୍ଲାଇବ ?

ଅନୁତପ୍ତ ଆକୁଳାନନ୍ଦ ଗ୍ରାମରେ ପହଞ୍ଚିଲା । ପତ୍ନୀ ସେବତୀ ଓ ମାତା ଦୁର୍ଲଭଙ୍କ-ଠାରୁ ସମସ୍ତ ଉଦନ୍ତ ସଂଗ୍ରହ କଲା । ସେବତୀ କହିଲା, ରତ୍ନାକରଙ୍କର ଗ୍ରାମ, କୁଟୁମ୍ବ ଇତ୍ୟାଦି ସମ୍ବନ୍ଧରେ ଖବର ପାଇ ମଲ୍ଲିକାର ଆଖିରୁ ଲୁହର ଧାର ବହି ଯାଉଛି ।

ପଚାରିଲାରୁ ଅତି କଷ୍ଟରେ ସେ ମୁହଁଖୋଲି କହିଲେ, ଭାଉଜ, ମୁଁ ବଡ଼ ଝିଅ ହେଲିଣି । ମତେ ତମେ ପରଘରକୁ ବିଦା କରିବାକୁ ବ୍ୟସ୍ତ । ମୁଁ ତ ବାଧାଦେଇ ପାରିବି ନାହିଁ, ଯେଉଁଠିକୁ ପଠାଇବ ସେ ଗ୍ରାମ, ଘର, ସେଠାକା ମଣିଷ, ସେ କୁଟୁମ୍ବର ଚଳଣି ଆଗରୁ ଦେଖିବି ନାହିଁ, ବୁଝିବି ନାହିଁ ? ମଧ୍ୟସ୍ଥର କଥାରେ ଭୁଲିବି ?

ମଲ୍ଲୀର ଆଖିରୁ ଲୁହ ଝର ଝର ପଡ଼ୁଥାଏ ଗୋ ! ଜୀବନ ସଉଦା କଥାଟି ! ଝିଅ ଆମର ପିଲା ନୁହେଁ । ସଂସାରକୁ ସେ ଜାଣିଲାଣି, ଚିହ୍ନିଲାଣି । ମନର କଥା ସେ ମୋ ଆଗରେ ନ କହି ଆଉ କାହା ଆଗରେ କହନ୍ତେ ?

ଆକୁଳାନନ୍ଦ ଚିନ୍ତା'ରେ ପଡ଼ିଲା । ସେବତୀ କହିଲା, ଏଥକୁ ଏବେ କ'ଣ ଭାବିବାର ଅଛି ? ମୁଁ କହୁଛି, ତମେ ନିଜେ ସସ୍ଥପୁର ଯାଅ । ରତ୍ନାକରଙ୍କୁ, ତାଙ୍କ ଦାଦି ଦିବାକରଙ୍କୁ ଆଉ ରତ୍ନାକରଙ୍କର ବୋଉଙ୍କ ସଙ୍ଗେ କଥାଭାଷା ହୋଇ ଆସିବ । ତାଙ୍କର ଘରଦ୍ୱାର, ବାରିବଗିଚା, ଗାଈଗୋରୁ ଦେଖିବ, କଳନା କରିବ । ଗ୍ରାମର ପରିବେଶ କଳନା କରିବ । ପାଖରେ ତ ନଈ ନାହିଁ, ପୋଖରୀ କେଇଟି ଅଛି ଗ୍ରାମରେ, ରତ୍ନାକରଙ୍କର ଅଛି କି ନାହିଁ ବୁଝିବ । ଜାଣ ତ, ମଲ୍ଲୀର ମାଛରେ ଭାରି ଶରଧା । ସବୁ ଦେଖି, ଶୁଣି, ବିଚାରକରି ମନକୁ ପାଇଲେ, କେବେ ସେମାନେ ଆସିବେ ବୁଝିବ ।

Digitized by srujanika@gmail.com

ରାମ ନବମୀକୁ ଆସିବେ ତ ଆସନ୍ତୁ କନ୍ତୁ ଜାଣିବା ଦରକାର, ସେଦନ ମନ୍ଦରରେ ଭାର ଭଡ଼ ହେବ । ପଚାଶ କ ଛରଣ ଖଣ୍ଡି ଗ୍ରାମର ଲୋକେ ତ ଆସିବେ, ପୁଣି କାହୁ କାହୁଁ କେତେ ଲୋକ ଆସି ଠୁଳ ହେବେ ।

ସେବତଙ୍କର ପ୍ରସ୍ତାବ ଆହ୍ଲାଦନନ୍ଦର ମନକୁ ପାଇଲା । ଦୁର୍ଲଭ ସେଥିରେ ରାଜି ହେଲେ । କହିଲେ, ମୋ' ସୁନା ବୋହୂର ଗୁଣକୁ ସାରକଥା ବାହାରେ । ମୋର ଖାଲି ଏତିକ କହିବାର ଅଛି ଯେ ତୁ ସଙ୍ଗରେ ଆଉ ଜଣକୁ ନେଇଯା । ଦୂର ବାଟ ତ !

ଆହ୍ଲାଦନନ୍ଦ କହିଲା, ସାଇକଲରେ ଯିବି ତ, ଦ' ଖୋଜ ବାଟପଣ ଲାଗିବ । ମୁଁ ତ ଜୋଉଁ କୁଣିଆଁ ନୁହେଁ ଯେ ରାମପୁରର ପାଣ୍ଡଙ୍କ ଘରକୁ ସମ୍ମାନ ଦେଖାଇବାକୁ, ମହତ ଦେଖାଇବାକୁ ଭଣ୍ଡାରୀ ନେଇଯିବି । ମୋ ଗେହ୍ଲା ଭଉଣୀକୁ ନେଇ ଯାହାଙ୍କ ଘରେ ସେବାକାରଣୀ କରାଇବ ସେଠି ବଡ଼ପଣ ଦେଖାଇବ କ'ଣ ?

ବୋଉଲେ, କଥା ରହିଛି—ଝିଅ ଦେଇଥିବ ଯେଉଁଠି, ନଇଁ ପଡ଼ିଥିବ ସେଇଠି । ଆଗରୁ ସେତକ ଦେଖାଇ ଦଏଁ । ଆହୁ, ଆମର ବଂଶୀତ ପଣ୍ଡା ଘରର ହାଣ୍ଡିରେ କେତେ ସେ'ଶଷ ଫୁଟେ କାହାକୁ ଅଜଣା ? ଏବେ ଯିନା ଆମେ ଦରିଦ୍ର ।

ଦୁର୍ଲଭ ଦୀର୍ଘଶ୍ୱାସ ଛାଡ଼ିଲେ । କହିଲେ, ହଁରେ ବାପ, ସେଇଆ । କପୂର ଯାଇ କନା ପଡ଼ିଛି, ଦାସ ଟିକଏ ରହିଛନ୍ତି । ତୁଇ ମୋର ସେଇ କାରୁଡା କନା ଟିକକ । ଠାକୁରେ ତତେ ଦୀର୍ଘାୟୁ କରନ୍ତୁ । ଯାହା ବରୁରୁଛୁ ତୁ ସେଇଆ କର । ତୋ'ର ଯାତ୍ରା ସଫଳ ହେଉ, ଶ୍ରୀରାମଙ୍କଠାରେ ମୋର ଏଇ ଗୁହାରି ।

× × ×

ସତେ, ଯାତ୍ରା ସଫଳ ହେଲା ।

ରାମପୁରର ଦିବାକର ପାଣ୍ଡ, ରତ୍ନାକର ପାଣ୍ଡ ଓ ଅନ୍ୟ ମୁରବିମାନେ, ବରପାଣ୍ଡଙ୍କର ବିଧବା ମାତା ଓ ଗ୍ରାମର ଅନ୍ୟମାନେ ଆହ୍ଲାଦନନ୍ଦ ପଣ୍ଡାଙ୍କର ଦର୍ଶନ ଲଭିବାକୁ ଆସି ଠୁଳ ହେଲେ । କୁହାକୁହି ହେଲେ, କେଡ଼େ ବଡ଼କଥା ହେଲା ! ଧନ୍ୟ ସେ ରତ୍ନାକର ପାଣ୍ଡ ।

କି ତପସ୍ୟା କରିଥିଲା ସେ କେଜାଣି ! ପଣ୍ଡାଏ ତାଙ୍କ ହାତରେ ସାନ ଭଉଣୀକୁ ଅରପିବାକୁ ପ୍ରସ୍ତାବ ଆଣିଛନ୍ତି । ଲକ୍ଷ୍ମୀ ପ୍ରତିମା ତ ! ଶ୍ରୀରାମଙ୍କ ମନ୍ଦିରରେ ଲୋକେ ସେ ଝିଅକୁ କେତେଥର ଦେଖିଛନ୍ତି । ଯାହା କହନ୍ତି, ଦେବୀ ପ୍ରତିମା !

ରତ୍ନାକରକୁ ସଙ୍ଗରେ ନେଇ ଛାଟଲଗା ବଳଦ ଗାଡ଼ିରେ ତାଙ୍କର ବିଧବା ମାତା ଓ ଖୁଡ଼ୀ କେତେଥର ଦିଅଁ ଦର୍ଶନ କରିବାକୁ ଓ ଯାତ ଦେଖିବାକୁ ମହିପୁର

Digitized by srujanika@gmail.com

ଯାଉଛନ୍ତି । ମେଳା ଦେଖିଛନ୍ତି, ତାମସା ଦେଖିଛନ୍ତି । ସେଠାକାର କେତେ ଝିଅ ବୋହୂଙ୍କ ମେଳରେ ପଣ୍ଡାଙ୍କର ସୁନାନାକ୍ସ ଝିଅଟି ବି ଥାଏ ।

ସେ ବାଣ ହୋଇ ପଡ଼ୁଥାଏ । ଦେହରେ ବେଶୀ ଗହଣା ନଥାଏ । ତଥାପି, ତା'ର ରୂପ ଝଟକ ଉଠୁଥାଏ । ତା'ର ଧୀର ମରାଳ-ଗୁଳ ସୂଚନା ଦେଉଥାଏ ସେ କେଉଁ ସମ୍ଭ୍ରାନ୍ତଘରର ପଣୁଣାରେ ବଢ଼ିଥିବା ଗେଲବସର ଦୁଲାଳୀ ।

ସମସ୍ତଙ୍କରୁ ଲୋକେ ଚାହାଁଇ ଦେଉଥିଲେ—ସେ ଘିଅରେ ଖାଇ ଦୁଧରେ ଆଞ୍ଚୋଇଲା ପଣ୍ଡା ଘରର ଅଲଅଲୀ ଝିଅ ।

ନିଶାକରଙ୍କର ହତଭାଗିନୀ ଜନନୀଙ୍କର ଗତକଥା ମନେ ପଡ଼ିବାରୁ ସେ ଆଖିରେ ଲୁହ ଛଳଛଳ କରି କହିଲେ, 'ବାପରେ ଆନନ୍ଦ, ତୋ'ର ସେହି ସୁବର୍ଣ୍ଣ-ପିତୁଳା ସାନଭଉଣୀ ଲକ୍ଷ୍ମୀପ୍ରତିମ ମଣ୍ଣିକାଟିକୁ ଆଣି ମୋ' ଘରକୁ ଉଜ୍ଜ୍ୱଳ କରିବାକୁ ମୁଁ ଚାହେଁ ।'

ହଁ ରେ ବାପ, ସେଇ ମୋ'ର ଲକ୍ଷେ ଟଙ୍କା । ମୋର ସବୁଅଛି । କେବଳ ତା'ଲ ପରି ବୋହୂଟି ଛଡ଼ା ମୋର ସବୁ ଅଛି । ତୁ ଆଉ କ'ଣ ଦେବୁ ? ତୁ ବି ମୋର ପୁଅ ହେଲୁରେ ! ମୁଁ ଚାହୁଁ ନାହିଁ ଭଉଣୀର ବାହାଘର ପାଇଁ କେଉଁ ମହାଜନ ପାଖରେ ହାତ ପାତି ପରେ ହନସ୍ତା ହେବୁ । ସେ ଖବର ପାଇ ଏଣେ ମୋ ବୋହୂଟି ଆଖିରୁ ଲୁହ ଝରାଇବ ।

ନାହିଁ ନାହିଁ ପୁଅ, ସେପରି ବାଇଆ ବୁଦ୍ଧି ଛାଡ଼ । ଗୁଡ଼ାଏ ଖରଚ କରି ଡାକ୍ତରଙ୍କ ଖିସି କରିବ । ପରେ ତମେ ଅକାଳରେ ପଡ଼ି ଆଖିରୁ ଲୁହ ଗଡ଼ାଇଲେ, ବାପରେ, ସେଇମାନେ ତାଳିମାରି ହସିବେ ।

ଆଖି ଠାରାଠାରି ହୋଇ ବୁଢ଼ାବୁଢ଼ୀ ହେବେ, ସେଇଟା ଓଲଙ୍କ ବୋକାମୀ-ବୁଦ୍ଧା । ଘରଙ୍କ ଟିହାଣରେ ମାଡଳା । ଏବେ କର୍ଣ୍ଣ ଗଳା କର୍ଣ୍ଣ ଗଳା ହେଉଛି । ପଳାଇବାର ବାଟ ଖୋଜୁଛି ।

'ମନରେ କପଟ ନ ରଖି ମୁଁ ସବୁ କହୁଛି । ମୋ'ର ଖାଲି ଲୋଡ଼ା ସେଇ ଝିଅଟି ମଣ୍ଣିକା, ଆଉ ତୁଳସୀ ପତ୍ରଟିଏ ।'

ଆନନ୍ଦ ଭାବପ୍ରବଣ ହେଲା । ପ୍ରବଳ ଉଦ୍‌ବେଗ ତା'ର ପଥର-ଆଖିରୁ ଦୁଇଧାର ଲୁହ ଗଡ଼ାଇଲା । ସେ ତା'ର କୋହକୁ ଆୟତ୍ତ କରି ବାଷ୍ପରୁଦ୍ଧ କଣ୍ଠରେ ମିନତି କଲା । ମା'! ମୋର ଆଉ କିଛି କହିବାର ନାହିଁ, ଖାଲି ଗୋଟିଏ ଜଣାଣ ଅଛି ।

କଣ ବାପ ?

ଯଦି ଆପତ୍ତି ନଥାଏ, ତମେ ସାନ ମାଉସୀଙ୍କୁ ସଙ୍ଗରେ ନେଇ ଏଇ ଯୋଗବାର ଦିନ ଶ୍ରୀଜୀଉଙ୍କର ଦର୍ଶନ କରିବାକୁ ଯିବ । ମଉସା ବି ଯିବେ । ବାଅଁ

Digitized by srujanika@gmail.com

ଦର୍ଶନ କରିବ । ମନ ହେଲେ ଆମର ଗରିବ ଘରେ ପାଦ ଥୋଇବ । ବଳକା ବୋଉ ସେବତୀ ତମମାନଙ୍କୁ ସେଇଠୁ ଆମର ଗରିବ କୁଡ଼ିଆକୁ ସଙ୍ଗରେ ନେଇଯିବ !

ରତ୍ନାକରଙ୍କର ବିଧବା ମାତା ମୋହିନୀ ଯେଥିରେ ସମ୍ମତ ହେଲେ । କହିଲେ, 'ମୋର ଗୋଟିଏ ମାତ୍ର ସନ୍ତାନ ଅଛି ବାପ ! ଯିଏ କାଲି ଏ ଘରର ଅଧିକାରିଣୀ ହେବ, ଏ ବଂଶର ରକ୍ଷାକାରିଣୀ, ତାକୁ ମୁଁ ଖାଲିହାତରେ ଦେଖିବି କେମିତି ?'

ବାପରେ, ଏ ମିଣ୍ଟ ଶୁଣିଲେ ସେ-ପୁରରେ ତା'ର ହାତଟେକା ପାଣି ଚଳକ ପାଇଁ ଟାକି ବସିଥିବେ । ରତ୍ନାକରର ବାପା ସେଠାରେ ଆଗରୁ ଟାକି ବସିଛନ୍ତି ?

ମୋହିନୀଙ୍କର ବ୍ୟାକୁଳବାଣୀ ଶୁଣି ଓ ସଜଳ ନେତ୍ର ଦେଖି ଆକୁଳ ବିହ୍ୱଳିତ ହୋଇ କହିଲା, ତମର ସ୍ନେହ ଓ ଆଗ୍ରହର ପ୍ରତିବନ୍ଧକ କେହି ହେବେ ନାହିଁ ମାଉସୀ ! ବୋଉ ମୋର ଖୁସି ହେବ । ସେବତୀର ଉଲ୍ଲାସ କହି ହେବନାହିଁ । ନଣନ୍ଦଟି ତାର ଭଉଣୀ, ସେବାକାରିଣୀ ପୁଣି ସଙ୍ଗିନୀ ।

ଏ ଖବର ପାଇ ରତ୍ନାକର ଉଲ୍ଲସିତ ହେଲା କିନ୍ତୁ ଦିବାକର କ୍ଷୁଣ୍ଣ ହେଲେ । ତାଙ୍କ ପତ୍ନୀଙ୍କଠାରୁ ସବୁ ଟିକିନିଖି କରି ବୁଝି ସେ କହିଲେ, ତମେ ଗୋଟିଏ କପଟ ଓଲୁ । ତମେ ବାଧା ନ ଦେଲ କାହିଁକି ? ଏକା ପରିଡ଼ା ଘରର ସନମାନ ଅଛି ଆଉ ଯାଜ ଘରର ନାହିଁ ?

ତାଙ୍କର ଚତୁରା ପତ୍ନୀ ତାଙ୍କୁ ବୁଝାଇ କହିଲେ, ତମର ମୁରବି ପଣିଆଁକୁ ତମ ଭାଉଜ ଖାତିର କଲେ ନାହିଁ । ଠକରେ ପଡ଼ିଲେ । ପଡ଼ନ୍ତୁ ସେ, ଆମର କି ଯାଏ ? ଆକୁଳାନନ୍ଦ ତାଙ୍କ ଘରେ ଯେଉଁ ନିଧି ସମ୍ପତ୍ତି ଅଜାଡ଼ି ଦେଇଥାନ୍ତେ, ଭଲେ ହେଲ ଭାଇ ତମେ, କଣ ତମ ଘରେ କିଛି ଅଜାଡ଼ି ଦେଇଥାନ୍ତେ କି ? ପାନେ ପାଉନ୍ତୁ ?

ଦିବାକର ମୁଣ୍ଡ ଝୁଲାଇ ସମ୍ମତ ହେଲେ ଓ କଳେ ଆଶ୍ୱସ୍ତ ହୋଇ କହିଲେ, ତମର କଥା ହିଁ ଠିକ୍ । ଏଥର ମା' ଓ ପୁଅ ଦୁହିଙ୍କୁ ଖୁସାମତ୍ କରି, ଟେକାଟେକି କରି କିଛି ଝିଙ୍କାଇବାକୁ ହେବ । ଭାଉଜଙ୍କ ପାଖରେ ବହୁତ ଧନ ଅଛି । ନୁହେଁ କି ?

ତାଙ୍କର ସ୍ତ୍ରୀ ସୁରମା କହିଲେ, ଥିଲେ ଥିବ ମୁଁ କେମିତି ଜାଣିବି ? ତମର ଭାଉଜ, ତମେ ଜାଣିଥିବ । ଥିଲେ ଥାଉ, ଆମର ପୁଅଟିକୁ ତ ସେ ନିଜ ପୁଅ ପରି ଭଲ ପାଆନ୍ତି । ତାଙ୍କୁ ପ୍ରଭାକର ବଡ଼ବୋଉ ବୋଲି ଡାକେ । ଅପା ବି ତାକୁ ଖୁବ ସ୍ନେହ କରନ୍ତି । ତାଙ୍କ ମନରେ ପୁଅ-ପୁତୁରା ଭେଦଭାବ ନଥାଏ ।

ତମେ ସିନା ଭଲେ ହୋଇଛ । ସମ୍ପତ୍ତି ବଣ୍ଟା ଆଗ କରି ନେଇଛ— ବକାଉଙ୍ଗା କରି ଦରକାର ବେଳେ ବନ୍ଦିବସ୍ତା କରି ଅଫିମ ପୋଡ଼ ଧୂଆଁ

Digitized by srujanika@gmail.com

ଶୋଇଛିବାକୁ । ତମେ ପୁଅଟି ଭଳେ ହୋଇନାହିଁ ବା ! ଦରୁଦେଲେ ଯାଇ ସେ ତା' ବଡ଼ ମା'ଙ୍କ ପାଖରେ । ଦେଖେ ମନା କଲେ ସେ କ'ଣ ମାନେ ?

ଦିବାକର ତାଙ୍କ ଘରଣୀଙ୍କ ସଙ୍ଗେ ଏ ବିଷୟରେ ଆଉ ଆଲୋଚନା କରିବାରୁ ବିରତ ହେଲେ । କହିଲେ, ହେଉ, ଆକୁଳାନନ୍ଦ ପଣ୍ଡାଙ୍କ ସଙ୍ଗେ ଆଲୋଚନାରେ ସ୍ୱଜନ ଯାହା ସ୍ଥିର କଲେ ତାହାହିଁ ହେବ । ତମେ, ସ୍ୱଜନ, ପ୍ରଭାକର ଗୋଟିଏ ଡାଟଲଗା ଗାଡ଼ିରେ ରବିବାର ରାତିପାହିଲାନ୍ତୁ ବାହାରି ପଡ଼ିବ ।

ନିତ୍ୟକର୍ମ ଶେଷକରି ଯାଇଥିବ । ଦିନ ପ୍ରହରକ ସରିକି ମଲ୍ଲିପୁର ଶ୍ରୀରାମଙ୍କର ମନ୍ଦିର ଚୋଟାରେ ପହଞ୍ଚିବ । ରାତିପାହିବା ସଙ୍ଗେ ରତ୍ନାକର, ମୁଁ ଓ ପ୍ରହରାଜେ ଦିନୋଟି ସାଇକଲ୍‌ରେ ଯାଇ ସେଇଠି ପହଞ୍ଚିବୁ । ତେବେ, ତମର ଆମକୁ ଅପେକ୍ଷା କରିବା ଆବଶ୍ୟକ ନାହିଁ ।

ତାଙ୍କର ସ୍ତ୍ରୀ ସୁରମା କହିଲେ, କିନ୍ତୁ ତମେ ତ ପଣ୍ଡାଙ୍କ ଘରର ସେ ଝିଅଟିକୁ ଦେଖିବାକୁ ତାଙ୍କ ଘରକୁ ଯାଇ ପାରିବ ନାହିଁ ?

'ନା, ଆମେ ଦିଅଁ ଦର୍ଶନ କରିବାକୁ ଯିବୁ । ଝିଅ ଦେଖିବାକୁ ନୁହଁ....'

× × ×

କଅଁଳ-ଗାଧୁଆବେଳ ଗଡ଼ି ଯାଇଥାଏ । ପଣ୍ଡାଙ୍କ ଘରେ ଖବର ପହଞ୍ଚିଲା ଯେ ରାମପୁରର ପାମଙ୍କ ଘରୁ କେଉଁମାନେ ସବୁ ଦିଅଁ ମନଙ୍କ ଦର୍ଶନ କରିବାକୁ ଆସି ଦନ୍ଦ ଉପରଚୋଟାରେ ଡେରା ପକାଇଛନ୍ତି । ଦର୍ଶକମାନଙ୍କ ରହଣି ପାଇଁ ତୋଳା ହୋଇଥିବା ଖ୍ରୀଲଘର ଧାଉଡ଼ିରୁ ଗୋଟିଏ ବଖରା ନେଇ ସେଇଠି ରହୁଛନ୍ତି ।

ଆକୁଳାନନ୍ଦ ଆଗରୁ ଦେବଦତ୍ତାଙ୍କର ବଡ଼ ପୁଅଙ୍କୁ ସେମାନଙ୍କର ତତ୍ତ୍ୱ ନେଇ ଖବର ପଠାଇବାକୁ ଅନୁରୋଧ କରିଥିଲା । ସମ୍ବାଦପାଇ ତାଙ୍କ ଘରେ ଟିକିଏ ଉତ୍ତେଜନାର ଢେଉ ଖେଳିଗଲା । ସେବନ୍ତୀ ହସ ହସ ହୋଇ ମଲ୍ଲୀର ହାତଟିଏ ଧରନ୍ତେ, ତା'ର ଆଖି ଦିଓଟି ଲୁହରେ ଢଳଢଳ ହେଲା ।

ସେବନ୍ତୀ ରହସ୍ୟ କରି ମୃଦୁହସି କହିଲା, ପଦ୍ମ ଫୁଲରେ ଶିଶିର ବିନ୍ଦୁ ପଡ଼ିଲା ପରି ଅଧିକ ସୁନ୍ଦର ଦିଶୁଛ ଲୋ, ସେତିକି ଥାଉ; ତଳକୁ ଗଡ଼ି ଆସିଲେ ଅସନା ଦିଶିବ ।

ମଲ୍ଲୀ ପଚାରିଲା, ମୁଁ କ'ଣ କରିବ ଭାଉଜ ? ସେମାନେ ଯଦି ମତେ କିଛି ପଚାରିବେ ମୁଁ କ'ଣ ତା'ର ଜବାବ ଦେବି, ନା ନିଜେ ମୂକ ହୋଇ ରହିବ ?

ସେବନ୍ତୀ ଟିକିଏ ଚିନ୍ତା କଲା । କହିଲା, ଯେଉଁ ପ୍ରଶ୍ନର ଉତ୍ତର ଅନ୍ୟମାନେ ଦେଇପାରିବେ, ତମର ଦେବା ଲୋଡ଼ା କ'ଣ ? ତମ ନିଜ ସମ୍ବନ୍ଧରେ କିଏ କିଛି ପଚାରିଲେ ମନ ହେଲେ ଉତ୍ତର ଦେବ, ନୋହିଲେ ନୀରବ ରହିବ ।

Digitized by srujanika@gmail.com

ତମେ କାନ୍ଦନା ମଲ୍ଲିକା, ନୂଆ କଥା କିଛି ହେଉନାହିଁ । ମୋ' ପଣକା ସବୁଝିଅ ଦଳେ ପରଘରୀ ହେବେ । ସେଇ ପରଘର ହେବ ଆପଣାର । ବାପଘର ପର ନ ହେଲେ ବି ହୋଇଯିବ ଦୂର, ଦୂର, ଆହୁରି ଦୂର, ଦେହ ଓ ମନର ଅପହଞ୍ଚ, ଯେମିତି ହୋଇଛି ମୋର, ଅଧିକାଂଶଙ୍କର ।

ଶ୍ରୀରାମଙ୍କ ମନ୍ଦିରର ଦରବୁଢ଼ା ପୂଜାହାରୀ ପାଣ୍ଡଙ୍କ ଘରର ବୋହୂ ଦୁହିଁଙ୍କ ସଙ୍ଗରେ ଅନ୍ୟମାନଙ୍କୁ ଆଣି ପଣ୍ଡାଙ୍କ ଘରେ ଗୁଜୁରେଇ ଆସିଲେ । ଆଗରୁ ଖବର ପାଇ ଦୁର୍ଲଭ ଓ ଯୋଗଣ ସେମାନଙ୍କୁ ପାଛୋଟି ନେଲେ । ରତ୍ନାକର ଓ ଦିବାକର ପାଣ୍ଡେ ମନ୍ଦିରରୁ ଚଟେଇଘରକୁ ଫେରିଗଲେ । ଏ ସମ୍ବାଦ ପାଇ ଆକୁଳାନନ୍ଦ ସେଠାକୁ ଯାଇ ସେମାନଙ୍କର ରହଣିର ସବୁ ସୁବିଧା କରାଇବାରେ ବ୍ୟସ୍ତ ରହିଲେ ।

× × ×

ଦେବତାର ବୋଲମାନି ମଲ୍ଲିକା ରତ୍ନାକରଙ୍କ ମାତା ମୋହିନୀ ଓ ଖୁଡ଼ୀ ସୁରମାଙ୍କୁ ପ୍ରଣତ ହେଲା । ସଜଳ ନେତ୍ରରେ ଟିକିଏ ଦୂରରେ ଠିଆହୋଇ ଚାହିଁ ରହିଥିଲେ ଦୁର୍ଲଭ । ମୋହିନୀଙ୍କ ସଙ୍ଗରେ ତାଙ୍କର ଅଳ୍ପକଥାରେ ଆଲୋଚନା ହୋଇ ସାରିଥିଲା ।

ମୋହିନୀଙ୍କ ହାତରୁ ନେଇ ତାଙ୍କର ସାନ ଜାଆ ସୁରମା ମଲ୍ଲିକାର ବେକରେ ରମାଭୂଷଣ ପଦକଲଗା ବେଶ୍ ପସନ୍ଦିଆ ସୁନାର ହାର ଓ ହାତରେ ପଥରବସା ସୁନାର ଖଡ଼ୁ ପିନ୍ଧାଇ ଦେଲେ । ଟିକିଏ ଦୂରରେ ଠିଆହୋଇ ଦୁର୍ଲଭ ଏହା ଦେଖୁଥିଲେ । ସେ ପାଖେଇ ଆସି ମୋହିନୀଙ୍କର ହାତଟିଏ ମୁଠାଇ ଧରିଲେ ।

ବାଷ୍ପ ଗଦ୍‌ଗଦ କଣ୍ଠରେ କହିଲେ, ଏଇ ଆନନ୍ଦ ଦେଖିବାକୁ ମଲ୍ଲୀର ଜନ୍ମଦାତା ତମର ସମୁଦି ନାହାନ୍ତି । ବାପ ନ ଥାଇ ରତ୍ନାକରର ବାପ ଯଣକା ଦାଦା ଅଛନ୍ତି । ମଲ୍ଲୀର ସେ ଅଭାବ ପୂରଣ କରିବ ତା'ର ଭାଇ । ପିଲାଟା ତ, ପର ଦୁଆରେ ମୂଲ ଲାଗିଛି । ସେତେ ସେ ରୋଜଗାର କରୁ ପରର ଅଧୀନ !

ତାଙ୍କର ତୁଣ୍ଡରୁ ଏପରି ବିନମ୍ର ବଚନ ଶୁଣି ମୋହିନୀ କହିଲେ, ସେମିତି କାହିଁକି ଭାବୁଛ ସମୁଦୁଣୀ ? ସଂସାରରେ ଘରକରି ଚଳିବାକୁ ହେଲେ ମଣିଷଙ୍କୁ ପରର ଅଧୀନ ହେବାକୁ ପଡ଼େ । ମୁଁ ତ ଏହା ହାଡ଼େ ହାଡ଼େ ଅନୁଭବ କରୁଛି । ଆକୁଳାନନ୍ଦ ପରି ତାଙ୍କ ମଉସାଙ୍କ କାରଖାନାରେ ବଡ଼ ଚାକରି କରି ବେଶ୍ ମୋଟା ଦରମା ପାଆନ୍ତି ?

Digitized by srujanika@gmail.com

ଦୁର୍ଲଭ କହିଲେ, ହଁ ଗୋ ସମୁଦୁଣୀ ! କାରଖାନାର ମାଲିକଙ୍କର ଘରଣୀ, ଲେଖାରେ ମୋ ମାଉସୀ-ଝିଅ ଭଉଣୀ । ତାର ନାମଟି ମୋହମାଳା । ମାଉସୀଙ୍କ ଘରେ ତ କାମ, ପର ଦୁଆରେ କାମ କଲାପରି ମୋ ପୁଅ ମଣେ ନାହିଁ ।

ଝିଅର ବାହାଘରକୁ ସେ ନିଶ୍ଚେ ଆସିବେ । ମନକଲେ ବାହାଘର ପରେ ସେ ମଲ୍ଲୀକୁ ଦେଖିବାକୁ ତାଙ୍କର ଗୋଟିଏ ବୋଲି ସନ୍ତାନ ଝିଅ ରତ୍ନମାଳାକୁ ସଙ୍ଗରେ ନେଇ ଥରେ ତମ ଘରକୁ ଯିବେ । ରତ୍ନାଟି ଦେଖିବାକୁ ଖୁବ ସୁନ୍ଦର । ତା' ମା' ପରିକା । ଥରେ ସେ ଏଠାକୁ ଆସିଥିଲା । ଏତେ ମିଳାପୀ ସେ ଦିନ ଦଶଟି ରହଣିରେ ଗାଁ'ର ଝିଅବୋହୂଙ୍କୁ ଆପଣାର କଲା ।

ଦୁଲଭଙ୍କର ମନ-ଖୁସିଆ ବଚନ ସରୁଣୁ ନ-ସରୁଣୁ ମଟର ଗାଡ଼ିର ହର୍ଣ୍ଣ-ଶବ୍ଦ ଦାଣ୍ଡଆଡ଼ୁ ଶୁଭିଲା । ସମସ୍ତେ କାନ ଡେରିଲେ । ମଲ୍ଲିକା ଠିକ୍ ଅନୁମାନ କଲା, ନିଶ୍ଚୟ ତା'ର ମାଉସୀ ମୋହମାଳା ସଙ୍ଗରେ ନେଇ ଆସିଛନ୍ତି ରତ୍ନମାଳାକୁ । ରତ୍ନା ତାକୁ ଖୁବ ସ୍ନେହ କରେ । ତା'ର ଅନୁରୋଧ ମାଉସୀ ଖଣ୍ଡନ୍ତେ କିପରି ?

ମନ ହେଉଥିଲା ସେ ଦାଣ୍ଡକୁ ଛୁଟି ଯିବ । ସାନଭଉଣୀଟି ରତ୍ନାକୁ ଆଗ କୋଳାଇ ଧରିବ । ସେଇଠୁ ପଛେ ମାଉସୀଙ୍କ ପଦତଳେ ପ୍ରଣତ ହୋଇ ପାଛୋଟି ନେବ । ମନେ ପଡ଼ିଗଲା, ତାର ଗ୍ରୀବା ଉପରେ ପଦକଲଗା ବେଶ୍ ଓଜନିଆ ସୁନାର ହାରଟିଏ ଦୋହଲୁଛି । ସେହିପରି ହାତରେ ପିନ୍ଧିଛି ସୁନାର ଖଡ଼ୁ ।

ଭାବିଲା, ଏବଯାଏ ପର ଗୁହାଳରେ ବନ୍ଦୀ ନ ହୋଇଥିଲେ ମଧ୍ୟ ବେକରେ ପଘା ଝୁଲି ସାରିଲାଣି । ସେ ସ୍ୱାଧୀନତା ହରାଇଛି । ଠପ୍‌ଠପ୍ ହୋଇ ଆଖିରୁ ତାର ଲୋତକ ବିନ୍ଦୁ ଝରିଲା ।

ସେବତୀ ନିଜର ଅଞ୍ଚଳରେ ମଲ୍ଲିକାର ଆଖି ପୋଛିଦେଲା । ନିଜେ ଆଖିରେ ଲୁହ ଛଳଛଳ କରି କହିଲା, ଆଜି ପରି ଶୁଭ ଦିନଟିରେ ଆଖିରୁ ଲୁହ ଝରେନା ମଲ୍ଲି, ଆସ ଦାଣ୍ଡକୁ ଯିବା । ଖୁବ ସମ୍ଭବ ରତ୍ନାଙ୍କୁ ସଙ୍ଗରେ ନେଇ ମାଉସୀ ବଡ଼ ସହରରୁ ଆସିଛନ୍ତି । ତାଙ୍କୁ ପାଛୋଟି ଆଣିବା ।

ମଲ୍ଲିକା ଲାଜ ଲାଜ ହେଲା । କହିଲା, ମତେ ଟାଣ ନାହିଁ ଭାଉଜ, ମତେ ସରମ ଲାଗିବ । ତବଡ଼ବା ରତ୍ନା ମୋ ହାତ ଧରି ଆଗ ପଚାରିବ, ଏସବୁ କ'ଣ ପିନ୍ଧିଛୁ ଅପା, କାହିଁକି ପିନ୍ଧିଛୁ । ମାଉସୀଙ୍କ ଆଗରେ ରତ୍ନାକୁ ମୁଁ କି ଜବାବ ଦେବି ? ମୁଁ କଢେରକୁ ଯାଉଛି ।

ସେ ସେଇଆ କଲା । ସେବତୀ ଦାଣ୍ଡକୁ ଗଲା । କାର୍‌ଟି ପାହାଚ ତଳେ ଅଡ଼ଆଡ଼ିଆ ରଖା ହୋଇଥିଲା । ଶ୍ୱେତ ଦେଇ ପୁରୁଣା ଡ୍ରାଇଭର, ଫାଟକ ଖୋଲି ଏକଆଡ଼ିଆ ଠିଆ ହୋଇଥିଲା । ଗାଡ଼ି ଭିତରୁ ଆଗ ଓହ୍ଲାଇଲା ରତ୍ନା । ତା' ପଛେ ପଛେ ନିଜେ ମୋହମାଳା ।

Digitized by srujanika@gmail.com

ସେଇଠି ମୋହମାଲାଙ୍କ କେବଠାରୁ ଚହ୍ଲିଲ ପରି ତଳେ ମୁଣ୍ଡ ଲଗାଇ ପ୍ରଣତ ହୁଅନ୍ତେ, ମୋହମାଲା ତାଙ୍କୁ ଉଠାଇଲେ । କହିଲେ, ହେଲା; ହେଲା ମା ! ଦାଣ୍ଡରେ କଥାଭାଷା ହେବା ନାହିଁ, ଲୋକେ ମା'ଥାଯ କରୁଛନ୍ତି ।

ରତ୍ନମାଳା ପଚାରିଲା, ବଗୁଲିଆ ବଳଲାନନ୍ଦ କାହିଁ ? ସେ କାର୍‌ର ହର୍ଣ୍ଣ-ଶବଦ ଶୁଣି ଆଗ ଧାଇଁଆସିବ ବୋଲି ମୁଁ ଜନେ ବାରମ୍ବାର ହର୍ଣ୍ଣ ବଜାଇଲି ।

ସେବତୀ କହିଲା, ସେ ତା'ର ବାପାଙ୍କ ସଙ୍ଗରେ ଶ୍ରୀରାମଙ୍କର ମନ୍ଦିର ଆଗ ଛୋଟ ଭିତର ବନ୍ଧ ଉପରେ ଥିବା ଚଟେଇଘରକୁ ଯାଇଛି । ଠିଆଠିଆ କ'ଣ ଏଠି କହିବ ମା'ଉସୀ, ଭିତରକୁ ଆସ । ସବୁ ଦେଖିବ, ସୁଖବର ଶୁଣିବ, ଜାଣିବ ।

ସେବତୀର ସଙ୍ଗରେ ମା'-ଝିଅ ଦୁହେଁ ଖଞ୍ଜା ଭିତରକୁ ମୋଡ଼ିଲେ । ମୁହଁ ବୁଲାଇ ମୋହମାଲା ତାଙ୍କର ଡ୍ରାଇଭର୍‌କୁ ନିର୍ଦ୍ଦେଶ ଦେଲେ, ଜିନିଷଗୁଡ଼ିକ କାର୍ ଭିତରୁ ଆଣି ଘରେ ରଖିଦିଅ । ମନେରଖ, ସନ୍ଧ ପୂର୍ବରୁ ଆମେ ଫେରିଯିବା ।

ଡ୍ରାଇଭର୍ ଉତ୍ତର ଦେଲା - ହଁ, ମା' ! ମୁଁ ତ ସବୁବେଳେ ପ୍ରସ୍ତୁତ ରହିଛି । ଆପଣମାନେ ବିଳମ୍ବ ନ କଲେ ହେଲା ।

ମଲ୍ଲିକାର ଲାଜ ଲାଜ ନୂଆବେଶ ଦେଖି ମୋହମାଲା ଖୁସି ହେଲେ । ତା'ର ମଥା ଆଉଁସୁ ଆଉଁସୁ ସେବତୀକୁ କହିଲେ, ଲକ୍ଷ୍ମୀ ମା'ଟି ମୋର ସୁଖୀ ହେଉ ।

ସବୁ ଜାଣିଲା ପରି ଏତକ କହି ମୋହମାଲା ପୁଣି କହିଲେ, ବୋହୂଗୋ, କେଉଁକଥା କାହାକୁ ଅଛପା ରହେ ନାହିଁ । ଗାଁସାରା ଜାଣିଲେଣି ଯେ କେଉଁ ରାସ୍ତପଡ଼ା ଗ୍ରାମର ପାଣ୍ଡଘର ଘରଣୀମାନେ ଏ ଗ୍ରାମର ଆକୁଳ ପରିଡ଼ାଙ୍କ ଭଉଣୀ ମଲ୍ଲୀଦେଇଙ୍କୁ ବୋହୂ କରିବାକୁ ତାଙ୍କ ଘରକୁ ଦେଖିବାକୁ ଆସିଛନ୍ତି ।

ଷମ୍ଭଟାଏ ରାସ୍ତା ଉପରେ ଶୋଇଥିଲା । ଗାଡ଼ିର ହର୍ଣ୍ଣ ଶୁଣି ମଧ୍ୟ ଚଳିଲା ନାହିଁ । ଗାଁ ଲୋକେ ଆସି ତା' ମୁଣ୍ଡ ଆଉଁସି ତାକୁ ଅନୁରୋଧ କଲାରୁ ସେ ବାଟ ଛାଡ଼ିଦେଲା । ଏଗାଡ଼ି, ଡ୍ରାଇଭର ଆଉ ରତ୍ନାକୁ ସେମାନେ ଚହ୍ଲିଲେ ପରା ! ଖାଲି ଖୁସି ହେଲେ । ଏମାନଙ୍କର ଆସିବା ଖବର ସେହିମାନେ ଦେଲେ ।

'କାହାନ୍ତି ସେମାନେ ମା ?'

ସେବତୀ ଠିକେ ଠିକେ ସବୁକଥା କହି, ଟାଖରେ ଠିଆହୋଇ ସରମରେ ମଥା ନୋଇଁଥିବା ମଲ୍ଲିକାର ବେକର ହାର ଓ ତା'ର ହାତ ଉଠାଇ ପିନ୍ଧିଥିବା ସୁନାଖଡ଼ୁ ମୋହମାଲାଙ୍କୁ ଦେଖାଇ ଦେଲା । ପୁଣି କହିଲା, ମୁଁ ମଲ୍ଲୀଙ୍କୁ କହୁଛି — ଟିକିଏ ଅଡ଼ୁଆ ଲାଗିଲେ ଲାଗୁ ପଛେ, ବେକରୁ କି ହାତରୁ ସେ ଗହଣା କେବେ ଛଡାଇବେ ନାହିଁ ।

Digitized by srujanika@gmail.com

ମଲ୍ଲିକାର ପିଠିରେ ହାତ ବୁଲାଇ କହିଲେ, ତୋ ଶାଶୁ ଯାହା ଶିଖାଇଲେ ସେତକ ତୁ ମାନିବୁ ମା ! ସମାଜର ବିଧାନ ଆନ କରିବା ଉଚିତ ନୁହେଁ । ତୋ' ମଉସା ସହରରୁ କ'ଣ ସବୁ ଜିନିଷ ପଠାଇଛନ୍ତି, ଡ୍ରାଇଭର୍ ଅଣି ଦାଣ୍ଡଘରେ ରଖୁଥିବ । ତୁ ତାକୁ ସଜାଡ଼ି ରଖ ।

ରତ୍ନାକୁ କହିଲେ, ତୁ ତୋ' ମଲ୍ଲୀଅପା ସଙ୍ଗେ ଗପ କରୁଥିବୁ । ଆମର ବେଶି ବେଳ ନାହିଁ । ସଞ୍ଜ ଆଗରୁ ଫେରିଯିବାକି, ତେଣୁ ଗାଁ ବୁଲିଯିବୁ ନାହିଁ । ସମସ୍ତେ ଆଜ ଶୁଭଦିନଟିରେ ଦିଅଁ ଦର୍ଶନ କରିବା । ଆମେ ଆକୁଳାନନ୍ଦକୁ କହିଲେ, କୋଉଁ ଯିଏ ହେବେ ତାକୁ ଓ ତା'ର ଦାଦଙ୍କୁ ଦିଅଁ ଦର୍ଶନ ପାଇଁ ଆସିବାକୁ ଡାକିବେ । ଏଣୁ ଆମେ ସମସ୍ତେ ଯିବା ।

ଜ୍ୱାଇଁକୁ ମୁଁ ନିଶ୍ଚେ ଦେଖିବି । ଏଠି, ନୋହିଲେ ମୋତେ ରାୟପୁର ଯିବାକୁ ପଡ଼ିବ । ତମ ମଉସାଙ୍କର ସେଇ ଇଚ୍ଛା । ବରଂ ଶ୍ରୀରାମଙ୍କ ମନ୍ଦିରରେ ଠାକୁରଙ୍କ ଆଗରେ ହେଲେ ଭଲ ।

ତାଙ୍କର କଥା ତାଙ୍କ ତୁଣ୍ଡରେ ଅଛି, ହସହସ ହୋଇ ଆକୁଳାନନ୍ଦ ଆସି ପହଞ୍ଚିଗଲା ।

× × ×

ସଞ୍ଜ ହେବାକୁ ଡେରିଥାଏ । ତଥାପି ଆକୁଳାନନ୍ଦର ଅନୁରୋଧ ରକ୍ଷା କରି ପୁରୋହିତେ ଶ୍ରୀରାମଙ୍କର ମନ୍ଦିରର ଦ୍ୱାର ଖୋଲି ଦେଇଥିଲେ । ମନ୍ଦିର ମଧ୍ୟରେ ଦେବତାଙ୍କ ଆସ୍ଥାନ ଆଗରେ କେତୋଟି ଘିଅଦୀପ ଜଳାଇ ଦେଇଥିଲେ । ସେ ନିଜେ ଉପସ୍ଥିତ ଥିଲେ ।

ଏମାନେ ପ୍ରସ୍ତୁତ ଅଛନ୍ତି ଜାଣି ଆକୁଳାନନ୍ଦ କହିଲା, ସେମାନେ ସମସ୍ତେ ଆସି ମନ୍ଦିର ପାଖରେ ପହଞ୍ଚି ଯିବେଣି । ତମେମାନେ ଆଉ ଡେରି କରନା । ସେମାନେ ରାତି ନ ହେଉଣୁ ରାୟପୁର ଫେରିଯିବେ ବୋଲି ବଗ୍ରୁଥିଲେ ।

'ମୁଁ ତେବେ ସାଇକଲରେ ଆଗରୁ ଯାଇ ସେମାନଙ୍କୁ ଖବର ଦେବି ଯେ ତମେ ସବୁ ଆସୁଛ । ଖଗପତି କୋଠିଆ ଏ ଘରକୁ ଜଗି ରହିବ । ଦାଣ୍ଡରେ ସେ ତା'ର ଠେଙ୍ଗା ଧରି ବସିଛି । ମାଉସୀ, ସେ ଆମର ବିଶ୍ୱାସୀ ।'

ରତ୍ନକରକୁ ଦେଖି ସେମାନେ ଖୁସି ହେଲେ । ସୁନ୍ଦର ସ୍ୱାସ୍ଥ୍ୟବାନ୍ ଯୁବକ । ଉଜ୍ଜ୍ୱଳ ପୋଟଳ-ଫାଳିଆ ଆଖି । ଘଞ୍ଚ ଭ୍ରୂଲତା । ଲମ୍ବା ନାକ । ବେଶ୍ ଭଲ । ମୋତିମାଳା ଖଞ୍ଜିବଲେ, ଅବଶ୍ୟ ଅନ୍ୟମାନଙ୍କ ମନକୁ ପାଉଥିବ । ତାଙ୍କ ପାଖରେ ଠିଆ ହୋଇଥିଲେ ଦୁର୍ଲଭ । ହସିଲା ଆଖିରେ ଅନାଇଁଲେ ।

Digitized by srujanika@gmail.com

କେତେବେଳେ ରତ୍ନାକରଙ୍କର ଝିଡ଼ୀ ସୁରମା ବୁଲିଯାଇ ମନ୍ଦିରର ଦ୍ୱାରଟିଏ ଧରି ଠିଆ ହୋଇଥିଲେ । ପୁଅର ଦୃଷ୍ଟି ଆକର୍ଷଣ କରୁଥିଲେ । ହସି ହସି ତାକୁ କଣ କହୁଥିଲେ ।

ଦିନର ଆଲୁଅ ମନ୍ଦିର ଭିତରେ ମଳିନ ଦିଶୁଥିଲା । ପୁରୋହିତେ ପରିଡ଼ାଙ୍କ ଅନୁରୋଧରେ ଦିଓଟି ଦ୍ୱୀପ ଜଳାଇ ଦେଇଥିଲେ ।

ମୋଢମାଳା ରତ୍ନାକରର ଆଗକୁ ଗଲେ । ଗ୍ରୁଡରେ ସାହସ ବାନ୍ଧି ତା'ର ଡାହାଣ ହାତଟି ଉଠାଇଲେ । ପାପୁଲିକୁ ଟେକି ପୁଅର ପରି-ଅଙ୍ଗୁଠିରେ ମୂଲ୍ୟବାନ୍ ସୁନାମୁଦିଟି ପିନ୍ଧାଇ ଦେଲେ । କହିଲେ, ପୁଅ ମ, ମୁଁ ତୁମର ମାଉସୀ-ଶାଶୁ ହେବ । ସେହି ଆଶାରେ ବଡ଼ ସହରରୁ ଧାଇଁ ଆସିଛି ।

ତଥାପି ଏପରି ସାହସ ମୁଁ କରି ନଥା'ନ୍ତି ବାବୁ ! ଶୁଣିଲି, ପୁଣି ଏଗାଁରେ ପହଞ୍ଚି ମୋ' ଅପା ଯେ ଆକୁଳ ବୋଉ, ତାଙ୍କ ଘରେ ଦେଖି ଆସିଲି ତମର ବୋଉ ଓ ଖୁଡ଼ି ମୋ' ଝିଆରି ମଲ୍ଲୀକୁ ବୋହୂ ରୂପେ ବରଣ କରି ଆସିଛନ୍ତି ।

ତମୁକୁ ମୁଁ ଆଶୀର୍ବାଦ କରୁଛି ବାପ ! ଦିହେଁ ତ ଦୁହିଙ୍କୁ ଦେବମନ୍ଦିର ଭିତରେ ଦିଅଁଙ୍କ ଆଗରେ ଦେଖିଲି । ଅମର ଆଶୀର୍ବାଦ ନେଲି । ସମସ୍ତଙ୍କ ମନରୁ ସନ୍ଦେହ ତୁଟିଲା ।

ଏଥର ସମୁଦ ଦିବାକରବାବୁ ବାହାଘରର ଦିନବାର ସ୍ଥିର କରନ୍ତୁ । ସେହି ତ ମୁରବି । ଦୁଇଆଡ଼ର ସେ ମୁରବି ହେବେ । ଯାହା କହିବେ ରତ୍ନାକର ତ ମାନିବେ । ଆକୁଳାନନ୍ଦ ବି ଅମାନିଆଁ ହେବ ନାହିଁ । ଦେବା ନେବାର ପ୍ରଶ୍ନ ଯଦି ନ ଉଠିବ ସମୁଦ, ଆକୁଳାନନ୍ଦ ତା'ର ସାଧ୍ୟ ମତେ ଅବଶ୍ୟ ତା' ଭଉଣୀକୁ ଦେବ ।

ଦିବାକର ହସିତ ହସିଲେ, —ରତ୍ନାକରଙ୍କର ସିହ୍ନାଣୀ ବୋଉ ମେଣ୍ଟାଏ ପାଇଲେ ତାଙ୍କର କି ଯାଏ ? ସାଇପଲ୍ ପାଣି ସଇଲେ ରଗ ମରିବ ।

କହିଲେ, ଦେବା ନେବାର ପ୍ରଶ୍ନ କାହିଁକି ଉଠିବ ସମୁଦୁଣୀ ! ରତ୍ନାକରକୁ ବାହା କରାଇ ଝିଉଜ ସୁବର୍ଣ୍ଣ-ପ୍ରତିମା ଲକ୍ଷ୍ମୀ ବୋହୂଟିଏ ତ ଘରକୁ ଉଜ୍ଜ୍ୱଳ କରିବ'କୁ ନେବେ, ଆଉ ସେ ଅଧିକ ଆଶା କରିବେ କାହିଁକି ?

ଆକୁଳାନନ୍ଦଙ୍କର ଯାହା ଶକ୍ତି ଓ ଖୁସି ସେ ତାଙ୍କ ଭଉଣୀକୁ ଦେବେ ।

ଏତିକରେ ଆଲୋଚନା ସରିଲା ।

ସନ୍ଧ୍ୟା ହୋଇ ଆସୁଥିଲା । ଆକୁଳାନନ୍ଦକୁ ଛାଡ଼ି ଅନ୍ୟମାନେ ଘରକୁ ଫେରି ଆସିଲେ ।

× × ×

Digitized by srujanika@gmail.com

ସମସ୍ତଙ୍କ ମନରେ ଆନନ୍ଦ । ଏତେଦିନ ପରେ ଊଣେଇଶ ବର୍ଷର ଯୁବତୀଟିଏ, ସେକାଳିଆ ପରଘରର ଗୋଇଠୋଲାଙ୍କ ମତରେ—ଦରବୁଢ଼ୀ ମଞ୍ଜୀର ବାହାଘର ପଡ଼ିଲା । ଅଳ୍ପ ସମୟ ପରେ ଆକୁଳାନନ୍ଦ ଫେରି ଆସିଲା । ଛଳଛଳ ଆଖିରେ ମେ ତା'ର ବୋଉ, ମାଉସୀ ଓ ସ୍ତ୍ରୀଙ୍କୁ ବାହାଘରର ଦିନବାର ଜଣାଇ ଦେଲା ।

ବୋଉ ମ, ମଞ୍ଜୀର ଟିପଣା ତାଙ୍କ ପାଖରେ ଥିଲା । ରତ୍ନାକରର ଜାତକ ତା'ର ଦାଦା ସଙ୍ଗରେ ଆଣିଥିଲେ । ସେତକ ଆଣିବାକୁ ମୁଁ ତାଙ୍କୁ ତାଙ୍କ ଗ୍ରାମରେ ଅନୁରୋଧ କରି ଆସିଥିଲି । କଥାଟା ତୁଣ୍ଡିଗଲେ ଯେ ଯାହାର ଆୟୋଜନରେ ଲାଗି ପଡ଼ିବେ ତ !

ଦୁର୍ଲଭ ପଚାରିଲେ, ବାହାଘରର ଦିନବାର କେବେ ସ୍ଥିର ହେଲା ବାପ ?

ଜ୍ୟେଷ୍ଠମାସ ଶନିବାର ଦି ୮ନ, ଇଂରାଜୀ ଜୁନ୍ ମାସ ତା ୧୮ ରିଖ । ତା' ଆଗଦିନ ଶୁକ୍ରବାର ମଙ୍ଗଳପାକ । ସବ 'ସର୍ବ ମଙ୍ଗଳ ଜଗନ୍ନାଥ' କରୁଣୁ ଦେଖାଗଲା ଜାତକ ଭଲ ଶୁଝିଛି—'ରାଜଯୋଟକ' । ପୁରୋହିତେ କହିଲେ—ସବ-ଶୁଭରେ ବାହାଘର କରିଯାଅ ।

ଆଖିରେ ଲୁହ ଛଳଛଳ କରି ଦୁର୍ଲଭ ପଚାରିଲେ, ଆଉ କେତେ ମାସ ରହିଲା ?

ମାସ କାହିଁ ବୋଉ ? ଦିନ ପନ୍ଦରଟା ତ ରହିଲା । ଦିବାକରଙ୍କୁ ପଚାରିଲି, ତିଥିଟା ଆଉ ମାସେ ଘୁଞ୍ଚାଇ ଦେବା କି ? ଏତେ ଶୀଘ୍ର ଆୟୋଜନ କରି ପାରିବି ନାହିଁ । ସେ ଯେଉଁ ଜବାବ୍ ଦେଲେ ଶୁଣିବୁ ?

'କନ୍ୟା ବାପ !'

ଆକୁଳାନନ୍ଦ କହିଲା, ଅନ୍ୟମାନେ ଦିବାକରଙ୍କର ନିନ୍ଦା କରିବାର ଶୁଣିଥିଲି ସିନା ବୋଉ, ମୁଁ ଜାଣିଲି ସେ ଅତି ଉତ୍ତମ ଲୋକ । କହିଲେ, ବାପରେ, ସମୁଦି ଟିଏ ହୁଅନ୍ତେ ସେ ଯଦି ଦଣ୍ଡିଆ ଆନ୍ତେ ତାଙ୍କ ସଙ୍ଗେ ବଳ କଷାକଷି ହୁଅନ୍ତା । ତୁ ତ ମୋର ପୁଅ ସମାନ । ତତେ କ'ଣ ହାତ ଦେ, ଘୋଡ଼ା ଦେ କହି ଗୁହାରିଆଁ କରିବ ?

ଆହୁରି ସେ କହିଲେ ବୋଉ, 'ଯେଉଁ ଝିଅଟି ଆମଘରକୁ ବୋହୂ ହୋଇଯିବ, କୁଳ ଉଜ୍ଜ୍ୱଳ କରିବ, ତା' ସଙ୍ଗରେ ପବିତ୍ର ତୁଳସୀ ପତ୍ରଟିଏ ଦେଲେ ଆମେ ଖୁସି । ସାତ ପୁରୁଷକୁ ବନ୍ଧୁ ବାନ୍ଧୁଥାଉଁ । ଦିଆ ନିଆ ତ ଚାଲିଥିବ, ମହାଜନ ପାଖରେ ହାତ ନପାତି, ଯେତିକି ପାରିବ ସେତିକି ଦେବ । ଜ୍ୟେଷ୍ଠ ଅଠେଇଶ ଦିନ ଜୁନ୍ ମାସ ଅଠର ତାରିଖରେ ବିବାହଘର ହେଉ ···

ମୁଁ ରାଜି ହେଲି ବୋଉ ! ସେଇଦିନ ମୋ ଗେହ୍ଲା ଭଉଣୀ ମଞ୍ଜୀର ବାହାଘର ହେବ । ଆମର ଏ ଘରକୁ ଅନ୍ଧାର କରି ସେ ପରଘରକୁ ଯିବ ।

Digitized by srujanika@gmail.com

ଭାବପ୍ରବଣ ହୋଇ ଆକୁଳାନନ୍ଦ ଆଖି ଛଳଛଳ କଲା । ଦୁର୍ଲଭ ଆଖିରୁ ଲୁହ ଝରାଇଲେ । ଆକୁଳଙ୍କୁ ସାନ୍ତ୍ୱନା ଦେବାକୁ ଦୁର୍ଲଭ କହିଲେ, ତୋ' ଭଉଣୀକୁ ତୁ ଯେତେ ଭଲପାଉ ମୋ'ଠାରୁ ଆଉ ଅଧିକ କିଏ ଜାଣେ ? ଝିଅ ଜନମ ପରଘର ପାଇଁ । ମୋର ମୁନାବୋହୂ ଦିନେ ଗେହ୍ଲା ଝିଅ ଥିଲା ଟି !

'ଆଉ ତୁ ?'

'ମୁଁ ବା । ତିନି ଭାଇଙ୍କ ତଳେ ସାତ ସାନ ଗେହ୍ଲା ଅଳଟିଆ ଭଉଣୀଟିଏ । ସଂସାର ଏମିତି ଚାଲିଛି ବାପ ! ପରଘରୀ ହେଲେ ସେଠାରେ ପରମାନେ ଆପଣାର ହୁଅନ୍ତି ରେ ! ବାପଘର ଦୂରେଇ ଯାଏ । ଦିନେ ଯାହା ଆପଣାର ଥିଲା, ସେସବୁ ହୁଏ ଦୂର-ପରବତ । ଦୂରରୁ ଦିଶେ ସୁନ୍ଦର ।'

ଆକୁଳାନନ୍ଦ ମୁହଁ ନ ଖୋଲି ମୁଣ୍ଡ ହଲାଇ ସମ୍ମତି ଜଣାଇଲା । ମନେ ପଡ଼ିଲା ତା'ର କର୍ତ୍ତବ୍ୟ-ପରାୟଣା ଲକ୍ଷ୍ମୀ-ପ୍ରାଣ ସେବତୀର କଥା । ବାହାଘର ଦିନରୁ ଏ ଘରର ବୋହୂ ହୋଇଆସି ଏଯାଏ ସେ ଖଟିଛି । ଏ କୁଟୁମ୍ବର ଜଣେ ହୋଇ ଯାଇଛି । କିଏ କହିବ, ଏଠିକି ଆସିବା ପୂର୍ବରୁ ତା'ର ଆଉ ଗୋଟିଏ ସୁଖ ଓ ଆନନ୍ଦର ଗେଲବସରିଆ ଜୀବନ କଟିଥିଲା ?

ତଥାପି, କେବେ ଅକାଳେ ସକାଳେ ବାପଘରେ କଟିଥିବା ଜୀବନର ଘଟଣାବଳି ମନେ ପଡ଼େ । ଏପରିକି ବ୍ୟକ୍ତିମାନେ ଓ ଆଲୋଚନା ବି ତା'ର ଆଖିକୁ ଦିଶେ, କାନରେ ବାଜେ । ଥିଲା ନ ଥିଲାମାନଙ୍କର । ସତେ, ଦୂର ପରବତ ! ତା'ର ଭଉଣୀ ମଲ୍ଲୀର ବି ସେଇଆ ହେବ ।

ହେଉ, ସବ-ଶୁଭରେ ସେ ତା'ର ନୂଆଘର, ନୂଆ ସଂସାର କରିବାକୁ ଯାଉ । ତା'ର, ସେବତୀର ସ୍ନେହ ଓ ଆଶୀର୍ବାଦ ନେଇ ସନ୍ତାନବତୀ ହୋଇ ସୁଖରେ, ସୌଭାଗ୍ୟରେ ସଂସାର କରୁ ।

ଏହିପରି ବିକ୍ଷୁବ୍ଧ ଆକୁଳାନନ୍ଦର ଅଜାଣତରେ ତା' ଆଖିରୁ ଲୁହ ଦୁଇଧାର ଗଡ଼ିଆସିଲା । ତା' ପଛରେ ଆଡ଼େଇ ହୋଇ କଣିକିଆ ଅନ୍ୟକା ହୋଇ ଶୁଣୁଥିଲେ ମୋହମାଳା । ଯେଉଁ ଘଟଣାଟି ତାଙ୍କ ଜୀବନରେ ଘଟିନାହିଁ, ଅବା ତାଙ୍କର କନ୍ୟାଟି ରହିବାର ଭାଗ୍ୟରେ ଘଟିବ ନାହିଁ, ତାହା ତାଙ୍କର କୋମଳ ମନର ମାତୃହୃଦୟ ଅନୁଭବ କରୁଥିଲା ।

ସେ ମନର କୋହ ଚାପି ଆଗକୁ ଆସିଲେ । କହିଲେ, ଅପାଲୋ, ବାହାଘର ପାଇଁ ଏତେ ଚିନ୍ତା କାହିଁକି ? ମୁଁ କୌଣସି ଅଭାବ ରଖାଇ ଦେବ ନାହିଁ । ସେମାନେ କିଛି ନ ଚାହିଁଲେ ମଧ୍ୟ ଆମେ ମନ ଖୁସିରେ ସବୁ ଦେବା । ବିବାହର ଆନନ୍ଦରେ କନ୍ୟା ବିଚ୍ଛେଦର ଯେଉଁ ଗୂଢ଼କୋହ ଦୁଃଖ ମୁଁ ଅନୁଭବ କରୁଛି । ଧୈର୍ଯ୍ୟ ଧର ଅପା !

ଦୁର୍ଲଭ କହିଲେ, ଛାତି ପଥର କରିବାକୁ ହେବ ଲୋ ଭଉଣୀ ।

Digitized by srujanika@gmail.com

ତୋ'ର ସେ ଦୁଃଖ ରହିବ ନାହିଁ ଲୋ ମୋତି ! ଛୁଆଟି ଦିନରୁ ଆମର ରତ୍ନାଟି ପାଇଁ ବରଟିଏ ଠାକୁରେ ତୋ' ପାଖକୁ ପଠାଇ ଦେଇଛନ୍ତି । ମୋର ସେହି ସମ୍ପର୍କୀୟ ପୁରୁଷଟିକୁ ପିଲାଟି ଦିନରୁ ପୋଷି ପାଳିଛୁ । ଅସୁସରେ ବଢ଼ାଇଛୁ । ବଡ଼ ମଣିଷ କରାଇବାକୁ ତା' ପିଲ୍ଲା ପୁଅ ମୁହଁରେ ଧନ ଖରଚ କରୁଛୁ ।

ପୁଅ ସେ, କୋଉଁ ସେ । ଠାକୁରେ ତାଙ୍କୁ ଦୀର୍ଘାୟୁ କରନ୍ତୁ । ତୋ'ର ପରି ସୁଖ-ସୌଭାଗ୍ୟରେ ଆମ ରତ୍ନାର ଜୀବନ କଟୁ । ଏଇ ଆଶୀର୍ବାଦ ମୁଁ କରୁଛି ।

ମୋତିମାଳା ହଠାତ୍ ଗମ୍ଭୀର ହେଲେ । ମାନସ-ଚକ୍ଷୁ ଆଗରେ ଠିଆହେଲା ଜଣେ ସୁନ୍ଦର ବଳିଷ୍ଠ ଯୁବକ, ହସହସ । ସେ ତାଙ୍କର ସ୍ନେହ-ପାଳିତ ପୁତ୍ର ଶଙ୍ଖାଳି । ଏହି ଦୁର୍ଲଭଙ୍କର ମାମୁଁପୁଅ ସାଇଙ୍କର ପୁଅ ।

କିନ୍ତୁ, ସେହି ତାଙ୍କର ସ୍ନେହ ପାଳିତ ଏକମାତ୍ର ପୁଅଟିର ପାଖରେ ଠିଆ ହୋଇଛି ଯେଉଁ ସୁନ୍ଦରୀ ଝିଅଟି, ଟିକିଏ ଆଉ ଜାଢଆ ଦିଶୁଛି, ତା' ନାମ ବାଣୀ ବୈରାଗୀ !

ଦୁର୍ଲଭ ପଚାରିଲେ, ତୁ ଏମିତି କ'ଣ ଭାବୁଛୁ ଲୋ ଭଉଣୀ ?

ମୋତିମାଳା କହିଲେ, ଭାବୁଥିଲି, ତମୁକୁ କହିବି, ମଲ୍ଲିକାକୁ ମୁଁ ସଙ୍ଗରେ ନେଇଯିବି । କୂଅଦେଙ୍ଗ ପରି ସେ ଏଇଠି ବଢ଼ି, ଖେଳି, ଚଳିଛି । ବାହାର ଦୁନିଆକୁ ଅତେ ଦେଖିଲନାହିଁ, ଶୁଣିଲନାହିଁ, ଜାଣିଲ ନାହିଁ । ସହରି ଜୀବନର ଦୃଶ୍ୟ ଥରେ ଦେଖୁ, ଜାଣୁ, ବୁଝୁ ସେ ଜୀବନ ଖଟା କି ମିଠା, ପିତା କି କଷା । କେତେ ମଣିଷ, ହାଉଯାଉ । କାନ ଅତଡ଼ା ଶବଦ । ଏମିତି ଆଉ କେତେ କଥା ।

ହଁ ଅପା, ଆଉ କେତେ କଥା ! ସିନେମା ଛବି, ଥିଏଟର, ଖେଲ । ଏମିତି କେତେ .... । ଦେଖିବ କୋଠାମାନ ଯେ କେତେକର ମୁଣ୍ଡ ଆକାଶର ଚନ୍ଦୁଆକୁ ଛୁଇଁଛି । ପୁଣି ଦେଖି ଆସିବ ଗରିବ ଗୁରୁବାଙ୍କ ଘରମାଳ ଯେ ଗୁଳ ଛପର ନ ହୋଇ ଜଳ ଗଳେ ଗଳଗଳ । ସମସ୍ତେ ରାତି କଟାନ୍ତି, ମଶାରି ତଳେ ବା ମଶାଙ୍କ ମେଳରେ, ସୁଖ ଦୁଃଖ ସେଠି ତ ଗୋଡ଼ଆଗୋଡ଼ ।

ସବୁ ଶୁଣି ସାରି ଦୁର୍ଲଭ କହିଲେ ହଁ ଲୋ ଭଉଣୀ, ସବୁ ଦେଖନ୍ତା, ମନଖୁସି କରି ଫେରନ୍ତା । ଶାଶୁଘରକୁ ଯାଇ ସେହି ସ୍ୱର୍ଗପୁର ଆଉ ସେଠାକାର ଇନ୍ଦ୍ରଭବନଗୁଡ଼ିକୁ ନିପଟ ମୋ-ଫସଲରେ ତା'ର ଶାଶୁଘରେ ଦ୍ୱାର ହୁଅନ୍ତା । ନା, ଭୁଲ କହିଲି, କହିଥାନ୍ତି ସପନ ଦେଖନ୍ତା ।

ଘର ଲିପା ବେଳେ, ନିଜ ହାତରେ ଘରର ପାଇଟି କରିବା, କେବେ ଢିଙ୍କି କୁଟିବା ବେଳେ, ସେଇ ସହରର କାରବାର ମନେପଡ଼ିଲେ ହାତ ଗୋଡ଼ କ୍ଷଣେ ଅଟକି ଯା'ନ୍ତା । ବସୁରନ୍ତା, କେଡ଼େ ପୋଡ଼ା-କପାଳୀ ମ ମୁଁ, ଆମପରି ଯେଉଁ ଆଉମାନେ ଏଇ ଗାଁ'ରେ ରହନ୍ତି ?

Digitized by srujanika@gmail.com

ମୋତୀ ଲୋ, ଯାଆନ୍ତା ଯଦି ଏସବୁ ଦେଖିବାକୁ ଯାଆନ୍ତା ନାହିଁ । ତୋ ପାଖରେ ରହି ଡଡେ କେଉଁ କାମରେ ସାହା ହେବାକୁ, ତୋ ସ୍ନେହର କାଶିଗୁଏ ଶୁଝାଇବାକୁ । ହେଲେ ଏବେ ନୁହେଁ, ଆଉ ଦିନେ ।

ମୋତିମାଳା କ୍ଷଣେ ଚକ୍ତିଲେ । କହିଲେ, ଜାଣ ଗୁଡ ପାହିଲେ ମଙ୍ଗଳ । ମୋ ସଙ୍ଗେ ଆଜି ତାକୁ ପଠାଇ ପାରିବୁ ? ଦିନ ଡିନଟା ରଖି ମୁଁ ନିଜେ ଆଣି ତାକୁ ଛାଡ଼ି ଦେଇଯିବି ।

ଦୂର୍ଲଭଙ୍କ କଥା ସରିଛି କି ନାହିଁ, ଅସ୍ତବ୍ୟସ୍ତ ହୋଇ ଦାଣ୍ଡ ପାଖର ଝର୍କି ଘରଆଡ଼ୁ ମଲ୍ଲିକା ତାଙ୍କ ପାଖକୁ ଧାଇଁ ଆସିଲା । ବ୍ୟସ୍ତ ହୋଇ ପଗ୍ଭରିଲା, କବିରାଜେ ଯେଉଁ ଚୂର୍ଣ୍ଣ ଗୁଡ଼କଙ୍କ ପାଇଁ ଦେଇ ଯାଇଥିଲେ, ତାକୁ କେଉଁଠି ରଖିଲୁ ? ତଳ ପେଟରେ ଆଜି ପୁଣି ତାଙ୍କର ବେଦନା ଆରମ୍ଭ ହୋଇଛି । ସେ ଖୁବ ଛଟପଟ ଅସ୍ଥିର ହେଉଛନ୍ତି ।

ମଝିଘର ଟେବୁଲ ଉପରେ ସେଇ ଜାର୍-ବୋତଲରେ ରଖି ଦେଇଛୁ । ପାଇବୁ ନା ମୁଁ ଯିବି ?

ମଲ୍ଲୀ କହିଲା, ନ ପାଇବି କାହିଁକି ? ରୁ ଥା, ନ ପାଇଲେ ଡଡେ ଡାକିବି ।

ମଲ୍ଲିକା ଗ୍ଭଲିଗଲା ।

ମୋତିମାଳା ପଗ୍ଭରିଲେ, କ'ଣ ତା'ର ହୋଇଛି ?

ଦୁର୍ଲଭ କହିଲେ, ପେଟର ରୋଗ । ମାଇପିମାନଙ୍କର ଯାହା ହୁଏ । ତେବେ ସ୍ତା'ର ସମସ୍ୱର ସୀମା ରହୁନାହିଁ । ମାସକୁ ବାରମ୍ବାର ହେଉଛି । ପେଟରେ ଅସହ୍ୟ ବେଦନା । କବିରାଜଙ୍କ ଔଷଧରେ କମୁଛି, ହେଲେ ଭଲ ହେଉ ନାହିଁ ତ !

ପଗ୍ଭରିଲାରୁ କବିରାଜେ କହିଲେ, ଗ୍ଭନଆଁ ହେଲେ କି ଲାଭ ? ଅସାଧ୍ୟ ରୋଗ, ଖାଉଲେ ଖାଉଲେ ଭଲ ହେବ । ପ୍ରଥମ ଥର ଆସି ନାଡ଼ି ଦେଖନ୍ତି, ଜିଭ ଦେଖନ୍ତି; କହନ୍ତି, ଆଉ ମାସକରେ ସମ୍ପୂର୍ଣ୍ଣ ଆରୋଗ୍ୟ ହେବ ।

ମୋତିମାଳା କହିଲେ, ସହରକୁ ନେଇ ବଡ଼ ଡ଼ାକ୍ତରଙ୍କୁ ଦେଖାଇଲେ ଭଲ ହୁଅନ୍ତା । ତାକୁ ସଙ୍ଗରେ ନେଇଯିବାକୁ ମନ ହେଉଛି । ଗ୍ଭଡ଼ିବ କି ?

ଦୁର୍ଲଭ କହିଲେ, ଏତେ ଦିନ ତ ବଢ଼ିଲାଣି, ଆଉ କେଇଟା ଦିନ ଅପେକ୍ଷା କରିବା । ବାହାଘରଟି ମୁଣ୍ଡ ଉପରେ । ସେଇତ ସବୁ କରୁଛି, କରିବ । ଯା'କହିଲେ ବ ସେ କ'ଣ ମଲ୍ଲୀକୁ ଛାଡ଼ି ଯାଇପାରିବ । ନଣନ୍ଦ ତ ନୁହେଁ, ତାକୁ ସେ ମଣେ ତା' ସାନ ଭଉଣୀ ପରି ।

ମୋତିମାଳା ତୁନି ରହିଲେ ।

ସନ୍ଧ୍ୟା ଅନ୍ଧାର ଘୋଟି ଆସୁଥାଏ । ମୋତିମାଳା ତାଙ୍କର କନ୍ୟା ରତ୍ନା ସଙ୍ଗରେ ବାହୁଡ଼ିଲେ । ଆଉ ଦିନଟିଏ ରହି ବାହାଘର ସମ୍ବନ୍ଧରେ କେତେ ବ୍ୟବସ୍ଥା କରିବାକୁ ଆକୁଳାନନ୍ଦ ମୋତିମାଳାଙ୍କର ଅନୁମତି ନେଲା । ସେମାନଙ୍କୁ ବିଦାୟ ଦେଲା ।

× × ×

Digitized by srujanika@gmail.com

ଖୁସି ଆନନ୍ଦରେ, ଶୁରୁଖୁରୁରେ, ବିନା ଆଡ଼ମ୍ବରରେ ମଳିକାର ବାହାଘର ହେଲା । ପରିଡ଼ା ବଂଶରେ ଏପରି ସାଧାସିଧା କର୍ମଟି କେବେ ହୋଇ ନ ଥିଲା । ରାଜପୁରୁଆଙ୍କ ଚନ୍ଦ୍ରଶ୍ରୀ ବାଇଦ-ବାଜଣା, ଅତ୍ୟଧିକ ବାଣ ଓ ରୋଷଣୀର ଆୟୋଜନ କରିବାକୁ ପଡ଼ିଲା ନାହିଁ । କୁଣିଆ ସଂଖ୍ୟା ମଧ୍ୟ ଅଳପ ।

ଯେତିକି ଆସିଥିଲେ ସେମାନଙ୍କର ମନ ତୋଷି କରି ଆକୁଳାନନ୍ଦ ଚର୍ଚ୍ଚା କରିଥିଲା । ନିଜର ବନ୍ଧୁବାନ୍ଧବ, ଆତ୍ମୀୟ-ସ୍ୱଜନ, ଗ୍ରାମବାସୀଙ୍କର ଚର୍ଚ୍ଚା କରିବାରେ ହେଳା କରି ନଥିଲା । ନିଜେ ମୋଢମାଲା ରତନୀକୁ ସଙ୍ଗରେ ନେଇ ଆସିଥିଲେ । ବ୍ୟବସାୟର ଦାୟିତ୍ୱ ଜୀବନାନନ୍ଦ ଓ ବିଶ୍ୱାସୀ ଶିକ୍ଷା-ସ୍ନାତକ ଚୈତନ ଉପରେ ଦେଇ ନିଜେ ଗନ୍ଧର୍ବ ବେହେରା ବାହାଘର ଦିନ ଆସିଥିଲେ ।

ଝିଅ ବିଦାୟ ହେବା ପୂର୍ବରୁ ସେ ନିଜର କର୍ମକ୍ଷେତ୍ରକୁ ବାହୁଡ଼ି ଆସିଲେ । ଗ୍ରୀଡପକେଟରେ ଲୁଚାଇ ରଖିଥିବା ପଞ୍ଚଟି ଲୁହ ଫୋଡ଼ିଲା ପରି ଗ୍ରୀଡକୁ ବିନ୍ଧୁଥାଏ । ଘଟଣାଟି ଆଜିଯାଏ କାହାକୁ କହି ନାହାନ୍ତି । ଗତକାଲିର ପଞ୍ଚଟିତ ! ଆକୁଳାନନ୍ଦ ଛଡ଼ା ଆଉ କେହି ତାଙ୍କ ବୁଦ୍ଧି ବତାଇ ପାରିବ ନାହିଁ । ସେ ବି କାର୍ଯ୍ୟବ୍ୟସ୍ତ । ଆଲୋଚନା କରିବାର ସ୍ଥାନ ଓ ସମୟ ମଧ୍ୟ ଏହା ନୁହେଁ ।

ଆକୁଳାନନ୍ଦ ବାହାଘରର ସବୁ କାମ ତୁଟାଇ ନିଜ ଘରର ଚଳିବାର ସୁବିଧା କରି, ତା' ସ୍ତ୍ରୀର ଚିକିତ୍ସାର ସବୁ ବ୍ୟବସ୍ଥା କରି ଫେରି ଆସିଲେ ସେହି ଏକା ଶିକ୍ଷାଳର ପତ୍ରର କି ଜବାବ ଦିଆଯିବ, ଟଙ୍କା ପଠାଯିବ କି ନ ଯିବ ସେ ବିଷୟ ସ୍ଥିର କରାଯିବ ।

ଗନ୍ଧର୍ବଙ୍କର କେଉଁକାଳର କେତେ କଥା ମନେ ପଡ଼ୁଛି । ଡାକ୍ତର-ଖାନାରେ ମା'-ହରା ଶ୍ରେଷ୍ଠ ସୁନ୍ଦର ପୁଅଟିକୁ ତାଙ୍କର ବୋଉ ପାଳି ଥିଲେ । ବଡ଼ ହେଲେ ଦୋଳକରା ହେବ । ସେ ଆସିଲା ମୋଢମାଲାଙ୍କ ପାଖକୁ । ଉଠିଆଣି ପିଲା ରତନୀକୁ ଖେଳାଇଲା । ମୋଢମାଲା ତାକୁ ପୁଅପରି ସ୍ନେହ କଲେ ।

ଜାଣ ପୁଅ ହେଲା ତ ! ପଢ଼ିଲା । ବୁଦ୍ଧିଆ ପିଲାଟା ପାଠ ଖାଲି ପିଇଗଲା । ବାପା ବୋଉ ବୋଲି ଡାକିଲା, ଆଉ ରତ୍ନା ତାକୁ ଡାକିଲା - ଭାଇ ! କିନ୍ତୁ ଭାଇ ତ ନୁହେଁ । ଏଥିରୁ ସମ୍ପର୍କ ମିଛ ମିଛିକା, ସାତ ପର । ତାକୁ ଜୋଡ଼ିକଲେ ସମ୍ପର୍କ ଦୃଢ଼ ହେବ । ଏ ସଂସାର ସ୍ଥାୟୀ ହେବ ।

ଏହି ଚିନ୍ତା ଉଭୟ ମୋଢମାଲା ଓ ଗନ୍ଧର୍ବଙ୍କ ମନକୁ ପାଇଲା । ତାଙ୍କର ଯେଉଁ ଆଦର୍ଶ-ଆଦର୍ଶ ସଂସାର, ଯାହାକୁ କେବଳ ସେହି ଟିକି ଝିଅ ରତ୍ନାଟି ଗୋଟିଏ ବାସ୍ତବ ରୂପ ଦେଇଛି ସେଇଟି ବାସ୍ତବ ହେବ । ନୋହିଲେ ସେମାନେ ଏ କୁଳର, ସେ କୁଳର, କେଉଁ କୁଳର ହେବେ ନାହିଁ । ଧନ ସମ୍ପତ୍ତି ହେବ କ'ଣ ?

Digitized by srujanika@gmail.com

ଦୁହେଁ ଚିନ୍ତାକଲେ । ପରସ୍ପରକୁ କହିଲେ, ଧନ-ସମ୍ପତ୍ତି ସବୁ ଦେଇପାରେ କିନ୍ତୁ ବଂଶର ମର୍ଯ୍ୟାଦା ଦେଇପାରିବ ନାହିଁ । ବୟସ ବି ବାହୁଡ଼ାଇ ଆଣିବ ନାହିଁ । ବୟସ କ୍ରମଶଃ ଖସିବ, ଦେହ ଓ ସ୍ୱାସ୍ଥ୍ୟ ଧସିବ । ଡ଼ାକ୍ତର ଓ ବୈଦ୍ୟ ରୋଗ ଭଲ କରି ପାରିବେ କିନ୍ତୁ ଆୟୁଷ ବଢ଼ାଇ ପାରିବେ ନାହିଁ ।

ମୋତିମାଳା ବୁଝିଲେ । କହିଲେ, 'ଡ଼ାକ୍ତରମାନେ କହିଲେ ପରା, ମୋ ପେଟର ଘନ୍ତସବୁ ବନ୍ଧି ଯାଇଛି, ମୋର ଆଉ ସନ୍ତାନ ହେବେ ନାହିଁ । ଏହି ରତ୍ନାଟି ମୋର ସମ୍ବଳ । ତମେ ଆଉ ଗୋଟିଏ ବାହା ହୁଅ ।'

ଗନ୍ଧର୍ବ ହସିଲେ । କହିଲେ, 'ମତେ ତ ବାହା ହେବାକୁ କନ୍ୟାମାନେ ଧରାପରା ହେଉଛନ୍ତି । ହେଲେ, ପ୍ରେମ ହସୁଜାଇବାର ଶକ୍ତି ମୁଁ ହରାଇଛି । ଗୁଡ଼ ସେସବୁ ରହସ୍ୟର କଥା । ପୋଷ୍ୟପୁତ୍ର କରିବା । ଝିଅଟିଏତ ତମର ଜନ୍ମ ହୋଇଛି ରତ୍ନା । ତା' ସଙ୍ଗକୁ ପୁଅଟିଏ ହେବ ।'

ମୁଁ କହୁଛି, ବୋଉ ଯେଉଁ କଂସପାତ୍ର ପିଲଟିକୁ ପାଳିଥିଲା, ରତ୍ନାକୁ ଖେଳାଇବାକୁ ତାକୁ ଦେଇଛୁ, ସେଇଟି ଭଲ ଜାତର ଭଲ ଘରର ପୁଅ । ବେଶ ସୁନ୍ଦରଟିଏ । ବେଶ୍ ଚେରେଇ ଗଲଣି, ତାକୁ ଆମେ ପୁଅ କରିବା । ସେଇ ଶଙ୍ଖାଳିଟି ହେବ ଆମର ଜୀବନ-ଶଙ୍ଖାଳି ।

ବୁଝିଲତ, ଆମର ଟିକି ଝିଅ ରତ୍ନାଟି ବଡ଼ ହେଲେ, ବଢ଼ି, ପଢ଼ି ଯୋଗ୍ୟ ହେଲେ ଶଙ୍ଖାଳିକୁ ତାକୁ ବାହା କରାଇବା । ତାକୁ ମଧ୍ୟ ବଢ଼ାଇବା, ପଢ଼ାଇବା । ଉପଯୁକ୍ତ ବୟସ ହେଲେ ସେମାନଙ୍କୁ ବାହା କରାଇବା ।

ସେ ସମୟ ଏବେ ଆସିଛି । ଦୁହେଁ ବୟସ୍କ ହୋଇଛନ୍ତି । ଉପଯୁକ୍ତ ମଧ୍ୟ ହୋଇଛନ୍ତି । ଦୁହିଙ୍କୁ ଏଣିକି ଛନ୍ଦ ଦେଲେ, ଘର ଶୋଭା ଦିଶିବ । ଆନନ୍ଦରେ ଉଚ୍ଛୁଳିବ । ଆମେ ନିଶ୍ଚିନ୍ତ ହେବା । ଆମ ପାଇଁ, ଆମ ସଂସ୍ଥା ପାଇଁ, ପୁଣି ଯେଉଁ କର୍ମଚାରୀ ଓ ଅନ୍ୟ ଆଶ୍ରିତମାନେ ତାଙ୍କ ପିଲା କୁଟୁମ୍ବଙ୍କ ପାଇଁ ।'

× × ×

ଗନ୍ଧର୍ବଙ୍କର ବ୍ୟଥିତ ହୃଦୟର ଦୁଃଖ ପ୍ରତିଫଳିତ ହେଲା ତାଙ୍କର ଛଳଛଳ ଆଖିରେ । ସେ କହିଲେ, ମୋ ଦୁଃଖର କିଏ ଭାଗୀ ହେବ ? ଶଙ୍ଖାଳିର ଚିଠିର କି ଉତ୍ତର ଦେବି, ଅବା ମୋତେ ଦେଉର ନ ଦେବ ସେହି 'କୋଇଲି-ବୁଦ୍ଧିଆ' ଟୋକାକୁ, ଆକୁଳାନନ୍ଦ ଛଡ଼ା ଆଉ କେହି ମତେ ବୁଦ୍ଧି ଦେଇ ପାରିବେ ନାହିଁ ।

ଏସବୁ ବିଜୟ ଓ ବାଣୀଙ୍କର ଚତୁର ବାପା, ଅବସରପ୍ରାପ୍ତ ବଡ଼ ଇଂଜିନିୟର ଓ କାନ୍ତରାଟି, ବିନାୟକଙ୍କର ବଦ୍‌ମାସୀ ବୁଦ୍ଧି ! ମୋତିମାଳା, ଆମର

Digitized by srujanika@gmail.com

ପିଲାଟିକୁ ସେମାନେ ବାଣୀକୁ ଦେଖାଇ କିଣିନେବାକୁ ଚାହାନ୍ତି । ସେତକ ମୁଁ କାଣ୍ଡାଇ ଦେବ ନାହିଁ । କଲେବଲେ କୌଣସି ଜନାସ୍ୱକ ସେବାନ୍ତର୍ଗୀଙ୍କର କୌଶଳକୁ ମୁଁ ପଣ୍ଡ କରିଦେବି ।

ମୋହମାଳା ପଚାରିଲେ, କପରି ଏହା ତୁମେ କରି ପାରିବ ? ଆମେରିକା ଦେଶର କେଉଁ ରାଇଜକୁ ପଢ଼ିବାକୁ ଯିବ ବୋଲି ତା'ର ଛ'ବକାର ଟଙ୍କା ଲୋଡ଼ା ହେବ । ପଠାଇବାକୁ ମୋ ଲେଖିଛୁ । ତମେ ମନା କରିଦେଲେ ବାଣୀର ବାପ କ'ଣ ସେତକ ଦେଇ ପାରିବ ନାହିଁ ? ସେତକରେ ସେ ତାକୁ କିଣିନେବ । ଆମର ବାର-ବରଷର ତପସ୍ୟା ଶୁଖୁଆ ଝୋଲରେ ନଷ୍ଟ ହେବ ?

ଗଡ଼ବ ପଚାରିଲେ, ତେବେ ତମେ କ'ଣ କରିବାକୁ କହୁଛ ? ନାକଟେକା ଜୀବନାନନ୍ଦ ରାୟପର ଝଟିବା ଲୋକ । କଲପାଣିରେ ତୁଳସୀପତ୍ର ପକାଇ ମୁଣ୍ଡରେ ଲଗାଇ ପିଅନ୍ତି । ଏମାନେ ଅଡ଼ୁଆ କଥାରେ ମୁଣ୍ଡ ଖେଳାଇବେ ନାହିଁ । ହାତ ଯୋଡ଼ି ମୁଣ୍ଡରେ ଲଗାଇ କହିବେ, ସଂସାରିକ ସମସ୍ୟାର ସମାଧାନ କରିବାର ବୁଦ୍ଧି ମୋର ନାହିଁ ବୋଲି ମୁଁ ପରପରେ ସ୍ୱୀକାର କରିଛୁ । କେତେଥର ସେ ଏପରି କହିଲେଣି । ଏଡ଼େ ତରତର କାହିଁକି ?

'ଏମିତି ତରତର ହୁଅନା କି ବ୍ୟସ୍ତ ହୋଇ ମୁଣ୍ଡ କୋଡ଼ି ହୁଅନା । ଦିନ କେତେକରେ ଆକୁଳାନନ୍ଦ ଆସି ପହଞ୍ଚିବ । ସେ ବୁଦ୍ଧିମାନ୍, ଚାରିଆଖିଆ । ସବୁ ସେ ଆଗରୁ ଜାଣେ । ଏ ସମସ୍ୟାକୁ ସେ ବିଚାର କରି ସମାଧାନର ସୂତ୍ର ବାହାର କରିବ । ଶଙ୍ଖାଳିର ବୁଦ୍ଧି ଅପେକ୍ଷା ତା' ବୁଦ୍ଧି ସରସ । ବୁଢ଼ିଆ ଟୋକା ଶଙ୍ଖାଳି ତାକୁ ବଳେଇ ପାରିବ ନାହିଁ । ଅପେକ୍ଷା କର ।'

ଅପେକ୍ଷା କରିବାକୁ ହିଁ ପଡ଼ିଲା । ଯେ ଦାୟିତ୍ୱହୀନ ନୁହେଁ, ତଥାପି ସ୍ୱଭାବ ଅନୁସାରେ ବିଳମ୍ବ କରି ଆକୁଳାନନ୍ଦ ତା'ର କର୍ମକ୍ଷେତ୍ରକୁ ଫେରିଲା । ମନ ଭଲ ନ ଥାଏ । ଚିନ୍ତିତ ଦେଖା ଯାଉଥାଏ । ବିଳମ୍ବର କାରଣ ମୋହମାଳାଙ୍କ ଆଗରେ ଗ୍ରହଣ ପ୍ରକାଶ କଲା ।

— ରାମପୁର ବନକ ପାଇଁ ମୁଁ ଯାଇଥିଲି । ମଲ୍ଲୀ ଭଲ ଅଛୁ । ସମସ୍ତଙ୍କ କଥା ଜଣେଜଣ କରି ପଚାରୁଥିଲା । ସେ ତା' ସାଉକର ସ୍ୱାସ୍ଥ୍ୟ ପାଇଁ ଭାରି ବ୍ୟସ୍ତ ।

ମୋହମାଳା କହିଲେ, 'ହେବାର କଥା । ବୋହୂଟାର ଯତ୍ନ ନେବାକୁ ତ କେହି ନାହିଁ । ଅପା ବୁଢ଼ୀଲୋକ, କ'ଣ ଆଉ କରିବ ? ରୋଗଣା ଦେହରେ ଘରଟା-ଯାକର ସବୁ ପାଇଟି ସେବକା କରୁଛି ।'

ଆଉ କଏ କରିବ ମାଉସୀ ? ଲୋକ ଅଛେଇ ଜଣ ତ ! ତା'ଛଡ଼ା, କୋଠିଆ, ମୂଲିଆ, ଗାଈ ବଳଦ, ଜମିବାଡ଼ି, ଲୋକ-ଆଇଲା । ବୋଉ ସାହାଯ୍ୟ କଲେ ବି ଅଧିକ ବୋଝ ସେବକା ଉପରେ । ନ କଲେ ନ ଚଳେ ମାଉସୀ !

Digitized by srujanika@gmail.com

ମୋହମାଳା କହିଲେ, ଦେହ ବଡ଼ ନା ଏସବୁ ପାଇଟି ବଡ଼ ? ଜଣକର ଦେହର ବେଦନା ଅନ୍ୟର ଅନୁଭବର ବିଷୟ ନୁହେଁ, କେବଳ ଅନୁମାନର କଥା । ଆଖି ବୁଜିଲେ କାଲିକୁ ଦି' ଦିନ ବାସ୍ ! ଗୁଣ ବା ଦୋଷ ଦାହୁନା, ନଥିଲା ମଣିଷ ଶୁଣେ ନାହିଁ କି ବୁଝିବ ନାହିଁ ।

ବୋହୂଟା ଏତେ ସର ହେଲାଣି, କାହାର ମନରେ କପଣ ପଶୁ ନାହିଁ, କାବା କଥା ! ଯାହା ହେବାର ହୋଇଛି, ଆଉ ହେଳା କର ନା । କବିରାଜଙ୍କ ଔଷଧ ସବୁ ସରୁ । ମାସଟିଏ ତ ! ଭଲ ହେଲେ ତ ଉତ୍ତମ । ନ ହେଲେ ତାକୁ ଏଇ ସହରକୁ ନେଇ ଆସିବା । ଏଠାରେ ତହୁଁ ବଳି, ତହୁଁ ବଳି ଡ଼ାକ୍ତର ଅଛନ୍ତି । ଦେଖି ପରଖି ଔଷଧ ଦେବେ । ଦିନ କେଇଟାରେ ସେବକ ଆରୋଗ୍ୟ ହୋଇ ଉଠିବ !

ଆକୁଳାନନ୍ଦ ସମ୍ମତ ହେଲା ।

ଶଙ୍କାଳର ପତ୍ର-ପ୍ରସଙ୍ଗ ମୋହମାଳା ତରତର ହୋଇ ଉଠାଇଲେ ନାହିଁ । ଦ'ହାଘରର ଜଞ୍ଜାଳ ଭିତରୁ ନିସ୍ତାର ଲଭି ସେ ଫେରିଛି, ନିଶ୍ଚିନ୍ତ ହୋଇ ଅନ୍ତତଃ ଦିନ ଦୁଇଟି କଟୁ, ଜୀବନାନନ୍ଦଙ୍କଠାରୁ ଦାୟିତ୍ୱ ବୁଝିନେଉ । ନିଜେ ସୁସ୍ଥ ହେଲେ ଧୀର-ମନ ସ୍ଥିର-ଚିତ୍ତରେ ଭବିଷ୍ୟତର ପନ୍ଥା ସ୍ଥିର କରିବ, ଠିକ୍ ଉପଦେଶ ଦେବ ।

× × ×

ପତ୍ରଟି ବଡ଼ ନୁହେଁ, ସମସ୍ତଙ୍କୁ ଯଥାବିଧି ସମ୍ମାନ ଜଣାଇ ସେ ଲେଖିଛି—

'ବିଷୟଟି ଗୁରୁତର ଓ ଜରୁରୀ । ଶେଷ ପରୀକ୍ଷାରେ କୃତକାର୍ଯ୍ୟ ସହିତ ମୁଁ ଓ ମୋର ବନ୍ଧୁ ପାସ୍ କରିଥିଲୁ । ଭାବିଥିଲି ମୁଁ ଘରକୁ ଫେରିଯିବି । ବିଜୟ ଓ ବାଣୀ ମଧ୍ୟ ମୋ' ସଙ୍ଗରେ ସେଠାକୁ ଯାଇଥାନ୍ତେ । ଆପଣମାନଙ୍କ ସଙ୍ଗେ ମୁଁ ଆଲୋଚନା କରି ଭବିଷ୍ୟତର କାର୍ଯ୍ୟପନ୍ଥା ସ୍ଥିର କରିଥାନ୍ତି ··

ବିଜୟର ବାପା ବିନାୟକବାବୁ ଆମକୁ ଆଉ ଗୋଟିଏ ପ୍ରସ୍ତାବ ଦେଲେ । କହିଲେ, ମୁଁ ଜାଣିଥିଲି ତମେ ପରୀକ୍ଷାରେ ଭଲ କରିବ । ତମେ ଜାଣ, ମୋର ସାନଭାଇ ବିନୟ ଆମେରିକାର ଓକଲାହୋମାରେ ଗୋଟିଏ ବଡ଼ ଫ୍ୟାକ୍ଟ୍ରୀରେ କାମ କରନ୍ତି । ବେଶ୍ ବଡ଼ପାହ୍ୟାରେ ଥାଆନ୍ତି ।

ମୁଁ ତାକୁ ଲେଖିଥିଲି । ସେ ତମ ଦୁଇଜଣଙ୍କ ପାଇଁ ଚାକିରି ଯୋଗାଡ଼ କରିଦେବ । ଶଙ୍କାଳ, ତମେ ଯିବ ବିନୟର ଆସିଷ୍ଟ ଅର୍ଥାତ୍ ଝିଆସ୍ତ-ଜୋଇଁ ରୂପେ । ଆରଥର ଆସିଲା ବେଳେ ବିନୟ କହୁଥିଲା । ସେ ତୁମକୁ ଖୁବ୍ ପ୍ରଶଂସା କରୁଥିଲା ଶଙ୍କାଳ !

Digitized by srujanika@gmail.com

ବାଣୀ ବି ତମମାନଙ୍କ ସଙ୍ଗେ ଯିବ । ଆଗ ତମ ବୁଢ଼ାଙ୍କର ବାହାଘର କରିଦେବା । ଏଇଠି ହେବ । ବେଶି ଆଡ଼ମ୍ବର ଲୋଡ଼ା ନାହିଁ । ତମର ବାପା, ବୋଉ ଓ ଭଉଣୀ ଏଠାକୁ ଆସିବେ । ସେତିକି ଯଥେଷ୍ଟ । ତାଙ୍କର ଯତ୍ନ ନେବାରେ ତ୍ରୁଟି ହେବ ନାହିଁ ।

ତମ ପାଖକୁ ଚିଠି ଲେଖିବାକୁ ବିନୟବାବୁ ଓ ତାଙ୍କର ସ୍ତ୍ରୀ ମତେ କହିଥିଲେ । ଡ଼ରିଡ଼ରି, ପୁଣି ଲାଜରେ ଆଜଯାଏ ଚିଠି ଲେଖି ପାରୁନଥିଲି । ତା'ଛଡ଼ା ମୁଁ ବିନୟ ସଙ୍ଗରେ ଯାଇ ଉତ୍ତରଖଣ୍ଡର ବଦ୍ରୀନାଥ ଦେଖି ଆସିଲି ।

ମୋ ପାଖରେ ସେତେ ଧନ ତ ନଥିଲା । ବିନୟ ସବୁ ଖର୍ଚ୍ଚ ତୁଲାଉଛି । ମୋତେ ଲାଜ ମାଡ଼ୁଛି । ମୁଁ ସବୁ ହିସାବ ରଖିଛି । ମୋ ଅଧିକ ତାକୁ ଦେଇ ଦେଲେ ଆମର ସମ୍ମାନ ରହିବ । ତୁ ଟଙ୍କା ପାଞ୍ଚହଜାର ବ୍ୟାଙ୍କ-ଡ୍ରାଫ୍ଟ କରି ତଳ ଠିକଣାରେ ପଠାଇଲେ ମୁଁ ବିନୟର ଋଣ ଶୁଝିଦେବି ଓ ନିଜର ଖର୍ଚ୍ଚ ତୁଲାଇବି ।

ତୁ, ବାପା, ମୋର ପ୍ରଣାମ ନେବ । ରତ୍ନାକୁ ମୋର ସ୍ନେହ ଦେବୁ । ତା' କଥା ଦଗଦର ବାଣୀ ପତ୍ରରେ । ରତ୍ନା ତ କେବେ ମୋ ପାଖକୁ ଚିଠି ଲେଖେ ନାହିଁ....'

ଦୋମହଲାର ଉପର ଘରେ ଗୋଟିଏ ଗ୍ଲେଟ ଟେବୁଲର ଦୁଇ ପାଖରେ ଦୁଇଟି ଚେୟାର୍ ଉପରେ ମୁହାଁ ମୁହିଁ ବସି ଆଲୋଚନା କରୁଥିଲେ ମୋହମାଲା ଓ ଆକୁଳାନନ୍ଦ । ବାଥ୍-ଲାଇଟ୍ ଜଳୁଥିଲା । ସଲଜ୍ଜ କଣିକିଆ ଗ୍ଲେଟ ଆଲୋକିତ କୋଠରୀରେ ବନ୍ଦୀ ଝଣ୍ଟେ ଧରି ବସିଥିଲା ଟୁନ୍ନା ! ଅକୁଳାନନ୍ଦ ସଙ୍ଗରେ ତା' ବୋଉଙ୍କର ଆଲୋଚନାକୁ କାନେଇ ଥିଲା ।

ଆକୁଳାନନ୍ଦ କହିଲା, 'ତାର ଢଙ୍ଗ ଓ ଚିଠିରୁ ଜଣାପଡ଼ୁଛି ଯେ ସେ ବାଳି ଗଲାଣି । ତା' ଦେହରେ ପକ୍ଷୀ ଲାଗିଲାଣି ! ସବୁ ସ୍ନେହର ଅଧିକାରୀ ହୋଇ, ସବୁ ସୁବିଧା ଓ ସୁଯୋଗ ଲାଭ କରି ସେ ଶେଷକୁ ସମସ୍ତଙ୍କୁ ପରିତ୍ୟାଗ କରିବ । କୋଇଲି ନୂଆ ଆମର ଅନ୍ୟ ଡାଳକୁ ଉଡ଼ିଯିବ ।'

ଆଖିରୁ ଲୁହ ଝରାଇ ମୋହମାଲା କହିଲେ, ମୋର ସବୁ ଆଶା ବ୍ୟର୍ଥ କରିବ । ଏତେ ସ୍ନେହ କଲି । ପେଟର ଛୁଆ ପରି ପାଳିଲି, ବଢ଼ାଇଲି, ସେସବୁ ଭୁଲି ଦ୍ୱେଷ କରିବ ? ଯେତେ ବୋଲି ଜଣା ପଡ଼ୁଥିଲେ ବି ବିଶ୍ୱାସ ହେଉନାହିଁ ।

ଆକୁଳାନନ୍ଦ କହିଲା, ବିଶ୍ୱାସ ନ ହେଲେ ବି ନିରାଟ ସତ୍ୟ ଯାହା ଆଖିକୁ ଜଳଜଳ ହୋଇ ଦିଶୁଛି ତାହା ନ ଘଟିବ କିପରି ? ବାଣୀ ସେହାଭାଗୀ ହେବ ତମର ଦେହୁ । ସେମାନେ ବିନୟ ଓ ବାଣୀଙ୍କର ଦାଦି ବିନୟ ସେହାଭାଗୀଙ୍କ ପାଖକୁ ଆମେରିକା ଚାଲିଯିବେ ।

Digitized by srujanika@gmail.com

ମୋହମାଲା ମୁଣ୍ଡରୁ କେଶ ଓଟାରି ଆଖିରୁ ଲୁହ ଝରାଇ କହିଲେ, କି କରିବି ମୁଁ କହିବରେ ପୁଅ, ମତେ ତୁ ବତାଇ ଦେ। ସବୁ ସ୍ନେହ ଦେଇ ବାଳୁତ ପିଲାକୁ ଯୁଆନ୍ କଲି। ଶେଷକୁ ମତେ ସେ ଠକିବ ?

ସେ ଆଖିରୁ ଲୁହ ପୋଛିଲେ।

ସାନ୍ତ୍ୱନା ଦେବାକୁ ଆକୁଳାନନ୍ଦ କହିଲା, ସେପରି ବ୍ୟସ୍ତ ହେଇ ନିଜେ ଏତେ ମାନସିକ ବେଦନା ଭୋଗ କରନାହିଁ ମାଉସୀ ! ଶଙ୍ଖାଳିର ଯାହା କହନ୍ତି ଦେହରେ ପକ୍ଷୀ ଲାଗିଲାଣି। ଉଡ଼ିବାର ଶକ୍ତି ତା'ର ହେଲାଣି। ସେ ଏଣିକି ଉଡ଼ିବ। କେହି ବାଧା ଦେଇ ପାରିବେ ନାହିଁ। ବାଧା ଦେଲେ ସେ ମାନିବ ନାହିଁ। ନିଜର ସ୍ୱର ଶୁଣି ସେ ବୁଝିଲାଣି ସେ ଅଲଗା। କାଉ ନୁହେଁ, କୋଇଲି।

'ସତେ ରେ ବାପ !'

ଆକୁଳାନନ୍ଦ କହିଲା, ସ୍ୱାଭାବିକ ଅବସ୍ଥାକୁ ଧୈର୍ଯ୍ୟର ସହ ମାନିନେବାକୁ ହେବ।

ମୋହମାଲା କହିଲେ, ହେଉ ହେଲା। ଶଙ୍ଖାଳି ବାଣୀ ସେହି ଉଡ଼ାଣୀକୁ ବାହା ହେଉ, ଆମେରିକା ଯାଉ, କି ଆଉ କୁଆଡ଼େ ଯାଉ, ସେଥିରୁ ମତେ କ'ଣ ମିଳିବ ? ଏଠାକୁ ତା' ଭାରିଯାକୁ ନେଇ କୁଣିଆଁ ପରି, ତାକୁ ଆମକୁ ଦେଖାଇବାକୁ ଥରେ ଆସୁ କି ନ ଆସୁ ଆମର କି ଯାଏ।

ସେଇଆ ସେ କରିବ ମାଉସୀ ! ମୋର ମନେ ହେଉଛି, ନେଡ଼ି ଗୁଡ଼ କହୁଣୀକୁ ବୋହି ଯାଇଛି। ଜାଣୁ ଛୁଇଁ ଯାଇଛି। ଅଣ-ବାହୁଡ଼ା। ସ୍ୱାଭାବିକ ଅବସ୍ଥାକୁ ଗ୍ରହଣ କରିବାକୁ ହେବ। ଅତୀତକୁ ପଛରେ ଛାଡ଼ିବ। ଫେରି ଚାହିଁବ ନାହିଁ। ଅନର୍ଥକ କାହିଁକି ଦୁଃଖ ସହିବ ?

ମୋହମାଲା ବୁଝିଲେ। ଆଖି ପୋଛିଲେ। ପଚାରିଲେ, କ'ଣ କରିବାକୁ ତୁ ଉପଦେଶ ଦେଉଛୁ ? ତମ ମଉସା କହିଲେ, ଶଙ୍ଖାଳି ଆଉ ପର ଉପରେ ନିର୍ଭରଶୀଳ ହୋଇ ରହିନାହିଁ। ନିଜ ଗୋଡ଼ରେ ଠିଆ ହେବାର ଶକ୍ତି ଲାଭ କରି ସାରିଛି। ହେବାକୁ ଯାଉଥିବା ନୋଟିପତ୍ର, କାହିଁ କୁଆଡ଼ର ଶ୍ୱଶୁରର ସାହାଯ୍ୟ ସେ ପାଇ ସାରିଛି। ସେ କାହିଁକି ଆମର ବୋଲ ମାନିବ ? ଅନ୍ୟ କିଛି କରିବାକୁ ଆମେ ତାକୁ କହିଲେ ସେ କେବେ ମାନିବ ନାହିଁ। ବୋଝ ଉପରେ ନଳିତା ବିଡ଼ା ପରି ଆମର ସେ ଦୁଃଖ ଅଧିକ ବଢ଼ାଇବ।

ତୋ' ସଙ୍ଗେ ପରାମର୍ଶ କରିବାକୁ ତୋ'ର ମଉସା ହିଁ ମତେ ଉପଦେଶ ଦେଇଥିଲେ।

ଆକୁଳାନନ୍ଦ ଦୁଇହାତ ଯୋଡ଼ି ମୁଣ୍ଡରେ ଲଗାଇଲା। ଉଲ୍ଲସିତ ହୋଇ କହିଲା, ମୋ ମଉସାଙ୍କ ଚିନ୍ତାଧାରାରେ ପ୍ରମାଦ ନଥାଏ। ସେ ଶିବଚନ୍ଦ୍ର ଯେଉଁ ମସୁଧା ଦିଅନ୍ତି ଏ ଜଟିଳ ସମସ୍ୟାର ତାହାହିଁ ହେବ ସମାଧାନ।

Digitized by srujanika@gmail.com

ମାଉସୀ, ଶଙ୍କାଳ ପାଖକୁ ଛଅ ହଜାର ଟଙ୍କା ପଠାଇଦିଅ । ବାଣୀକୁ ସେ ବିବାହ କରୁଛି ଜାଣି ଆନନ୍ଦ ଓ ସନ୍ତୋଷ ପ୍ରକାଶ କର । ବାହାଘର ପରେ ବାଣୀ-ଦେବୀଙ୍କୁ ସଙ୍ଗରେ ନେଇ ବିଦେଶ ଯାତ୍ରା ପୂର୍ବରୁ ଏଠାକୁ ଥରେ ଆସିବାକୁ ଲେଖ । ନିଜେ ଲେଖ ଅବା ଚିଠିଟି ରତ୍ନା ହାତରେ ଲେଖି ନିଜେ ସ୍ୱାକ୍ଷର କରି ପଠାଅ ।

ମୁଁ ଭାବୁଛି ମାଉସୀ, ରତ୍ନା ଲେଖିଲେ ଆହୁରି ଭଲ ହେବ । ତା'ର ହସ୍ତାକ୍ଷର ଶଙ୍କାଳ ଭଲ କରି ଜାଣେ । ସେ ହତଭାଗ୍ୟଟି ବୁଝିବ, ତା'ର ଅକୃତଜ୍ଞ କାର୍ଯ୍ୟ ପାଇଁ କେହି ଚିନ୍ତିତ ନୁହନ୍ତି ! ତା'ର ବିଶ୍ୱାସଘାତକତା କାହାରି ମନରେ କୌଣସି ପ୍ରତିକ୍ରିୟା ଆଣିନାହିଁ ।

ମୋତିମାଳା ଚିନ୍ତାମଗ୍ନ ହେଲେ । ଅତି ଦୁଃଖରେ ଟିକିଏ ହସୁଣୁ ଆଖିରୁ କେଇବିନ୍ଦୁ ଲୋତକ ଝରି ପଡ଼ିଲା । ଓଠ ଦି'ଫାଳ ସାମାନ୍ୟ ଥରିବାକୁ ଲାଗିଲା । ଆକୁଳାନନ୍ଦ ସ୍ତବ୍ଧ ହୋଇ ବସି ରହିଲା । କ'ଣ ଗୋଟାଏ ଅପ୍ରାସଙ୍ଗିକ କଥା କହି ପକାଇଛି ବୋଲି ମନେ ମନେ ଅନୁତପ୍ତ ହେଲା ।

କିଛି ସମୟ ନୀରବ ରହି ନିଜର ଉତ୍ତେଜନାକୁ ଆୟତ୍ତ କରି ମୋତିମାଳା କହିଲେ, ବାପରେ ! ତା' ପଛରେ ଯେତେ ଧନ ଖର୍ଚ୍ଚ କରାଯାଇଛି ସେତିକରେ ସେ ଘୋଡ଼ା ହୋଇ ପଡ଼ନ୍ତା । ଅକୃତଜ୍ଞ ଟୋକାଟା ଶେଷକୁ ଠକିଲା । ତା' ସଙ୍ଗରେ ଆମର ଆଉ କି ସମ୍ପର୍କ ?

ସତେ ସେ କୋଇଲି ପଣିଆଁ ଆଚରଣ କରୁଛି । ଏହା ତା'ର ଅଣାୟତ୍ତ । ଯାଉ ରେ ବାପ, ସେ ଉଡ଼ିଯାଉ । ଆଖି ପାଇଲାଣି । ବଳ ପାଇଲାଣି । ସାହସ ହେଲାଣି । ସେ ଆଉ ଏଇ ଗଛକୁ, ଏଇ ବସାକୁ ଆସିବ ନାହିଁ । ଶେଷ ଥର ଟଙ୍କା, ଛଅ ହଜାର କାହିଁକି, ସାତ ହଜାର ଟେଲିଗ୍ରାମ କରି ମୋ ନାମରେ ପଠାଇ ଦେ ।

ମୋତିମାଳା ଆଖିପୋଛି ପୁଣି କହିଲେ—ନା, ନା, ମୋ କୁହାମାନ ଟଙ୍କା ରତ୍ନା ନାମରେ ପଠାଇ ଦେ । ତାକୁ ମାତ୍ର ମାଗିଲା ପରି ଲାଗିବ ।

ଆରଘରେ ଦରଆଉଜା କବାଟ ପଛରେ ଠିଆହୋଇ ରତ୍ନମାଳା ସବୁ ଶୁଣୁଥିଲା । ମନକୁ ମନ ହସୁଥିଲା । ସେ ହସି ହସିକା ଆର ଘର ଭିତରକୁ ପଶିଗଲା ଏବଂ କହିଲା, ବୋଉ, ମୁଁ ତମ ଦୁହିଙ୍କର ଆଲୋଚନା ଶୁଣି ହସୁଥିଲି ।

ତମର କାଣିଚାଏ ବୁଦ୍ଧି ନାହିଁ । ତମମାନଙ୍କ ଅନୁମୋଦନ କ'ଣ ସେ ଖୋଜିଛି ? ସେ ତା'ର ବାହାଘର ଠିକ୍ କରିଛି । ତମେ ମନାକଲେ କ'ଣ ବାହାଘର ବନ୍ଦ ହେବ ? ଛଅ ହଜାର ଟଙ୍କା ସେ ମାଗିଛି । ସେତିକ ବାପା ପଠାଇ ଦିଅନ୍ତୁ । ହୃଦୟରୁ ଯଦି ଚାହୁଁଛ, ଶୁଭେଚ୍ଛା ଜଣାନ୍ତୁ, ନୋହିଲେ ନାହିଁ ।

Digitized by srujanika@gmail.com

ବୃଥାରେ ଘରେ ଆଲୋଡ଼ନ ସୃଷ୍ଟି କରି ମୁଣ୍ଡ ଖରାପ କରିବା ଦରକାର ନାହିଁ । ତୋ'ର କଥା ଠିକ ମନେ ପକା ବୋଉ—କୋଇଲି ଛୁଆର ପର ଉଠିଛି । ନିଜର ସ୍ୱର ନିଜେ ଶୁଣିଛି । ଉଡ଼ିଯାଇଛି । ଆଉ ସେ ନ ଫେରେ ।

ଚନ୍ଦ୍ରା କାହିଁକି, ଯାଉ ସେ ।

ଏତିକି କହି ସେ ମୁହଁ ବୁଲାଇ ଧୀରେ ଧୀରେ ସେମାନଙ୍କ ଆଗରୁ ଅନ୍ୟ କୋଠରୀକୁ ଚାଲିଗଲା । ମଝି କବାଟ ଆଉଜାଇ କିଳଣୀ କିଳିଲା । ଆଖିରୁ ଲୁହ ପୋଛିଲା । ନିଜର କେଉଁ ଦୁଃଖ ପାଇଁ ନୁହେଁ, ତା'ର ବୋଉଙ୍କ ପାଇଁ । ଆହା, କେତେ କାଳର କେତେ ବଡ଼ ଆଶା ତାଙ୍କର ଧୂଳିସାତ୍ ହେଲା ସତେ !

—ସାତ—

ଆମେରିକା ଯିବା ଆଗରୁ ମୋଟେ ଦିନ ଦିଓଟି ପାଇଁ ଶଙ୍ଖାଳି ତା'ର ସ୍ତ୍ରୀ ବାଣୀକୁ ନେଇ ଆସିଥିଲା । ସଙ୍ଗରେ ଆସିଥିଲା ବାଣୀର ବଡ଼ଭାଇ ବିଜୟ ସେହ୍ୱାଙ୍ଗୀ । ଗୋଟିଏ ଦିନ ସହର ଓ ଗନ୍ଧର୍ବଙ୍କର ଷ୍ଟେଟ ମିଲ୍ ଦେଖିବାରେ ବିତିଲା । ଆକୁଳାନନ୍ଦ ସବୁ ଚହଲାଇ ଦେଉଥାଏ—ବୁଝାଇ ଦେଉଥାଏ ।

ଆକୁଳାନନ୍ଦ ଓ ନିଜେ ଗନ୍ଧର୍ବ ସେମାନଙ୍କୁ ବୁଝାଇ ଦେଉଥାନ୍ତି । ଗନ୍ଧର୍ବ, ଏପରିକି ଆକୁଳାନନ୍ଦ ଅନୁଭବ କରୁଥାନ୍ତି ଯେ ଏସବୁ କିଛି ସେମାନଙ୍କୁ ଭଲ ଲାଗୁ ନଥାଏ । ବଡ଼ ସହରଟା ବି ଗନ୍ଧାଉଥାଏ । ଶଙ୍ଖାଳି ଲଜ୍ଜିତ ହେଉଥାଏ । ଅନୁତାପ କରୁଥାଏ ।

ସେ ବିଚାରିଲା ବରଂ ନ ଆସିଥିଲେ 'ନ-ଦେଖିଲା-ଓଉ ଛଅ ଫଡ଼ା' ପରି ବଡ଼ତ୍ୱ ବଖାଣି ହୁଅନ୍ତା, ବଡ଼େଇ ଦି' କଡ଼ା ହୁଅନ୍ତା ନାହିଁ । ତେବେ, ବଡ଼ତ୍ୱକୁ ଟେକ ରଖିବାକୁ ହେଲେ ପୂର୍ବ-ପୁରୁଷଙ୍କର କୀର୍ତ୍ତିକୁ ଥରେ ଦେଖାଇବାକୁ ପଡ଼ିବ । ପୁରୁଣା ଅଖା ଧୋଉଥିବା, ଗୁଣ ଗାଉଥିବା, ଆଉ ଏକାଳକୁ ଆମେ ଅପାରଗ, ନିଷ୍କର୍ମ ବୋଲି ପ୍ରମାଣ ଦେଉଥିବା ।

ହଉ, ସେଇଆ ଭଲ । ଚାଲ ଭୁବନେଶ୍ୱର, ସାକ୍ଷୀଗୋପାଳ, ପୁରୀ, କୋଣାର୍କ । ମନ୍ଦିରମାନ ଦେଖ । ବୁଝିଲ, ଆମେ କହି ପାରିବା ଯେ, ସେ ନିକମା କାମ ଏବେ କରୁନୁ । ବ୍ୟୟ ସାପେକ୍ଷ । ଚାଲ ରମ୍ଭା । ସେଇଠି ଚିଲିକା ଦେଖିବା । ଢେଉ ଗଣିବା, ଫେରିବା ।

ପରିଦର୍ଶନର ସବୁ ସୁବିଧା ନିଜେ ଗନ୍ଧର୍ବବାବୁ ଓ ଆକୁଳାନନ୍ଦ କରିଦେଲେ । ଶଙ୍ଖାଳି, ବିଜୟ ଓ ବାଣୀ ଅପୂର୍ବ ସ୍ଥାନଗୁଡ଼ିକ ଦେଖିବାକୁ ଗଲେ । ଯିବାକୁ ବାଣୀ ଓ ଶଙ୍ଖାଳି ରହିବାକୁ ଅନୁରୋଧ କଲେ । ଦେହର ଅସୁସ୍ଥତାର ଆଳ ଦେଖାଇ ସେ ବିନୀତ ହୋଇ ବାରଣ କରିଦେଲା ।

Digitized by srujanika@gmail.com

ତିଓଟି ଦିନ ପାଇଁ ଆସି ସେମାନେ ସାତୋଟି ଦିନ ରହିଗଲେ । ତୀର୍ଥ-ସ୍ଥାନ ଗୁଡ଼ିକର ଶୋଭା ସେମାନଙ୍କୁ ଅଟକାଇ ଦେଲା । ବିଦା ହୋଇଯିବା ଆଗରୁ ନିରୋଳାରେ ଶଙ୍ଖାଳକୁ ଟଙ୍କା ଛଅ ହଜାର ଦେଲେ । ଲୁହ ଢ଼ଳଢ଼ଳ ଆଖିରେ ଆଉ ଦୁଇ ହଜାର ଟଙ୍କା ଦେଇ କହିଲେ, ବାଣୀକୁ ମୁଁ ବିଶେଷ କିଛି ଦେଇନାହିଁ । କୋଟିପତିର ଝିଅ ହାତରେ ଏତିକି କ'ଣ ଦେବ ? ମୋ ପାଇଁ ତୁ ତାକୁ କିଛି କିଣି ଦେବୁ ।

ବିଦାୟ ନେବାକୁ ଯାଇ ବାଣୀ ରତ୍ନାଙ୍କୁ ଆଲିଙ୍ଗନ କଲା । ତା'ର ଗଣ୍ଡ ଚୁମ୍ବନ କରି ନିରୋଳାରେ କହିଲା, ତମର ବିରହିକୁ ମୁଁ ଗ୍ରହଣ କରି ନାହିଁ ଗୋ ରତ୍ନା, ବରଂ ସେ ମତେ ଗ୍ରହଣ କରି ନେଇଛନ୍ତି । ବିଜୟ ଭାଇର ବନ୍ଧୁ ରୂପେ ମୁଁ ତାଙ୍କୁ ଭାଇ ରୂପେ ଭଲ ପାଉଥିଲି । ତାକୁ ସେ ପ୍ରେମିକାର ପ୍ରେମ ବୋଲି ଭୁଲ ବୁଝିଲେ । ସେହି ଭୁଲର ଶୁଭ ପରିଣତି ହେଲା, ଚିରଦିନ ପାଇଁ ସେ ତୁମର ଭାଇ ହୋଇଗଲେ, ଆଉ ମୁଁ ହେଲି ଭଉଜ ।

ବାଣୀ ରତ୍ନାକୁ ବୋଲି ଦିଅନ୍ତେ, ମନ୍ତ୍ର ମୁଗ୍ଧ ହେଲାପରି ରତ୍ନମାଳା ମଧ୍ୟ ତାକୁ ଗେଲ କଲା । କହିଲା, ସେ ଦେଶକୁ ଯାଇ ଚିଠିଦେବ ଭଉଜ, ତମକୁ ମୋ' ରାଣ ।

× × ×

ବିଜୟ ଓ ବାଣୀଙ୍କର ଦାଦା ବିଜୟ ଘୋଷାଲଙ୍କର ଅବଦାନରେ ବାହାରିଲା ଆମେରିକାର ଓକାଲ୍-ହୋମ୍ ସହରର ଯେଉଁ ବଡ଼ କାରଖାନାରେ କାମ କରନ୍ତି ସେଇଠି ବିଜୟ ଓ ଶଙ୍ଖାଳକୁ ସ୍ଥାନ ମିଳିଥିଲା । ବିଜୟବାବୁ ସେହି କାରଖାନାରେ ଜଣେ ବଡ଼ ଇଂଜିନିୟର । ମୋଟା ଦରମା ପାଆନ୍ତି । ବିଜୟ, ବାଣୀ ଓ ଶଙ୍ଖାଳ ତାଙ୍କର ଅତିଥି ହୋଇ ଦିନାକେତେ ରହିଲେ ।

ସ୍ଥାନର ଅଭାବ ହେତୁ ଶଙ୍ଖାଳ ଅନ୍ୟ ଗୋଟିଏ ଫ୍ଲାଟ୍ ଭଡ଼ା ନେଇ ବାଣୀକୁ ସଙ୍ଗରେ ନେଇ ଚାଲିଗଲା । ବିଜୟ ତା' ଦାଦାଙ୍କ ପାଖରେ କିଛିଦିନ ପୁଣି ଶଙ୍ଖାଳ ପାଖରେ କେତେଦିନ ରହି ଅନ୍ୟ ଗୋଟିଏ ସସ୍ତାକୁ ଗଲା ଓ ଗୋଟିଏ ସ୍ୱତନ୍ତ୍ର ଫ୍ଲାଟ୍‌ରେ ରହିଲା । ଗୋଟିଏ ସହରରେ ରହିଲେ ମଧ୍ୟ ଭିନ୍ନ ସ୍ଥାନରେ । ନିଜ ନିଜର ସ୍ୱାଧୀନଚଳନରେ କେହି କାହାର ପ୍ରତିବନ୍ଧକ ସୃଷ୍ଟି କରିବାକୁ ଚାହିଁଲେ ନାହିଁ ।

ବାହାଘରର ତିନୋଟି ମାସ ପରେ ବାଣୀ ରତ୍ନାକୁ ଖଣ୍ଡେ ଚିଠି ଲେଖିଥିଲା । ସେ ଦେଶର ମୁକ୍ତିପ୍ରବଣ, ପ୍ରାଚୁର୍ଯ୍ୟ, ଶୃଙ୍ଖଳା, କର୍ମତତ୍ପରତା ଓ ନିର୍ମଳ ପରିବେଶ ସମ୍ବନ୍ଧରେ ବର୍ଣ୍ଣନା କରିଥିଲା । ପୁଣି ଲେଖିଥିଲା, ମୁଁ କାହିଁକି ମୋ ଫ୍ଲାଟ୍‌ରେ ଅଳସରେ ବସି ଏଣୁ ତେଣୁ ଅଳସ ଚିନ୍ତାରେ ବେଳ କଟାଇବି ?

Digitized by srujanika@gmail.com

କକା ମତେ ଉପଦେଶ ଦେଇ କହିଲେ, ତୋର ତ ନେ-ନେଣ୍ଟାଣ୍ଟ ନାହିଁ; ପାଠ ପଢ଼ିଛୁ, ଅଳସରେ ବେଳ କଟାଇବୁ କାହିଁକି ? ତୁ ବି ଗୋଟିଏ ନିଯୁକ୍ତି ଧର । କୌଣସି ଛୋଟପିଲାଙ୍କର ବିଦ୍ୟାଳୟରେ ଶିକ୍ଷୟିତ୍ରୀ ହଅ ।

ମୁଁ କକାଙ୍କୁ ମନା କରିଦେଲି । କହିଲି, ରୋଷେଇ କରିବ କିଏ ? ବରଂ, ବେଳ ମିଳିଲେ ମନ ଇଚ୍ଛା ପଢ଼ିବି । ବହିର ତ ଅନ୍ତ ନାହିଁ; ମୋର ବେଳର ବି ଅଭାବ ନାହିଁ; ରୋଜଗାର ପରିବର୍ତ୍ତେ, ତମ ଭାଇଙ୍କ ଧନରୁ ବହି କିଣାରେ ଖରଚ ହେବ । କିନ୍ତୁ ସେ ତ ରାଜା; କୁଆଡ଼େ ସେ ମୋର ଅତି ଅନୁଗତ ଭୃତ୍ୟ ହୋଇଛନ୍ତି ।

ମୁଁ କିଛି ନାହିଁ । ସେ ନିଜେ ମତେ କହିଥିଲେ । ନିର୍ଲଜ ପଣକୁତ ସରିଛନ୍ତି···· । ଗୋଟିଏ ମାସ ପରେ ଏହି ଚିଠିର ଉତ୍ତର ଦେବାକୁ ରତ୍ନାର ମନେ ପଡ଼ିଲା । ତଥାପି ସେ ଦେ-ଦୋ-ପାଞ୍ଚ ହେଉଥିଲା । କ'ଣ ବୋଲି ସେ ସମ୍ବୋଧିବ ତାହାହିଁ ଥିଲା ତା'ର ଦ୍ୱିଧାର କାରଣ । ବାନ୍ଧବୀ ବୋଲି ଗ୍ରହଣ କରି ପାରୁନାହିଁ, ଭାଉଜ ବୋଲି ଲେଖିବାକୁ ମନ ଡାକୁନାହିଁ ।

ହେତୁ ପାଇଲା ଦିନରୁ ସିଏ ଦିନେ ତା'ର ବର ହେବ ବୋଲି ଏକା ସେହି ନୁହେଁ, ବିଦ୍ୟାଳୟର ସହପାଠିନୀ ଓ ଅନ୍ୟ ବାନ୍ଧବୀ ଏବଂ ଅନ୍ୟମାନେ ଜାଣିଥିଲେ, ତା'ର ଭଉଜା । କିନ୍ତୁ ସେ ତା'ର ସଉତୁଣୀ ନୁହେଁ । ଅଘରଦୁଆରୀ ସାତପର ହେଉନ୍ତୁ ପଛେ କିଏ କୁଆଡ଼ର, ଡାକନ୍ତି ଭାଇ ।

ସେହି ସୂତ୍ରରେ ଶଙ୍ଖାଳ, କିଏ କୁଆଡ଼ର ହେଲେ ବି ଭାଇ । ତା' ଭଉଜା ବାଣୀଦେହାନ୍ତ୍ରୀଙ୍କୁ ଭାଉଜ ସମ୍ବୋଧିଲେ, ସେ ରତ୍ନମାଳା ବେହେରାର ଅହଂ ଉପରେ ଆଞ୍ଚ ଆସିବ ନାହିଁ । ସେହି ଅହଂରେ ସେ ଉଲ୍ଲସିତ ହୋଇ ଚଟାଉ ଲେଖିଲା—

ପ୍ରିୟ ବାନ୍ଧବୀ ଭାଉଜ ବାଣୀଦେବୀ ଗୋ—

ତମର ସୁନ୍ଦର, ସ୍ନେହପୂର୍ଣ୍ଣ ପତ୍ରଟି ପାଇ ଆମେ, ବିଶେଷତଃ ମୁଁ ଭାରି ଖୁସି ହେଲି । ଆମେ ତମମାନଙ୍କ ସମ୍ବନ୍ଧରେ ତଥା ସେ ଦେଶ, ସେ ସହର ଓ ତମର ଚଳନ ସମ୍ବନ୍ଧରେ, ଆଖିରେ ଦେଖା ଓ ଅଙ୍ଗେ ନିଭେଇଲା ନୂଆ ନୂଆ ଅନେକ ଖବର ତମର ପରବର୍ତ୍ତୀ ଚିଠିଗୁଡ଼ିକର ମାଧ୍ୟମରେ ଆମେ ଜାଣି ପାରିବୁ ।

ଏଠାରେ ଆଉ ବିଶେଷ କିଛି ଖବର ନାହିଁ । ପାଞ୍ଜିରେ ଛପା ହୋଇଥିବା ପ୍ରକାରେ ସୂର୍ଯ୍ୟ ଚନ୍ଦ୍ର ଠିକ୍ ସମୟରେ ଉଦୟ-ଅସ୍ତ ହେଉଛନ୍ତି । ସେମିତି ଦିନରାତି ପୁଣି ବାରମାନେ ଗଡ଼ି ଚାଲିଛନ୍ତି । ଆମ ମନୁଷ୍ୟଙ୍କୁ ନୂଆବର୍ଷ ଆଡ଼କୁ ଓଟାରି ନେଉଛନ୍ତି । କାହାର କେଉଁଦିନ ତା' ଜୀବନର ଘଣ୍ଟା ବାଜିବ । ତାକୁ ଚମକାଇ ସୂଚାଇ ଦେବ —

Digitized by srujanika@gmail.com

ଜୀବନର ଆଉ ଗୋଟିଏ ବର୍ଷ ପୂରିଲା····

କାହାର କେଉଁଠି କେତେ ବର୍ଷ ବିତିଲା, କିଏ ଜାଣେ ? କେତେ ଆପଣାର ବିସ୍ମରଣର ଧୀରେ ଘନେଇଁ ଆସୁଥିବା ଅନ୍ଧାର ଭିତରେ ଅଦୃଶ୍ୟ ବିସ୍ମୃତ ହେବେ । ଗତିଶୀଳ ଚଳନ୍ତା ଆଲୁଅ ପରି ଜନ୍ମ ଆଲୋକିତ କରି ଆସିଲା । ଆଖି ଝଲସାଇ, ଛୁରି ଉଲ୍ଲସାଇ ଦିନଟିଏ ରହି ବୁଲିଗଲା ତ ' ଅନ୍ଧାରଟା ଆହୁରି ନିବିଡ଼ ହେଲା ।

ହଉ, ରହିଲି ଗୋ ସୁଦୂର ଚନ୍ଦ୍ରମା, ଆଉ ଯେବେ ଦୟାକରି ଆସିବ ନିଶ୍ଚୟ କୋଳରେ ଝଟକିଲା ନକ୍ଷତ୍ରଟିଏ ମୋ' ବୋଉର ଝୁରିଲା ଶୂନ୍ୟକୋଳ ପୂର୍ଣ୍ଣ କରିବାକୁ ଆଣିବ ।

ଇଂରେଜୀରେ ଲେଖା ଚିଠି ଖଣ୍ଡି ପଢ଼ି ତା'ର ଅର୍ଥ ଏହିପରି ମାତା ମୋତିମାଳାଙ୍କୁ ଶୁଣାଇଁ ଦିଅନ୍ତେ, ସେ କହିଲେ, ଲେଖିବାକୁ ହେବ ବୋଲି ଭଦ୍ରତା ରକ୍ଷା ଦୃଷ୍ଟିରୁ ଚିଠିଟି ଭଲ ହୋଇଛି । ଚୁଲିପଶୀ ଛଟକୀ ଟୋକୀଙ୍କୁ ଆଉ କ'ଣ ଲେଖି ପାରନ୍ତୁ ! ତଥେ ସେଇଠି ମରଣ ହେଉ ଲୋ ଛଟକୀ, ତୋ ଚତୁରୀ ପଣିଆଁ ଚୁଲିରେ ପଶୁ ।

ରତ୍ନା ଆଖି ଛଳଛଳ କରି କହିଲା, ବୋଉ, ତୁ ବାଣୀ ଝିଅଙ୍କର ମନ୍ଦ ମନାସ ନା । ସେ ଭାରି ଭଲ । ତୋ ଚଗଲା ପୁଅଟା ଯଦି ତାକୁ ସ୍ନେହ କରି ନଥାନ୍ତା ସେ କୁଅଁଡ଼ଚନ୍ଦ୍ରିଏ ଶଙ୍କାଳିଆଙ୍କୁ କାହିଁକି ବାହା ହେବାକୁ ବାଧ୍ୟ ହୋଇଥାନ୍ତା, ତୁ ବିଚାରିଣା କର । ତା'ର କୋଟିପତି ବାପାଙ୍କୁ ବାଣୀ ଭଳି ଯୋଗ୍ୟ ପାତ୍ରଟିଏ କ'ଣ ମିଳି ନ ଥାନ୍ତା ?

ମୋତିମାଳା ଝିଅର ମୁହଁକୁ ବିସ୍ମିତ ହୋଇ ଚାହିଁଲେ । କହିଲେ, କାଲିକାର ଟୋକୀ ତୁଆଟାର କେତେ ସାଂସାରିକ-ଜ୍ଞାନ ହେଲାଣି ସତେ ! ସେ କହିଲେ, ଯେଉଁ ଛଟକୀ ଟୋକୀ ବାଣୀ ସଙ୍ଗେ ଆକଟହୀନ ମିଳାମିଶା କରି, ଶଙ୍କାଳି ସେ ତାକୁ ସ୍ନେହ କରି ବସିଥାଏ ଏଥିକୁ ତା'ର ଦୋଷ ଦେବ କିଏ ? ବାଣୀର ବାପା ଏତିକି ଜାଣି ଶଙ୍କାଳିକୁ ଜୋଇଁ କରିବାକୁ ବାଧ୍ୟ ହୁଅନ୍ତେ ନାହିଁ ତ ଆଉ କ'ଣ କରନ୍ତେ ?

ହଉ, ଦୂର ଦେଶରେ ଜନ୍ମ ଲଭିଥିବା ସେହି ନାତିଟିକୁ ସେ ଆଶୀର୍ବାଦ କରିପଠେଇଦେବେ । ସେମାନେ ସେଠି ସୁଖରେ ଥାନ୍ତୁ । ଆକୁଳାନନ୍ଦ ସେହି ଉପଦେଶ ଦେଇଥିଲା । ବୋହୂଟାର ଦେହ କ'ଣ ବିଶେଷ ଖରାପ ଥିବାର ସମ୍ବାଦ ତା'ର କୋଠିଆ ଜଗପତି ଭାଇଙ୍କର ଚିଠିରୁ ଜାଣି ସେ ଦୁଇଦିନ ତଳେ ଉଚ୍ଛନ୍ନ ହୋଇ ଗାଁକୁ ଯାଇଛି ।

ଜଗପତି ସେଇ କୋଠିଆ ବାଉରିଘରର ପୁଅ ହେଲେବି ଆକୁଳର ପାନ-ଖିଆ ପରି କାରବାର । ଛୁଆଁଛୁତ ମେଣ୍ଟିଲା ଦିନରୁ ଆଉ ଭେଦ ବିଚାର ନାହିଁ । ଦୁଲଭିଅପାଙ୍କ କହିବା ପ୍ରକାରେ ଦିନକ ପାଇଁ ଯିବାକୁ ଆକୁଳକୁ ଅନୁରୋଧ କରିଥିଲା ।

Digitized by srujanika@gmail.com

ତିନିଦିନ ବିତିଲାଣି, ତଥାପି ସେ ଫେରିଲା ନାହିଁ । ବୋହୂଟିର ଦେହ କ'ଣ ଅଧିକ ଖରାପ ? ହଉ, ସେ କେତେ ଡେରି କରୁଛି କରୁ । ବାବାଜିଆ ଜୀବନାନନ୍ଦଙ୍କ ସାହାଯ୍ୟରେ ଦୈନନ୍ଦିନ କାମ ଚଳି ଯାଉଛି । କୋର୍ଟ-କଚେରି କାମ ନିଜେ ଶଙ୍କରର ବାପା ବୁଝୁଛନ୍ତି । ହେଉ ଆକୁଳର ବିଳମ୍ବ । ବୋହୂଟିକୁ ଭଲ କରାଇ ଆସୁ ।

ବାଣୀ ସ୍ୱାମୀଙ୍କ ପାଖକୁ ବୋଉଙ୍କର ଉପଦେଶ ପ୍ରକାରେ ରତ୍ନା ପତ୍ର ଖଣ୍ଡିଏ ଲେଖି ପଠାଇଲା । ପୁଅଟିର ନାମ ଦୁଷ୍ମନ୍ତ ଦେବାକୁ ନିଜେ ପ୍ରସ୍ତାବ ଦେଲା ।

× × ×

ଦୁଇଦିନ ଅନୁପସ୍ଥିତି ପରେ ଆକୁଳାନନ୍ଦ ଗ୍ରାମରୁ ବାହୁଡ଼ିଲା । ସେ ଅତି ମଳିନ ଦିଶୁଥାଏ । ଗୋଟିଏ କାନ୍ଦକାନ୍ଦର ସ୍ୱରରେ ତାର ଆଖି ଦିଓଟି ଦିଶୁଥାଏ କାନ୍ଦୁରା । ମୋହମାଳା ବିବ୍ରତ-ବିକଳ ହୋଇ ଆତଙ୍କରେ ପଚାରିଲେ, ମୋର ବୋହୂର ଦେହ କିପରି ଅଛି ବାପ ?

ଆଖି ଛଳଛଳ କରି ଆକୁଳାନନ୍ଦ କହିଲା, ସେବତୀର ତଳି ପେଟ ଭିତରେ ଅସହ୍ୟ ଯନ୍ତ୍ରଣା ହେଉଛି । ଅତି ବିକଳ ହୋଇ ସେ କାନ୍ଦୁଛି । ମୋ'ର ଆଗରେ ନିଜେ କବିରାଜେ ତାକୁ ପରୀକ୍ଷା କଲେ । କହିଲେ, ଶୂଳ ରୋଗ । ଅବଶ୍ୟ କଷ୍ଟ ହେବ । ଏପରି ହୁଏ । ଭୟ ନାହିଁ । ହାଉଳେ ହାଉଳେ ଭଲ ହେବ ।

କହିଲେ, ଏପରି ଗୁଣିଆଁ ହେଲେ କି ହେବ ? ରୋଗୀର ମନର ବଳ ତ ଭାଙ୍ଗି ପଡ଼ିବ । ଭଲ ହେବାକୁ ଆହୁରି ବିଳମ୍ବ ହେବ । ତମେ ଚିନ୍ତା କର ନାହିଁ ।

ମୋହମାଳା ଆଖି ଛଳଛଳ କରି କହିଲେ, କବିରାଜଙ୍କର ମନବୋଧିଆ ସାନ୍ତ୍ୱନା-ବାଣୀରେ ବିଶ୍ୱାସ କରି ନିଶ୍ଚିନ୍ତ ରହିବା ଉଚିତ କି ବାପ ?

—ଅନ୍ୟ କି ଉପାୟ ଅଛି ?

ଆକୁଳାନନ୍ଦର ଛଳଛଳ ଆଖି ଦେଖି ମୋହମାଳା ବ୍ୟଥିତ ହେଲେ । କହିଲେ, ହଇରେ ପୁଅ, ତୋ' ପରି ଚଉ-ଆଖିଆ ବୁଦ୍ଧିଆ ପିଲା ଏପରି ଦୁର୍ଭାଗିଆ କଥା କହୁଛୁ ? ଏ ସହରରେ କ'ଣ ବଡ଼ ବଡ଼ ଡାକ୍ତର ନାହାନ୍ତି ନା ବଡ଼ ଡାକ୍ତରଖାନା ନାହିଁ ? ମହା ମହା ଦୁଃସାଧ୍ୟ ରୋଗକୁ ଭଲ କରି, ଯମପୁରକୁ ଗୋଡ଼ ଟେକିଥିବା ଲୋକଙ୍କୁ ଆରୋଗ୍ୟ କରୁ ନାହାନ୍ତି ?

ରତ୍ନା କହିଲା, ତମେ ଆଜିଯାଇ ମୋ' ସୁନା-ସ୍ୱାମୀଙ୍କୁ ଏଠାକୁ ନେଇଆସ ଯାଇ । ବିକଳା ଆସିବତ ଆସୁ । ମୋ ବୋଉ ସ୍ୱାମୀଙ୍କର ତତ୍ତ୍ୱ ନେବ । ମୁଁ ବିକଳା କଥା ବୁଝିବି । ଜୀବନାନନ୍ଦବାବୁ ଶିକ୍ଷା କାରବାର ଓ କାରଖାନା-

Digitized by srujanika@gmail.com

ଗୁଡ଼ିକର କଣ୍ଠୁ ନେବାରେ ବାପାଙ୍କୁ ଧନଦେଲା ସାହାଯ୍ୟ କରିବେ । ବ୍ୟବସାୟପନ୍ଥ କାମରେ ବାପାଙ୍କୁ ମୁଁ ସାହାଯ୍ୟ କରିବ ଗୁଡରେ ।

ତମେ କଣ୍ଟିଭରେ ଯାଅ ଆକୁଳଭାଇ ! ଭାଉଜଙ୍କ ଦେହକଥା ଆଗ, ଏଠାକା କାମ କଥା ନୁହେଁ । ଗ୍ରାମ କଥା ବସ୍ତୁବୁଛ ? ମାଉସୀ ଦେଖା ବୁଝା କରିବେ । ଝଗେଶ୍ୱର ପରି ବଣୁାସୀ, ଜାମିକା ଗ୍ରକର ଆଜ୍ଞ୍ରେ ତାଙ୍କ ପାଇଁ ଚନ୍ତା କରିବା ଉଚିତ ନୁହେଁ । ଗାଁ'ଟା ଯାକର ମାଇପେ ତାଙ୍କ ପରି ସ୍ନେହଶୀଳାଙ୍କର ଅନୁଗତ ....

ସେମାନେ ଆସୁଥିବେ, ଯାଉଥିବେ । ତାଙ୍କ ଖବର ବୁଝୁଥିବେ ।

ଚନ୍ଦ୍ରମାଳାର ପ୍ରସ୍ତାବ ସମସ୍ତେ ଗ୍ରହଣ କଲେ । ଗନ୍ଧର୍ବ କଣ୍ଠେଇରେ ତାଙ୍କର ଘରଣୀଙ୍କୁ କହିଲେ, ଅକୃତଜ୍ଞ ଶଙ୍ଖାଳିର ପିଲ୍ଲ ଆମର ବହୁଧନ ବ୍ୟସ୍ତ ହୋଇଛୁ । ହାଜମାଠ ଦାଣ୍ଡରେ ଭିକ ମାଗନ୍ତା ପିଲାଟା ମଣିଷ ହୋଇଛୁ । ଗୁଜାଘର ପରି ଧନିକ ଘରର ଝିଅକୁ ବାହାହୋଇ ମଣିଷ ପଣ ମଣିଷ ହୋଇ ଅମୁକୁ ଧକ୍କା ଦେଇଛୁ ।

ଯାଉ ସେ ଅକୃତଜ୍ଞ କୁକୁରଟା । ତା ନାମ ମୋ କାନରେ ନ ପଡୁ । ମୋ ଅନ୍ତେ ମୋ ଝିଅ ଏ ସମ୍ପତ୍ତିର ଅଧିକାରିଣୀ ହେବ । କେତେ ଅନୁଗତଙ୍କର କୁଟୁମ୍ବ ପୋଷଣରେ କର୍ତ୍ତ୍ରୀ ହେବ । ସମସ୍ତଙ୍କର ଆଶୀର୍ବାଦରୁ ତା'ର ମନଯୋଗ୍ୟ ଉପଯୁକ୍ତ ପତିଟିଏ କଣ୍ଠୁ ମିଳିଯିବ ମୋଦମାଳା !

ସତ୍ତ୍ୱ ବିଷୟରେ ଯାହା ହେବାକୁ ଥିମର ଅତି ବିଶ୍ୱାସୀ, ତମର ସୁଅଠାରୁ ବଳି ଅଧିକ ସଂକ୍ରାନ୍ତ ଓ ବିଶ୍ୱାସୀ ଆକୁଳାନନ୍ଦ ତ ରହିଛୁ । ତମେ ଆଉ ଶଙ୍ଖାଳିକୁ ମନେ ପକାଅ ନାହିଁ ଅବା ତା ବିଷୟରେ ଚର୍ଚ୍ଚା କରନାହିଁ ।

ଆଖିରୁ ଲୋତକ ଗଡ଼ାଇ ମୋଦମାଳା କହିଲେ, ସେ ହତଭାଗ୍ୟ ଶଙ୍ଖାଳିର କେତେ ସେବା କରିଥିଲି । ବ ପ ଓ ମା' ଛେଉଣ୍ଡ ଏତେ ଟିକିଏ ଅନାଥ ପିଲାର ଦାଢକୁ ପ ଣି ଟିକିଏ ଗଡ଼ିଲେ, ଜାଣ ମୋ' ମନରୁ ରକ୍ତ ଝରେ । ରହିବାକୁ ପଛକୁ ଠେଲି ତାଙ୍କୁ ମୁଁ ସ୍ତନକୁ କିଏ । ସେଇ ପୁଣି ଠକିଲା, ଅକୃତଜ୍ଞ ହେଲା ।

ଗନ୍ଧର୍ବ କହିଲେ, ଯାଉ. ଯେ ଚଳାକୁ ଯାଉ । ସେ କୋଇଲିଆ ବୁଦ୍ଧି କଲା । ନିଜ ରବ ନିଜେ ଶୁଣି ଉଡ଼ି ପଳାଇଲା । ଯାଉ ସେ, ମରୁ

ପୁଣି ମୋଦମାଳା କହିଲେ, ସେମିତି ନିଷ୍ଠୁର ପରିଆଁ କଥା କହ ନାହିଁ ଗୋ, ତା'ର ମନ୍ଦ ମନାସ ନାହିଁ । ସେ ଯେଉଁଠି ରହୁ, ଯାହାକୁ ଧରି ସଂସାର କରୁ, ସୁଖରେ ଥାଉ । ନ ପଚ୍ଛରିଲେ ନାହିଁ ପଛେ ଦଇବ ତାକୁ କୋଟି-ପରମାୟୁ ଦେଉ ।

Digitized by srujanika@gmail.com

ଏବେ ବୋହୂଟି ପାଇଁ ଯାହା ଖର୍ଚ୍ଚ ହେବାର ହେଉ, ଏଠାରେ କାମ ଚଳନର ଟିକିଏ ଅସୁବିଧା ହେଲେ ହେଉ, ଆକୁଳ ତାଙ୍କ ଗ୍ରାମକୁ ଯାଇ ବୋହୂକୁ ଏଠାକୁ ନେଇଆସୁ । ବିକଳା ଯଦି ଅପାଙ୍କ ପାଖରେ ରହିବ ତ ରହୁ ନୋହିଲେ ସେ ବି ଆସୁ । ତାକୁ ରତ୍ନା ରଖିବ । ବଡ଼ ବଡ଼ ଡାକ୍ତରମାନେ ସେବତୀକୁ ଦେଖନ୍ତେ । ଚିକିତ୍ସା କରନ୍ତେ ।

ଗନ୍ଧର୍ବ ସମ୍ମତ ହେଲେ । କହିଲେ, ବୋହୂଟିର ସ୍ୱାସ୍ଥ୍ୟ ବଡ଼କଥା । ଆକୁଳ ବିନା କ'ଣ ଏଠି ଅଚଳ ହେବନାହିଁ । ମୁଁ ଜୀବନାନନ୍ଦବାବୁଙ୍କ ସାହାଯ୍ୟରେ ଚଳାଇ ନେବ । ଆକୁଳାନନ୍ଦ ମୋ'ର କାର୍‌ଟି ନେଇଯାଉ । ତମେ ବି ଯିବ ତ ଯାଅ, ବୋହୂଙ୍କୁ ସଙ୍ଗରେ ନେଇ ଆସିବ ।

—ଆଉ ରତ୍ନା ? ସେ କ'ଣ ଏକା ରହିବ ?

ଗନ୍ଧର୍ବ କହିଲେ, ଏକା କିପରି । ମୁଁ ପରା ଅଛି ? ତମେ ତ ରହିବାକୁ ଯିବ ନାହିଁ ? ବୋହୂଙ୍କୁ ସଙ୍ଗରେ ନେଇ ଦୁଇତିନି ଘଣ୍ଟା ରହି ତାଙ୍କୁ ହସପାତାଲରେ ଏଠାକୁ ନେଇ ଆସ ।

× × ×

ଗନ୍ଧର୍ବ ବେହେରାଙ୍କର କାର୍ ଯାଇ ମଲ୍ଲିପୁରରେ ପହଞ୍ଚିଲା ବେଳକୁ କଅଁଳ ଗୋଧୂଆ ବେଳ ହୋଇଥିଲା । ଗାଡ଼ି ଆସି ଦାଣ୍ଡରେ ରହନ୍ତେ ଆଗ ଆକୁଳାନନ୍ଦ ଓହ୍ଲାଇଲା । ସେତେବେଳକୁ କେତେ ମାଇପେ, ମରଦେ, ପିଲାଏ ରୁଣ୍ଡ ହୋଇ ସାରିଥିଲେ । ସେମାନେ ଭାବିଥିଲେ ବେହେରାଙ୍କ ଝିଅ ରତ୍ନା ଆସିଥିବେ ।

ଗାଡ଼ିରୁ ଓହ୍ଲାଇଲେ ଆକୁଳାନନ୍ଦ । ତାଙ୍କ ପଛେ ପଛେ ଜଣେ ପୌଢ଼ା, କେଡ଼େ ସୁନ୍ଦର ରୂପ, କେଡ଼େ ଭଲ ସ୍ୱାସ୍ଥ୍ୟ । ଦେହରେ ସୁନାର ଗହଣା ଖୁନ୍ଦି ହୋଇଛି । ବୟସକୁ ପଛରେ ପକାଇଛି । ସେ ଓହ୍ଲାଇଲେ । କେହି କେହି ହେଜିଲେ, ଚିହ୍ନିଲେ । କୁହାକୁହି ହେଲେ, ଆଗଥିଲେ ତ ଥରେ, ମଲ୍ଲିକାଦେଈଙ୍କ ନିର୍ବନ୍ଧ ବେଳେ, ଆଉ ଥରେ ତାଙ୍କ ବାହାଘରକୁ, ରତ୍ନା ଦେଈଙ୍କର ବୋଉ ।

ଖଗପତି ଦାଣ୍ଡ କବାଟ ଖୋଲିଲା । ବିକଳା ଗୁହାଳରୁ ଫେରି ନ ଥିଲା । ଦୁର୍ବଳ ରୋଗଘର ଖଟିଆରୁ ଉପର ଟଣ୍ଡାକୁ ଧାଇଁ ଆସି ମୋତିମାଳାଙ୍କୁ କୋଳାଇ ଧରି ପଚାରିଲେ, ମୋ' ମା ରତ୍ନାକୁ ଆଣିନୁ ?

ମୋତିମାଳା ଉତ୍ତର ଦେଲେ, ତା' ଭାଉଜ ସେବତୀର ଦେହ ଭଲ ନାହିଁ, ଏ ଖବର ପାଇ ତାକୁ ଦେଖିବାକୁ ଆସିବ ବୋଲି ରତ୍ନା ହମହମ ହେଉଥିଲା ।

Digitized by srujanika@gmail.com

ତା' ବାପା ମନା କଲେ । କହିଲେ, ତୋ' ବୋଉର ଯିବ ତାଙ୍କୁ ଆଣିବାକୁ, ତୁ ଯିବୁ କାହିଁକି, ଗୋଟେ ଗୋଟେ ଫେରିବୁ କାହିଁକି ?

ଉତ୍ସା ମୋ'ର କଣ୍ଠାଳିଆ, ଅଳଣିଆ ଲୁହେ ଗୋ ଅପା ! କୁହାର ବୋଲର । ବୋଉଙ୍କର ଦେହ କେମିତି ଅଛି ?

ସେମିତି ସେମିତି । ପେଟର ବେଦନା ସହି ପାରୁନାହିଁ । ରକ୍ତର ସ୍ରାବ ବନ୍ଦ ହେଉନାହିଁ । କବିରାଜେ ଆସିଥିଲେ । ଘଣ୍ଟାଏ କାଳ ପରୀକ୍ଷା କଲେ । ଆଖି ଦେଖିଲେ, ନାଡ଼ି ଦେଖିଲେ । ମନ ପଡ଼ି ପେଟ ଆଉଁସିଲେ । ଜାତକ ଦେଖିଲେ । ମନ୍ଦିରରେ ଘୋର ତ୍ରିଲୋକୀପତିର ଉଦ୍ଦେଶ୍ୟରେ ଫେରି ଦିନକୁ ଉପବାସ ଚଢାଇବାକୁ କହିଲେ । ପାନେ ଦେଇଛୁ, ଆଉ ପାନେ ସନ୍ତୁଳୁ ।

ତାଙ୍କ ପାଉଣା ନେଇଯିବା ଆଗରୁ ସେ ମତେ ଆଡ଼ୁଆଳକୁ ଡାକି ଗୁପ୍ତରେ କହିଲେ, ଆଉ ଦୁଇଟି କାମ କରିବାକୁ ହେବ ଠାକୁରାଣୀ ମାର୍ଜନା ଓ ବାଳ ଲୀଳା, ତ୍ରିନାଥମେଳା ଓ ଦରିଦ୍ର ନାରାୟଣ ଭୋଜନ । ତେବେ ଗ୍ରହ ଖଣ୍ଡନ ହେବ । ଔଷଧ କାମ କରିବ । ଦରୁ ମୁଁ କରିବ ଲୋ ଭଉଣୀ ! ମୋ'ବୋଉ ପାଇଁକି ମୁଁ ମୋ ଜୀବନକୁ ପାଣିଛଡ଼ାଇ ଦେବି । ତା' ବିନା ମୋର ଏଇ ନଉଁଛଣା ଜୀବନରେ ପ୍ରୟୋଜନ ନାହିଁ ।

ସାନ୍ତ୍ୱନା ଦେବାକୁ ମୋ'ଭମାଳା ଛଳଛଳ ଆଖିରେ କହିଲେ, ତୁ ଏତେ ବ୍ୟସ୍ତ ହୁଅନା ଅପା ! ସହରରେ କେତେ ବଡ଼ ବଡ଼ ଡାକ୍ତର ଅଛନ୍ତି । ମହାମହା ଅସାଧ ରୋଗକୁ ଭଲ କରୁଛନ୍ତି । ଆମର ବୋଉଙ୍କର କବା ଗୁରୁ ରୋଗ ହୋଇଛି ଯେ ତୁ ଏତେ ଡରୁଛୁ ?

ମୁଁ ଯାହା କହୁଛି ତୁ ଶୁଣ । ବୋଉଙ୍କ ଦେହର ଏପରି ହାଲ୍ ଶୁଣି ଉତ୍ସାର ବାପା ଭାରି ବ୍ୟସ୍ତ ହେଲେ । କହିଲେ, କେବଳ ହେଳାରେ ହେଳାରେ ପିଲାଟାର ଦେହର ଅବସ୍ଥା ଏତେ ଖରାପ କଲେଣି । ତମେ ଯାଇ ତାକୁ ନେଇଆସ । ଦିନ ପନ୍ଦରଟାରେ ସେ ସୁସ୍ଥ ହୋଇ ଫେରିଯିବ ।

ସେଇଥିପାଇଁ ମୁଁ ଆସିଛି । କବିରାଜେ ଯେଉଁ ପୂଜା ଇତ୍ୟାଦି କରିବାକୁ କହିଗଲେ ତୁମେ ସେ ସବୁ ଏଠାରେ କରିଅ । ମୁଁ ସେବତୀକୁ ସଙ୍ଗରେ ନେଇଯିବି । କବିରାଜଙ୍କ ଔଷଧ ବି ସଙ୍ଗରେ ନେବି । ଲୋଡ଼ା ହେଲେ ତାକୁ ଖୋଇବ । ଦିନ ପନ୍ଦରଟା ପାଇଁ ସେ ଯିବ । ଭଲ ହୋଇ ନୂଆ ରୂପ, ନୂଆ ସ୍ୱାସ୍ଥ୍ୟ ଧରି ନୂଆ ମଣିଷ-ଟିଏ ହୋଇ ଏ ଘରର ଶୋଭା ବଢ଼ାଇବାକୁ ସେ ପୁଣି ମୋ ସଙ୍ଗରେ ଦିନ ପନ୍ଦରଟାରେ ଜଣେ ଫେରି ଆସିବ ।

ଅପାଲୋ, ତୋ'ର ମାତୃଭକ୍ତ ପୁଅଟି ତତେ ଗାମରେ ଏକା ପକାଇ ବୋଉକୁ ନେଇଯିବାକୁ ପଛଉଥିଲା । କାଳେ ତୋ'ର ଅସୁବିଧା ହେବ, ସେଇଥି ପାଇଁ । ସେ ମୋ ସଙ୍ଗରେ ଆସିଛୁ ସିନା, ମୁଁ ତା' ସଙ୍ଗରେ ଆସିନାହିଁ ।

Digitized by srujanika@gmail.com

ଦୁର୍ଲଭ ଟିକିଏ ଭାବିଲେ । କହିଲେ, ହେଉ, ତାକୁ ତୁ ସଙ୍ଗରେ ନେଇଯା । ତାକୁ ତୁ ଭଲ କରାଇ ନେଇ ଆସି ମୋ ପାଖରେ ଛାଡ଼ି ଦେଇଯିବୁ । ମୁଁ ତ କୌଣସି ମତେ ଏଠାରେ ଚଳିଯିବି । ଠାକୁର ଠାକୁରାଣୀମାନଙ୍କର ସେବା-ଅର୍ଚ୍ଚନା କରି ମୋ ବୋହୂକୁ ଶୀଘ୍ର ଆରୋଗ୍ୟ କରି ଦେବାକୁ ଗୁହାରି କରୁଥିବି ।

ମୁଁ ପୁଣି ଭାବୁଛି ତା' ପୁଅ ବକଲା କଥା । ତାକୁ ଘଡ଼ିଏ ନ ଦେଖିଲେ ସେବତୀ ବାଇଆଣୀ ପରି ହୋଇଯିବ । ରୋଗଣା ଦେହରେ ଦାଣ୍ଡକୁ ଧାଇଁବ । ତାକୁ ମୋର ସମ୍ଭାଳିବ କିଏ ?

ମୋତିମାଳା କହିଲେ, ତାକୁ ବି ମୁଁ ସଙ୍ଗରେ ନେଇଯିବି । ମୁଁ ଜାଣେ, ସେ ଯେମିତି ରତ୍ନାକୁ ଭଲପାଏ, ରତ୍ନା ବି ତାକୁ ସେମିତି ସ୍ନେହ କରେ । ଦିନ ପନ୍ଦରଟା ଦେଖୁ ଦେଖୁ କଟିଯିବ ।

ଦୁର୍ଲଭ କହିଲେ, ମୁଁ ଦିନରେ ସେମାନଙ୍କ ବାଟଚାହିଁ ବସିଥିବି, ଆଉ ରାତିରେ ସେମାନଙ୍କୁ ସପନ ଦେଖୁଥିବି ।

ଏତେ ବଡ଼ ଦାୟିତ୍ୱର ଭାର ବହନ କରି ଫେରିବେ ବୋଲି ମୋତିମାଳାଙ୍କର ଛାତି ଥରୁଥିଲା । ବୋଉଙ୍କୁ ସାନ୍ତ୍ୱନା ଦେବାକୁ ଆକୁଳାନନ୍ଦ କହିଲା, ତୁ ଚିନ୍ତା କର ନା । ତୋର ବୋହୂ ସୁସ୍ଥ ସବଳ, ନୂଆ ମଣିଷ ହୋଇ ତୋ ପାଖକୁ ଫେରି ଆସିବ ।

ବିଦାୟ ନେଲାବେଳେ ସେବତୀ ଠାକୁରଙ୍କ ଖଟୁଲି ପାଖରେ ମୁଣ୍ଡିଆ ମାରି ଓଳଗି ହେଲା । ଦୁର୍ଲଭଙ୍କୁ ଓଳଗି ହୁଅନ୍ତେ ସେ ତାକୁ ତଳୁ ଉଠାଇଲେ । ତା'ର ଆଖିରେ ଲୁହ ଛଳ ଛଳ ହେଉଥିଲା ।

ଦୁର୍ଲଭ ସାନ୍ତ୍ୱନା ଦେଇ କହିଲେ, ତୁ କାନ୍ଦ ନା ମା ! ମୋ ପାଖରୁ ଯାଇ ତୁ ତୋ' ମାଉସୀ ପାଖରେ ରହିବୁ । ଶୀଘ୍ର ତୁ ଆରୋଗ୍ୟ ହୋଇ ଫେରିବୁ । ମାଆଠାରୁ ବଳି ସେ ତୋର ଯତ୍ନ ନେବ । ସେଠି ତୋର ଗେହ୍ଲା ନଣନ୍ଦ ରତ୍ନା ଅଛି । ଯେ ତୋର ସାନ ଭଉଣୀଠାରୁ ବଳି । କେଡ଼େ ସ୍ନେହୀ ସେ, ତୁ ମୋ ଅପେକ୍ଷା ଅଧିକ ଜାଣିଛୁ । ମୋ ପାଇଁ ଚିନ୍ତା କରନା ।

ଧୈର୍ଯ୍ୟଧର । ତୋ ପାଇଁ ମୁଁ ଦେବଦେବୀମାନଙ୍କୁ ପୂଜା କରୁଥିବି । ତତେ ଶୀଘ୍ର ଆରୋଗ୍ୟ କରି ମୋ ପାଖକୁ ଫେରାଇ ଆଣିବାକୁ ଗୁହାରି କରୁଥିବି । ଘରେ ଚୂଲି ଜଳିବ ନାହିଁ । ବରାଦ କରିବି, ଦୁଇବେଳା ମୋ' ପାଇଁ ଶ୍ରୀରାମଙ୍କ ମନ୍ଦିରରୁ ପ୍ରସାଦ ଆସିବ । ଆଉ କି ଭାବନା ?

ଘର କାମ, ଆଉ ଠାକୁରମାନଙ୍କ ପାଖରେ ତୋତେ ଶୀଘ୍ର ଆରୋଗ୍ୟ କରିବାକୁ ପ୍ରାର୍ଥନା । ହସିହସି ତୁ ମାଉସୀଙ୍କ ସଙ୍ଗରେ ଯା' ମା ! ଆରୋଗ୍ୟହୋଇ ହସିହସିକା ଫେରିବୁ ....

Digitized by srujanika@gmail.com

କାର୍‌ର ପଛ ସିଟ୍‌ରେ ମୋତିମାଳାଙ୍କ ପାଖରେ ବସିଲା ସେବନ୍ତୀ । ଆଗ ସିଟ୍‌ରେ ବସିଲେ ଆକୁଳାନନ୍ଦ । କୋଳରେ ତାଙ୍କର ପୁଅ ବିକଳା । ପାହାଚ ତଳେ କାର୍‌ପାଖରୁ ଅନତି ଦୂରରେ ଖଗପତି ଓ କେତେପାହାଚ ଉପରେ ଲୁହ ଛଳଛଳ ଆଖିରେ ଦୁର୍ଲଭ ଠିଆ ହୋଇଥିଲେ ।

× × ×

ଭଣ୍ଡାରୀ ହାତରେ ହାଣ୍ଡିଏ ମିଠେଇ ଓ ଖଣ୍ଡିଏ ଚିଠି ଦେଇ ଦୁର୍ଲଭ ରାୟପୁର ପଠାଇଲେ । ସବୁଘଟଣା ବୁଝାଇ କହିବାକୁ ପୁଅ ପରି ମଣିଥିବା ଖଗପତି ସେଇ କୋଠିଆକୁ ମଧ୍ୟ ସଙ୍ଗରେ ପଠାଇଲେ ।

ଖଗାକୁ ବୁଝାଇ କହିଲେ, ଝିଅକୁ ମୋର ଡ଼ରାଇ କହିବୁ ନାହିଁ । କହିବୁ, ବଡ଼େ ମାଉସୀ ଓ ତା ଭାଇ ଆକୁଳାନନ୍ଦ କାର୍‌ରେ ବସାଇ ନେଇ ଯାଇଛନ୍ତି । ଡର କାହିଁକି ? ବୋହୂ ମୋର ଦିନ କେଇଟାରେ ଭଲ ହୋଇ ଫେରିଆସିବ । ତା' ପାଇଁ ଠାକୁରଙ୍କ ପାଖରେ ଜଣାଣ କରୁଥା ମା !

ମଞ୍ଜୁଳା ବେଉରା ଲେଖି ପଠାଇଲା,—ଉଡ଼ିଯିବାକୁ ତ ମନ ହେଉଛି । ଯାଆନ୍ତି । ମୋ ପୁନା ଭାଉଜଙ୍କ ପାଖେ ପାଖେ ରହନ୍ତି । ତାଙ୍କର ସେବା କରନ୍ତି । କେମିତି ଭୁଲି ପାରିବି ତାଙ୍କର ସ୍ନେହ । ସାନଭଉଣୀଠୁ ଅଧିକ ସେ ମତେ ମଣିଥିଲେ । ଏବେ ଶାଶୂଙ୍କ ଦେହ ଖରାପ । ପ୍ରାୟ ବିଛଣାଲାଗି ହୋଇଛନ୍ତି । ଦିନେ ତ ଗଲା-ଗଲା ବୋଲି ହୁରି ପଡ଼ିଥିଲା । ଆଇଷ ଥିଲା, ଥାକି ଗଲେ । ମୋ' ହାତକୁ ଚାହିଁ ବସିଛନ୍ତି । ଖୁଡ଼ୀଶାଶୂ ଟିକିଏ ଆସୁଥିଲେ, ଖବର ବୁଝୁଥିଲେ ସେ ଖୁଡ଼ୁତଶ୍ୱଶୁର ଛୋଡ଼ କାଢ଼ିଲେ ।

ଜମିବାଡ଼ି ନେଇ ଦାଦି ପୁତୁରାଙ୍କ ଭିତରେ ବିବାଦ । ଖୁଡ଼ୀଙ୍କୁ ପିଟୁଛନ୍ତି । ଅତି କଷ୍ଟରେ ତାଙ୍କର ସଞ୍ଚିତ ଧନ ଚୋରି କରି ମଦ ଖାଉଛନ୍ତି । ଅଫିମ ପୋଡ଼ି ଧୂଆଁ ଶୋଷୁଛନ୍ତି । ଖାଲି ମୋତେ ତାଙ୍କର ଟିକିଏ ଉପରୋଧ ।

ବୋହଲେ, ମୋର ଗୁଇ ପଡ଼ିଲେ ସେ ଜିଭ କାମୁଡ଼ି, ମୁଣ୍ଡ ନୋଇଁ ପଳାନ୍ତି । ବାର ବରଷର ତାଙ୍କର ପୁଅଟି ପ୍ରଶାନ୍ତ ଭୟରେ ଥରୁଥାଏ । ପଳାଇଆସି ମୋ' ଅଞ୍ଚଳ ତଳେ ଆଶ୍ରା ନିଏ । ସେଥିପାଇଁ ଶାଶୂ ମୁହଁ ମୋଡ଼ୁଥାନ୍ତି । ତୁ କହ ବୋଉ, ଆଶ୍ରୟ ନେଇଥିବା ନିରୀହ ପାଠୁଆ ପିଲାଟିକୁ ମୁଁ କିପରି ଦୂର୍‌ଦୂର୍ କରନ୍ତି ?

ଏମିତି ଜଞ୍ଜାଳ ଭିତରେ ଅଶାନ୍ତିରେ ମୋର ବେଳ କଟୁଛି । ତଥାପି, ମୁଁ ତୋ' ଜୋଇଁଙ୍କ ପାଖରେ ଅଳି କରିବ । ଶାଶୂଙ୍କୁ କହିବ । ମୋ' ଭାଉଜଙ୍କୁ ଦେଖାଇବାକୁ ସେମାନେ ମତେ ସହରକୁ ନେଇଯିବେ । ଶାଶୁଙ୍କର ଗୋଡ଼ ଧରି ମୁଁ ଅଳି କରିବି । ଭାବୁଛି, ସେ ମୋ ଗୁହାରି ଶୁଣିବେ ।

Digitized by srujanika@gmail.com

ବକଲାଟି ମୋର ଆଖି ଆଗରେ ସବୁବେଳେ ନାଚୁଛି । ତାର ଗୁଲୁଗୁଲୁ କଥା କାନରେ ବାଜୁଛି । ତାର ଖେଳ, ଦୁଷ୍ଟାମି ସବୁ ମୋର ମନେ ପଡ଼ୁଛି । ସେ ତ ତୋର ପ୍ରାଣରୁ ବଳି ଅଧିକ । କେମିତି ତାକୁ ଛାଡ଼ି ଏକୁଟିଆ ଗାଁରେ ରହୁଛୁ ?

ବୋଉଲେ, ଭଗ୍ନ ଖୁବା ଯୁଡ଼ାଟି ପିନ୍ଧା ପରମଶିଷ, ତା'ର ବଦାକ ଉପରେ ନଜର୍, 'ଗଲ୍-ଆଗଲ୍, ଯାହା ଦେଖିଲ ତାହା କହିଲ' ବେପାର । ଖଗପତି ଭେଜ ସେ ମୋ ବଡ଼ଭାଇ ସମାନ । ଶାଶୁ ତାଙ୍କୁ ଆଖିଠାରିଆ ବଦାକ ଯାଚିବାରୁ ସେ ମୁଣ୍ଡ ନୋଇଁ ହାତ ଯୋଡ଼ି ମନା କରିଦେଲେ—

ସେ କହିଲେ ଲେ ବୋଉ, ମାଁଡାଣୀ, 'ତୁ ଆଜି ଦିନରୁ ମଣ୍ଟୀ ଦେଇଙ୍କୁ କାଟେଇ ଖେଳାଇ, ଅଲି-ଅର୍ଦ୍ଦଳି କରି ମୋ ନିଜର ଭଉଣୀଠାରୁ ଅଧିକ କରିଥିଲି । ପରଘରେ ସେ କେମିତି ଅଛନ୍ତି ଦେଖିବାକୁ ଆସିଥିଲି ।'

'କ'ଣ ଦେଖିଲୁ ବାପ ?'

ତମ ପରି ଶାଶୂ ପାଇ ସେ ଧନ୍ୟ ହୋଇଛନ୍ତି । ତମେ ତାଙ୍କର ଜନ୍ମଦେଲା ବୋଉଙ୍କୁ ବଳିପଡ଼ିଛ ମାଁଡାଣୀ । ଜ୍ୱାଇଁବାବୁ ତ ରତନ ଖଣ୍ଡେ । ହେଇଟି, ତମ୍ଭକୁ ଓଳଗି ହେଉଛି ମା । ତାଙ୍କୁ ଭଉଣୀଙ୍କୁ ଦେଖି ଆସିବାକୁ ନିଶ୍ଚୟ ପଠାଇବ । ଏଇଠି ମୁଁ ଓଳଗି ହେଉଛି ଜୋଇଁବାବୁଙ୍କୁ—

ଖଗପତିଠାରୁ ସବୁ ଶୁଣିକି ଜାଣି ଦୁର୍ଲଭ ତଳେ ମୁଣ୍ଡ ଲଗାଇ ଠାକୁର-ମାନଙ୍କୁ ସ୍ମରଣ କଲେ । ଜଣଜଣ କରି ସେମାନଙ୍କ ପାଖରେ ଜଣାଣ କଲେ— ବାପ ଛେଉଣ୍ଡ ଝିଅଟି ମୋ'ର ମଣ୍ଟୀ, ତାକୁ ଭଲରେ ରଖ । ସୁଖ-ସମ୍ମାନରେ ସେ ଘର କରୁ । ତା' ସ୍ୱାମୀଜଣଟି ଭଲ ହୋଇ, ପୁଣି ଦେହ ଧରି ଫେରିଲେ ବଳେ ଦେଖିବ ସେ !

ସେଦିନ ମନେ ପଡ଼ନ୍ତେ ବୁଢ଼ୀଙ୍କର ଆଖିରୁ ଦୁଇଧାର ଲୁହ ଝରିଲା । ସେ ଆଉଥରେ ତଳେ ମୁଣ୍ଡ ଲଗାଇଲେ । ସେହି ଠାକୁରମାନଙ୍କୁ ସ୍ମରଣ କରି ଅଭିମାନରେ କହିଲେ, ଦେଖୁଛଟି, ମୋ' ସେଦିନ ବିନା ଏହି ଘର ଓ ଅଗଣା କେମିତି ନିଗ୍ରୁଟ ଦିଶୁଛି । ସେମାନେ ତାକୁ ନେଉଛନ୍ତି ।

ସତେ କି ମୋ' ବୋହୂ ସବୁବେଳେ ସତ୍ୟରେ ଥାଏ । ବାକୁଳିଲତା, ମୋ ବାଜେକିଶିଘଣ୍ଟା । ତା ବିନା ଏ ଘର ଅନ୍ଧାର ଦିଶୁଛି । ନିଶୂନ ଲାଗୁଛି । ତାକୁ ଆରୋଗ୍ୟ କରି ସହଳ ଫେରାଇ ଆଣ, ନୋହିଲେ ମୁଁ କହୁଛି, ତମକୁ ଆଲୁଅ ଦେଖାଇବି ନାହିଁ, ତମକୁ ଉପାସ ରଖିବି ।

Digitized by srujanika@gmail.com

ସଗଜା ଠାକୁରମାନେ, ମୋର ଉପରକୁ ମନ କରିଗୁଡ଼ାଏ ବିଗ୍ରହିଲ । ମୋ ଛଟପଟ ଜୀବନକୁ ବାଣ୍ଟିକୁଣ୍ଡି ତେମେ ନିଅ । ମୋ ଆତ୍ମାକୁ ଆଲୁଅ କର । ବୋହୂଟିକୁ ଆରୋଗ୍ୟ କର । ଫେରାଇ ଆଣ । ମନରେ ଭରସା ଭରି, ଦୁଇହାତ ଯୋଡ଼ି ମୁଣ୍ଡରେ ଲଗାଇ ଦୁର୍ଲଭ ଅଞ୍ଜୁଳି ଅର୍ପଣ କଲେ ।

× × ×

ଖଗପତି ଆଗକୁ ଆସି ପ୍ରଣତ ହେଲା । ତା' ସଙ୍ଗରେ ତାର ଦଶବର୍ଷର ଝିଅ ରୂପେଇ ଆସିଥିଲା । ସେ ତଳେ ମୁଣ୍ଡଲଗାଇ ପ୍ରଣତ ହେଲା ।

ଖଗପତି କହିଲା, ମାଲିମା ଭଲ ହୋଇ ଫେରିବା ଯାଏ ରୂପେଇ ତମ ଘରେ ରହିବ, ରୋଷଘର ପାଇଁ ଅବା ଠାକୁରଙ୍କର ପୂଜା ପାଇଁ ପିନା ପାଣିଦେବ ନାହିଁ, ଆଉ ସବୁ କାମ କରିବ । ଗାଈଗୋରୁଙ୍କର ତତ୍ତ୍ୱ ନେବ । ବଜାର ହାଟ କରିବ । ଅତି ବିଚକ୍ଷଣ ଚତୁର ପିଲାଟିଏ !

ଦୁର୍ଲଭ କହିଲେ, କାହିଁକି ? ରୂପେଇ ପରିକା ସଫା-ସୁତୁରା ଗୁଣ୍ଡର ଝିଅଟିର ହାତର ପାଣିରେ ରୋଷେଇ ନ ହେବ କାହିଁକି ? ଠାକୁରମାନେ ସ୍ନାନ ନ କରିବେ କାହିଁକି ? ପୁରୁଣାକାଳିଆ ବିଶ୍ୱାସ ଓ ଚଳଣି କେବଠାରୁ ଗଲାଣି । ଲୋକ-ହସା ହେବାକୁ ତୁ କାହିଁକି ପୁରୁଣାଚଳଣି କଥା ଉଠାଉଛୁ ?

ରୂପେଇକୁ ଆଜି ତୁ ମୋ ପାଖରେ ଛାଡ଼ି ଦେ । ମୋ ପାଖରେ ସେ ଘରରେ ଶୋଇବ । ଡରିବ ନାହିଁ । ତାକୁ ପାଇଲେ ମଲ୍ଲିକା ପରଘରି ହେବାର ବିଚ୍ଛେଦ ମୁଁ ଭୁଲି ପାରିବ ।

ରୂପେଇ ପାଖକୁ ଆସିଲା । ଦୁର୍ଲଭ ବୁଝିଲେ, ଖଗପତି ଯାହା କହୁଥିଲା ସତ । ରୂପେଇ କାମିକା ଝିଅ । ଯାହା କହିଲେ, ବତାଇ ଦେଲେ, ସେ ହୁସିଆର ହୋଇ କରେ । ନାହିଁ ପଦ ତା ତୁଣ୍ଡରେ ନାହିଁ । ନ-ଜାଣିଲା ପାଇଁ କପର କରିବାକୁ ହେବ ପଚାରି ବୁଝିବ, ସେଇଠୁ କରିବ ।

ରୂପେଇ ଦୁର୍ଲଭଙ୍କ ପାଖକୁ ଆସିଲା । ପିଲାଟି ଯାହା କାମ କରିବାର କରୁ, ସେଇଟା ବଡ଼କଥା ନୁହେଁ । ଆଖି ଆଗରେ ଚଳନ୍ତ ହସହସ ମୁହିଁ ଝିଅଟି ସୁନ୍ଦର ପ୍ରତିମାଟିଏ ତାଙ୍କର ମନର ଅବସନ୍ନତା କେତେକ ପରିମାଣରେ ଦୂର କଲା । କିନ୍ତୁ ସବୁବେଳେ ସେବତୀ ମନେ ପଡ଼ିଲା —

ବାତରୋଗ ପରି ସବୁବେଳେ ସେବତୀ ଘୂରି ବୁଲୁଥାଏ । ହେଉଛି, ସେ ଗୁହାଳ ପୋଛୁଛି, ସ୍ନାନ ସାରି, ଶାଢ଼ୀପାଲଟି ଠାକୁର ପୂଜା କରୁଛି । ଝିଅକୁ ଖୋଇ ପେଇ ହୁଜାଇ ଖଗପତି ସଙ୍ଗେ ଗୁହାଳିକୁ ପଠାଉଛି । ତା'ପରେ ତାଙ୍କର ଖବର ବୁଝିବ ।

Digitized by srujanika@gmail.com

ଅଧ୍ୟାତ୍ମଚିନ୍ତାଭାଗବତ ପଢ଼ି ଶୁଣାଇବ । ସେଇଠୁ ପଶିବ ରୋଷଘରେ । ବାନ୍ଧି ନ କଲେ କ'ଣ ନିଜେ କିଛି ଖାଇବ କି ?

ବୋହୂର ବାପଘର କଥା ମନେ ପଡ଼ିଲା । ତିନି ଭାଇ, ତିନି ଭଉଣୀ । ଭଉଣୀ ତିନୋଟି ସେବତୀଠାରୁ ସାନ । ଭଲ ଭଲ ଘରେ କେଉଁଠି ବାହା ହୋଇଛନ୍ତି । ଭାଇମାନେ ଭିନେ ହୋଇ ନିଜ ନିଜର ସ୍ୱତନ୍ତ୍ର ସଂସାର କଲେଣି । ଆଗେ ଚିଠି-ପତ୍ରର ଦିଆନିଆ ଥିଲା । ଏବେତ କେହି କାହାକୁ ପଚାରନ୍ତି ନାହିଁ । ତେବେ ସେବତୀ ତାଙ୍କୁ କେବେ କେବେ ଲେଖେ ।

ଦୁର୍ଲଭ ଭାବିଲେ, ଆକୂଳକୁ କହିଲେ, ସେ ତା'ର ଶଳାମାନଙ୍କୁ ତାଙ୍କ ଭଉଣୀର ଦେହର ଖବର ଲେଖି ଚିଠି ଦେବ । ନୋହିଲେ ସେବତୀ ଦିନେ ଦୋଷ ଦେଇ କହିବ ମୁଁ ଏତେ ଘଣ ହେଲି, ତଥାପି କେହି ମୋ' ଭାଇ-ଭଉଣୀଙ୍କୁ ଖବର ଦେଲେ ନାହିଁ—

ସେହିଦିନ ଉପରବେଳା ସହରରୁ ଚିଠିଆସି ପହଞ୍ଚିଲା ଦୁର୍ଲଭଙ୍କ ଠିକଣାରେ । ଲେଖିଥିଲେ ମୋତିମାଳା ।

"ଆକୂଳ ବ୍ୟସ୍ତଥିବାରୁ ମୁଁ ଏ ଚିଠି ଲେଖୁଛି ଅପା ! ରତ୍ନା ହାତରେ ଲେଖାଇଥାନ୍ତି, ସେ ତା ଭଉଜ ପାଖରେ ରହୁଛି । ବଜଲାକୁ ବୁଝାଇ ରଖୁଛି, ଖେଳାଉଛି । କୁଆଁଟା ତା' ବୋଉ ପାଖ ଛାଡ଼ୁ ନାହିଁ । ବୁଝାଇ କହିଲେ ସେ ରହୁଛି କେବଳ ରତ୍ନା ପାଖରେ । ଗ୍ରେଷ୍ଟ ପିଲା ତ ନୁହେଁ, ଟିକିଏ ବଡ଼ ହେଲଣି । ତଥାପି, ବୋଉ କୋଳରେ ଶୋଇବାର ଅଭ୍ୟାସ ଛାଡ଼ୁନାହିଁ ।

ବଡ଼ ଡ଼ାକ୍ତର ଆସିଥିଲେ । ସେ ବିଦେଶ ଫେରନ୍ତା । ପେଟରୋଗ ସମ୍ବନ୍ଧରେ ସେ ବିଶେଷଜ୍ଞ । ସେ ବୋହୂଙ୍କୁ ଡ଼ାକ୍ତରଖାନାକୁ ଶୀଘ୍ର ନେଇଯିବାକୁ କହିଲେ । ପେଟ ଭିତରେ ଘା' ହୋଇଛି । ସେ ଅନୁମାନ କରି କହିଲେ । ଅନେକ ଦିନରୁ ତ ଆରମ୍ଭ ହେଲଣି । ନେ ଶୀ ଚିକିତ୍ସା କରି, ଏମ୍ଭୁ ତେମ୍ଭୁ ଖୋଇ ରୋଗ ବଢ଼ାଇଛ, କେବଳ ହେଳାରେ ।

ଯାହା ହେବାର ହୋଇସାରିଛି । ଏବେ ସ୍ୱା-ତା' ଦୋଷ ଦେଇ କିଛି ଲାଭ ନାହିଁ । ବୋହୂକୁ ବଞ୍ଚାଇବାକୁ ସବୁ ଚେଷ୍ଟା କରାଯିବ । ଯେତେ ଧନ ବ୍ୟୟ ହେଉ ଚିନ୍ତା ନାହିଁ । ଲୋଡ଼ା ହେଲେ ମୋ' ଜୀବନଟାକୁ ମୁଁ ବଦଳି ଦେବି । ତୁ ଚିନ୍ତା କର ନା । ତେ 'ଣ ହସପିଟାଲ ନବାରେଗୀ ବୋହୂକୁ ନେଇ ତୋ'ର ପାଖରେ ଛାଡ଼ିବ ଅପା, ପାଖରେ ଥିବ ତୋ' ଗେହ୍ଲା ନାତିଟି ବଜଲା ।

ଚିଠିଟି ପଢ଼ି ଦୁର୍ଲଭ ଆହୁରି ବିକଳ ହେଲେ । ମୋତିମାଳା ଏମିତି କ'ଣ ଲେଖିଛି ? ସତେ କ'ଣ ସେବତୀ ଭଲ ହୋଇ ଆସିବ ? ପୁଣି ତା'ର ଏ ସଂସାରକୁ ଆବୋରି ନେବ ? ବଡ଼ବଡ଼ିଆଙ୍କୁ ପାଣି ଟେକିବ ? ତା'ବିନୁ ଏ ଘର ତ ଅନ୍ଧାର ଦିଶୁଛି । ଗାଈ ବଳଦଙ୍କ ଆଖିରେ ଲୁହ ଛଳଛଳ । ବୋବାଳି ଛାଡ଼ୁଛନ୍ତି—

Digitized by srujanika@gmail.com

କେମିତି ଘରଗୁଡ଼ା ସେ ବୋହୂ ପାଖକୁ ଯିବେ । ଖଗପତି ଆଉ ତା ଝିଅ ନ ହେଲ ଗାଈ ଗୋରୁଙ୍କର ତଣ୍ଡି ନେବେ, ଘର ଜଗିବେ, ଅମାରରୁ କିଛି ଧାନ ଚୋରି କରି ପଛେ ନେବେ । ସେଇଟା ତାଙ୍କର ପ୍ରକୃତି । ଗରିବଟିଏ ତ, ଯେତେ ଦେଲେ ପେଟ ପୂରୁନାହିଁ । ନେଲେ ନେଉ । ସେଥିକି ଚାରାନାହିଁ । କିନ୍ତୁ····

ସେ ସହରକୁ ଗଲେ ବୋହୂକୁ ସିନା ଦେଖିବେ । ରୋଗଟାକୁ ତ ନିଜେ ଭଲ କରିପାରିବେ ନାହିଁ ? ଏଣେ ଠାକୁରମାନେ ଘରେ ଅଗାଧୁଆ ରହିବେ । ଅପୂଜା, ଭୋଗରାଗ ଟିକିଏ ପାଇବେ ନାହିଁ । ଅକଲ୍ୟାଣ କରିବେ । ପୁଣି ଭାବିଲେ, ସେ ଚିଠାଏ ଲେଖିବେ । ଟାଣ୍ଡି ଗୁଆଘିଅ କିଛି ତ ଅଛି । ଆଉ କିଛି ଯୋଗାଡ଼ କରି ଲୋକ ହାତରେ ପଠାଇବେ ।

ସେଇଆ କଲେ । ମୋତିମାଳାଙ୍କ ପାଖକୁ ଖଣ୍ଡିଏ ଚିଠି ଲେଖି ଲୋକ ହାତରେ ତାଙ୍କର ଚିଠି, ଦି'ଠେକି ଘିଅ ଓ ନିଜ ହାତତିଆରି କିଛି ଫେଣି-ମିଠେଇ, କେତେ ଫେଣା ସାଚଲାକଦଳୀ ରନ୍ଧା ପାଇଁ ପଠାଇ ଦେଲେ । ସେବତୀକୁ ଶୀଘ୍ର ଭଲରେ ଭଲରେ ଆରୋଗ୍ୟ କରି ସେମାନଙ୍କର ସେବା ପୂଜା କରିବାକୁ ହସିଲା ମୁହଁରେ ଫେରାଇ ଆଣିବାକୁ ଲୁହଝରା ନୟନରେ ଠାକୁରମାନଙ୍କ ପାଖରେ ଗୁହାରି କଲେ ।

ଖଗପତିର ଘରଣୀ ଶ୍ରୀମତୀ ଆସି ଓଳଗି ହୁଅନ୍ତେ ଦୁର୍ଲଭଙ୍କର ଭାବନା ଭାଙ୍ଗିଲା । ଶ୍ରୀମତୀ କହିଲା, ମା'ଠାକୁରାଣୀ, କାଲି ରାତିରୁ ରୂପେଇ ବାପାକୁ ଜର ସେ ସେ ଆଜିକାଲିକା ହେଉଛି । କହିଲା—'ମୁଁ କାଲେ ମରିଯିବି, ଯା ରୂପେଇକୁ ଡାକି ଆଣିବୁ, ମୁଁ ଦେଖିବି ।'

ଦୁର୍ଲଭ ପଚାରିଲେ, ତୋ' ଘରେ ମହୁ ଅଛି ?

ନାହିଁ ମା, ତେବେ ଆମ ସାହିରେ କାହାଘରେ ଥିବ, ବୁଝିବି ।

ଲୋଡ଼ା ନାହିଁ । ଆମ ଘରୁ ଏଇଠୁ ନେଇଯିବା । ରୂପେଇ ଏଇଠି ଥାଉ । ମୁଁ ତୋ ସଙ୍ଗରେ ତମ ଘରକୁ ଯିବି । ମହୁରେ ଫେଣ୍ଟି ଔଷଧ ଦେବି । କବିରାଜେ ଦେଇ ଯାଇଥିଲେ । ଅଛି । ଲୋଡ଼ା ହେଲେ ତୁ ଆଉ ଦି'ପାନ ଦେବୁ । ଖଗପତିର ଏଠାକୁ ଆସିବା ଦରକାର ନାହିଁ । ମୁଁ ଆଉ ରୂପେଇ ଆମର ସବୁ କାମ ଚଳାଇନେବୁ ।

ଶ୍ରୀମତୀ ରାଜି ହେଲା । ରୂପେଇକୁ ଘର ଜଗାଇ ଔଷଧ-ବଟିକା ଓ ମହୁ ବୋତଲ ଧରି ନିଜେ ଦୁର୍ଲଭ ଶ୍ରୀମତୀ ସଙ୍ଗରେ ତାଙ୍କ ସାହିକୁ ଗଲେ । ଖଗପତିକୁ ନିଜର ପୁଅ ପରି ସେ ସ୍ନେହ କରନ୍ତି । ସେ ଯଦି ବିଛଣାରେ ପଡ଼ି ରହିବ ତାଙ୍କ ଘରର କାମ ବି ଅଚଳ ରହିବ । ଠାକୁରେ ତାକୁ ଆରୋଗ୍ୟ କରନ୍ତୁ ।

× × ×

Digitized by srujanika@gmail.com

ଯେଉଁ ଲୋକ ହାତରେ ଦୁର୍ଲଭ ମୋହମାଲାଙ୍କ ପାଖକୁ ଘିଅ-ମିଠା ସଙ୍ଗେ ଚିଠାଉ ପଠାଇଥିଲେ ସେହି ଲୋକଟି ପରଦିନ ସ୍ତ୍ରୀ-ନେଇଟ ବେଳେ ମଣ୍ଡପର ଫେରିଆସିଲା । ସେ ମୋହମାଲାଙ୍କ ପାଖରୁ ଲଫାପାରେ ବନ୍ଦ ଖଣ୍ଡିଏ ଚିଠି ଆଣିଥିଲା । ଗୋଟିଏ ପୁଡ଼ିଆରେ କିଛି ସନ୍ଦେଶ ମିଠେଇ ମଧ୍ୟ ସେ ପଠାଇଥିଲେ ।

ସେହି ଲୋକଠାରୁ ବୁଝିଲେ, ବୋହୂ ସେବନ୍ତୀ ଦେଖି ଭଲ ଅଛନ୍ତି । ତା' ସଙ୍ଗେ କଥାଭାଷା ହେଲେ । ବୁଢ଼ୀମା'ଙ୍କର ସୁବିଧା-ଅସୁବିଧା କଥା ପଚାରୁଥିଲେ । ଆଉ ଦିନ ଚାରିଟା ପରେ ସେ ଫେରି ଆସିବେ । ରୋଗଟା ସେମିତି ଅସାଧ୍ୟ ନୁହେଁ ।

ପୁଣି କହିଲେ, ମା'ଙ୍କୁ କହିବୁ,—ମୋ' ପାଇଁ ବ୍ୟସ୍ତ ହେବେ ନାହିଁ । ମୋ ଭାଗ୍ୟରେ ଯାହା ଅଛି ଅବଶ୍ୟ ଘଟିବ । କିଏ ବଦଳାଇ ପାରିବ ? ମାଉସୀ ଜଣେ ବିଶେଷଜ୍ଞ ବଡ଼ ଡ଼ାକ୍ତରଙ୍କ ଘରକୁ ଡ଼କାଇଥିଲେ । ମତେ ସେ ବହୁତ କଥା ପଚାରିଲେ । ପେଟ ପରୀକ୍ଷା କହିଲେ, ଚିନ୍ତା ନାହିଁ । କୌଣସି ରୋଗ ଅସାଧ୍ୟ ନୁହେଁ । ନିଶ୍ଚୟ ଭଲ ହେବ ।

ମୋହମାଲାଙ୍କ ଚିଠିଟି ଲଫାପା ଭିତରେ ବନ୍ଦ ହୋଇଥିଲା । ତାକୁ ଖୋଲି ପଢ଼ନ୍ତୁ ଦୁର୍ଲଭଙ୍କର ହାତ ଥରି ଉଠିଲା—ଅପା ଲୋ, ମୋ' ଆଗ ଚିଠିରେ ସେବନ୍ତୀ ଦେହର ଖବର ତୋତେ ଜଣାଇଥିଲି । ଡ଼ାକ୍ତରଖାନାକୁ ନ ନେଇ ଘରେ ଚିକିତ୍ସା କରିବାକୁ ଯେଉଁ ବଡ଼ବଡ଼ ବିଶେଷଜ୍ଞଙ୍କୁ ଡ଼କାଇଥିଲି ସେମାନେ କହିଲେ— ଜରାୟୁକୁ କାଢ଼ି ଫିଙ୍ଗି ଦେବାକୁ ହେବ । ନୋହିଲେ ଜୀବନ-ମରଣ ସମସ୍ୟା ··

ଅପା ଲୋ, କାଲି ବୋହୂକୁ ହସ୍‌ପିଟାଲ୍‌କୁ ନେଇଯିବି । କେଉଁ କ୍ୟାବିନ୍‌ରେ ରଖିବାକୁ ଚେଷ୍ଟା କରିବି । ନୋହିଲେ ରହିବ ସମସ୍ତଙ୍କ ପରି ଓ୍ୱାର୍ଡ଼ରେ । ମୁଁ ତା' ପାଖରେ ରହିବି ।

ବକୁଲା ପାଇଁ ତୁ ବ୍ୟସ୍ତ ହେବୁ ନାହିଁ । କ୍ଷୀରଶୋଷା ଉଠିଆଣି ଛୁଆ ନୁହେଁ ତ, ସ୍କୁଲରେ ପଢ଼ୁଆ ପିଲା । ବୁଝାଇ ଦେଲେ ସେ ବୁଝୁଛି । ରହିବାକୁ ଆଦରି ଗଲାଣି । ତା'ପାଖେ ରହୁଛି, ତା' ସଙ୍ଗେ ଖେଳୁଛି । ତା'ର କୁହା ମାନୁଛି । ତା' କୋଳରେ ଶୋଉଛି ।

ମଣିଷ ଚେଷ୍ଟା କରିବାର କଥା ଅପା ! ଆଉ ସେ କ'ଣ କରିବ ? ସେବନ୍ତୀ ଆମର ଝାଡ଼ଝୁଣ୍ଡି ହୋଇ ଉଠୁ, ଠାକୁରଙ୍କ ପାଖରେ ଏହି ମିନତି କରି ରହିଲି !

Digitized by srujanika@gmail.com

ଆଖିରୁ ଲୁହ ଝରୁଥାଏ, ଦୁର୍ଲଭ ତଳେ ମୁଣ୍ଡ ଲଗାଇ ଗ୍ରାମେଶ୍ୱରୀ ଚଣ୍ଡୀଙ୍କୁ ସ୍ମରଣ କରି ଜଣାଣ କଲେ, ମା' ଗୋ ଚଣ୍ଡିକେ, ମୋ ଦରିଛଣା ଜୀବନକୁ ତୋ' ପାଖରେ ଉତ୍ସର୍ଗ କରୁଛି । ମୋ ବୋହୂ ସେବତୀକୁ ସୁରୁଖୁରୁରେ ସବୁ ଦୁର୍ଦ୍ଦଶାରୁ ପାରି କର । ତାକୁ ନୂଆ ଜୀବନଦାନ କର ।

× × ×

ଘନୋଟି ଘନ ଅନ୍ଧ ବକଲରେ ଦୁର୍ଲଭଙ୍କର କଟିଲା । ଲାଗିଲା ଘନୋଟି ଯୁଗ ପରି । ବୋହୂଟିର କୌଣସି ଖବର ମିଳିଲା ନାହିଁ । ଯୁଆଡ଼େ ଚାହିଁଲେ କେବଳ ଅଶୁଭର ସୂଚନା ଆଖିରେ ପଡ଼େ, କାନରେ ବାଜେ ଅମଙ୍ଗଳର ଧ୍ୱନି । ଦିନ ଦ' ପହରେ ବାରରେ ପଶେ ଅଣ୍ଡିରା ବଲୁଆ, ଘର ଉପରେ ଡ଼ାମରାକାଉ ଗୁଡ଼ାଏ ବସି ବକଳିଆ ସ୍ୱରରେ ରାବ ଛାଡ଼ନ୍ତି । ଡାହାଣ ଆଖି ତ ଖାଲି ଡ଼େଉଁଛି । କାଲି ରାତି ଅଧରେ ଅତି ପାଖରୁ କେଉଁଠୁ ଭେରଣ୍ଡାର ରଡ଼ି ଶୁଭୁଥିଲା ।

ରାତି ଅରି ହଠିଥିଲା । ଅଶୁଭ ଭାବନା ମୁଣ୍ଡରେ ପଶୁଥିଲା । ବିଛଣା ଛାଡ଼ିଲେ । ଆଲୁଅ ଜାଳିଲେ । ବାହାରିଲେ, ନୃପେନ୍ଦ୍ର ପିଣ୍ଡାରେ ଶୋଇଛି । ପିଲାଟି ଡ଼ରିଲା କି ଆଉ ? କବାଟ ମେଲାଇ ପଦାକୁ ଆସିଲେ ।

ନୃପେନ୍ଦ୍ର ନିଶ୍ଚିନ୍ତରେ ତା'ର ବିଛଣା ଉପରେ ଶୋଇଛି । ଘନଘନ ନିଶ୍ୱାସ ଛାଡ଼ୁଛି । ଡାକିଲେ, ନୃପେନ୍ଦ୍ର— ।

ସଙ୍ଗେ ସଙ୍ଗେ ସେ ଉଠିବସିଲା । ପଚାରିଲା, କ'ଣ ମା ? ଭେରେଣ୍ଡାଟା ବାଡ଼ତଳେ ରଡ଼ି ଛାଡ଼ିଲା ଯେ—

'ତୁ ଡରିଲୁ ମା ?'

ବେଳେ ବେଳେ କେବେ ସେଇ ଅଣ୍ଡିରା-ବଲୁଆଗୁଡ଼ା ସେମିତି ବିକଟାଳ ରଡ଼ି ଛାଡ଼ନ୍ତି । ସେଥିକି ଆମର କି ଡର ? ଆମେ କଣ ତାଙ୍କ କତିକୁ ଯାଉଛୁ ? ତେବେ, ଚମକି ଉଠିଲି । ଦାପାଙ୍କର ବୁଝାଇଲା କଥା ମନେ ପଡ଼ିଲାରୁ ପୁଣି ଶୋଇଲି—

ଦୁର୍ଲଭ ଆଶ୍ୱସ୍ତ ହେଲେ । କହିଲେ ହଉ, ତୁ ଶୋଇପଡ଼ । କାଲେ ତୁ ଛନିଆଁ ହୋଇଥିବୁ ବୋଲି ତତେ ମୁଁ ଉଠାଇଲି ।

ସେ ଘର ଭିତରକୁ ଆସି କବାଟ ଆଉଜାଇଲେ । ବିଛଣାରେ ପଡ଼ି ଏକଡ଼ ସେକଡ଼ ହେଲେ । ନିଦ ତ ହେଲାନାହିଁ, କେବଳ ଜାଗ୍ରତ ସପନ ଦେଖିଲେ । କେଡ଼େ ଭୟଙ୍କର, କେଡ଼େ ଦୁଃଖପ୍ରଦ । ଅଶୁଭ-ସମ୍ଭାବନାର ଗ୍ଲାନିଫଟା କରୁଣ ଚିତ୍ର ।

Digitized by srujanika@gmail.com

ଦୁଃସ୍ୱପ୍ନ ହେଲା । ଛଟପଟ ହୋଇ ଉଠିଲେ । ଆଲୁଅ ଜାଳିଲେ । ଅଗଣାକୁ ଓହ୍ଲାଇଲେ । ଆକାଶକୁ ଚାହିଁଲେ । ନିର୍ମେଘ ଆକାଶ । ରାତି ପାହାନ୍ତି ହେଲାଣି । ଖଇ ବିଞ୍ଚିଲା ପରି ତାରକାଗୁଡ଼ିକ ଛିଆଡ଼ି ହୋଇ ପଡ଼ିଛନ୍ତି । କୁଆଁ ତରଟି ଦାଉ-ଦାଉ ଦେଉଛି । ଶୀତୁଆ ଲାଗୁଛି । ଝିଙ୍କାରୀଙ୍କର ଝିଁ-ଝିଁ କାନରେ ବାଜୁଛି ।

ମନରେ ଅଜଣା ରାଗିଣୀର ଅବୋଧ୍ୟ ପ୍ରବାହ ଛୁଟିଲା । ଅବୋଧ୍ୟ ଇଙ୍ଗିତ ! ମନ ବ୍ୟାକୁଳ ହେଲା । ଯେଉଁ ମନ କେତେ ସୁଖ-ଦୁଃଖର ଘଟଣାରେ ସିଦ୍ଧହସ୍ତ, ସେ ଛଟପଟ ହେଲା । ସେ ହେଲା ପ୍ରଶ୍ନିଳ – ସତେ ସେବତୀ ଭଲ ହୋଇ ତାଙ୍କ ପାଖକୁ ଫେରି ଆସିବ ?

ହଠାତ୍ ଗୋଟିଏ କରୁଣ ସ୍ୱର ବାଜିଲା ମନରେ । ସେବତୀର ସ୍ୱର । ସେ କ'ଣ କହୁଛି । ବୁଝିହେଉ ନାହିଁ । ତୁଳସୀ ନଲ୍‌ଟନ୍ ଧରି ଠାକୁରଘରକୁ ଆସିଲେ । ଠାକୁରମାନଙ୍କର ସିଂହାସନ ପାଖରେ ତଳେ ମୁଣ୍ଡ ଲଗାଇଲେ । ଜଣଜଣ କରି ସମସ୍ତଙ୍କର ନାମ ଉଚ୍ଚାରି ଜଣାଣ କଲେ—

'ମୋର ନିଶମାଖୀ ପୂଜାକର୍ମୀ ବୋହୂ ସେବତୀକୁ ଆରୋଗ୍ୟ କରି ତମରି-ମାନଙ୍କ ସେବା ପୂଜା ପାଇଁ ଫେରାଇ ଆଣ । ତା' ବିନା ଏ ଘର ଅନ୍ଧାର ଦିଶୁଛି, ନିଛାଟିଆ ଲାଗୁଛି ।'

ଆଖିରୁ କେଇ କେଇ ଲୁହ ଝରି ପଡ଼ିଲା ।

—ଆଠ—

ସବୁ ସେବା ଯତ୍ନ ବିଫଳ ହେଲା । ବହୁ ସେବା, ବହୁ ଯତ୍ନ ସତ୍ତ୍ୱେ ହସ୍-ପିଟାଲ୍‌ରେ ତା'ର ଅବସ୍ଥା ବେଳକୁ ବେଳ ଖରାପ ହେଲା । ତାକୁ ଆସନ୍ନମରଣମୁଖରୁ ରକ୍ଷା କରିବାକୁ ସୁଦକ୍ଷ ବିଶେଷଜ୍ଞ ଡ଼ାକ୍ତର ପେଟ ଅପରେସନ୍ କରିଥିଲେ, ରୁଗ୍ଣ ଜରାୟୁକୁ ସିନା କାଟି କାଢ଼ି ଦେଲେ, ଦେଖିଲେ କ୍ୟାନ୍‌ସର ପେଟଭିତରେ ଅନ୍ୟାନ୍ୟ ସ୍ଥାନକୁ ତଥା ପାକସ୍ଥଳୀ ଭିତରେ ମାଡ଼ି ଯାଇଛି ।

ଡାକ୍ତର ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରି ଆକୁଳାନନ୍ଦ ଓ ମୋହମାଲାଙ୍କ ନିକଟରେ ସତ୍ୟ ପ୍ରକାଶ କଲେ ନିରୋଳାରେ । ମୋର ଯଥାସାଧ୍ୟ କର୍ତ୍ତବ୍ୟ ମୁଁ ସମାଧାନ କରିଛି । କିନ୍ତୁ, ଦୁଃଖ ପ୍ରକାଶ କରୁଛି । ଭାଗ୍ୟରେ ଥିଲେ, ଭଗବାନ ସାହା ହେଲେ ସେ କିଛିଦିନ ବଞ୍ଚି ପାରନ୍ତି, କିନ୍ତୁ ଆଶା ଅତି କ୍ଷୀଣ ।

Digitized by srujanika@gmail.com

ସେହି ଅବସ୍ଥାରେ ରାତିଟି କଟିଲା । ଜଳ-ଔଷଧ ଦିଆ ହୋଇଥିଲା । ଜଳ ଗ୍ଲୁକୋଜ୍ ଚଢ଼ାଯାଇଥିଲା ସକାଳେ । ବେଶ୍ ବିଳମ୍ବ ହୋଇଥିଲା । ଖବର ଟାଣ ହୋଇ ଆସୁଥିଲା । ଡାକ୍ତର ଆସି ଦେଖି, ପରୀକ୍ଷା କଲେ । କହିଗଲେ, ଅବସ୍ଥା ଭଲ ଅଛି । ତେବେ, ସାବଧାନ ରହିବାକୁ ହେବ । ବେଶୀ ଭିଡ଼ ଜମାନ୍ତୁ ନାହିଁ । ଶାନ୍ତିରେ ଶୋଇବାକୁ ତାଙ୍କୁ ଦିଅନ୍ତୁ । ଦୁ’ ଘଣ୍ଟା ପରେ ମୁଁ ପୁଣି ଆସି ଦେଖିଯିବି ।

ସେବତୀର ଜ୍ଞାନ ହୋଇଗଲା । ସେ ଘନଘନ ନିଶ୍ୱାସ ଛାଡ଼ୁଥିଲା । ଡାକ୍ତର ଆସିଲେ । ଦେଖିଲେ । ବେଶି ଲୋକ ଘର ଭିତରକୁ ନ ଛାଡ଼ିବାକୁ ଆକୁଳାନନ୍ଦଙ୍କୁ ପରାମର୍ଶ ଦେଲେ ।

ଆକୁଳାନନ୍ଦ ତଳେ ଠିଆହୋଇ ସେବତୀର ମୁଣ୍ଡ ଆଉଁସି ଦେଉଥିଲା । ଛାତି ଭିତରର କୋହକୁ ସେ ଅଟକାଇ ରଖିଥିଲା । ତଥାପି, ଅବାଧ୍ୟ ଆଖି ଲୋତକ ଝରାଉଥିଲା । ସେ ବିଚାରୁଥିଲା, ସତେ ଉଚ୍ଛୁନାଧାନ ଗଳା ହେବ, ସେବତୀ ଭଲହୋଇ ଉଠିବ ? ତା’ ବିନା ମଲ୍ଲିପୁରରେ ପିତୃପୁରୁଷଙ୍କର ଘରଟି ଅନ୍ଧାର ରହିବ ସିନା ! କିଏ ମୋ ବୋଉର ସେବା କରିବ, ଯତ୍ନ ନେବ ? ପିଲାଟିକୁ ପାଳିବ, ବଢ଼ାଇବ ?

ହେ ଭଗବାନ୍, ତମକୁ କୋଟିଏ ନମସ୍କାର । ଦୟାକର । ଖଣ୍ଡିଆ-ଖାବରା ହେଉ ପଛେ ଆଉ ସନ୍ତାନର ଗର୍ଭଧାରିଣୀ ନ ହେଉ, ସେ ବଞ୍ଚି ରହୁ । ଏଇ ମାଗୁଣି ମୋର ଶୁଣାକର ଭଗବାନ୍ ।

ଆକୁଳାନନ୍ଦର ଆଖିରୁ ଟୋପା-ଟୋପା ଲୁହ ଝରି ପଡ଼ୁଥିଲା । ସେବତୀ ବିଛଣା ଉପରୁ ଜଳଜଳ କରି ଚାହିଁ ରହିଥିଲା । କ’ଣ କହିବ-କହିବ ହେଉଥିଲା । ପାଟି ଖୋଲୁ ନଥିଲା ।

ସେ ଭଲ ମଣିଷ ପରି ତା’ର ଖଟିଆର ଚାରି ପାଖରେ ବେଢ଼ି ରହିଥିବା ବ୍ୟକ୍ତିମାନଙ୍କ ମୁହଁକୁ ଅନାଉଥିଲା । ତାର ଡ଼ାହାଣ କଡ଼ରେ ଛାତିକଡ଼ରେ, ନୀରବରେ ଠିଆ ହୋଇଥିଲା ଆକୁଳାନନ୍ଦ । ବିଷଣ୍ଣ ବଦନ । ତା’ ପାଖରେ ଠିଆ ହୋଇଥିଲେ ସେହି ଜବିନାର ସ୍ୱାସ୍ଥ୍ୟବାନ୍ ପୁରୁଷ ଗନ୍ଧର୍ବ ବେହେରା । ଉଦାରତାର ଚଳନ୍ତି ମୂର୍ତ୍ତି !

ବାମପାର୍ଶ୍ୱରେ ଆଖିରେ ପଡ଼ିଲେ କରୁଣାର ଅବତାର ତା’ର ମାଉସୀ ମୋହନମାଳା ଯିଏ କୌଣସି ଦୁଃଖକୁ ଦୁଃଖ ବୋଲି ମଣନ୍ତି ନାହିଁ, ଯିଏ କରୁଣାମୟୀ, ଯା ହାତ ଖଣ୍ଡିକୁ ନାହିଁ ପଦ ଶୁଝେ ନାହିଁ । ତାଙ୍କର ପାଖରେ ଠିଆ ହୋଇଛି ତାଙ୍କର ଗେଲବସର ଝିଅ ରତ୍ନମାଳା ।

ହଁ, ସେହି ସ୍ୱାସ୍ଥ୍ୟବତୀ, ସୁନ୍ଦରୀ, ଉଦାର, ସ୍ନେହଶୀଳା, ଟିକିଏ ବୟସ୍କା ଝିଅଟି । ବାପ ମାଆଙ୍କର ନୟନପିତୁଳା, ଭାଗ୍ୟବତୀ ସେ । ତା’ରି ଆଗରେ ଖଟକୁ ଲାଗି ଠିଆ ହୋଇଛି ସେବତୀର ଆଖିର ପିତୁଳା ବାଳିକା । ଛୁଆଟାର ମୁହଁ ଶୁଖି ଶୁଖିଲା କାଠ ଦିଶୁଛି !

Digitized by srujanika@gmail.com

ରୋଗଶଯ୍ୟା ଉପରେ ସେବତୀର ନଜର ଆସନ୍ନ ଜୀବନାବସାନର ଚିହ୍ନ ଦିଶି ଯାଉଥିଲା । ବିଶୃଙ୍ଖଳ, ତା'ପରେ ଘର ଅଚଳ ହେବ ବୋଲି ତା'ର ଶାଶୁ ତାଙ୍କର ପୁଅକୁ ଆଉ କେଉଁଠି ବାନ୍ଧା କରାଇବେ । ନୂଆବୋହୂଟିଏ ଆସିବ । ସେ କେତେ ପିଲାଛୁଆଙ୍କର ମା' ହେବା ସ୍ୱାଭାବିକ ।

—ସ୍ନେହ ତ ଦୂରର କଥା, ସମାଜର କୋପରୁ ବକଳାକୁ କିଏ ରକ୍ଷା କରିବ ? କେଜେମା ନିଜେ ଅପାରଗ ହୋଇ ଆସୁଛନ୍ତି । କେତେଦିନ ନାତିଟିକୁ ସେ ଘଣ୍ଟ ଘୋଡ଼ାଇ ରକ୍ଷା କରି ପାରିବେ ? ନିଜେ ଯେ ସେ ଅତ୍ୟାଚାରିତ ନ ହେବେ ସେକଥା କିଏ କହିବ ?

ତା' ଭାବନା ତା' ମନରେ ଅଛି, ସେବତୀ ବିକଳ ହୋଇ ବକଳାର ଶୁଖିଲା ମୁହଁକୁ ଚାହିଁଲା । କୁଳୁକୁଳିଆ ସୁନ୍ଦର ମୁହଁର ଗ୍ଲେଟ ଗ୍ଲେଟ ଉଜ୍ଜ୍ୱଳ ଆଖିରେ ଲୁହ ଛଳଛଳ ହେଉଥିଲା, ବକଳା ରତ୍ନାର ଆଗରେ ତା'ର ପଣତ ଧରି ଠିଆ ହୋଇଥିଲା ।

ରତ୍ନା ସ୍ନେହରେ ତା'ର ମୁଣ୍ଡ ସାଉଁଳୁ ଥିଲା । ସେବତୀର ଓଠରେ ଉପଶତର ଆଭା ପ୍ରକଟିଲା । ସେ ମୋତିମାଳାଙ୍କ ମୁହଁକୁ କରୁଣ-ନେତ୍ରରେ ଚାହିଁ ବିକଳ କଣ୍ଠରେ କହିଲା—ମାଉସୀ, ମୁଁ ବୁଝିପାରୁଛି ମୋର ଶେଷବେଳ ପାଖେଇ ଆସିଲା—

ସେପରି କହନା ମା ! ଠାକୁର କରୁଣା କଲେ ଉଷୁନାଧାନ ଭଲ ହୋଇ-ପାରେ । ତୁ ବିଶ୍ୱାସ ରଖ । ଆଉ ଗପ ନା । ଶାନ୍ତିରେ ଟିକିଏ ଶୋଇପଡ଼ ।

ସେବତୀ କହିଲା, ଶାନ୍ତି ପାଇବି କିପରି ? ଗୋଟିଏ ମାଗୁଣି ମୋର ଅଛି । ବକଳା ପାଇଁ । ତମଛଡ଼ା ଆଉ କେହି ଦେଇ ପାରିବେ ନାହିଁ । ଦେବ ?

କ'ଣ ମା ! ତତେ ଅଦେୟ ମୋର କିଛି ନାହିଁ । ମନ ଖୋଲି କହ ?

ମାଉସୀ, ତମ କଡ଼କୁ ଦେଖ । ବକଳା କେଉଁଠି ଅଛି ?

ବକଳା ରତ୍ନାର କାଖରେ ଥାଇ ତା' ବୋଉର ମୁହଁକୁ ଚାହୁଁ ଥିଲା । ଏତେ ବଡ଼ ପିଲାଟି, ତଥାପି ସ୍ୱାସ୍ଥ୍ୟବତୀ ରତ୍ନା ତା'ର ଭାର ବହୁଥିଲା । ସେ ବୁଝିପାରୁ ନଥିଲା ଯେ ତା'ର ବୋଉ ଜୀବନ ମରଣର ସନ୍ଧିସ୍ଥଳରେ ଉଭା ହୋଇଛି । ଭାବୁଥିବ, ଜରରେ ପଡ଼ିଛି, କିନ୍ତୁ ଏଠାକୁ କାହିଁକି ଆସିଛି ଏକଥା ସେ ଜାଣିପାରୁ ନଥିବ ।

ମୋତିମାଳା ରତ୍ନାକୁ ଚାହିଁ ହସିଲେ । ସେଇଠୁ ସେବତୀର ଅଲରା କେଶ ସାଉଁଳିଲେ । କହିଲେ, ଜାଣେ ମା ସେବତୀ, ରତ୍ନା ତାକୁ ଯେତିକି ଭଲପାଏ, ସେ ପିଲାଟା ବି ତାକୁ ସେତିକି ଭଲପାଏ । ପୁଅ ପରି ରତ୍ନା ତା'ର ଯତ୍ନ ନେଉଛି । ହାତରେ ଗାଧୋଇ ଦେଉଛି, କୋଳରେ ବସାଇ ଖୁଆଉଛି । ପାଖରେ ଶୁଆଉଛି । କାଲି ତାକୁ ପଢ଼ାଉ ଥିଲା ।

Digitized by srujanika@gmail.com

ରତ୍ନାର ଓଠରେ ଲାଜୁଆ ହସ । ତୃପ୍ତିରେ ସେବତୀର ମଳିନ ଓଠରେ ହସ ଚହଟିଲା । ପୁଣି ଆଖିରେ ଲୁହ ଛଳଛଳ ହେଲା ।

ମୋହମାଲା ସ୍ନେହରେ ବିଗଳିତ ହେଲେ । ସଜଳ ଆଖିରେ ସେବତୀର ଅଳିଆ କେଶ ସାଉଁଳିଲେ । ପଚାରିଲେ, ତୋ' ମନରେ କ'ଣ ଅଛି ମୋତେ କହ ମା' ?

ସେବତୀ କିଛି ସମୟ ଚୁପ ରହିଲା । ଆଖି ବୁଜିଲା । କ୍ଳାନ୍ତ ଆଖିପତା ଖୋଲି ଚାହିଁଲା ତାର ଜୀବନଧନ ପୁଅ ବିକଳାକୁ । ସେ ପିଲାଟି ରତ୍ନାର ବେକକୁ ବେଢ଼ାଇ ଲାଖି ରହିଥିଲା ରତ୍ନାର ଛାତିରେ ।

ସେବତୀ କ୍ଳାନ୍ତ-ଅଳସ ଆଖି ବୁଲାଇଲା ପାଦ ଆଡ଼କୁ । ଦେଖିଲା, ତା'ର ସ୍ୱାମୀ ଠିଆ ହୋଇଛନ୍ତି । ମୁହଁଟି ଶୁଖି କଳାକାଠ ହୋଇଛି । ଅବଶ ଆଖିରେ ଛଳଛଳ ଲୁହ ।

ଦୃଷ୍ଟି ଫେରାଇଲା ପୁଣି ମୋହମାଲାଙ୍କ ମୁହଁକୁ । ଏବଯାଏ ସେହି କରୁଣାର ଚଳନ୍ତି ପ୍ରତିମା ତା'ର ମୁଣ୍ଡ ଆଉଁସୁଛନ୍ତି । ବିଷାଦ ବଦନା । ଡ଼ାକିଲା, ମାଉସୀ — !

କଣ ମା, ମୁଁ ତୋ' ପାଖରେ ଅଛି । ଡ଼ାକ୍ତର ଆସିବାଯାଏ ରହିବି । ତୋ' ମଉସା ବି ଆସିବେ ଯେ ! ତୋ ଶାଶୁଙ୍କୁ ଆଣିବାକୁ ଆଜି ମୁଁ କାର୍ ପଠାଇବି । ମନ୍ଦୀକୁ ଆସିବାକୁ ଆକୁଳ ଚିଠି ଲେଖିଛି ।

ସେବତୀ କହିଲା, କାର୍ କାହିଁକି ପଠାଇବ ? ଶାଶୁ କାହିଁକି ଆସିବେ ? ତାଙ୍କର ବୋହୂ ତ ତାଙ୍କ ନାତିକୁ ନେଇ ଫେରିଯିବ ତାଙ୍କ ପାଖକୁ ।

ମୋହମାଲା ଖୁସି ହୋଇ କହିଲେ, ତୋ ଋଣ ସୁଝୁଣ୍ଡ ହେଉ ଲୋ ମା ! ତୁ ଶୀଘ୍ର ସୁସ୍ଥ ହୋଇ ଉଠ ।

ସେବତୀ କହିଲା, ମୋର ଗୋଟିଏ ମାଗୁଣି ଅଛି ମାଉସୀ ! ରଖିବ ?

'ରଖିବି ମା, କହ ?'

ସେବତୀ କିଛିଏ ମୌନ ରହିଲା । ମୁହଁ ବୁଲାଇ ରତ୍ନାକୁ ଚାହିଁଲା । ଦେଖିଲା, ସେତେବେଳଯାଏ ବିକଳା ତା'ର କାଖରେ ରହିଛି । ତା' ଆଖିରୁ ଲୁହ ଝରୁଛି । ରତ୍ନା ଅଞ୍ଚଳରେ ପିଲାର ମୁହଁ ପୋଛି ଦେଉଛି ।

ସେବତୀ କହିଲା, ତୁଆରଙ୍କୁଣୀ ରତ୍ନାକୁ ଦେଖିଲ ? ତାକୁ ପାଇଲେ ବିକଳା ମତେ ଭୁଲିଯିବ । ମୋର ବୁଢ଼ୀ, ରୁଗ୍‌ଣା, ଅପାରଗ ଶାଶୁ ତାକୁ ପାଇଲେ ମତେ ଝୁରି କାନ୍ଦିବେ ନାହିଁ ।

Digitized by srujanika@gmail.com

ତୋର ମାଗୁଣି ମୁଁ ସେନା କରିବି ମା ! ତୋ ବିକଳାକୁ ମୁଁ ମା-ଛେଉଣ୍ଡ କରାଇଦେବି ନାହିଁ । ତୋର ଶାଶୂ ମୋର ଅପା ବଧୂହରା ହେବେ ନାହିଁ । ତୋର ଠାକୁରମାନେ ଅପୂଜା ରହିବେ ନାହିଁ ଲୋ ମା !

ତୁ ତୁନି ହ । ଏହିକ୍ଷଣି ବଡ଼ଡାକ୍ତର ଆସି ପହଞ୍ଚିବେ । ସାକ୍ଷାତ୍ ଧନ୍ୱନ୍ତରି ସେ । ତାଙ୍କ ହାତ ବାଜିଲେ, ତାଙ୍କ ଔଷଧ ଖାଇଲେ ଦିନ ଘଣ୍ଟାରେ ତୁ ଭଲ ହୋଇ ଉଠିବୁ । ଆମକୁ ସବୁ ପଦାକୁ ଯିବାକୁ କହିଲେଣି । ଯାଉଛୁ ମା !

ସେମାନେ ସମସ୍ତେ ବିଦାୟ ନେଇ ୱାର୍ଡ଼ର ବାରଣ୍ଡାକୁ ଆସିଲେ । କେବଳ ଆକୁଳାନନ୍ଦକୁ ପାଖରେ ରହିବାକୁ ଅନୁମତି ଦେଲେ । ସେମାନଙ୍କୁ ସତର୍କ କରି କହିଲେ, ଏଣୁ ତେଣୁ ଆଳାପ କରି ତାଙ୍କର ଦୁର୍ବଳ ମନକୁ ଅନର୍ଥକ ଉତ୍ତେଜିତ କରନ୍ତୁ ନାହିଁ । ଯାହା କରିବାର ଆମେ କରିବୁ ।

× × ×

ବିଶେଷଜ୍ଞ ଡାକ୍ତରମାନଙ୍କର ସବୁ ଉଦ୍ୟମ ବିଫଳ ହେଲା । ନିୟତିର ନିଷ୍ଠୁର ନିର୍ଦ୍ଦେଶ ଫଳବାନ୍ ହେଲା । ସେବତୀର ପ୍ରାଣ-ପକ୍ଷୀଟିକୁ କେହି ଅଟକାଇ ରଖିପାରିଲେ ନାହିଁ । ଦେହ ପଞ୍ଜୁରୀ ଛାଡ଼ି ରାତିର ଶେଷ ପ୍ରହରରେ ସେ ଉଡ଼ି ଚାଲିଗଲା ।

ମୋତିମାଳା ଓ ଆକୁଳାନନ୍ଦ ତା'ର ଅନ୍ତିମ କାଳରେ ପାଖରେ ଥିଲେ । ସେବତୀର ଅମର ଆତ୍ମା ତା'ର ଜୀବନ ସଙ୍ଗରେ କେତେବେଳେ କିପରି କୁଆଡ଼କୁ ଗଲା କେହି ଜାଣିପାରିଲେ ନାହିଁ ।

ସେମାନେ ଜାଣିଲେ, ସେସବୁ ଅଣ-ବାହୁଡ଼ା । ସେମାନଙ୍କ ପାଖରେ ତା'ର ସନ୍ତାନଟି ପାଇଁ ଛାଡ଼ି ଯାଇଛି ଗୋଟିଏ ମାଗୁଣି । ସେତିକ ରକ୍ଷାକରିବା ନ କରିବା ମୋତିମାଳାଙ୍କ ଉପରେ ନିର୍ଭର କରେ ।

ସଜଳ ନେତ୍ରରେ ଆକୁଳାନନ୍ଦ ସେବତୀର ପ୍ରାଣହୀନ ମୁହଁକୁ ଚାହିଁଲା । ମନେ ମନେ କହିଲା, ନିଶ୍ଚିନ୍ତରେ ତମେ ସ୍ୱର୍ଗକୁ ଯାଅ ସେବତୀ, ତମେ ଛାଡ଼ି ଯାଇଥିବା ସଂସାର ତା'ର ନିଜକଥା ନିଜେ ବୁଝିବ ।

କାହ୍ନୁଚରଣ
ତା ୫।୯।୧୯୮୩
ସୋମବାର

Digitized by srujanika@gmail.com

ମେଳଣି ମାଗୁଣି

ଶ୍ରୀ ହୁଡ଼ାରଣ

Digitized by srujanika@gmail.com